

# ଉତ୍କଳ ପ୍ରସଙ୍ଗ

ରଥଯାତ୍ରା ବିଶେଷାଙ୍କ - ୧୯୮୪



ଡାହାଣରେ ବଳଭଦ୍ର
ମଧ୍ୟେ ଅଛଇ ଯେ
ବାମ ହୁଳଦିଆ ସୁଭଦ୍ରାରେ...





ଚିତ୍ର ରଖି ଚିତ୍ତ
ଯେପରି ହେବ ଚିତ
ଯିବ ନେତ୍ର ପଥେ
ଲାଖିରେ....

# ଉତ୍କଳ ପ୍ରସଙ୍ଗ

ଆଷାଢ଼ ୧୯୦୬ ଶକାବ୍ଦ ୪୦ ଖଣ୍ଡ ୧୨ ସଂଖ୍ୟା ଜୁଲାଇ ୧୯୮୪

ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ: ଶ୍ରୀ ଫଣୀଭୂଷଣ ଦାସ

ସମ୍ପାଦକ: ଶ୍ରୀ ଭୋଳାନାଥ ରାଜଗୁରୁ

ସହ ସମ୍ପାଦକ: ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ଲୋକନାଥ ଦଳେଇ

ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

ପ୍ରଚ୍ଛଦ ଶିଳ୍ପୀ

ପରିକଳ୍ପନା: ଆଶୁତୋଷ ସିଂହ

ଅଙ୍କନ: ଶ୍ରୀ ବି: ମହାରଥୀ

ପ୍ରକାଶନ: ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ମୁଦ୍ରଣ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ କ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ପ୍ରଥମ ଦର୍ଶନ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୧ |
| ବରଭିକ୍ଷା .. | ଶ୍ରୀ ରାଧାମୋହନ ଗଡ଼ନାୟକ .. | ୪ |
| ନୀଳଗିରି ଓ ମହେନ୍ଦ୍ର ଗିରି .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ .. | ୫ |
| ଝିଂସ୍ ଝିଂସ୍ ପାବତ...... .. | ଅଧ୍ୟାପକ ରାଜକିଶୋର ରାୟ .. | ୯ |
| ସର୍ବେ ଭବନ୍ତୁ ସୁଖୀନଃ .. | ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ .. | ୧୪ |
| ସାମ୍ପ୍ରଦାୟିକ ମୈତ୍ରୀର ସାରଥୀ .. | ଡକ୍ଟର କୃଷ୍ଣ ଚରଣ ବେହେରା .. | ୧୫ |
| ଯୀଶୁ ଓ ଜଗନ୍ନାଥ : ସଂହତିର ସାଂସ୍କୃତିକ ସେତୁ .. | ଡକ୍ଟର ରମେଶ ପାଢ଼ୀ .. | ୧୯ |
| ଆସ, ଗୋପକୁ ଯିବା .. | ଶ୍ରୀ ଚନ୍ଦ୍ରଶେଖର ରଥ .. | ୨୫ |
| ଶ୍ରୀ ରଘୁନାଥ : ଶ୍ରୀ ଜଗନ୍ନାଥ .. | ଶ୍ରୀମତ ସ୍ୱାମୀ ହରିଚରଣ ଦାସ ମହାରାଜ (ରାମାୟଣୀ ବାବା) । .. | ୩୧ |
| ପୁରୀର ମଠ ଓ ଶ୍ରୀଜଗନ୍ନାଥ .. | ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର .. | ୩୫ |
| ଭୂତ-ଭବ୍ୟ-ଭବତ୍-ପ୍ରଭୁ .. | ଶ୍ରୀ ନରହରି ଉପାଧ୍ୟାୟ .. | ୩୯ |
| ଜଗନ୍ନାଥ ମହାପ୍ରଭୁ ଓ କଳାପାହାଡ଼ .. | ଶ୍ରୀ ସଦାଶିବ ରଥଶର୍ମା .. | ୪୫ |
| ପ୍ରଶସ୍ତି ପ୍ରସଙ୍ଗ .. | .. | ୫୦ |
| ଜଗନ୍ନାଥ ବିଗ୍ରହ .. | ଡକ୍ଟର ନବୀନକୁମାର ସାହୁ .. | ୬୨ |
| ଶ୍ରୀ ଜଗନ୍ନାଥ ଓ ଭକ୍ତ ଆର୍ତ୍ତଦାସ .. | ଶ୍ରୀ ଗଣେଶ ପ୍ରସାଦ ପରିଜା .. | ୬୪ |
| ବାସନ୍ତିକ ଅନଙ୍ଗୋତ୍ସବ ଓ ମହାପ୍ରଭୁ ନୀଳାଦ୍ରିନାଥ | ଶ୍ରୀ ରଘୁନାଥ ପାତ୍ର .. | ୭୩ |
| ଶ୍ରୀ ଜଗନ୍ନାଥ ସ୍ୱାମୀ ଓ ଭକ୍ତ ରସିକାନନ୍ଦ .. | ଶ୍ରୀ ଅରକ୍ଷିତ ପ୍ରଧାନ .. | ୮୧ |
| ଚରାଚର ଜଗନ୍ନାଥ : ଚକ୍ରରାଜ ରଥାରୂଢ଼ .. | ଶ୍ରୀ ରାମଚନ୍ଦ୍ର ହରିଚନ୍ଦନ .. | ୮୫ |
| ଭାରତୀୟ ଶିଳ୍ପଶାସ୍ତ୍ରରେ ଶ୍ରୀଜଗନ୍ନାଥ .. | ପଣ୍ଡିତ ରମାକାନ୍ତ କର .. | ୮୯ |
| ଜୟଦେବ, ଗୀତଗୋବିନ୍ଦ ଓ ଶ୍ରୀଜଗନ୍ନାଥ .. | ଶ୍ରୀ ଉଦ୍ଧବ ଚରଣ ନାୟକ .. | ୯୧ |
| ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି .. | ଭଗିନୀ ମିଶ୍ର .. | ୯୪ |
| ରେବତୀ-ରମଣ .. | ଶ୍ରୀ ପ୍ରତାପ ସିଂହ ମହାପାତ୍ର .. | ୯୬ |


# ମୋ ଦୃଷ୍ଟିରେ ....

ରଥଯାତ୍ରା ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ପୁଲକର ସ୍ପନ୍ଦନ ସଂଚାର କରିଥାଏ । ଜାତି, ବର୍ଣ୍ଣ, ସ୍ଥାନ, ଗରିମାର ଭେଦାଭେଦ ଭୁଲି ଦେଶବିଦେଶର ଅଗଣିତ ଭକ୍ତ ବଡ଼ଦାଣ୍ଡରେ ସମବେତ ହୁଅନ୍ତି ବଡ଼ଠାକୁରଙ୍କ କୃପା ଲଭ ପାଇଁ । ପ୍ରେମର ପ୍ରତିମା ଭକ୍ତ ହୃଦୟରେ ଆନନ୍ଦର ଢେଉ ଉଠିଦିଅନ୍ତି ; ସେଇ ଢେଉରେ ଧୋଇଯାଏ ବିଷାଦ ବିଷଣ୍ଣତାର କଳାଦାଗ । ଭକ୍ତ ଆଖିରେ ଭରିଯାଏ ପ୍ରେମର ଅମୀୟଧାରା । ମନ-ଭ୍ରମରା ଲାଖିଯାଏ ଚକା ଆଖିରେ । ହରି ହରଣ କରନ୍ତି ବିଶ୍ୱର ପାପତାପ, ଆତ୍ମାକୁ କରନ୍ତି ଅଧିକ ହିରଣ୍ମୟ, ଅଧିକ ଆନନ୍ଦମୟ ।

ଏଇ ପୁଣ୍ୟ ଅବସରରେ ଯେଉଁ କେତେଜଣ ଚରାଚର ଜଗନ୍ନାଥଙ୍କ ଚିନ୍ମୟ ବିଭାବମାନ 'ଉତ୍କଳ ପ୍ରସଙ୍ଗ' ପୃଷ୍ଠାରେ ଆଲୋଚନା କରିଛନ୍ତି ସେମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, କବି ଶ୍ରୀ ରାଧାମୋହନ ଗଡ଼ନାୟକ, ଗବେଷକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ, କଥାକାର ଶ୍ରୀ ରାଜକିଶୋର ରାୟ, ସାହିତ୍ୟିକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ, ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା ଏବଂ ଡକ୍ଟର କୃଷ୍ଣଚରଣ ବେହେରା ଓ ଚିତ୍ରକୂଟ ଆଶ୍ରମର ନାରାୟଣୀ ବାବାଙ୍କ ରଚନାମାନ ପାଠକପାଠିକାଙ୍କ ହୃଦୟରେ ଯେ ରେଖାପାତ କରିବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଏବର୍ଷର ଏଇ ବିଶେଷ ସଂଖ୍ୟା ଅର୍ପଣକରି ଆମେ ଭକ୍ତିର ସହିତ ପ୍ରାର୍ଥନା କରୁଛୁ: ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା! କଶ୍ଚିଦ ଦୁଃଖଭାଗ ଭବେତ୍ ।

ଶ୍ରୀ ଜଗନ୍ନାଥ ଶରଣମ୍


ଓଁ
ହିରଣ୍ୟଗର୍ଭଃ ସମବର୍ତ୍ତତାଗ୍ରେ
ଭୂତସ୍ୟ ଜାତଃ ପତିରେକ ଆସୀତ୍ ।
ସ ଦାଧାର ପୃଥିବୀଂ ଦ୍ୟାମ୍ ଉତେମାଂ
କସ୍ମୈ ଦେବାୟ ହବିଷା ବିଧେମ ॥
"Who is the Deity we shall adore with our oblation?...



# ପ୍ରଥମ ଦର୍ଶନ

ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ

କୃଷ୍ଣଦାସ କବିରାଜଙ୍କ କୃତ 'ଶ୍ରୀଚୈତନ୍ୟ ଚରିତାମୃତ'ର ଦ୍ୱିତୀୟ ଖଣ୍ଡରେ ଶ୍ରୀଚୈତନ୍ୟଙ୍କର ଓଡ଼ିଶା ଆଗମନ ଓ ପ୍ରଥମ ଜଗନ୍ନାଥ ଦର୍ଶନ ବର୍ଣ୍ଣିତ ହୋଇଛି ।

ଶ୍ରୀ ଚୈତନ୍ୟ ତାଙ୍କର ପଦଯାତ୍ରାବେଳେ ଗୋଟିଏ ଗ୍ରାମରେ ଗୋଟିଏ ଦିନ ରହି ଭିକ୍ଷା କରୁଥିଲେ ଓ ସେହି ଭିକ୍ଷାରେ ତାଙ୍କର ଓ ତାଙ୍କ ସହିତ ଥିବା ଶିଷ୍ୟମାନଙ୍କର ପ୍ରସାଦ ପ୍ରସ୍ତୁତ ହେଉଥିଲା । ଏହି ଯାତ୍ରାରେ ତାଙ୍କ ସହିତ ତାଙ୍କର ଚାରିଜଣ ଅନ୍ତରଙ୍ଗ ଶିଷ୍ୟ ଥିଲେ—ନିତ୍ୟାନନ୍ଦ, ଅଦ୍ୱୈତ, ମୁକୁନ୍ଦ ଓ ସ୍ୱରୂପ ଦାମୋଦର ।

## କ୍ଷୀରଚୋରା ଗୋପୀନାଥ

ବହୁ ନଦୀ; ଗ୍ରାମ ଓ ପଥ ଅତିକ୍ରମ କରି ସେ ରେମୁଣା ଗ୍ରାମରେ ପହଞ୍ଚିଲେ । ଶ୍ରୀ ଗୋପୀନାଥଙ୍କୁ ପ୍ରଣିପାତ କରିବାବେଳେ ଗୋପୀନାଥଙ୍କର ପୁଷ୍ପଚୂଡ଼ା ତାଙ୍କ ମୁଣ୍ଡରେ ଆସି ପଡ଼ିଥିଲା ଓ ସେଥିରେ ସେ ଭାବବିହ୍ୱଳ ହୋଇ ଯାଇଥିଲେ । ଶିଷ୍ୟମାନଙ୍କ ସହିତ ସେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । ସେତେବେଳକୁ ରେମୁଣାର ଗୋପୀନାଥ 'କ୍ଷୀରଚୋରା ଗୋପୀନାଥ' ନାମରେ ପ୍ରସିଦ୍ଧ ହୋଇ ସାରିଥିଲେ ।

ମାଧବେନ୍ଦ୍ରପୁରୀ ନାମକ ସନ୍ନ୍ୟାସୀଙ୍କ ପାଇଁ ଗୋପୀନାଥ କିପରି କ୍ଷୀର ଭୋଗ ଚୋରି କରିଥିଲେ, ସେହିକଥା ତାଙ୍କ ଶିଷ୍ୟମାନଙ୍କୁ କହିବାବେଳେ ଭକ୍ତ ମାଧବେନ୍ଦ୍ରଙ୍କୁ ଧନ୍ୟ ଧନ୍ୟ କରି ସେ କ୍ଷୀର ଭୋଗରେ ସେଠାରେ ରାତ୍ରି ଯାପନ କଲେ । ଅମୃତକେଳି ନାମରେ ପ୍ରସିଦ୍ଧ ଏହି କ୍ଷୀର ବା ରବିଡ଼ି ବାରଟି ମୃତ୍ତିକା ପାତ୍ରରେ ଭୋଗ ହୁଏ । ମନ୍ଦିରର ସେବକଗଣ ଚୈତନ୍ୟଙ୍କ ଭକ୍ତିଭାବ ଦେଖି ଅଭିଭୂତ ହୋଇ ତାଙ୍କୁ ଏହି ବାରଟିଯାକ ପାତ୍ର ଅର୍ପଣ କଲେ । ଏଥିରୁ ପାଞ୍ଚଟି ପାତ୍ର ନିଜପାଇଁ ଓ ଶିଷ୍ୟମାନଙ୍କ ପାଇଁ ରଖି ଅବଶିଷ୍ଟ ସେ ଫେରାଇଦେଲେ । ରାତ୍ରିର ବହୁ ସମୟ ନାମ ସଂକୀର୍ତ୍ତନରେ କଟିଲା । ପରଦିନ ପ୍ରଭାତରେ ଦେବତାଙ୍କର ମଙ୍ଗଳ ଆରତି ଦର୍ଶନ କରି ସେ ପୁଣି ତାଙ୍କର ଯାତ୍ରା ଆରମ୍ଭ କଲେ ।

ପରବର୍ତ୍ତୀ ପ୍ରସିଦ୍ଧ ତୀର୍ଥସ୍ଥାନ ଯାଜପୁରଠାରେ ସେ ବରାହନାଥ ମନ୍ଦିରରେ ବରାହଙ୍କର ଦର୍ଶନ କରିଥିଲେ ଓ ସେଠାରେ ନୃତ୍ୟ, କୀର୍ତ୍ତନ କରି ରାତ୍ରି ଯାପନ କରିଥିଲେ ।

## ସାକ୍ଷୀଗୋପାଳ

ଯାତ୍ରାପଥର ପରବର୍ତ୍ତୀ ରହଣି ସ୍ଥାନ ଥିଲା କଟକ । କଟକ ଥିଲା ସେତେବେଳେ ଓଡ଼ିଶାର ରାଜଧାନୀ । ରାଜା ପ୍ରତାପରୁଦ୍ର

ସେଠାରେ ରହୁଥିଲେ । କିନ୍ତୁ ଶ୍ରୀ ଚୈତନ୍ୟଙ୍କର କଟକ ରହଣିର ପ୍ରଧାନ ଉଦ୍ଦେଶ୍ୟ ଥିଲା ସାକ୍ଷୀଗୋପାଳଙ୍କ ଦର୍ଶନ । ସେତେବେଳେ ସାକ୍ଷୀଗୋପାଳ, ଚୈତନ୍ୟ ଚରିତାମୃତର ବର୍ଣ୍ଣନା ଅନୁସାରେ, କଟକରେ ଥିଲେ । କିମ୍ବଦନ୍ତୀ ଅନୁଯାୟୀ ତାଙ୍କୁ ପ୍ରଥମେ ରାଜା ପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟର ବିଦ୍ୟାନଗରରୁ ଆଣି କଟକରେ ସ୍ଥାପିତ କରାଇଥିଲେ । ପରେ ତାଙ୍କୁ ପୁରୀ ମନ୍ଦିରରେ ନେଇ ରଖାଗଲା ଓ ସେଠାରେ ସେ ଜଗନ୍ନାଥଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଭୋଗ ଖାଇଯିବାରୁ ତାଙ୍କୁ ସତ୍ୟବାଦୀକୁ ଅଣାଯାଇ ଏକ ସ୍ୱତନ୍ତ୍ର ମନ୍ଦିରରେ ରଖାଗଲା ।

ଶ୍ରୀଚୈତନ୍ୟ ଏହି ମନ୍ଦିରରେ ଗୋପାଳଙ୍କୁ ଦର୍ଶନ କରି ନୃତ୍ୟ ଗୀତାଦିଦ୍ୱାରା ରାତ୍ରି ଯାପନ କରିଥିଲେ । ନିତ୍ୟାନନ୍ଦ ଏହାଙ୍କ ନାମ ସାକ୍ଷୀଗୋପାଳ କାହିଁକି ହେଲା, ଏହି କିମ୍ବଦନ୍ତୀର କଥା ଶୁଣାଇଥିଲେ । ଗୋପାଳ କିପରି ବ୍ରାହ୍ମଣଙ୍କର ପ୍ରେମପାଶରେ ବାନ୍ଧି ହୋଇ ସାକ୍ଷୀ ଦେବାକୁ ଆସିଥିଲେ, ତାହା ଚୈତନ୍ୟଙ୍କୁ ଅଭିଭୂତ କରିଥିଲା ।

## ଦଣ୍ଡଭଙ୍ଗା ନଦୀ

ପ୍ରଭାତରେ ଗୋପାଳଙ୍କର ମଙ୍ଗଳଆରତି ସେ ଦର୍ଶନ କରିଥିଲେ ଓ ବାଲକାଟି ବାଟରେ ଭୁବନେଶ୍ୱରରେ ପହଞ୍ଚିଥିଲେ । ଏଠାରେ ତାଙ୍କର ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ସେ ପରମ ବୈଷ୍ଣବ ହେଲେ ମଧ୍ୟ ପ୍ରସିଦ୍ଧ ଏକାମ୍ର ତୀର୍ଥରେ ଶ୍ରୀ ଲିଙ୍ଗରାଜଙ୍କର ଅର୍ଚ୍ଚନା କରିଥିଲେ ଓ ବିନ୍ଦୁସାଗରରେ ସ୍ନାନ କରିଥିଲେ । ପୁଣି ତାଙ୍କର ଯାତ୍ରାବେଳେ ଭାର୍ଗବୀକୂଳରେ ଥିବା କପୋତେଶ୍ୱର ମହାଦେବଙ୍କୁ ମଧ୍ୟ ସେ ଦର୍ଶନ କରିଥିଲେ । ଏଠାରେ ଏକ ଆମୋଦଦାୟକ ଘଟଣା ଘଟିଥିଲା । ଶ୍ରୀଚୈତନ୍ୟଙ୍କ ହାତରେ ଏକ ସନ୍ନ୍ୟାସୀର ଦଣ୍ଡ ଥିଲା । ଏହି ଦଣ୍ଡକୁ ସେ ନିତ୍ୟାନନ୍ଦଙ୍କୁ ଧରାଇଦେଇ ମନ୍ଦିରକୁ ଦର୍ଶନ କରିବାକୁ ଗଲେ । ନିତ୍ୟାନନ୍ଦ ଦେଖିଲେ ଚୈତନ୍ୟ ଏକ ସ୍ୱୟଂସିଦ୍ଧ ପୁରୁଷ । ତାଙ୍କ ପକ୍ଷରେ ସନ୍ନ୍ୟାସୀର ଦଣ୍ଡ ଶୋଭା ପାଉନାହିଁ । ସେ ଦଣ୍ଡଟିକୁ ତିନି ଖଣ୍ଡକରି ଭାର୍ଗବୀ ନଦୀରେ ପକାଇ ଦେଲେ । ଏହି କାରଣରୁ ବୈଷ୍ଣବମାନେ ଭାର୍ଗବୀ ନଦୀକୁ ଦଣ୍ଡଭଙ୍ଗା ନଦୀ ବୋଲି କୁହନ୍ତି ।

ପୁରୀ ନିକଟ ହେବାର ଦେଖି ଶ୍ରୀଚୈତନ୍ୟଙ୍କର ମନ ଜଗନ୍ନାଥ ଦର୍ଶନ ପାଇଁ ଉତ୍କଣ୍ଠ ହେବାକୁ ଲାଗିଲା । ସେ ତାଙ୍କର ଦଣ୍ଡକଥା ଭୁଲିଗଲେ । ଦୂରରୁ ନୀଳାଚଳର ଶୋଭା ଦର୍ଶନ କରି ତାଙ୍କର ମନରେ ପୁଲକ ଜାତ ହେଲା ଓ ସେ ବ୍ୟଗ୍ରପଦରେ ଯିବାକୁ ଲାଗିଲେ । ମାତ୍ର ଆଠରନଳା ପାଖରେ ପହଞ୍ଚିବା ବେଳେ ତାଙ୍କର ଦଣ୍ଡ କଥା ମନେପଡ଼ିଗଲା ଓ ତାହା କୁଆଡେ ଗଲା ବୋଲି ସେ ନିତ୍ୟାନନ୍ଦଙ୍କୁ ପଚାରିଲେ । ନିତ୍ୟାନନ୍ଦ କହିଲେ, "ତୁମେ ଯେତେବେଳେ ପ୍ରେମରେ ନୃତ୍ୟ କରିବାକୁ ଲାଗିଲ ଓ ତଳେ ପଡ଼ିଗଲ, ସେତେବେଳେ ତୁମକୁ ଧରିବାକୁ ଯାଇ ମୁଁ ମଧ୍ୟ ପଡ଼ିଗଲି ଓ ଦୁହେଁ ଏହି ଦଣ୍ଡଟି ଉପରେ ପଡ଼ିଯିବାରୁ ତାହା ଭାଙ୍ଗିଗଲା । ତିନିଖଣ୍ଡ ହୋଇ ଭାଙ୍ଗି ଯାଇଥିବା ଏହି ଦଣ୍ଡ କୁଆଡ଼େ ଗଲା, ମୁଁ ଜାଣିନାହିଁ" ।

ଚୈତନ୍ୟ କହିଲେ, "ଯଦିଓ ତୁମେମାନେ 20 ମନେ ନୀଳାଚଳକୁ ସାଙ୍ଗରେ ଆଣି ମୋର ଉପକାର କରିଛ, ମୋର ଏକମାତ୍ର ସମ୍ବଳ ଦଣ୍ଡଟିକୁ ରଖିପାରିଲ ନାହିଁ । ତେଣୁ ମୁଁ ତୁମମାନଙ୍କ ସହିତ ଦିଅଁଙ୍କୁ ଦେଖିବାକୁ ଯିବିନାହିଁ । ତୁମେ ଆଗେ ଯାଅ, ନଚେତ୍ ମୁଁ ଆଗେ ଯିବି ।" ମୁକୁନ୍ଦ କହିଲେ, "ତୁମେ ଆଗେ ଯାଅ, ଆମେ ସବୁ ପଛେ ପଛେ ଯିବୁ ।"

ଚୈତନ୍ୟ ଆଗେ ଆଗେ ଚାଲିଲେ । ମନ୍ଦିରରେ ପ୍ରବେଶ କରି ଜଗନ୍ନାଥଙ୍କ ଦର୍ଶନମାତ୍ରେ ସେ ଏପରି ଭାବବିହ୍ୱଳ ହୋଇ ପଡ଼ିଲେ ଯେ, ତାଙ୍କୁ ଆଲିଙ୍ଗନ କରିବାପାଇଁ ଦଉଡ଼ିଗଲେ; ମାତ୍ର ସେ ପର୍ଯ୍ୟନ୍ତ ଯାଇ ନପାରି ମୂର୍ଚ୍ଛା ହୋଇ ପଡ଼ିଗଲେ ।

## ସାର୍ବଭୌମ

ସେ ସେହି ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିବାବେଳେ ପୁରୀର ପ୍ରସିଦ୍ଧ ଦାର୍ଶନିକ ପଣ୍ଡିତ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ତାଙ୍କୁ ସେହିପରି ଅବସ୍ଥାରେ ଦେଖି ଲୋକଙ୍କ ଦ୍ୱାରା ଉଠାଇ ନିଜ ଘରକୁ ନେଇଗଲେ । ଚୈତନ୍ୟଙ୍କ ଶିଷ୍ୟମାନେ ପଛରେ ଆସି ମନ୍ଦିରରେ ଲୋକମାନଙ୍କଠାରୁ ଶୁଣିଲେ ଯେ, ଜଣେ ଯୁବକ ସନ୍ନ୍ୟାସୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି ମୂର୍ଚ୍ଛିତ ହୋଇ ପଡ଼ିଗଲେ । ତାଙ୍କୁ ସେହିପରି ମୂର୍ଚ୍ଛିତ ଅବସ୍ଥାରେ ସାର୍ବଭୌମ ନିଜ ଘରକୁ ନେଇ ଯାଇଛନ୍ତି ।

ସାର୍ବଭୌମଙ୍କ ଘରେ ଚୈତନ୍ୟଙ୍କ ସହିତ ତାଙ୍କ ଶିଷ୍ୟମାନଙ୍କର ମିଳନ ହେଲା ଓ ସେହିଠାରେ ସେମାନେ ଏକତ୍ର ମହାପ୍ରସାଦ ସେବନ କଲେ ।

ମହାପ୍ରସାଦ ସେବନ ପରେ ସାର୍ବଭୌମ ଚୈତନ୍ୟଙ୍କୁ ନମସ୍କାର କରି କହିଲେ, "ନମୋ ନାରାୟଣାୟ" । ଚୈତନ୍ୟ ଉତ୍ତର ଦେଲେ, "କୃଷ୍ଣେ ମତିରସ୍ତୁ ।" ଏହି କଥାରୁ ସାର୍ବଭୌମ ଜାଣିପାରିଲେ ଯେ, ଚୈତନ୍ୟ ଜଣେ ବୈଷ୍ଣବ ସନ୍ନ୍ୟାସୀ ।

ଚୈତନ୍ୟ ପୁଣି ସାର୍ବଭୌମଙ୍କୁ କହିଲେ, "ମୁଁ ଜଣେ ବାଳକ ସନ୍ନ୍ୟାସୀ । ଆପଣ ବେଦାନ୍ତରେ ଜଗଦ୍‌ଗୁରୁ । ଏଣୁ ମୁଁ ଆପଣଙ୍କୁ ଗୁରୁ କରି ଆପଣଙ୍କ ଆଶ୍ରୟ ନେଉଛି ।"

ସାର୍ବଭୌମ ଚୈତନ୍ୟଙ୍କୁ ବେଦାନ୍ତ ଶୁଣାଇବା ଇଚ୍ଛା ପ୍ରକାଶ କଲେ ଓ ଚୈତନ୍ୟଙ୍କ ସମ୍ମତି କ୍ରମେ ତାଙ୍କୁ ସେ ବେଦାନ୍ତ ଶୁଣାଇଥିଲେ । ସାତଦିନ ଧରି ସାର୍ବଭୌମ ଅଦ୍ୱୈତ ବେଦାନ୍ତ ଶୁଣାଉଥିଲେ । ଚୈତନ୍ୟ ଧୀରସ୍ଥିର ଭାବରେ କିଛି ନ କହି ତାହା ଶୁଣିଥିଲେ ।

ଅଷ୍ଟମ ଦିବସରେ ସାର୍ବଭୌମ ପଚାରିଲେ, "ତୁମେ ଏତେଦିନଧରି ମନଧ୍ୟାନ ଦେଇ ଶୁଣୁଚ; କିଛି କହୁନାହିଁ । ବୁଝୁଚ କି ନବୁଝୁଚ, ମୁଁ ଜାଣିପାରୁ ନାହିଁ ।"

ଚୈତନ୍ୟ ଉତ୍ତର ଦେଲେ, "ପ୍ରତ୍ୟେକ ସୂତ୍ରର ଅର୍ଥ ମୁଁ ଭଲଭାବରେ ବୁଝି ପାରୁଚି । କିନ୍ତୁ ଆପଣଯେପରି ଅର୍ଥ କରୁଚନ୍ତି, ତାହା ମୋର ହୃଦ୍‌ବୋଧ ହେଉନାହିଁ । ବେଦ ବା ଶ୍ରୁତିରେ ଯାହା କୁହାଯାଇଚି, ତାହାକୁ ସେହିପରି ଭାବରେ ଗ୍ରହଣ କରିବା ଦରକାର । ତାହା ସୂର୍ଯ୍ୟାଲୋକପରି ସ୍ପଷ୍ଟ । ନିଜ କଳ୍ପିତ ଭାଷ୍ୟରୂପକ ମେଘଦ୍ୱାରା ତାହାକୁ ଆଚ୍ଛାଦନ କରିବା ଠିକ ନୁହେଁ ।"

ଶ୍ରୀ ଚୈତନ୍ୟ ପୁଣି କହିଲେ, "ବେଦର ନିଗୂଢ଼ ଅର୍ଥ ଜନସାଧାରଣ ନବୁଝିବା ଯୋଗୁ ପୁରାଣମାନଙ୍କ ଦ୍ୱାରା ତାହାର ଅର୍ଥକୁ ସ୍ପଷ୍ଟ କରାଯାଇଛି । ଶାସ୍ତ୍ର ଅନୁସାରେ ଏହି ନିରାକାର ବ୍ରହ୍ମ ପରେ କୃଷ୍ଣଭାବରେ ସ୍ୱୟଂ ଭଗବାନ ରୂପେ ପ୍ରତିପାଦିତ ହୋଇଛନ୍ତି । ମାତ୍ର ମାୟାବାଦୀମାନେ ଏହି ଷଡ଼ୈଶ୍ୱର୍ଯ୍ୟପୂର୍ଣ୍ଣ ବିଗ୍ରହଙ୍କୁ ନିରାକାର କହୁଛନ୍ତି । ଈଶ୍ୱର ସର୍ବଶକ୍ତିମାନ, ସମସ୍ତ କଳାରେ ପୂର୍ଣ୍ଣ । ମନୁଷ୍ୟ ସେହି ଶକ୍ତି ଓ କଳାର ଅଂଶବିଶେଷ । ମାତ୍ର ମାୟାବାଦୀମାନେ କହନ୍ତି, ଈଶ୍ୱର ଏବଂ ଜୀବ ହେଉଛନ୍ତି ଏକ ଓ ଅଭିନ୍ନ ।"

ଏହାପରେ ଶ୍ରୀ ଚୈତନ୍ୟ ଭାଗବତର "ଆତ୍ମାରାମ" ଶ୍ଳୋକକୁ ଉଦାହରଣ ଦେଇ କହିଥିଲେ, ସଂସାରରୁ ବିରତ ହୋଇଥିବା ଓ ଆତ୍ମାନନ୍ଦ ଲାଭ କରିଥିବା "ସନ୍ନ୍ୟାସୀମାନେ ମଧ୍ୟ ଶ୍ରୀକୃଷ୍ଣଙ୍କ ସେବା କରିବା ପାଇଁ ବ୍ୟାକୁଳ ହୁଅନ୍ତି । ମନୁଷ୍ୟ ଓ ଈଶ୍ୱର ଏକ ଓ ଅଭିନ୍ନ ହୋଇଥିଲେ, ଏହା କିପରି ସମ୍ଭବ ହୁଅନ୍ତା ?"

ଏହାପରେ ଆତ୍ମାରାମ ଶ୍ଳୋକର ନଅ ପ୍ରକାର ଅର୍ଥକରି ସାର୍ବଭୌମ ଭଟ୍ଟାଚାର୍ଯ୍ୟ ତାଙ୍କର ପାଣ୍ଡିତ୍ୟ ଦେଖାଇଥିଲେ । ମାତ୍ର ଶ୍ରୀ ଚୈତନ୍ୟ ତାହାର ଅଠରପ୍ରକାର ଅର୍ଥକରି ତାଙ୍କର ମତ ପ୍ରତିପାଦନ କରିଥିଲେ ।

ବିସ୍ମିତ ସାର୍ବଭୌମଙ୍କ ଆଗରେ ଶ୍ରୀ ଚୈତନ୍ୟ ଚତୁର୍ଭୁଜ ମୂର୍ତ୍ତି ହୋଇ ଦଣ୍ଡାୟମାନ ହେଲେ । ଆଶ୍ଚର୍ଯ୍ୟ ଚକ୍ଷୁରେ ଏହି ମୂର୍ତ୍ତି ଦେଖି ବିଚଳିତ ହୃଦୟରେ ଚୈତନ୍ୟଙ୍କ ପାଦରେ ପ୍ରଣାମ କଲେ । ଚୈତନ୍ୟ ତାହାଙ୍କୁ ଆଲିଙ୍ଗନ କରି ନିଜର ଅନ୍ତରଙ୍ଗ ଭକ୍ତରୂପେ ଗ୍ରହଣ କଲେ ।

## ପ୍ରାପ୍ତ ମାତ୍ରେଣ

ପରଦିନ ଶ୍ରୀ ଚୈତନ୍ୟ ନିଜେ ଶ୍ରୀ ଜଗନ୍ନାଥଙ୍କ ମାଳା ଓ ପ୍ରସାଦ ନିଜର କାନିରେ ବାନ୍ଧି ସାର୍ବଭୌମଙ୍କ ଗୃହକୁ ଆସି ତାଙ୍କୁ ଦେଇଥିଲେ । ସାର୍ବଭୌମ ଆନନ୍ଦରେ ଏହି ପ୍ରସାଦ ଭକ୍ଷଣ କରି ନିମ୍ନୋକ୍ତ ଶ୍ଳୋକ ଉଚ୍ଚାରଣ କରିଥିଲେ :

ଶୁଷ୍କଂ ପର୍ଯ୍ୟୁଷିତଂ ବାପି
ନୀତଂ ବା ଦୂରଦେଶତଃ
ପ୍ରାପ୍ତିମାତ୍ରେଣ ଭୋକ୍ତବ୍ୟଂ
ନାତ୍ର କାଳବିଚାରଣା ।

(ଶୁଖିଲା ହେଉ ବା ବାସି ହେଉ କିମ୍ବା ଦୂର ଦେଶରୁ ଅଣାଯାଇଥାଉ, ମହାପ୍ରସାଦ ପାଇବାମାତ୍ରକେ ଖାଇଦେବା ଦରକାର । ଏଥିରେ ସ୍ଥାନକାଳର ବିଚାର ରହିବା ଉଚିତ ନୁହେଁ )

ପରେ ଶ୍ରୀ ଚୈତନ୍ୟଙ୍କ ପୁରୀ ଅବସ୍ଥାନ କାଳରେ ସାର୍ବଭୌମ ତାଙ୍କର ପରମ ଭକ୍ତରୂପେ ତାଙ୍କୁ ସେବା କରିଥିଲେ ।

ଚୈତନ୍ୟ ଶ୍ରୀ ଜଗନ୍ନାଥଙ୍କୁ ସାକ୍ଷାତ କୃଷ୍ଣରୂପେ ଦେଖୁଥିଲେ । ନୀଳାଚଳକୁ ଦ୍ୱାରକା ଓ ଗୁଣ୍ଡିଚା ମନ୍ଦିରକୁ ବୃନ୍ଦାବନ ଭାବରେ ସେ କଳ୍ପନା କରୁଥିଲେ । ପ୍ରତିବର୍ଷ ରଥଯାତ୍ରାବେଳେ ଜଗନ୍ନାଥ ଗୋପୀ ବା ପରମଭକ୍ତମାନଙ୍କ ସହିତ ମିଳନ ପାଇଁ ବହୁ ଜଳାଶୟ ପୁଷ୍ପ ଉପବନ ଓ ନାରିକେଳ ଉଦ୍ୟାନ ସମନ୍ୱିତ ଗୁଣ୍ଡିଚା ସ୍ୱରୂପ ବୃନ୍ଦାବନକୁ ଯାତ୍ରା କରନ୍ତି । ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନମାତ୍ରେ ତାଙ୍କର ଭାବାବେଶ ଜାତ ହେଉଥିଲା । ରଥଯାତ୍ରାର ତାଙ୍କର ପ୍ରଥମ ଅନୁଭୂତି 'ଚୈତନ୍ୟ ଚରିତାମୃତ'ର ପଞ୍ଚମ ଖଣ୍ଡରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । କେତେକଙ୍କର ମତରେ, ଏହି ରଥଯାତ୍ରାବେଳେ ଜଗନ୍ନାଥଙ୍କୁ ଦେଖି ସେ 'ଜଗନ୍ନାଥ ସ୍ୱାମୀ ନୟନପଥଗାମୀ' ପ୍ରସିଦ୍ଧ ଜଣାଣ ରଚନା କରିଥିଲେ ।

( ସଂଗୃହୀତ—ମୁ. ସ. )

—ଏ ଦେଶରେ ହିନ୍ଦୁ, ବୌଦ୍ଧ, ଜୈନ, ମ୍ଳେଚ୍ଛ, ଯବନ ଆଦି ଥିଲେ; କିନ୍ତୁ ସମସ୍ତେ ଥିଲେ ଭାରତୀୟ । ଆଜି ଇତିହାସର ବିବର୍ତ୍ତନ ଧାରାରେ ଏହି ଦେଶର ସେ ମଧୁର ସମନ୍ୱୟ ନଷ୍ଟ ହୋଇନାହିଁ । ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟାନ୍, ପାର୍ଶି ସମସ୍ତଙ୍କ ମଧ୍ୟରେ ବିଭେଦ ଓ ପାର୍ଥକ୍ୟ ସତ୍ତ୍ୱେ ଯେଉଁ ଗଭୀର ସମାନତା ଓ ମୈତ୍ରୀ ବିଦ୍ୟମାନ, ତାହା ଭୁଲିଗଲେ ଆମେ ଭାରତମାତାର ରୂପକୁ ଭୁଲିଯିବା ।

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

# ବରଭିକ୍ଷା

ଶ୍ରୀ ରାଧାମୋହନ ଗଡ଼ନାୟକ

ତୁମର ଦେଉଳ ତୁମେ ଗଢିଅଛ
ଆହେ ଜଗନ୍ନାଥ,
ତୁମର ମୂରତି ତୁମେ ସୃଜିଅଛ
ଆହେ ଜଗନ୍ନାଥ ।

କୋଉଥି ସକାଶେ ପୁଣି କହୁଅଛ
ମାଗିବାକୁ ବର,
କଅଣ ମୁଁ କରିଅଛି, କଅଣ ବା
ଶକତି ମୋହର ?

ତଥାପି ତ ତୁମେଯାହା କହୁଅଛ
ତୁମର ଆଦେଶ
ଏଡ଼ି ଦେବା ପାଇଁ ବିଶ୍ୱେ କାର ଅଛି
ଶକତି ବିଶେଷ ?

ବର ଦେବେ ଦିଅ ପ୍ରଭୁ, ମହାପ୍ରଭୁ
ଦିଅ ମୋତେ ବର,
ନିରପତ୍ୟ କର ମୋତେ, ମୋହର ଏ
ବଂଶ ଲୋପ କର ।”

“କି କହୁଚ ଇନ୍ଦ୍ରଦ୍ୟୁମ୍ନ, କି କହୁଚ
ହେ ମୋର ଭକତ, ?
ମୋର ଆଗେ ଆଜି ତୁମେ ବାଢୁଅଛ
ଅଭୁତ ଉଦଂତ !

ଧନ ଜନ ଗୋପଲକ୍ଷ୍ମୀ କ୍ଷମତା ଐଶ୍ୱର୍ଯ୍ୟ
ଯେତେ ଯାହା ସ୍ଥିତି,
ସବୁ ଢାଳି ଦେବା ପାଇଁ ମୋର ଇଚ୍ଛା,
ମୋର ଅଭିପ୍ରାୟ ।”

“ଜାଣୁଅଛି ହେ ଠାକୁରେ ମୋ କୁଳରେ
ଯିଏ ହେବେ ଜାତ,
ଦେଉଳ ଆମର ବୋଲି ଅହଂକାରେ
କରିବେ ଆଖ୍ୟାତ ।

ଦେଉଳ କାହାର ବୋଲି ମୁଁ ଜାଣୁଚି,
ଆହେ ପରାପର,
ନିରପତ୍ୟ କର ମୋତେ, ମୋହର ଏ
ବଂଶ ଲୋପ କର ।”

କ୍ୱାର୍ଟରସ୍ ନଂ ସି/୪୫ ଇୟୁନିଟ୍—୮ ଭୁବନେଶ୍ୱର—୩

# ନୀଳଗିରି ଓ ମହେନ୍ଦ୍ରଗିରି

ଡା. ସତ୍ୟନାରାୟଣ ରାଜଗୁରୁ

ଭାରତରେ କେତୋଟି ପ୍ରସିଦ୍ଧ ପୁଣ୍ୟକ୍ଷେତ୍ରମାନଙ୍କ ମଧ୍ୟରେ ନୀଳାଚଳ ଅନ୍ୟତମ । ଖ୍ରୀଷ୍ଟିୟ ପ୍ରାୟ ୮ମ ଶତାବ୍ଦୀରୁ ସେଥିର ଖ୍ୟାତି ସର୍ବତ୍ର ପ୍ରସାର ଲାଭ କରିଥିଲା । ମହୋଦଧିରେ ସ୍ନାନକରି ଶ୍ରୀ ପୁରୁଷୋତ୍ତମଙ୍କୁ ଦର୍ଶନ କଲେ ସ୍ୱର୍ଗପ୍ରାପ୍ତି ହୁଏ ଏହି ବିଶ୍ୱାସ ହିନ୍ଦୁମାନଙ୍କର ଦୃଢ଼ ରହିଛି । ସ୍କନ୍ଦପୁରାଣ, କପିଳ ସଂହିତା ଗ୍ରନ୍ଥରେ ନୀଳାଚଳ କ୍ଷେତ୍ର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି । କିନ୍ତୁ ଖ୍ରୀ:୮ମ ଶତାବ୍ଦୀ ପୂର୍ବର କୌଣସି ଗ୍ରନ୍ଥରେ କିମ୍ବା ତତ୍‌କାଳୀନ ଆଗମ ଗ୍ରନ୍ଥ-ଗୁଡ଼ିକରେ ପୁରୁଷୋତ୍ତମ ସଂପର୍କରେ କୌଣସି ବିବରଣୀ ଉଲ୍ଲେଖ ଥିବା ଜଣାଯାଏ ନାହିଁ । ଏତେବଡ଼ ପବିତ୍ର କ୍ଷେତ୍ର ତଥା ପୁରୁଷୋତ୍ତମ-ଜଗନ୍ନାଥଙ୍କ ମହିମା ୮ମ ଶତାବ୍ଦୀ ପୂର୍ବରୁ ପ୍ରଚଳିତ ନଥିବା ତାତ୍ପର୍ଯ୍ୟ କ'ଣ ? ଆଉ ମଧ୍ୟ, ପୁରୁଷୋତ୍ତମ କିମ୍ବା ବଳଭଦ୍ର ନାମ କୌଣସି ବ୍ୟକ୍ତି ବ୍ୟବହାର କରିଥିବା ଦୃଷ୍ଟାନ୍ତ ମଧ୍ୟ ଓଡ଼ିଶାରୁ ଅଥବା ଅନ୍ୟାନ୍ୟ ଅଞ୍ଚଳରୁ ଆବିଷ୍କୃତ ୮ମ ଶତାବ୍ଦୀ ପୂର୍ବବର୍ତ୍ତୀ ଅଭିଲେଖ-ମାନଙ୍କରେ ଉଲ୍ଲେଖ ହୋଇ ନଥିବା କାରଣ କ'ଣ ? ଅଥଚ, ବିଷ୍ଣୁ, ମାଧବ, ଗୋପାଳ, କୃଷ୍ଣ, ଅଚ୍ୟୁତ, ଚକ୍ରଧର ପ୍ରଭୃତି ନାମ ପ୍ରାଚୀନ

ସକଳ ଭୁବନ ନିର୍ମାଣେକ ସୂତ୍ରଧାରସ୍ୟ ଶଶାଙ୍କ ଚୂଡ଼ାମଣେ ସ୍ଥିତିପ୍ରଳୟ କାରଣ ହେତୋ ଭଗବାନ ଗୋକର୍ଣ୍ଣେଶ୍ୱର ଚରଣାରଧନା-ବାପ୍ତ ପୁଣ୍ୟ ନିଚୟୀ...." ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ, ଅନ୍ତତଃ ଗୁପ୍ତ—ଯୁଗ ଆରମ୍ଭରେ ଯେତେବେଳେ କଳିଙ୍ଗରେ ମାଠର ବଂଶୀୟ ତଥା ଗଙ୍ଗ ବଂଶୀୟ ରାଜାମାନେ ରାଜତ୍ୱ ବିସ୍ତାର କରି ବିଭିନ୍ନ ପ୍ରଦେଶରୁ ବ୍ରାହ୍ମଣ ଏବଂ ଉଚ୍ଚଜାତୀୟ ଲୋକଙ୍କୁ ଆଣାଇ ଏ'ରାଜ୍ୟରେ ବାସ କରିବା ନିମନ୍ତେ ଗ୍ରାମଦାନ କରୁଥିଲେ, ସେତେବେଳେ ପୂର୍ବସିନ୍ଧୁ ତଟବର୍ତ୍ତୀ ସେହି ମହେନ୍ଦ୍ରାଚଳ ଏକ ପ୍ରସିଦ୍ଧ ପୁଣ୍ୟ କ୍ଷେତ୍ର ହୋଇଥିଲା । ତେଣୁ ମହାଭାରତ ବନ ପର୍ବରେ ଲେଖାଅଛି—ପାଣ୍ଡବ ପଞ୍ଚଭ୍ରାତା ଓ କୁନ୍ତିଙ୍କ ବନବାସ ବେଳେ ଲୋମଶମୁନି କଳିଙ୍ଗର କେତୋଟି ପୁଣ୍ୟତୀର୍ଥ ସଙ୍ଗେ ତାଙ୍କୁ ପରିଚିତ କରାଇଥିଲେ । ଲୋମଶ ପ୍ରଥମେ କଳିଙ୍ଗର ବୈତରଣୀ ତୀର୍ଥରେ ସ୍ନାନ କରିବାକୁ ଉପଦେଶ ଦେଇ ସେଠାରେ ଧର୍ମଦେବ ନିଜେ ଯଜ୍ଞ କରନ୍ତି ବୋଲି କହି ତାହା ଏକ ଋଷି ଆଶ୍ରମ ଥିବା କଥା କହିଥିଲେ । ଏହାପରେ କଳିଙ୍ଗରେ ଅବସ୍ଥିତ ଏକ 'ବେଦିକାରେ' ଆରୋହଣ କରି ବଳବାନ୍ ହେବାକୁ

ଅଭିଲେଖମାନଙ୍କରୁ ଦେଖିବାକୁ ମିଳେ । ତେଣୁ, ଆମ୍ଭର ସନ୍ଦେହ ହେଉଛି ଯେ, ମଧ୍ୟଯୁଗ ପୂର୍ବରୁ ପୁରୁଷୋତ୍ତମଙ୍କ ପ୍ରସିଦ୍ଧି ସମ୍ଭବତଃ ବିସ୍ତାରିତ ହୋଇନଥିଲା । ସେହିପରି ନୀଳାଚଳ କ୍ଷେତ୍ର ମଧ୍ୟ କାଶୀ (ବାରାଣସୀ), ଗୟା, ମଥୁରା, ଅଯୋଧ୍ୟା, ପ୍ରଭାସ ପ୍ରଭୃତି ପୁଣ୍ୟ ତୀର୍ଥ ପରି ପ୍ରସିଦ୍ଧି ଲାଭ କରିନଥିଲା । ତେବେ ଓଡ଼ିଶାରେ ପ୍ରତିଷ୍ଠିତ ବୈତରଣୀ ତଟବର୍ତ୍ତୀ 'ବିରଜା କ୍ଷେତ୍ର' କିମ୍ବା 'ବରାହ କ୍ଷେତ୍ର' ଏବଂ ଏକାମ୍ର 'ଶୈବକ୍ଷେତ୍ର' ୮ମ ଶତାବ୍ଦୀ ପୂର୍ବରୁ ଲୋକ ପ୍ରସିଦ୍ଧି ଲାଭ କରିଥିଲା । ବରାହ କ୍ଷେତ୍ରର ସମସାମୟିକ ଯୁଗରେ ଦକ୍ଷିଣ ଓଡ଼ିଶାରେ ମହେନ୍ଦ୍ରାଚଳର ଶିଖର ଦେଶରେ 'ପର୍ଶୁରାମ-କ୍ଷେତ୍ର' ପ୍ରସିଦ୍ଧ ପୁଣ୍ୟ କ୍ଷେତ୍ର ରୂପେ କଳିଙ୍ଗରେ ସୁପରିଚିତ ହୋଇଥିଲା । ସେଠାରେ ବିଷ୍ଣୁଙ୍କର ଷଷ୍ଠ ଅବତାର ପର୍ଶୁରାମ ପୃଥିବୀକୁ ନିକ୍ଷତ୍ରିୟ କରି ସ୍ୱୀୟ ଆଶ୍ରମ ସ୍ଥାପନ କରିଥିବା ପ୍ରସଙ୍ଗ ପୁରାଣମାନଙ୍କରେ ଉଲ୍ଲେଖ ହୋଇଅଛି । ରାମାୟଣ—ଯୁଗରେ ସୀତାଙ୍କୁ ଠାବ କରିବା ସକାଶେ ମହାବୀର ହନୁମାନ ସେହି ପର୍ବତର ଶିଖରରୁ ଲଙ୍କାକୁ ଆକାଶ ମାର୍ଗରେ ଯାତ୍ରା କରିଥିବା ପ୍ରସଙ୍ଗ ରାମାୟଣ କିଷ୍କିନ୍ଧା କାଣ୍ଡରେ ବର୍ଣ୍ଣିତ ହୋଇଅଛି । ଶିବ ପୁରାଣରେ ଲେଖାଅଛି, ସେଠାରେ ଗୋକର୍ଣ୍ଣ କ୍ଷେତ୍ର ପ୍ରତିଷ୍ଠା ଲାଭ କରିଥିଲା । କଳିଙ୍ଗର ପ୍ରାଚୀନ ଗଙ୍ଗ-ବଂଶୀୟ ରାଜାମାନେ ସେହି ପର୍ବତ ଚୂଡ଼ାରେ ତାଙ୍କ ଇଷ୍ଟଦେବତା ଗୋକର୍ଣ୍ଣେଶ୍ୱରଙ୍କ ଆରାଧନା କରୁଥିଲେ । ସେହି ରାଜାମାନଙ୍କ ପ୍ରଦତ୍ତ ପ୍ରତ୍ୟେକ ତାମ୍ର ଶାସନରେ ପ୍ରଥମେ ଲେଖାଅଛି, "ମହେନ୍ଦ୍ରାଚଳାମଳ କନକ ଶିଖର ପ୍ରତିଷ୍ଠିତ ସ୍ୟ ସଚରାଚରଗୁରୋଃ

ମଧ୍ୟ ସେ ଉପଦେଶ ଦେଇଥିଲେ । ଏ ସମ୍ବନ୍ଧେ ନିମ୍ନୋକ୍ତ ଶ୍ଳୋକଟି ବନ ପର୍ବରେ ଉଲ୍ଲେଖ ଅଛି :—

"ଆରୁହ୍ୟେତ ମହାରାଜ
    ବୀର୍ଯ୍ୟବାନ୍ ବୈ ଭବିଷ୍ୟତି ।
ସେୟା ସାଗର ମାସାଦ୍ୟ
    ଜ୍ୱଳନ୍ ବେଦୀ ସମାଶ୍ରିତା "

ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି, ଯେଉଁ "ବେଦୀ" ଆରୋହଣ କରିବାକୁ ଏବଂ ସେଥିରୁ ଶକ୍ତି ଆହରଣ କରିବାକୁ ଲୋମଶ ମୁନି ପାଣ୍ଡବ-ମାନଙ୍କୁ କହିଲେ' ତାହାକି ସମୁଦ୍ର ତଟବର୍ତ୍ତୀ କୌଣସି ଏକ ଉଚ୍ଚ ସ୍ଥାନରେ ଅବସ୍ଥିତ । ମହେନ୍ଦ୍ର ଶିଖରସ୍ଥ ପର୍ଶୁରାମ-କ୍ଷେତ୍ରରେ ଗୋଟିଏ 'ବେଦିକା' ପ୍ରତିଷ୍ଠା ଲାଭ କରିଥିଲା । ସେଠାରୁ ସିନ୍ଧୁତଟ ବିଶେଷ ଦୂର ନୁହେଁ । ମହେନ୍ଦ୍ର ଶିଖର ଆରୋହଣ କଲେ ସମୁଦ୍ରର ଦୃଶ୍ୟ ବିଶେଷତଃ ସୂର୍ଯ୍ୟୋଦୟର ଶୋଭା ଅତି ଚମତ୍କାର ଓ ରମଣୀୟ । ସେହି ପର୍ବତୋପରି ଯୁଧିଷ୍ଠିର, ଭୀମ, ଅର୍ଜୁନ ଓ କୁନ୍ତିଙ୍କ ନାମରେ କେତୋଟି ପ୍ରାଚୀନ ମନ୍ଦିର ଅଦ୍ୟାପି ଦେଖିବାକୁ ମିଳେ । ଭୀମ ଦେଉଳଟି ଉଚ୍ଚତମ ଗିରି ଶୃଙ୍ଗରେ ଅବସ୍ଥିତ ପୁଣି ତାହା ସାତଟି ମାତ୍ର ବିରାଟ ମସୃଣ ପ୍ରସ୍ତରରେ ନିର୍ମିତ ହୋଇଅଛି । ଏଣୁ ସେ ମନ୍ଦିରଟି ସର୍ବ ପ୍ରଥମେ ପ୍ରାୟ ୩ୟ ବା ୪ର୍ଥ ଶତାବ୍ଦୀରେ ମାଠର ବଂଶୀୟ ରାଜାମାନଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା ବୋଲି କହିଲେ

ଅସଙ୍ଗତ ହେବନାହିଁ । ଖ୍ରୀ ୪ର୍ଥ ଶତାବ୍ଦୀରେ ମହାରାଜା ସମୁଦ୍ର ଗୁପ୍ତଙ୍କ ଦାକ୍ଷିଣାତ୍ୟ-ଅଭିଯାନ କାଳରେ ସମ୍ଭବତଃ "ମହେନ୍ଦ୍ରଗିରି–କୋଟ୍ଟୁର"ର ରାଜା ସ୍ୱାମୀଦତ୍ତଙ୍କୁ ଯୁଦ୍ଧରେ ସେ ପରାସ୍ତ କରିଥିବା ପ୍ରସଙ୍ଗ ତାଙ୍କ ଆହ୍ଲାବାଦ ସ୍ତମ୍ଭ ଲିପିରେ ଉଲ୍ଲେଖ ହୋଇଅଛି । ସେତେବେଳେ ମହେନ୍ଦ୍ରଚଳର ପାରିପାର୍ଶ୍ୱିକ ଅଞ୍ଚଳ 'ମହେନ୍ଦ୍ରଭୋଗ–ବିଷୟ' ନାମରେ ଅଭିହିତ ହେଉଥିବା । ମାଠର ବଂଶୀୟ ମହାରାଜ ଉମ ବର୍ମାଙ୍କ ରାଜତ୍ୱ କାଳରେ ଖୋଦିତ ହୋଇଥିବା ଏକ ତାମ୍ର ଶାସନରୁ ଏହା ପ୍ରକଟିତ ହୁଏ ।

ଭୀମ ଦେଉଳଠାରୁ ପ୍ରାୟ ୫୦ ଫୁଟ ନିମ୍ନରେ କୁନ୍ତି ଓ ଯୁଧିଷ୍ଠିରଙ୍କ ନାମ ବହନ କରି ଦୁଇଟି ଦେଉଳ ପରବର୍ତ୍ତୀ କାଳରେ, ଅର୍ଥାତ୍ ଖ୍ରୀ: ୬ଷ୍ଠ ବା ୭ମ ଶତାବ୍ଦୀରେ ନିର୍ମିତ ହୋଇଥିବା ଜଣାଯାଏ । କାରଣ, ଏ'ଦୁଇଟି ମନ୍ଦିର ଓଡ଼ିଶାରେ ନିର୍ମିତ ରେଖ–ଦେଉଳ ମାନଙ୍କ ପରି କାରୁକାର୍ଯ୍ୟ ମଣ୍ଡିତ । ଏଥିରେ ଶିବ ଲିଙ୍ଗ ପ୍ରତିଷ୍ଠା କରାଯାଇଛି । କିନ୍ତୁ ଭୀମ ଦେଉଳରେ ଲିଙ୍ଗ ନାହିଁ ସୁତରାଂ ଅନ୍ୟ ଦୁଇଟି ମନ୍ଦିର ସମ୍ଭବତଃ କଳିଙ୍ଗର ପ୍ରାଚୀନ ଗଙ୍ଗ ବଂଶୀୟ ଶୈବ ରାଜାମାନେ ଗଠନ କରିଥିବା ସମ୍ଭବ । କୁନ୍ତି ମନ୍ଦିର ଗାତ୍ରରେ କେତୋଟି ଶିଳାଲିପି ଖୋଦିତ ହୋଇଅଛି । ଗୋଟିଏ ଲିପିରେ 'ଚୋଳବଂଶୀୟ ମହାରାଜ ରାଜେନ୍ଦ୍ର ଚୋଳଙ୍କ ପ୍ରଶସ୍ତି ଏବଂ ଅନ୍ୟଟିରେ 'ଗଙ୍ଗବଂଶୀୟ ମହାରାଜା ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବଙ୍କ ପ୍ରଶସ୍ତି ଖୋଦିତ ହୋଇଅଛି । ଆନ୍ଦାଜ ମନେହୁଏ, ଚୋଳ ଓ ଗଙ୍ଗ ରାଜାମାନଙ୍କ ମଧ୍ୟରେ ଯେଉଁ ଭୀଷଣ ସଂଘର୍ଷ ଏକାଧିକ ବାର କଳିଙ୍ଗରେ ହୋଇଥିଲା, ସେଥିରେ କେନ୍ଦ୍ରଭୂମି ଥିଲା ମହେନ୍ଦ୍ରଗିରିର ପାର୍ବତ୍ୟାଞ୍ଚଳ ଦୁର୍ଗ । ବାସ୍ତବରେ ସେହି ଦୁର୍ଗଟି ବହୁକାଳ ପର୍ଯ୍ୟନ୍ତ ଶତ୍ରୁ କବଳରୁ ଗଙ୍ଗରାଜ ବଂଶକୁ ରକ୍ଷାକରି ରହିଥିଲା । କିନ୍ତୁ ଖ୍ରୀ: ୧୧ଶ ଶତାବ୍ଦୀରେ ଚୋଳମାନଙ୍କ ହସ୍ତରେ ତାହା ବିଧ୍ୱସ୍ତ ହେଲା । ଯେଉଁଥିରେ ଏକ ବିସ୍ତୃତ ବର୍ଣ୍ଣନା ତାମିଲ୍ ଭାଷାରେ ଜୟନ୍ ଗୋଣ୍ଡାନ୍ ନାମକ ଜଣେ ଚୋଳ ରାଜ ଦରବାରୀ କବି "କଳିଙ୍ଗତ୍ତୁପରଣୀ" ନାମକ କାବ୍ୟରେ ଉଲ୍ଲେଖ କରିଅଛନ୍ତି ।

ଦକ୍ଷିଣ–ଭାରତର ଚୋଳ ରାଜାମାନେ କଳିଙ୍ଗ ବିରୁଦ୍ଧରେ ଘନ ଘନ ଅଭିଯାନ କରୁଥିଲେ । ଶେଷରେ ଚୋଡ଼ଗଙ୍ଗଙ୍କ ପିତା ମହାବୀର ରାଜରାଜ ଦେବ ଯୁଦ୍ଧରେ ଜୟଲାଭ କରିବାରୁ ଉଭୟ ରାଜବଂଶ ମଧ୍ୟରେ ସନ୍ଧି ସ୍ଥାପିତ ହେଲା ଏବଂ ରାଜେନ୍ଦ୍ର ଚୋଳଙ୍କ କନ୍ୟା ରାଜସୁନ୍ଦରୀଙ୍କୁ ରାଜରାଜଙ୍କ ହସ୍ତରେ ସମର୍ପଣ କରାଗଲା । ରାଜସୁନ୍ଦରୀଙ୍କ ଗର୍ଭରୁ ଓଡ଼ିଶାର ସୁପ୍ରସିଦ୍ଧ ବୀର ମହାରାଜା ଚୋଡ଼ଗଙ୍ଗଦେବ ଜନ୍ମ ଗ୍ରହଣ କଲେ । ରାଜସୁନ୍ଦରୀଙ୍କ ଦ୍ୱିତୀୟ ପୁତ୍ର ଯେମାଭିରାଜ ଜନ୍ମ ହେବାର ଅଳ୍ପକାଳ ପରେ ରାଜରାଜ ଦେବଙ୍କ ମୃତ୍ୟୁ ହେବାରୁ ଜ୍ୟେଷ୍ଠ ପୁତ୍ର ଚୋଡ଼ଗଙ୍ଗ ଦେବ ବାଲ୍ୟ ବୟସରେ ଖ୍ରୀ: ୧୦୭୮ରେ କଳିଙ୍ଗ ସିଂହାସନରେ ଅଭିଷିକ୍ତ ହେଲେ । ଉଭୟ ରାଜମାତା (ଚୋଡ଼ଗଙ୍ଗ ଓ ଦେମାଡ଼ି ଦେବୀଙ୍କ ବୀରତ୍ୱ ଓ ରାଜନୈତିକ ଦୂରଦର୍ଶିତା ହେତୁ ପୂର୍ବରୁ ବିଚ୍ଛିନ୍ନ ହୋଇଥିବା କଳିଙ୍ଗ–ସାମ୍ରାଜ୍ୟ ପୁନର୍ବାର ଏକତ୍ରିତ ହୋଇ ସେଥିର ପୂର୍ବ ଓ ଦକ୍ଷିଣ ସୀମା ଯଥାକ୍ରମେ ଗଙ୍ଗା ଓ ଗୋଦାବରୀ ନଦୀକୁ ସ୍ପର୍ଶକଲା ।

ଚୋଡ଼ଗଙ୍ଗ ଅଭିଷିକ୍ତ ହେବା ପୂର୍ବରୁ ବାଲ୍ୟ ଅବସ୍ଥାରେ ତାଙ୍କ ମାତୁଳ ବୀର ଚୋଳଙ୍କ କନ୍ୟା ପୃଥ୍ୱିଚୋଡ଼ି ଦେବୀଙ୍କୁ ବିବାହ କରିଥିଲେ । ସେ ଥିଲେ ଚୋଡ଼ଗଙ୍ଗଙ୍କ ପଟ୍ଟମହିଷୀ । ଚୋଡ଼ଗଙ୍ଗ ଖ୍ରୀ: ୧୨ଶ ଶତାବ୍ଦୀର ପ୍ରଥମ ପାଦରେ ଉତ୍କଳର ତତ୍କାଳୀନ ସୋମବଂଶୀ ମହାରାଜା କର୍ଣ୍ଣଦେବଙ୍କୁ ପରାସ୍ତ କରି ସ୍ୱୀୟ ରାଜଧାନୀ ବଂଶଧାରା ନଦୀ କୂଳରୁ ଉଠାଇ ନେଇ ମହାନଦୀ ତଟବର୍ତ୍ତୀ ବାରାଣସୀ କଟକରେ ସ୍ଥାପନ କଲେ । ବହୁ ଯୁଦ୍ଧରେ ସେ ଜୟଲାଭ କରି ଶତ୍ରୁ ରାଜାମାନଙ୍କଠାରୁ ଯେଉଁ ପ୍ରଚୁର ଧନରତ୍ନ ଆହରଣ କରିଥିଲେ, ତାହା ଦେବ ମନ୍ଦିର ଗଠନରେ ବ୍ୟୟ କରିବା ଥିଲା ତାଙ୍କର ମୁଖ୍ୟ ଅଭିଳାଷ । ସେତେବେଳେ ଦକ୍ଷିଣ ଭାରତରେ ରାମାନୁଜଙ୍କ ବୈଷ୍ଣବ ଧର୍ମ ଯଥେଷ୍ଟ ପ୍ରଭାବ ବିସ୍ତାର କରିଥିଲା । ଚୋଳ ଓ ଗଙ୍ଗ ବଂଶୀୟ ରାଜାମାନେ ସେହି ଧର୍ମ ହିଁ ଗ୍ରହଣ କରିଥିଲେ । ଏହାପରେ ଉତ୍କଳରେ ଶୈବ ଧର୍ମର ପ୍ରାଧାନ୍ୟ କ୍ରମେ ଅବନତ ହେବାକୁ ଲାଗିଲା । ମହେନ୍ଦ୍ରାଞ୍ଚଳ ଶିଖର ଦେଶରେ ପ୍ରତିଷ୍ଠିତ ଗୋକର୍ଣ୍ଣେଶ୍ୱର ଶିବଙ୍କ ପ୍ରାଧାନ୍ୟ ମଧ୍ୟ ସେତିକି ବେଳେ ତିରୋହିତ ହେଲା । ତଥାପି ଦ୍ୱୈତବାଦୀ ଏବଂ ଅଦ୍ୱୈତବାଦୀଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ସୃଷ୍ଟି ହେବାରୁ, ପୁଣି ସେଥିରେ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନଙ୍କ ସଂଘର୍ଷ ମିଶିବାରୁ ଶଂସିତ ଯୁଗରେ ବୁଦ୍ଧିଜୀବୀଙ୍କ ମଧ୍ୟରେ ବିରୋଧୀଦଳ ଓ ଶ୍ରେଣୀ ସୃଷ୍ଟି ହେବାକୁ ଲାଗିଲା । ଏହା ଫଳରେ ରାଜନୈତିକ କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଦେଲା । ଏଣୁ ଧର୍ମପ୍ରାଣ ମହାରାଜା ଚୋଡ଼ଗଙ୍ଗ ସେଥିରେ ନିରାକରଣ ନିମନ୍ତେ ନିଜକୁ "ପରମବ୍ରହ୍ମଣ୍ୟ, ପରମ ବୈଷ୍ଣବ, ପରମ ମାହେଶ୍ୱର" ଏପରି ତିନୋଟି ଉପାଧିରେ ଭୂଷିତ କଲେ । ଧର୍ମ-କ୍ଷେତ୍ରରେ ଯେପରି କୌଣସି ବିଭେଦ ସୃଷ୍ଟି ନ ହୁଏ, ସେଥିର ଉପାୟ ତାଙ୍କ ପରି ଜଣେ ବିଚକ୍ଷଣ ଓ ରାଜନୈତିକ ପ୍ରଭାବଶାଳୀ ରାଜା ଚିନ୍ତା କରିବା ନିତାନ୍ତ ସମୀଚୀନ । ତେଣୁ ସେ ତିନୋଟି ସଂପ୍ରଦାୟରୁ ତିନିଜଣ ରାଜଗୁରୁ ବା ଦୀକ୍ଷାଗୁରୁଙ୍କୁ ଗ୍ରହଣ କରି ଉପରୋକ୍ତ ଉପାଧିତ୍ରୟ ବ୍ୟବହାର କଲେ । ବ୍ରାହ୍ମଣ୍ୟ ଧର୍ମରେ ଦୀକ୍ଷିତ ହୋଇ ସେ ବହୁ ଯାଗ-ଯଜ୍ଞ ମଧ୍ୟ ସମ୍ପନ୍ନ କରିଥିଲେ । ଶୈବ ଓ ବୈଷ୍ଣବ (ରାମାନୁଜ ପନ୍ଥୀ) ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ବହୁ ମଠ ଓ ମନ୍ଦିର ପ୍ରତିଷ୍ଠା କଲେ । ସୁତରାଂ ତାଙ୍କରି ଉଦ୍ୟମରେ ନୀଳାଚଳ ଧାମରେ ସର୍ବ ସମନ୍ୱୟ ଧର୍ମର ପ୍ରତୀକ ରୂପେ ଶ୍ରୀପୁରୁଷୋତ୍ତମଙ୍କ ବିଗ୍ରହ ସ୍ଥାପନ କରିବାକୁ ଏକ ବିରାଟ ମନ୍ଦିର ଗଠିତ ହେଲା ।

ପୁରୁଷୋତ୍ତମ ସୁଭଦ୍ରା ଓ ବଳଭଦ୍ରଙ୍କ ଆକୃତି ଅନ୍ୟାନ୍ୟ ହିନ୍ଦୁ ଦେବତାଙ୍କ ଠାରୁ ସ୍ୱତନ୍ତ୍ର । ସେଥିର ମୁଖ୍ୟ କାରଣ ହେଲା, ମହେନ୍ଦ୍ରର ଶିଖର ଦେଶରେ ପୂର୍ବେ ଶବରମାନେ ଯେଉଁ କାଷ୍ଠ ବା ପାଷାଣରେ ଗଠିତ ମୂର୍ତ୍ତିକୁ ପୂଜା କରୁଥିଲେ, ତାହା ଗାଙ୍ଗେୟ ରାଜ ବଂଶରେ ପ୍ରଭାବ ବିସ୍ତାର କରିଥିଲା, ଯେଉଁ ସମୟରେ ମହେନ୍ଦ୍ରାଞ୍ଚଳଟି ଥିଲା, କଳିଙ୍ଗର ମୁଖ୍ୟ ଧର୍ମ କେନ୍ଦ୍ର ସେଠାରେ କେତୋଟି ମନ୍ଦିର ଗଠିତ ହୋଇ ଶୈବାଚାର୍ଯ୍ୟମାନେ ବାସ କରୁଥିଲେ ।

ଶବରମାନଙ୍କ ପୂଜିତ ଦେବତା ମଧ୍ୟ ସେଠାରେ ଏକ ଶୈବ ମନ୍ଦିର ନିକଟରେ ସ୍ଥାପିତ ହୋଇଥିଲେ । କିନ୍ତୁ ମନ୍ଦିର ସମ୍ମୁଖରେ ଏକ ବିରାଟ ମସୃଣ ପ୍ରସ୍ତର ଗାତ୍ରରେ ଶ୍ରୀଜଗନ୍ନାଥଙ୍କ ଆକୃତି ବିଶିଷ୍ଟ ଏକ ମୂର୍ତ୍ତିର ସ୍ୱରୂପ ପ୍ରସ୍ତରର ଉଭୟ ପାର୍ଶ୍ୱରେ ଖୋଦିତ ହୋଇ ଥିବାର ଦେଖାଯାଏ । ଖ୍ରୀ: ୭ମ ଶତାବ୍ଦୀରେ ଶୈଳୋଦ୍‌ଭବ ରାଜବଂଶର ଉତ୍ପତ୍ତି ସମ୍ବନ୍ଧରେ ଏକ କିମ୍ବଦନ୍ତୀ-ମୂଳକ ଆଖ୍ୟାନ ତାମ୍ରଶାସନମାନଙ୍କରେ ଖୋଦିତ ହୋଇଅଛି । ସଂସ୍କୃତଜ୍ଞ ପଣ୍ଡିତମାନେ ତାହା କାବ୍ୟିକ ଛଟାରେ ଲେଖିଛନ୍ତି । ପୂର୍ବେ ମହେନ୍ଦ୍ରାଞ୍ଚଳରେ ଭଗବାନ ସ୍ୱୟମ୍ଭୁଙ୍କୁ ପୁଳିନ୍ଦ (ଶବର) ବଂଶୀୟ ଜଣେ ଆଦିବାସୀ ରାଜା ପୂଜା କରୁଥିଲେ । ତାଙ୍କ ନାମ ଥିଲା 'ପୁଳିନ୍ଦ ସେନ' । ସେ ନିଜ ବାହୁବଳରେ କଳିଙ୍ଗ ରାଷ୍ଟ୍ର ନିରାପଦ କରି ଶାସନ ଚଳାଉ ଥିଲେ । ତାଙ୍କ ବୃଦ୍ଧ ବୟସରେ ଏକଦା ସେ ସ୍ୱୟମ୍ଭୁଙ୍କୁ ଜଣାଇଲେ–"ହେ ମହାପ୍ରଭୁ ! ମୁଁ ବୃଦ୍ଧ ହେଲିଣି । ମୋ ପରେ କଳିଙ୍ଗର ପ୍ରଜାମାନଙ୍କୁ କିଏ ଶାସନ କରିବ, ତାହା ଆଜ୍ଞା କରନ୍ତୁ । ଭଗବାନ 'ସ୍ୱୟମ୍ଭୁ' ସ୍ୱପ୍ନରେ ଦେଖା ଦେଇ କହିଲେ, "କାଲି ପ୍ରଭାତରେ ଏହି ଶୈଳ ଗାତ୍ରରୁ ଏକ ଯୁବକ ବାହାରିବ ସେ କଳିଙ୍ଗର ରାଜା ହେବ" । ସତକୁ ସତ ପରଦିନ ପ୍ରଭାତରେ ପର୍ବତ ଶିଖରସ୍ଥ ଏକ ବିଶାଳ ଶିଳା ବିଖଣ୍ଡିତ ହୋଇ ସେଥିରୁ ଏକ ସୁନ୍ଦର ବୀର ଯୁବକ ସମ୍ଭୂତ ହେଲେ । ତେଣୁ ତାଙ୍କ ନାମ ହେଲା ଶୈଳୋଦ୍‌ଭବ । ତାଙ୍କରି ନାମରେ ଶୈଳୋଦ୍‌ଭବ ରାଜବଂଶ ପ୍ରାଚୀନ କଳିଙ୍ଗର ଏକ ଅଂଶ (କୋଙ୍ଗଦ) ଶାସନ କରିବାକୁ ଲାଗିଲେ ।

ଏହି କିମ୍ବଦନ୍ତୀ ଖ୍ରୀ: ୭ମ ଶତାବ୍ଦୀରେ ପ୍ରଚଳିତ ହୋଇଥିଲା । ତେଣୁ ମହେନ୍ଦ୍ରଗିରିର ପ୍ରାଧାନ୍ୟ ସେଠାରେ ବାସ କରୁଥିବା ଆଦିବାସୀ ପୁଳିନ୍ଦ ବା ଶବରମାନଙ୍କ ଆଧିପତ୍ୟ କାଳକୁ ନିଶ୍ଚିତ–ଭାବେ ସୂଚିତ କରୁଛି । ଏ' ଅଞ୍ଚଳକୁ ମାଠର ଓ ଗଙ୍ଗମାନଙ୍କ ଆଗମନର ବହୁ କାଳ ପୂର୍ବରୁ ତାହା ଶବରମାନଙ୍କର ମୁଖ୍ୟ ବାସସ୍ଥଳୀ ହୋଇଥିଲା । ଶବରମାନଙ୍କ କିମ୍ବଦନ୍ତୀ ଅନୁସାରେ ସର୍ବ ପ୍ରଥମେ ରାମା ଓ ଭିମା ନାମକ ଦୁଇ ଭ୍ରାତା ସେଠାରେ ବାସ ସ୍ଥାପନ କରିଥିଲେ । ତାଙ୍କଠାରୁ ଶବର ବଂଶ ବୃଦ୍ଧି ଲାଭ କରିବାରୁ ସେମାନେ ମହେନ୍ଦ୍ରମାଳର ଦୀର୍ଘ ପାର୍ବତୀୟ ଅଞ୍ଚଳ-ଗୁଡ଼ିକରେ ବାସ କରିବାକୁ ଲାଗିଲେ ।

ମହାଭାରତରେ ବର୍ଣ୍ଣିତ 'ବେଦୀ' ର ଚିହ୍ନ ଅଦ୍ୟାପି ମହେନ୍ଦ୍ର ଶିଖରସ୍ଥ କୁନ୍ତି ଓ ଯୁଧିଷ୍ଠିର ମନ୍ଦିର ନିକଟରେ ଦେଖାଯାଏ, ଯାହାକି ଏକ ସୁବିସ୍ତୀର୍ଣ୍ଣ ସମତଳ ଚଟାଣ । ସେଥିରେ ଅନତି ଦୂରରେ ଅତିନିର୍ମଳ ଓ ସୁସ୍ୱାଦୁ ଜଳପୂର୍ଣ୍ଣ କୂପଟିଏ କୁନ୍ତି ମନ୍ଦିରକୁ ଲାଗି ଖୋଦିତ ହୋଇଅଛି । ବାସ୍ତବରେ ପ୍ରତ୍ୟହ ଶବରମାନେ... 

ମାନଙ୍କୁ ସେଠାରେ ଦୁର୍ଗ ନିର୍ମାଣ ପାଇଁ ଆହ୍ୱାନ କରିଥିବ, ଏଥିରେ ଆଦୌ ସନ୍ଦେହ ନାହିଁ । ଏହି ପର୍ବତ ସ୍ଥାନେ ସ୍ଥାନେ ମାନବୋପଯୋଗୀ ଗହ୍ୱର, ଗୁପ୍ତ ପଥ ଓ ସୁଡ଼ଙ୍ଗ ମାନ ଥିବାର ଦେଖାଯାଏ ! ଗ୍ରୀଷ୍ମ କାଳରେ କଳିଙ୍ଗର ରାଜାମାନେ ସମ୍ଭବତଃ ସେଠାରେ ଅବସ୍ଥାନ କରି ତାଙ୍କ ଇଷ୍ଟ ଦେବତା ଗୋକର୍ଣ୍ଣେଶ୍ୱରଙ୍କ ଆରାଧନା କରୁଥିଲେ । ଆଉ ମଧ୍ୟ ସେଠାରେ ଏକ ଗିରି-ଦୁର୍ଗ ସ୍ଥାପିତ କରି ଶତ୍ରୁ ଆକ୍ରମଣରୁ କଳିଙ୍ଗର ରାଜାମାନେ ସ୍ୱୀୟ ନିରାପତ୍ତା ସଙ୍ଗେ ସଞ୍ଚିତ ଧନ ରତ୍ନାଦି ସୁରକ୍ଷିତ କରିପାରୁ-ଥିଲେ । ଭୀମ ଦେଉଳର ଅନତି ଦୂରରେ ଅର୍ଜୁନ ଗୁମ୍ଫା ନାମରେ ଏକ ଦୀର୍ଘ ଗହ୍ୱର ବିଦ୍ୟମାନ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଯେ, ତାହା ପର୍ବତର ପାଦଦେଶ ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । କିନ୍ତୁ ଆମର ମନେ ହୁଏ, ତାହା ପ୍ରାଚୀନ ରାଜାମାନଙ୍କ ଏକ ରତ୍ନ ଭଣ୍ଡାର । କାରଣ ରାଜାମାନେ ଦୁର୍ଗର କୌଣସି ନିରାପଦ ଓ ଗୁପ୍ତ ସ୍ଥାନରେ ହିଁ ରାଜ-କୋଷ ସଞ୍ଚିତ କରୁଥିଲେ । ଏ' ଦୃଷ୍ଟିରୁ ଏଠାରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଅନୁସନ୍ଧାନ ଚଳାଇ କଳିଙ୍ଗ ତଥା ଉତ୍କଳର ପ୍ରାଚୀନ ଇତିହାସକୁ ଆଲୋକପାତ କରିବା ଆବଶ୍ୟକ । କିନ୍ତୁ ଏହି ପର୍ବତରେ ୪,୭୦୦ ଫୁଟ ଉଚ୍ଚରେ ଥିବା ସେହି ଐତିହାସିକ ସ୍ଥଳକୁ ଯିବା ପାଇଁ ଅଦ୍ୟାପି ରାସ୍ତା ହୋଇ ପାରି ନାହିଁ । ଶୁଣାଯାଏ ମହେନ୍ଦ୍ରାଞ୍ଚଳ ଏକ ଦର୍ଶନୀୟ କେନ୍ଦ୍ର କରିବାକୁ ସରକାରଙ୍କ ପକ୍ଷରୁ ଏବେ ମନୁଧ୍ୟାନ ହେଉଛି । ଯଦି ତାହା କାର୍ଯ୍ୟରେ ପରିଣତ ହୁଏ, ତେବେ ବହୁ ଅନୁସନ୍ଧିତ୍ସୁ ବୈଜ୍ଞାନିକ ମଧ୍ୟ ସେଠାକୁ ଯାଇ ପାରିବେ । ସେହି ପର୍ବତରେ ବହୁ ପ୍ରକାର ଔଷଧୀ ବୃକ୍ଷଲତା କଳିଙ୍ଗର ପ୍ରାଚୀନ ରାଜାମାନେ ରୋପଣ କରାଇ ଥିଲେ । ଅଦ୍ୟାପି ବହୁ ଅଜ୍ଞାତ ବୃକ୍ଷଲତା ସେଠାରେ ରହିଛି ।

ଯେଉଁ 'ବେଦୀ' କଥା ଉପରେ କୁହାଗଲା, ଏହି ଶିଖର ଦେଶରେ ଥିବା ତାହା ଏକ ସୁବିସ୍ତୀର୍ଣ୍ଣ ସମତଳ ଭୂମି । ସହଜରେ ସେଠାରେ ହେଲିକପ୍ଟର ମଧ୍ୟ ଅବତରଣ କରି ପାରିବ । ଏ' ଦୃଷ୍ଟିରୁ ମହେନ୍ଦ୍ରର ବହୁମୁଖୀ ଗବେଷଣା-ପ୍ରାଧାନ୍ୟ ରହିଛି । ଓଡ଼ିଶାର ଏକ ଅଜ୍ଞାତ ଉପାନ୍ତ ଅଞ୍ଚଳରେ ରହିଥିବାରୁ ସେଥିରେ ବୈଶିଷ୍ଟ୍ୟ ଅଦ୍ୟାପି ଲୋକଲୋଚନକୁ ଆସି ନାହିଁ ।

ମହେନ୍ଦ୍ର ପର୍ବତ ଦିନେ ଏକ ସୁପ୍ରସିଦ୍ଧ ବିଷ୍ଣୁ ଓ ଶିବ କ୍ଷେତ୍ର ଥିବା ପ୍ରସଙ୍ଗ ପ୍ରାଚୀନ ପୁରାଣମାନଙ୍କରୁ ପ୍ରକଟିତ ହୁଏ । ଅଦ୍ୟାପି ତାହା 'ପର୍ଶୁରାମ କ୍ଷେତ୍ର' ନାମରେ ପରିଚିତ । ସେହି ବିଷ୍ଣୁ କ୍ଷେତ୍ରର ଅବସାନ ପରେ "ନୀଳଗିରି" ନାମ ବହନ କରି 'ଶ୍ରୀପୁରୁଷୋତ୍ତମ-କ୍ଷେତ୍ର' ଗଙ୍ଗବଂଶୀୟ ରାଜାମାନଙ୍କ ସଙ୍ଗେ କଳିଙ୍ଗରୁ-ସ୍ଥାନାନ୍ତରିତ ହୋଇ ମହୋଦଧି ତଟବର୍ତ୍ତୀ ଉତ୍କଳରେ ପ୍ରତିଷ୍ଠିତ ହେଲା ।

Telephone : 409 Telex : 674-211

# Port of Paradip Calling

Efficient and congestion—free Port—Deep draught of 12·80 Mtrs. available round the year well sheltered harbour with wide navigational channel and large turning basin for safe and convenient berthing of bulk carriers upto 80,000 DWT Full mechanised iron ore handling plant with a daily throughput of more than 20,000 MT available for handling of Iron Ore regular LINER AND LASH services leading Port for Export of Reefer Cargo—Ample mechanical handling equipment and lighters for fast and efficient handling of bulk and general Cargo—special facilities for Containerised as well as over dimensional cargo. Three New General cargo berths under construction and work on captive berth for Paradip Phosphate expected to start shortly—Personal attention-Efficient Port Railway service facilities trailor made to suit your requirement. For high efficiency in Cargo Handling, let PARADIP be your Port of choice.

FOR DETAILS PLEASE WRITE TO :—

Public Relations Officer
Paradip Port Trust
Paradip-754-142

ଅନନ୍ତ କାଳରେ କେତେ ଶତାବ୍ଦୀ ଘୁଞ୍ଚିଗଲା ସତେ !! ପର୍ବତଗୁଡ଼ିକ ସିମିତି ଉଚ୍ଚ ଉଚ୍ଚ ରହିଛି । ତା'ଉପରେ ଶବର କିଶୋରୀ ବସିଚି । ତା' ମୁଣ୍ଡରେ ମୟୂର ଚନ୍ଦ୍ରିକା । ବେକରେ ସେ ଗୁଞ୍ଜମାଳା ପିନ୍ଧିଚି ।

କହୁଚି–ଆରେ ମନୁଆ ନିର୍ବୁଦ୍ଧିଆ ଶବର ଯୁବକ, ତୁ ଗୋଳମାଳ କରନା । ଏ, ତୋ ନିଜ ଘରଣୀ ସପନ ସୁନ୍ଦରୀ, ନାନା ଗଛରେ ଫୁଲ ଫୁଟିଲାଣି । ଗଛଗୁଡ଼ିକ ଆକାଶକୁ ଲାଗିଚି । କାନରେ କୁଣ୍ଡଳ ଓ ବଜ୍ର ପିନ୍ଧି ଶବର ଯୁବତୀ ବଣରେ ବୁଲି ବୁଲି ବୁଲୁଚି ।

ଏଣେ ଶବର ଖଟ ପାରିଲା । ମହା ଆନନ୍ଦରେ ଶେଯ ପାରିଲା । ନଉରାମଣି ବୋଲି ଦାରୀଟାକୁ ଦେଖି ଦେଖି ରାତି ପୁହାଇଲା । କର୍ପୂରଦିଆ ପାନ ବିଡ଼ିଆ ଖାଇ ନଉରାମଣିକୁ ବେକରେ ବାନ୍ଧି ରାତି ପୁହାଇଲା ।

ମୃତ୍ତିକାରୁ ଅଙ୍କୁରୋଦ୍‌ଗମ କରିଥିବା, ପୁଷ୍ପିତ କରିଥିବା ଗୋଟାଏ ଜାତୀୟ ପରଂପରାକୁ, ଜଗନ୍ନାଥ ସଂସ୍କୃତିକୁ । ଯେଉଁମାନେ ନାରି କାଟିଲେ, ରକ୍ତକୁ ପୋଛିଲେ, ହୃଦୟ ଦେଲେ, କ୍ଷୀର ଦେଲେ, ସେମାନଙ୍କର ପ୍ରିୟ ବନଫୁଲ ମାଳାରେ ଶୋଭିତ "ଜନଙ୍ଗଲୋ", "କିତୁଙ୍ଗ" କୁ କାଠରେ ତିଆରି କରି ନାଲି, ଧଳା, ହଳଦିଆ ରଙ୍ଗରେ ଚିତ୍ରିତ କଲେ, ପ୍ରତାରଣା ବୁଝିଲେ ନାହିଁ, ବ୍ରାହ୍ମଣ ଯୁବକର ବାହାରଟା ଆଉ ଭିତରଟା ଏକା ଦେଖିଲେ, ବିଶ୍ୱାସ କଲେ, ଶବର ଦୁହିତା ସ୍ୱପ୍ନମୟୀ ଲଳିତାର ଅଙ୍କ ଶୟନ କରି, ତା'ରି ବୁଦ୍ଧିମତ୍ତାରେ ଶବରୀ ହେଲେ ବି ପ୍ରଣୟିନୀ ତ, ସୋରିଷ ବୁଣି ଗଛ ଉଠେଇ, ପଥ ନିର୍ଦ୍ଦେଶ କରି ଆନ୍ଧପୁଟୁଳି ବାନ୍ଧିଥିବା ବିଦ୍ୟାପତିର ଆଖିଦୁଇଟାକୁ ଜ୍ୟୋତିର୍ମୟ କରି ଯେ ସରଳ ବିଶ୍ୱାସୀ ଶବର ସଂପ୍ରଦାୟ ହୃଦୟ ନିଧି ନୀଳମାଧବଙ୍କୁ ଦେଖାଇ ଦେଲା, ତାଙ୍କୁ ନେଇ ତମେ ମହୋଦଧି ତୀରରେ କନକ ରୁଚିର ନୀଳ ଶିଖରର ପ୍ରାସାଦରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ବାସ କରାଇ ରାଜା

# ଉଁଚା ଉଁଚା ପାହାଡ...

ଅଧ୍ୟାପକ ରାଜକିଶୋର ରାୟ

ଆରେ ଶବର, ଗୁରୁ ବାକ୍ୟକୁ ହେତୁ କରି ନିଜ ମନ ଭିତରକୁ ଶର ମାର । ଏକ ଶରକେ ପରମ ନିର୍ବାଣ ରୂପକ ଲକ୍ଷ୍ୟକୁ ଭେଦ କର ।

ଶବର ତ ନିଶାରେ ମାତିଛି । ସେ ରାଗରେ ଗରଗର । ପର୍ବତ ଭିତରେ କି ଗୁହା ଭିତରେ କିଛି ପଶି ଛପିଗଲେ ଶବର ତାକୁ ଖୋଜିବ କିପରି ?

"ହିଅ ଟାଁ ବୋଲୁ ମହାସୁହେ କାପୁର ଖାଇ
ସୁନ ନିରାମଣି କଣ୍ଠେ ଲଇଆ ମହାସୁହେ
ରାତି ପୋହାଇ" ।

ହାୟରେ, ଏ ଶବର ଶବରୀ କଅଣ ଆଜି ୧୯୮୩ ର ଭୁବନ ବିଖ୍ୟାତ ରଥଯାତ୍ରାକୁ, ତାଙ୍କରି କୋଳ କୁନ୍ତଳ ପୋଛା ଚର୍ଚ୍ଚିତ ଦିଅଁମାନେ ଯିଏ କି ନବଦିନ ଯାତ୍ରା ପାଇଁ ବଡ଼ ଦାଣ୍ଡରେ ଉଭା ତ୍ରିରଥ ଲାଗି ହୋଇ, ଦେଖିବା ପାଇଁ ସେଇ ଉଚ୍ଚା ଉଚ୍ଚା ପର୍ବତ ଉପରୁ, ଶାଳ ପିଆଶାଳ ଗଛ ଛାଇ, ବଜ୍ର ବିଦ୍ୟୁତ୍ ମଥାରେ ଧରି ରହିଁ ରହିଛନ୍ତି ? ତାଙ୍କରି ବଂଶଧରମାନେ କଅଣ ଦିଅଁଙ୍କୁ ସଂଖୋଳିବା ପାଇଁ ସିଂହଦ୍ୱାର ରତ୍ନ ସିଂହାସନ ପାଖକୁ ଆସନ୍ତି ?

ଆର୍ଯ୍ୟମାନେ ବାଁ ହାତରେ ପବନ ଗୁଡ଼ିକୁ କାଟିଲା ଭଳି ଆଡ଼େଇ ଦେଲେ ଏଇ ଗୋଟାଏ ବିରାଟ ଆଦିମ ମହାରାଜା ଦୁର୍ଲଭ ସେବା ପାଇଁ ପଲଟି, ପଉଟି, ବିବିଧ ଅନ୍ନ ବ୍ୟଞ୍ଜନ ପିଠାପଣା ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ମଣୋହି କରି, ଦେବଦାସୀର ଛନ୍ଦାଚରଣ ନୃତ୍ୟ ଦେଖାଇ, ଜୟଦେବଙ୍କ ଗୀତ ଶୁଣାଇ, ମୋହ ମୁଗ୍ଧ କରି ବାର ମାସରେ ତେର ବେଶ ପୋଷାକ ପିନ୍ଧାଇ, ବିମଳା କର କଙ୍କଣ ଲଗାଇ ପ୍ରସାଦକୁ ମହାପ୍ରସାଦ କରି, ଆଦିମ ଗିରିବନର ଗିରିଝରଣା, ଫଳ ମୂଳରେ ଭୋକ ଶୋଷ ସନ୍ତୁଷ୍ଟ କରୁଥିବା ଭକ୍ତି ବାଦର ଚରମ ନିଦର୍ଶନ ଦେଖାଇ ଯେଉଁ ଶବର ଜାତି ଲହୁ ଲୁହ ଦେଇ "ଆ" ବୋଲି ଡାକୁ ଥିବା ଆଉ ଶୁଣୁଥିବା ପ୍ରତିମାକୁ ଜୀବନ୍ତ କରିଥିଲା, "ଖାଁ" ବୋଲି କହିଲେ ହାଣ୍ଡିଆ ସହିତ ବଣ ଫଳ ଖାଇ ଯେ ବିଗ୍ରହ ବିଶ୍ୱର ଆଦିମ ସଭ୍ୟ ଜଳ, ମାଟି ଓ ସମସ୍ତ ସୂର୍ଯ୍ୟର ବିଚିତ୍ରବର୍ଣ୍ଣ ଆଲୋକ ରଶ୍ମିର ଚିତ୍ର ବର୍ଣ୍ଣକୁ ତା' ଦେହରେ ସଜାଇ ପ୍ରାଣର ନାଥକୁ ଜଗତନାଥ କରିଦେଲା, ତାଙ୍କ ପାଇଁ ସିଂହଦ୍ୱାର ରୁଦ୍ଧ କରି ଦେଲ ? ଏଇ ଆଦି ସେବକମାନେ ଯଥା ପୂର୍ବଂ ତଥା ପରଂ ଦୂର ଦିଗ୍‌ବଳୟ ସୀମାରେ ସେଇ ଜୟପୁର, କୋରାପୁଟ, ପାରଳାଖେମଣ୍ଡି, ଫୁଲବାଣୀ, ସୁନ୍ଦରଗଡ଼, କେଉଁଝର ସୀମାନ୍ତରେ 'ଜଙ୍ଗଲୀ' 'ବର୍ବର' ଅସ୍ପୃଶ୍ୟ ପତିତ ହୋଇ ରହିଲେ ?

କାଳର ଏ କି ଅଟହାସ !! କି ଅଭୂତପୂର୍ବ ଚଞ୍ଚଳତା ?

ରାଜା ହୋଇ ଜଗତଜନଙ୍କ ପାଳକ ହୋଇ ଇନ୍ଦ୍ରଦ୍ୟୁମ୍ନ ଯେଉଁ କାର୍ଯ୍ୟ କଲେ, ପୁଣି କଅଣ ସେଇ ରୌର୍ଯ୍ୟବୃତ୍ତି ଅବଲମ୍ବନରେ

ଆଦିମ ସେବକମାନେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବଣ ଜଙ୍ଗଲକୁ ନେଇ ପାରିବେ ? ଥରେ ଯେ ଆସିଛି, ନୀଳକନ୍ଦରର ଶୋଭା, ଚନ୍ଦନ ଲେପ, ସ୍ନାହାନ ମଣ୍ଡପରେ ହାତୀ ବେଶ, କେତେ କଅଣ ସୁଖ ଭୋଗରେ ପ୍ରମତ୍ତ ସେ କଅଣ ଆଉ ବାହୁଡ଼ି ଯିବେ ?

ସେତେବେଳର ସେ ସବୁ ଦୈବବାଣୀ କଅଣ ସତ? ଐତିହାସିକମାନେ ବିଶ୍ୱାସ କରନ୍ତି କି ? କେଉଁଠି ଦୈବବାଣୀ ହେଲା ଯେ ନୀଳମାଧବ ଦାରୁ ରୂପରେ ସମୁଦ୍ରରେ ଭାସମାନ ହେଉଛନ୍ତି । ଶବର ରାଜାକୁ କେଉଁଠି ଶୂନ୍ୟବାଣୀ ହେଲା ଯେ ଶ୍ରୀ ଜଗନ୍ନାଥ ଆଉ ବଣର ଫଳ ମୂଳ ଖାଇବାକୁ ଇଚ୍ଛା କରୁନାହାନ୍ତି ଏବଂ ସେ ରାଜସିକ ଭୋଗ ଓ ଆଡ଼ମ୍ବର ପାଇଁ ମନ ବଳେଇଲେଣି । ପୂର୍ଣବ୍ରହ୍ମ ପୁଣି ରାଜସିକ ତାମସିକ ହେବାକୁ ଭାବିଲେ ? ଯାଅ ଦେଖିବ, ଆଦିବାସୀ ଅଧ୍ୟୁଷିତ ଭୂଖଣ୍ଡ ଆଉ ତାଙ୍କର ହୋଇ ନାହିଁ । ଆର୍ଯ୍ୟମାନେ ତାଙ୍କ ଜମିବାଡ଼ି, ତାଙ୍କ ଧେନୁ ପଲ, ତାଙ୍କର ସର୍ବସ୍ୱ ଅପହରଣ ଓ ମାଲିକାନା ସତ୍ତ୍ୱ ସାବ୍ୟସ୍ତ କରିବା ଭଳି ଶବରପୂଜିତ ନୀଳମାଧବ ବା ଶ୍ରୀ ଜଗନ୍ନାଥଙ୍କୁ ମଧ୍ୟ ସେମାନେ ହସ୍ତଗତ କରି ଆର୍ଯ୍ୟ ଧର୍ମରେ ଦୀକ୍ଷିତ କରିଦେଲେ । ସେତିକି ନୁହେଁ ଯେଉଁ ମନ୍ଦିର-ମାନଙ୍କରେ ଆଜି କଳା ନୈପୁଣ୍ୟର ଚାତୁରୀ ବିଶ୍ୱବିଦିତ, ସେଇ ମନ୍ଦିର ପାଇଁ ବିଶେଷ କରି ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ କାହିଁକି ପରିଶ୍ରମ କରି ବିରାଟ ବିରାଟ ପଥର ବହୁ ଦୂରରୁ କଳା ମଟମଟ ତାଙ୍କ ପିଠି ଉପରେ ଧରି ସେମାନେ ବୋହି ଆଣିଲେ । ଅଥଚ ସମନ୍ୱୟ ଧର୍ମର ପ୍ରବର୍ତ୍ତକ ଶ୍ରୀ ଜଗନ୍ନାଥ ଓ ତାଙ୍କର ମହା-ପ୍ରସାଦ ଥଇଥାନ ଦେଲେ ନାହିଁ ଏହି ଅନାର୍ଯ୍ୟ ଆଦିମ ସେବକଙ୍କୁ ଶ୍ରୀମନ୍ଦିର ଭିତରେ । ରତ୍ନବେଦୀ ଉପରେ ତ୍ରିମୂର୍ତ୍ତିଙ୍କୁ ନୟନ ଭରିକରି ଦେଖିବାକୁ ସେମାନଙ୍କୁ ସୁଯୋଗ ମିଳିଲା ନାହିଁ । ନିଜ ଔରସ ପୁଅ ଅନ୍ତର ହୋଇଗଲା, ନାଡ଼ି ଛିଡ଼ିଗଲା । ରକ୍ତ ଶୁଖିଗଲା, ଆଖିରେ ଭରିଗଲା ଅଶ୍ରୁ ।

## ଶବରୀୟ ଇତିହାସ

ଓଡ଼ିଶାରେ କନ୍ଧମାନଙ୍କ ପରେ ଗଣ୍ଡମାନଙ୍କ ସଂଖ୍ୟା ଅଧିକ । ସେମାନେ ହିନ୍ଦୁମାନଙ୍କର ଦେବତାଙ୍କୁ ମାନିଲେ ବି ତାଙ୍କର ତିନୋଟି ଦେବତାଙ୍କୁ ଜାତୀୟ ଦେବତା ବୋଲି ପୂଜା କରନ୍ତି । ସେମାନେ ହେଲେ – ବୂଢ଼ାଦେଓ, ଲିଙ୍ଗ ଓ ଜଂଘ ଦେବତା । ଏ ବୂଢ଼ାଦେଓ ସେମାନଙ୍କର ପୂର୍ବ ପୁରୁଷ, ଲିଙ୍ଗ ଦେବତା ହିନ୍ଦୁମାନଙ୍କର ଶିବଲିଙ୍ଗ ଭଳି ଏବଂ ଜଂଘ ଦେବତାଙ୍କୁ ଜଗନ୍ନାଥ ସ୍ୱରୂପ ବୋଲି କୁହାଯାଇ ପାରେ । ଏମାନଙ୍କ ସମାଜରେ ଆଜି ବି ଏ କଥା ବିଶ୍ୱାସ୍ୟ ଓ ପ୍ରଚଳିତ ଯେ ବିଦ୍ୟାନାଥ (ବିଦ୍ୟାପତି) ଶ୍ରୀଜଗନ୍ନାଥ ବିଗ୍ରହକୁ ସେମାନଙ୍କ ନିକଟରୁ ବଳାତ୍କାର ଛଡ଼ାଇ ନେଇ ପୁରୀକୁ ନେଇଗଲେ ଆଉ ସେଠାରେ ମନ୍ଦିର ଭିତରେ ପ୍ରତିଷ୍ଠା କଲେ । ସେ ବିଗ୍ରହକୁ ପୂଜା କରୁଥିବା ଶବର ରାଜ ବିଶ୍ୱାବସୁ ତାଙ୍କୁ ଅନୁସରଣ କରି ଶ୍ରୀକ୍ଷେତ୍ର ଗଲେ ଏବଂ ମନ ଦୁଃଖରେ ମନ୍ଦିର ଦ୍ୱାରରେ ମୁଣ୍ଡ ଯାଇ ଜୀବନ ଦେଲେ ।

ଏ ଘଟଣାରେ ଜଗନ୍ନାଥେ ଦୁଃଖ ପାଇଲେ । ତାଙ୍କ ଭକ୍ତ ମରିଗଲା, ତାଙ୍କୁ ଦେଖି ପାରିଲା ନାହିଁ ରତ୍ନବେଦୀ ଉପରେ ଯାହାର ପାଳନ ପୋଷଣରେ ସେ ନୀଳମାଧବ ରୂପରେ ଜଗତ ଜନର ନାଥତ୍ୱ ଆହରଣ କଲେ । ବ୍ରାହ୍ମଣ ଆର୍ଯ୍ୟମାନେ ମନ୍ଦିର ଶୁଦ୍ଧ କରି ତାଙ୍କୁ ଯେଉଁ କଷ୍ଟ ଦେଲେ ଓ ଶବର କୁଳକୁ ପ୍ରତାରିତ କଲେ, ସେଥିପାଇଁ ଜଗନ୍ନାଥେ ସ୍ୱପ୍ନରେ ଶବରମାନଙ୍କୁ କହିଲେ –

"ମୋ ବିଗ୍ରହର ଉପରିଭାଗ ପୁରୀରେ ପୂଜା ପାଉ, ଆଉ ମୋ ନିମ୍ନଭାଗ ଜଂଘରୁ ପାଦ ଯାଏ ତମେମାନେ (ଗଣ୍ଡ) ପୂଜା କର । "ସେହି ସ୍ୱପ୍ନାଦେଶଠାରୁ ଗଣ୍ଡମାନେ ଜଂଘ ଶବରୁ ଜାତ ଜଂଘ ଦେବତାଙ୍କୁ ପୂଜା କରୁଛନ୍ତି" । ସେମାନେ ବ୍ରାହ୍ମଣଙ୍କୁ ଓଲଟା ଅସ୍ପୃଶ୍ୟ କହନ୍ତି । ତାଙ୍କଠାରୁ ପାଣି ସୁଦ୍ଧା ଛୁଅଁନ୍ତି ନାହିଁ ।

ପାରଳାଖେମଣ୍ଡି ମାଳଅଞ୍ଚଳ ବିଶେଷ ଭାବରେ ଶବର ଅଧ୍ୟୁଷିତ ଅଞ୍ଚଳ । ସେଠାରେ କୃପାନିଧି ଶବର ଖଣ୍ଡିଏ ପୋଥି ରଖିଛନ୍ତି । ଏ ପୋଥିର ନାମ " ହରିବଂଶୀୟ ବିରଜାବଳୀ ଲେଖନ" । ଏଥିରେ ଜାରାଶବର ବଂଶ ଇତିହାସ ସେମାନଙ୍କର ବିଭିନ୍ନ ଗୋତ୍ର, ବାସସ୍ଥାନ, ସେମାନଙ୍କର ଜଗନ୍ନାଥ ମୂର୍ତ୍ତି ଓ ମନ୍ଦିର ଗଠନ ସହିତ ସମ୍ପର୍କ, ବିଦ୍ୟାପତି ବ୍ରାହ୍ମଣର ଲଳିତା କନ୍ୟା ସହିତ ବିବାହ ଏବଂ ସେମାନଙ୍କ ସନ୍ତାନଙ୍କୁ ଦଇତାପତି ଉପାଧି ପ୍ରଦାନ, ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ ଇତ୍ୟାଦି ବର୍ଣ୍ଣିତ ହୋଇଛି ।

## ପୋଥିର ଉଦ୍ଧୃତାଂଶ

ଆରମ୍ଭ —ଶ୍ରୀ ଗଣେଶାୟ ନମଃ । ଶ୍ରୀଗଜପତି ମହନ୍ତମଣି ପାରଳା ପ୍ରତାପ ବିର୍ଜାବଳି । ବାରବଂଶୀୟ ପୁସ୍ତକ ଲିଖନ – ଶ୍ରୀବୀର ବିକ୍ରମାଦିତ୍ୟ ମହାରାଜ ୧୮ ଅଙ୍କରେ ଏଠାରେ ବିଶ୍ୱାବସୁ ବୋଲନ୍ତେ ବିଭୁତ୍ରେତା ଯୁଗଶେଷ ଦ୍ୱାପର ଭିତରେ ବନାମ ସମ୍ବତ୍ସରେ ବୈଶାଖ୍ୟ ପୂର୍ଣ୍ଣମୀ ବୁଧବାର ଭରଣ୍ୟ ନକ୍ଷତ୍ରେ ସୂର୍ଯ୍ୟଅସ୍ତ ରାତ୍ର ତିନିଦଣ୍ଡ ୪୮ଲିତାଠାରେ ପୂର୍ବ ଐଶ୍ୱାନ କୋଣେ ଶବର ପଲ୍ଲୀ ବହସ୍ ଗୋତ୍ର ହରିପାତ୍ର ପୁରୋହିତ ଶୁଭ ଦେଇ ବାର ଭାୟାରୁ ବଡ଼ଭାୟା ମନ୍ଦରଧର ଶବରକୁ ମାରି ମହେନ୍ଦ୍ର ଗିରିରେ ୧୨ଭାଇ ୧୨ଘର ଚୋବାଇଲେ । ଏଥିରେ ତାଙ୍କ ନାମ ଦୈତ୍ୟାପତିଆ, ଜାରା ଶବରିଆ, ଅର୍ଜୁନ ଗୋତ୍ରୀୟା, ପାଣ୍ଡବ ବଂଶୀୟା, ବ୍ରଜ ପୁରିଆ କୋଦିବିକା, ମନ୍ଦର ଗିରିଆ, ପୁରିଆ, ପଞ୍ଚବଟିଆ, ପ୍ରତାପ ପୁରିଆ, ନଦୀ ତୀରିଆ, ପୁରସ୍ତମିଆ—ଏପରି ବାରଭାଇ । ପୁରସ୍ତମିଆ ଯେ ତ୍ରେତୟା ପୁରିଆ ଶିଶୁ ଶବର ଗୋତ୍ର, ଦୈତାପତି ଯେ କୈଳାସ ପୁରିଆ ଜାରାଶବର ଗୋତ୍ର, ଜାରା ଶବରିଆ ଯେ ମହେନ୍ଦ୍ରଗିରିଆ ବସୁ ଶବର ଗୋତ୍ର, ଯଦୁ ବଂଶୀୟା ଯେ ଦ୍ୱାରିକା ପୁରିଆ ହରି ଶବର ଗୋତ୍ର, ଅର୍ଜୁନ ଗୋତ୍ର ଯେ ବାରୁଣା ପୁରିଆ ପୁରୀ ଶବର ଗୋତ୍ର, ପାଣ୍ଡବ ପୁରିଆ ଯେ ହସ୍ତିନା ପୁରିଆ ମଧୁ ଶବର ଗୋତ୍ର, ବ୍ରଜପୁରିଆ ଯେ କୈନା ପୁରିଆ

ହରା ଶବର ଗୋତ୍ର, କୋକିବିକା ଯେ ଗୋପ ପୁରିଆ ଗୋପାଳ ଗୋତ୍ର, ଗୋପାଳମଲ୍ଲ ଶବର ଗୋତ୍ର, ପୁରୀ ବଂଶୀୟା ନନ୍ଦ ଗ୍ରାମିଆ ନରୋତ୍ତମ ଗୋତ୍ର, ପଞ୍ଚବଟୀଆ ତାରା ପୁରିଆ ପଣ୍ଡୁ ଶବର ଗୋତ୍ର, ନଦୀ ତୀରିଆ ବଂଶୀ ଧାରିଆ– ପୁରୁଷୋତ୍ତମ ଗୋତ୍ର ।

ଶ୍ରୀଜଗନ୍ନାଥଙ୍କ ପ୍ରତିମା ଗଠନ ପାଇଁ ଦାରୁ ଖୋଜା ବିଦ୍ୟାପତି ଓ ଶବର କନ୍ୟା ଲଳିତାର ବିବାହ ଓ ଏ ବିଷୟରେ ନ୍ୟାୟ ନିଷ୍ପତ୍ତି ଏବଂ ଲଳିତାର ପୁତ୍ର ଜନ୍ମ ନେଇ ଅନେକ କଥା ଏ ପୋଥିରେ ଅଛି ।

" ଚନ୍ଦନ ଅର୍ଗଳଠାରେ ସଭା କରି ଶୁଭ ଯୋଗ କରି ଦାରୁବ୍ରହ୍ମଙ୍କୁ ଦାରୁ ବୃକ୍ଷକୁ ଅଣାଇବା ପାଇଁ ଶିଶୁ ଶବର ପୁରୁଷୋତ୍ତମିଆଙ୍କୁ ମହାଲକ୍ଷ୍ମୀଠାରୁ ଯଥା ଅଣାଇ ଦାରୁବ୍ରହ୍ମ ମହାତପାପତ୍ର ଲେଖି ଲକ୍ଷ୍ମୀଠାରୁ ପାଟଶାଢ଼ୀ ଯଥା ଅଣାଇ ଏ ବାର ଘରିଆଙ୍କୁ ତା ମୂଳେ ସମର୍ପଣ କରି ଶବର ପଲ୍ଲୀରେ ପଶ୍ଚିମ ଦିଗରେ ମସ୍ତକ କୋଣରେ ଭୈରବୀ ସାହିଠାରେ ପରୀକ୍ଷା (ପରିଛା) ଶାଢ଼ୀ ଦେଇ ଚାରି ଦିଗକୁ ପଠାଇଲେ । ପୂର୍ବ ଦିଗକୁ ଯେ ମାରକଣ୍ଡ ଶବର, ବସୁ ଶବର ଦୁଇଜଣ ଗଲେ । ନଦୀ ତୀରିଆ ଯେ ପୁରୁଷୋତ୍ତମିଆ ନନ୍ଦ ଶବର ଘରକୁ ଗଲେ । ଲଳିତା କନ୍ୟାକୁ ଦେଖିଲେ ଅତ୍ୟନ୍ତ ସୁନ୍ଦର ନବ ଯୁବାରେ ଅଛି । ତହିଁକି ବିଦ୍ୟାଧର , (ବିଦ୍ୟାପତି) ବ୍ରାହ୍ମଣ ଶ୍ରୀବତ୍ସ ପଣ୍ଡାର ପୁଅ ଆସି ମାର୍କଣ୍ଡ ଶବରକୁ ବସୁ (ବିଶ୍ୱାବସୁ) ଶବରକୁ ଏ ଦୁଇଜଣଙ୍କୁ ଦକ୍ଷିଣ ଦିଗରେ ପଠାଇଲେ । ଲଳିତା କନ୍ୟାଠାରେ ସଙ୍ଗ (ସମ୍ଭୋଗ) କଲେ । ଲଳିତା କନ୍ୟାର ପିତା ନନ୍ଦ ଶବର ତାହା ଜାଣି ବାର ଘରିଆ ସମସ୍ତଙ୍କୁ ଧରି ବୀର ବିକ୍ରମାଦିତ୍ୟ ମହାରାଜାଙ୍କଠାରେ ଗହି ସମସ୍ତଙ୍କୁ ଡ଼କାଇ ନ୍ୟାୟ କଲେ । ତାହାଙ୍କୁ ରଖାଇ ଦେଲେ । ସେ ଲଳିତା କନ୍ୟା ବ୍ରାହ୍ମଣ ଘରେ ଟେକାଭାତ ଖାଇ ରହିଲେ । ତହିଁ କେତେଦିନ ଉତ୍ତାରୁ ଲଳିତା କନ୍ୟାର ପୁତ୍ର ଜନ୍ମ ହେଲା । ସେ ପୁତ୍ରକୁ ପୁରୀ ଶବର ଦଇତାପତି ନାମ ଦେଲେ । ପୁରୁଷୋତ୍ତମିଆ ଯେ ଜାରା ଶବର ଗୋତ୍ରୀ ବୋଲନ୍ତି ।

ଏ ପୋଥିରୁ ଜଣା ଯାଉଛି ଯେ ଲଳିତା ନନ୍ଦ ଶବରର କନ୍ୟା । ବିଦ୍ୟାପତି ଓ ଲଳିତାର ଅବୈଧ ସନ୍ତାନ ଜନ୍ମରେ ଉଭୟ ଶବର ଓ ହିନ୍ଦୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଲା । ଲଳିତା ବିଦ୍ୟାପତିଙ୍କ ପାକଶାଳାରେ ରାନ୍ଧିଲେ ନାହିଁ । ଏ ଅଧିକାରରୁ ସେ ବଞ୍ଚିତା ହେଲେ, ତେଣୁ ଟେକାଭାତ ଖାଇଲେ । ରାଜାଙ୍କ ପାଖେ ଅଭିଯୋଗ ହେଲା । ନ୍ୟାୟ ମିଳିଲା ଏହି ରୂପେ–ଲଳିତାର ପୁତ୍ରକୁ ପୁରୀ ଶବର ଦଇତାପତି ବୋଲି ସେ ନାମ ଦେଲେ ।

## ପ୍ରଥମ ପୂଜା କିଏ ପାଉଥିଲେ ?

ରତ୍ନବେଦୀ ଉପରେ ମୂଳରୁ ତିନୋଟିଯାକ ବିଗ୍ରହ ପୂଜା ପାଉଥିଲେ କି ? ନା, କେବଳ ଶ୍ରୀଜଗନ୍ନାଥ ଥିଲେ । ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରକୁ ଆସି ଦେଖିଲେ ଯେ ରତ୍ନବେଦୀ ଉପରେ କେବଳ ଶ୍ରୀଜଗନ୍ନାଥ ବିଗ୍ରହ ପୂଜା ପାଉଛନ୍ତି । ସେ ଶବର ପୂଜିତ ଶ୍ରୀନୀଳମାଧବଙ୍କ ହିନ୍ଦୁ ପ୍ରତିବିମ୍ବ । ମାଦଳାପାଞ୍ଜି କହେ ଯେ ଶଙ୍କରାଚାର୍ଯ୍ୟଙ୍କ ଆଗମନ ଫଳରେ ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ ନିର୍ମିତ ହୋଇ ରତ୍ନ ସିଂହାସନରେ ସ୍ଥାପିତ ହୋଇଥିଲା । ସୁଭଦ୍ରା କଅଣ ଦ୍ୱାପରର କୃଷ୍ଣ ବଳରାମଙ୍କ ଭଗିନୀ ରୂପରେ କଳ୍ପିତ ବା ଶଙ୍କରାଚାର୍ଯ୍ୟଙ୍କ ଅଭିପ୍ରେତ କାତ୍ୟାୟନୀ ମହାଶକ୍ତିର ପ୍ରତିଭୂ ? ପଣ୍ଡାମାନେ ସୁଭଦ୍ରାଙ୍କ ପୂଜା କରନ୍ତି ନାହିଁ । ସୁଭଦ୍ରା ବିଗ୍ରହ ଜଗନ୍ନାଥଙ୍କ ଅପେକ୍ଷା ଅର୍ବାଚୀନ କି ? ଏ ସବୁ ଏତେ ପରସ୍ପର ବିରୋଧୀ ଜଟିଳ ତତ୍ତ୍ୱ ଯେ, ଏହାର ବିଚାର ଆଶୁ ସମାହିତ ହେବା ଦରକାର । ଗବେଷକମାନଙ୍କର ଏ ଦିଗରେ କର୍ତ୍ତବ୍ୟ ଅଛି ବୋଲି ମନେ ହୁଏ ।

## ଦାରୁବ୍ରହ୍ମଙ୍କର ଉଦ୍ଧାର କଳ୍ପନା

ପୋଥିରେ ଏହିରୂପେ ଅଛି–"ଏହା ବୋଲିବା ମାତ୍ରେ ପିତା ପୁତ୍ର ଦୁହେଁ ଚଳିଗଲେ । ବାଙ୍କୀମୁହାଣରେ ଯାଇ ହୋଇଲେ । ତିନିଧାର ହୋଇ ଯାଉଅଛି ନୀର (ଅପୂର୍ବ କବିତ୍ୱ! ) ତ୍ରିବେଣୀ ଛାଙ୍କରେ ଲାଗିଛି ଦାରୁବ୍ରହ୍ମ । ଏହା ଦେଖି ଶବର ପାଟଡୋର ନାଭିକଟିରେ ଭିଡିଲା । ଆଉ ଡୋର ବେନି ଭୁଜେ ନିବାରିଲା (ପ୍ରଭୁଙ୍କର ପହଣ୍ଡି ବିଜେ ବେଳେ ଏ ଦୃଶ୍ୟ ନୟନ ମନ ହରା!) ବାରଘରିଆ ଶବର ସମସ୍ତେ ଚଳିଗଲେ । ଅନେକେ ଓଟାରନ୍ତେ ଦାରୁବ୍ରହ୍ମ ନ ଚଳନ୍ତି । ବସୁ ଶବର ଯେ ଲେଖି ପତ୍ରାବଳୀ ଦେଲେ । ଢଗମୁଦ ଦେଇ ଶତ୍ରୁ ସହ ଶବର ଚଳିଲେ । ବୀର ବିକ୍ରମାଦିତ୍ୟ ରାଜାଙ୍କ ହାତରେ ଦେଲେ । ପାଠକରି କପିଳେଶ୍ୱର ଦେବ, ତିଲେଶ୍ୱର ଦେବ, ମାର୍କଣ୍ଡ, ପ୍ରତାପରୁଦ୍ର ଏ ଚାରିଭାଇଙ୍କ ବତ୍ସ ଗୋତ୍ର । ବନମାଳୀ ମହାପାତ୍ର, ବନମାଳୀ ପଣ୍ଡାଙ୍କୁ ବସୁ ଶବର ଶତ୍ରୁସହ ଶବରଠାକୁ ଯାଅ ବୋଲି ଘଣ୍ଟ ଆଳତୀ ଦେଇ ତାଳମୃଦଙ୍ଗ ଅନେକ ଉପହାରମାନ ଦେଇ ପଠାଇ ବାଙ୍କୀ ମୁହାଣରେ ଦାରୁ ଦେଖି ମଧୁ ପ୍ରଦୀପ ଆଳତୀ ଦେଇ ଭୋଗ ବଢ଼ାନ୍ତେ ଦାରୁବ୍ରହ୍ମ ବାଙ୍କୀ ମୁହାଣରୁ ଖସିଲେ । ତେଣୁ ଅନେକ ଗୋଡ଼ରୁ (ସୁରୁ– ଓଜନ) କରିବାରୁ ବଡ଼ପଣ୍ଡା ଅନେକ ଦୁଃଖିତ ହୋଇ ଦାରୁବ୍ରହ୍ମ ଧ୍ୟାଇ ଅଷ୍ଟାକ୍ଷର କଣନି ପଢନ୍ତି । ଦାରୁବ୍ରହ୍ମ ଆଜ୍ଞା କରନ୍ତେ, ଏହିମତେ ନେଇ ନପାରିବ । ପାଟ ଚିମୁଟା କରି ବସୁ ଶବର ଯେବେ ନେବେ, ତେବେ ମୁଁ ଯିବି । ବୋଇନ୍ତେ ବଡପଣ୍ଡା ପତ୍ର ଲେଖି ବୀରବିକ୍ରମ ମାଡିଠାକୁ ପଠାଇବାରୁ ବସୁଶବର ପାଟ ଚିମୁଟା ଧରି ଏଣ୍ଡରି ଭାଇ ଅନେକ ସମ୍ଭର୍ଦ୍ଧନରେ (ସମ୍ବର୍ଦ୍ଧନରେ) ଜଗନ୍ନାଥ ପୁରୀ ବାଙ୍କୀ ମୁହାଣକୁ ଆଣିଲେ । ବସୁ ଶବର କରେ ପାଟ ଚିମୁଟା ଦେଲେ । ଶ୍ରୀଅଙ୍ଗ ସେବକ ବୋଲି ନାମ ଦେଲେ । ବଡଦେଉଳ ପରିଛା ବୋଲି ନାମ ଦେଲେ । ବସୁ ଶବର ଅଙ୍ଗ ଶୋଧିଲେ ? ଶବରମାନେ ଆନନ୍ଦ ହୋଇ ଦାରୁବ୍ରହ୍ମଙ୍କୁ ମୁଣ୍ଡି- ଆଇ ଏଥକୁ ବେଦ ଗାୟତ୍ରୀ ମନ୍ତ୍ରପଢି ଏଥକୁ ମନ୍ତ୍ର:——

ଓଁ ଶବର ଶୁଭ କାରଣ
ଶ୍ରୀ ରାସପ୍ରିୟ କାରକ
ସୌରୀ ଦେବୀ ପୁତ୍ରସ୍ୟ
ବ୍ରହ୍ମ ଜାନାଧ୍ୟକ୍ଷ——

ଏ ସମସ୍ତ ବୋଲି ମୁଣ୍ଡରେ ବୁହାଇନ୍ୟନ୍ତେ ଫୁଲପାଗ ପରି ଉଲ୍ଲାସ ହେଲେ । ତହିଁକି ବେଦ ବାକ୍ୟରେ ଢୋଲ, ଝମା, ଟମକ, ଶୃଙ୍ଗ ନାଦରେ ଅପସରୀ ନାଟ ହରି କୀର୍ତ୍ତନ ପ୍ରଦୀପମାଳ ଆନତି ସମୟରେ ବଡ ଦେଉଳ ଯୋଗ ମୋହନ (ଜଗମୋହନ) ଠାକୁ ଆଣି ହୋମ ଯଜ୍ଞ ଦାନ ପୁଣ୍ୟ ଦେଇ କୈବଲ୍ୟ ଭୁଞ୍ଜାଇଲେ । ବସୁ ଶବରର ପୁଅ ଶତ୍ରୁସହ ଶବରକୁ ବାରଘରିଆକୁ ସମର୍ପଣ କରାଇ ବିମଳାଙ୍କ ଦେଉଳ ପରିଚ୍ଛାଶାଢୀ ଦେଇ ଏ ବାରଘରିଆକୁ ମୁହାଜି ପଟାଲେଖି ଦେଇ ଶଙ୍ଖଚକ୍ର ଚିହ୍ନ ଦେଲେ ।[୨]

ଏହା କଅଣ ଶ୍ରୀ ବିଗ୍ରହମାନଙ୍କର ପହଣ୍ଡି ବିଜୟର ପୂର୍ବ ପରଂପରାଗତ କାରଣ ? ଅବିକଳ ତ ପହଣ୍ଡି ବିଜେର ଚିତ୍ର ଦିଆଯାଇଛି ଏଥିରେ !

## ବାଙ୍କୀ ଓ ଚକ୍ରତୀର୍ଥର ନାମକରଣ

ସେ ମୁହାଣ ନାଁ ବାଙ୍କୀ କାହିଁକି ହେଲା ? ଚକ୍ରତୀର୍ଥର ନାମକରଣ ଏପରି କାହିଁକି ? ଏଥିରେ ଶବର ସଂସ୍କୃତିର ଉପାଦାନ ରହିଛି କି ? ମନେ ହେଉଛି ଯେପରି ସାମଗ୍ରିକ ଜଗନ୍ନାଥ ଧ୍ୟାନ କେବଳ ଶାବରୀୟ, ବନଗିରି ଝରଣାର ସ୍ନିଗ୍ଧ ଶାନ୍ତ ଶବରୀ–ସଂପ୍ରୀତି ।

ଶବରମାନଙ୍କର ଧାରଣା ଯେ ମହେନ୍ଦ୍ର ଗିରିରେ ଜାରାଶବର ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କଲା ଏବଂ ଶ୍ରୀକୃଷ୍ଣ ଅର୍ଜୁନଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ମୃତ୍ୟୁ ପୂର୍ବରୁ କେବଳ ଜାରାଶବରକୁ ତାଙ୍କ ଶବ ସଂସ୍କାର ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଜାରାଶବର ପାରିଲା ନାହିଁ । ନାଭିକମଳଟି ଅଦଗ୍ଧ ଅବସ୍ଥାରେ ରହିଗଲା । ଅଗତ୍ୟା ମହେନ୍ଦ୍ର ତନୟା ନଦୀରେ ସେ ଭସାଇ ଦେଲା । ଏହି ନାଭିକମଳଟି, ମୁହଁ ବଙ୍କାକରି ଭାସି ଭାସି ଯାଉଥିବାରୁ ତାହା ଯେଉଁ ସ୍ଥାନରେ ଲାଗିଲା, ତାହା ହେଲା ବାଙ୍କୀ ମୁହାଣ । ଚକ୍ରତୀର୍ଥର ନାମ ହେଉ ଏଇ କାରଣରୁ ଯେ ସେ ସ୍ଥାନରେ ଶ୍ରୀକୃଷ୍ଣ ଚକ୍ରରେ ନକ୍ରକୁ ମାରି ଗଜକୁ ଉଦ୍ଧାର କରିଥିଲେ । ଏକଥା ଶବର ଜାତି ବିଶ୍ୱାସ କରେ ।

ଏତେ କଥା ଶବରମାନେ କଲେ, ଜଗନ୍ନାଥ ତତ୍ତ୍ୱରେ ଏମାନଙ୍କର ଏତେ ଅବଦାନ, ଅଥଚ ସେମାନେ ଆଜି ଅପାଙ୍‌କ୍ତେୟ ବର୍ଷକରେ ନଅଦିନ ପାଇଁ ଗୋଟାଏ ପତିତପାବନ ଝାମଝିଆଲି ନାଁ ଧରି ପ୍ରଭୁ ରଥରେ ବିଜେ ହୋଇ ପୁରୀ ସହର ପରିକ୍ରମା କରି କେଉଁଠି ଦାସିଆ ବାଉରୀ, କେଉଁଠି ଭକ୍ତ ସାଲବେଗ, କେଉଁଠି ବଳରାମ ଦାସଙ୍କୁ ତ୍ରାଣକରି, ଶ୍ରୀଲକ୍ଷ୍ମୀଙ୍କ ଠାରୁ ଭର୍ତ୍ସନା ଖାଇ ପୁଣି ଆନୁଗତ୍ୟ ଦେଖାଇ ଶ୍ରୀମନ୍ଦିରକୁ ବାହୁଡିବାର ଚିନ୍ତାବଳୀରେ, କଅଣ ଏ ଦେବତା ବର୍ଷକରେ ନବଦିନ ବ୍ୟାପି "ପତିତପାବନ" ହେଲେ ନା ସର୍ବକାଳୀନ ଏ ଦେବତା ପତିତ ଉଦ୍ଧାରରେ ବ୍ୟସ୍ତ ରହିଲେ ? ମନକୁ ଛୁଉଁନାହିଁ ଏକଥା, ଯେମିତି ମନକୁ ଛୁଉଁନାଇଁ ସମନ୍ୱୟବାଦର କଥା ।

## ସମନ୍ୱୟ ବାଦ

ଜଗନ୍ନାଥ ସଂସ୍କୃତି ସବୁଠାରେ ପରିଚୟ ଦେଇଛି ଯେ ଏହା ସମନ୍ୱୟ ସାଧକ, ସମନ୍ୱୟ ବାର୍ତ୍ତା ପରିପ୍ରକାଶକ । ସର୍ବଧର୍ମର ନିର୍ଯ୍ୟାସ ଜଗନ୍ନାଥ ଦାରୁବ୍ରହ୍ମରେ ନିବଦ୍ଧ । ବିଶ୍ୱତୋମୁଖୀ ଏ ମହାମନ୍ତ୍ର, ବିଭେଦଶୂନ୍ୟ, ଜାତି ବର୍ଣ୍ଣହୀନ, କେବଳ ମାନବର କଲ୍ୟାଣ କାମୀ ଏ ସମନ୍ୱୟ ଚିନ୍ତାଧାରା କାର୍ଯ୍ୟ–କାରଣ ସଂପର୍କରେ ଶ୍ରୀମନ୍ଦିର ବେଢା ବା ପୁରୀ ସହରର ବକ୍ଷ ଉପରେ ଆଚରିତ ହେଉଛି କି ?

କିଏ କହେ ବୈଷ୍ଣବ ମିଶିଯାଇଛି ଏ ବିଗ୍ରହ ସହିତ ? ଜୈନ, ବୌଦ୍ଧ, ତାନ୍ତ୍ରୀକ, ଗାଣପତ୍ୟ, ସେପରି ସବୁ ବିଗ୍ରହର ଆତ୍ମସ୍ଥ ଭାବଲୀୟମାନ ହୋଇଛି ଜଗନ୍ନାଥ ବିଗ୍ରହରେ ? ପ୍ରମାଣ ମିଳେ କି ?

ତେବେ କାହିଁକି ଅସବର୍ଣ୍ଣ ଅସ୍ପୃଶ୍ୟ, ସେହି ଯେ ଆଦିମ ଆଦିବାସୀ ଯାହାଙ୍କର ଦେବତାଙ୍କୁ ଆର୍ଯ୍ୟମାନେ, ବ୍ରାହ୍ମଣମାନେ, ସମାଜର ତଥା କଥିତ ଉଚ୍ଚଶ୍ରେଣୀର ଲୋକେ ନେଇ ଆସି ଏକ ଅଧିଷ୍ଠାନ ଗଢି, ଆଟୋପ ସମାରୋହରେ ଉଦ୍‌ଭାସିତ କରି ରଖି ସେମାନଙ୍କୁ ସ୍ପର୍ଶାନ ଅନ୍ତ୍ୟଜ କହି ଶ୍ରୀମନ୍ଦିର ଭିତରକୁ ଦେବ ଦର୍ଶନ ପାଇଁ ବାଧା ଦେଲେ ? ମୁକ୍ତିମଣ୍ଡପର ବିଦ୍ୱାନମାନେ ବୋଧହୁଏ ମୁମୁକ୍ଷୁତ୍ୱ ପ୍ରାପ୍ତ, ହୋଇ ଯାଇଥିବାରୁ ଅନ୍ୟମାନେ ଆଉ କେହି ମୁକ୍ତି ନ ହୁଅନ୍ତୁ ଭାବି ଏ ବିଗ୍ରହ ଉପସ୍ଥାପନା କଲେ । ବହୁ ସାଧନ ପୂଜନ ଓ ବ୍ରତାଚରଣରେ ବିଶିଷ୍ଟ ଆର୍ଯ୍ୟଙ୍କଠାରୁ ଆହୁରି ଉଦାର ଅନ୍ୟ ଭାଷାଭାଷୀ ଶ୍ୱେତାଙ୍ଗ ଶ୍ୱେତାଙ୍ଗିନୀ ଯେଉଁମାନେ ବୈଷ୍ଣବୀୟ ନମ୍ରତା ଓ ଭକ୍ତିବାଦରେ ଅବଗାହକ, ନିୟନ୍ତ୍ରିତ ଧର୍ମଜୀବନ ପରିବାହକ ଓ ସାଧୁତା ତଥା ଅଧ୍ୟାତ୍ମିକତାରେ ପରିପୂର୍ଣ୍ଣ ବ୍ୟକ୍ତି ପୁରୁଷ ସେମାନେ କାହିଁକି ଆକୁଳ ନୟନରେ ମନ୍ଦିର ଚୂଡାକୁ ଚାହିଁଥିବେ ଅଶ୍ରୁବର୍ଷଣକରି, ରତ୍ନସିଂହାସନରେ ବିରାଜମାନ ପ୍ରଭୁଙ୍କୁ ଦେଖିବେ ନାହିଁ ? ଆଉ ଅତି ଅଧଃପତିତ କର୍ମାଚରଣରେ ଲିପ୍ତ ଲୋକେ କିରୀଟୀ ଶ୍ରେଣିଠାରୁ ଆରମ୍ଭକରି ଦୁର୍ବ୍ୟବହାରରେ ଲିପ୍ତ ଅଙ୍ଗଲଗି ଲୋକେ ଶ୍ରୀମନ୍ଦିରର ଶୋଭାବର୍ଦ୍ଧନ କରୁଥିବେ ?

ଏହାର ଉତ୍ତର ଗୋଟିଏ–ଶାସ୍ତ୍ରୀୟ ପ୍ରମାଣ ନାହିଁ । କିଏ ଶାସ୍ତ୍ର ଲେଖିଛନ୍ତି ? ଏହାଙ୍କର ପୂର୍ବାତି ପୂର୍ବପୁରୁଷମାନେତ ? ଯଦି ଯବନ କବି ସାଲବେଗ ଶାସ୍ତ୍ର ଲେଖିଥାନ୍ତେ, ଯଦି ଅଛବ ଦାସିଆ ବାଉରୀ ଶାସ୍ତ୍ର ଲେଖିଥାନ୍ତେ, ଯଦି ବହୁ ତଥାକଥିତ ପତିତମାନେ ଶାସ୍ତ୍ର ସୃଷ୍ଟିକରିଥାନ୍ତେ, ସେ ସୃଷ୍ଟିର ନିୟମ ଓ ଅନୁଶାସନ ଭିନ୍ନ ହୋଇଥାନ୍ତା । ହାୟ, ତାହା ସମ୍ଭବ ନୁହେଁ ।

## ଉତ୍ସବ ସତ, ମାତ୍ର ଆତ୍ମାର ସମର୍ଥନ ନାହିଁ

ଶ୍ରୀ ଗୁଣ୍ଡିଚା ଯାତ୍ରା ଏକ ଉତ୍ସବ, ଲୋକ ସମାଗମ, ବଡଦାଣ୍ଡ ଉପରେ ଠାକୁରମାନଙ୍କର ରଥାରୂଢ ମୂର୍ତ୍ତୀ, ଗଜପତିଙ୍କର ରଥମାର୍ଜନା

ସେବା, ତ୍ରିମୂର୍ତ୍ତିର ପହଣ୍ଡି ବିଜେ, ସବୁ ଦୃଶ୍ୟ ରୋମାଞ୍ଚକର, ବିପୁଳତାରେ, ବିରାଟତ୍ୱରେ ଜନଗଣ ମନରେ ହବଧ୍ ଭାବ ସଞ୍ଚାରୀ ହେଲେ, ସେ ଶବରମାନେ ଗଲେ କୁଆଡେ, ସେ ପତିତ-ମାନେ ଯାହାଙ୍କ ଉଦ୍ଧାରଣ ପାଇଁ ଶ୍ରୀଜଗନ୍ନାଥ ଏ ବୌଦ୍ଧ ଅବତାର ଏ ବୈଷ୍ଣବ ଅବତାର, ଏ ଦୀନ ଅବତାର, ସେହି ସାଧାରଣ ଜନତା ଠେଲା ପେଲାରେ ମୂର୍ଚ୍ଛିତ, କ୍ଷତ ବିକ୍ଷତ ।

ଏ ଭିନ୍ନତା, ଏ ସ୍ପୃଶ୍ୟ ଅସ୍ପୃଶ୍ୟ ଚେତନା ଚର୍ମଗତ, କୁଳଗତ, ବଂଶଗତ, ବର୍ଣ୍ଣଗତ ଓ ବୃତ୍ତିଗତ ଉଚ୍ଚନୀଚ ଭେଦରେ ଆଜି ଜଗନ୍ନାଥ ସଂସ୍କୃତିର ସମନ୍ୱୟ ସାଧନାର ଲବମାତ୍ର ସୁଗନ୍ଧି ମହୋଦଧିର କଲ୍ଲୋଳରେ ବିଚ୍ଛୁରିତ ହେଉଛି କି ? ଯଦି ହେଉ ନଥାଏ ଯଦି ସାମ୍ୟ ମୈତ୍ରୀର ରୂପକାର ଶ୍ରୀଜଗନ୍ନାଥ କେବଳ ଦାରୁବ୍ରହ୍ମ, ତେବେ ନିଜ ଅନ୍ତରର ସାମ୍ୟ, ସମନ୍ୱୟ, ସମସ୍ତ ବିଶ୍ୱକୁ ସ୍ୱାଙ୍ଗୀକୃତ ଅବସ୍ଥାରେ ଏକ କରି ନେବାର ପ୍ରୟାସ ଏବେ ବି କାହାର କାହାର ଅଧିଗତ ଅଛି । ଏବେବି ଉତ୍ସୁକ ନୀରବରେ ଆତ୍ମୋପଲବ୍ଧି କରି ଚାଲିଛନ୍ତି ନିର୍ବାଣ ପଥରେ । ସେମାନଙ୍କୁ ରଥଯାତ୍ରା ଦେଖାଅ କି ନ ଦେଖାଅ, ସେମାନେ ପ୍ରତିମୁହୂର୍ତ୍ତରେ ନିଜ ଶରୀରକୁ ରଥାଭି-ଷିକ୍ତ କରି ଚାଲିଛନ୍ତି ଜାତୀୟ ସଂହତି ଓ ସଂସ୍କୃତିକୁ ଅନୁସରଣ କରି । ସେହି ବ୍ରହ୍ମଜ୍ଞାନୀ ପତିତମାନଙ୍କୁ ମୁଁ ଏହି ପବିତ୍ର ତିଥିରେ ସଶ୍ରଦ୍ଧ ନମସ୍କାର କରୁଛି ।



# ସର୍ବେ ଭବନ୍ତୁ ସୁଖୀନଃ

ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ

ମନ୍ଦିର ମସ୍‌ଜିଦ୍ ଗୀର୍ଜା ଅଥବା ବିହାର
ଦେଶେ ଦେଶେ କେତେ ନାମ ରହିଛି ତାହାର

"ଦେଶକେ ଫାଙ୍କ୍ ନଈକେ ବାଙ୍କ୍" ଜଣାଶୁଣା
ନିତି ନୂଆ ରୂପ ଘେନି ଏ ଧରା ପୁରୁଣା ।

ନିତି ଭାଙ୍ଗି ନିତି ଗଢ଼େ ମାନବ ସନ୍ତାନ
ଧନ୍ୟ ତା'ର କରାମତି ଧନ୍ୟ ତା'ର ଦାନ

କାଳେ କାଳେ ଲୋଡ଼େ ନୂଆ ପୁରୁଣା ଉପରେ
ଅବାକ୍ ଆଶ୍ଚର୍ଯ୍ୟ କେତେ ନିଜ ଦେଖନ୍ତରେ ।

କେତେ ବାଦ ଭେଦ ଛିଦ୍ର ଜାତି ଭାଷା ଧରମ ଫାଙ୍କରେ
ଦୁଇଗୋଟା ବିଶ୍ୱଯୁଦ୍ଧ ଏକ ମାତ୍ର ଶତାବ୍ଦୀ ଭିତରେ !!

ମିଳଇ ପରମ ଶିକ୍ଷା ତହୁଁ ପୁଣି ଜାଗ୍ରତ ଚେତନା
ସବୁ ଜାତି ଧର୍ମ ଆଣେ ଜୀବନର କଠୋର ସାଧନା ।

ସବୁ ଜାତି ଧର୍ମ ଭାଷା ଭେଦକୁ ସେ କରି ପରିହାର
ଆଣିଦିଏ ମଣିଷକୁ ଆଜି ସୁମହାନ ଉପହାର

ଜାଳଇ ଆଲୋକ ଶିଖା ଧରଣୀର ସକଳ ପ୍ରାନ୍ତରେ
ଉତ୍ତର ଦକ୍ଷିଣ ମେରୁ ଦୋହଲଇ ଆଶ୍ଚର୍ଯ୍ୟ ମନ୍ତ୍ରରେ ।

ସେ ମନ୍ତ୍ରର ଲକ୍ଷ୍ୟ ହେଲ—ଏକ ବିଶ୍ୱ ଏକ ମାତ୍ର ମାନବ ସମାଜ
ସବୁଧର୍ମ ଜାତି ଭାଷା ହୋଇଯାଚ୍ଛି ଏକମାତ୍ର ଅଖଣ୍ଡିତ ଆଜ

ନୋହିଲେ ମଣିଷ ବଂଶ
ସମୂଳେ ହୋଇବ ଧ୍ୱଂସ

ଧ୍ୱଂସ ହେବ ସବୁଜୀବ—
ଭଜିବ ଜଗତ

ଏହି ସତ୍ୟ ଘୋଷେ ପରା
ଆକାଶ ପବନ ଧରା

କୋରାନ୍ ଓ ବାଇବଲ୍
ବେଦ ପୁଣି ଗୀତା, ଭାଗବତ ।

ରାମ ଓ ରହିମ୍, କୃଷ୍ଣ ଓ କରିମ୍ ସେହି ଏକ ଭଗବାନଙ୍କର ବିଭିନ୍ନ ରୂପ । ଖୋଦା ଯଦି ମସ୍‌ଜିଦ୍‌ରେ ଅଛନ୍ତି, ତାହାହେଲେ ବାକି ଜଗତଟା କାହାର ? ଏବଂ ତୀର୍ଥ ସ୍ଥାନରେ ମୂର୍ତ୍ତି ମଧ୍ୟରେ ଯଦି ରାମ ଅଛନ୍ତି, ତାହାହେଲେ ତୀର୍ଥ ବାହାରେ ଥିବା ଜଗତ୍‌କୁ ଦେଖୁଛି କିଏ ? ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ସନ୍ଥ କବୀର ଭାରତର ଧର୍ମାନ୍ଧ ବ୍ୟକ୍ତିମାନଙ୍କୁ ଏହା ପଚାରିଥିଲେ । ସେହିପରି ଷୋଡ଼ଶ ଶତାବ୍ଦୀର ସନ୍ଥକବି ଦାଦୁ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ—ହିନ୍ଦୁ ମୁସଲମାନ ଦୁଇଟି ହାତ । ସେହି ଦୁଇ ହାତ ଏକତ୍ର ଅଞ୍ଜଳିବଦ୍ଧ ନ ହେଲେ, ଅମୃତ ରସ ପାନ କରାଯିବ କିପରି ? ଏବେ କବି ନଜରୁଲଙ୍କ କଣ୍ଠରୁ ଆମେ ସେହି କଥାର ପ୍ରତିଧ୍ୱନି ଶୁଣିଲୁ—ଗୋଟିଏ ବୃନ୍ତରେ ଦୁଇଟି କୁସୁମ ହିନ୍ଦୁ ମୁସଲମାନ ।

ଆଜିକାଲି ଅନେକ ଅବହିତ ନୁହଁନ୍ତି ସିନା, କିନ୍ତୁ ଭାରତରେ ସାଂପ୍ରଦାୟିକ ମୈତ୍ରୀ ଓ ସଂହତିର ଏକ ଦୀର୍ଘ ପରଂପରା ରହିଛି । ଖ୍ୱାଜା ମୋଇନୁଦ୍ଦିନ୍ ଚିସ୍ତୀ ପ୍ରମୁଖ ସୁଫୀ ସନ୍ଥଗଣ, କବୀର, ଗୁରୁ ନାନକ, ଦାଦୁ ପ୍ରମୁଖ ସାଧୁ ସନ୍ଥମାନେ ମୁଖ୍ୟତଃ ଏହି ପରଂପରା ସୃଷ୍ଟିରେ ପ୍ରାଥମିକ ଅବସ୍ଥାରେ ଯଥେଷ୍ଟ ସହାୟତା କରିଥିଲେ ।

ଓଡ଼ିଶା ମୂଳରୁ ସେହି ମହନୀୟ ପରଂପରାଠାରୁ ଦୂରରେ ନ ଥିଲା । ସନ୍ଥ କବୀର ଓ ଗୁରୁ ନାନକ ଉଭୟେ ପୁରୀ ଆସିଥିବାର ଜଣା ପଡ଼େ । ଯବନ ହରିଦାସ ମଧ୍ୟ ପୁରୀରେ ଶେଷ ଜୀବନ କଟାଇଥିବାର କଥିତ ହୁଏ । ବଙ୍ଗଳାରେ ଯେତେବେଳେ ସୁଲତାନ ହୁସେନ ସାହାଙ୍କ ଶାସନ ପ୍ରବର୍ତ୍ତିତ ଥିଲା, ସେତିକିବେଳେ ସେ ଇସ୍‌ଲାମ ଧର୍ମ ତ୍ୟାଗ କରି ହିନ୍ଦୁ

# ସାଂପ୍ରଦାୟିକ ମୈତ୍ରୀର ସାରଥି

ଡକ୍ଟର କୃଷ୍ଣଚରଣ ବେହେରା

(ବୈଷ୍ଣବ) ଧର୍ମ ଗ୍ରହଣ କରିଥିଲେ । କାଜୀଙ୍କ ପରାମର୍ଶ କ୍ରମେ ହୁସେନ୍ ସାହା ତାଙ୍କୁ ଧରି ନେଇ ଇସ୍‌ଲାମ୍ ଧର୍ମ ତ୍ୟାଗ କରିବାର କାରଣ ପଚାରିଲାରୁ ସେ ଉତ୍ତର ଦେଇଥିଲେ—ସମସ୍ତଙ୍କ ଈଶ୍ୱର ସମାନ । ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ନାମମାତ୍ର ଭେଦ ରହିଛି । କୋରାନ ଓ ପୁରାଣରେ ପରମାର୍ଥ ଏକ ଓ ଅଭିନ୍ନ ।

ପୁରୁଷୋତ୍ତମ ପୁରୀ ସେତେବେଳେ ସର୍ବଭାରତୀୟ ତୀର୍ଥ ଭାବରେ ସୁପରିଚିତ ଥିବାରୁ ସେଠାକୁ ଏହି ସାଧୁ ସନ୍ଥ ମାନେ ଆସି ଯେଉଁ ଧର୍ମୀୟ ଉଦାରତା ଓ ସହନଶୀଳତା ପ୍ରଚାର କରିଥିଲେ, ତାହାର ପ୍ରଭାବ ନିଶ୍ଚୟ ଓଡ଼ିଶାବାସୀଙ୍କ ଉପରେ ପଡ଼ିଥିଲା । ୧୫୬୮ ମସିହାରୁ ୧୭୫୧ ମସିହା ଯାଏ ପ୍ରାୟ ଦୁଇଶହ ବର୍ଷ କାଳ ଓଡ଼ିଶାର ମୁଖ୍ୟତଃ ଉପକୂଳବର୍ତ୍ତୀ ଅଞ୍ଚଳରେ ମୁସଲମାନ ଶାସନ ପ୍ରଚଳିତ ଥିଲା । ଏହି ସମୟ ମଧ୍ୟରେ ଏଠାରେ ସାଂପ୍ରଦାୟିକ ମୈତ୍ରୀ ପ୍ରୀତି ପ୍ରଚାର କରିବାର ବିଶେଷ ଆବଶ୍ୟକତା ଥିଲା । ବହିରାଗତ ସାଧୁସନ୍ଥଙ୍କ ବ୍ୟତୀତ ଓଡ଼ିଶାର କେତେକ ଦୂରଦ୍ରଷ୍ଟା ଚିନ୍ତା ସାଧକ ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରେ ସପ୍ତଦଶ ଶତାବ୍ଦୀ ଆଦ୍ୟ ଭାଗର ଭକ୍ତକବି ସାଲବେଗ୍ ଅନ୍ୟତମ ।

ସାଲବେଗଙ୍କ ଜୀବନ-ଇତିହାସ ବଡ଼ ନାଟକୀୟ ଓ ବୈଚିତ୍ର୍ୟ ପୂର୍ଣ୍ଣ । 'ବେଗ୍' ଏକ ତୁର୍କୀ ଶବ୍ଦ ; ଏହା ସଂଭ୍ରାନ୍ତ ବ୍ୟକ୍ତିମାନଙ୍କର ଉପାଧି ବିଶେଷ । ତାଙ୍କର ପିତା ଲାଲବେଗ୍ ମୋଗଲ ଶାସନ ଅଧୀନରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଥିବାର ଜଣାପଡ଼େ । ସେ ଜଣେ ଯୋଦ୍ଧା ଥିଲେ ଏବଂ ମନେ ପ୍ରାଣେ ବଡ଼ ବିଶ୍ୱସ୍ତ ଭାବରେ ଇସଲାମ ଧର୍ମାଚରଣ କରୁଥିଲେ । ତାଙ୍କରି ଔରସରୁ ଜନ୍ମଲାଭ କରିଥିବାରୁ ସାଲବେଗ୍ ମୂଳତଃ ଥିଲେ ମୁସଲମାନ । କିନ୍ତୁ ତାଙ୍କର ମାତା ଥିଲେ ପୁରୀ ଜିଲ୍ଲା ଦାଣ୍ଡମୁକୁନ୍ଦପୁରର ଜଣେ ହିନ୍ଦୁ ମହିଳା । ତେଣୁ ଜନ୍ମ ସୂତ୍ରରୁ ସାଲବେଗ୍ ହିନ୍ଦୁ-ମୁସଲମାନ ସମନ୍ୱିତ ସଂସ୍କୃତିର ଦାୟାଦ ଥିଲେ । ସନ୍ଥ କବି ନିଜେ ଘୋଷଣା କରିଛନ୍ତି :—

ମାତା ତେଜ୍ୟା ପିତା ତେଜ୍ୟା ଆଉର ତେଜ୍ୟା ଭାଇ
ସକଳ କୁଟୁମ୍ବ ତେଜ୍ୟା କରି ଗୋବିନ୍ଦରେ ଧ୍ୟାୟି ॥

ପିତା ମୋ ମୋଗଲ ବେଟା ମାତା ମୋ ବ୍ରାହ୍ମଣୀ
ହୀନ କୁଳେ ଜାତ ମୁହିଁ ହିନ୍ଦୁ ନ ଛୁଏଁ ପାଣି ॥

ନିଲମ୍ ଘୋଡ଼ା ବାଙ୍କେ ଜୁଡ଼ା ଶିରରେ ପାଗୁଡ଼ି
ଏହି ରୂପେ ସାଲବେଗ୍ ଭୂମିରେ ଯାଂନ୍ତି ଗଡ଼ି ॥

କବି ରାମଦାସଙ୍କ 'ଦାର୍ଢ୍ୟତା ଭକ୍ତି ରସାମୃତ' ତଥା କେତେକ କିମ୍ବଦନ୍ତୀରୁ ଜଣାପଡ଼େ ଯେ—ସାଲବେଗ୍ ଯୌବନାବସ୍ଥାରେ ସେନାବାହିନୀରେ ଯୋଗ ଦେଇଥିଲେ । ଥରେ ଯୁଦ୍ଧରେ ଅସ୍ତ୍ରାଘାତରେ ସେ ଶଯ୍ୟାଶାୟୀ ହେଲେ; ତାଙ୍କର କ୍ଷତ ସହଜରେ ଭଲ ହେଲା ନାହିଁ । ମାଆଙ୍କ ପରାମର୍ଶରେ ସେ ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କର ଶରଣାପନ୍ନ ହେଲେ । ବୈଷ୍ଣବ ଦୃଷ୍ଟିକୋଣରୁ ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥ ଅଭିନ୍ନ । କବି ସାଲବେଗ୍ ମଧ୍ୟ ନିଜର କେତେକ ରଚନାରେ କୃଷ୍ଣ-ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ବର୍ଣ୍ଣନା କରିଛନ୍ତି । ଯାହା ହେଉ, ଏହି ଦେବତାଙ୍କ କୃପାରୁ ଆରୋଗ୍ୟ ଲାଭ କରିଛନ୍ତି ବୋଲି ତାଙ୍କର ବିଶ୍ୱାସ ଜନ୍ମିଲା । ତହୁଁ ସେ ସନ୍ନ୍ୟାସ ଅବଲମ୍ବନ କଲେ ଏବଂ ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ଭଜନ ପୂଜନରେ ଜୀବନ ବିତାଇ ଦେଲେ ।

ଏହି ଅବସ୍ଥାରେ ସାଲବେଗ୍‌ଙ୍କ ହୃଦୟରେ କବିତ୍ୱର ସ୍ଫୁରଣ ଘଟିଥିଲା । ଶ୍ରୀକୃଷ୍ଣ ଓ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସେ ବହୁ ପ୍ରାଣସ୍ପର୍ଶୀ ଭଜନ-ଜଣାଣ ରଚନା କରିଥିଲେ । ଶେଷ ଜୀବନରେ ସେ ମଧ୍ୟ କିଛି ବ୍ରହ୍ମଜ୍ଞାନ ବା ଶରୀରଭେଦ ଭଜନ ଲେଖିଥିବାର ଜଣା ପଡ଼େ । ଭକ୍ତି ଭାବ ବା ଧର୍ମୀୟ ଆବେଗ ମଣିଷ ଚିତ୍ତ ବୃତ୍ତିର ଏକ ମହନୀୟ ବିଭାବ । ଏହାକୁ ନେଇ ଖ୍ରୀଷ୍ଟିୟାନ୍ ଇଉରୋପରେ ଉଚ୍ଚକୋଟୀର କବିତା ଲେଖା ହୋଇ ନାହିଁ ବୋଲି ସମାଲୋଚକଙ୍କର ମତ । (୧୯୪୦ ମସିହାରେ ପ୍ରକାଶିତ ( **Oxford Book of Christian Verse** ) ଗ୍ରନ୍ଥର ଲର୍ଡ ଡେଫଭିଡ୍ ସେସିଲ୍‌ଙ୍କ ଦ୍ୱାରା ଲିଖିତ ମୁଖବନ୍ଧ ଦ୍ରଷ୍ଟବ୍ୟ । କିନ୍ତୁ ଭାରତବର୍ଷରେ ଆମେ ଏହାର ବିପରୀତ କଥା ଲକ୍ଷ୍ୟ କରିବା । ଭକ୍ତିଭାବକୁ ନେଇ ଏଠାରେ ଯୁଗେ ଯୁଗେ ବିଭିନ୍ନ ଭାଷାରେ ବହୁ ଉତ୍କୃଷ୍ଟ କାବ୍ୟ-କବିତା ରଚିତ ହୋଇଛି । ଭକ୍ତ କବି ନାନା ବିଚିତ୍ର ଭଙ୍ଗୀରେ ଆତ୍ମପ୍ରକାଶ କରିଛନ୍ତି । ଧର୍ମୀୟ ସାହିତ୍ୟରେ । ସଂସ୍କୃତ ଅଳଙ୍କାର-ସାହିତ୍ୟରେ ନବ ରସ ମଧ୍ୟରେ ଶାନ୍ତ ରସ, ଯାହାର ସ୍ଥାୟୀ ଭାବ ହେଉଛି ଶାନ୍ତି । ସ୍ଥାନ ଲାଭ କରିଛି—ପରମାତ୍ମା-ବିଶ୍ୱାସ କିମ୍ବା ସଂସାରର ନଶ୍ୱରତା-ଜ୍ଞାନକୁ ଅବଲମ୍ବନ କରି ତାହାର ଉଦ୍ରେକ ହୋଇଥାଏ । ସେହି ଐତିହ୍ୟଶାସିତ ଭାରତୀୟ ପରିବେଶରେ ଭକ୍ତ ସାଲବେଗ୍ ଓଡ଼ିଆ ଭାଷାରେ ଅପୂର୍ବ ଭକ୍ତି ସାହିତ୍ୟ ସୃଷ୍ଟି କରିଯାଇଛନ୍ତି । ଭାବର ଗଭୀରତା, ନିଷ୍କପଟତା ଏବଂ ପ୍ରକାଶ ଭଙ୍ଗୀର ସାରଲ୍ୟ, ସାବଲୀଳତା ହେତୁ ତାଙ୍କର ଭଜନ-ଜଣାଣ ସମୂହ ଓଡ଼ିଶାରେ ଅଦ୍ୟାପି ଜନପ୍ରିୟ ହୋଇ ରହିଛି ।

ଶ୍ରୀକ୍ଷେତ୍ର ଓ ଶ୍ରୀ ମନ୍ଦିର ବର୍ଣ୍ଣନା କବି ସାଲବେଗ୍‌ଙ୍କ ଲେଖନୀରେ ବେଶ୍ ଜୀବନ୍ତ ହୋଇ ଉଠିଛି ।—

ରାମହରି, ପ୍ରଭୁ ବିଜେ କରିଅଛ ନୀଳଗିରି ହେ ।
ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରବାସୀ ଭାଗ୍ୟ ଥିଲେ ସାଧୁ ସଙ୍ଗେ ମିଶି
ସର୍ବ ଜନମାନେ କ୍ଷେତ୍ରରେ ପ୍ରବେଶ ଗତିମୁକ୍ତି ଘେନି ପୁରବାସୀ ॥
ବଡ଼ ଦାଣ୍ଡେ ହେଲେ ପରବେଶ ରେଣୁ ଧୂଳିରେ ପୂରିଲା ଗ୍ରାସ
ଦାଣ୍ଡରେ ବସିଛି କୈବଲ୍ୟ ପସରା ଟଙ୍କ ତୋରାଣିରେ ମନ ତୋଷ ॥
ସିଂହଦ୍ୱାରଠାରେ ବେତବାଡ଼ି ବାଜିଲେ ପାତକ ଯାଏ ଛାଡ଼ି
ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମିତ୍ତ ସାଧୁଜନମାନେ ଠେଲା ଠେଲି ॥

* * * *

ସନ୍ଧ୍ୟା ସୁନ୍ଦର ବଡ଼ଦାଣ୍ଡ ନବକୋଟି ଲୋକ ତହିଁ ଭୁଣ୍ଡ
ଦର୍ଶନ ମାତ୍ରକେ ପାପ କ୍ଷୟ ଯିବ ପାପାଧି ପାତକି ହୋଇ ଖଣ୍ଡ ॥
ସିଂହଦ୍ୱାର ଆଗେ ତିନି ରଥ ଯାତ ପତନୀରେ ମଣ୍ଡି ନେତ
ଆଗେ ବଳଭଦ୍ର ମଧ୍ୟରେ ସୁଭଦ୍ରା ପଛେ ବିଜେ କଲେ ଜଗନ୍ନାଥ ॥
କହେ ସାଲବେଗ ମୂଢ଼ମତି ରାଧାକୃଷ୍ଣ ପାଦେ ଦେଇ ମତି
ଜନ୍ମେ ଜନ୍ମେ ମୋତେ ଏହି ଆଜ୍ଞା ହେଉ ରକ୍ଷାକର ବାରେ ଲକ୍ଷ୍ମୀପତି ॥

"ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ" କିମ୍ବା "ଆହେ ନୀଳଗିରି, ତୁମ୍ଭ ଶ୍ରୀଭୁଜେ ଦୟଣା କେରି କେରି" ଭଳି କେତେକ ସୁପରିଚିତ ଭଜନ କବିଙ୍କ ଜଗନ୍ନାଥପ୍ରାଣତାର ଯେପରି ପ୍ରକୃଷ୍ଟ ନିଦର୍ଶନ, ସେହିପରି ତାଙ୍କର ସ୍ୱତସ୍ଫୂର୍ତ୍ତ କବିତ୍ୱର ପରିଚାୟକ । ଏଠାରେ ସେହିପରି ଉତ୍କୃଷ୍ଟ କବିତାର ଅନ୍ୟ ଏକ ଉଦାହରଣ ଦିଆଯାଉଛି—

କାଳିଆ ଧନ, ତୋ ଲଗି ଯାଉ ଏ ଜୀବନ
ବାରେ ନଦେଲୁ ଦରଶନ ।।
କାଳିଆ କାଳିଆ ତ୍ରିପଣ୍ଡ କାଳିଆ ପିନ୍ଧିଛି ଝୀନ ପଟନି
କାଳିଆ ଅଙ୍ଗରୁ ବହେ ଶ୍ରମଝାଳ କାଳିନ୍ଦୀ ନଦୀର ପାଣି ।।

*　　*　　*　　*

ସେପାଖେ ଚତୁରା ଏପାଖେ ଚତୁରୀ ମଝିରେ ଗୁଣ୍ଡରାମାଳ
ଶ୍ରୀଜଗନ୍ନାଥଙ୍କ ଶ୍ରୀପାଦେ ଶରଣ କହେ ସାଲବେଗ ହୀନ ।।

ହିନ୍ଦୀ, ବଙ୍ଗଳା, ବ୍ରଜବୋଲି ଭାଷାରେ ମଧ୍ୟ କବି ସାଲବେଗ କିଛି ଭଜନ-ଜଣାଣ ରଚନା କରିଥିବାର ଦେଖାଯାଏ । ପଣ୍ଡିତ ନୀଳମଣି ମିଶ୍ରଙ୍କ ସଂକଳିତ 'ଭକ୍ତକବି ସାଲବେଗ: ଜୀବନୀ ଓ ଭଜନାବଳୀ' (୧୯୭୬) ଗ୍ରନ୍ଥରେ ତାହାର କେତେକ ଉଦାହରଣ ଦିଆଯାଇଛି ।

ଶ୍ରୀକୃଷ୍ଣଙ୍କ ଲୀଳାସ୍ଥଳୀ ବୃନ୍ଦାବନ ଦର୍ଶନ ପାଇଁ ଭକ୍ତକବି ସାଲବେଗଙ୍କଠାରେ ବଳବତୀ କାମନା ପ୍ରକାଶ ପାଇଥିଲା । "ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ, ଦର୍ଶନ କରିବି ଯାଇ ଶ୍ରୀମଧୁସୂଦନ" ରଚନାଟିରୁ ତାହା ଜଣାପଡ଼େ ବୃନ୍ଦାବନ ଧାମକୁ ସେ ପଦଯାତ୍ରାରେ ଯାଇଥିବାର କଥିତ ହୁଏ । କବିଙ୍କର କେତେକ ଶ୍ରୀକୃଷ୍ଣ ଭଜନ ଓ ଶ୍ରୀକୃଷ୍ଣ-ଲୀଳା ବର୍ଣ୍ଣନାରୁ ତାହା ମଧ୍ୟ ପ୍ରତିପାଦିତ ହୋଇଥାଏ । ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ବର୍ଣ୍ଣନାରେ ତାଙ୍କର ଏକ କବିତା ବେଶ୍ ରସୋତ୍ତୀର୍ଣ୍ଣ ହୋଇଛି—

ସୁନା ପୁଅ ନାଚଇ ରେ, ଖାଇବ ଲବଣୀ ସର
ନାହିଁ ନାହିଁ ବୋଲି ଶ୍ରୀମୁଖ ହଲାଇ କହନ୍ତି କରୁଣାକର ।।
ସୁନା ତାଟିଆରେ ଗୋଟିକା ଅଧାମ ସାଟିନି ନବାତ କ୍ଷୀର
ଖାଅ ବୋଲି ମାୟେ ସରପୁଳି ନେଇ ଦିଅନ୍ତି ଗଙ୍ଗା ଅଧର ।।
ଏମନ୍ତ ସମୟେ ସର୍ବ ଗୋପୀ ଯାଇ ମିଳିଲେ ନନ୍ଦ-ମନ୍ଦିର
ତାହାଙ୍କୁ ଅନାଇ ଯଶୋଦେ ବୋଲନ୍ତି କୃଷ୍ଣ ମୋ ବଡ଼ ସୁନ୍ଦର ।।

*　　*　　*　　*

ଯଶୋଦା ବୋଲନ୍ତି ଶୁଣ ଲୋ ଯୁବତୀ କାହ୍ନୁ ନାଗରଙ୍କ ବର
କହେ ସାଲବେଗ କୃଷ୍ଣରେ ଶରଣ ପାଦକୁ ପାଦ ଅନ୍ତର ।।

ମୁସଲମାନ ହୋଇ ସାଲବେଗ ହିନ୍ଦୁ ଦେବତାଙ୍କର ଭଜନ-ପୂଜନ କରିବା କଥାଟା ସେତେବେଳେ ଅନେକେ ହୁଏତ ପ୍ରଥମେ ପ୍ରଥମେ ପସନ୍ଦ କରି ନ ଥିଲେ । ତାହାର ସୂଚନା ଭକ୍ତକବିଙ୍କର କେତେକ ଭଜନରେ ଅତ୍ରତତ୍ର ପରିଲକ୍ଷିତ ହୁଏ । କବି ମଧ୍ୟ ସେଥିପାଇଁ ନିଜକୁ ବରାବର 'ହୀନ ଜାତି', 'ଯବନ', 'ମୂଢ଼ମତି' ଇତ୍ୟାଦି କହି ଅତି ସଙ୍କୋଚରେ ରହିଥିଲେ । କାଳକ୍ରମେ ତାଙ୍କର ନିଷ୍ପାପର ଭକ୍ତି ଓ ଜୀବନ-ଚର୍ଯ୍ୟାରେ ମହାନୁଭବତା ଲକ୍ଷ୍ୟ କରି ଏବଂ ତାଙ୍କର ହୃଦୟସ୍ପର୍ଶୀ ଅମୃତମୟ ଭଜନ-ଜଣାଣ ଶୁଣି ହିନ୍ଦୁ ତଥା ମୁସଲମାନ ଉଭୟ ସଂପ୍ରଦାୟର ଲୋକେ ତାଙ୍କ ପ୍ରତି ସନହଶୀଳ ହୋଇ ଉଠିଥିଲେ । ତାଙ୍କର ସୁଲଳିତ ଭଜନ-ଜଣାଣ ଓଡ଼ିଶାବାସୀ ଶ୍ରଦ୍ଧାରେ ସଂଗ୍ରହ କରି ବରାବର ଭାବବିହ୍ୱଳ ଚିତ୍ତରେ ଗାନ କରୁଥିବା ଏହାର ପ୍ରମାଣ ।

ପୁରୀ ବଡ଼ଦାଣ୍ଡ ଉପରେ ରାମାନନ୍ଦ ସଂପ୍ରଦାୟର ବଳଗଣ୍ଡିଛତା ମଠ ନିକଟରେ ଭକ୍ତକବି ସାଲବେଗଙ୍କ ସମାଧୀପୀଠ ବିଦ୍ୟମାନ । ପରେ ସେଠାରେ ଏକ ସ୍ମୃତି ମନ୍ଦିର ନିର୍ମିତ ହୋଇଛି । ସାଂପ୍ରଦାୟିକ ମୈତ୍ରୀର ପ୍ରାଥମିକ ସ୍ତରର ସେହି

ସାର୍ଥକ ସାରଥି କବି ସାଲବେଗଙ୍କ ସମାଧି ଓ ସ୍ମୃତିମନ୍ଦିର ଏବେ ସୁଦ୍ଧା ହିନ୍ଦୁ-ମୁସଲମାନଙ୍କର ପବିତ୍ର ପୀଠରୂପେ ଗୃହୀତ ହୋଇ ରହିଛି । ଏବେ ସୁଦ୍ଧା ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ସେଠାରେ ଭକ୍ତକବିଙ୍କର ମହତ୍ତ୍ୱ ଉଦ୍‌ଘୋଷଣା ପାଇଁ ଅଟକି ରହୁଛି । ଏ ସଂପର୍କରେ ପ୍ରଚଳିତ ଥିବା କିମ୍ବଦନ୍ତୀ ହେଉଛି—ବୃନ୍ଦାବନ ଦର୍ଶନ ପରେ ସାଲବେଗ ଠାକୁରଙ୍କର ଗୁଣ୍ଡିଚାଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ରକୁ ଆସୁଥିଲେ । ପଥ ମଧ୍ୟରେ ବିଳମ୍ବ ହେତୁ ବାହୁଡ଼ାଯାତ୍ରା ସୁଦ୍ଧା ପୁରୀରେ ପହଞ୍ଚି ନପାରିବାର ଆଶଙ୍କା ହେବାରୁ ସେ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ । ଫଳରେ ବଳଗଣ୍ଡି ନିକଟରେ ବଡ଼ଦାଣ୍ଡ ଉପରେ ନନ୍ଦିଘୋଷ ରଥ ଅଟକି ରହିଲା । ଭକ୍ତକବି ସାଲବେଗ ପୁରୀରେ ପହଞ୍ଚି ଶ୍ରୀଜଗନ୍ନାଥଙ୍କୁ ରଥରେ ଦର୍ଶନ କଲାପରେ ନନ୍ଦିଘୋଷ ଶ୍ରୀମନ୍ଦିର ଅଭିମୁଖେ ଗତି କରିଥିଲା । ତାପରେ ଭକ୍ତକବି ସେହି ବଳଗଣ୍ଡିଠାରେ ଅବସ୍ଥାନକରି ଶ୍ରୀଜଗନ୍ନାଥଙ୍କ ଭଜନ-ପୂଜନରେ ଶେଷ ଜୀବନ ଅତିବାହିତ କରିଥିଲେ ।

ରିଡ଼ର—ଓଡ଼ିଆ ବିଭାଗ
ସରକାରୀ କଲେଜ, ଫୁଲବାଣୀ




କଟକ ବାରବାଟୀ ଷ୍ଟାଡ଼ିଅମ୍‌ରେ ଅନୁଷ୍ଠିତ ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ସମ୍ମେଳନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ।

# ଯୀଶୁ ଓ ଜଗନ୍ନାଥ: ସଂହତିର ସାଂସ୍କୃତିକ ସେତୁ

ଡକ୍ଟର ଉମେଶ ପଣ୍ଡା

ପ୍ରକୃତରେ ପ୍ରଭୁ ଯୀଶୁ କ'ଣ ଜଣେ ଐତିହାସିକ ପୁରୁଷ ଥିଲେ ? ଯଦି ଥିଲେ, ତେବେ ସେ କ'ଣ ଭାରତକୁ ଆସିଥିଲେ କି ? କୃଷ୍ଣ ଓ ବୁଦ୍ଧଙ୍କ ଚରିତ୍ର ଓ ଉପଦେଶ ସହ ସେ ପରିଚିତ ଥିଲେ ନା ସେ ଦୁଇ ଚରିତ୍ରର ସମିଶ୍ରଣରେ ତାଙ୍କ ଚରିତ ଲିଖିତ ହୋଇଥିଲା ତାହା ବିଚାର୍ଯ୍ୟ । ତାଙ୍କ ଚରିତ୍ର ସହ ହରିବଂଶ, ବିଷ୍ଣୁ ପୁରାଣ ଓ ଭାଗବତରେ ଥିବା ସାମଞ୍ଜସ୍ୟ ଏବଂ ତାଙ୍କ ଉପଦେଶ ସହ ବୌଦ୍ଧ ଧର୍ମପଦରେ ଥିବା ସାଦୃଶ୍ୟ ଆମକୁ ସନ୍ଦେହୀ କରିଦିଏ । ଯେହେତୁ ବହୁ ସାମଞ୍ଜସ୍ୟ ବହୁ ସନ୍ଦେହର ଜନ୍ମ ଦେଇଥାଏ । ଏହି ସାମଞ୍ଜସ୍ୟଗୁଡ଼ିକୁ ଖୁବ୍ ନିକଟରୁ ଦେଖିବା ପୂର୍ବରୁ ପାଲିଷ୍ଟାନ ଓ ହିନ୍ଦୁସ୍ଥାନ ମଧ୍ୟରେ ଥିବା ଐତିହାସିକ ସେତୁ ସହ ଆମର ପରିଚୟ ହେବା ଏକାନ୍ତ ଆବଶ୍ୟକ ।

କୁହାଯାଏ ସେଣ୍ଟ ଥମାସ୍ ୭୮ ଖ୍ରୀଷ୍ଟାବ୍ଦରେ ଭାରତ ଭ୍ରମଣ କରି କୃଷ୍ଣଙ୍କ ଜୀବନୀ ନୋଟ କରି ନେଇଥିଲେ । ଯେଉଁ ଆଧାର ଉପରେ ଖ୍ରୀଷ୍ଟଙ୍କ ବିଭିନ୍ନ ସୁସମାଚାର ଲେଖାହେଲା । ଏହା ସତ୍ୟ ନା ମିଥ୍ୟା ତାହା ବିବାଦମାନ ବିଷୟ । ଆଉ କେତେକ ବିଦ୍ୱାନଙ୍କ ମତରେ ମହାଭାରତ ଯୁଦ୍ଧ ପରେ ପରେ ଯେଉଁ ଭାରତୀୟମାନେ ସେହି ଯୁଦ୍ଧର ଲୋମହର୍ଷକ ଓ ହୃଦୟ ବିଦାରକ ଦୃଶ୍ୟ ଦେଖିଥିଲେ ସେମାନେ ଭାରତ ଛାଡ଼ି ମିଶର ଓ ସିରିଆ ଆଦି ଅଞ୍ଚଳରେ ବାସ କରିବାକୁ ଚାଲିଗଲେ । ଏତଦ୍‌ବ୍ୟତୀତ ଯାଦବଗଣ ଶ୍ରୀକୃଷ୍ଣଙ୍କ ମୃତ୍ୟୁ ପରେ ପରେ ଗୃହ ଯୁଦ୍ଧରେ ବ୍ୟତିବ୍ୟସ୍ତ ହୋଇ କ୍ରମାନ୍ୱୟରେ ମିଶର, ମେସୋପୋଟାମିଆ ଓ ସିରିଆ ଆଦି ସ୍ଥାନରେ ବାସ କରିବାକୁ ଲାଗିଲେ । ସେମାନେ ନିଜ ସହିତ ସ୍ମୃତିଗାଥା, କୃଷ୍ଣ ଚରିତ ଆଦି ନେଇ ଯାଇଥିଲେ । ତା'ପରେ କାଳକ୍ରମେ ବୌଦ୍ଧଧର୍ମ ମଧ୍ୟ ସେହି ଅଞ୍ଚଳରେ ବିସ୍ତାରଲାଭ କଲା । କୃଷ୍ଣ ଓ ବୁଦ୍ଧଙ୍କ ଚରିତ୍ର ଓ ଉପଦେଶ ଆଧାର ଉପରେ ଖ୍ରୀଷ୍ଟଧର୍ମର ଜନ୍ମ ହେଲା ।

ଏହି ପ୍ରଚଳିତ ମତଗୁଡ଼ିକରେ ସତ୍ୟ ଥାଇପାରେ କିମ୍ବା ଏହା ମିଥ୍ୟା ହୋଇ ପାରେ । ଏହାର କାରଣ ଯେ ଦୁଇଟି ଧର୍ମ ମଧ୍ୟରେ ଥିବା ବହୁ ସାଦୃଶ୍ୟ ତାହା ଅସ୍ୱୀକାର କରାଯାଇ ପାରିବ ନାହିଁ । ଯଦି କୌଣସି ବ୍ୟକ୍ତି ଖ୍ରୀଷ୍ଟ ଓ କୃଷ୍ଣଙ୍କ ନାମ ମଧ୍ୟରେ ଏକ ଶାବ୍ଦିକ ସାମଞ୍ଜସ୍ୟ ଦେଖି ହିବ୍ରୁ ମୂଳ ଶବ୍ଦ "ମଶୀହ"ର ଗ୍ରୀକ୍ ଅନୁବାଦ ଭାବରେ 'ଖ୍ରୀଷ୍ଟ'ଙ୍କ ତୁଳନା କରେ ତେବେ ଆମେ କ'ଣ କରି ପାରିବୁ ? ସେହିପରି "ଯାଦବ" ଶବ୍ଦ ସହ "ଜ୍ୟୁ", "ଯଦୁବଂଶ" ସହ "ଜୁଡ଼ା", "କ୍ଷ୍ୱାନ୍" ସହ "ଗାଉଲ", "ଅହୀର" ସହ "ଇବ୍ରାନୀ" ଓ "ପୁରୁବଂଶୀ" ସହ "ଫାରୁସୀ" ଶବ୍ଦର ଏତେ ସନ୍ନିକଟ ସାମଞ୍ଜସ୍ୟ ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ପଣ୍ଡିତ ରଘୁନନ୍ଦନ ଶର୍ମା 'ବୈଦିକ ସଂପତ୍ତି"ରେ ଯବନ ଶବ୍ଦରୁ "ଜିଉ" ଶବ୍ଦ ଆସିଛି କହିବାକୁ ଯାଇ ସଂସ୍କୃତର ଗୋଟିଏ ବାକ୍ୟାଂଶ ଉଦ୍ଧାର କରି କହନ୍ତି : ନୃପାକାଶେ ସରସ୍ୱତ୍ୟାଂ ପିଶାଚେ ଯବନେଅପି ଚ" । ଅର୍ଥାତ୍ "ଜ୍ୟୁ" ଶବ୍ଦ "ଜବନ" ଶବ୍ଦର ଅପଭ୍ରଂଶ ମାତ୍ର ।

ବେଦ ବର୍ଣ୍ଣିତ ଏକ ବୃକ୍ଷରେ ଦୁଇଟି ପକ୍ଷୀ ବସିଥିବା ଏବଂ ଗୋଟିଏ ପକ୍ଷୀ ଫଳ ଖାଉଥିବା ଏବଂ ଅନ୍ୟଟି ସାକ୍ଷୀରୂପେ ଦେଖୁଥିବାର ଆଳଙ୍କାରିକ ବର୍ଣ୍ଣନା କି ପ୍ରକାର ଯେ ଯାହୁଦୀ ଶାସ୍ତ୍ରକୁ ଚାଲିଗଲା ତାହା ବିଚାର୍ଯ୍ୟ । ଆଦମ୍ ଯେପର୍ଯ୍ୟନ୍ତ ଫଳ ନ ଖାଇଛି ସେ ଭଲରେ ରହିଛି, ଯେଉଁ ଦିନ ସେ ଫଳ ଖାଇଲା, ସେ ଦିନଠାରୁ ସେ ପଥଭ୍ରଷ୍ଟ ହେବା କଥା ବେଦର ଆଳଙ୍କାରିକ ବର୍ଣ୍ଣନାର ଯେ ଏକ ନବ ରୂପ, ଏହା କିପରି ଅସ୍ୱୀକାର କରାଯାଇ ପାରିବ ?

ପ୍ରାଚ୍ୟଦେଶ ବା ହିନ୍ଦୁସ୍ଥାନ ଯେ ଖ୍ରୀଷ୍ଟିୟ ଜଗତ ପାଇଁ ଅଜ୍ଞାତ ଥିଲା ତାହା ତ କୁହାଯାଇ ପାରିବ ନାହିଁ । ବାଇବଲର ଇଷ୍ଟର ଗ୍ରନ୍ଥରେ ଏବଂ ଅଷ୍ଟପର୍ବ ନବମ ବାକ୍ୟରେ ପାରସ୍ୟର ରାଜାଙ୍କ ସାମ୍ରାଜ୍ୟ ଯେ ହିନ୍ଦୁସ୍ଥାନଠାରୁ କୁଶଦେଶ ପର୍ଯ୍ୟନ୍ତ ଏକଶତ ସତାଇଶ ପ୍ରଦେଶ ଉପରେ ଥିଲା ତାହା ଉଲ୍ଲେଖ କରାଯିବା ସଙ୍ଗେ ସଙ୍ଗେ ଏହା ମଧ୍ୟ କୁହାଯାଇଥିଲା ଯେ ଏ ବିଭିନ୍ନ ଦେଶଗୁଡ଼ିକରେ ବିଭିନ୍ନ ପ୍ରକାର ଭାଷାର ପ୍ରଚଳନ ମଧ୍ୟ ଥିଲା । "ହୋଦୁ" ଶବ୍ଦଟି ପାରସୀୟ "ହିନ୍ଦୁ" ଶବ୍ଦ ମାଧ୍ୟମରେହିଁ ସେମିଟିକ ଭାଷାଗୁଡ଼ିକୁ ପହଞ୍ଚିଥିଲା ବୋଲି ଏଣ୍ଟ୍ ସି. ସିନୋପ୍ "ଇଣ୍ଡିଆ" ଶୀର୍ଷକ ଶବ୍ଦଟିରେ "ଫଙ୍କ ଏଣ୍ଡ ଓ୍ୟାଗନର ନରଷ୍ଟାଣ୍ଡାର୍ଡ ଡିକସନେରୀ"ରେ ମତ ଦିଅନ୍ତି । ବାଇବଲରେ ହିନ୍ଦୁସ୍ଥାନ ବ୍ୟତୀତ ଆଉ ଯେଉଁ ଶବ୍ଦଟି ହିନ୍ଦୁସ୍ଥାନ ଉଦ୍ଦେଶ୍ୟରେ ଆସେ ତା'ହେଲା ପ୍ରାଚ୍ୟ ଦେଶ । ଯଦିଓ ଏହା ଅନେକ ସ୍ଥଳରେ ସୂର୍ଯ୍ୟ ଉଦୟ, ସମ୍ମୁଖ ବା ପୂର୍ବ ଅର୍ଥରେ ବ୍ୟବହୃତ ହୋଇଛି ତଥାପି ଏହା ଯେ ଅନେକ ସ୍ଥଳରେ ଭାରତକୁ ହିଁ ବୁଝାଇଥାଏ ଏପରି ଏକ ତଥ୍ୟ ଆଦି ପୁସ୍ତକ (29:1) ରୁ ମିଳିବ । ଅନନ୍ତର ଯାକୁବ ଯାତ୍ରାରେ ଅଗ୍ରସର ହୋଇ ପୂର୍ବଦିଗସ୍ଥ ଲୋକଙ୍କ ଦେଶରେ ଉପସ୍ଥିତ ହେଲେ"।

ମହାଭାରତରେ ବର୍ଣ୍ଣିତ ବାଳକୃଷ୍ଣ ଓ ଶ୍ୱେତଦ୍ୱୀପ ଗମନ ବିଷୟକ ଆଖ୍ୟାୟିକାରୁ ଜଣାପଡ଼େ ଯେ ଯୀଶୁଙ୍କ ପୂର୍ବରୁ ଭାରତ ସହ ତିନୋଟି ପଥ ସଂଯୁକ୍ତ ଥିଲା । ନିକୋଲ ମେକ୍‌ନିକୋଲ୍ ତାଙ୍କ ପ୍ରସିଦ୍ଧ ପୁସ୍ତକ "ଦି ରିଲିଜିଅସ୍ କ୍ୱେଷ୍ଟ ଅଫ୍ ଇଣ୍ଡିଆ : ଇଣ୍ଡିଆନ୍ ଥେଇଜିମ୍ ଫ୍ରମ୍ ଦ ବେଦିକ୍ ଟୁ ଦି ମହମଡ଼ିଆନ୍ ପିରିଅଡ଼"ରେ ଏହି ତିନୋଟି ପଥ ସଂପର୍କରେ କହନ୍ତି ..

। ୧ । ଇଜିପ୍ଟ ଓ ଆଲେକ୍‌ଜାଣ୍ଡିଆଠାରୁ

। ୨ । ପରସିଆନ୍ ଉପକୂଳରୁ

। ୩ । ମଧ୍ୟ ଏସିଆରୁ

ଏ ପ୍ରକାର ଭାରତସହ ପଥ ଓ ଭାରତଠାରୁ ପଥ ଉନ୍ମୁକ୍ତ ଥିଲା । ଏପଥ ଦେଇ ଲୋକେ ଆସୁଥିଲେ ଏବଂ ଏଠାରୁ ଯାଉଥିଲେ । ଐତିହାସିକ ଏ. ଭି. ସିମାଙ୍କ ମତରେ ମିଶ୍ରରେ ଖ୍ରୀଷ୍ଟପୂର୍ବ 285—247ରେ, ଆଫ୍ରିକାରେ ଖ୍ରୀଷ୍ଟପୂର୍ବ 354—258ରେ, ମେସିଡ଼ୋନିଆରେ ଖ୍ରୀଷ୍ଟପୂର୍ବ 277—235ରେ ବୌଦ୍ଧ ଭିକ୍ଷୁମାନଙ୍କଦ୍ୱାରା ବୁଦ୍ଧଧର୍ମ ପ୍ରଚାର ହୋଇଥିଲା । ଐତିହାସିକ ମହାଫି ଖ୍ରୀଷ୍ଟପୂର୍ବ 209ରେ ବୌଦ୍ଧ ପ୍ରଚାରକଗଣ ସିରିଆ ଯିବାକଥା ଲେଖନ୍ତି । ୟାହୁଦୀ ଐତିହାସିକ ଫିଲୋଙ୍କ ଅନୁସାରେ ଇଜିପଟର ମଠଗୁଡ଼ିକରେ ସବୁଧର୍ମର ଲୋକେ ବାସକରୁଥିଲେ । ପୂର୍ବଦେଶୀୟ କୃଷ୍ଣଭକ୍ତ ଚିତପାବନ ବ୍ରାହ୍ମଣମାନେ ମଧ୍ୟ ସେମାନଙ୍କ ମଧ୍ୟରୁ ଅନ୍ୟତମ । କୃଷ୍ଣଙ୍କ ଚରିତ୍ର ଏବଂ ବୁଦ୍ଧଙ୍କ ଜାତକ ଓ ଉପଦେଶର ପ୍ରଭାବ ଯେ ଖ୍ରୀଷ୍ଟଙ୍କଉପରେ ପଡ଼ିନଥିବ ତାହା କିଏ କହିବ ? ଏହିସବୁ କାରଣରୁ ତ କୁହାଯାଉଛି ଯେ ଯୀଶୁ ଭାରତରେ ଅଜ୍ଞାତବାସ କରିଥିଲେ । ଜେରୁଶାଲମରୁ ଭାରତ ବର୍ଷକୁ ସେ କିପରି ଆସିଥିବେ ? ଏହା ଅବିଶ୍ୱାସନୀୟ କହିବା ସମୟରେ ଜାଣିବା ଉଚିତ ଯେ ଖ୍ରୀଷ୍ଟଙ୍କ ବହୁବର୍ଷ ପୂର୍ବରୁ ପ୍ଳେଟୋ ମଧ୍ୟ ଭାରତକୁ ବିଦ୍ୟାଶିକ୍ଷା ଉଦ୍ଦେଶ୍ୟରେ ଆସିଥିଲେ । ଉଇଲ-ଡୁରାଣ୍ଟ ତାଙ୍କ "ଷ୍ଟୋରୀ ଅଫ୍ ଫିଲୋସଫୀ"ରେ କହନ୍ତି ଯେ ପ୍ଳେଟୋ ସକ୍ରେଟିସଙ୍କ ପ୍ରାଣଦଣ୍ଡପରେ କେତେକ ବନ୍ଧୁଙ୍କସହ ଏଥେନ୍‌ସର ନିକଟବର୍ତ୍ତୀ ନଗରକୁ ପଳାଇଗଲେ । ଏହାପରେ ତାଙ୍କର ବାରବର୍ଷର ଇତିହାସ ଅଜ୍ଞାତ । ଯଦ୍ୟପି ଏ ସଂପର୍କରେ ଏହି ଅନୁଶ୍ରୁତ ପ୍ରସିଦ୍ଧି ଅଛି ଯେ ସେ ଏହି ସମୟରେ ଅନବରତ ଇଟାଲୀ, ଗ୍ରୀସ ଓ ମିଶର ବିଭିନ୍ନ ନଗରରେ ବୁଲୁଥିଲେ, ଏପରିକି ସେ ଭାରତର ଗଙ୍ଗାତଟ ପର୍ଯ୍ୟନ୍ତ ଯାତ୍ରା ମଧ୍ୟ କରିଥିଲେ । ପ୍ଳେଟୋ ଯଦି ଆସିବାରେ ପଥ କଣ୍ଟକାକୀର୍ଣ୍ଣ ହେଲନାହିଁ ଯୀଶୁଙ୍କ ଆସିବାରେ ଅସୁବିଧା କେଉଁଠି ?

ଭାରତସହ ପାଲେଷ୍ଟାଇନ୍ ଅଂଚଳର ଯେ ଯୋଗାଯୋଗ ଘନିଷ୍ଠ ଥିଲା ତା'ର କେତେକ ଐତିହାସିକ ତଥ୍ୟଦେବା ଆବଶ୍ୟକ । ସନ୍ଥ ମାଥିଉଙ୍କଠାରୁ ଆମେ ଜାଣିଛୁ ଯେ ପ୍ରାଚ୍ୟର ପଣ୍ଡିତମାନେ ଯୀଶୁଙ୍କ ଦର୍ଶନ କରିବା ପାଇଁ ଯାଇ ସୁନା, କୁନ୍ଦୁରୁ ଓ ଗନ୍ଧରସ ଦର୍ଶନୀରୂପେ ଦେଇଥିଲେ । ଐତିହାସିକ ପ୍ଲୁଟାର୍ଚ୍ଚଙ୍କ ଅନୁସାରେ ଲୋହିତସାଗର ଅତିକ୍ରମକରି ବୌଦ୍ଧଭିକ୍ଷୁମାନେ ଆଲେକ୍‌ଜେଣ୍ଡ୍ରିଆରେ ପହଞ୍ଚିଥିଲେ । ମହାରାଜ ଅଶୋକଙ୍କ ଗିରନାର ଶିଳାଲେଖରୁ ମଧ୍ୟ ଜଣାଯାଏ ଯେ ବୌଦ୍ଧ ପ୍ରଚାରକଗଣ ସିରିଆ ଆଦି ଦେଶକୁ ପ୍ରଚାରପାଇଁ ଯାଇଥିଲେ । ପ୍ରଥମ ଶତାବ୍ଦୀର ପ୍ରାରମ୍ଭରେ ଏସିଆବାସୀ କୁଶାଣଜାତି ଭାରତରେ ଅଧିପତ୍ୟ ବିସ୍ତାର କରିଥିଲେ । ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠରାଜା କନିଷ୍କ ଅଶୋକଙ୍କ ପ୍ରଦର୍ଶିତ ବୌଦ୍ଧ ଧର୍ମରେ ଦୀକ୍ଷିତହୋଇ ବୌଦ୍ଧ ଧର୍ମକୁ ଖ୍ରୀଷ୍ଟଧର୍ମ ଧର୍ମଭାବରେ ଘୋଷିତ କଲେ । ତତ୍‌କାଳୀନ ପ୍ରସିଦ୍ଧ ପଣ୍ଡିତ ବସୁମିତ୍ର, ନାଗାର୍ଜ୍ଜୁନ, ଅଶ୍ୱଘୋଷ ବୌଦ୍ଧଧର୍ମ ସହ ବେଦାନ୍ତ ଓ କପିଳଙ୍କ ଦର୍ଶନର ସମ୍ମିଶ୍ରଣରେ ମହାଯାନମତକୁ ସୁଦୃଢ଼ କଲେ ଯାହା ଗ୍ରୀକ୍ ଦର୍ଶନକୁ ମଧ୍ୟ ପରିପୁଷ୍ଟ କରିଥିଲା । ପ୍ରଥମ ଶତାବ୍ଦୀରେ ଏହା ସମଗ୍ର ଏସିଆରେ ପ୍ରଚାରିତ ହେଲା ଏବଂ ଦ୍ୱିତୀୟ ଶତାବ୍ଦୀରେ ବିରଚିତ ସୁସମାଚାର ଚତୁଷ୍ଟୟଯେ ଏହାର ପରବର୍ତ୍ତୀ ରଚନା ତାହା ତତ୍‌କାଳୀନ ଐତିହାସକ ଇରିନିଅସ, ଟରଟୁଲିଏନ୍ ଏବଂ କ୍ଳିମେଣ୍ଟ କହନ୍ତି ।

ପୁନଶ୍ଚ ପ୍ରଥମ ଶତାବ୍ଦୀର ପ୍ରସିଦ୍ଧ ରୋମାନ ଐତିହାସିକ ପ୍ଲିନୀ ଉଲ୍ଲେଖ କରନ୍ତି ଯେ ପାଲେଷ୍ଟାଇନ୍‌ରେ ଯୀଶୁଙ୍କ କେତେ ଶତାବ୍ଦୀ ପୂର୍ବରୁ ଏସେନୈସ୍ ନାମକ ଏକ ସଂପ୍ରଦାୟ ଥିଲା । ଏହି ସଂପ୍ରଦାୟର ସଂସ୍ଥାପକ ଥିଲେ ଏସୋ ବା ଏସିନ୍ । ମୃତ ସାଗରର ପଶ୍ଚିମତଟରେ ଏଙ୍ଗାଦୀ ନାମକ ନଗର ଏମାନଙ୍କ ପ୍ରଧାନ ମଠଥିଲା । ଆଧୁନିକ ଗବେଷକଙ୍କ ଦ୍ୱାରା ଏହା ପ୍ରମାଣିତ ହୋଇ ସାରିଛି ଯେ ଏହି ସଂପ୍ରଦାୟ ବୌଦ୍ଧ ଧର୍ମର ଏକ ଶାଖାଥିଲା । ଏଇ ସଂପ୍ରଦାୟ କାରଣରୁ ପରବର୍ତ୍ତୀ ଖ୍ରୀଷ୍ଟିୟାନ ଧର୍ମରେ ଉତ୍ତିଭାବର ପ୍ରଭାବ ପଡ଼ିଲା । ଏହା ଯେ ବାସ୍ତବରେ ସ୍ଥାନୀୟଭାଷା ଓ ପରଂପରା ସମିଶ୍ରିତ ବୌଦ୍ଧଧର୍ମ ଥିଲା ତାହା ଏବେ ଜଣା ପଡ଼ିଲା । ମିଶ୍ର ଦେଶରେ ମଧ୍ୟ ଏ ପ୍ରକାରର "ଥେରାପୋଟେ" ନାମକ ଏକ ସଂପ୍ରଦାୟ ଥିଲା । ଏ କଥା "ଲାଇଫ୍ ଅଫ୍ ଯୀସସ୍"ର ସୁପ୍ରସିଦ୍ଧ ବିଦ୍ୱାନ ପାଦ୍ରୀ ଅର୍ଣ୍ଣେଷ୍ଟ ରେନନ୍ ସ୍ୱୀକାର କରିବା ସଙ୍ଗେ ସଙ୍ଗେ କହନ୍ତି ଯେ ଏହା ଏସେନୈସ୍ ସଂପ୍ରଦାୟର ଏକ ଶାଖାରୂପେ କାର୍ଯ୍ୟ କରୁଥିଲା ଯାହାର ମୂଳଥିଲା ବୁଦ୍ଧଧର୍ମରେ । ଏପରିକି ଯୀଶୁଙ୍କୁ ଜଳଦୀକ୍ଷା ଦେଇଥିବା ସନ୍ଥ ଯୋହନ ମଧ୍ୟ ଏହି ସଂପ୍ରଦାୟର ସାଧୁ ଥିଲେ । ଏସେନୈସ୍ ସଂପ୍ରଦାୟର ଜଳଦୀକ୍ଷା ଯୋହନଙ୍କ ମାଧ୍ୟମରେ ଖ୍ରୀଷ୍ଟଧର୍ମକୁ ପ୍ରବେଶକଲା ଯାହା ବୌଦ୍ଧଧର୍ମର "ଅଭିଷେକ"ର ଅନ୍ୟସ୍ୱରୂପଥିଲା । ଅଭିଷେକ ସମୟରେ ବୌଦ୍ଧମାନେ ବୁଦ୍ଧ,ଧର୍ମ ଓ ସଂଘକୁ ସ୍ୱୀକାର କରିବାପରି ଖ୍ରୀଷ୍ଟଧର୍ମରେ ଏହା ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କୁ ସ୍ୱୀକାର କରିବାକଥା ନିର୍ଦ୍ଦେଶ ଦିଆଯାଇଛି । ଏସବୁ ଇତିହାସର ବିଷୟବସ୍ତୁ । ଏଥର ଆସନ୍ତୁ ଯୀଶୁଙ୍କ ଜୀବନ ଓ କାର୍ଯ୍ୟ ସହ କୃଷ୍ଣ ଓ ବୁଦ୍ଧଙ୍କ ଜୀବନ କାର୍ଯ୍ୟର ତୁଳନାତ୍ମକ ଅଧ୍ୟୟନ କରିବା । ସାମଞ୍ଜସ୍ୟ ଯେତେ ଘନିଷ୍ଠତର ହେଲେ ମଧ୍ୟ ଯୀଶୁଙ୍କ ଐତିହାସିକ ବ୍ୟକ୍ତିତ୍ୱକୁ ମୁଁ ବ୍ୟକ୍ତିଗତ ଭାବରେ ଅସ୍ୱୀକାର କରେନାହିଁ । ତେବେ ମୁଁ ଆଶ୍ଚର୍ଯ୍ୟ ନହୋଇ ରହିପାରେ ନା ଯେ କଥା ଓ କାର୍ଯ୍ୟରେ ଏଥିରେ ସମାନତା କିପରି ଆସୁଛି । ପ୍ରଥମରେ କୃଷ୍ଣଙ୍କସହ ଏହି ତୁଳନା ହେଉ ।

କୃଷ୍ଣ ଓ ଖ୍ରୀଷ୍ଟଙ୍କ ଜନ୍ମପୂର୍ବରୁ ତାଙ୍କ ଜନ୍ମହେବାର ଭାବବାଣୀ ହୋଇଛି ଯେ ଧର୍ମରକ୍ଷାପାଇଁ ସେ ସଂସାରରେ ଅବତୀର୍ଣ୍ଣ ହେବେ । ହରିବଂଶ ଓ ବିଷ୍ଣୁପୁରାଣରେ ବର୍ଣ୍ଣିତ ହୋଇଛି ଯେ କୃଷ୍ଣଙ୍କ ଜନ୍ମ ଅନ୍ଧାର ରାତ୍ରୀରେ ଅଷ୍ଟମ ତିଥିରେ ହୋଇଥିଲା । ତଦ୍ରୂପ ସେଣ୍ଟପଲଙ୍କ କେଲେଣ୍ଡର ଅନୁସାରେ ମରିୟମ ୫ ଡ଼ିସେମ୍ବରରେ ଗର୍ଭବତୀ ହେଲେ ଏବଂ ଆଠମାସପରେ ଅର୍ଥାତ୍ 7 ଅଗଷ୍ଟରେ ଯୀଶୁ ଜନ୍ମହେଲେ । [ଏଠି ମୁଁ କହି ରଖୁଛି ଯେ ଏ ତିଥି ସଂପର୍କରେ ଖ୍ରୀଷ୍ଟ ସଂପ୍ରଦାୟରେ ଅନେକ ମତପାର୍ଥକ୍ୟ ରହିଛି ଏଣୁ ଏହାକୁ ମାନିନେବାର କୌଣସି କାରଣ ନାହିଁ ।]

ପୁରୁଷାଙ୍କଠାରୁ କୃଷ୍ଣଙ୍କ ପର୍ଯ୍ୟନ୍ତ 43 ବଂଶଧର ଥିଲେ । [ଭାଗବତ ସ୍କନ୍ଧ ୨; ବିଷ୍ଣୁପୁରାଣ 4 :11—14] ଠିକ୍ ଏହାର ଅବିକଳ ବାଇବଲରେ ଅଭିରମ (ଅବ୍ରାହମ୍)ଙ୍କଠାରୁ ଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ 42 ପିଢ଼ିହୁଏ । ଆଦି ପୁସ୍ତକ କିମ୍ବା ମାଥିଉ ଲିଖିତ ସୁସମାଚାର ( 13 ) ଅନୁସାରେ : ଏହିପ୍ରକାର ସର୍ବସୁଦ୍ଧା ଅବ୍ରାହମ୍‌ଙ୍କଠାରୁ ଦାଉଦଙ୍କ ପର୍ଯ୍ୟନ୍ତ ଚଉଦପୁରୁଷ, ଆଉ ଦାଉଦଙ୍କଠାରୁ ବାବିଲୋନ ନିର୍ବାସନ ପର୍ଯ୍ୟନ୍ତ ଚଉଦ ପୁରୁଷ ପୁଣି ବାବିଲୋନ ନିର୍ବାସନଠାରୁ ଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ଚଉଦ ପୁରୁଷ । ଏଥିରେ ଭୁଲବଶତଃ ଯାକୁବ ଓ ଯିହୁଦାମଝିରେ ଚତୁର୍ଥ ପିଢ଼ିରେ ନହୁଷଙ୍କନାମ ଉଲ୍ଲେଖ କରାଯାଇ ନାହିଁ । ଏଣୁ ଏହା 43 ପତନହୋଇ 42 ହେଲା । ସେ ପ୍ରକାର ୫ମ ପିଢ଼ିରେ "ଯଦୁ" କୃଷ୍ଣଙ୍କ ପିଢ଼ିଥିଲା ତଦ୍ରୂପ ୫ମରେ ଯିହୁଦା ଖ୍ରୀଷ୍ଟଙ୍କ ପୂର୍ବ ପିଢ଼ିରେ ରହନ୍ତି ।

ଭାଗବତ (୧୦ : ୨ : ୧୭—୧୮) ରେ ଉଲ୍ଲେଖ ଅଛି ଭଗବାନ ବିଷ୍ଣୁ ସ୍ୱୟଂ ଦେବକୀଙ୍କ ଗର୍ଭରେ ଆସି କୃଷ୍ଣ ହୋଇ ଜନ୍ମ ନେଲେ । ବାଇବେଲରେ କୁହାଗଲା; ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆଚ୍ଛାଦିବ ; ଏଣୁ ଯେ ଜାତ ହେବେ ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ । (ଲୂକ୍ ୧ : ୩୫)

ଭାଗବତ (୧୦ : ୩ : ୨୯) ଲେଖନ୍ତି : ଦେବକୀ କହିଲେ—ସେ ପାପୀ କଂସକୁ ଏ କଥା ଜଣା ନ ପଡ଼ିବା କଥା ଯେ ତୁମ୍ଭର ଜନ୍ମ ମୋ ଗର୍ଭରେ ହୋଇଛି । ମୋର ଧୈର୍ଯ୍ୟ ଭାଙ୍ଗି ଯାଉଛି, ମୁଁ ଭୟ କରୁଛି । ସେ ପ୍ରକାର ଗର୍ଭବତୀ ମରିୟମ ଭୟଭୀତା ଥିବା କଥା ଲୂକ (୧ : ୩୦) ଲେଖନ୍ତି; ସେଥିରେ ଦୂତ ତାହାଙ୍କୁ କହିଲେ, ଆଗୋ ମରିୟମ, ଭୟ କରନାହିଁ ।

ଭାଗବତ (୧୦ : ୩ : ୫—୬) ରେ କୃଷ୍ଣଙ୍କ ଜନ୍ମ ପରେ ପରେ ଦେବତାଗଣ ଆନନ୍ଦୋତ୍ସବ କରିଥିବା କଥା ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି । ଏ କଥା ଲୂକ (୨ : ୧୩—୧୫) ଉଲ୍ଲେଖ କରନ୍ତି । ଅକସ୍ମାତ୍ ସେହି ଦୂତଙ୍କ ସାଙ୍ଗରେ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହତ୍ ଦଳ ଉପସ୍ଥିତ ହୋଇ ଈଶ୍ୱରଙ୍କ ସ୍ତବଗାନ କରୁଁ କରୁଁ କହିଛନ୍ତି ।—

ଊର୍ଦ୍ଧ୍ୱଲୋକରେ ଈଶ୍ୱରଙ୍କ ମହିମା,
ପୁଣି ମର୍ତ୍ତ୍ୟରେ ତାହାଙ୍କ ସନ୍ତୋଷ ପାତ୍ର
ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି ।

କଂସ ଭୟରେ କୃଷ୍ଣ ବାସୁଦେବଙ୍କ ପ୍ରାର୍ଥନା ଶୁଣି କହିଛନ୍ତି ମତେ ଗୋପନରେ ନନ୍ଦଘରେ ନେଇ ଛାଡ଼ି ଆସ । ମାଥିଉ (୨ : ୧୩ —୧୪) କହନ୍ତି: ପ୍ରଭୁଙ୍କ ଦୂତ ସ୍ୱପ୍ନରେ ଯୋସେଫ୍‌ଙ୍କୁ ଦର୍ଶନ ଦେଇ କହିଲେ, ଉଠ, ଶିଶୁ ଓ ତାହାଙ୍କ ମାତାଙ୍କୁ ଘେନି ମିଶରକୁ ପଳାଅ, ପୁଣି ଆମ୍ଭେ ତୁମ୍ଭକୁ ନ କହିବା ପର୍ଯ୍ୟନ୍ତ ସେଠାରେ ରୁହ । କାରଣ ଶିଶୁକୁ ବିନାଶ କରିବା ନିମନ୍ତେ ହେରୋଦ ତାହାଙ୍କୁ ଅନ୍ୱେଷଣ କରିବାକୁ ଉଦ୍ୟତ । କଂସ, ଦେବକୀପୁତ୍ର ଜନ୍ମ ହେବା ମାତ୍ରେ ଖୋଜି ଖୋଜି ସମସ୍ତ ଶିଶୁଙ୍କୁ ବଧ କରୁଥିଲେ । ସେଥିପାଇଁ ବସୁଦେବ (ଯୋସେଫ) ନନ୍ଦ ଘରେ କୃଷ୍ଣଙ୍କୁ (ଖ୍ରୀଷ୍ଟଙ୍କୁ) ଛାଡ଼ି ଆସିଲେ । ନନ୍ଦଘର ଓ ନାଜିରଥର ସାମଞ୍ଜସ୍ୟ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । କୃଷ୍ଣ ଜନ୍ମ ହୋଇଛନ୍ତି ଶୁଣି କଂସ ମଥୁରାର ଆଖ ପାଖରେ ଜନ୍ମ ନେଇଥିବା ସମସ୍ତ ଶିଶୁଙ୍କୁ ବଧ କଲେ । (ଭାଗବତ ୧୦ : ୭) ସେହିପରି ଅଳ୍ପ ବୟସ ଯେତେ ବାଳକ ଥିଲେ ବେଥଲିହମ୍ ଲୋକ ସେ (ହେରୋଦ) ସମସ୍ତଙ୍କୁ ବଧ କରାଇ ଥିଲେ । (ମାଥିଉ ୨ : ୧୬)

କୃଷ୍ଣଙ୍କ ଗୋବର୍ଦ୍ଧନ ପୂଜା, ଯୀଶୁଙ୍କ ପର୍ବତ ଉପରୁ ଉପଦେଶ ସହ ଘନିଷ୍ଠ ସଂପର୍କ ରଖେ । କୃଷ୍ଣ କୁବ୍‌ଜାକୁ ସିଧା କଲା ପରି ଯୀଶୁ "କୁବ୍‌ଜାକୁ" ସିଧା କରନ୍ତି । (ଲୂକ ୧୩ : ୧୧—୧୪ ଗୋପୀ ପ୍ରେମ କୃଷ୍ଣ ଓ ଖ୍ରୀଷ୍ଟ ଉଭୟ ଚରିତ୍ରକୁ ଉତ୍ପ୍ଲାବିତ କରିଛି । ଗୋପୀମାନେ କୃଷ୍ଣଙ୍କ ପାଇଁ କ୍ରନ୍ଦନ କରୁଥିଲେ । ଅକ୍ରୁର କୃଷ୍ଣଙ୍କୁ ନେବା ସମୟରେ ବିଳାପ କରୁଥିଲେ । କୁବ୍‌ଜା କୃଷ୍ଣଙ୍କ ଶିରରେ ଚନ୍ଦନ ଲଗାଇଥିବା, ମାଳୀ ତାଙ୍କୁ ମାଳରେ ସୁସଜ୍ଜିତ କରୁଥିବା କଥା ମାଥିଉ (୨୬ : ୭) ଖ୍ରୀଷ୍ଟଙ୍କ ଚରିତ୍ରରେ ଅବିକଳ ଚିତ୍ରଣ କରିଥିବା ପରି ମନେ ହେବ । ଯୀଶୁ ବେଥନିଆରେ କୁଷ୍ଠୀ ଶିମୋନଙ୍କ ଗୃହରେ ଥିବା ସମୟରେ ଜଣେ ସ୍ତ୍ରୀଲୋକ ଗୋଟିଏ ପାତ୍ରରେ ବହୁମୂଲ୍ୟ ସୁଗନ୍ଧ ତୈଳ ଘେନି ତାହାଙ୍କ ନିକଟକୁ ଆସିଲେ ଏବଂ ସେ ଭୋଜନରେ ବସିଥିବା ସମୟରେ ତାହାଙ୍କ ମସ୍ତକରେ ଢ଼ାଳିବାକୁ ଲାଗିଲେ । ଯୀଶୁ ଭଲ ଓ ଖରାପ ମାଳିର ଦୃଷ୍ଟାନ୍ତ ଦେଇ (ମାଥିଉ ୨୧, ୩୩—୪୧) କୃଷ୍ଣଙ୍କ ମାଳି କଥା ମନେ ପକାଇ ଦିଅନ୍ତି । କୃଷ୍ଣଙ୍କ ପଛରେ ଗୋପୀମାନେ ଅନୁଧାବନ କରୁଥିବା ପରି ଖ୍ରୀଷ୍ଟଙ୍କୁ ଅନେକ ସ୍ତ୍ରୀ ଯେରୁସାଲମରୁ ଗାଲିଲିରେ ତାଙ୍କ ସେବାରତ ଥିଲେ । (ମାର୍କ ୧୫—୪୧) ସେ ଗାଲିଲିରେ ଥିବା ସମୟରେ ସେମାନଙ୍କର ପଶ୍ଚାତ୍‌ଗମନକରି ତାହାଙ୍କ ସେବା କରୁଥିଲେ, ତାହାଙ୍କ ସହିତ ଯିରୂଶାଲମକୁ ଆସିଥିବା ଅନେକ ସ୍ତ୍ରୀଲୋକ ମଧ୍ୟ ଦେଖୁଥିଲେ । ଗୋପୀମାନେ କୃଷ୍ଣଙ୍କୁ ଯେପରି ପବିତ୍ରଭାବରେ ପ୍ରେମ ଓ ଭକ୍ତି କରୁଥିଲେ, ତାଙ୍କ ପାଇଁ କାନ୍ଦୁଥିଲେ ଏବଂ ସମସୁଖୀ ଦୁଃଖୀ ଥିଲେ ଓ କୃଷ୍ଣ ମଧ୍ୟ ଅନୁରୂପ ସେମାନଙ୍କ କଥା ଚିନ୍ତା କରୁଥିଲେ ତଦ୍ରୂପ ଖ୍ରୀଷ୍ଟଙ୍କୁ ନାରୀମାନେ ପ୍ରେମ ଓ ଭକ୍ତି କରୁଥିଲେ । ତାଙ୍କ ଦୁଃଖରେ ବିଳାପ କରୁଥିଲେ । ଲୂକ (୨୩ : ୨୭)ରେ କହନ୍ତି ଯେ ଖ୍ରୀଷ୍ଟ କ୍ରୁଶକୁ ଯିବା ସମୟରେ ଲୋକମାନଙ୍କର ଓ ତାହାଙ୍କ ନିମନ୍ତେ ବକ୍ଷାଘାତ କରି ବିଳାପ କରୁଥିବା ସ୍ତ୍ରୀ ଲୋକମାନଙ୍କର ମହା ଜନତା ତାହାଙ୍କର ପଶ୍ଚାତ୍ ଗମନ କରୁଥିଲେ କିନ୍ତୁ ଯୀଶୁ ସେମାନଙ୍କ ଆଡ଼କୁ ବୁଲିପଡ଼ି କହିଲେ, ଗୋ ଯିରୂଶାଲମର

କନ୍ୟାମାନେ, ମୋ ନିମନ୍ତେ ରୋଦନ କରନାହିଁ, ବରଂ ଆପଣା ଆପଣା ନିମନ୍ତେ ଓ ଆପଣା ଆପଣା ସନ୍ତାନମାନଙ୍କ ନିମନ୍ତେ ରୋଦନ କର । (୨୮) କୌଣସି ପୁରୁଷର ଉଲ୍ଲେଖ ନାହିଁ ଯିଏ ଖ୍ରୀଷ୍ଟଙ୍କ ପାଇଁ ବିଳାପ କରିଛି କିମ୍ବା ଖ୍ରୀଷ୍ଟଙ୍କ କବରକୁ ଦେଖିବାକୁ ଯାଇଛି । ସ୍ତ୍ରୀ ଗଣ କହିବା ପରେ ତାଙ୍କର ଦୁଇଜଣ ଶିଷ୍ୟ ତୃତୀୟ ଦିନ କବର ପାଖକୁ ଯାଇଛନ୍ତି । କୃଷ୍ଣଙ୍କ ସହ ଗୋପୀମାନଙ୍କ ପ୍ରସଙ୍ଗ ଖ୍ରୀଷ୍ଟଙ୍କ ସହ ସ୍ତ୍ରୀମାନଙ୍କ ପ୍ରସଙ୍ଗର ଅନୁରୂପ ନୁହେ ତ ?

କୃଷ୍ଣ ଅର୍ଜୁନଙ୍କୁ ପ୍ରେମ କରିବା ପରି ତିନି ଭାଇଙ୍କ ମଧ୍ୟରୁ ଖ୍ରୀଷ୍ଟ ଇଲିୟାଜର ସହ ଛାଡି ଲଗାର ପ୍ରେମ କରୁଥିଲେ । ଇଲିୟାଜର ଖ୍ରୀଷ୍ଟଙ୍କ ପରେ ମଧ୍ୟ ବଞ୍ଚିରହି ଥିଲେ ଏବଂ ତାଙ୍କ ପିତାଙ୍କୁ ମହାରାଜ ପଣ୍ଡୁଙ୍କ ପରି କୁଷ୍ଠ ରୋଗ ହୋଇ ଯାଇଥିଲା । ଗୁଗିଥର କଷ୍ଟ ମଥୁରା ଆସିବା ପରି ଖ୍ରୀଷ୍ଟ ଗୁଗିଥର ଯିରୁଶାଲମ ଆସନ୍ତି । କୃଷ୍ଣ ଶିଆଳୀ ଲଟାରେ ବସିଥିବା ସମୟରେ ଶବର ତାଙ୍କୁ ଶର-ବିଦ୍ଧ କଲା । ତଦ୍ରୂପ ଯୋହନ (୧୯ : ୩୪ ଲେଖନ୍ତି ; ସୈନ୍ୟମାନଙ୍କ ମଧ୍ୟରୁ ଜଣେ ବର୍ଚ୍ଛାରେ ତାଙ୍କ ବକ୍ଷ ଦେଶକୁ ବିଦ୍ଧ କଲା । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଓ ସମାନ ଚରିତ୍ର ନେଇ କୃଷ୍ଣ-ଖ୍ରୀଷ୍ଟ ପ୍ରାଚୀ ଓ ପାଶ୍ଚାତ୍ୟର ବିଶ୍ୱାସର ସ୍ତମ୍ଭ ହୋଇ ରହିଛନ୍ତି । କୃଷ୍ଣଙ୍କ ଜନ୍ମରେ ଅଭିଜିତ ନକ୍ଷତ୍ର ଉଦୟ ହେବା ପରି ଖ୍ରୀଷ୍ଟଙ୍କ ଜନ୍ମ ସ୍ଥାନରେ "ଷ୍ଟାର ଅଫ୍ ଇଷ୍ଟ" ଉଦୟ ହେବା । ଦୁହିଁଙ୍କ ଏକ ବର୍ଷ ବୟସରେ ନାମକରଣ, ବାର ବର୍ଷରେ ଉପବୀତ ଧାରଣ ବା ବାପ୍ତିସ୍ମ ପୂର୍ଣତଃ ସମାନତା ରକ୍ଷା କରେ । ଫକୀର ମୋହନଙ୍କ "ଅବସର ବାସରେ" ଗ୍ରନ୍ଥର "କୃଷ୍ଣ ଓ ଖ୍ରୀଷ୍ଟ" ଶୀର୍ଷକ କବିତାଟି ପଢାଯାଇ ପାରେ । ସେଥିରେ ସେ ନିମ୍ନୋକ୍ତ ଅନେକ ସାମଞ୍ଜସ୍ୟ ଦେଖାଇଛନ୍ତି ।

ଯଦୁବଂଶ ଯୁଦା ବଂଶ, ଯାଦବ କୃଷ୍ଣ ଯୀଶୁଖ୍ରୀଷ୍ଟ, କୃଷ୍ଣ କଂସରାଜା ଡରରେ ଗୋପପୁର ଯିବାପରି ହେରୋଦ ଭୟରେ ଖ୍ରୀଷ୍ଟ ମିଶରକୁ ଯିବା, ଗୁରୁପୁତ୍ରଙ୍କୁ କୃଷ୍ଣ ଜୀବନ ଦାନ ଦେବା ପରି ଖ୍ରୀଷ୍ଟ ଅନେକ ମୃତକଙ୍କୁ ଜୀବନ ଦାନ ଦେବା, କାମ୍ୟକ ବନରେ କୃଷ୍ଣ ଶାକ କଣିକାଟିକୁ ଦ୍ୱାଦଶ ହଜାର ବିପ୍ରଙ୍କୁ ଦେବା ପରି ଖ୍ରୀଷ୍ଟ କିଛି ରୁଟି ଓ ମାଛକୁ ସହସ୍ର ସହସ୍ର ଲୋକଙ୍କୁ ଭୋଜନ କରାଇବା, କୃଷ୍ଣ ସାଗରକୁ ପ୍ରବେଶ କରିବା ପରି ଖ୍ରୀଷ୍ଟ ସାଗର ଉପରେ ଚାଲିବା, କୃଷ୍ଣ ପଥରକୁ ଲହୁଣୀ କରିବା ପରି ଖ୍ରୀଷ୍ଟ ଜଳକୁ ମଦିରା କରିବା; କୃଷ୍ଣଙ୍କ ପିତା ବସୁ ହେଲେ ଖ୍ରୀଷ୍ଟଙ୍କ ପିତା ଯାଶୁ(ଯୋଶେଫ) ହେବା: କୃଷ୍ଣଙ୍କ ଦ୍ୱାଦଶ ଗୋପାଳ ଥିବା ପରି ଖ୍ରୀଷ୍ଟଙ୍କ ଦ୍ୱାଦଶ ଶିଷ୍ୟ ଥିବା, କୃଷ୍ଣ ମଧୁପାନ କରିବା ପରି ଖ୍ରୀଷ୍ଟ ବନ୍ୟ ମଧୁପାନ କରିବା, କୃଷ୍ଣ ଅର୍ଜୁନଙ୍କୁ ବିଶ୍ୱରୂପ ଦେଖାଇବା ପରି ଖ୍ରୀଷ୍ଟ ଯୋହନ ଓ ପତରଙ୍କୁ ଐଶୀ ଶକ୍ତି ଦର୍ଶନ କରାଇବା: କୃଷ୍ଣ ଅର୍ଜୁନଙ୍କୁ ଆତ୍ମେ ଅନନ୍ତ କହିବା ପରି ଖ୍ରୀଷ୍ଟ ସ୍ୱୟଂ ଜଗତର ଆଦି, ମଧ୍ୟ ଓ ଅନ୍ତ କହିବା; କୃଷ୍ଣ ବିପ୍ରଙ୍କର ପଦଧୌତ କରିବା ପରି ଖ୍ରୀଷ୍ଟ ଶିଷ୍ୟଙ୍କର ପଦ ଧୌତ କରିବା ସହ କି ଅନ୍ତରଙ୍ଗ ସାମ୍ୟତ୍ୱ ରକ୍ଷା କରେ ।

ଏହି ସମସ୍ତ ସମାନତାକୁ ଲକ୍ଷ୍ୟ କଲେ ଏହା ପ୍ରମାଣିତ ହେବାରେ କିଛି ଅସୁବିଧା ନାହିଁ ଯେ ଖ୍ରୀଷ୍ଟଙ୍କ ଚରିତ୍ର କୃଷ୍ଣଙ୍କ ଦ୍ୱାରା ପ୍ରଭାବିତ ହୋଇ ଥାଇପାରେ । ଉପଦେଶଗୁଡ଼ିକର ସମାନତା ହୁଏତ ଯୀଶୁ ଖ୍ରୀଷ୍ଟଙ୍କର ଐତିହାସିକତା ପ୍ରମାଣିତ କରିବାମାତ୍ର ଘଟଣା ଓ ନାମର ସାଦୃଶ୍ୟକୁ ଆମେ କିପରି ବିଚାର କରିବୁ ତାହା ବିବେଚକ ବିଚାର କରନ୍ତୁ । ଏଠି ଖ୍ରୀଷ୍ଟଯେ କୃଷ୍ଣଙ୍କ ଚରିତ୍ର ଓ ଉପଦେଶ ଉପରେ ପ୍ରଭାବ ବିସ୍ତାର କରିଛନ୍ତି ତାହା ପ୍ରମାଣ କରାଯାଇ ପାରୁନାହିଁ । ମହାଭାରତର କାଳ ନିର୍ଣ୍ଣୟ କରିବାକୁ ଯାଇ ପ୍ରାଚ୍ୟର ଓ ପାଶ୍ଚାତ୍ୟ ଗବେଷକ ଗଣ ଏଥିରେ ଏକମତ ହୋଇଛନ୍ତି ଯେ ଏହା ଅନ୍ୟୁନ ପାଞ୍ଚହଜାର ବର୍ଷ ମଧ୍ୟରେ ସଙ୍ଗଠିତ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଏପର୍ଯ୍ୟନ୍ତ ଦୁଇହଜାର ବର୍ଷ ଟପିନାହିଁ । ସେ ଦୃଷ୍ଟିରୁ ଖ୍ରୀଷ୍ଟ କିପରି କୃଷ୍ଣଙ୍କୁ ପ୍ରଭାବିତ କରିଥିବେ ବୋଲି ଆମେ ବିଶ୍ୱାସ କରିବା ? ହୁଏତ ଏ ପ୍ରଭାବ ଓଲଟା ହୋଇଥିବାର ସମ୍ଭାବନା ବେଶୀ । ଏଥର କୃଷ୍ଣ ଓ ଖ୍ରୀଷ୍ଟଙ୍କ ଉପଦେଶ ଉପରେ କିଛି କୁହାଯାଉ ।

କୃଷ୍ଣ କହନ୍ତି ; ହେ ଅର୍ଜୁନ ! ମୁଁ ସଂପୂର୍ଣ୍ଣ ଜଗତର ଉତ୍ପତ୍ତି ଓ ପ୍ରଳୟ ରୂପ ଅଟେ ଅର୍ଥାତ୍ ସଂପୂର୍ଣ୍ଣ ଜଗତର ମୂଳ କାରଣ ଅଟେ । (ଗୀତା ୭-୬) ଯେଉଁ ସବୁ ଭୂତଗୁଡ଼ିକର ଉତ୍ପତ୍ତିର କାରଣ ଅଛି, ସେ ସବୁଥିରେ ମୁଁ ଅଛି ; କାହିଁକି ନା ଏପରି ଏ ଚର ଓ ଅଚରରେ କୌଣସି ଭୂତ ନାହିଁ ଯାହା ମୋଠାରୁ ଉତ୍ପନ୍ନ ନୁହେଁ, ଏଣୁ ସବୁକିଛି ମୋର ହିଁ ସ୍ୱରୂପ ଅଟେ । (ଗୀତା ୧୦-୩୯) ଠିକ୍ ଏହାର ଅବିକଳ ଯୋହନ ଲେଖନ୍ତି : ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟିହେଲା ; ଆଉ ଯେ ସମସ୍ତ ସୃଷ୍ଟି ହୋଇଅଛି ସେଥିମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ । (୧ : ୩) ପ୍ରକାଶିତ ବାକ୍ୟ ପଢିଲେ ମନେହେବ ସତେ ଯେପରି ଆମେ ଗୀତାର କିୟଦଂଶ ପାଠ କରୁଛୁ । ଗୀତାର ୯ : ୨୯ ଓ ୧୦ : ୩୨-୩୪ ଶ୍ଳୋକମାନ ପ୍ରକାଶିତ ବାକ୍ୟର ୧ : ୧୭, ୧୮ ପଦ ଏବଂ ୮ ପର୍ବକୁ ଗୁଳି ଆସିଥିବା ପ୍ରରି ମନେହେବ । ଏ ପ୍ରକାର ଅଜସ୍ର ଉଦାହରଣ ରହିଛି ଯେଉଁଥିରୁ କୃଷ୍ଣ ଓ ଖ୍ରୀଷ୍ଟଙ୍କ ମଧ୍ୟରେ ଶାବ୍ଦିକ, କ୍ରିୟାତ୍ମକ ଓ ଘଟଣାଗୁଡ଼ିକର ସାମଞ୍ଜସ୍ୟହିଁ ଜଣା ପଡ଼ିବ ।

ମୁଁ ଆଗରୁ କହିଛି ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ବହୁ ପୂର୍ବରୁ ବୁଦ୍ଧଧର୍ମ ପାଲେଷ୍ଟାଇନ୍ ଆଦି ଅଞ୍ଚଳରେ ବିସ୍ତାରିତ ହୋଇଥିଲା । ସ୍ୱୟଂ ସନ୍ଥ ଯୋହନ ଯିଏ ଯୀଶୁଙ୍କୁ ଜଳଦୀକ୍ଷା ଦେଇଥିଲେ ସେ ନିଜେ ଏସେନେସ୍ ନାମକ ସଂପ୍ରଦାୟରେ ଥିଲେ ଯାହା ବୁଦ୍ଧ ଧର୍ମର ଆଞ୍ଚଳିକ ସ୍ୱରୂପ ଥିଲା । ଏଥର ଆସନ୍ତୁ ଏ ଦୁଇଧର୍ମ ଓ ଧର୍ମଗୁରୁଙ୍କ କାର୍ଯ୍ୟ ଓ ଉପଦେଶଗୁଡ଼ିକ ତୁଳନା କରିଦେଖିବା ।

ବୁଦ୍ଧଙ୍କ ଜୀବନୀରେ ଦେଖିବାକୁ ମିଳେ ଯେ ଗୌତମ ଯେବେ ଜନ୍ମହେଲେ ଅସିତ ନାମକ ଋଷି ମହାରାଜ ଶୁଦ୍ଧୋଦନଙ୍କ ପାଖକୁ ତାଙ୍କ ଦର୍ଶନ ଉଦ୍ଦେଶ୍ୟରେ ଆସିଥିଲେ । ଯୀଶୁଙ୍କୁ ଦର୍ଶନ କରିବାକୁ ସେହିପରି ପ୍ରାଚ୍ୟର ପଣ୍ଡିତମାନେ ଆସନ୍ତି । (ମାଥିଉ ୨ : ୧-୨) ଗୌତମ ବୁଦ୍ଧ ହେବା ପୂର୍ବରୁ "ମାର" ଦ୍ୱାରା ପ୍ରଲୋଭିତ ହେବା ଏବଂ ୪୯ ଦିନ ଉପବାସ କରି ସେ ସିଦ୍ଧିଲାଭ କରିବା, ଶୟତାନ ଯୀଶୁଙ୍କୁ ଭୁଲାଇବାକୁ ଆସିବା ଏବଂ ୪୦ ଦିନ ଉପବାସକରି ସେ ସିଦ୍ଧିଲାଭ କରିବା (ମାଥିଉ ୪ : ୧-୨) ସହ ସମାନତା ରକ୍ଷା କରେ । ଏତଦ୍ବ୍ୟତୀତ ଏହା ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ ଲିଖିତ କଠୋପ-ନିଷଦରେ ବର୍ଣ୍ଣିତ ଯମଦ୍ୱାରା ନାଚିକେତାଙ୍କୁ ନିଆଯାଇଥିବା

ପ୍ରଲୋଭନ କଥା ମନେ ପକାଇ ଦିଏ । ଠିକ୍ ଏ ପ୍ରକାର ଘଟଣା ପାରସୀ ଧର୍ମଶାସ୍ତ୍ରରେ ଦେଖିବାକୁ ମିଳେ ଯେଉଁଠି ଯରାଷ୍ଟ୍ରଙ୍କୁ ଅହରୀମାନେ ପ୍ରଲୁବ୍ଧ କରନ୍ତି ।

ଖ୍ରୀଷ୍ଟଜନ୍ମର ଅନ୍ୟୂନ ତିନିଶହ ବର୍ଷ ପୂର୍ବରୁ ବିଦିତଥିବା ବୌଦ୍ଧ ଶାସ୍ତ୍ର ଧମ୍ମପଦ ସହ ବାଇବଲରେ ଲିଖିତ ଯୀଶୁଙ୍କ ଉପଦେଶର ଏକ ତୁଳନା ଏଠି କରାଗଲେ ବୁଦ୍ଧ ଓ ଯୀଶୁଙ୍କ ଉପଦେଶ ଯେ ପରସ୍ପର ସହ କେତେ ନିବିଡ଼ ତାହା ଜଣାଯିବ ।

ବୁଦ୍ଧ କହିଲେ ; ହେ ଦୁର୍ବୋଧ ! ତୋର ଏହି ଜଟାରେ କି ଲାଭ ବା ତୋର ଏହି ମୃଗଚର୍ମ ବସନରେ କି ଲାଭ ? ତୋର ଭିତର ପାପମୟ ଏବଂ ତୁ କେବଳ ବାହାରକୁ ମାଜୁଅଛୁ, ଶୁଦ୍ଧ କରୁଅଛୁ । (ଧମ୍ମପଦ ୩୯୪) ଯୀଶୁ କହିଲେ ; ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଶୁକ୍ଳୀକୃତ ସମାଧି ସ୍ୱରୂପ । ତାହା ବାହାରେ ସୁନ୍ଦର ଦେଖାଯାଏ କିନ୍ତୁ ଭିତରେ ମୃତମାନଙ୍କ ଅସ୍ଥି ଓ ସର୍ବପ୍ରକାର ଅଶୁଚିତାରେ ପରିପୂର୍ଣ୍ଣ ; ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ବାହାରେ ଲୋକଙ୍କ ଦୃଷ୍ଟିରେ ଧାର୍ମିକ ଦେଖାଯାଅ କିନ୍ତୁ ଭିତରେ କପଟ ଓ ଅଧର୍ମରେ ପରିପୂର୍ଣ୍ଣ । (ମାଥିଉ ୨୩ : ୨୭-୨୮) ସେଥିରେ ପ୍ରଭୁ ତାହାଙ୍କୁ କହିଲେ, ତୁମ୍ଭେ ଫାରୂଶୀଯାକ ଗିନା ଗିନା ଓ ଥାଳୀର ବାହାର ପରିଷ୍କାର କରୁଥାଅ, ମାତ୍ର ତୁମ୍ଭମାନଙ୍କ ଭିତର ଲୁଣ୍ଠନକର୍ମ ଓ ଦୁଷ୍ଟତାରେ ପରିପୂର୍ଣ୍ଣ । (ଲୂକ ୧୧ : ୩୯)

ବୁଦ୍ଧ କହନ୍ତି : ଦ୍ୱେଷ ଦ୍ୱେଷ ଦ୍ୱାରା କଦାପି ଦୂର ହୁଏନାହିଁ ବରଂ ଏହା ପ୍ରେମ ଦ୍ୱାରା ଦୂରହୁଏ । ଆମେ ଆନନ୍ଦପୂର୍ବକ ରହିବା ଉଚିତ, ଯେ ଆମକୁ ବିରୋଧକରେ ତାକୁ ଆମେ ବିରୋଧ ନ କରିବା ଉଚିତ । ଯେ ଆମକୁ ଦ୍ୱେଷକରେ ସେମାନଙ୍କ ସହିତ ରହିବା ସତ୍ତ୍ୱେ ଆମେ ତାକୁ ଦ୍ୱେଷ ନ କରିବା ଉଚିତ । କ୍ରୋଧକୁ ପ୍ରେମଦ୍ୱାରା ଏବଂ ଖରାପକୁ ଭଲଦ୍ୱାରା ବିଜୟ ପ୍ରାପ୍ତ କରିବା ଉଚିତ । (ଧମ୍ମପଦ ୫, ୧୯୭. ୨୨୩) ଯୀଶୁ କହନ୍ତି : ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମକର, ପୁଣି ଯେଉଁମାନେ ତୁମ୍ଭମାନଙ୍କୁ ତାଡ଼ନା କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନାକର । (ମାଥିଉ ୫ : ୪୪)

ବୁଦ୍ଧଙ୍କ ସୁତ୍ର ନିପାତ ଅଗ୍ନିଗନ୍ଧସୁତ୍ର ଅନୁସାରେ; ଜୀବହିଂସା, ହତ୍ୟାକରିବା, ହାଣିବା, ବାନ୍ଧିବା, ଚୋରୀକରିବା, ମିଥ୍ୟା କହିବା, ଛଳ, କପଟ, ନିରର୍ଥକ ପୁସ୍ତକପାଠ, ପରସ୍ତ୍ରୀ ଗମନ ଆଦି ପାପ ମନୁଷ୍ୟକୁ ପତିତ କରିଦିଏ । ସେହିପରି ଯୀଶୁ କହନ୍ତି : ହୃଦୟରୁ କୁଚିନ୍ତା, ନରହତ୍ୟା, ବ୍ୟଭିଚାର, ବେଶ୍ୟା ଗମନ, ଚୌର୍ଯ୍ୟ, ମିଥ୍ୟାସାକ୍ଷ୍ୟ ଓ ନିନ୍ଦାବାହାରେ ; ଏହି ସମସ୍ତ ହିଁ ମନୁଷ୍ୟକୁ ଅଶୁଚି କରେ । (ମାଥିଉ ୧୫ : ୧୯–୨୦) ।

ବୁଦ୍ଧ କହନ୍ତି : ସୁନ୍ଦର ଓ ବର୍ଣ୍ଣଯୁକ୍ତ ପୁଷ୍ପ ଗନ୍ଧଶୂନ୍ୟ ହେଲେ ଯେପରି ନିଷ୍ଫଳ, ସେହିପରି ସୁବାସିତ ବାଣୀ କାର୍ଯ୍ୟରେ ପାଳନ ନ କଲେ ନିଷ୍ଫଳ ହୁଏ । (ଧମ୍ମପଦ ୫୧) ।

ଯୀଶୁ କହିଲେ : ଅତଏବ ସେମାନେ ତୁମ୍ଭମାନଙ୍କୁ ଯାହା କିଛି କହନ୍ତି, ତାହା ମାନ ଓ ପାଳନ କର । ମାତ୍ର ସେମାନଙ୍କ କର୍ମ ଅନୁସାରେ କର୍ମ କର ନାହିଁ, କାରଣ ସେମାନେ କହନ୍ତି, କିନ୍ତୁ କରନ୍ତି ନାହିଁ । (ମାଥିଉ ୨୩ : ୩) ।

ବୁଦ୍ଧଙ୍କ ଅନୁସାରେ : ସମସ୍ତେ ମୃତ୍ୟୁକୁ ଭୟ କରନ୍ତି, ସମସ୍ତଙ୍କର ଜୀବନ ହେଉଛି ପ୍ରିୟ, ଏଣୁ ସମସ୍ତଙ୍କୁ ନିଜପରି ଜ୍ଞାନକରି କାହାରିକୁ ମାରିବ ନାହିଁ କିମ୍ବା କାହାରିକୁ ମରାଇବ ନାହିଁ । (ଧମ୍ମପଦ ୧୩୦) । ଯୀଶୁ କହିଲେ : ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯେ ପ୍ରକାର ବ୍ୟବହାର କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ସେମାନଙ୍କ ପ୍ରତି ସେହି ପ୍ରକାର କର । (ଲୂକ ୬ : ୩୧) ।

କେବଳ ସେତିକି ନୁହେଁ ଆହୁରି ଅନେକ ବାକ୍ୟ ଏଠି ଉଦ୍ଧୃତ କରାଯାଇ ପାରିଥାଆନ୍ତା । ମାତ୍ର ଏହା ଅଯଥା କଳେବର ବୃଦ୍ଧି କରିଦେବ ଭାବି କରାଗଲା ନାହିଁ । ସେହିପରି ବାଇବଲର ବିଜ ବୁଣାଳୀ କଥା ଆମେ ଭରଦ୍ୱାଜ ସୁତ୍ର ଏବଂ ଧନିୟା ସୁତ୍ର ଲୂକ ରଚିତ (୧୨ : ୧୬) ଧନୀଙ୍କ ବିଷୟ ବସ୍ତୁସହ ଯୋଗସୂତ୍ର ରକ୍ଷାକରେ । ସେହିପରି ଦୁଇ ମହାପୁରୁଷଙ୍କ ହୃଦୟରେ ଏକ ପ୍ରକାର ବିଶ୍ୱବ୍ୟାପୀ ଓ ମଙ୍ଗଳମୟ ପ୍ରେମଥିଲା ପରିଣାମତଃ ଦୁହେଁ ଜାତିଭେଦ ତ୍ୟାଗକରି ମାନବ ସମାଜକୁ ସ୍ୱ ସ୍ୱ ଜ୍ଞାନୁସାରେ ସତ୍ୟର ଉପଦେଶ ଦେଇଥିଲେ । ଦୁହେଁ କୁଷ୍ଠରୋଗୀ, ଡ଼କାୟତ ଓ ବେଶ୍ୟାଙ୍କୁ ଉଦ୍ଧାର କଲେ । ପଡ଼ୋଶୀଙ୍କୁ ପ୍ରେମ କରିବା, ଗୋଟିଏ ଗାଲରେ ଚାପୁଡ଼ା ମାରିଲେ ଅନ୍ୟଗାଲ ଦେଖାଇ ଦେବା ଆଦି ଯୀଶୁଙ୍କ ଉପଦେଶ ବୁଦ୍ଧଙ୍କ ଅହିଂସା, ପ୍ରେମ ଓ କରୁଣା ସମ୍ବନ୍ଧୀୟ ଶିକ୍ଷାର ଅନୁରୂପ ଥିଲା ।

ରମେଶ ଚନ୍ଦ୍ର ଦତ୍ତ ତାଙ୍କ "ସିଭିଲାଇଜେସନ୍ ଇନ୍ ଏନ୍‌ସିଏଣ୍ଟ ଇଣ୍ଡିୟା"ର ଦ୍ୱିତୀୟ ଖଣ୍ଡରେ ଏଚି ହ... ନାମକ ଜଣେ କେଥଲିକ ପାଦ୍ରୀ ତିବ୍ବତରେ ବୌଦ୍ଧଙ୍କର ଯେଉଁ ଦୃଶ୍ୟ ଦେଖିଲେ ସେଥିରେ ସେ ଆଶ୍ଚର୍ଯ୍ୟ ହୋଇ ଯାହା ଲେଖିଥିଲେ ତାହା ଉଦ୍ଧୃତ କରନ୍ତି : ପୋପଙ୍କ ପରି ଦଣ୍ଡ, ଟୋପୀ, ଢିଲା ଯାହା ସେମାନେ ଧାର୍ମିକ ଉତ୍ସବରେ ପିନ୍ଧନ୍ତି, ପ୍ରାର୍ଥନା ସମୟରେ ଭଜନୀକମାନେ ଦୁଇ ପଙ୍କ୍ତିରେ ଛିଡ଼ା ହେବା, ଭଜନ ଗାଇବା, ଭୂତ ଛଡ଼ାଇବା ପାଇଁ ଝାଡ଼ ଫୁଙ୍କା କରିବା, ଲମାଙ୍କର ନିଜ ଅନୁଯାୟୀଙ୍କ ମୁଣ୍ଡ ଉପରେ ସିଧା ହାତ ରଖି ଆଶୀର୍ବାଦ ଦେବା, ସାଧୁମାନେ ବିବାହ ନ କରିବା, ସନ୍ଥସେବା, ଉପବାସ, ମନ୍ତ୍ରଜପ, ପବିତ୍ରଜଳ ଏହିପରି ଆହୁରି ଅନେକ ବିଷୟରେ ସମାନତା ସେ ଦେଖି ଆଶ୍ଚର୍ଯ୍ୟ ହେଲେ । ଆର୍ଥର ଲିଲି ଆହୁରି ଅନେକ ସମାନତାର କଥା ଉଲ୍ଲେଖ କରି କହନ୍ତି, ଅପରାଧ ସ୍ୱୀକାର କରିବା, ମୁଣ୍ଡ ମୁଣ୍ଡିତ କରିବା, ପ୍ରତିମା ପୂଜା, ପୋପ ବିଶପ ଆଦି ଅନେକ ପ୍ରକାର ପାଦ୍ରୀ ଥିବା ପରି ଅନେକ ପ୍ରକାର ଲମାଠାରୁ ଶିଷ୍ୟ ପର୍ଯ୍ୟନ୍ତ ରହିବା, ପୁନଶ୍ଚ ସ୍ୱସ୍ତିକ ଚିହ୍ନପରି କ୍ରସ ଚିହ୍ନର ବହୁ ସମାନତା ରହିଛି । ଏଠାରେ ମନେ ରଖିବା ଉଚିତ ଯେ, କ୍ରୁଶ ଯଦିଓ ଖ୍ରୀଷ୍ଟଧର୍ମ ପାଇଁ ଏକ ଯନ୍ତ୍ରଣାର ପ୍ରତୀକ ଏବଂ ଶୂଳିକାଠ ଅଟେ ତଥାପି ଏହାକୁ ଧାର୍ମିକ ପ୍ରତୀକ ଭାବରେ ପୂଜା କରିବା ହୁଏତ ହିନ୍ଦୁ

ବୌଦ୍ଧ ଧର୍ମର ସ୍ୱସ୍ତିକ ଚିହ୍ନକୁ ସେମାନେ ଅନୁକରଣ କରି କାଳକ୍ରମେ ସ୍ୱୀକାର କରିଥିବେ । ଏହା ଲିଲିଙ୍କ "ବୁଦ୍ଧ ଏଣ୍ଡ ବୁଦ୍ଧିଜିମ୍" ଏବଂ "ବୁଦ୍ଧିଜିମ୍ ଇନ୍ ଖ୍ରୀଷ୍ଟାନଡ଼ମ୍" ଗ୍ରନ୍ଥରୁ ଆମେ ଜାଣିବାକୁ ପାଉ ।

ଯଦିଓ ଯୀଶୁ କହୁଥିଲେ ଯେ ସେ ୟାହୁଦୀମାନଙ୍କର ବ୍ୟବସ୍ଥା ଭାଙ୍ଗିବାକୁ ନ ଆସି ଯଥାଯଥ ପାଳନ କରିବାକୁ ଆସିଛନ୍ତି ବୋଲି ତଥାପି ତାଙ୍କର ନୀତି ଓ ବ୍ୟବସ୍ଥା ଯେ ୟାହୁଦୀମାନଙ୍କଠାରୁ ଯଥେଷ୍ଟ ଉନ୍ନତ ଥିଲା ତାହା ପୁରାତନ ନିୟମସହ ତାଙ୍କର ନୂତନ ନିୟମର ତୁଳନାକରି ଆମେ କହିପାରିବୁ । ଯୀଶୁ ମଧ୍ୟ ତାଙ୍କ ଉପଦେଶରେ ପୁରାତନ ନିୟମଠାରୁ ସେ କିପରି ଭିନ୍ନ ତାହା କହିବାକୁ ଯାଇ ବାରମ୍ବାର କହିଛନ୍ତି : ମୁଁ ତୁମମାନଙ୍କୁ କହୁଅଛି, ତୁମମାନଙ୍କ ଧାର୍ମିକତା ଶାସ୍ତ୍ରୀ ଓ ଫାରୁଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ବେଶୀ ନ ହେଲେ ତୁମ୍ଭେମାନେ କୌଣସି ପ୍ରକାରେ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବ ନାହିଁ । ତୁମ୍ଭେମାନେ ଶୁଣିଅଛ ଯେ ...... କିନ୍ତୁ ମୁଁ ତୁମମାନଙ୍କୁ କହୁଅଛି .... ଏ ପ୍ରକାର ଅନେକ ବ୍ୟବସ୍ଥା ବିରୁଦ୍ଧରେ ସେ ସ୍ୱର୍ଗ ଉତ୍ତୋଳନ କରିଛନ୍ତି ଏବଂ ବାରମ୍ବାର ଏ ଦୁଇଟି ବାକ୍ୟାଂଶ ସେ ବ୍ୟବହାର କରିଛନ୍ତି । ସଦାଚାର ଦୃଷ୍ଟିରୁ ଯୀଶୁ ଯେ ପୁରାତନ ଭାବବାଦୀଙ୍କଠାରୁ ବହୁଗୁଣରେ ଉନ୍ନତରେ ଥିଲେ ତାହାର ଗୋଟିଏ ଉଦାହରଣ ହେଉଛି : ଯୀଶୁ କହିଲେ— ତୁମ୍ଭେମାନେ ଶୁଣିଅଛ, ଉକ୍ତ ଅଛି, ଚକ୍ଷୁର ପରିବର୍ତ୍ତେ ଚକ୍ଷୁ ଓ ଦନ୍ତର ପରିବର୍ତ୍ତେ ଦନ୍ତ, କିନ୍ତୁ ମୁଁ ତୁମମାନଙ୍କୁ କହୁଅଛି, ଦୁଷ୍ଟର ପ୍ରତିରୋଧ କର ନାହିଁ, ମାତ୍ର ଯେ କେହି ତୁମ୍ଭର ଡାହାଣ ଗାଲରେ ଚାପୁଡ଼ା ମାରେ, ତାହାକୁ ଅନ୍ୟଗାଲ ମଧ୍ୟ ଦେଖାଇ ଦିଅ । (ମାଥିଉ ୫ : ୨୦–୪୮) ।

ଯୀଶୁଙ୍କ ଶିକ୍ଷା ଯିହୁଦୀମାନଙ୍କ ଶିକ୍ଷାଠାରୁ ଏତେ ଭିନ୍ନ ଓ ବୁଦ୍ଧଙ୍କ ଶିକ୍ଷାର ଏତେ ସମୀପବର୍ତ୍ତୀ ମନେ ହୁଏ ଯେ ତତ୍କାଳୀନ ପାଲେଷ୍ଟାଇନରେ ପ୍ରଚାରିତ ବୌଦ୍ଧଧର୍ମ ସମ୍ପର୍କରେ ସେ ଆସି ନ ଥିଲେ ତାହା ସମ୍ପୂର୍ଣ୍ଣ ରୂପେ ଅସ୍ୱୀକାର କରାଯାଇ ପାରିବ ନାହିଁ । ଆତ୍ମ ନମ୍ରତା, ସତ୍ ଚରିତ୍ରତା, ଶୁଦ୍ଧତା, କ୍ଷମାଶୀଳତା, ଶାନ୍ତି, ଦାନ, ସହିଷ୍ଣୁତା, ପ୍ରେମ ଏବଂ ମନୁଷ୍ୟ ଜୀବନରେ ଉଚ୍ଚତମ ଆଦର୍ଶ ଆଦି ବୌଦ୍ଧ ସିଦ୍ଧାନ୍ତ ଖ୍ରୀଷ୍ଟଙ୍କ ସିଦ୍ଧାନ୍ତସହ ମିଶ୍ରିତ ହୋଇଯିବା ଫଳରେ ଏହା ଯିହୁଦୀ ଧର୍ମଠାରୁ ମଧ୍ୟ ଅଧିକ ସମ୍ପୂର୍ଣ୍ଣ ଓ ବିଶାଳ ହୋଇ ଉଠିଲା । ସେପେନହର ରିଲିଜିନ୍ ଏଣ୍ଡ ଅଦର ଏସେଜ୍"ରେ ବାଧ୍ୟ ହୋଇ ସ୍ୱୀକାର କରେ ଯେ : ଖ୍ରୀଷ୍ଟଧର୍ମ ଯାହା ଭାରତବର୍ଷର ଜ୍ଞାନରୁ ସମ୍ଭୂତ ଯିହୁଦୀ ମତରୂପୀ ବିଦେଶୀ ବୃକ୍ଷ ଉପରେ ଲଗାଯାଇଛି । ପୁରୁଣା ବୃକ୍ଷର ପ୍ରକୃତ ରୂପ କିଛି ରହିଛି, କିନ୍ତୁ ଏଥିରେ ବହୁତ କିଛି ପରିବର୍ତ୍ତନ ହୋଇ ତାହା ଜୀବନ ଓ ସତ୍ୟଦ୍ୱାରା ସୁଶୋଭିତ ହୋଇଯାଇଛି । ମିର୍ଜାଗୁଲାମ ଅହମଦ ତାଙ୍କ "ଜିସସ୍ ଇନ୍ ଇଣ୍ଡିଆ"ରେ ମଧ୍ୟ କହନ୍ତି : ଅନେକ ଖ୍ରୀଷ୍ଟିୟାନ ଦାର୍ଶନିକଙ୍କ ମଧ୍ୟ ଏହିମତ ଯେ ବୁଦ୍ଧଧର୍ମ ପ୍ରାଚ୍ୟର ଖ୍ରୀଷ୍ଟଧର୍ମ ଏବଂ ଖ୍ରୀଷ୍ଟଧର୍ମ ପାଶ୍ଚାତ୍ୟର ବୁଦ୍ଧଧର୍ମର ଅନ୍ୟରୂପ ଅଟେ ।

ସେଣ୍ଟ ଅଗଷ୍ଟାଇନ୍ କୁହନ୍ତି : ଯାହା ଆଜି ଖ୍ରୀଷ୍ଟିୟାନ ମତ ବୋଲି କୁହାଯାଉ ଅଛି, ତାହା ପ୍ରାଚୀନ ଲୋକଙ୍କ ମଧ୍ୟରେ ମଧ୍ୟ ଥିଲା ଓ ତାହା ମାନବ ଜାତିର ଆରମ୍ଭ କାଳଠାରୁ ନେଇ ଖ୍ରୀଷ୍ଟଙ୍କ ଶରୀର ଧାରଣ କରିବା ପର୍ଯ୍ୟନ୍ତ ବରାବର ଉପସ୍ଥିତ ଥିଲା ।

ଏସବୁ ଦୃଷ୍ଟିରୁ ଖ୍ରୀଷ୍ଟଧର୍ମକୁ ଯେଉଁମାନେ ଏପର୍ଯ୍ୟନ୍ତ ବିଦେଶୀ ଧର୍ମ କହି ପ୍ରତ୍ୟାଖାନ କରନ୍ତି ସେମାନେ ଜାଣି ରଖିବା ଉଚିତ ଯେ ହିନ୍ଦୁଧର୍ମସହ ପାରଂପାରିକ ଭାବରେ ଦୀର୍ଘଦିନ ତଳେ ଏହାର ଏକ ଆତ୍ମିକ ଯୋଗସୂତ୍ର ଥିଲା । "ଦି ମାଷ୍ଟର ଏଜ୍ ଆଇ ସ ହିମ୍" ପୁସ୍ତକରେ ଭଗିନୀ ନିବେଦିତା ଲେଖନ୍ତି ଯେ ସ୍ୱାମୀ ବିବେକାନନ୍ଦ ୟୁରୋପର କେଥଲିକ ଦେଶମାନଙ୍କରେ ଭ୍ରମଣ କରିବା ମଧ୍ୟରେ ହିନ୍ଦୁଧର୍ମ ସହିତ ଖ୍ରୀଷ୍ଟଧର୍ମର ସହସ୍ର ନିତ୍ୟନୈମିତିକ ବ୍ୟାପାରରେ ସୌସାଦୃଶ୍ୟ ଦେଖି ଚମତ୍କୃତ ହୋଇଥିଲେ । ଖ୍ରୀଷ୍ଟିୟାନମାନଙ୍କର ଈଶ୍ୱରଙ୍କ ନିକଟରେ ରୁଟି ଓ ମଦ ନିବେଦନ ହିନ୍ଦୁମାନଙ୍କର ଭୋଗ ନିବେଦନର ରୂପାନ୍ତର ବୋଲି ତାଙ୍କର ବୋଧ ହେଉଥିଲା । ଯାଜକମାନଙ୍କର କିଛି ଅଂଶରେ ମୁଣ୍ଡିତ ମସ୍ତକ ଭାରତୀୟ ସନ୍ୟାସୀମାନଙ୍କର ମସ୍ତକମଣ୍ଡନର କଥା ତାଙ୍କୁ ସ୍ମରଣ କରାଇ ଦେଉଥିଲା । କେଥଲିକମାନଙ୍କୁ ମଝିରେ ମଝିରେ ଦେହରେ ଆଙ୍ଗୁଳି ଦ୍ୱାରା ଚିହ୍ନ ଅଙ୍କିତ କରିବାର ଦେଖି ହିନ୍ଦୁମାନଙ୍କର ପୂଜାରେ ନ୍ୟାସ କଥା ତାଙ୍କର ମନେ ପଡ଼ିଥିଲା ।

ଏପରିକି ସି. ଏଫ୍. ଏଣ୍ଡ୍ରୁଜ ଭାରତର ଧାର୍ମିକ ବିଭୂତିଙ୍କ ସାଧୁତାରେ ଅତ୍ୟଧିକ ପ୍ରଭାବିତ ହୋଇ ଭାବିବାକୁ ଲାଗିଥିଲେ କି ଖ୍ରୀଷ୍ଟଙ୍କ ସୌନ୍ଦର୍ଯ୍ୟ ଅବଶ୍ୟ ଭାରତରୁ ଅନୁପ୍ରାଣୀତ । ଏଣୁ ସେ ରବୀନ୍ଦ୍ରନାଥଙ୍କ ପାଖକୁ ଯାହା ଲେଖିଥିଲେ ତାହା ରାଧାକୃଷ୍ଣନ୍ ତାଙ୍କ " ପୂର୍ବ ଓ ପଶ୍ଚିମରେ"ରେ ଉଦ୍ଧୃତ କରିଛନ୍ତି; ଇତିହାସ ଅଧ୍ୟୟନରୁ ମୁଁ ବୁଝିବାକୁ ଆରମ୍ଭ କରିଦେଲିଣି କି ଖ୍ରୀଷ୍ଟଧର୍ମ ସ୍ୱତନ୍ତ୍ର ସେମିଟିକ୍ ଉପଜର ନୁହେଁ ବରଂ ହିନ୍ଦୁ ବିଶ୍ୱର ଓ ଜୀବନରୁ ଉଦ୍ଭୂତ । ଖ୍ରୀଷ୍ଟ ମତେ ଅଦ୍ଭୁତ, ଦୁର୍ଲଭ, ସୁନ୍ଦର, ପୂର୍ଣ୍ଣ ମନେ ହେଉଛନ୍ତି, ଯା'ର ବୀଜ ଉଡ଼ି ବିଦେଶ ଭୂମି ଉପରେ ଯାଇ ପଡ଼ିଛି । ଏ ଦୃଷ୍ଟିରୁ ଭାରତ ବିଶ୍ୱ ଇତିହାସର ମହାଜନନୀ ଅଟେ । ଯିହୁଦୀ କୃଷକ ଖ୍ରୀଷ୍ଟ ସ୍ୱଭାବତଃ, ସ୍ୱ ଦୈବୀ ପ୍ରକୃତିର ଏକ ଅଂଶ ରୂପରେ ଅଣ ଯିହୁଦୀ ଅହିଂସାର ଆଦର୍ଶକୁ , ଯାହା ମୂଳତଃ ହିନ୍ଦୁଧର୍ମ ଦ୍ୱାରା ସଂବନ୍ଧିତ ଅଟେ, ମାନିବାକୁ ଲାଗିଥିଲେ । ତାଙ୍କଠାରେ ସାର୍ବଭୌମ କରୁଣା ଓ ସାର୍ବଭୌମ ସଦାଶୟତା ଥିଲା, ଯା'ର ପ୍ରମାଣ ଆମକୁ ଗାଲିଲିୟ ପାହାଡ଼ ଉପରେ "କ୍ରୁଶ" ଉପରେ ଚଢ଼ିବାର ଯନ୍ତ୍ରଣାଠାରୁ ମିଳେ ।

"ହିନ୍ଦୁ ସୁପରିଅରୀଟି" ପୁସ୍ତକରେ ଡ଼ଲେବୋ ଲେଖିଲେ : ସହସ୍ର ସହସ୍ର ବର୍ଷ ପୂର୍ବେ ଭାରତରେ ଯେଉଁ ସଭ୍ୟତାର ସୃଷ୍ଟି ହୋଇଥିଲା, ତାହାରି ହିଁ ପ୍ରଭାବ ବର୍ତ୍ତମାନ ଆମ୍ଭ ଚତୁର୍ଦ୍ଦିଗରେ ଦୈନନ୍ଦିନ ଜୀବନ ମଧ୍ୟରେ ଦେଖୁଅଛୁଁ । ତାହା ସର୍ବ୍ୟ ଜଗତର ପ୍ରାନ୍ତସୀମା ପର୍ଯ୍ୟନ୍ତ ବିସ୍ତୃତ ହୋଇ ରହିଛି । ୟୁରୋପ ଓ ଆମେରିକା ଯାଆନ୍ତୁ ଦେଖିବେ ଅନ୍ତରଙ୍ଗ ପ୍ରଦେଶରୁ ପ୍ରଥମେ ଯେଉଁ ସଭ୍ୟତା ଆସିଥିଲା ତାହାର ହିଁ ପ୍ରଭାବ ସର୍ବତ୍ର ବିଦ୍ୟମାନ ।

# ଆସ, ଗୋପକୁ ଯିବା...

ଶ୍ରୀ ଚନ୍ଦ୍ରଶେଖର ରଥ

କ୍ଷଣକେ ଦାରୁ ତ' କ୍ଷଣକେ ବ୍ରହ୍ମ ଆଡ଼ୁଆଳରେ ଲୁଚିଯିବାର କୈତବ ସାମର୍ଥ୍ୟ ଧାରଣ କରି ତୁମେ ଯେ କେବେ କାହାକୁ ସମ୍ପୂର୍ଣ ଧରା ଦେଉଥିବ ଏ ବିଶ୍ୱାସ ଆମର ନାହିଁ । ଛଳିବା ତୁମ ଅଭ୍ୟାସ । ଅନ୍ଧପୁଟୁଳିବାନ୍ଧି ଆମକୁ ଠିଆ କରି ଦେଉଛ । କିଏ ଅଜ୍ଞାନରେ ଅନ୍ଧ ତ' କିଏ ଜ୍ଞାନରେ । ସେଥିରେ ପୁଣି ଆମ ସାଙ୍ଗରେ ଏମିତି ଖେଳିବାର ଅର୍ଥ କ'ଣ ? ଘୋର ଅନ୍ଧକାର ଭିତରେ ତୁମେ ନାହିଁ ବୋଲି ଆମେ ବୁଝି ଆସିଲା-ବେଳକୁ ଦୂରରୁ ବଂଶୀଧ୍ୱନି ଶୁଣାଯାଉଛି । କାହାର ବୋଲି ଭାବୁ ଭାବୁ ବିଜୁଳି ପରି ଚମକି ଯାଉଛ । ଆମେ ଅଗାଧ ବିଶ୍ୱାସରେ ବାହୁ ପ୍ରସାରି ଦେଉଛୁ । ଆଶ୍ଳେଷିଲା ବେଳକୁ ପବନରେ ମିଶି ଯାଉଛ । ଜହ୍ନ ପରି ପୁଣି ଉଇଁ ଆସୁଛ ! ହାତ ପାଉ ନାହିଁ । ନିଷ୍ପଲକ ଚାହିଁ ରହୁଛୁ । ଦେଖୁ ଦେଖୁ ଆମରି ବିଳାପ ଭିତରେ ତୁମେ ଅସ୍ତ ହୋଇ ଯାଉଛ । ଅଛ ବୋଲି ପ୍ରତ୍ୟୟ ଦେଉ ନାହିଁ । ନାହିଁ ବୋଲି ନିଶ୍ଚିନ୍ତି ଦେଉ ନାହିଁ । ତୁମର ଅନନ୍ତ ଛଳନା ଭିତରେ ତୁମକୁ ଖୋଜି ଖୋଜି ଆମର ଭିତରେ ଲୀନ କରି ଦେଉଛ । ହାତ ଯୋଡ଼ିକୁ ସାକୁଡ଼ି ନେଉଛ ! ତୁମେ ସତେ କାହିଁକି ଏତେ ଦୂରି ଯାଉଛ ଆମକୁ ? ଆମେ କ'ଣ ଏତିକି ଅଗୁଆର ହେଇଛୁ ଯେ ପୁରୁଣା କଥାକୁ ଅଡ଼ି ବସିବୁ ? ଆମ ପାଖରେ ତୁମେ ମିଛ କହିବା କେଉଁ ନୂଆ କଥା ? ତୁମେ ଆମକୁ ମିଛ ନ କହିଲେ ଉଲ ଆଉ କାହାକୁ କହିବ ?—କଂସକୁ ନା ଇନ୍ଦ୍ରକୁ ? ତୁମେ ଆମକୁ ମିଛ କହ ବୋଲି ତ' ଆମେ ତୁମର ପ୍ରିୟଜନ ବୋଲି ଗର୍ବ କରୁ । ଅଭିମାନ ଛାଡ଼, ବନ୍ଧୁ, ସହସ୍ର ପ୍ରିୟଜନଙ୍କ ଆଗ୍ରହ ଅନୁରୋଧକୁ ଘେନା କର । ଆସ, ଅପାର କାଳ ଅନ୍ତେ ଥରେ ଗୋପକୁ ଯିବା ।

×××ଦ୍ୱାରକା ତ' ଏଠୁ ଅନେକ ଦୂରଣି ବାଟ । ତଥାପି ତୁମ ମନ ଭାଙ୍ଗିବାକୁ ଆମର ଇଚ୍ଛା ନାହିଁ । ତୁମେ ସିନା ଆମ ମନ କଥା ଜାଣି ସୁଦ୍ଧା ଖାତିର କର ନାହିଁ । ଆମର ଯେତିକି ଉଦ୍‌ବେଗ ତୁମକୁ ପହଞ୍ଚେଇବା ପାଇଁ ତୁମେ ସେତିକି ବିଳମ୍ବ ଯୁଗ ବିତି ଗଲଣି । ଏଠି ଆସି ପହଞ୍ଚିଲାବେଳକୁ ତୁମେ ଲୁଚି ଯାଉଛ, କେତେବେଳେ ଦାରୁରେ ତ' କେତେବେଳେ ବ୍ରହ୍ମରେ । ଆମେ ତୁମ ପାଖରେ ସହସ୍ର ବାର ଠକି ଯାଉଛୁ । ତୁମ କପଟ ଭେଦି ପାରି ନାହୁଁ ।

ତୁମେ ଜଗନ୍ନାଥ ବୋଲାଇ ସମସ୍ତଙ୍କୁ ସ୍ୱୀକାରି ନେଇଛ । ସମସ୍ତଙ୍କୁ ନିଜର କରିଛ ନିଜେ କାହାରି ହୋଇ ନାହିଁ । କାଳେ କିଏ ତୁମକୁ ଆସି ଅଧିକାର କରିଯିବ ଏଇ ଭୟରେ କ'ଣ ଏମିତି ଛଦ୍ମ କରିଛ କି ? ଏମିତି ଆମଭଳି ଗଉଡ଼ ବାଉଡ଼ଙ୍କ ହାବୁଡ଼େ ପଡ଼ିଗଲେ କାଳେ ସେମାନେ କିଛି ମାନିବେ ନାହିଁ, ଶୂନ୍ୟେ ଶୂନ୍ୟେ ଟେକି ନେବେ, ଏଇ ଆଶଙ୍କାରେ ହୁଏତ' ଏତେ ଆୟୋଜନ କରିଛ । ରାତିଦିନକୁ କଣ୍ଠ କରିଥିଲ । କାଳେ ଆମେ ଆସିଯିବୁ ବୋଲି ନିଶିଦିନ ଚାହିଁରହିଛ । ନିଷ୍ପଲକ ଚାହିଁବାରେ ପତା ଯୋଡ଼ିକ କେଉଁଠି ଲୀନ ହୋଇ-ଗଲଣି । ପଦ୍ମ ପଳାଶ ପରି ଆଖି ଚକା ଧରି ଗଲଣି । ବଇଁଶୀ ଧରିଲେ ଚିହ୍ନା ପଡ଼ିଯିବ ବୋଲି ପ୍ରସ୍ତ ପ୍ରସ୍ତ ପାଟକନା ଗୁଡ଼େଇ ଥୋଇ ଦେଉଛ । ଏଠା ଲୋକେ ଜାଣି ଆମଠୁ ଆହୁରି ଅଧମ । ନ ହେଲେ କି ସେ ଖମ୍ବଭଳି ପଦାର୍ଥଟିକୁ ଚକ୍ର ବୋଲି ମାନି ଯାଉଥାନ୍ତେ ? କାଳେ କିଏ ବନମାଳା ପିନ୍ଧେଇ ଦେବେ ବୋଲି ଗଳାକୁ ଗୋପ୍ୟାନ କରି ଦେଇଛ । ଦାଣ୍ଡରେ ଟଣେଇ ନେବେ ବୋଲି ଗୋଡ଼ ଯୋଡ଼ିକୁ ଉଦର କରି ଆମକୁ ସନ୍ତାପିଲେ ତୁମର ତୃପ୍ତି । ତୁମ ସାଙ୍ଗେ ପ୍ରୀତି ପାଳିବା ଭାରି କଷ୍ଟ ସତେ ! ଦେହ ଜୁହାରେ ଛାତି ପଥରରେ ବାନ୍ଧିଲେ ସୁଦ୍ଧା ତରଳି ବୋହିଯିବ । ଆମେ ସବୁ କେମିତି ଅଛୁ କେଜାଣି !

....ହେଇ ଯେ ଜଳାର୍ଣ୍ଣବ ଦେଖାଯାଉଛି, ସେଇ ତ, ତୁମ ଦ୍ୱାରକା । ତୁମେ ସେଇଠି ରାଜୁତି କଲାବେଳେ ଯାହାକୁ ତୁମ ନିଜ ତେଜରେ ଅବରୋଧି ରଖିଥିଲ, ସେ ତୁମ ପଛେ ପଛେ ମାଡ଼ି ଆସିଲା । ସମୁଦ୍ର ମାଡ଼ି ଆସିଲା । ଜଳେ ଦ୍ୱାରକା ନାଶ ଗଲା । ତୁମେ କ'ଣ ଯେଉଁଠି ଅଧିକାର କର ସେଇଠି ସବୁବେଳେ ଏମିତି ପ୍ରଳୟ ମଡ଼େଇ ଦେଇ ଚାଲିଯାଅ ? ତୁମେ କ'ଣ ଜାଣିଥାଅ ତୁମ ପଛରେ ପ୍ରଳୟ ଲାଗି ରହିଛି ବୋଲି ? ତା' ହେଲେ ତୁମକୁ ଆଶାକରି ଯେଉଁମାନେ ବେଢ଼ି ରହିଥାନ୍ତି ସେମାନେ ଭାସିଗଲାବେଳେ ତୁମେ କ'ଣ ନିର୍ବିକାର ଚାହିଁ ରହିଥାଅ ? କିନ୍ତୁ ସମଗ୍ର ଦ୍ୱାରକାକୁ ଗ୍ରାସିଗଲା ପରେ ଯେତେବେଳେ ସମୁଦ୍ର ତୁମ ନିବାସ ଆଡ଼କୁ ମାଡ଼ି ଆସିଲା ତୁମେ କେମିତି ତାକୁ ବାରଣ କରି ଦେଇ ପାରିଲ ? ସମସ୍ତଙ୍କ ସାଙ୍ଗରେ ସେ ନିବାସ ଖଣ୍ଡକ ମଧ୍ୟ ମହାକାଳକୁ ଅର୍ପି ଦେଇଥିଲେ ତୁମ ଅଖଣ୍ଡ ଐଶ୍ୱର୍ଯ୍ୟରେ କ'ଣ ଥିବା ଊଣା ହୋଇଯାଇଥାନ୍ତା ? ଏବେ ତୁମେ ନିଜେ ଖସିଗଲ; ନିଜ ନିବାସଟିକୁ ବଞ୍ଚେଇ ନେଲ ଅଥଚ ବାକି ସମସ୍ତଙ୍କୁ ସମୁଦ୍ରକୁ

ପେଲି ଦେଲ ବୋଲି ଅପଖ୍ୟାତି ରଟିପଗ । ଉଚ୍ଛା ହେଉଛି ଆମେ ମରିଯାନ୍ତୁ ପଛେ ତୁମ ନିନ୍ଦା ଶୁଣନ୍ତୁ ନାହିଁ !—ଖାଲି କ'ଣ ସେତିକି ?

....ହେଇ ସମୁଦ୍ର ଧାରେ ଧାରେ ଜକା ଜକା ବିଷରଙ୍ଗର ଏରକା ବଣ ଏବେ ବି ଦିଶୁଛି । ଛୁରୀ ଭଳି ଦାନ୍ତୁଆ, ତୀର ଭଳି ତୀକ୍ଷ୍ଣ ପତ୍ର ଗହଳରୁ ଏବେ ବି ଝଣତ୍କାର ଶୁଭୁଛି । କେମିତି ସତେ ତୁମ ମନ ହେଲା ଏଡ଼େ ବଡ଼ ବଟଗଛ ପରି ବିଶାଳ ଯଦୁବଂଶଟିକୁ ନାରଖାର କରିଦେବା ପାଇଁ ! କି ଦୋଷ କରିଥିଲେ ଶାମ୍ବ, ଅନିରୁଦ୍ଧ ଆଉ ପ୍ରଦ୍ୟୁମ୍ନ ? କେମିତି ତୁମ ହାତ ଗଲା କନ୍ଦର୍ପ ପରି ସୁନ୍ଦର ସେ ପୁଅଟିର ମୁଣ୍ଡ ହାଣି ଦେବା ପାଇଁ ? ଆମକୁ ସନ୍ତାପିତ କରୁଥିଲ ବୋଲି ଆମେ ତୁମକୁ ନିଷ୍ଠୁର କହୁଥିଲୁ । କିନ୍ତୁ ତୁମ ଭିତରେ ଏପରି ନିର୍ମମ ଘାତକ ଲୁଚିଥିଲା ବୋଲି ତ' ଆମକୁ ଜଣା ନ ଥିଲା । ଶ୍ରୀକ୍ଷେତ୍ରରେ ଗମ୍ଭୀରା ଭିତରୁ ଗ୍ରହିଁଥିବା ସେ ଭାଉ ଭାଉ ଆଖିକୁ ଅନେଇଲେ ବେଳେବେଳେ କ'ଣ ସେଥିପାଇଁ ଡର ମାଡ଼େ କି ?

....ଛାଡ଼, ଚାଲିଯିବା ଏଇଠୁ । ଦ୍ୱାରକାର ଏ କାଳ ସମୁଦ୍ରକୁ ସମ୍ଭାଳିବା ପାଇଁ ଆମର ବଳ ନାହିଁ, ବନ୍ଧୁ, ତୁମକୁ ମଧ୍ୟ ସେ ରୂପରେ ସମ୍ଭାଳିବାକୁ ବଳ ନାହିଁ । ଅଷ୍ଟପାଟରାଣୀଙ୍କର ଏ ଐଶ୍ୱର୍ଯ୍ୟମୟ ଦ୍ୱାରକା, ଭୋଗଭୂମି ଦ୍ୱାରକା ଆମର ଅନୁକୂଳ ନୁହେଁ । ଜାରା ଶବରର ଦ୍ୱାରକା, ବଜ୍ରପାତର ଦ୍ୱାରକା ଆମର ସହନୀୟ ନୁହେଁ ।—ଚାଲ, ଯିବା ଏଇଠୁ !

×××ତୁମେ କ'ଣ ହସିବାକୁ ଏବେ ବି ଏତେ ଉଲପାଅ ? ପାଣ୍ଡବଙ୍କୁ ସଖାବୋଲି ସ୍ୱୀକାରି ନେଲାପରେ ତାଙ୍କ ପାଇଁ କ'ଣ ନ କରିଛ ତୁମେ ? ପାଣ୍ଡବମାନେ ରାଜପୁତ୍ର । ଏକେ ଏକେ ବାହୁବଳରେ ରାଜଚକ୍ରବର୍ତ୍ତୀ ହେବାକୁ ସମର୍ଥ । ତୁମେ ତାଙ୍କୁ ଟୋକି ନେଇ କରାଳ ନଇଉ ଆଉ ପାରିବୁ । ତମେ କ'ଣ ସଖାପଣ ଆଗରୁ କରିନାହଁ ? ଏଥର କିନ୍ତୁ ପାଣ୍ଡବଙ୍କ ପାଇଁ ପ୍ରାଣପଣ କରିଦେଲ । ହେଲେ, ପାଣ୍ଡବେ ତ' ତମ ପାଇଁ ତିଳାର୍ଦ୍ଧେ ଭାଗି ନାହାନ୍ତି । ଉଜାପୁଅର ମୁରାଟ, ଅନ୍ୟକୁ ବିନିଯୋଗ କରିବାର ତାଙ୍କ ଅଧିକାରକୁ ତୁମେ କେଡ଼େ ସହଜରେ ମାନି ଯାଉଛ ! ତାଙ୍କ ପାଇଁ ଦୂତ, ତାଙ୍କ ପାଇଁ ସରସ, ତାଙ୍କ ପାଇଁ ସାରଥୀ ହୋଇ ବସିବାରେ ତୁମ ଶ୍ରେଷ୍ଠପଣ, ଜ୍ୟେଷ୍ଠ ପଣ କେଉଁଠି ଥୋଇ ଦେଲ କିନ୍ତୁ ଆମ ପାଇଁ ତୁମ ଶ୍ରୀଅଙ୍ଗରେ ଶ୍ରମଝାଳ ଦିଶିଗଲେ ଆମ ବୁକୁ ଫାଟି ଯାଏ । ଗୋପାଳ ପୋଏ ତୁମକୁ କାନ୍ଧରେ ବସାଇ ଜଗତ ଭ୍ରମି ଯାଉଥାନ୍ତେ । ତୁମ ପାଇଁ ପ୍ରାଣ ବିସର୍ଜି ଦେଇଥାନ୍ତେ । ଏପରି ଅନୁଗତ ସହଚର କ'ଣ ସଖା ନୁହନ୍ତି । ତାଙ୍କୁ ଅବହେଳା କଲେ ସେମାନେ ଜାଣି ପାରନ୍ତି ନାହିଁ ବୋଲି, ତୁମେ ତାଙ୍କୁ ଛାଡ଼ିଗଲାବେଳେ ତୁମ ହସ ହସ ମୁହଁକୁ ଚାହିଁ ତୁମ କପଟକୁ ସନ୍ଦେହ କରି ପାରନ୍ତି ନାହିଁ ବୋଲି, ସେମାନେ ଧନୁର୍ଦ୍ଧାରୀ ରାଜପୁତ୍ର ନୁହନ୍ତି ବୋଲି, ତେଜ ଐଶ୍ୱର୍ଯ୍ୟରେ ତୁମ ସମକକ୍ଷ ନୁହନ୍ତି ବୋଲି ତୁମେ ତାଙ୍କୁ ଉପେକ୍ଷା କରିଗଲ କି ? ଗଜପତିର ଭୋଗ ଭାଗ୍ୟ, ଛତିଶା ନିଯୋଗ ଛପନ ପଉଟି ଭୋଗକୁ ଗୋପାଳେ ସମର୍ଥ ନୁହନ୍ତି ସତ, ହେଲେ ସର୍ବସ୍ୱ ନିଗାଡ଼ି ଦେଇ ଦେବାରେ ତାଙ୍କର ଦ୍ୱିଧା କାର୍ପଣ୍ୟ କେବେ ଦେଖିଛ କି ? ହଉ ହେଲା, ତୁମର ଯେତେବେଳେ ଯାହାକୁ ମନ ହେଲା ସେଥିରେ ଜେର ଆପତ୍ତି କରିବାକୁ ଆମେ କିଏ ? ତୁମକୁ ସାର୍ବଭୌମ ଅଧିକାର ଦେଇ ମୁଣ୍ଡରେ ବସେଇଲା ପରେ ତୁମେ ଯାହାକଲେ ସୁଦ୍ଧା ଆମକୁ ସୁନ୍ଦର ।

ତୁମେ ଅନେକ ଦିବ୍ୟ ଅଦିବ୍ୟ କର୍ମ କରୁଥିଲାବେଳେ, ତୁମକୁ କିଏ କ'ଣ ରୂପେ ଦେଖିଛି, ବୁଝିଛି । କିଏ କ'ଣ ପାଇଛି, ଦେଇଛି । ଆମେ ଖାଲି ମୁଗ୍ଧ ବିମୂଢ଼ ହୋଇ ଅନେଇଥିବା କଥା । ଯମୁନା ନଈର ବାଲିପଠା ଉପରେ ଆମକୁ ଦୁଇଦଳ କରି ଲଢ଼େଇ ଦେଉଥିଲ । ନକେ ଲଢୁଥିଲ । ଆମେ ଖେଳରେ ଖେଳରେ ମରାମରି ହେଉଥିଲୁ । ଖେଳ ଉରାନ୍ତେ ଆମେ ହସୁଥିଲୁ; ତୁମେ ହସୁଥିଲ । ଏଇଠି ସେଇ ଅଭ୍ୟାସରେ ଦୁଇପକ୍ଷକୁ ଲଢ଼େଇ ଦେଲ । ତୁମ୍ଭର ଶଂଖ ଶବ୍ଦ ହେଲା । ଭୀଷ୍ମ ପରି ଭୀମ ରୂପୀ ଯୋଦ୍ଧାମାନେ ସିଂହନାଦ କଲେ । ହସ୍ତୀଙ୍କ ବୃଂହଣ, ଅଶ୍ୱଙ୍କ ହ୍ରେଷା ଭିତରେ ନେମି-ଘୋଷ ମିଶିଗଲା । ହୁଂକାର, ହାହାକାର ମିଶିଗଲା । ଆକାଶ ଆଚ୍ଛନ୍ନ ହେଲା ଶରଜାଲରେ । ପୃଥିବୀ ପ୍ଲାବିତ ହେଲା ରକ୍ତରେ । ଦିନ ଦିନ ଧରି ଅଠର ଦିନ ଏଠି ଜଳିଲା ହୁତାଶନ । ତୁମେ ହିଁ ପ୍ରଥମେ ଅଗ୍ନି-ସଂଯୋଗ କରିଥିଲ । ତୁମେ ହିଁ ରଥରଜ୍ଜୁ ଧରି ସେ ମଇଦାନର ମଝିରେ ନିରସ୍ତ୍ର ରହି ଅସ୍ତ୍ରଧାରୀମାନଙ୍କୁ ବିଘୂର୍ଣ୍ଣିତ କରୁଥିଲ; ଚୂର୍ଣ୍ଣିଭୂତ କରୁଥିଲ । ଖେଳ ସରିଲା ବେଳକୁ ରୁଣ୍ଡ ତଣ୍ଡ କବନ୍ଧ ଭିତରେ ପାଞ୍ଚଟି କ୍ଲାନ୍ତ ରାଜପୁତ୍ର ବାଟ ବାରି ନୀରବ ଚାଲିଗଲେ । ତୁମେ ହିଁ ଏ ଖେଳ ଶେଷରେ ରହିଗଲ ହସିବାପାଇଁ । ବାକି ସମସ୍ତେ ତ' ମୃତାହତ !—କାହିଁକି ଏପରି କଲ, ବନ୍ଧୁ ? ଦ୍ୱାରକାରେ ଯଦୁବଂଶ ପରି କୁରୁକ୍ଷେତ୍ରରେ ସୋମବଂଶଟିକୁ ନିପାତ କରିଦେଲ ! ତୁମର ସେ ଧର୍ମ ଯୁଦ୍ଧରେ ଧର୍ମ ନିଜେ ଯୁଦ୍ଧ କରୁଥିଲେ, ନା ଅପେକ୍ଷା କରୁଥିଲେ ତୁମ ଆଢୁଆଳରେ, ସମୁଦ୍ରପରି ?—ଯୁଦ୍ଧ ସରିଗଲେ ମାଡ଼ି ଆସି ଅଧିକାର କରିବେ, ସ୍ୱୟଂ ସ୍ଥାପିତ ହେବେ ବୋଲି ?

ତୁମେ ଭାରି ବିଚିତ୍ର ଖେଳୁଆଡ଼ ବନ୍ଧୁ ! ତୁମ ମାରଣ, ତାରଣ ବାରିବା ଦୁଷ୍କର । ପାଣ୍ଡବେ ତୁମ ପଞ୍ଚପ୍ରାଣ ପରା ! କ'ଣ କଲ ତାଙ୍କୁ ? ଜୀବନ ସାରା ବନବାସ କଷ୍ଟ, ଅଜ୍ଞାତବାସ କଷ୍ଟ ଦେଇ ଅପମାନିତ କଲ । ଧନୁହୁଳରେ ଟେକି ଧରିବାର ଯୋଦ୍ଧାପଣ ଯେଉଁ ରାଜପୁରୁଷର, ଯେ ଚାହିଁଲେ ମୁହୂର୍ତ୍ତକେ ଧନକୁ ଜୟ କରି କୁବେର ସଂପତ୍ତି ଥକଜାଡ଼ି ଦେଇ ପାରେ ତାଙ୍କୁ ନେଇ ଅନ୍ତଃପୁରରେ ବୃହନ୍ନଳା କରି ରଖେଇଲ ? ସାମର୍ଥ୍ୟର ଅପଚୟ କରେଇଲ ! ସାମର୍ଥ୍ୟର ନିନ୍ଦା ହେଲେ

ପରା ମରଣଠୁ ବଳି ଦୁଃଖ ହୁଏ ! କାହିଁକି ସେ ଆଶ୍ରିତ ମଣିଷକୁ ନେଇ କଣେଇ ଉଙ୍କି ନଚେଇଲ ?—ନାକ ଘୋସାରିଲ ? କାହିଁକି ରାଜସଭାରେ ଯାଜ୍ଞସେନୀର ତେଡ଼େ ବଡ଼ ଅପମାନ କରେଇଲ— ତା'ପୁଣି ଭୀମାର୍ଜ୍ଜୁନ ପରି ସମର୍ଥ ପତିମାନଙ୍କ ଆଗରେ ? ଓଃ, ନାରୀଟିଏ ବଳାତ୍କାର ବିବସ୍ତ୍ର ହେବା ପର୍ଯ୍ୟନ୍ତ କାହିଁକି କଥା ଗଲ ! ତୁମକୁ ସତେ ଆଶ୍ରିତ ହେବା ଯାହା ଅଗ୍ନିକୁ କୋଳ କରିବା ତାହା ! ତୁମେ ଜାଳିଦିଅ, ପୋଡ଼ି ଦିଅ, ନାରଖାର କରିଦିଅ । ସବୁ ଦୁର୍ବିସହ ଯାତନା ତୁମେ ନାରୀ ଉପରେ ହିଁ ଅଜାଡ଼ି ଦିଅ କାହିଁକି ? ଦ୍ରୁପଦ ରାଜକନ୍ୟା ତୁମର ଖୁବ୍ ପ୍ରିୟଜନ ପରା ! ତାକୁହିଁ ବାଛିଲ ବାରମ୍ବାର ଲାଞ୍ଛିତ ହେବାକୁ, ଦୁଃଶାସନ ହାତରେ,କୀଚକ ହାତରେ ! ତାକୁ ହିଁ ବାଛିଲ ଏକାଥରେ ପାଞ୍ଚଟି-ଯାକପୁଅର କଟା ମୁଣ୍ଡ ଦେଖିବାକୁ ! ତାକୁହିଁ ବାଛିଲ ସବୁ ହାରି ସାରି ଟଳମଳ ଗୋଡ଼ରେ ମୃତ୍ୟୁର ପାହାଡ଼ ଚଢ଼ିଲା ବେଳେ ପ୍ରଥମେ ଝୁଣ୍ଟି ପଡ଼ିବାକୁ !!— ସୁଭଦ୍ରା ତୁମ ଭଉଣୀ ପରା ! ତାକୁ କେମିତି ଏଡ଼େ ବଡ଼ ପୁତ୍ର କଷ୍ଟ ଦେଇପାରିଲ ? ତା ପୁଣି ଅଭିମନ୍ୟୁ ଭଳି ପୁଅ ! ତୁମେ ଏଡ଼େ ନିର୍ମମ ହତ୍ୟା କରିପାର ? ଅଭିମନ୍ୟୁର କଣ ଦୋଷ କହିଲ ? ତାକୁ କଣ କୌଣସି କାରଣରୁ ସହି ପାରିଲ ନାହିଁ, ଦୁର୍ବାର ମଣିଲ ତାର ଶୌର୍ଯ୍ୟ ପାଇଁ ! ଅର୍ଜ୍ଜୁନର ପୁଅ ବାସୁଦେବଙ୍କ ଭଣଜା ସେମିତି ନ ହୋଇ ଆଉ କେମିତି ହୋଇଥାନ୍ତା ? ସେଥିପାଇଁ କଣ' ଜାଣି ଶୁଣି ତାକୁ ଶତ୍ରୁ ଘେରରେ ପକାଇ ଏମିତି ମରାଯାଏ ? —ସେହିଭଳି କାରଣରୁ କ'ଣ ବୃଦ୍ଧକ୍ଷତ୍ରଙ୍କ ମୁଣ୍ଡ ହାଣି ଜୟ-ଦ୍ରଥ ଉପରେ ଥୋଇଦେଲ ? —କି ବିଚିତ୍ର ତୁମ ଢ଼ଙ୍ଗ ! ସବୁଠି କ'ଣ ଆପଣା ଲୋକଙ୍କୁ ମାରିବା, ମରେଇବା ତୁମ ନୀତି ? ନିଜ ଅବୟବକୁ ହାଣି ଦେଲାପରି ଆତ୍ମଘାତୀ ହେଲା ସୋମବଂଶ । ତୁମେ ହିଁ ସେମାନଙ୍କୁ ବାଧ୍ୟ କରିଥିଲ ନିଜ ନିଜର ରକ୍ତପାତ କରିବାକୁ ! କେବଳ ଅର୍ଜ୍ଜୁନ ନୁହେଁ, ପ୍ରତ୍ୟେକ ଯୋଦ୍ଧା ଭିତରେ ଅର୍ଜ୍ଜୁନଟିଏ ଅମଙ୍ଗ ହୋଇଥିଲା ଧନୁ ଟେକିବାକୁ । ଆଗରେ ସ୍ୱଜନ କୁଟୁମ୍ବୀଙ୍କୁ ଦେଖି ତାର ସ୍ନାୟୁ ମଣ୍ଡଳ ଦୁର୍ବଳ ହୋଇଯାଇଥିଲା । ଅପରକୁ ଦେଖି ପାରିଲେ ସିନା ସେ ଲଢୁଥାନ୍ତା । କେମିତି ରକ୍ତରେ ବାଡ଼ ପକେଇ ସେ ଆତ୍ମୀୟ ଗୁଡ଼ାଙ୍କୁ ସଂହାର କରିଦେଇ ପାରିବ ?—ସେ କଣ ତୁମଭଳି ହେଇଟିକି ? ସେ ପରା ମଣିଷ ଟିଏ ! ତୁମେ କିନ୍ତୁ କଣ ଛାଡ଼ିଲକି ? ତାର ସେ ଅନିଚ୍ଛାକୁ ଅନେକ ଉପଗ୍ରହ କରି ଖସେଇ ଦେଲ ! ସେଇ ପୁରୁଣା କଥା— ପୁଣି ନାରୀଟିକୁ ତା ଅନିଚ୍ଛାରେ ବିବାହ କଲା ପରି ! ତୁମେ ସେଇ ଦୀର ଶ୍ୱେରା ରହିଗଲ ଚିରକାଳ ବନ୍ଧୁ ! ନଗ୍ନ ରୂପ ଏକ ଅସହାୟ ରୂପ ! ତାକୁ ଦେଖିବାକୁ ତୁମର ଏତେ ସରାଗ କାହିଁକି କହିଲ ? ନଗ୍ନତା କଣ ସତ୍ୟ ?

ଅର୍ଜ୍ଜୁନଟିକୁ ନାନା ପ୍ରକାରେ ବୁଝେଇଲ ; ତାକୁ ବିହ୍ୱଳ, ବିମୁଢ଼ କଲ ତୁମ ଢ଼ଙ୍ଗରେ ! ବାଘମୁହିଁ ଖଣ୍ଡି ଆମକୁ ଡରାଉ ଥିଲ । ପାଟି ମେଲେଇ ମା ବିଶ୍ୱରିଟିକୁ ବିମୁଢ଼ କରିଥିଲ ! ସେଇ ବିଦ୍ୟା ପ୍ରୟୋଗ କରି ଅର୍ଜ୍ଜୁନକୁ କାବୁ କରିଦେଲ ! ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ ଗତାଗତ ବର୍ତ୍ତମାନକୁ ହାଉ କରି ପିଛିଲ । ପାଟି ବିସ୍ତାର କରି ଦାନ୍ତ ସଂଧାରେ ଲଞ୍ଚିଥିବା ଯୋଦ୍ଧାମାନଙ୍କୁ ଦେଖାଇଲ । ସେମାନେ ମରି ସାରିଥିଲେ । ଅର୍ଜ୍ଜୁନ ଅମଙ୍ଗ ହୋଇଥିଲେ ସୁଦ୍ଧା ସେମାନଙ୍କର ପ୍ରାଣ ନ ଥିଲା । ଅର୍ଜ୍ଜୁନ ତୁମ ମୁହଁକୁ ଚାହିଁଦେଲା । ସେ ମୁହଁକୁ ଚାହିଁଲେ ଯାହା ହୁଏ ତାହା ହେଲା । ସେ ନିର୍ବିଘ୍ନର ସଂହାର କରିଗଲା ; ଭାଇ, ବନ୍ଧୁ, କୁଟୁମ୍ବୀ, ଗୁରୁ, ପରିଜନ ସମସ୍ତଙ୍କୁ, ଧର୍ମ ପାଇଁ ତୁମ ଆଗରେ, ତୁମକୁ ସାକ୍ଷୀ ରଖି !

ପାଣ୍ଡବେ ବଞ୍ଚିଲେ, ଯେମିତି ଧୃତରାଷ୍ଟ୍ର, ଗାନ୍ଧାରୀ ବିଦୁର ମଧ୍ୟ ବଞ୍ଚିଲେ । ସାର ଶୂନ୍ୟ ଖୋଳପା ଗୁଡ଼ିଏ !—କାହାକୁ ନେଇ ବଞ୍ଚିବେ ?—ପୃଥିବୀକୁ, ଯେ କାହାରି ନୁହେଁ ? —ଏ ଆକାଶକୁ, ଯାହା ସହିତ ସଂପର୍କ ଯୋଡ଼ି ହୁଏ ନାହିଁ ?—ତୁମକୁ ଯେ ଯୁଦ୍ଧ ସରୁ ସରୁ ତାଙ୍କୁ ସେ ରକ୍ତ-କର୍ଦ୍ଦମରେ ଛାଡ଼ିଦେଇ ଦ୍ୱାରକା ଫେରିଗଲ ? ତୁମେ ଭାରି ପ୍ରତାରିତ କରିପାର, ବିସ୍ମିତ, ବିଡ଼ମ୍ବିତ କରିଦେଇ ପାର । ଆମ ପାଇଁ ଏଇଟା କିଛି ନୂଆ କଥା ନୁହେଁ । ତୁମର ସେ କୈତବ ଆଚରଣ ଆମେ ବହୁକାଳୁ ଜାଣିଛୁ । ତୁମ ସ୍ୱଜନ-ନିଧନ ନୀତି ମଧ୍ୟ ଖୁବ୍ ପୁରୁଣା । ତୁମେ ଆମର ସବୁ କଥାରେ ହସୁଥାଅ । ଜ୍ଞାନ, ଅଜ୍ଞାନ, ଅଭିମାନ ଅବିଗୁଣ, ସୁଖ ଦୁଃଖ ହସ କାନ୍ଦ, ପାଇଁ ଆମର ଅଭିଯୋଗ, ଅନୁନୟ ସ୍ତୁତି ନିନ୍ଦା—ସବୁ କଥାକୁ ସେଇ ସ୍ଥିର ବିସ୍ତୃତ କୋମଳ ହସ । ରତ୍ନ ସିଂହାସନ ଉପରେ ବିଜେ ହେଲେ ଚନ୍ଦନ ଚିତା ପରି ସେ ହସଟିକୁ ମୁହଁରେ ଚିତ୍ର କରି ବସିଥାଅ ? —ତୁମ ମନକୁ ଆମ କଥା ପାଏ ନାହିଁ ବୋଲି ? —କଉତୁକ ଲାଗେ ବୋଲି ? ଆମକୁ ଭଲ ପାଅ ବୋଲି ?— ନା ସେମିତି ହସିବା ତୁମର ଅଭ୍ୟାସ ବୋଲି ??

ଏ କ୍ଷେତ୍ରକୁ ଆସ, ପାରି ହୋଇଯିବା, ବନ୍ଧୁ ; ବାଟରୁ ଆଉ ସ୍ମୃତି ଗୋଟାଇବା ନାହିଁ । କିନ୍ତୁ ଆଡ଼ ହୋଇ ଚାଲିଯିବା ଅବା କିପରି ? ତୁମେ ବଳେ ଠିଆହୋଇ ଯାଉଛ ; ଆନମନା ହୋଇ ଶୂନ୍ୟକୁ ଚାହୁଁଛ କାହିଁକି ? — ହଁ, ଏଇଠି ଗାଙ୍ଗେୟଦେବ ହୋଇ ଶୂନ୍ୟକୁ ... ଶରଶଯ୍ୟା କରିଥିଲେ । ଅସଂଖ୍ୟ ଶରଫଳା ଦେଇ ଶୁଶ୍ରୂକ ପିତାମହଙ୍କର ପୁରାତନ ରକ୍ତ ଝରି ଏ ଭୂଇଁ ଓଦା ହୋଇଥିଲା । ......ଏଇ ସେଇ ନିମ୍ନଭୂମି, ଯେଉଁଠି କର୍ଣ୍ଣ ରଥର ଚକ ପଶି ଯାଇଥିଲା ମାଟି ଭିତରେ । ଆକାଶରୁ ଅଖଣ୍ଡ ଅଭିଶାପ ବର୍ଷୁଥିଲା । ସୂର୍ଯ୍ୟ ରକ୍ତ-ସମୁଦ୍ରରେ ଅସ୍ତମିତ ହେଉ ଥିଲେ ।...... କଟାହ ପରି ବୃତ୍ତାକାର ଏ ଭୂମି ସେଇ ଚକ୍ରବ୍ୟୂହର କେନ୍ଦ୍ର । ଏଇଠି କୁମାର ଅଭିମନ୍ୟୁ ବହୁ ଅସ୍ତ୍ରାଘାତରେ ସିଂହ ଶିଶୁପରି ଲୋଟି ପଡ଼ିଥିଲା । ମେଘ ଉହାଡ଼ରେ ଲୁଚି ଯାଇଥିଲା ଧର୍ମ ।...... ଏଇଠି ମଧ୍ୟଭୂମି । ଏଇଠି ଜୟସ୍ତମ୍ଭ ! ଏଇଠି ଆରକ୍ତ ସାୟା-ହ୍ନରେ ମୁକ୍ତକେଶା ଯାଜ୍ଞସେନୀଙ୍କର ବେଣୀ ସଂହାର ହୋଇ-ଥିଲା । ରକ୍ତ ଥୋପିଥିଲା ପରିତୃପ୍ତ କେଶାଗ୍ରରୁ, କ୍ରୋଧରେ କଂପୁଥିଲା ନଖାଗ୍ରରୁ, ବିଦୀର୍ଣ୍ଣ ଯୋଦ୍ଧାର ବକ୍ଷରୁ, ବାହୁମୂଳରୁ ! ...... ଆଉ ଦେଶେ ଯିବା ନାହିଁ ବନ୍ଧୁ ! ତେଣିକି ହାହାକାରର ହସ୍ତିନା !, ଭର୍ତ୍ତୃହରା କୁଳବଧୂମାନଙ୍କର ରୋଦନ ଶୁଣି ହେବ ନାହିଁ । ଅନ୍ଧ ଆଖିରୁ ଲୋତକପାତ ଦେଖି ହେବ ନାହିଁ । ପିତୃ-କୁଳ ପିତୃକୁଳକୁ ହରାଇଥିବା ସେ ପାଞ୍ଚଟି ବିଜେତାଙ୍କର ବିଷର୍ଣ୍ଣ ମୁହଁକୁ ଚାହିଁହେବନାହିଁ !—

କୁରୁକ୍ଷେତ୍ର ତୁମ ପାଇଁ ଧର୍ମ କ୍ଷେତ୍ର । ତୁମେ ସେଇଠି କଣ ଭାଙ୍ଗିଛ କଣ ଗଢ଼ିଛ ତୁମକୁ ଜଣା । ଆମ ପାଇଁ ଏ ଭୂମି ଏକ ଦୁଃସହ କଣ୍ଟାବଣ । କୁରୁକ୍ଷେତ୍ରରେ କୁଞ୍ଜବନ ନାହିଁ, କଦମ୍ବ ନାହିଁ ଆମେ ପାଟଳ ଫୁଲ ତୋଳି ମାଳ ଗୁନ୍ଥିଛୁ । କିନ୍ତୁ ଏତେ ପାଟଳ ରକ୍ତ, ଏତେ କଟା ମୁଣ୍ଡ ବୃନ୍ତରୁ ଝଡ଼ି ପଡ଼ିବାର ଦେଖି-ନାହୁଁ କି ଜାଣି ନାହୁଁ ! ଏଠି ତୁମ ମୁକୁଟରେ ମୟୂର ଚୂଳ ନାହିଁ । ତୁମ ବେକରେ ବନମାଳା ନାହିଁ । ତୁମ ଆଖି ଆରକ୍ତ । ତୁମ ଭ୍ରୂକୁଟି କୁଟିଳ । ତୁମ ଦେହରେ ଶ୍ରମଝାଳ; ମୁହଁରେ ଘୋଡ଼ା ଟାପୁରୁ ଉଠୁଥିବା ଧୂଳି ପଟଳ । ତଥାପି ତୁମେ ସୁନ୍ଦର ଦିଶୁଛ । ତଥାପି ତୁମ ଓଠରେ ସେଇ ହସ ପାଖରେ ଆମେ ପ୍ରାଣ ବିକି-ଦେବୁ କିନ୍ତୁ ତୁମେ ପୁଣି ମୁହୂର୍ତ୍ତକେ ହୁତାଶନ ପରି ଜଳି ଉଠୁଛ । ବିସ୍ତାରି ଯାଉଛ ଦିଗ୍‌ବିଦିଗ । ତୁମକୁ ଚାହିଁ ହେଉ ନାହିଁ । ସହସ୍ରେ ସୂର୍ଯ୍ୟ ପରି ତୁମେ ଜଳୁଛ । ତୁମକୁ ଜଳି ହେଉ ନାହିଁ । ଏ ରୂପ ପାଇଁ ଦେବତା ମାନେ ନିଶିଦିନ ଆଶାକରି ରହିଛନ୍ତି । ସିଦ୍ଧସାଧକ ଅପେକ୍ଷା କରି ରହିଛନ୍ତି । ଆମେ କିନ୍ତୁ ତୁମର ଏ ଭୟାବହ ରୂପକୁ ନେଇ କ'ଣ କରିବୁ; କେଉଁଠି ସଂପାଦିବୁ ? ଘଇ ଏ ରକ୍ତ ନଦୀ ପାର ହୋଇ ଯିବା ବନ୍ଧୁ ! ଓଃ, ଆମେ ବରଂ ଆଖି ବୁଜି ଦେଉଛୁ, ତୁମେ ହିଁ ପାରି କର ନେଇ ଯାଅ !

××× ଜନ୍ମ ମାଟି ହୋଇ ଥିବାରୁ ଏ ମଥୁରା ନଗରୀ ତୁମକୁ କେମିତି ଦିଶୁଥିବ କେଜାଣି, କିନ୍ତୁ ଆମ ପାଇଁ ମଥୁରା ସବୁବେଳେ ନଈ ଆରପାରି ଅନ୍ଧାର । ସେଇଠି ଚିରକାଳ କଂସ ରାଜୁତି କରୁଥାଏ । ମୁଷ୍ଟିକ, ଚାଣୁରମାନେ ତାକୁ ଘେରି ରହିଥାନ୍ତି । ସେ ଜଗତି ଉପରେ ବସି ଟହ ଟହ ହସୁଥାଏ । ମଥୁରା ପାଷାଣମୟ ପାଚେରୀମୟ ବନ୍ଦୀଶାଳ । ସେଇଠି ଆତ୍ମୀୟମାନଙ୍କୁ ଶାଙ୍କୁଳିରେ ବାନ୍ଧି ରଖାଯାଏ । ଜନ୍ମିତ ଶିଶୁମାନଙ୍କୁ ଶିଳାରେ ଛେଚି ନିପାତ କରାଯାଏ । ଅତ୍ୟନ୍ତ କ୍ରୂର ଭୂମି, ରୁକ୍ଷ, ଅନାତ୍ମୀୟ ଭୂମି ଏଇ ମଥୁରା । ...... ତଥାପି ଭାଗ୍ୟବତୀ ମଥୁରା ତୁମକୁ ତ ଜନ୍ମ ଦେଇଛି । ସେଥିପାଇଁ ସେ ମଥୁରା ନୁହେଁ, ମଧୁରା । ଯଦି କଂସ ନଗରୀରେ କୃଷ୍ଣ ସମ୍ଭବି ଗଲେ ସେ ଆଉ କି କଂସ ? ସେଇ ଦିନଠାରୁ ଜାଣି ମଥୁରାରେ ମଧୁ ସଂଚ୍ଚାର ହୋଇଗଲା ; କଂସପୁର ମଧୁପୁର ହୋଇଗଲା ।

କଂସର ଭିତରପାକ ଅନ୍ଧାର ହୋଇଥାଉ । ସେଥିରେ କଣିକାଏ ଉଜ୍ଜ୍ୱଳତା ତ ନିଶ୍ଚୟ ଅଛି ସେ କୃଷ୍ଣକୁ ଆବାହନ କରୁଛି । ସେହିପରି ତୁମେ ଯାହା ମନ ତାହା ହୋଇ ଥାଅ, ମାତୃକ କ୍ରମରେ ତୁମ ଭିତରେ କିଛି ମାତ୍ରାରେ କଂସ ଭାବ, କିଛି କିଛି କ୍ରୁରତା ଲୁଚି ରହି ନାହିଁ ବୋଲି କହି ପାରିବ କି ? ଆମେ କିନ୍ତୁ କୃଷ୍ଣବିଭୋର ପ୍ରାଣୀ । କଂସ ଆମକୁ କଷଣ ଦେଉଥିଲେ ସୁଦ୍ଧା ଆମର ବେଳ କାହିଁ ତା ବିଷୟ ଚିନ୍ତା କରିବାକୁ ।

...... ଏଇ ସେଇ ରାଜ ନଗର । ଖୁଆଡ଼ ଖୁଆଡ଼ ଘର । ପ୍ରସ୍ଥ ପ୍ରସ୍ଥ ପାଚେରୀ । ପଥରର ବିଚିତ୍ର ଗୁମ୍ଫା ଭିତରେ ଅସୁର ସର୍ଜିଛି । ଏତେ ପ୍ରତାପୀ ପୁଣି ଏତେ ଭୟାତୁର ହୁଅନ୍ତି ? ବର୍ଷ ବର୍ଷ ଧରି ତାକୁ ରାତିରେ ନିଦ ନାହିଁ କି ଦିବସରେ ଭୋକ ନାହିଁ । ତା ମର୍ମ ଥରୁଛି ଭୟରେ । ସବୁବେଳେ ଶୂନ୍ୟବାଣୀ ଶୁଭୁଛି – 'ମରିବୁ ମରିବୁ ଅସୁର । ଅଷ୍ଟମ ଗର୍ଭକୁ ଚେଳିପାରୁ ହୋଇଯିବ ତା ପୃଥ୍ୱୀ । ଛିଣ୍ଡି ପଡ଼ିବ ଆକାଶ । ସବୁବେଳେ ଓହଳି ରହିଥିବା ପାହାଡ଼ ପରି ମୃତ୍ୟୁ ତା ମୁଣ୍ଡ ଉପରେ ଝୁଲି ରହିଛି । ସେ ସେଥିପାଇଁ କ୍ରୁର ଶିଶୁହନ୍ତା ହେଲା ବୋଲି ତାକୁ ସେମିତି ମରଣ ଆତଙ୍କରେ ଶିଝେଇ ଶିଝେଇ ତା ପିଣ୍ଡକୁ ଦୁହିବା କଣ କ୍ରୁରତା ନୁହେଁ ? ମାମୁଁଟିକୁ ମାରିବାକୁ ତୁମକୁ କେତେ ଘଡ଼ି ? ତାକୁ ଏମିତି ଲକ୍ଷେଥର ମାରି ମାରି ଶେଷକୁ ସେ ବୋଲୁଅ ଚିପୁଡ଼ା ହୋଇଥିବା ଫଳଟିଏ ପରି ମଞ୍ଚାରୁ ଖସି ପଡ଼ିଲା । ତୁମକୁ ଦେଖଦେଲା; ମରିଗଲା ! ତୁମକୁ ଦେଖିଲେ ହିଁ ତ ମରିବାକୁ ହୁଏ । କିଏ କେଉଁ ବାଟେ ମରେ । ହେଇ ଆମକୁ ଦେଖୁନ !

...... ନବର ଦକ୍ଷିଣପଟେ ବନ୍ଦୀଶାଳ । .... ଏଇ ସେଇ ଶିଳା । ଏଇଠୁ ସଦ୍ୟ ଜାତ ଶିଶୁର ଆର୍ତ୍ତନାଦ ବନ୍ଦୀଶାଳା ଭିତରକୁ ଶୁଭିଥିବ ତ' । ବିଦୀର୍ଣ୍ଣ ସୁକୁମାର ରକ୍ତମାଂସ ଛିଟିକି ଯାଇଥିବ କାଛ ସାରା !–ଦେବକୀ ବସୁଦେବର ରକ୍ତ ? ତୁମର ରକ୍ତ ! ...... ଏଇ ସେଇ ହାତୀଶାଳ । ଏଇଠି ହାତୀପରି ହିଂସା ପାଳିତ ହେଉଥିଲା । ତା ପାଖକୁ ମଲ୍ଲଶାଳ । ବିଧାଘାତେ ଚିତ୍ରକୁଟ ମହୀଧର ଚୂନା ହୋଇଯାଉଥିଲା । .... ବଡ଼ ବିଷମ ଏ ମଥୁରା କଟକ । ଏଇ ସେଇ ମଥୁରା ଦାଣ୍ଡ ଯେଉଁଠି ତାତିଲା ପଥର ଉପରେ ଆଷାଢ଼ ବର୍ଷା ପରି ବହି ଯାଇଥିଲା ଗୋପର ସ୍ନିଗ୍ଧ ଧାର । ବେଣୁ ଧ୍ୱନିର ମୂର୍ଚ୍ଛନା । ଗୋପାଳଙ୍କ ଢ଼ଳି ଢ଼ଳି ନାଚିବାର ଛନ୍ଦ, ଭାର ଭାର ଦହି ଦୁଧର ମଧୁରତାରେ ଗୋପାୟିତ ହୋଇଥିଲା ମଥୁରା ଦାଣ୍ଡ । ମାଥୁରୀ ନାରୀମାନେ ମାଧୁର୍ଯ୍ୟରେ ମାଧୁରୀ ଗୋପିନୀ ହୋଇଗଲେ । ସବୁ କୁଞ୍ଜ ସଳଖି ଗଲା । ସବୁ ନାରୀ ବଲ୍ଲୀରେ ଫୁଟିଗଲା ଅନୁରାଗର ଫୁଲ । ସେ କେହୁ ନାରୀ ଯେ ମୋହନକୁ ଦେଖି ଦ୍ରବି ନ ଯିବ ? କିଏ ଅଛି ଯେ ଜୀବନ ଯୌବନ ଅର୍ପି ନ ଦେବ ? ସେମାନେ ଆମ ଠାରୁ ତୁମକୁ ଛଡ଼ାଇ ନେଇଥିଲେ । ଭାବିଥିଲେ ମଥୁରା ଘେର ଭିତରେ ଚିରକାଳ ସେ ନୀଳମେଘ ବର୍ଷୁଥିବ ! ସେ କଣ ଜାଣିଛନ୍ତି ମେଘକୁ ଆଙ୍କୁଡ଼ା ନାହିଁ ବୋଲି ! ସେ ଯେମିତି ଦିନେ ଭାସି ଆସିଲା ଦିନେ ସେମିତି ଭାସି ଚାଲିଯିବ । ମଥୁରା ନାରୀଙ୍କ ଦୁର୍ଦ୍ଦଶା ଆଉ କିଏ ନ ବୁଝୁ ଆମେ ବୁଝି ପାରୁଛୁ !

ମଥୁରା କିନ୍ତୁ ସେତିକି ବେଳେ ମଥୁରା ଯେତେବେଳେ ସେ ଘନଘୋର ଅନ୍ଧାରରେ ବୁଡ଼ିଯାଏ । ସେତିକିବେଳେ ସେ ବୋଧହୁଏ ତୁମର ସବୁଠାରୁ ବେଶୀପ୍ରିୟ । ଅନ୍ଧାର ହିଁ ତୁମର ପ୍ରିୟ, କାରଣ ତୁମର ସବୁ ରହସ୍ୟକୁ ସେ ଗୋପନ ରଖିପାରେ । ସେଥିପାଇଁ ବୋଧେ ପ୍ରିୟଜନର ଗୁଣ ପରି କଳାରଙ୍ଗଟିକୁ ତୁମେ ଏତେ ଆପଣାର କରି ନେଇଛ !

.........ସେ ଦିନ ରାତିରେ ଅପର୍ଯ୍ୟାପ୍ତ ମେଘ । ନୀରବ ମଥୁରା । ନିର୍ଜନ ରାଜଦାଣ୍ଡ । ବେଦନାମୟ ବନ୍ଦୀଶାଳା ! ସମସ୍ତଙ୍କ ଅଲକ୍ଷ୍ୟରେ ମେଘାଚ୍ଛନ୍ନ ଅନ୍ଧାର ଭିତରେ ତୁମେ ଆସି

ଅଲୁଟେ ଆବିର୍ଭୂତ ହେଲ । ସେଥିପାଇଁ ଅନ୍ଧାର ଘନୀଭୂତ ହେଲ । ସଂକଟ ବି ଘନୀଭୂତ ହେଲ । କେ ସହୁ ଦେବକୀ କଷଣ! ବସୁଦେବର ମଧ୍ୟ ଚରମ ପରୀକ୍ଷା । ବାପଟିଏ ବିଚରା, ମଣିଷଟିଏ ! ମୁଣ୍ଡଉପରେ ସଦ୍ୟଜାତ ଶିଶୁ । ପଛରେ ଜିଘାଂସା ଆତଙ୍କର ଅନ୍ଧାର । ଆକଣ୍ଠ ଯମୁନା । ଆଛନ୍ନ ଆକାଂକ୍ଷା । ଏଭଳି ଏ ନଦୀକୁ ତୁମେ ପ୍ରଥମେ ଲଂଘନ କରିଛ । ପଛରେ ଛାଡ଼ି ଆସିଛ ନୀରବ ଲୁହରେ, ଗଭରେ ଜୁଡୁବୁଡୁ ଜନନୀଟିଏ । ......ବାରବର୍ଷ ପରେ ପୁଣି ଲଂଘି ଆସିଛ ଏ କୂଳକୁ । ଆଉପଟେ ଛାଡ଼ିଆସିଛ ଲୁହରେ, କ୍ଷୀରରେ ଜୁଡୁବୁଡୁ ରୋରୁଦ୍ୟମାନ ମା' ଟିଏ । ବିନା ଦୋଷରେ ଦୁହିଁଙ୍କୁ ଦଣ୍ଡିଛ । ତୁମକୁ ଜନ୍ମଦେଲେ, ତୁମକୁ ଦୁଗ୍ଧ ଦେଲେ ବୋଲି ଦଣ୍ଡ ଦେଇଛ ? ଛାଡ଼, ସେ ସବୁ ଢଙ୍ଗ ତୁମର ! ତୁମେ ତ ଆଉ କାହା ଭଳି ହୋଇ ନାହଁ ଯେ ତୁଳନା କରି-କହିହେବ ! "ତୁମି ହି ତୋମାର୍ ତୁଲନା ଶାମ୍" ! ......ଆସ ଆଉ ଥରେ ଯମୁନା ପାରି ହୋଇ ଯିବା । ଆସବନ୍ଧୁ, ଯିବା ଘରକୁ ! ଏଇତ ସେଇ ପୁରୁଣା ନଈ । ଯା'ରି ପାଣିରେ କେତେ ଖେଳ ! ଯା'ରି କୂଳରେ କେତେ କଉତୁକ ! ମଥୁରାରୁ ଗୋପକୁ ଯିବା କ'ଣ ସହଜ ନା ଗୋପରୁ ମଥୁରା ଆସିବା ସହଜ । ତୁମେ ଉଭୟ ସାଧିଛ । ଗଲବେଳେ ବସୁଦେବଙ୍କୁ ବୁଡ଼ାଇଥିଲ; ଆସିଲବେଳେ ଅକ୍ରୂରଙ୍କୁ । ଆମେ ତ' ବନ୍ଧୁ ସହଜେ ବୁଡ଼ିଛୁ— ଆସ, ଆଉ ବିଳମ୍ବ କର ନାହିଁ । ଆଜି ଜାଣି ଖରି, ଦିନର କଣ୍ଡ ପୁରିଗଲ । ଆସ, ଗୋପକୁ ଯିବା !

×××ଦେଖୁଛ ତ' ସନ୍ଧ୍ୟାର ଶୀତଳ ଅନ୍ଧାରରେ ଯମୁନା କେମିତି ସ୍ତବ୍ଧ ହୋଇ ଆସୁଛି । ତୁମକୁ ସେ ବାରି ଦେଲଣି । ତୁମେ ତୁମର ବହୁ ବିଧ ଆବରଣ ଭିତରୁ ବାହାରି ଆସ ଏଥର । ଆଉ କାହାକୁ ଲୁଚିଛ ? ତୁମ ଦେହର ଚନ୍ଦନ ସୌରଭ ପବନରେ ସଂଚରି ଯାଉ । ଗୋପ ନିଶ୍ଚେତ ହୋଇ ପଡ଼ିରହିଛି କେଉଁ କାଳୁ । ଗୋପୀ ଗୋପାଳ, ନନ୍ଦଯଶୋଦା, ତରୁତୃଣ, ଧେନୁବତ୍ସାଦି ସମସ୍ତେ ସେ ସୁଗନ୍ଧରେ ଚମକି ଉଠନ୍ତୁ । ଏଥର ତ ଆଉ ସ୍ୱପ୍ନ ନୁହେଁ । ତୁମେ ଯାଇ ଠିଆ ହୋଇଯିବ ପ୍ରତ୍ୟକ୍ଷ ବୃନ୍ଦାବନରେ, ଆଜି ଏ ରାସପୂର୍ଣ୍ଣିମାରେ !......ସେମାନେ କମ୍ପି ଉଠିବେ । ଉନ୍ମତ୍ତ ହୋଇ ନାଚିବେ, ପ୍ରଳାପ କରିବେ । ତୁମକୁ ଛୁଇଁଦେଇ ମୂର୍ଚ୍ଛା ଯିବେ । କୋଳ କରି ପ୍ରାଣ ହାରି ଦେବେ । ଏତେ ପୁଞ୍ଜୀଭୂତ ଆବେଗ, ଏତେ ଉତ୍କଣ୍ଠା ପରେ ସ୍ୱପ୍ନ ଭୂମିରେ ଦୋହଲୁଥିବା ସେ ଦୁର୍ବଳ ପିଣ୍ଡଗୁଡ଼ିକ ଆନନ୍ଦର ଏ ପ୍ରବଳ ବନ୍ୟାକୁ ସମ୍ଭାଳିବେ କିପରି ? ଆମେ ସମ୍ଭାଳିବୁ କିପରି? ......ଆମର ଅଙ୍ଗ କେମିତି ପୁଲକିତ ହେଉଛି ଦେଖ ! କମ୍ପୁଛି ବେପଥୁରେ ! ଆଖିକୁ ଜଳାର୍ଣ୍ଣବ ଦିଶୁଛି । ବାକ୍ୟ ସ୍ଫୁରୁ ନାହିଁ......'ହା କୃଷ୍ଣ ବୋଲି ଜୀବ ଛାଡ଼ିଯିବ କି ସତେ ! ସତେ ତୁମେ ଗୋପକୁ ଆସୁଛ ଗୋପୀନାଥ ?—ସତେ ଗୋପ ଘାଟରେ ନାଆ ଲଗୁଛି ? ସମ୍ଭାଳି ଯାଅ ଗୋପାଳେ ! ତୋଳିଧର ଏ ଅମୂଲ୍ୟ ନିଧିକୁ ।

..........ଆଜି ରାସପୂର୍ଣ୍ଣିମା ! ଆକାଶରୁ ମଧୁବର୍ଷା ହେଉଛି । ଅସଷ୍ଟ ବେଣୁ ଧ୍ୱନିତ ହେଉଛି ଦିଗ୍‌ବଳୟରୁ ! ହେଇ, ଦେଖ ଜୀଇ ଉଠୁଛି ବ୍ରଜଭୂମି ! ଖୁବ୍ ଦୂରରୁ ଦୂରକୁ ଘୁଞ୍ଚିଯାଉଥିବା ରଥ ଘର୍ଘର ଶୁଭୁଛି । ଘୋଡ଼ାଟାପୁ ଶୁଭୁଛି । ..........ଆସ୍ତେ ଲୀନ ହୋଇ ଯାଉଛି । ଘେରି ଆସୁଛି ନିଶବ୍ଦ ଜହ୍ନରାତିର ଘନୀଭୂତ ନୀରବତା । ତାହାରି ଗର୍ଭରେ ଅତି କ୍ଷୀଣ ବିଲମ୍ବିତ ବେଣୁଧ୍ୱନି ପରି ନାରୀ କଣ୍ଠର ବିଳାପ ଶୁଭି ଶୁଭୁ ନାହିଁ । ଅତି ସୁଦୂର ସୂଚ୍ୟଗ୍ର ଶବ୍ଦ । ......ରାସ-ପୂର୍ଣ୍ଣିମାର ଜହ୍ନ ଆଲୁଅରେ ଏହିପରି ବିଳାପର ଧ୍ୱନି ସବୁବେଳେ ଗୁଞ୍ଜରୁଥାଏ ଏ ନିସ୍ତବ୍ଧ ବନ ଭୂମିରେ । ଆଜି କିନ୍ତୁ ଧ୍ୱନି ଗୁଡ଼ିକ ଘନୀଭୂତ ହୋଇ ଛିଡ଼ା ହୋଇଯିବେ ନାରୀରୂପରେ । ଶୀତଳ ଜ୍ୟୋତ୍ସ୍ନା ତରଳି ଯିବ ଦୁଗ୍ଧଫେନ ପରି । ଗୋପରେ ଗୁଞ୍ଜରି ଉଠିବ ଜୀବନ । ଧୂଳିରୁ ଉଠି ଆସିବେ ଲତା, ଗୁଳ୍ମ, କଦମ୍ବ । ସମସ୍ତେ ଭରିଯିବେ ଫୁଲରେ, ମହକରେ, ପରାଗରେ । ଅଦଭୁତେ ପକ୍ଷୀସ୍ୱନ ଶୁଣାଯିବ ଲତାବିତାନମାନଙ୍କରେ । ନଦୀଘାଟରେ କଳସକଙ୍କଣର ନାଦ ସହିତ ନୂପୁରର ନିକ୍ୱଣ ଶୁଭିବ । ହେଇ ତ' ଶୁଭିଲଣି ! ତୁମେ ଶୁଣି ପାରୁଛ ତ' ?

..........ତୁମେ କ'ଣ ଲଜଲଜ ହୋଇ ଠିଆ ହେଲ ମ ! ତୁମେ କ'ଣ ଏଯାଏଁ ଦ୍ୱାରକାବିଷ୍ଟ ହୋଇନାହିଁ, ଗୋପୀନାଥ ? ଆଖି ଟେକି ଚାହଁ । ବ୍ରଜଭୂମିର ରାସପୂର୍ଣ୍ଣିମାରେ କିଛିକାଳ ବୁଡ଼ିଗଲେ ତୁମ ଦେହରୁ ଅବସାଦ ଧୋଇ ହୋଇଯିବ । ତୁମେ ତ' ଲହୁଣୀ-ପାଳିତ ନନ୍ଦ-ଦୁଲାଳ । ତୁମକୁ ସେଭଳି ସରଲବଣୀ ଆଉ କିଏ ଭଲ ଦେଇ ପାରିବ ? ମଥୁରା, ଦ୍ୱାରକା ପୁରସ୍ତମରେ, ସେମାନଙ୍କ ପାଖରେ ଏତେ ସ୍ନେହ ବା' କାହିଁ ? କେଉଁଠି ଦେବେ ବିଶ୍ୱରା ?

..........ହେଇ, ଦେଖ ଯଶୋବନ୍ତୀ ଆସୁଛନ୍ତି । କେତେ ଦୁର୍ବଳ ହୋଇଯାଇଛନ୍ତି, ଦେଖୁଛ ? ତାଙ୍କୁ ବିଶ୍ୱାସ ହେଉନାହିଁ ତୁମେ ଆସିଛ ବୋଲି । ସ୍ୱରିଆଡ଼କୁ ଛନକା ହେଇ ପରି ଚାହୁଁଛନ୍ତି ମନକୁ ମନ ଗୁଣି ହେଉଛନ୍ତି, "ଘଟଣ ନ ଦିଶେ ପୁତ୍ର ନଥିଲେ ଗୋବିନ୍ଦ ଲୋ "! ବାହୁନି ହେଉଛନ୍ତି "କ୍ଷଣକ୍ଷୀର ଦେବି ମୁଁ କାହାକୁ" ? ....ତାଙ୍କ ଆଗରେ ହୁଁ କିନା ଉଭା ହୋଇ ଯାଅ ନାହିଁ; ତାଙ୍କ ଛାତି ଫାଟିଯିବ । ସେ ପ୍ରଥମେ ତୁମ ସୁଗନ୍ଧ ବାରି ଅନୁଭବ କରନ୍ତୁ । ପୁଅ ପୁଅ ବାସୁ ବ୍ରଜଭୂମି ! ତୁମର କୋମଳ ପଦପାତ ସେ ଶୁଣନ୍ତୁ । ମଧୁର ହସ ଶୁଣନ୍ତୁ । ଆଖି ବୁଜି ହର୍ଷପୁଲକରେ ଅଭ୍ୟସ୍ତ ହୁଅନ୍ତୁ । ତା' ପରେ କିନ୍ତୁ ତାଙ୍କ ସାଙ୍ଗେ ଆଉ ଛଳ ଆଚରଣ କର ନାହିଁ । ସେ ସମ୍ଭାଳି ପାରିବେ ନାହିଁ । ତାଙ୍କ ଆଗରେ ଠିଆ ହୋଇ ଯାଅ ।

..........ଝରଝର ଝରୁଛି ଆକାଶରୁ ଜ୍ୟୋତ୍ସ୍ନା । ପାଗଳିନୀ ଯଶୋଦା ଉଲ୍ଲାସରେ ଅବିଶ୍ୱାସରେ ଥରଥର କମ୍ପୁଛନ୍ତି । "ଆସ ହେ ବ୍ରଜବାସୀ ! ଆସ ଗୋପୀମାନେ ! ଦେଖ, ଆସିଛି ମୋ କଳା କାହ୍ନୁ । ମୁଁ ତାକୁ କୋଳ କରିଛି ମୋ ରଙ୍କନିଧିକୁ ମୁଁ ବାହୁ ବେଢ଼େଇ ଧରିଛି । ସ୍ୱପ୍ନ ନୁହେଁ !

ଜମା ସ୍ୱପ୍ନ ନୁହେଁ ! ହେଇ ପରା ଜହ୍ନ ପରି ତା' ମୁହଁ, ତା' ହସ, ତା' ଚାହାଣି । ହେଇ ତା'ର ଧୂଳିଧୂସର ତନୁ !....ଆ, ମୋ ଧନ, ମୁଁ ତୋ ମୁହଁ ପୋଛିଦିଏ । ଦୁଧସର ଭୁଞ୍ଜାଇଦିଏ ! କେତେ କାଳୁ ଭୁଞ୍ଜିନାହୁଁ ପରା !!"........ଯଶୋଦା ଅହରହ ଝରି ଯାଉଥିବା ଏକ ସ୍ତନ୍ୟଧାର ! ଅବିରତ ବିହ୍ୱଳ ବହିଯାଉଥିବା ଅଶ୍ରୁଧାର ! ଯଶୋବନ୍ତୀ ସବଣ୍ୟମୟୀ ତାଙ୍କ ସର୍ଶ ନବନୀତ; ବାକ୍ୟ ନବନୀତ ! ଦୃଷ୍ଟି ନବନୀତ ! ସ୍ନାନ କର ସେ ଅଶ୍ରୁରେ, ସେ ଦୁଗ୍‌ଧରେ, ସେ ନବନୀତରେ ! ସେଥିରେ ସମସ୍ତ କଠୋରତା ରୁକ୍ଷତା କୋମଳ ହୋଇଯାଉ । ସ୍ନେହସାର-ଶୂନ୍ୟ ଖାଠିଏ ପଲଟିରେ ଲବଣୀ ସଂଚାର ହୋଇଯାଉ । ଗୋପ-ସ୍ପର୍ଶରେ ତୁମର ଅଙ୍ଗ ସକଳ ପଲ୍ଲବିତ ହୁଅନ୍ତୁ । ତୁମେ ମଧୁର ହୁଅ । କୋମଳ ହୁଅ । ପୁନର୍ବାର ପ୍ରେମମୂର୍ତ୍ତି ହୋଇ ଉଭା ହୁଅ ।

ମରାଳୀ ପରି ଗ୍ରୀବାଭଙ୍ଗି ସ୍ତବ୍ଧ ଚାହିଁ ରହିଛନ୍ତି ହତବାକ୍ ହତଚେତ ଗୋପିନୀମାନେ । ଟିପ ବାଜିଗଲେ ପଡ଼ିଯିବେ । ପ୍ରଥମ ଦର୍ଶନରେ . ସେମାନଙ୍କର ଚେତା ଚୁଡ଼ି ଯାଉଛି । ବାରମ୍ବାର ସ୍ୱେଦପୁଲକରେ ସେ ଅପଘନ ଗୁଡ଼ିକ ନିର୍ଜୀବ ପ୍ରାୟ । ତାଙ୍କୁ ଚମକାଇ ଦିଅ ନାହିଁ । ସେମାନେ ଧୂଳିସାତ୍ ହୋଇଯିବେ ! ..........ବହୁ ଦୂରରେ ଜ୍ୟୋତ୍ସ୍ନାସ୍ନାତ କଦମ୍ବ । ଅତି ଅସ୍ପଷ୍ଟ, ସେଇ ଜ୍ୟୋତ୍ସ୍ନାପରି ମଧୁର, ପରିବ୍ୟାପ୍ତ ଅଥଚ ସୂକ୍ଷ୍ମ ବେଣୁଧ୍ୱନି ଶୁଭୁଛି । ନିଶ୍ଚଳ ପ୍ରତିମାଙ୍କ ଭିତରେ ଚକିତ ଆତ୍ମାଗୁଡ଼ିକୁ ସେ ଜାଗ୍ରତ କରୁଚି । ସେମାନେ କର୍ଣ୍ଣମୟ ହୋଇ କମ୍ପୁଛନ୍ତି । ଟଳମଳ ହେଉଛି ପଦପାତ । ଥରଥର ସର୍ବାଙ୍ଗ । ରାସପୂର୍ଣ୍ଣିମାରେ ବ୍ରଜଭୂମିର ସ୍ୱପ୍ନ ଥରି ଉଠୁଛି । ଅର୍ଦ୍ଧଚେତ ଅବସ୍ଥାରେ ସେମାନେ ଭାସିଯାଉଛନ୍ତି ବେଣୁଧ୍ୱନିରେ । ............ କେଉଁ କୁଞ୍ଜବନରେ କାହା ପାଇଁ କିଏ ବେଣୁନାଦ କରୁଛି ?........ନିସ୍ତବ୍ଧ ଶୀତଳ ରାସପୂର୍ଣ୍ଣିମାର ଜହ୍ନ ରାତିରେ କିଏ ସେ ଡ଼ାକୁଛି? —ଏ କ'ଣ ସେଇ ?—ସେଇ, ଯେ ଯାଇଥିଲା? କୁଞ୍ଜବନରେ ଫୁଟି ଉଠୁଛି ଅପର୍ଯ୍ୟାପ୍ତ ଫୁଲ । ସୁରଭିତ ପବନରେ କିଏ ଉତ୍ତର ଦେଉଛି 'ନା, ଗୋ ନା! ଏ କେବେ କୁଆଡ଼େ ଯାଇ ନାହିଁ । ଏଇଠି ସେ ତୁମ ପାଇଁ ଅହର୍ନିଶି ବେଣୁବାଦନ କରୁଛି । ଅପେକ୍ଷା କରିଛି!"........'ସତେ ?......ସତେ ?......ସେ ଏଇଠି ଅଛନ୍ତି ? —ଆମକୁ ଡ଼ାକୁଛନ୍ତି ?......ଆସ ଗୋ ଆସ । ଝାସ ଦେବା କୃଷ୍ଣରେ ନହେଲେ କାଳିନ୍ଦୀରେ' । ...... ନିକ୍ୱଣିତ ହେଉଛି ଯମୁନାର ତଟଦେଶ । କଙ୍କଣ ବଳୟର ରୁଣୁନାଦରେ ମିଶି ଯାଉଛି ଅସ୍ପଷ୍ଟ ନାରୀକଣ୍ଠର କୂଜନ । ଆସ୍ତେ ଘନୀଭୂତ ହେଉଛି ରାସପୂର୍ଣ୍ଣିମାର ଜ୍ୟୋତ୍ସ୍ନା । ସହସ୍ର ପଦପାତରେ ମୃଦୁଳ ଛନ୍ଦ, ସହସ୍ର ବେଣୁଧ୍ୱନିରେ ସହସ୍ରଧାର ଅମୃତ ବର୍ଷୁଛି ! ..........ତୁମ ବାଙ୍କଚୂଳ ବେଶ, ଠିଆ ବିଆ ବେଶ ଅପୂର୍ବ ଶୋଭାବନ ଦିଶୁଛି । ପାଟଚିମୂଳିରେ ଛେଚା ଖାଇ ପହଣ୍ଡି ବିଜେ କରୁଥିବା ଠାକୁର କ'ଣ ଏ ମଧୁର ହଲ୍ଲୀଷକରେ ଏତେ ଭଙ୍ଗୀରେ ନାଚୁଛନ୍ତି ? ଏଇ ସେଇ ରଙ୍ଗା ଚରଣ ପରା ! ଯାକୁ ଗୋପ୍ୟାନ କରି କି ସୁଖ ପାଉଛ ସେଇଠି? ............ ଗୋପିନୀମାନେ ଏକେ ଏକେ କୋଳାଗ୍ରତ କରୁଛନ୍ତି ଲାବଣ୍ୟନିଧିଙ୍କୁ ! ଯୁଗଳରୂପର ଶୋଳ ସମ୍ଭ ବିନ୍ଦୁ ବ୍ୟାପି ରହିଛି ବୃନ୍ଦାବନ । ମାଧୁର୍ଯ୍ୟ ପାନ କରୁଛନ୍ତି ବ୍ରଜଧୂଳିଠାରୁ ତାରାମଣ୍ଡଳ ଯାଏଁ ଜଡ଼ ଚେତନ ସ୍ଥାବର ଜଙ୍ଗମ ! ବ୍ରଜମୟ ହୋଇ ଯାଉଛି ବିଶ୍ୱ ବ୍ରହ୍ମାଣ୍ଡ !

ରାସପୂର୍ଣ୍ଣିମାର ଜହ୍ନ ଆକାଶର ମଧ୍ୟରେଖା ପାରି ହୋଇ ଯାଉଛି । ଢ଼ଳ ଢ଼ଳ ହେଉଛି ଅସଂଖ୍ୟ ବିନ୍ଦୁ । ମଧୁଚକ୍ରର କେନ୍ଦ୍ରକୁ ଟାଣି ହୋଇ ଯାଉଛି ସମସ୍ତ ଛନ୍ଦ ସବୁ ବେଣୁଧ୍ୱନି । ପୂର୍ଣ୍ଣିମାର ତୃତୀୟ ଯାମରେ ଏକମାତ୍ର ଯୁଗଳ ବନ୍ଧରେ ସମାହିତ ହୋଇ ଯାଉଛି ସକଳ ମାଧୁର୍ଯ୍ୟ ! କିଏ ସେ ଗୋପିନୀମାନଙ୍କର ଆତ୍ମା, ସମଗ୍ର କୁଞ୍ଜବନର ସୌରଭ ସମସ୍ତ ଫୁଲ ପାଖୁଡ଼ାର କୋମଳତା, ଏ ରାସପୂର୍ଣ୍ଣିମାର ମଧୁଜ୍ୟୋତ୍ସ୍ନା—ସେ କ'ଣ ବୃଷଭାନୁ ଜେମା ?...... ମଧୁଚକ୍ରର କେନ୍ଦ୍ରରେ ଚିତ୍ତ ସମାହିତ, ବୁଦ୍ଧି ସମାହିତ । ପ୍ରାଣ ସମାହିତ । ସବୁ କେବଳ ନୀରବ ଜ୍ୟୋତ୍ସ୍ନା, ତରଳ ମାଧୁର୍ଯ୍ୟ..............

କୁଞ୍ଜବନର ଦୀର୍ଘଛାୟା ଉହାଡ଼ରେ ନିସ୍ତବ୍ଧ ଜହ୍ନ ନଇଁ ଯାଉଛି କି ? ତୁମେ କ'ଣ ସ୍ତବ୍ଧ ହୋଇ ଯାଉଛ ଗୋପୀନାଥ ? ............ସବୁ ଢ଼ଳଢ଼ଳ ଦିଶୁଛି......ତରଳି ଯାଉଛି ? ତୁମେ କ'ଣ ତରଳି ଯାଉଛ କି ? ତୁମର ମୁଗ୍‌ଧ ବିଭୋର ରୂପ କ'ଣ ସ୍ଥାଣୁ ପରି ସ୍ଥିର ହୋଇ ଯାଉଛି ? ତୁମେ କ'ଣ ନିପଲକ ଚାହିଁ ରହୁଛ? ..............ତମେ କ'ଣ ଦାରୁ ହୋଇ ଯାଉଛ, ନା ବ୍ରହ୍ମ ?—ତୁମେ......ଛଦ୍ମ କରନା—ଆମେ ବିମୂଢ଼....ଆମ ଆତ୍ମା ପୁରୁଷଙ୍କୁ ଶୁଣ !—ଯାଅ ନାହିଁ ବନ୍ଧୁ ଗୋପକୁ ଛାଡ଼ି ଆଉ ଯାଅ ନାହିଁ ।

ଦଶକୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଜନବାସ ଚିନି କଳର ଶିଳାନ୍ୟାସ ।




ଶ୍ରୀ କ୍ଷେତ୍ରର ଅନ୍ୟ ନାମ ପୁରୁଷୋତ୍ତମ କ୍ଷେତ୍ର । ଏ କ୍ଷେତ୍ରର ଅଧିପତି ଶ୍ରୀ ପୁରୁଷୋତ୍ତମ । ସେ ଜଗନ୍ନାଥ ବା ସମସ୍ତ ଜଗତର ସ୍ୱାମୀ । ସବୁ କ୍ଷେତ୍ର ମଧ୍ୟରେ ଏହାକୁ କ୍ଷେତ୍ରୋତ୍ତମ ପୁରୁଷୋତ୍ତମ ବୋଲି କୁହାଯାଏ । ଯୁଗେ ଯୁଗେ ଏଠାକୁ ବହୁ ବ୍ରହ୍ମଜ୍ଞ, ଆଧ୍ୟାତ୍ମ୍ୟବାଦୀ ଦାର୍ଶନିକଗଣ ଆସି ଥିବାର ପ୍ରମାଣ ରହିଛି । ଅତୀତରେ ଏଠାକୁ ଜଗଦ୍‌ଗୁରୁ ଶଙ୍କର, ରାମାନୁଜ, ରାମାନନ୍ଦ ନିମ୍ବାର୍କ, ମାଧ୍ୱାଚାର୍ଯ୍ୟ, ଚୈତନ୍ୟ, ଗଣପତି ଭଟ୍ଟ, ବଳରାମ, କବୀର, ନାନକ, ସନ୍ଥ ତୁଳସୀ ଦାସ ଆଦି ବ୍ରହ୍ମଜ୍ଞ ଦାର୍ଶନିକଗଣ ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି ନ୍ୟାୟରେ ନିଜ ନିଜ ଦୃଷ୍ଟିରୁ ଜଗନ୍ନାଥଙ୍କୁ ଦେଖି ଅଛନ୍ତି ସତ୍ୟ, ମାତ୍ର ସମସ୍ତ ଧର୍ମ, ଦର୍ଶନ, ମତବାଦର ପ୍ରତୀକ ଜଗନ୍ନାଥ ପୂର୍ଣ୍ଣ ବ୍ରହ୍ମ ପରଂବ୍ରହ୍ମ ରୂପେ ସର୍ବତୋଭାବେ ସମସ୍ତଙ୍କର ହୋଇ ପାରିଛନ୍ତି । ସେ ଯଥାର୍ଥରେ ନିରାକାର ବ୍ରହ୍ମ, ସାକାର ବ୍ରହ୍ମ ଓ ଶବ୍ଦ ବ୍ରହ୍ମର ପ୍ରତୀକ । ବିଭିନ୍ନ ଯୁଗରେ ବିଭିନ୍ନ ସମୟରେ ପରଂ ବ୍ରହ୍ମ ବିଭିନ୍ନ ଅବତାର ନେବା କଥା ବେଦ ଓ ଶାସ୍ତ୍ର ସମ୍ମତ । ଜଗନ୍ନାଥଙ୍କର ରୂପ, ନାମ, ଲୀଳା ଓ ଧାମ ମହାତ୍ମ୍ୟ ବିଚିତ୍ର ।



# ଶ୍ରୀ ରଘୁନାଥ : ଶ୍ରୀ ଜଗନ୍ନାଥ

ଶ୍ରୀମତ୍ ସ୍ୱାମୀ ହରିଚରଣ ଦାସ ମହାରାଜ (ରାମାୟଣୀ ବାବା)



ତାକୁ ଅରୂପ ବୋଲି କୁହାଯାଉଥିଲେ ମଧ୍ୟ ସେ ସ୍ୱରୂପୀ ବୋଲି ମନେ ହୁଅନ୍ତି । ମଣିଷ ରୂପ ସହ ସାମଞ୍ଜସ୍ୟ ଥିଲେ ହେଁ ସେ ଦିବ୍ୟ ମଣିଷ ସ୍ୱରୂପୀ ଏ କଥା ସହଜରେ ଜଣା ପଡ଼ିଥାଏ ।

ବ୍ରହ୍ମର ଅବତାର ବହୁ ରୂପରେ ହୋଇ ଥିଲେ ହେଁ ମୁଖ୍ୟର ଦୁଇଟି ପାର୍ଶ୍ୱ, ଯଥା ରାମ ଓ କୃଷ୍ଣ ଅବତାର ଦ୍ୱୟ ସଂପୂର୍ଣ୍ଣ ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ ଲୀଳା ସଂପୂର୍ଣ୍ଣ । ଯେ କୃଷ୍ଣ ସେ ଜଗନ୍ନାଥ । ଯେ ଜଗନ୍ନାଥ ସେ ରଘୁନାଥ—ଏଥିରେ ଦ୍ୱିମତ ନାହିଁ । ଶ୍ରୀମନ୍ଦିରରେ ଶ୍ରୀ ଜୀଉଙ୍କ ବେଶ—ପୂଜା ଅର୍ଚ୍ଚନା ବର୍ଷର ବିଭିନ୍ନ ସମୟରେ ମର୍ଯ୍ୟାଦା ପୁରୁଷୋତ୍ତମ, ଶ୍ରୀ ରାମ ଓ ଶ୍ରୀକୃଷ୍ଣଙ୍କ ଲୀଳା ଅନୁଯାୟୀ ହୋଇଥାଏ । ପୌଷ ପୂର୍ଣ୍ଣିମା ମଧ୍ୟାହ୍ନ ପୂଜାକୁ ପୁଷ୍ୟାଭିଷେକ କୁହାଯାଏ । ସେ ଦିନ ଶ୍ରୀ ଜୀଉ ରଘୁନାଥଙ୍କ ବେଶ ଧାରଣ କରି ପୂଜିତ ହୁଅନ୍ତି ।

ଶ୍ରୀ ମଦ୍ ଭଗବତ୍ ଗୀତା ପଞ୍ଚଦଶାଧ୍ୟାୟରେ କୁହା ଯାଇଛି ଯେ, "ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ।" ବେଦରେ ମୋ ନାମ ପୁରୁଷୋତ୍ତମ । ଲୋକରେ ଅର୍ଥାତ ମାଧୁର୍ଯ୍ୟ ବା ମନୁଷ୍ୟ ସୁଲଭ ଲୀଳାରେ ବ୍ରହ୍ମ ପୁରୁଷୋତ୍ତମ । ଐଶ୍ୱର୍ଯ୍ୟ ବା ମନୁଷ୍ୟେତର ଅର୍ଥାତ ବେଦ ପ୍ରତିପାଦ୍ୟ ବ୍ରହ୍ମର ଗୁଣ ଓ ପରିଭାଷା ଜନିତ ବିଗ୍ରହ ଦୃଷ୍ଟିରେ ସେ ପୁରୁଷୋତ୍ତମ । ବେଦର 'ପୁରୁଷ ସୂକ୍ତ'ରେ କୁହା ଯାଇଛି—"ପାଦସ୍ୟ ବିଶ୍ୱାଭୂତାନି ତ୍ରିପାଦସ୍ୟା ମୃତଂ ଦିବି, ତ୍ରିପାଦେତି ଊର୍ଦ୍ଧ୍ୱ ପୁରୁଷ ।" ସେ ସମସ୍ତ ଜୀବ ଓ ପ୍ରକୃତ୍ୟାତ୍ମକ ଜଗତର ନାଥ । ସେ ଜଗନ୍ନାଥ ଓ ସେ ରଘୁନାଥ । ବେଦାନ୍ତିକଙ୍କ ବିଗ୍ରହରେ ରଘୁ ଶବ୍ଦର ଅର୍ଥ ଜୀବ ଓ ପ୍ରକୃତି । ତେଣୁ ଜଗନ୍ନାଥ ଓ ରଘୁନାଥଙ୍କ ମଧ୍ୟରେ ପ୍ରଭେଦ ନାହିଁ । ମର୍ଯ୍ୟାଦା ଓ ଐଶ୍ୱର୍ଯ୍ୟ ପୁରୁଷୋତ୍ତମ ରଘୁନାଥ ଏବଂ ଲୀଳା ଐଶ୍ୱର୍ଯ୍ୟ ପୁରୁଷୋତ୍ତମ ଜଗନ୍ନାଥ । ଜଗନ୍ନାଥଙ୍କୁ ଓଁକାରର ସ୍ୱରୂପ

ବୋଲି କୁହା ଯାଇଛି । ଓଁ କାରର ଉତ୍ପତ୍ତି ହେଉଛି ଅ+ଉ+ମ ଅକ୍ଷର ସଂଯୋଗରେ । ରାଂ ବୀଜ ମଧ୍ୟ ତିନି ଅକ୍ଷର ବିଶିଷ୍ଟ— ର+ଅ+ମ । ସତ୍ତ୍ୱ—ରଜ—ତମ ଆଦି ତ୍ରିଗୁଣର ସ୍ୱରୂପ ଏହି ତିନି ଅକ୍ଷର । ସୃଷ୍ଟି କର୍ତ୍ତା ବ୍ରହ୍ମା, ପାଳନ କର୍ତ୍ତା ବିଷ୍ଣୁ, ସଂହାର କର୍ତ୍ତା ଶିବ ସ୍ୱରୂପ । ଉପନିଷଦରେ ବର୍ଣ୍ଣିତ—"ସ ଦେବ ସୌମ୍ୟ ମିଦମଗ୍ରମାସୀତ ଏକମେବା ଦ୍ୱିତୀୟମ୍", ଅର୍ଥାତ ଏ ସୃଷ୍ଟିର ପୂର୍ବରୁ ଏକ ଅଦ୍ୱିତୀୟ ବ୍ରହ୍ମ ଥିଲେ । ସେହି ଏକ ସୂକ୍ଷ୍ମାତି ସୂକ୍ଷ୍ମ ଅବସ୍ଥାରେ ଥାଇ ନିଜ ଯୋନି ଅର୍ଥାତ ମୂଳ ପ୍ରକୃତି ଭିତରେ ନିଜ ଅଂଶ ଜୀବ ରୂପେ ("ମ ମୈବାଂ ଶୋଜୀବ ଲୋକେ ଜୀବଭୂତଃ ସନାତନଃ"—ଗୀତା) ନିଜକୁ ସଂଯୋଗ କଲା ପରେ ହିଁ ପ୍ରକୃତି ପୁରୁଷାତ୍ମକ ଅର୍ଥାତ ରଘୁ—ଆତ୍ମକ ଜଗତର ନାଥ ଅର୍ଥାତ ରଘୁନାଥ ବା ଜଗନ୍ନାଥ ରୂପେ ପ୍ରତିପାଦିତ । ଏଣୁ ଗୀତାରେ କୁହା ଯାଇଛି—

"ମମ ଯୋନିର୍ମହତ୍ ବ୍ରହ୍ମ ତସ୍ମିନ୍ ଗର୍ଭଂ ଦଧାମ୍ୟହଂ,
ସମ୍ଭବଃ ସର୍ବ ଭୂତାନାଂ ତତୋ ଭବତି ଭାରତ ।"

ଋଷି ସନତ୍ କୁମାର ସଂହିତାରେ ସ୍ତୁତି କଲା ବେଳେ ରଘୁନାଥଙ୍କୁ ଜଗନ୍ନାଥ ନାମରେ ସଂବୋଧନ କରି କହିଛନ୍ତି ଯେ—

"ନାରାୟଣଂ 'ଜଗନ୍ନାଥଂ' ଅଭିରାମଂ ଜଗତପତିଂ
କବିଂ ପୁରାଣଂ ବାଗୀଶଂ ରାମଂ ଦଶରଥାତ୍ମଜମ୍
ରାଜରାଜଂ ରଘୁବରଂ କୌଶଲ୍ୟା ନନ୍ଦ ବର୍ଦ୍ଧନମ୍
ଭର୍ଗଂ ବରେଣ୍ୟଂ ବିଶ୍ୱେଶଂ 'ରଘୁନାଥଂ' ଜଗଦ୍ ଗୁରୁମ୍ ।"

ଅତଏବ୍ ନିଜେ ରଘୁନାଥ ଜଗନ୍ନାଥ ରୂପେ ପୂଜା ପାଉଛନ୍ତି । ଏଣୁ ରଘୁନାଥ ଓ ଜଗନ୍ନାଥ ଅଭିନ୍ନ ।

ଜୀବ ପ୍ରକୃତି ଏବଂ ବ୍ରହ୍ମ ଏ ପ୍ରକାର ତିନି ତତ୍ତ୍ୱକୁ ନେଇ ବେଦାନ୍ତିକମାନେ ନିଜ ନିଜର ମତ ଦେଇଛନ୍ତି । ଜଗନ୍ନାଥ ବ୍ରହ୍ମ, ସୁଭଦ୍ରା ମୂଳ ପ୍ରକୃତି ଓ ବଳଭଦ୍ର ଜୀବ ସ୍ୱରୂପ । ରଘୁନାଥଙ୍କ ଅବତାର ସମୟରେ ଋଷିମାନେ ତାଙ୍କ ରୂପ ଲାବଣ୍ୟରେ ଆକର୍ଷିତ ହୋଇ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ଅଙ୍ଗ ସଙ୍ଗ ପାଇଁ ଲାଳାୟିତ ହୋଇ ଥିବାରୁ ଲୀଳା କରିବା ପାଇଁ ରଘୁନାଥ ନିଜେ ଜଗନ୍ନାଥ ରୂପରେ, ଲକ୍ଷ୍ମଣ ବଳଦେବ ରୂପେ, ମୂଳ ପ୍ରକୃତି ଜଗତ୍ ଜନନୀ ସୀତା ସୁଭଦ୍ରା ରୂପରେ ବିରାଜମାନ କରିଛନ୍ତି । ଏହାକୁ ବଳରାମ ଦାସ ଓ ସନ୍ଥ ତୁଳସୀ ଦାସ ସ୍ୱ-ଚକ୍ଷୁରେ ପ୍ରତ୍ୟକ୍ଷ କରି ଥିବାର କିମ୍ବଦନ୍ତୀ ରହିଛି । ଭକ୍ତ କବି ବଳରାମ ଦାସଙ୍କ ଦାଣ୍ଡି ରାମାୟଣରେ କୁହାଯାଇଛି ଯେ—

"ଶ୍ରୀ ରାମ ଜାଣିଲେ ମୁଁ ଯେ ଅଟେ ଜଗନ୍ନାଥ
ସୀତା ସୁଭଦ୍ରା ଯେ ଦେବୀ ଅଟନ୍ତି ସଂଯାତ
ଲକ୍ଷ୍ମଣ ଯେ ବଳରାମ ଏକ ସଂଗ ହୋନ୍ତି ।"

× × × × ×

କବି ଜୟଦେବ ନିଜ ଗୀତ ଗୋବିନ୍ଦରେ ଦଶଅବତାର ବର୍ଣ୍ଣନା କଲାବେଳେ କହିଛନ୍ତି—

ବିତରସି ଦିକ୍ଷୁରଣେ ଦିକ୍ ପତି କମନୀୟଂ
ଦଶମୁଖ ମୌଳି ବଳିଂ ରମଣୀୟଂ
କେଶବ ଧୃତ, ରଘୁପତି ରୂପ ଜୟ ଜଗଦୀଶ ହରେ ।

ପୁଣି ମହା କବି ସାରଳାଦାସଙ୍କ ମହାଭାରତ ବନପର୍ବରେ ଶ୍ରୀ ରାମ ଅଙ୍ଗଦଙ୍କ ପିତା ବାଳିକୁ ବଧ କଲା ପରେ କହିଛନ୍ତି ଯେ ସେ ନିଜେ ଦ୍ୱାପର ଯୁଗରେ କୃଷ୍ଣ ଅବତାର ହେବେ ଏବଂ ଅଙ୍ଗଦ ଜାରା ଶବର ହୋଇ ତାର ଶର ବିଧ କରିବ ।

"ହେ ଅଙ୍ଗଦ ବାଞ୍ଛା ସିଦ୍ଧି ହୋଇବ ତୁମ୍ଭର
× × × ×
ଦ୍ୱାପର ଯୁଗରେ ହେବୁ କାହ୍ନା ଅବତାର
× × × ×
ତୁ ମୋତେ ନାରାଚ ଘାତେ କରିବୁ ବିନାଶ"
× × × ×

ସେହି ଶରୀର ହିଁ ନୀଳାଚଳରେ ଜଗନ୍ନାଥ ରୂପେ ପୂଜିତ ହେବେ ବୋଲି ଅର୍ଜୁନଙ୍କୁ ଶୂନ୍ୟବାଣୀ ହୋଇଥିଲା—

"ତୁ ଏ ଶବ ଦହନ ନକର . ଧନଞ୍ଜୟେ,
କଳିଯଗେ ପାଇବେ ଏ ପୂଜା ଏହି ଦେହେ
ଏଥୁ ଅନନ୍ତରେ ଶୁଣ ଆହେ ନରନାଥ
ନୀଳଗିରିକୁ ବିଜୟ ହେବେ ଜଗନ୍ନାଥ" ।

ତୁଳସୀ ଦାସ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଆସିଥାନ୍ତି । ଜଗନ୍ନାଥ ସେତେବେଳେ ବଡ଼-ସିଂହାର ବେଶରେ ସୁଶୋଭମାନ, କିନ୍ତୁ ତୁଳସୀ ଦେଖିଲେ ରାମ, ଲକ୍ଷ୍ମଣ, ସୀତା, ଭକ୍ତ ହନୁମାନ ସୁଦର୍ଶନ ରୂପରେ ପ୍ରଭୁଙ୍କ ସେବାରତ । ସେ ତାଙ୍କ ଦିବ୍ୟ ଅନୁଭୂତିକୁ ଭକ୍ତି ଗଦ୍ ଗଦ୍ ଚିତ୍ତରେ ଗାଇ ଉଠିଲେ—

"ଯୋହି ରାମ ସୋଇ ଜଗଦୀଶା ।।
× × ×
ଶେଷ ଭୟେ ଲଛମନ ଅନୁଗରୀ
ଭଦ୍ରା ସେ ସିୟ ଜନକ କୁମାରୀ ।
ବଳଈ ଶୁଦ୍ଧ ବ୍ରହ୍ମ ଅବିନାଶା
ଜୟ ହନୁମାନ ରାମ ପଦ ଦାସା ।"

ଅତଃ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରଘୁନାଥ ନିଜେ, ଲୀଳା-ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ରୂପେ ଅଭିନ୍ନ, ଏକ ତତ୍ତ୍ୱ

ଲୀଳା କରି ଆସୁଛନ୍ତି । ଏହି ଦୃଷ୍ଟିରେ ଜଗନ୍ନାଥ, ରଘୁନାଥ ବେଶ ହୋଇ କୋଦଣ୍ଡ ଧାରଣ କରନ୍ତି । ରଘୁନାଥଙ୍କ ଅନନ୍ୟ ଭକ୍ତ ଶିବ ଅହର୍ନିଶ ରାମନାମ ଜପ କରନ୍ତି ଓ ପ୍ରଭୁ ରଘୁନାଥଙ୍କ ସ୍ୱରୂପ ଚିନ୍ତନରେ ନିମଗ୍ନ ଥାଆନ୍ତି । ଜଗନ୍ନାଥଙ୍କ ଲୀଳାରେ ଶ୍ରୀକ୍ଷେତ୍ରରେ ଶ୍ରୀ ଲୋକନାଥ, ଜଗନ୍ନାଥଙ୍କ ସେବାରେ ନିୟୋଜିତ ଥାଆନ୍ତି । ତୁଳସୀ ଦାସ ଶିବ–ପାର୍ବତୀଙ୍କ କୃପାରେ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇ 'ଶ୍ରୀରାମ ଚରିତ ମାନସ' ରଚନା କରି ଯାଇଛନ୍ତି । ତହିଁରେ ଉଲ୍ଲେଖ ଅଛି–

"ସନ୍ତତ ଜପତ ଶମ୍ଭୁ ଅବିନାଶୀ
ଶିବ ଭଗବାନ ଜ୍ଞାନ ଗୁନ ରାଶି ।"

ଶ୍ରୀକ୍ଷେତ୍ରରେ ଶିଦ୍ଧୁଳି ମହାବୀର ଓ ଶ୍ରୀମନ୍ଦିରର ପ୍ରତି ଦ୍ୱାରରେ ପ୍ରତିଷ୍ଠିତ ପବନ ନନ୍ଦନ ମହାବୀର ଶ୍ରୀ ହନୁମାନ ଜଗନ୍ନାଥଙ୍କ ସେବାରେ ରତ ଥିବାର ଦେଖାଯାଏ । ଶ୍ରୀ ରାମଙ୍କ ରୂପ ନିଷ୍ଠ, ନାମ ନିଷ୍ଠ, ଧାମ ନିଷ୍ଠ ଓ ଲୀଳା ନିଷ୍ଠ ଶ୍ରୀହନୁମାନ ଶ୍ରୀକ୍ଷେତ୍ର ଧାମରେ ସର୍ବତ୍ର ବିରାଜିତ । ନିଜ ପ୍ରଭୁ ରଘୁନାଥ, ଜଗନ୍ନାଥ ରୂପେ ପୂଜା ପାଉଥିବା ହେତୁ ସେ ଜଗନ୍ନାଥଙ୍କ ସେବାରତ ଅଛନ୍ତି । ପ୍ରଭୁଙ୍କ ଅନନ୍ୟ ଭକ୍ତ ବିଭୀଷଣ ପ୍ରତ୍ୟହ ଅର୍ଦ୍ଧରାତ୍ରରେ ଶ୍ରୀ ମନ୍ଦିରକୁ ଆସି ଜଗନ୍ନାଥଙ୍କୁ ଦର୍ଶନ ଦେବା ଲୋକ ମୁଖରେ ପ୍ରଚଳିତ ଅଛି । କବି ବିଶ୍ୱନାଥ ଖୁଣ୍ଟିଆଙ୍କ ବିଚିତ୍ର ରାମାୟଣରେ ଜଗନ୍ନାଥଙ୍କ ସ୍ତୁତି :

ହେମ ଶ୍ରୀ ପୟରେ ହେମ ଯେ ଭୁଜରେ
ଶୋହେ ହେମ ଧନୁବାଣ
ଯେବଣ ଦକ୍ଷିଣ ମୂର୍ତ୍ତି ଦର୍ଶନକୁ
ଚାହିଁ ଥାନ୍ତି ବିଭୀଷଣ

ଶବର ରାଜା ବିଶ୍ୱାବସୁ ଜଗନ୍ନାଥଙ୍କୁ ନୀଳମାଧବ ରୂପେ ପୂଜା କରୁଥିବା ହେତୁ ସେ ଶାବରୀ ଦେବତା ନାମରେ ପୂଜିତ । ବିଦ୍ୟାପତି ଓ ଲଳିତାଙ୍କ ଔରସରୁ ଜାତ ବଂଶଧର 'ଦଇତାପତି' ଜଗନ୍ନାଥଙ୍କ ସେବା ପୂଜାରେ ମୁଖ୍ୟ ଅଂଶ ଗ୍ରହଣ କରିଥାନ୍ତି । ରଘୁନାଥ ପିତୃସତ୍ୟ ପାଳନାର୍ଥେ ଚଉଦବର୍ଷ ବନବାସ ବେଳେ ବନବାସୀ ଶବରମାନଙ୍କର ଆତିଥ୍ୟ ଓ ସେବା ଗ୍ରହଣ କରିଥିଲେ ଏବଂ ଶବରୀ ହାତରୁ ଫଳ ଖାଇ ସେ କହି ଥିଲେ–"ହେ ଶବରି ! ମୁଁ ଜାତିଜାତି, ଧନୀ, ଧାର୍ମିକ ବ୍ୟକ୍ତିଙ୍କ ସେବା ଆଭିଜାତ୍ୟ କିମ୍ବା କୌଣସି ପ୍ରାଚୁର୍ଯ୍ୟରେ ସନ୍ତୁଷ୍ଟ ହୁଏ ନାହିଁ, କେବଳ ଅନ୍ତରର ଭକ୍ତି ଦ୍ୱାରା ହିଁ ମୋତେ ନିଜର କରି ହୁଏ ।" କେବର୍ତ୍ତର ଭକ୍ତିରେ ମୁଗ୍ଧ ହୋଇ ଶ୍ରୀରାମ ତାହାର ପୂଜା ଗ୍ରହଣ କରି ପତିତ ପାବନ ହୋଇଛନ୍ତି । ସେହିପରି ଜଗନ୍ନାଥ ନୀଳାଦ୍ରିରେ ଥାଇ ପତିତ ପାବନ ରୂପେ ପୂଜିତ ହେଉଛନ୍ତି । ସେଥି ନିମିତ୍ତ ମନ୍ଦିର ଚୂଡ଼ାରେ ପତିତ ପାବନ ବାନା ଅହରହ ଉଡୁଅଛି ।

ଶ୍ରୀଜଗନ୍ନାଥ ଶାବରୀ ଦେବତା ହିସାବରେ ଯେପରି ପୂଜା ପାଆନ୍ତି, ବୈଦିକ ଦେବତା ବା ପରଂବ୍ରହ୍ମ ରୂପେ ତଦ୍ରୂପ ତାଙ୍କ ପୂଜା ଅର୍ଚ୍ଚନା କରାଯାଏ । ବେଦରେ ପରଂବ୍ରହ୍ମଙ୍କୁ ଏହି ପ୍ରକାରେ ବ୍ୟକ୍ତ କରାଯାଇଛି :

" ଅପାଣି ପଦୋ ଜବନୋ ଗ୍ରହୀତା
ପଶ୍ୟତଚକ୍ଷୁଃ ସଶୃଣୋତ୍ୟ କର୍ଣ୍ଣଃ
ସବେତ୍ତି ବେଦ୍ୟଂ ନଚ ତସ୍ୟାସ୍ତିବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।"

ତାଙ୍କର ହାତ ନାହିଁ, ପାଦ ନାହିଁ ଅଥଚ ସେ ସମସ୍ତଙ୍କୁ ଧରିଛନ୍ତି ଓ ସର୍ବତ୍ର ଗମନ କରୁଛନ୍ତି । ତାଙ୍କର ଆଖି ନାହିଁ କିନ୍ତୁ ସେ ସବୁ ଦେଖୁଛନ୍ତି । ତାଙ୍କର କାନ ନାହିଁ ସବୁ ଶୁଣି ପାରୁଛନ୍ତି । ସେ ସମସ୍ତଙ୍କୁ ଜାଣୁଛନ୍ତି ଅଥଚ ତାଙ୍କୁ କେହି ଜାଣି ପାରୁ ନାହାନ୍ତି । ସେହି ତ' ପୁରୁଷୋତ୍ତମ ।

–ଶ୍ୱେତାଶ୍ୱେତୋପନିଷଦ । (୩।୧୯)

ଭଗବତ୍ ଗୀତାରେ କୁହାଯାଇଛି–

ସର୍ବତଃ ପାଣିପାଦଂତତ୍ ସର୍ବତୋ କ୍ଷିଶିରୋ ମୁଖଂ
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ।

(ତ୍ରୟୋଦଶାଧ୍ୟାୟ–ଗୀତା)

ସବୁଠାରେ ତାଙ୍କର ହସ୍ତ ଶିର ନେତ୍ର କର୍ଣ୍ଣ ଅଛି । ସେ ସର୍ବ ବ୍ୟାପକ ରୂପେ ଏପରିକି ଜଡ଼ ମଧ୍ୟରେ ସୁଦ୍ଧା ସେ ଥାଆନ୍ତି । ଏହା ବ୍ରହ୍ମର ଭାବ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସେହି କଥା କହି ଅଛନ୍ତି,

" ନୟନ ନାହିଁ ନିରଞ୍ଜନ
ସକଳ କରୁ ଦରଶନ.... ।"

ଦାରୁବ୍ରହ୍ମ ରୂପେ ବିଦ୍ୟମାନ ଜଗନ୍ନାଥଙ୍କ ସ୍ଥିତି ସଂପର୍କରେ ଯାହା ସବୁ ଶ୍ରୁତି ଓ ସ୍ମୃତିରେ ବର୍ଣ୍ଣନା କରାଯାଇଛି , ଏ କଳିଯୁଗରେ ସର୍ବ ଶାସ୍ତ୍ର ସମ୍ମତ ପବିତ୍ର ଧର୍ମଗ୍ରନ୍ଥ 'ଶ୍ରୀ ରାମ ଚରିତ ମାନସ' ଲେଖିଲାବେଳେ ସନ୍ଥ ତୁଳସୀ ଦାସ ଗୋସ୍ୱାମୀ ଏହି ଜଗନ୍ନାଥଙ୍କୁ ରଘୁନାଥଙ୍କୁ ଅନୁରୂପ ଅଭିନ୍ନ ସ୍ୱରୂପ ବେଦ ବର୍ଣ୍ଣିତ ପୁରୁଷୋତ୍ତମ ରୂପେ ପ୍ରତିପାଦନ କରି ଲେଖିଛନ୍ତି–

'ବିନୁପଦ ଚଲଇ ସୁନଇ ବିନୁକାନା ।
କର ବିନୁ କରମ କରଇ ବିଧି ନାନା ॥
ଆନନ୍ଦ ରହିତ ସକଳ ରସ ଭୋଗୀ ।
ବିନୁ ବାନୀ ବକତା ବଡ଼ ଯୋଗୀ ।
ତନ ବିନୁ ପରସ ନୟନ ବିନୁ ଦେଖା ।
ଗ୍ରହଇ ଘ୍ରାନ ବିନୁ ବାସ ଅସେଷା ।"

(ବାଲକାଣ୍ଡ–ଦୋହାଁ–୧୧୭)

ଜଗନ୍ନାଥ ପାଦ ନ ଥାଇ ଚାଲନ୍ତି :—

ଦାରୁବ୍ରହ୍ମ ଜଗନ୍ନାଥ ବହୁ ଭକ୍ତ ରଞ୍ଜନ ଲୀଳା କରିଛନ୍ତି । ତାଙ୍କର ପାଦ ନାହିଁ, ସେ ଚାଲିଛନ୍ତି । ଭକ୍ତ ପ୍ରେମ ବଶରେ କାଞ୍ଚି ବିଜୟ ବେଳେ ଧଳା କଳା ଘୋଡ଼ାରେ ଜଗନ୍ନାଥ, ବଳଭଦ୍ର କାଞ୍ଚି ଯୁଦ୍ଧ କ୍ଷେତ୍ରକୁ ଯାତ୍ରା କରିଛନ୍ତି ।

କାନ ନ ଥାଇ ଶୁଣନ୍ତି :—

ଜଗତର ସମସ୍ତ ପ୍ରାଣୀଙ୍କର ଆର୍ତ୍ତ, ଦୁଃଖ, ହାରି ଗୁହାରି ସେ ଶୁଣନ୍ତି । ଭକ୍ତ ବଳରାମ ଦାସଙ୍କ ଆକୁଳ ପ୍ରାର୍ଥନା ସେ ଶୁଣିଥିଲେ । ଯବନ କବି ଭକ୍ତ ସାଲବେଗ ପ୍ରଭୁଙ୍କ ରଥଯାତ୍ରା ଦର୍ଶନ କରିବା ପାଇଁ ଉଦ୍‌ବେଗ ଭରା ମନରେ ବୃନ୍ଦାବନରୁ ଫେରୁଥିବା ବେଳେ ରାସ୍ତାରେ ପ୍ରାର୍ଥନା କରି କହିଲେ—

"ଜଗବନ୍ଧୁ ହେ ଗୋସାଇଁ
ତୁମ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ ।
× × ×
ସାତଶ ପଚାଶି କୋଶ
ଚାଲି ନ ପାରଇ ।
ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି" ।

ରଥାରୂଢ଼ ଜଗନ୍ନାଥ ଭକ୍ତର ଡାକ ଶୁଣି ପାରିଲେ । ରଥ ବନ୍ଦ ରହିଲା । ସାଲବେଗ ଆସି ପ୍ରଭୁଙ୍କୁ ଦର୍ଶନ କଲାପରେ ରଥ ଚାଲିଲା । ଭକ୍ତ କବି ଜୟଦେବଙ୍କ 'ଗୀତ-ଗୋବିନ୍ଦ' ଶୁଣିବା ପାଇଁ ପ୍ରଭୁ ଶ୍ରୀମନ୍ଦିରରୁ ବାହାରି ପଡ଼ିଲେ । ବଣରେ କଣ୍ଟା ଲାଗି ପ୍ରଭୁଙ୍କ ପିତାମ୍ବରୀ ଚିରି ଯାଇଥିବା କଥା ମନ୍ଦିରରେ ଚହଳ ପକାଇ ଦେଇଥିଲା ।

ହାତ ନଥାଇ ସେ ଗ୍ରହଣ କରନ୍ତି:—ବା ସମସ୍ତ କାର୍ଯ୍ୟ ସଂପାଦନ କରନ୍ତି । ଦାଳିଗାଁ, ଦାସିଆ ବାଉରୀ ପ୍ରେରିତ ଉତ୍ସର୍ଗିତ ନାରିକେଳକୁ ରତ୍ନ ସିଂହାସନରୁ ସ୍ୱହସ୍ତ ପ୍ରସାରି ନେଇ ଯାଇଥିଲେ । ବନ୍ଧୁ ମହାନ୍ତିଙ୍କୁ ନିଜର ରତ୍ନଥାଳୀରେ ଅର୍ଦ୍ଧରାତ୍ରରେ ପ୍ରସାଦ ଦେଇ ଭକ୍ତ ବନ୍ଧୁ ହୋଇଥିଲେ ।

ମୁଖ ନଥାଇ ସେ ସମସ୍ତ ପ୍ରକାର ରସ ପାନ କରନ୍ତି :ଜଗନ୍ନାଥଙ୍କୁ ଛପନ ପ୍ରକାର ଅନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ପିଷ୍ଟକ, ଖେଚୁଡ଼ି, ଶାଗ ପଖାଳ ଆଦି ରସ ଭୋଗ କରାଯାଇ ଥାଏ । କାଞ୍ଚି ଯାତ୍ରା ବେଳେ ମାଣିକ ଗଉଡୁଣୀ ପାଖରେ ହୀରାମୁଦି ବନ୍ଧା ଦେଇ ସେ ଦହି ଖାଇଥିଲେ ଏବଂ କରମା ବାଈର ଖେଚୁଡ଼ିକୁ ସେ ଆନନ୍ଦରେ ଭକ୍ଷଣ କରିଥିଲେ ।

ବାଣୀ ବିନା ବକ୍ତା:—କାଞ୍ଚି ଅଭିଯାନ ପାଇଁ ରାଜାଙ୍କୁ ସ୍ୱପ୍ନରେ ଆଦେଶ ଦେବା, ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇ ବିଭିନ୍ନ ଆଦେଶ କରିବା ଆଦି ଘଟଣା ଜଗନ୍ନାଥଙ୍କଠାରେ ପରିଲକ୍ଷିତ ହେଉଛି । ତାଙ୍କ ସ୍ୱପ୍ନାଦେଶରେ ଜ୍ଞାନ ଦେଇ ମାଲୁଣୀର ସୁରକ୍ଷା ତାଙ୍କୁ ପ୍ରସିଦ୍ଧି ଦେଇଛି ।

ତନୁ ବିନା ପରଶ:—ସେ ବିନା ଶରୀରରେ ସ୍ପର୍ଶ କରନ୍ତି । ଅଲୌକିକ ଅପ୍ରାକୃତ ଶରୀର ଦାରୁବ୍ରହ୍ମ ଜଗନ୍ନାଥ ପ୍ରାକୃତ ଶରୀର ଧାରଣ କରି କାଞ୍ଚି ଯୁଦ୍ଧ ଯାତ୍ରା, ମାଣିକ ଗଉଡୁଣୀକୁ ମୁଦ୍ରିକା ପ୍ରଦାନ, ବିଶର ମହାନ୍ତିକୁ ରକ୍ଷା, ଲକ୍ଷ୍ମୀଙ୍କ ବିଚ୍ଛେଦରେ ଲକ୍ଷ୍ମୀଛଡ଼ା ହୋଇ ଦ୍ୱାରେ ଦ୍ୱାରେ ବୁଲିବା ଆଦି ଲୀଳା କରିଛନ୍ତି ।

ନୟନ ବିନା ଦର୍ଶନ :—ଚକ୍ଷୁ ବିନା ସେ ଦେଖନ୍ତି । ଉପର୍ଯ୍ୟୁକ୍ତ ବହୁ ଲୀଳା ଭିତରେ ପ୍ରଭୁ ଦୁଃଖୀ, ରଙ୍କୀ, ଧନୀ, ଦରିଦ୍ର, ସମସ୍ତ ଭକ୍ତଙ୍କୁ କୃପା ଦୃଷ୍ଟିରେ ଦେଖୁଛନ୍ତି ।

ନାସା ବିନା ସୁବାସ ଗ୍ରହଣ —ନାସା ବିନା ବିଭିନ୍ନ, ଭୋଗ ବ୍ୟଞ୍ଜନ, ଚନ୍ଦନ, କର୍ପୂର, ଅଗୁରୁ, ବିଭିନ୍ନ ପୁଷ୍ପ ଆଦିରେ ସୁଗନ୍ଧ ଗ୍ରହଣ କରନ୍ତି । ଏହି ପ୍ରକାରେ ସେ ଶ୍ରୀ ମନ୍ଦିରରେ ନିତ୍ୟ ଲୀଳା କରୁଛନ୍ତି ।

ରାକ୍ଷସ ରାଜା ରାବଣର ଭାଇ ବିଭୀଷଣ ରଘୁନାଥଙ୍କ ଶରଣ ନେଲାବେଳେ, ସେ ପତିତ ରାକ୍ଷସକୁଳୋଦ୍ଭବ ଶତ୍ରୁର ଭାଇ ବୋଲି ସୁଗ୍ରୀବ, ବିଭୀଷଣଙ୍କୁ ଗ୍ରହଣ କରିବା ବିରୋଧରେ କହିଲା ବେଳେ ପ୍ରଭୁ କହିଛନ୍ତି:—

"ସକୃତ୍ ଏବ ପ୍ରପନ୍ନାୟ ତବାଽସ୍ମୀତିଚ ଯାଚତେ,
ଅଭୟଂ ସର୍ବଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂମମ" ।
—ବାଲ୍ମୀକି ରାମାୟଣ)

ଜାତି ବର୍ଣ୍ଣ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ରଘୁନାଥଙ୍କ ଶରଣାଗତ ହେଲେ ସେ ତାକୁ ରକ୍ଷା କରନ୍ତି ।

ତଦନୁରୂପ ଶ୍ରୀ ରାମଚରିତ ମାନସରେ ଶ୍ରୀରାମ କହି ଅଛନ୍ତି,

—"କୋଟି ବିପ୍ର ବଧ ଲଗଇ ଯାହୁ
ଆଏ ଶରଣ ତଜହିଁ ନହିଁ ତାହୁ" ।

ମହାପାପୀ ହୋଇ ମଧ୍ୟ କେହି ଯଦି ମୋ ଶରଣକୁ ଆସେ, ମୁଁ ତାକୁ ତ୍ୟାଗ କରେ ନାହିଁ" । ପ୍ରଭୁ କରୁଣାସାଗର, ଶରଣଦ । ପତିତମାନଙ୍କୁ ଦର୍ଶନ ଓ ଶରଣ ଦେବା ପାଇଁ ସେ ରଥଯାତ୍ରା କରନ୍ତି ।

(—ଉତ୍ତରାକାଣ୍ଡ)
୧୦୮।୨୮

ବାଲ୍ମୀକି ରାମାୟଣରେ କୁହାଯାଇଛି—

"ଆରାଧୟ ଜଗନ୍ନାଥ ଇକ୍ଷ୍ୱାକୁ କୁଳ ଦୈବତମ୍"—ଅର୍ଥାତ୍ ଇକ୍ଷ୍ୱାକୁ ବଂଶର ପ୍ରଭୁ 'ଶ୍ରୀ ରଘୁନାଥଙ୍କୁ' 'ଶ୍ରୀଜଗନ୍ନାଥ' ବୋଲି ବାଲ୍ମୀକି ରାମାୟଣରେ କୁହା ଯାଇଛି । ତ୍ରେତା ଯୁଗରେ ଯେଉଁ ପ୍ରଭୁ ରଘୁନାଥ ଶ୍ରୀକ୍ଷେତ୍ରରେ ସେ ଜଗନ୍ନାଥ ।

# ପୁରୀର ମଠ ଓ ଶ୍ରୀଜଗନ୍ନାଥ

ଡକ୍ଟର ପୂର୍ଣ୍ଣ ଚନ୍ଦ୍ର ମିଶ୍ର

ପରମ ପବିତ୍ର ଭୂମି ଶ୍ରୀକ୍ଷେତ୍ରରେ ବହୁ ପ୍ରାଚୀନ କାଳରୁ ଅନେକ ଗୁଡ଼ିଏ ମଠ ରହି ଅଛି । କେତେକ ପୁରୀରେ 'ସାତଶହ ବାଉନ' ମଠର ମଧ୍ୟ ପରିକଳ୍ପନା କରିଛନ୍ତି । କିନ୍ତୁ ଏହା ଏକ ଅବାନ୍ତର ଘଟଣା ପରି ମନେ ହୁଏ । ଅନୁମାନ କରାଯାଏ ଯେ ପୁରୀର ପ୍ରସିଦ୍ଧ ସାତ ସାହି ମଧ୍ୟରେ ବାଉନମଠକୁ କାଳକ୍ରମେ ଲୋକମାନେ 'ସାତଶହ ବାଉନ ମଠ' ରୂପେ ପରିକଳ୍ପନା କରିଛନ୍ତି । କିନ୍ତୁ ବିଭିନ୍ନ ସଂପ୍ରଦାୟର ମଠ ସଂଖ୍ୟା ଅଶିଗୋଟି ବୋଲି ଜଣାଯାଏ (୧) । ପରବର୍ତ୍ତୀ ସମୟରେ ଏହାସହିତ କେତେଗୁଡ଼ିଏ ନୂତନ ମଠ ମିଶି ମଠର ସଂଖ୍ୟା ଶତାଧିକ ହୋଇଛି ।

ଏହି 'ମଠ' ଶବ୍ଦ ଟି 'ମଠ୍' ଧାତୁ ସହ ଅଧିକରଣ 'ଅ' ସଂଯୁକ୍ତରେ ଉତ୍ପନ୍ନ ହୋଇଛି । ଏହାର ଅର୍ଥ ହେଉଛି ଯେଉଁଠାରେ ବିଦ୍ୟାର୍ଥୀମାନେ ବାସ କରନ୍ତି । 'ମଠ' ଶବ୍ଦର ଅନ୍ୟଗୋଟିଏ ଅର୍ଥ ହେଉଛି ଦେବସେବା ନିମନ୍ତେ ସ୍ଥାପିତ ଓ ଜମିବାଡ଼ି ଖଞ୍ଜାଥିବା ଆଶ୍ରମ (୨) । ସଂସ୍କୃତ ମହାଭାରତରେ ମଧ୍ୟ 'ମଠ' ଶବ୍ଦଟି 'ଆଶ୍ରମ କୁଟୀର' ଅର୍ଥରେ ପ୍ରୟୋଗ ହୋଇଛି । (୩) କିନ୍ତୁ ମଠ କହିଲେ ସାଧାରଣତଃ ତପସ୍ୱୀ, ସନ୍ୟାସୀ, ଶ୍ରମଣ ବା ଭିକ୍ଷୁଶ୍ରେଣୀୟ ଲୋକଙ୍କର ବାସ ସ୍ଥାନକୁ ବୁଝାଏ । ଏପରିକି ସଂସାର ପ୍ରତି ବୀତସ୍ପୃହ ହୋଇ ମୁକ୍ତିକାମନା କରି ଯେଉଁମାନେ ଗୃହତ୍ୟାଗ କରିଥାନ୍ତି, ସେମାନଙ୍କର ଆଶ୍ରୟସ୍ଥଳୀ ହେଉଛି ମଠ । (୪) 'ପଞ୍ଚତନ୍ତ୍ର' ଆଦି କେତେକ ଗ୍ରନ୍ଥରେ (୫) 'ମଠ' ଶବ୍ଦ ଦେବକୁଳ ମନ୍ଦିର ଅର୍ଥରେ ପ୍ରୟୋଗ ହେବା ବେଳେ 'କଥାସରିତ ସାଗର' ଗ୍ରନ୍ଥରେ (୬) ଆଶ୍ରମ ବିହାର ଅର୍ଥରେ ପ୍ରୟୋଗ ହୋଇଛି ।

ମଠର ଉତ୍ପତ୍ତି ସଂପର୍କରେ କେତେଗୁଡ଼ିଏ କାରଣ ପରିଲକ୍ଷିତ ହୁଏ । ସେଥିମଧ୍ୟରୁ ପ୍ରଥମ କାରଣଟି ହେଉଛି "ଜଣେ ଜଣେ ଗୃହତ୍ୟାଗୀ ଧର୍ମ ପ୍ରଚାରକ ବ୍ୟକ୍ତି ସ୍ୱମତ ପ୍ରଚାର ଉଦ୍ଦେଶ୍ୟରେ ବୁଲୁବୁଲୁ କୌଣସି ଗୋଟିଏ ସ୍ଥାନରେ ଜନସାଧାରଣଙ୍କର ସାହାଯ୍ୟ, ସହଯୋଗ ତଥା ଶ୍ରଦ୍ଧାଭକ୍ତି କରି ବୃକ୍ଷମୂଳରେ ଅବସ୍ଥାନ କରିବା ସଙ୍ଗେ ସଙ୍ଗେ କେତେକ ଶିଷ୍ୟ ଗ୍ରହଣ କରି ଗୋଟିଏ ସଂପ୍ରଦାୟ ସୃଷ୍ଟି କରନ୍ତି । ପରେ ସେମାନଙ୍କର ଅଦମ୍ୟ ପ୍ରଚେଷ୍ଟା ଦ୍ୱାରା ତାହା ଗୋଟିଏ ଗୋଟିଏ ବିଭବଶାଳୀ ପୀଠ ରୂପେ ପରିଣତ ହୋଇଛି । ମଠ ଉତ୍ପତ୍ତିର ଦ୍ୱିତୀୟ କାରଣ ହେଉଛି କେତେକ ଗୃହସ୍ଥଧର୍ମ ପ୍ରଚାରକ ଶିଷ୍ୟମାନଙ୍କ ପ୍ରଦତ୍ତ ଦକ୍ଷିଣା ରୂପେ ଜମିବାଡ଼ି ପାଇବା ଦ୍ୱାରା ନିଜର ଗୃହକୁ ମଠ ନାମରେ ନାମିତ କରିଛନ୍ତି । ଆଉ କେତେକ ଭିକ୍ଷୁକ ଦଳ ଭିକ୍ଷା ଲବ୍ଧ ଧନ ସଂଗ୍ରହ କରି ସେ ସବୁକୁ ଜମାଇ ନିଜର ଗୋଟିଏ ଆଡ୍ଡା କରି ଜଣେ ଯୋଗ୍ୟ-ବ୍ୟକ୍ତିଙ୍କୁ 'ମହନ୍ତ' ରୂପେ ଗ୍ରହଣ କରି 'ମଠ' ସୃଷ୍ଟି କରିଛନ୍ତି । ମଠ ଉତ୍ପତ୍ତିର ଚତୁର୍ଥ କାରଣ ହେଉଛି କେତେକ ହଂ ଯୋଗୀ ବା ଟୁଟୁକା ଔଷଧଦାତା ଗୃହତ୍ୟାଗୀ ବ୍ୟକ୍ତି ହୁକୁମ ଦେଇ ଯେଉଁ ଧନ ସଂଗ୍ରହ କରନ୍ତି, ତଦ୍ୱାରା ସେମାନେ ଏକ ମଠ ସ୍ଥାପନ କରି ନିଜର ପ୍ରଭାବ ତଥା ପରାକାଷ୍ଠା ବଜାୟ ରଖିବାକୁ ଚେଷ୍ଟା କରନ୍ତି" । (୭)

କେତେକ ଐତିହାସିକଙ୍କ ମତରେ ଇଜିପ୍ଟବାସୀ ଖ୍ରୀଷ୍ଟିୟାନ୍ ମାନଙ୍କ ମଧ୍ୟରେ ଏହି ମଠାନୁଷ୍ଠାନର ପ୍ରଥମ କଳ୍ପନା ହୋଇଥିଲା । ମହାତ୍ମା ଆଣ୍ଟୋନୀ ଏପଲ୍ ଲୋହିତ ସାଗର କୂଳରେ କୋଷ୍ଠୀୟମଠ ସ୍ଥାପନ କରିଥିଲେ । ଏହି ସ୍ଥାନରୁ ଏ ସଂସ୍ଥା କ୍ରମେ ଇଉରୋପର ବିଭିନ୍ନ ଦେଶକୁ ବ୍ୟାପିଥିଲା । (୮) ଏହି ସମସ୍ତ ମଠରେ ପ୍ରଥମେ ସନ୍ୟାସିନୀମାନଙ୍କୁ ରହିବା ପାଇଁ ସୁଯୋଗ ଦିଆଯାଉ ନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସନ୍ୟାସିନୀମାନଙ୍କୁ ରହିବାପାଇଁ ସୁଯୋଗ ଦିଆଗଲା । ଖ୍ରୀଷ୍ଟିୟାନ୍ ମଠ ଗୁଡ଼ିକର ସୁ-ପରିଚାଳନା ପାଇଁ ପ୍ରଥମେ ସେଣ୍ଟ-ବେନିଡ଼ିକ୍ଟ ଆଇନ ପ୍ରଣୟନ କରିଥିଲେ । ପରବର୍ତ୍ତୀ ସମୟରେ ମଠର ସନ୍ୟାସୀ ମାନେ ମଠ ମଧ୍ୟରେ ନିଜର କର୍ମମୟ ଜୀବନକୁ ସୀମାବଦ୍ଧ ନ କରି ଅନ୍ୟର ସେବା ପାଇଁ ନିଜକୁ ଉତ୍ସର୍ଗ କଲେ । ଫଳରେ ଏହି ମଠ ଗୁଡ଼ିକ ନିଜର ଆଦର୍ଶ ବଜାୟ ରଖିବା ସଙ୍ଗେ ସଙ୍ଗେ ସଂସ୍କୃତିର ବିଭିନ୍ନ ଦିଗ (ସାହିତ୍ୟ, ଇତିହାସ, ଧର୍ମ, କଳା ଓ ଭେଷଜ ବିଦ୍ୟା ଆଦି)କୁ ଉନ୍ନତ କରାଇଲେ । ଫଳରେ ମଠଗୁଡ଼ିକ ଧର୍ମ ଓ ସଂସ୍କୃତିର ଏକ ମୁଖ୍ୟ ତଥା ପ୍ରଧାନ କେନ୍ଦ୍ରସ୍ଥଳ ରୂପେ ଆତ୍ମପ୍ରକାଶ କରିଥିଲା ।

କେତେକଙ୍କ ମତରେ ବୌଦ୍ଧଯୁଗର 'ବିହାର' ଅନୁକରଣରେ 'ମଠ' ଗୁଡ଼ିକ ସୃଷ୍ଟି ହୋଇଥିଲା । (୯) ପଣ୍ଡିତ ନୀଳକଣ୍ଠ ଦାଶଙ୍କ ମତରେ ଓଡ଼ିଶାରେ ଏବେ ଯେଉଁ ମଠ ମାନ ବିଭିନ୍ନ ସ୍ଥାନରେ ଦେଖାଯାଉଅଛି ସେଗୁଡ଼ିକ ପୂର୍ବେ ବୌଦ୍ଧ ବିହାରର ଆଦର୍ଶରେ ଗଢି ଉଠିଥିଲା ଏବଂ ଗୋଟିଏ ସଂପ୍ରଦାୟର ବିଦ୍ୟାଶିକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । (୧୦) ଏହାର ଉଦାହରଣ ରୂପେ ପୁଷ୍ପଗିରି, ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ଗ୍ରହଣ କରାଯାଇପାରେ । ଏହି ସବୁ ସ୍ଥାନରେ ବୌଦ୍ଧବିହାର ମାନ (୧୧) ଥିଲା ଓ ଏଠାକୁ ଅନେକ ସାଧକ ଆଗମନ କରୁଥିଲେ । ବଙ୍ଗୀୟ ଶବ୍ଦକୋଷାନୁଯାୟୀ ବିହାର କହିଲେ ବୌଦ୍ଧ ଦେବାଳୟ, ମଠ, ମନ୍ଦିର ଆଦିକୁ

ବୁଝାଉଥିଲା । (୧୨) ନେପାଳୀ ଭାଷାରେ 'ବିହାର' କହିଲେ ବୌଦ୍ଧଧର୍ମାବଲମ୍ବୀଙ୍କ ଆଶ୍ରମ ବା ମଠକୁ ବୁଝାଏ । (୧୩) ପାଲି ଭାଷାରେ ମଧ୍ୟ ବୌଦ୍ଧ ଭିକ୍ଷୁମାନଙ୍କର ଆଶ୍ରୟ ସ୍ଥଳ ବା ଆଶ୍ରମ ଅର୍ଥରେ 'ବିହାର' ଶବ୍ଦ ପ୍ରଯୁକ୍ତ । (୧୪) ମୋଟ ଉପରେ ମଠଗୁଡ଼ିକ ବୌଦ୍ଧବିହାର ଆଦର୍ଶରେ ଗଠିତ ହେଉ ବା ଅନ୍ୟ ଯେକୌଣସି କାରଣରୁ ଗଠିତ ହେଉ ଏହାର ଉଦ୍ଦେଶ୍ୟ ଥିଲା ମହତ୍ । ଏହାର ଉଦ୍ଦେଶ୍ୟ ଥିଲା ବ୍ରହ୍ମଚର୍ଯ୍ୟ ପାଳନ, ଧର୍ମ ଓ ନୀତି ଶିକ୍ଷା ପ୍ରଦାନ, ଶାସ୍ତ୍ରାଧ୍ୟୟନ, ଅତିଥି ଅଭ୍ୟାଗତ ସେବା ଆଦି । ତେଣୁ ଖ୍ରୀଷ୍ଟିୟାନ୍ ସଂପ୍ରଦାୟର 'ମନାଷ୍ଟ୍ରି' ବୌଦ୍ଧମାନଙ୍କର 'ବିହାର' ବା 'ସଂଘାରାମ' ଓ ହିନ୍ଦୁମାନଙ୍କର 'ମଠ' ଏକ ଶ୍ରେଣୀୟ ଅନୁଷ୍ଠାନ କହିଲେ ଅତ୍ୟୁକ୍ତି ହେବନି ।

ପୁରୀର ଶ୍ରୀଜଗନ୍ନାଥ ମନ୍ଦିରର ଚତୁର୍ପାର୍ଶ୍ୱରେ ଅନେକ ମଠ ପରିଦୃଷ୍ଟ ହୁଏ । ଏହି ମଠର ମୁଖ୍ୟ ବାବାଜୀଙ୍କୁ 'ମହନ୍ତ' କହନ୍ତି । ନିୟମାନୁସାରେ ମହନ୍ତମାନେ ଦାର ପରିଗ୍ରହ କରିବା ନିଷେଧ । କାଳକ୍ରମେ କେତେକ ମଠ ମହନ୍ତ ଦାର ପରିଗ୍ରହ କରିଥିବାର ଜଣାଯାଏ । ତେଣୁ ଏହି ଦୃଷ୍ଟି ଭଙ୍ଗୀରେ ମଠକୁ ଦୁଇଭାଗରେ ବିଭକ୍ତ କରାଯାଇ ପାରେ । ଗୋଟିଏ ହେଉଛି 'ନିହଙ୍ଗ ମଠ' ଅର୍ଥାତ ଯେଉଁ ମଠର ମହନ୍ତ (ଅନ୍ତତଃ ଦୂରାଗତ ବ୍ୟକ୍ତିମାନେ ଦେଖିବା ଭଳି) କୁମାରବ୍ରତ ଧାରଣ କରିଥାନ୍ତି । ଯେଉଁ ମଠର ମହନ୍ତମାନେ ଗୃହସ୍ଥ ସେହି ମଠ ମାନଙ୍କୁ 'ଗୃହୀମଠ' କୁହାଯାଏ । ଏତଦ୍‌ବ୍ୟତୀତ କେତେଗୁଡ଼ିଏ 'ଅଧିକାରୀ' ମଠ' ମଧ୍ୟ ପରିଦୃଷ୍ଟ ହୁଏ । ଏହି ମଠର ମାରଫତଦାରଙ୍କୁ 'ଅଧିକାରୀ' କୁହାଯାଏ । ମଠର ମହନ୍ତମାନଙ୍କୁ 'ମଠାଧୀଶ' କୁହାଯିବାବେଳେ ମଠରେ ବାସ କରୁଥିବା ବୈଷ୍ଣବମାନଙ୍କୁ 'ମଠଧାରୀ' ବା ମଠପତି' ବୋଲି ମଧ୍ୟ କୁହାଯାଏ ।

ମଠର ମହନ୍ତ ତିନି ପ୍ରକାରେ ହୁଅନ୍ତି । କେତେକ ମଠର ମହନ୍ତଙ୍କ ଦେହାନ୍ତ ପରେ ତାଙ୍କ ବଂଶଧର 'ମହନ୍ତ' ହୁଅନ୍ତି । କେତେକ ମଠରେ ମହନ୍ତଙ୍କର ଦେହାନ୍ତ ପୂର୍ବରୁ ମହନ୍ତମାନେ 'ଉଇଲ୍' କରି ମଠର ସମସ୍ତ ସ୍ଥାବର ଅସ୍ଥାବର ସଂପତ୍ତି ଚେଲାଙ୍କ ନାମରେ କରନ୍ତି । ଏହି ମହନ୍ତଙ୍କ ପରେ ଚେଲା ମଠର 'ମହନ୍ତ' ରୂପେ ବିବେଚିତ ହୁଏ । ଅନ୍ୟକେତେକ ସ୍ଥଳରେ ସର୍ବସାଧାରଣରୁ ମଠର ମହନ୍ତ ରୂପେ ଜଣକୁ ସ୍ୱୀକୃତି ଦିଆଯାଏ । ମହନ୍ତଙ୍କ ଦେହାନ୍ତ ପରେ ନୂତନ ମହନ୍ତଙ୍କ ମୁଣ୍ଡରେ ମହନ୍ତେଇ ଶାଢ଼ୀ (ମହନ୍ତାଇ ଶାଢ଼ୀ) ବା ପାଗ ବନ୍ଧାଯାଇ ମହନ୍ତ ରୂପେ ସ୍ୱୀକୃତି ପ୍ରଦାନ କରାଯାଏ ।

ପୁରୀରେ ଥିବା ଅଧିକାଂଶ ମଠ ମାନଙ୍କର ଶ୍ରୀଜଗନ୍ନାଥ-ମନ୍ଦିରରେ ବିଭିନ୍ନ ପ୍ରକାର ସେବା ରହିଛି । ପୁରୀକୁ ଆସୁଥିବା ସ୍ୱଦେଶାଗତ ଓ ବିଦେଶାଗତ ବ୍ୟକ୍ତିମାନଙ୍କ ଦାନଦ୍ୱାରା ଏହି ମଠ ଗୁଡ଼ିକ ସମୃଦ୍ଧି ଲାଭ କରିଥିଲା । ବହୁ ବଦାନ୍ୟ ବ୍ୟକ୍ତି ମଠ ମାରଫତରେ ଅନେକ ଜମିବାଡ଼ି ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ସେବାବିଧାନର ସୁପରିଚାଳନା ପାଇଁ ଲଗାଇଥିଲେ । ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହି ଭୋଗଠାରୁ ଆରମ୍ଭ କରି ବିଭିନ୍ନ ବେଶଭୂଷା ବେଳେ ଫୁଲ ଓ ସାଜସଜ୍ଜା ଦେବା, ଅତିଥି ଅଭ୍ୟାଗତ ଓ ସାଧୁଙ୍କୁ ମହାପ୍ରସାଦ ସେବା କରାଇ ଆପ୍ୟାୟିତ କରିବା, ବିଭିନ୍ନ ଯାନିଯାତ୍ରା ବେଳେ ବିଭିନ୍ନ ଭୋଗ କରିବା ପାଇଁ ହଜାରହଜାର ବାଟି ଭୂସଂପତ୍ତି ଶ୍ରୀଜଗନ୍ନାଥଙ୍କ ନାମରେ ବହୁ ବଦାନ୍ୟ ବ୍ୟକ୍ତି, ରାଜା ଓ ରାଜପରିବାର ମଠ ମାରଫତରେ ଦେଇଥିଲେ ।

ଏପରିକି ଜଗନ୍ନାଥଙ୍କ ମନ୍ଦିରର ଅମୃତ ମଣୋହି ଭୋଗ ପାଇଁ ମରହଟ୍ଟା ଶାସକମାନଙ୍କଠାରୁ ଆରମ୍ଭ କରି ଅନେକ ଶାସକ ଜମିବାଡ଼ି ଲଗାଇଥିଲେ ଓ ଏହି ଜମିର ମାରଫତଦାର ରୂପେ ମଠ ମହନ୍ତମାନେ ଥିଲେ । ଏହି ମଠମାନଙ୍କ ମଧ୍ୟରେ ଏମାର ମଠ, ରାଘବଦାସ ମଠ, ଓଡ଼ିଆ ମଠ, ଗୋପାଳତୀର୍ଥ ମଠ, ଜଗନ୍ନାଥବଲ୍ଲଭ ମଠ, ଝାଡ଼ୁ ମଠ, ମଙ୍ଗୁ ମଠ, ମହୀପ୍ରକାଶ ମଠ ଆଦି ଅନ୍ୟତମ । ଏହି ମଠମାନେ ଶ୍ରୀମନ୍ଦିରର ଦୈନନ୍ଦିନ ନୀତିରେ ସାହାଯ୍ୟ ଓ ସହଯୋଗ କରୁଥିଲେ । ଦୈନିକ ଦ୍ୱାରଫିଟା ତଥା ମଙ୍ଗଳଆଳତି ସମୟରେ ଏମାର ମଠ, ଜଗନ୍ନାଥ ବଲ୍ଲଭ ମଠ, ଓଡ଼ିଆ ମଠ ଓ ମଙ୍ଗୁ ମଠ ମଶାଲ ଜାଳନ୍ତି । ଏପରିକି ଦୈନିକ ଦ୍ୱାରପାଳ ପୂଜା ବସିବା ପୂର୍ବରୁ ଝାଡ଼ୁ ମଠ ଦ୍ୱାରା ଜଗମୋହନ, ବଡ଼ଦେଉଳର ବାହାର ପାଖରେ ଥିବା ବାରଣ୍ଡା ଓ ପାହାଚ ପ୍ରଭୃତି ପରିଷ୍କୃତ କରାଯାଏ । ଏହି ଝାଡ଼ୁ ମଠ ସମସ୍ତ ଧୂପ ସମୟରେ ଝାଡ଼ପିଟା ନୀତି ମଧ୍ୟ କରାଏ ।

ସେହିପରି ଦୈନନ୍ଦିନ ମହାପ୍ରଭୁଙ୍କର ବଡ଼ସିଂହାର ବେଶ ପାଇଁ ଶ୍ରୀରାମ ଦାସ ମଠ ଫୁଲର କରପଲ୍ଲବ, କୁଣ୍ଡଳ ଓ ତଡ଼ିଗ ଯୋଗାଇବା ବେଳେ ଏମାର ମଠ ଫୁଲର ଚନ୍ଦ୍ରିକା ଯୋଗାଏ । ପୁଷ୍ପାଳକ ଦୁଇଠାକୁରଙ୍କୁ କରପଲ୍ଲବ, କୁଣ୍ଡଳ ଓ ଚନ୍ଦ୍ରିକା ଲଗି କରାନ୍ତି ଏବଂ ସୁଭଦ୍ରାଙ୍କୁ କେବଳ ତଡ଼ିଗ ଓ ଚନ୍ଦ୍ରିକା ଲଗି କରାନ୍ତି । ଶ୍ରୀଜଗନ୍ନାଥଙ୍କର ରାମଜନ୍ମଠାରୁ ବିଭିନ୍ନ ନୀତି ମଧ୍ୟରୁ କେତେକ ନୀତି ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ କରାଯାଏ । ଏହି ନୀତିରେ ମହାପ୍ରଭୁଙ୍କର ବିଜୟ ପ୍ରତିମାମାନେ ଅଂଶ ଗ୍ରହଣ କରନ୍ତି । ଜ୍ୟେଷ୍ଠ ମାସର ସ୍ନାନ ପୂର୍ଣ୍ଣିମାଦିନ ହେଉଥିବା ଗଣେଶ ବେଶ ବା ହାତୀବେଶ ସାଜ ମଧ୍ୟରୁ ବଡ଼ବାଡ ବା ବଳଭଦ୍ରଙ୍କର ସାଜ ଗୋପାଳତୀର୍ଥ ମଠ ଯୋଗାଏ ଓ ଅନ୍ୟ ଦୁଇବାଡ଼ର ସାଜ (ଶ୍ରୀଜଗନ୍ନାଥ ଓ ସୁଭଦ୍ରାଙ୍କର)କୁ ରାଘବଦାସ ମଠ ଯୋଗାଏ । ଏହି ରାଘବଦାସ ମଠ ମହନ୍ତଙ୍କ ମୁଣ୍ଡରେ ସ୍ନାନବେଦୀଉପରେ ଭିତରଚ୍ଛୁ ମହାପାତ୍ର ଶାଢ଼ୀ ବାନ୍ଧନ୍ତି ଓ ଭଣ୍ଡାର ମେକାପ ଚନ୍ଦନ ଛାପା ଦିଅନ୍ତି । ଏହି ମଠ ତରଫରୁ ପହଣ୍ଡିବିଜେ ସମୟରେ ଠାକୁରମାନଙ୍କ ପାଇଁ ଫୁଲର ଟାୟା ଯୋଗାଇ ଦିଆଯାଏ ।

ମହାପ୍ରଭୁଙ୍କର ଅଣସର ବେଳେ ମହୀପ୍ରକାଶ ମଠ, ଏମାର ମଠ, ଓ ରାଘବଦାସ ମଠ ମଇଦମ ଭୋଗ ଓ ଚକଟା ଭୋଗ ଯୋଗାନ୍ତି । ଏହି ଚକଟା ଭୋଗ ଓଡ଼ିଆ ମଠ ଓ ସୁନା ଗୋସେଇଁ ମଠ ମଧ୍ୟ ଦିଅନ୍ତି । ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ପରେ ଅଧରପଣା ଭୋଗ ପାଇଁ ରାଘବଦାସ ମଠ ଓ ଓଡ଼ିଆ ମଠ ସାଚି, ଛେନା, କଦଳୀ ଇତ୍ୟାଦି ଦରକାରୀ ସାମଗ୍ରୀ ଯୋଗାନ୍ତି ।

ପୁରୀରେ ଥିବା ପ୍ରସିଦ୍ଧ ଗରିଗୋଟି ପ୍ରାଚୀନ ଆଶ୍ରମର ମଧ୍ୟ ଶ୍ରୀଜଗନ୍ନାଥ ମନ୍ଦିର ସହିତ ନିବିଡ଼ ସଂପର୍କ ରହିଛି । ଶ୍ରାବଣମାସ ଶୁକ୍ଳପକ୍ଷ ନବମ ଦିନ ବାଡ଼ିନୃସିଂହ ବିଜେ ହୋଇ ମାର୍କଣ୍ଡେୟ ଆଶ୍ରମ, ଅଙ୍ଗିରା ଆଶ୍ରମ, ପଣ୍ଡୁଆଶ୍ରମ ଓ ଭୃଗୁ ଆଶ୍ରମକୁ ଯାଆନ୍ତି । ସେଠାରେ ଶୀତଳ ଭୋଗ ସରିବା ପରେ ପୁନର୍ବାର ମନ୍ଦିରକୁ ଫେରନ୍ତି । ଏହିପରି ଭାବରେ ଦେଖିଲେ ଶ୍ରୀଜଗନ୍ନାଥ ମନ୍ଦିର ସହିତ ବିଭିନ୍ନ ମଠର କୌଣସି ନା କୌଣସି ସଂପର୍କ ରହିଛି । ସେମାନେ ଏହି ସବୁ ସେବାକୁ ସୁବ୍ୟବସ୍ଥିତରୂପେ ପରିଚାଳନା କରିବା ପାଇଁ ମଧ୍ୟ କେତେକ ଜମି ସଞ୍ଜା ଆକାରରେ ପାଇଥିଲେ । ଫଳରେ ଶ୍ରୀମନ୍ଦିରର ପରିଚାଳନା ନିମନ୍ତେ ଅର୍ଥାଭାବ ବା ବିଶୃଙ୍ଖଳା ପ୍ରାୟ ପରିଲକ୍ଷିତ ହେଉନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ମଠ ମହନ୍ତ ମାନଙ୍କର ଅବହେଳା ଓ ଜମିଦାରୀ ଉଚ୍ଛେଦ ଆଇନ ଆଦି ଦ୍ୱାରା ଶ୍ରୀମନ୍ଦିରର ବିଶେଷ ଆର୍ଥିକ ଅନାଟନ ଦେଖା ଦେବା ସଙ୍ଗେ ସଙ୍ଗେ ନୀତିକାନ୍ତିରେ ଅବହେଳା ସୃଷ୍ଟି ହେଲା ।

ଏହି ଘଟଣାକୁ ଲକ୍ଷ୍ୟକରି ତା ୧୦ । ୬ । ୧୮୦୫ରେ କଲେକ୍ଟର ସି. ଗ୍ରୁମ୍ କମିଶନରଙ୍କ ପାଖକୁ ଶ୍ରୀଜଗନ୍ନାଥ ମନ୍ଦିର ସମ୍ବନ୍ଧରେ ଯେଉଁ ବିବରଣୀ ଦେଇଥିଲେ ସେଥିରେ ସେ ମଠଧାରୀମାନଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି :—

"I am strongly inclined to believe that the Muthdhares so far from appropriating the resource of these lands to the purpose for which they were designed, have embezzled the greater portion of them". (Para. 6).

କେବଳ ସେତିକି ନୁହେଁ ମଠଧାରୀମାନଙ୍କର ଏହି ତୋଷରପାତକୁ ଲକ୍ଷ୍ୟ କରି ସେ ପୁନଶ୍ଚ ଉଲ୍ଲେଖ କରିଛନ୍ତି :—

"By which means the Muthdharees were prevented from embezzling so much of those funds as it would now appear they do". (Para. 6).

କାଳକ୍ରମେ ମଠମାନେ ନିଜ ଆଦର୍ଶରୁ ଚ୍ୟୁତ ହୋଇଥିଲେ ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ଗୋପାଳଚନ୍ଦ୍ର ପ୍ରହରାଜ ମଧ୍ୟ ଉଲ୍ଲେଖ କରିଛନ୍ତି :—

"ଅଧିକାଂଶ ସ୍ଥଳରେ ମଠର ସଂପତ୍ତି ଖଞ୍ଜିଥିବା ବ୍ୟକ୍ତିମାନଙ୍କ ଉଦ୍ଦିଷ୍ଟ କାର୍ଯ୍ୟରେ ବ୍ୟୟିତ ହେଉ ନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରନ୍ତି । "(୧୬)

ଇଂରେଜ ସରକାରଙ୍କ ଆଗମନର ଛଅବର୍ଷ ପରେ ମଠମାନଙ୍କ ବିରୁଦ୍ଧରେ ଇଂରେଜ ସରକାରଙ୍କ ନିକଟରେ ଅନେକ ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା । ଯଦ୍ୱାରା ଖ୍ରୀ ୧୮୧୦ରେ ୧୯ ଆଇନ୍ ଓ ଖ୍ରୀ. ୧୮୬୩ରେ ୨୦ ଆଇନ୍ ଜାରି କରାଗଲା । ଏହା ମଧ୍ୟରେ ଖ୍ରୀ. ୧୮୬୦ରେ କେଦାରନାଥ ଦର ନାମକ ଜଣେ ବ୍ୟକ୍ତି ଓଡ଼ିଶାର ମଠମାନଙ୍କ ବିରୁଦ୍ଧରେ ଏକ ତୀବ୍ର ସମାଲୋଚନା ପ୍ରକାଶ କରିଥିଲେ । ଫଳରେ ତାତ୍‌କାଳୀନ ସରକାର ୧୮୬୮ ମସିହାରେ ମଠ ମାନଙ୍କର ତଦନ୍ତ ଲାଗି ଗୋଟିଏ କମିଟି ନିଯୁକ୍ତ କରିଥିଲେ । ସେହି କମିଟି ବିଭିନ୍ନ ପ୍ରକାର ଅନୁଧ୍ୟାନ କରି ତା ୨୫ । ୩ । ୧୮୬୯ରେ ଗୋଟିଏ ବିବରଣୀ (ରିପୋର୍ଟ) ସରକାରଙ୍କ ପାଖରେ ଦାଖଲ କରିଥିଲେ । ସେହି ବିବରଣୀରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ "ମଠର ମୂଳ ଆଦର୍ଶ ଆଉ ନାହିଁ । ମଠାଧିପତିମାନେ ବର୍ତ୍ତମାନ ରାଜାମହାରାଜାଙ୍କ ପରି ଭୋଗ ବିଳାସରେ କାଳଯାପନ କରୁଛନ୍ତି, ସେମାନଙ୍କ ମୂଳ କର୍ତ୍ତବ୍ୟ ସେମାନେ ଭୁଲିଗଲେଣି । ମଠ ସଂପତ୍ତି ଯେ କେବଳ ଅପବ୍ୟୟ ହେଉଛି ତାହା ନୁହେଁ, ଅନେକ ସ୍ଥଳରେ ହସ୍ତାନ୍ତର ହେଲଣି ।"

ଏଥିରୁ ସ୍ପଷ୍ଟ ସୂଚିତ ହେଉଛି ଯେ ଯେଉଁସବୁ ମଠ ଗୋଟିଏ ଆଦର୍ଶକୁ ନେଇ ଗଠିତ ହେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥଙ୍କ ସଂପତ୍ତିର ମାରଫତଦାର ରୂପେ ଗଠିତ ହୋଇଥିଲା ତନ୍ମଧ୍ୟରେ ଅନେକ ଅନାଗ୍ରହ, ବ୍ୟଭିଚାର ଆଦି ପ୍ରବେଶ କରିବା ସଙ୍ଗେ ସଙ୍ଗେ ସେମାନେ ଏହି ସଂପତ୍ତିକୁ ନିଜର ବିଳାସ ବ୍ୟସନରେ ଖର୍ଚ୍ଚ କରିବା ଦ୍ୱାରା ଶ୍ରୀଜଗନ୍ନାଥ ମନ୍ଦିରର ଆର୍ଥିକ ମେରୁଦଣ୍ଡ କ୍ରମେ ଦୁର୍ବଳ ହେବାକୁ ଲାଗିଲା । 'ଓଡ଼ିଶା ଇତିହାସ'ର ଲେଖକ ହଣ୍ଟର ସାହେବ ଶ୍ରୀଜଗନ୍ନାଥ ମନ୍ଦିରର ସୁସ୍ଥ ଅର୍ଥନୀତିକୁ ଦେଖି ଯେଉଁ ମତ ଦେଇଥିଲେ :(୧୭)

"The devotion of centuries has long ago made Jagannath a very wealthy god"ର ବିଲୟ ଘଟିଲା ।

ଶ୍ରୀଜଗନ୍ନାଥ ମନ୍ଦିରର ପ୍ରାଚୀନ ଭଣ୍ଡାରସ୍ୱର ହିସାବକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରାଚୀନ ଓଡ଼ିଶାର ଦେବୋତ୍ତର ସମ୍ପତ୍ତିର ବାର୍ଷିକ ଆୟ ଥିଲା ପ୍ରାୟ ୭,୫୦,୦୦୦ ଟଙ୍କା ।

ଆଜି ଏହି ଜାତୀୟ ସଂପତ୍ତିର ବିଲୟ ଘଟିଛି । ଫଳରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ସେବା ଓ ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହେଉଛି । ଏପରିକି କେତେକ ସ୍ଥଳରେ କେତେକ ମଠ ନିଜର ଅର୍ଥାଭାବ ଦର୍ଶାଇ ଏଥିରୁ ମୁକ୍ତି ପାଇବା ପାଇଁ ବ୍ୟସ୍ତ ଥିବା ବେଳେ କେତେକ ମଠ "ଢ଼ୋଙ୍କେ ପିଇ ଦଣ୍ଡେ ଜିଇଁ ଭଳି ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ନିୟୋଗ କରିଛନ୍ତି ।

ପାଦଟୀକା :—

(୧) ଆନ୍ଧ୍ରମଠ–୧୨, ମହାରାଷ୍ଟ୍ର–୮, ଦ୍ରାବିଡ଼–୮, କନୌଜ–୫, ହେଗୁଜା–୩, ଏକାଦଶୀ–୩, ଓଡ଼ିଆ–୪, ମନୋଦଣ୍ଡୀ–୧୫, ଗୌଡ଼ୀୟ–୫, ତ୍ରିଦଣ୍ଡୀ–୭ ମୋଟ ୮୦ ଗୋଟି ମଠ ।

(୨) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (୫ମଭାଗ), ଗୋପାଳଚନ୍ଦ୍ର ପ୍ରହରାଜ, ପୃ. ୬୨୦୩ ।

(୩) ମହାଭାରତ—୩ । ୧୨୮ । ୨୯ ("ଆଶ୍ରମପଦଂ ବ୍ୟପବିଦ୍ଧ ବୃକ୍ଷୀମଠମ୍")

(୪) ସଂକ୍ଷିପ୍ତ ଓଡ଼ିଆ ଜ୍ଞାନ କୋଷ (୪ର୍ଥ ଭାଗ), ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରକାଶନ, ପୃ .୩

(୫) ପଞ୍ଚତନ୍ତ୍ର ୬୬ । ୬୭—"ମଠାୟତନଃ ଶ୍ରୀ ମହାଦେବସ୍ୟ" ମେଘନାଦବଧ—ବେଣୀ ମାଧବ ଦେ—ପୃ. ୩୧୯

(୬) କଥାସରିତ ସାଗର—୧୫ । ୩୧

(୭) ଜ୍ଞାନ ପ୍ରସ୍ତର—(ଉତ୍କଳ ସନାତନ ଧର୍ମର ମୁଖପତ୍ର), ସଂପାଦକ ପରୀକ୍ଷିତ ଦାଶଶର୍ମା, ମକର ସଂଖ୍ୟା, ୧୯୩୬, ପୃ. ୨୦-୨୧

(୮) ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ (୪ର୍ଥଭାଗ) ପୃ. ୪

(୯) ଉତ୍କଳକୋଷ—ପୃ. ୨୬୯

(୧୦) ସଂସ୍କୃତ ଓ ସଂସ୍କୃତି—ପଣ୍ଡିତ ନୀଳକଣ୍ଠ ଦାଶ, ପୃ. ୧୨୦—୧୨୨ ।

(୧୧) "ଗୋଟିଏ ବଡ଼ ଗୃହରେ ଭିକ୍ଷୁମାନେ ବାସ କରୁଥିଲେ, ସିଂହଳ ଓ ଥାଇଲଣ୍ଡରେ ବିହାର କହିଲେ ବୁଦ୍ଧଙ୍କ ମୂର୍ତ୍ତି ରହୁଥିବା ଗୋଟିଏ ବଡ଼ ହଲ୍‌କୁ ବୁଝାଏ—" "A dictionary of Comparative Religion by S, G, F. Brandon, P. 641.

(୧୨) ବଂଗୀୟ ଶବ୍ଦ କୋଷ—(୨ୟ ଖଣ୍ଡ)—ହରିଚରଣ ବନ୍ଦୋପାଧ୍ୟାୟ, ପୃ୧୫୯୧

(୧୩) A Comparative and Etymological Dictionary of the Nepali Language by Ralph Lilley Turner, P. 450.

(୧୪) The Pali text Society's Pali English Dictionary by T. W. Rhys Davids, P. 642.

(୧୫) ଶ୍ରୀଜଗନ୍ନାଥଙ୍କ ଭୋଗ ଓ ଯାନିଯାତ୍ରାର ସୁପରିଚାଳନା ପାଇଁ ବିଭିନ୍ନ ରାଜବଂଶ ଦ୍ୱାରା ପ୍ରଦତ୍ତ ହୋଇଥିବା ଜମିର ଗୋଟିଏ ତାଲିକା ବଂଶୀଧର ମହାନ୍ତିଙ୍କ ଦ୍ୱାରା ପ୍ରକାଶିତ ମର୍ତ୍ତ୍ୟ ବୈକୁଣ୍ଠର ଦାର୍ଶନିକ ଭାଗ ପୃ. ୧୯ରୁ ୨୬ରେ ସଂଯୁକ୍ତ ।

(୧୬) ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (୫ ଭାଗ), ପୃ. ୬୨୦୩

(୧୭) History of Orissa (Vol. I) by Hunter, P. 26.

ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର—୭୬୦୦୦୭
(ଗଞ୍ଜାମ)



# ଭୂତ-ଭବ୍ୟ-ଭବତ୍ ପ୍ରଭୁ

ଶ୍ରୀ ନରହର ଉପାଧ୍ୟାୟ

ଅନାଦି କାଳରୁ ଥିଲେ, ଅନନ୍ତ ଅପାର କାଳ ଯାଏ ଥିବେ, ବର୍ତ୍ତମାନ ବି ଅଛନ୍ତି, — ଏମନ୍ତ ସତ୍ତ୍ୱବାନ ପରମ ପ୍ରଭୁ କିଏ ?

ଆମ ଚର୍ମ ଚକ୍ଷୁରେ ନୀଳାଦ୍ରିନାଥ ଦାରୁଭୂତ ଜଗନ୍ନାଥ : ବେଦ-ବେଦାନ୍ତ, ପୁରାଣ-ଭାଗବତ, ଯୋଗ-ତନ୍ତ୍ର, ସ୍ମୃତି-ସିଦ୍ଧାନ୍ତରେ ସେ ଆଦ୍ୟନ୍ତ ହୀନ, ପ୍ରମାଣ ବହିର୍ଭୂତ ଅବିଚିନ୍ତ୍ୟ ତୁରିୟ ତତ୍ତ୍ୱ । ଏ ତତ୍ତ୍ୱ ବଡ଼ ଗହନ । ସ୍ୱରୂପ, ସାମର୍ଥ୍ୟ, ଚେଷ୍ଟିତ ଆଦି ଜ୍ଞାନେନ୍ଦ୍ରିୟ ଗମ୍ୟ ହେଉ ନ ଥିବାରୁ ପରମ ରହସ୍ୟ ରୂପେ ସେ ଗୁହ୍ୟ । ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଅର୍ଥାପତ୍ତି, ଅନୁପଲବ୍ଧି ପ୍ରଭୃତି ଶାସ୍ତ୍ରୀୟ ପ୍ରମାଣର ଅତୀତ ହେତୁରୁ, ତାହା ଏକ ଅପ୍ରମେୟ ତତ୍ତ୍ୱରୂପେ ଶାସ୍ତ୍ରସିଦ୍ଧ । ଶିବ ବ୍ରହ୍ମାଦି ଦେବ ଶ୍ରେଷ୍ଠମାନେ କଳ୍ପ କଳ୍ପାନ୍ତରେ ଯେଉଁ ତତ୍ତ୍ୱକୁ ଭେଦ କରି ପାରି ନାହାନ୍ତି, ବେଦ ଯାହାକୁ 'ନେତି .. ନେତି' କହନ୍ତି, କ୍ଷୁଦ୍ର ବୁଦ୍ଧି ମନୁଷ୍ୟର ଦୌଡ଼ ବା କେତେଦୂର ? ତଥାପି ଅଂଶୀଅଂଶୀ ମୁନି-ଋଷି, ସାଧୁ-ସନ୍ଥ, କବି-କଳାସାଧକଙ୍କଠାରୁ ସର୍ବସାଧାରଣ ପର ପର୍ଯ୍ୟନ୍ତ ନୀରବ ରହି ନାହାନ୍ତି । କିମ୍ବା ନିଜ ନିଜର ଶକ୍ତି ସାମର୍ଥ୍ୟ, ଚିନ୍ତା-ଚେତନା, ବାଦ-ବିଶ୍ୱାସ ପରିସୀମା ଭିତରେ କୌତୁହଳୋଦ୍ଦୀପକ ଜିଜ୍ଞାସାର ପରିତୃପ୍ତି ପାଇଁ ସାଧ୍ୟ ସାଧନାରୁ ବିରତ ହୋଇ ନାହାନ୍ତି । ଏ ଯୁଗର ବହୁ ଆଲୋଚକ ଗବେଷକ, ସାରସ୍ୱତ ସ୍ରଷ୍ଟା ଦିଗ୍‌ବିଦିଗ ଶୂନ୍ୟ ବିପୁଳ ଓ ବିଶ୍ୱବ୍ୟାପ୍ତ ପରମାର୍ଥ ଶାସ୍ତ୍ର ସୃଷ୍ଟିର ଛତ୍ରାବଳୀ ଆଲୋଡ଼ନ କରି ସିଦ୍ଧ ସାଧକମାନଙ୍କ ପ୍ରତିଷ୍ଠିତ ସିଦ୍ଧାନ୍ତକୁ ଅନୁଧ୍ୟାନ ଓ ଅନୁଶୀଳନ କରି, ସେହି କାଳୋଉର-କଳାମୁଖ ପୁରାଣ ପୁରୁଷଙ୍କର ସୂକ୍ଷ୍ମ ସାରସତ୍ତ୍ୱ ଅବଗତି ପାଇଁ ଆୟାସସାଧ୍ୟ ଉଦ୍ୟମ ଅବ୍ୟାହତ ରଖିଛନ୍ତି, । ଅନ୍ତହୀନ ଦିଗନ୍ତ, ଅସରନ୍ତି ଏ ମାର୍ଗ !

ଶାସ୍ତ୍ରୀୟ ସିଦ୍ଧାନ୍ତରେ, ପରମ ମହତ୍ ତେଜ, ପରମ ମହତ୍ ତପଃ, ପରମ ମହତ୍ ବ୍ରହ୍ମ, ପରମ ପରାୟଣ, ସମସ୍ତ ପବିତ୍ର ମଧ୍ୟରେ ପବିତ୍ର, ସମସ୍ତ ମଙ୍ଗଳର ମଙ୍ଗଳ, ଦେବତାମାନଙ୍କର ଦେବତା, ଭୂତଗଣଙ୍କର ଅବ୍ୟୟ ପିତା ; ଆଦି ଯୁଗାଗମ କାଳରେ ଯାହାଙ୍କଠାରୁ ସମସ୍ତ ଭୂତଗଣ ଜାତ ହୁଅନ୍ତି ଏବଂ ଯୁଗକ୍ଷୟ ସମୟରେ ଯାହାଙ୍କଠାରେ ପୁନଶ୍ଚ ବିଲୟ ପ୍ରାପ୍ତ ହୁଅନ୍ତି, ସେହି ଜଗନ୍ନାଥ ପରମାତ୍ମାଙ୍କ ପ୍ରକାଶରୂପ, ଇନ୍ଦ୍ରିୟଲବ୍ଧ ପରଂବ୍ରହ୍ମ, ବ୍ରହ୍ମାଣ୍ଡର ମୂଳାଧାର ତଥା ମୂଳବୀଜ । ସୃଷ୍ଟିର ପ୍ରାକ୍‌କାଳରେ ସେହି "ପୁର୍ବୋହଜାତ୍ୟ" ଏକକ ପରମାତ୍ମା ସତ୍ତା ମହାଶୂନ୍ୟ ମଣ୍ଡଳରୁ କଲେ ସୃଷ୍ଟିର ପରିକଳ୍ପନା । ସେଥିରୁ ପ୍ରଥମେ ଯେଉଁ ପୁରୁଷ ଚେତନାର ଉଦ୍‌ଭବ ହେଲା, ସେ ହେଲେ ବଳଭଦ୍ର ଏବଂ ସ୍ୱଅଙ୍ଗଯାତ ଶକ୍ତି ବା ପ୍ରକୃତି ହେଲେ ସୁଭଦ୍ରା । ସ୍ରଷ୍ଟା ଓ ସୃଷ୍ଟି ତ୍ରିସତ୍ତା ମଧ୍ୟରେ ସମନ୍ୱୟ ସାଧନର ଯୋଗସୂତ୍ର ସୁଦର୍ଶନ । କୃଷ୍ଣ, ଶୁକ୍ଳ, ପୀତ, ରକ୍ତାଦି ବର୍ଣ୍ଣ ଭେଦରେ ଏମାନେ ହେଲେ ତ୍ରିରୂପ, ଯଥା :—ଅଞ୍ଜନପ୍ରଭ ଜଗନ୍ନାଥ, ଶ୍ୱେତମୂର୍ତ୍ତି ବଳଭଦ୍ର, ପୀତବର୍ଣ୍ଣା ସୁଭଦ୍ରା ଓ ରକ୍ତ ବର୍ଣ୍ଣାଭ ସୁଦର୍ଶନ । ଏହିପରି ଭାବେ — ""ଶ୍ୱେତମୂର୍ତ୍ତିଃ ସ ଭଗବାନ ପୀତୋ ରକ୍ତୋଞ୍ଜନପ୍ରଭଃ" ଚତୁର୍ଦ୍ଧା ମୂର୍ତ୍ତି ଧାରଣ କଲେ । ଭାରତୀୟ ବେଦ ବେଦାନ୍ତ, ଯୋଗ ଦର୍ଶନାଦିରେ ପରିକଳ୍ପିତ ସାରଭୂତ ବ୍ରହ୍ମ ସତ୍ତାର ତାତ୍ପର୍ଯ୍ୟ ଏହି ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱରେ ସମ୍ୟକ ପ୍ରତିଫଳିତ । ଜଗନ୍ନାଥ ତତ୍ତ୍ୱ ବେଦବେଦ୍ୟ । ବେଦୋକ୍ତିରେ ସେ — "ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ" ଏବଂ "ଏକଂ ବୀଜଂ ବହୁଧା ଯଃ କରୋତି" । ମଣିଷ ମନର ସଂଶୟରୁ ଜାତ ବ୍ରହ୍ମ ଜିଜ୍ଞାସାର ସମାଧାନ ହିଁ ଜଗନ୍ନାଥ । ମହାପୁରୁଷ ଅଚ୍ୟୁତାନନ୍ଦ ଆରାଧ୍ୟଦେବ ଜଗନ୍ନାଥଙ୍କ ମୂର୍ତ୍ତିରେ ସାର ବସ୍ତୁ ସତ୍ତାକୁ ଉପଲବ୍ଧି କରି ଜ୍ଞାନ ଚକ୍ଷୁରେ ଦେଖିବାକୁ ପାଇଥିଲେ ତାଙ୍କର ପରମ ବ୍ୟାପ୍ତ ରୂପ । "ଅଶେଷ ବ୍ରହ୍ମାଣ୍ଡ ମଧ୍ୟରେ ଅଂଶାଅଂଶ ପୁରିଛି" । ଏଥିରେ ଯଦି ମନୋ ବିକାର ଜନିତ ସଂଶୟ ଜାତ ହୁଏ, ତାହା ସର୍ବାଦୌ ତେଜ୍ୟ । କାରଣ ଶ୍ରୀଗୀତା ଚେତାବନୀ ଶୁଣାଇଛନ୍ତି — "ସଂଶୟାତ୍ମା ବିନଶ୍ୟତି", ଅର୍ଥାତ୍ ସର୍ବାତ୍ମାରେ ସର୍ବଭୂତାନ୍ତରାତ୍ମା ଜଗନ୍ନାଥଙ୍କର ଅବସ୍ଥିତି ଉପଲବ୍ଧି ପାଇଁ ପ୍ରଯତ୍ନ ନ କରି ତର୍କ ଭାବାପନ୍ନ ବା ଅହେତୁକ ସଂଶୟର ବଶବର୍ତ୍ତୀ ହେଲେ ବିନାଶ ନିଶ୍ଚିତ ।

ଜଗନ୍ନାଥ ପ୍ରକଟରୂପ ତତ୍ତ୍ୱ ଆଲୋଚନା କରି ବସିଲେ ଶାସ୍ତ୍ର ଦୃଷ୍ଟି ଓ ଲୌକିକ ଦୃଷ୍ଟ ବିଷୟରୁ ତତ୍ତ୍ୱଭ୍ରାନ୍ତି ଜାତ ହେବା ସ୍ୱାଭାଃବିକ୍ । ଶାସ୍ତ୍ର ନିରୂପିତ ପ୍ରପଞ୍ଚାତିତ ଜଗନ୍ନାଥ ସର୍ବାବୟବାସମ୍ପନ୍ନ — ପ୍ରସନ୍ନରମ୍ୟାନନ — ନିତ୍ୟ ନିଷ୍ପନ୍ନ ତେଜଃ ପୁଞ୍ଜରୂପ, ନିଖିଳ ଭୂତ ଜଗତ ତଦୀୟ ଅଙ୍ଗୀଭୂତ । ସେ ସ୍ୱୟଂଭବ, ସ୍ୱପ୍ରକାଶ ଓ ଅପୌରୁଷେୟ । ଏହା ହିଁ ଜଗନ୍ନାଥଙ୍କର ତତ୍ତ୍ୱସାର ନିତ୍ୟରୂପ । ମାତ୍ର ଲୌକିକ ଦୃଷ୍ଟିରେ ସେ ସ୍ଥବିର, ଅପ୍ରକଟ, ପୌରୁଷ ଓ ପୌରୁଷେୟ, ଅର୍ଥାତ୍ ପୁରୁଷ ଦ୍ୱାରା ନିର୍ମିତ ଦାରୁପିଣ୍ଡ ; ହସ୍ତପଦ, ନାସାକର୍ଣ୍ଣ, କର୍ଣ୍ଣାଦି ଇନ୍ଦ୍ରିୟ ବିହିନ, ବିକୃତାନନ, ଚକ୍ରାକୃତି, ଅପଲକ ନୟନ ସ୍ୱାଭାବିକ ପୂର୍ଣ୍ଣାବୟବ ମୂର୍ତ୍ତି ନୁହନ୍ତି । ସେ ପୁଣି 'ପୁରାଣ' ବିଶେଷିତ 'ପୁରୁଷ' ବାଚ୍ୟ ହେଲେ କିପରି ?

କେବଳ ପୁରୁଷ ତ ନୁହନ୍ତି — ପୁରୁଷୋତ୍ତମ । ଲୋକ ଓ ବେଦରେ ସୁବିଦିତ ତାଙ୍କର ପୁରୁଷୋତ୍ତମ ଖ୍ୟାତି । ତାଙ୍କର ନାମ ପରି ଧାମ ମଧ୍ୟ ପୁରୁଷୋତ୍ତମାଖ୍ୟ ।

ବେଦ ସୃଷ୍ଟିର ଉନ୍ମେଷ କାଳରେ ଦେବ ଓ ଦେବର୍ଷିମାନେ ଏହି ସଦ୍‌ସତ ଗ୍ରଥିତ ବିଶ୍ୱ, ଦୃଢ଼ତର, ବିସ୍ତୃତି, ତନ୍ତୁଗ୍ରଥିତ ମାଳାପ୍ରାୟ ଅବସ୍ଥିତ ଥିବା, ସଂସାରର ବାହାର ଓ ଭିତର ସର୍ବତ୍ର ପରିବ୍ୟାପ୍ତ, ଏପରି କି ସଂସାରକୁ ଅତିକ୍ରମ କରି ରହିଥିବା ଯେଉଁ ବିଶ୍ୱାଙ୍ଗ, ବିଶ୍ୱକର୍ତ୍ତା, ନିତ୍ୟସ୍ଥିତ ପୂର୍ଣ୍ଣତମ ପୁରୁଷର ସନ୍ଧାନ କରିଥିଲେ, ସେ କିଂଭୂତ ? ବେଦର ପୁରୁଷ ସୂକ୍ତ ମନ୍ତ୍ରରେ ସେହି ପୂର୍ଣ୍ଣରୂପ ପ୍ରକାଶିତ । ସେ ସହସ୍ରଶୀର୍ଷ, ସହସ୍ର ଚରଣ, ସହସ୍ରଚକ୍ଷୁ, ସହସ୍ରବାହୁ, ସହସ୍ର ବଦନ, ସମୁଜ୍ଜ୍ୱଳ, ବିଶ୍ୱାଶ୍ରୟ, ସୂକ୍ଷ୍ମ ବସ୍ତୁମାନଙ୍କ ମଧ୍ୟରେ ସୂକ୍ଷ୍ମତମ, ସ୍ଥୂଳ ବସ୍ତୁମାନଙ୍କଠାରୁ ସ୍ଥୂଳତମ, ଗରୀୟାନ, ପଦାର୍ଥ ମଧ୍ୟରେ ଗରିଷ୍ଠ ଏବଂ ଶ୍ରେୟଃ ମଧ୍ୟରେ ଶ୍ରେଷ୍ଠ .... ଇତ୍ୟାଦି । ସାମାଦି ବେଦରେ, ଉପନିଷଦାଦିରେ ସେ ସତ୍ୟସ୍ୱରୂପ ଓ ସତ୍‌କର୍ମରୂପେ ସ୍ତୁତ ହୋଇଥାଆନ୍ତି । ଜଗତର ପ୍ରତ୍ୟେକ ବସ୍ତୁ ତାଙ୍କର ଅଂଶଭୂତ ; ତାଙ୍କର ଅଂଶ କଳାରୁ ବିବିଧ ଅବତାରର ସୃଷ୍ଟି ; ତଥାପି ତାଙ୍କର ପରିପୂର୍ଣ୍ଣତାର ଅବକ୍ଷୟ ଘଟେ ନାହିଁ ; ସତତ ସେ — 'ପୂର୍ଣ୍ଣମଦଃ' ।

ଏକ ବିଶ୍ୱବ୍ୟାପକ ବିରାଟ ପୁରୁଷର ପରିକଳ୍ପନା କଲାପରେ ପୁଣି ଏକ କ୍ଷୁଦ୍ର ରୂପର ବ୍ୟାଖ୍ୟା କରାଯାଇଛି । 'ପୁର' ଅର୍ଥ ଶରୀର ; ପୁରଶାୟୀ ହୋଇଥିବାରୁ ପରମାତ୍ମା ସତ୍ତା ପୁରୁଷାଖ୍ୟ । ଘଟେ ଘଟେ ଆତ୍ମା ରୂପେ ବ୍ରହ୍ମସତ୍ତାର ବିଦ୍ୟମାନତା ସମ୍ବନ୍ଧୀୟ ଜୀବାତ୍ମା ପରମାତ୍ମା ତତ୍ତ୍ୱ ମୂଳକ ସିଦ୍ଧାନ୍ତରୁ ଏପରି ବ୍ୟାଖ୍ୟା କରାଯାଇଥିବା ସୁସ୍ପଷ୍ଟ । ଏହାର ଉପନୀଷଦୀୟ ପ୍ରମାଣ ହେଲା :——

" ଅଙ୍ଗୁଷ୍ଠମାତ୍ରଃ ପୁରୁଷୋତ୍ତରାତ୍ମା,
ସଦା ଜନାନାଂ ହୃଦୟେ ସଂନିବିଷ୍ଟଃ"

(ଶ୍ୱେ: ଶ୍ରୁ: ଉ: )

ତାତ୍‌ପର୍ଯ୍ୟ ହେଲା, ହୃଦୟ ଜୀବର ଶରୀରସ୍ଥ ; ଅଙ୍ଗୁଷ୍ଠମାତ୍ର ପୁରୁଷ ଅନ୍ତରାତ୍ମା ରୂପରେ ସର୍ବଦା ଜୀବ ହୃଦୟ କନ୍ଦରରେ ସ୍ଥିତ : ତେଣୁ ନନ୍ତୁପାଧକ ସତ୍ତା 'ସର୍ବଭୂତାଧିବାସ' ଉପାଧି ପ୍ରାପ୍ତ । ହୃଧ୍ୟସ୍ଥିତ ମନ ଦ୍ୱାରା ସେ ପୁରୁଷ ସୁରକ୍ଷିତ । ଏ ତତ୍ତ୍ୱ ଯାହାକୁ ଅବଗତ, ସେ ଅମରତ୍ୱ ପ୍ରାପ୍ତ ହୁଏ ।

ଅଭେଦ ପରମାତ୍ମ ତତ୍ତ୍ୱ ସମନ୍ୱିତ ବରାହ ପୁରାଣୋକ୍ତ ପ୍ରାସଙ୍ଗିକ ବିଶ୍ଳେଷଣୋକ୍ତି ଏଠାରେ ଉଲ୍ଲେଖନୀୟ—

" ସର୍ବେଷାମେବ ତତ୍ତ୍ୱାନାଂ ଯଃ ପରଃ ପୁରୁଷଃ ସ୍ମୃତଃ
ତସ୍ମାଦ୍‌ବ୍ୟକ୍ତମୁତ୍‌ପନ୍ନଂ ତତ୍ତ୍ୱ ହିଁ ତ୍ରିବିଧଂତୁ ତତ୍ " ॥

ଏହାର ତାତ୍‌ପର୍ଯ୍ୟ ହେଲା, ଯେ ସମସ୍ତ ତତ୍ତ୍ୱର ଅତୀତ ସେ ପୁରୁଷବାଚ୍ୟ, ସେ ପୁରୁଷ ବିଶ୍ୱର କର୍ତ୍ତା , ଭର୍ତ୍ତା ଓ ହର୍ତ୍ତା । କିନ୍ତୁ ସ୍ୱବ୍ରହ୍ମଶକ୍ତି ଦ୍ୱାରା ସେ ବିଶ୍ୱ ପରିଚାଳନା କରନ୍ତି । ଗୋବିନ୍ଦ ଆଦି ପୁରୁଷଙ୍କର ଦୁଇଟି ସତ୍ତା, ବ୍ୟକ୍ତ ଓ ଅବ୍ୟକ୍ତ ! ଅବ୍ୟକ୍ତ ସତ୍ତାରୁ ଉତ୍‌ପନ୍ନ ସତ୍ତ୍ୱ, ରଜ, ତମ ତ୍ରିଗୁଣ — ବ୍ରହ୍ମା, ବିଷ୍ଣୁ ଓ ରୁଦ୍ରାଦି ରୂପକ ଶକ୍ତି ରୂପରେ ସୃଷ୍ଟି, ସ୍ଥିତି ଓ ସଂହାରାଦି ବିଶ୍ୱ ପ୍ରଶାସନ କ୍ରିୟା ସମ୍ପାଦନ କରିଥାଆନ୍ତି । ଏମାନେ ହେଲେ ବ୍ରହ୍ମଶକ୍ତି "ଶକ୍ତୟୋ ଯସ୍ୟ ଦେବସ୍ୟ ବ୍ରହ୍ମା ବିଷ୍ଣୁ ଶିବାତ୍ମିକାଃ" । କର୍ତ୍ତବ୍ୟ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ଅଦ୍ୱୈତ ବ୍ରହ୍ମ ସତ୍ତାଠାରୁ ଏମାନେ ଅଭିନ୍ନ ଓ ପରସ୍ପର ଏକାତ୍ମା । ବହୁ ଦେବବାଦ ପରିପ୍ରେକ୍ଷୀରେ ପୁରୁଷୈକ ଜଗନ୍ନାଥଙ୍କର ଏକ ଦେବତ୍ୱ ସପକ୍ଷରେ ଏହା ବଳିଷ୍ଠ ପ୍ରମାଣ । ପୂର୍ବସିଦ୍ଧି ଦ୍ୱାରା ଜଗନ୍ନାଥ ପୁରାଣ ପୁରୁଷ ରୂପେ ପ୍ରତିଷ୍ଠିତ ।

ଜଗନ୍ନାଥ ସର୍ବାତ୍ମସିଦ୍ଧ ହେଲେ ସପ୍ରପଞ୍ଚ ବା ସବିଶେଷ ସିଦ୍ଧ ହୋଇଯିବେ । ଏ ଯୁକ୍ତିକୁ ଖଣ୍ଡନ କରି ଶ୍ରୁତି — "ପୁରୁଷ ଏ ବେଦଂ ସର୍ବ ଯଦ୍‌ଭୂତଂ ଯଚ୍ଚଭବ୍ୟମ୍, ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତି ରୋହିତି" ମନ୍ତ୍ରରେ, ଅତିରିକ୍ତ ପ୍ରପଞ୍ଚସତ୍ତା ବିହୀନ ସର୍ବାତ୍ମସିଦ୍ଧ ପୁରୁଷଙ୍କୁ ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଦେଖାଇ ଦେଉଥିବା ଅନ୍ନଜୀବୀ ପ୍ରପଞ୍ଚବାସୀଙ୍କର ଅମୃତତ୍ୱର ଈଶାନ ବା କୈବଲ୍ୟଦାତା ପ୍ରଭୁ ରୂପେ ପ୍ରତିପନ୍ନ କରିଛନ୍ତି ।

ପୁଣି ତାଙ୍କୁ ନିର୍ବିଶେଷ ପ୍ରତିପାଦନ କରାଯାଇଛି ଯଥା :—

" ସର୍ବେନ୍ଦ୍ରିୟ ଗୁଣାଭାସଂ ସର୍ବେନ୍ଦ୍ରିୟ ବିବର୍ଜିତମ୍,
ସର୍ବସ୍ୟ ପ୍ରଭୁମୀଶାନଂ ସର୍ବସ୍ୟ ଶରଣଂ ବୃହତ୍ " ।

ଅର୍ଥାତ୍ ସମସ୍ତ ଇନ୍ଦ୍ରିୟବୃତ୍ତି ରୂପରେ ଅବଭାସିତ ହେଉଥିଲେ ହେଁ, ସମସ୍ତ ଇନ୍ଦ୍ରିୟ ରହିତ କିନ୍ତୁ ସମସ୍ତଙ୍କର ପ୍ରଭୁ, ଶାସକ, ଆଶ୍ରୟ ଏବଂ କାରଣ ରୂପେ ଜଗନ୍ନାଥ ପ୍ରତିଷ୍ଠିତ । ଗୋଟିଏ ଇନ୍ଦ୍ରିୟ ବିହୀନ ସତ୍ତାଠାରେ ଏତାଦୃଶ ସର୍ବାଧିକାର ସାର୍ବଭୌମତ୍ୱ ସାବ୍ୟସ୍ତ କରାଯାଇପାରେ କିପରି ? ଏ ପ୍ରଶ୍ନର ଉତ୍ତର ଦେବ ଜ୍ଞାନ ସ୍ୱରୂପରେ ସ୍ଥିତ ପରମାତ୍ମାଙ୍କର ନିର୍ବିକାର ଚିଦାନନ୍ଦ ସ୍ୱରୂପ ଓ ଅସୀମ ଶକ୍ତି ପ୍ରଦର୍ଶିତ କରୁଥିବା ପ୍ରଖ୍ୟାତ ଶ୍ରୁତବାକ୍ୟ :—

" ଅପାଣିପାଦୋ ଜବନୋ ଗ୍ରହୀତା,
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ ।
ସ ବେତ୍ତି ବେଦ୍ୟଂ ନଚ ତସ୍ୟାସ୍ତି ବେତ୍ତା,
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ " ।

ବ୍ରହ୍ମଭୂତ ଜଗନ୍ନାଥଙ୍କର କର କି ଚରଣ ନାହିଁ, ତେଣୁ ସେ ଅପାଣିପାଦ । ପାଦ ନ ଥାଇ ମଧ୍ୟ ସେ ଦୂରଗାମୀ ଏବଂ ହସ୍ତ ନ ଥାଇ ଗ୍ରହଣକ୍ଷମ । ନେତ୍ରହୀନ ହୋଇ ମଧ୍ୟ ସବୁ ଦେଖି ପାରନ୍ତି, କର୍ଣ୍ଣ ନ ଥାଇ ଶୁଣି ପାରନ୍ତି । ଅନ୍ୟ ମନସ୍କ ହେଲେ ବି ସର୍ବଜ୍ଞ ପରି ସବୁ କଥା ଜାଣିପାରନ୍ତି କିନ୍ତୁ ତାଙ୍କୁ

କେହି ଜାଣି ପାରନ୍ତି ନାହିଁ, ଏଇଟା ହିଁ ବିଶେଷତ୍ୱ । ବୈଦିକ ଋଷି ସର୍ବ କାରଣ କାରଣ, ସେହି ଜଗନ୍ନାଥଙ୍କୁ ପ୍ରଥମ, ପୁରୁଷ, ପୂର୍ଣ୍ଣ ଏବଂ ମହାନ୍‌ରୂପେ ପ୍ରତିପାଦନ କରିଛନ୍ତି । ଜଗନ୍ନାଥଙ୍କ ଦିବ୍ୟରୂପ ଦର୍ଶନରେ ଅଭିଭୂତହୋଇ ଗୋସ୍ୱାମୀ ତୁଳସୀଦାସ ପ୍ରେମାନନ୍ଦରେ ଗାନକରିଥିଲେ—

"ବିନୁପଦ ଚଲହିଁ ଶୁନହିଁ ବିନୁକାନା
କରବିନୁ କରମ କରଇବିଧି ନାନା" (ମାନସ)

ସୁତରାଂ ବେଦାନ୍ତ ବର୍ଣ୍ଣିତ ପରମବ୍ରହ୍ମତତ୍ତ୍ୱର ଏକ ସାକାର ତଥା ସଫଳ ଅଭିବ୍ୟକ୍ତି ଜଗନ୍ନାଥ ଓ ରତ୍ନସିଂହାସନସ୍ଥିତ ଅନ୍ୟାନ୍ୟ ଦାରବ ଦେବଦେବୀ । ତେଣୁ ସ୍କନ୍ଦପୁରାଣ ନିର୍ଦ୍ଦେଶ କରନ୍ତି—"ପଶ୍ୟ ସାକ୍ଷାଜ୍ଜଗନ୍ନାଥଂ ବେଦାନ୍ତ ପ୍ରତିପାଦିତମ୍" ।

କ୍ଷରାକ୍ଷର ତତ୍ତ୍ୱରୁ ଜଗନ୍ନାଥଙ୍କ ପୁରୁଷୋତ୍ତମତ୍ୱ ପ୍ରତିପାଦିତ । ସୂକ୍ଷ୍ମ ବା ପରବ୍ରହ୍ମ ରୂପରେ ସେ 'ସତ୍', ସ୍ଥୂଳ ବା ପ୍ରପଞ୍ଚରୂପରେ ସେ 'ଅସତ୍'; ଅବିନାଶୀଭାବରେ ବା କୂଟସ୍ଥରୂପରେ ସେ 'ଅକ୍ଷର', ଭୂତରୂପରେ 'କ୍ଷର' ବା ବିନାଶଶୀଳ । ନିତ୍ୟ, ମୁକ୍ତ ଶୁଦ୍ଧ ସ୍ୱଭାବ ହେତୁରୁ ପରମାତ୍ମା ଅକ୍ଷର—ଅବିନାଶୀ । ଦାରବଦେବ ନୀଳାଦ୍ରୀଶ ପୌରୁଷେୟ ଓ ପ୍ରପଞ୍ଚସାର ଭୂତପୁଞ୍ଜ ରୂପଧାରଣ କରିଥିବାରୁ 'କ୍ଷର' ବା କ୍ଷୟଶୀଳ । ତାଙ୍କର ଶରୀର ନିରାମୟନୁହେଁ, ଜରାବ୍ୟାଧିଗ୍ରସ୍ତ । ତାଙ୍କୁ ଜ୍ୱରବାଧକାହୁଏ ; ଚିକିତ୍ସାପାଇଁ ତାଙ୍କୁ ଗହଳଚହଳ ଜନସମାଗମଠାରୁ ଦୂରରେ, ଅଣସରଘରେ, କଠୋର କଟକଣା ଭିତରେ ରଖାଯାଇ ଭେଷଜ ଶାସ୍ତ୍ର ବିଧିରେ ପାଞ୍ଚଣାଦି ରସାୟନ ସେବନ କରାଯାଏ ; ଆରୋଗ୍ୟଲାଭପରେ ସେ ପୁଣି ନବଯୌବନ ଲାଭକରି ସୁସ୍ଥ ଶରୀରରେ ଜନଜଗତକୁ ଦର୍ଶନ ଦିଅନ୍ତି । କାଳକ୍ରମେ ତାଙ୍କର ଦାରବ ଅଙ୍ଗ ଜରାଜୀର୍ଣ୍ଣହୁଏ । ମରଣଶୀଳପ୍ରାଣୀ ଛିନ୍ନବସ୍ତ୍ର ପରିହାର କରି ନବବସ୍ତ୍ର ପରିଧାନକଲାପରି, ଜଗନ୍ନାଥ ଜୀର୍ଣ୍ଣଘଟ ପରିବର୍ତ୍ତନକରି ନବକଳେବର ଧାରଣ କରନ୍ତି । ପରିତ୍ୟକ୍ତ ଭୂତପୁଞ୍ଜଶରୀର ଅଗ୍ନି ଦଗ୍ଧ ହୋଇ ପଞ୍ଚ ମହାଭୂତରେ ମିଶିଯାଏ । ଶିଆଳୀ ଲଟାତଳେ ଦେବଶ୍ମଶାନରେ ଜୀର୍ଣ୍ଣପିଣ୍ଡ ଦଗ୍ଧ, ଶୁଦ୍ଧି-ଶ୍ରାଦ୍ଧାଦି କାର୍ଯ୍ୟ ଓ ନବକଳେବର ପ୍ରାଣପ୍ରତିଷ୍ଠା ବିଧିଆଦି, ଉଭୟ ଲୌକିକ ଓ ବୈଦିକ ବିଧାନରେ ସଂପାଦିତହୁଏ । ଏସବୁ ପ୍ରପଞ୍ଚକୃତ୍ୟ ଦାରୁଦେବ ଜଗନ୍ନାଥଙ୍କ କ୍ଷରତ୍ୱର ପ୍ରତ୍ୟକ୍ଷ ପ୍ରମାଣ । ଶାସ୍ତ୍ର ମତରେ, ଯେ କ୍ଷର ଓ ଅକ୍ଷର ଉଭୟରୁ ଉତ୍ତମ, ସେ ପୁରୁଷୋତ୍ତମ । ବିଶ୍ୱରୂପ ଓ ଉତ୍କୃଷ୍ଟଗୁଣ ହେତୁ ମଧ୍ୟ ତାଙ୍କର ପୁରୁଷୋତ୍ତମ-ନାମ ସାର୍ଥକ । ସ୍ୱୟଂମୂର୍ତ୍ତିବ ପୁରୁଷୋତ୍ତମ ପ୍ରତିଷ୍ଠିତଥିବା ଉତ୍କଳ ଖଣ୍ଡରେ ବାସ କରିବାର ସୁଯୋଗଲାଭ କରିଥିବା ପ୍ରାଣୀର ଜୀବନ ଧନ୍ୟ । ଏହି ପୁରୁଷୋତ୍ତମଙ୍କର ପାପପ୍ରଶମନ କରିବାର ଶକ୍ତି ଅମାପ । ସାରସ୍ୱତ ବିଷ୍ଣୁସ୍ତୋତ୍ର ପାଠକରେ—

"ସମାରାଧ୍ୟ ଜଗନ୍ନାଥଂ ସ ତତ୍ର ପୁରୁଷୋତ୍ତମମ୍
ସର୍ବପାପ ବିନିର୍ମୁକ୍ତୋ ବିଷ୍ଣୁଲୋକମବାପ୍ତବାନ୍" (ବାମନ ୮୫/୧୧୯)

ସାତ୍ୱତବିଧି (ନାରଦପଞ୍ଚରାତ୍ର) ଅନୁସାରେ ଦ୍ୱାପରଯୁଗ ଶେଷରେ ଓ କଳିଯୁଗ ପ୍ରାରମ୍ଭରେ ଭଗବାନ୍ ଶ୍ରୀ ପୁରୁଷୋତ୍ତମ ଦେବଲୋକ, ମର୍ତ୍ତ୍ୟଲୋକ, ମନୁଷ୍ୟର ଆବାସସ୍ଥଳ ଓ ସମୁଦ୍ର-ଗର୍ଭସ୍ଥିତା ପୁରୀକୁ ଯୁଗେଯୁଗେ ସୃଷ୍ଟି କରନ୍ତି । ସେହି ପୁରୀ ପୁରୁଷୋତ୍ତମ ହିଁ ତାଙ୍କର ନିତ୍ୟଧାମ । ସେଠାରେ ଅର୍ଚ୍ଚା-ବତାରରୂପେ ସେ କାଳେ କାଳେ ଅର୍ଚ୍ଚିତ ହୁଅନ୍ତି । ଅଖଣ୍ଡ-ଭଗବତ୍ ସତ୍ତା ଚତୁର୍ଦ୍ଧାମୂର୍ତ୍ତିରୂପେ ସେଠାରେ ବିରାଜମାନ କରନ୍ତି । ଏହାର ପ୍ରମାଣରୂପେ ବାମନପୁରାଣୋକ୍ତ ପୁଲସ୍ତ୍ୟଙ୍କ ପ୍ରାସଙ୍ଗିକ ଉକ୍ତି ଉପସ୍ଥାପିତ କରାଯାଇପାରେ ।

"ଧର୍ମାଦ୍ୟୈର୍ଭଗବାନ୍ ବିଷ୍ଣୁରଖଣ୍ଡ ଇତି ବିଶ୍ରୁତଃ
ଚତୁର୍ମୂର୍ତ୍ତି ଜଗନ୍ନାଥଃ ପୂର୍ବମେବ ପ୍ରତିଷ୍ଠିତଃ ।
ତମର୍ଚ୍ଚୟନ୍ତି ଋଷୟୋ ଯୋଗାତ୍ମାନୋ ବହୁଶ୍ରୁତାଃ
ଶୁଶ୍ରୂଷୟାଥ ତପସା ବ୍ରହ୍ମଚର୍ଯ୍ୟେଣ ନାରଦ" (୮୮-୨୧/୨୨)

ଅର୍ଥାତ୍ ଧର୍ମାଦି ଦ୍ୱାରା ଭଗବାନ ବିଷ୍ଣୁ ଅଖଣ୍ଡନାମରେ ବିଖ୍ୟାତ । ଜଗନ୍ନାଥ ଚତୁର୍ଦ୍ଧାମୂର୍ତ୍ତିରୂପେ ପୂର୍ବରୁ ପ୍ରତିଷ୍ଠିତ ଅଛନ୍ତି । ବହୁଶ୍ରୁତ, ଯୋଗାତ୍ମା ଋଷିଗଣ ସେବା, ତପ ଓ ବ୍ରହ୍ମଚର୍ଯ୍ୟଦ୍ୱାରା ଏହି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଅର୍ଚ୍ଚନା କରନ୍ତି । ଏପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ, ବାସୁଦେବ ଶ୍ରୀକୃଷ୍ଣ ସ୍ୱୟଂ ଅର୍ଜୁନଙ୍କୁ ତାଙ୍କର ଚାରିଗୋଟି ସନାତନ ମୂର୍ତ୍ତିଥିବା ଦର୍ଶାଇଥିଲେ । ପୃଥିବୀରେ ଲୋକତ୍ରାଣପାଇଁ ସେ ଆପଣାକୁ ବିଭକ୍ତିକରି ସେହି ଚାରିମୂର୍ତ୍ତି ଦ୍ୱାରା ମନୁଷ୍ୟମାନଙ୍କର ହିତସାଧନ କରନ୍ତି । ସେଥିରୁ ଗୋଟିଏ ମୂର୍ତ୍ତି ଭୂଲୋକରେ ତପସ୍ୟାରତ ନରନାରାୟଣ ରୂପରେ ବଦରିକାଶ୍ରମରେ ଅବସ୍ଥିତ । ଦ୍ୱିତୀୟ ମୂର୍ତ୍ତିଟି ପରମାତ୍ମରୂପରେ ଜଗତର ସତ୍ ଓ ଅସତ୍ କର୍ମର ଦ୍ରଷ୍ଟା ଓ ନିୟନ୍ତା । ତୃତୀୟମୂର୍ତ୍ତି ମାନୁଷଲୋକରେ କ୍ଷେତ୍ରଜ୍ଞ ରୂପରେ ଅବସ୍ଥିତ ଓ ଚତୁର୍ଥମୂର୍ତ୍ତି ସହସ୍ରବର୍ଷକାଳ ଜଳଶାୟିନୀ ମୂର୍ତ୍ତିରୂପେ ଅବସ୍ଥିତ । ଯେତେବେଳେ ଚତୁର୍ଥମୂର୍ତ୍ତି ସହସ୍ରବର୍ଷ ନିଦ୍ରାପରେ ଗାତ୍ରୋତ୍ଥାନକରି ଜାଗ୍ରତ ସତ୍ତାରୂପେ ଆବିର୍ଭୂତ ହୁଅନ୍ତି, କଲ୍ୟାଣଯୋଗ୍ୟ ମନୁଷ୍ୟମାନଙ୍କୁ ଉତ୍ତମୋତ୍ତମ ବର ପ୍ରଦାନ କରନ୍ତି । ଆମର ପୁରୁଷୋତ୍ତମ ଜଗନ୍ନାଥଙ୍କୁ ତୃତୀୟ କିମ୍ବା ଚତୁର୍ଥ ମୂର୍ତ୍ତିରୂପେ ଚିହ୍ନିତ କରାଯାଇପାରେ । ତୃତୀୟ ମୂର୍ତ୍ତି ଅପେକ୍ଷା ଚତୁର୍ଥ ଅଧିକ ଯୁକ୍ତିଯୁକ୍ତ ମନେହୁଏ । କାରଣ ଚତୁର୍ଥ ଜଳଶାୟିନୀ ମୂର୍ତ୍ତି ସହସ୍ର ଦିବ୍ୟାବ୍ଦପରେ ଦାରୁରୂପେ ପରିଗ୍ରହ ପୂର୍ବକ ନୀଳାଚଳରେ କ୍ଷେତ୍ରଜ୍ଞ ରୂପେ ପ୍ରତିଷ୍ଠିତରହି ମାନବ-ଲୋକର ସଦସତ୍ କର୍ମ ଦର୍ଶନ କରୁଛନ୍ତିବୋଲି କହିଲେ କୌଣସି ଅସଙ୍ଗତି ବୋଧ ହେଉନାହିଁ । ଶ୍ୱେତଦ୍ୱୀପ ଜଗନ୍ନାଥଙ୍କର ଭୋଗଭୂମି ଏବଂ ଜମ୍ବୁଦ୍ୱୀପ କର୍ମଭୂମିବୋଲି ସ୍କନ୍ଦପୁରାଣ ପ୍ରତିପାଦନ କରିଛନ୍ତି, ଯଥା—"ଜମ୍ବୁଦ୍ୱୀପ କର୍ମଭୂମୌ" । ମହାଭାରତ ବର୍ଣ୍ଣିତ (ଦ୍ରୋଣ ୨୯-୨/୧୨୮) । ଏହି ସନାତନ ଚତୁର୍ମୂର୍ତ୍ତିଙ୍କ ସଙ୍ଗେ ନୀଳାଚଳ ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିର ସାମ୍ୟ ସଂପର୍କ ଅନୁଧ୍ୟେୟ । ଦାରୁବ୍ରହ୍ମମୂର୍ତ୍ତି ବିଷୟରେ ଋଗ୍‌ବେଦସଂହିତାର ନିମ୍ନଉଦାହୃତ ଉକ୍ତିକୁ ସଂପର୍କିତ କରାଯାଇପାରେ—

"ଅଦୋ-ଯଦ୍ଦାରୁ ପ୍ଲବତେ ସିନ୍ଧୋଃପାରେ ଅପୁରୁଷମ୍
ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍"

ଅର୍ଥାତ୍ ବହୁ ଦୂରଦେଶରେ ବର୍ତ୍ତମାନ ଅପୌରୁଷେୟ ଯେଉଁ ଦାରୁମୟ ତତ୍ତ୍ୱ ସିନ୍ଧୁତଟରେ, ସଂସାରସାଗରର ନୌକାରୂପରେ ବିଦ୍ୟମାନ ରହିଛନ୍ତି, ସେହି ଦାରୁବ୍ରହ୍ମଙ୍କୁ ପୂଜାକର । ସେହି ପୁରୁଷଙ୍କର ଉପାସନାକରି ଉତ୍କୃଷ୍ଟଲୋକକୁ ଗମନକର । ଏ ଦାରୁବ୍ରହ୍ମଙ୍କୁ ବହୁ ଆଲୋଚକ ଜଗନ୍ନାଥଙ୍କ ସହିତ ସଂପର୍କିତ କରିଥାନ୍ତି । ରାମାୟଣ ଯୁଗରେ ଜଗନ୍ନାଥଙ୍କର ସ୍ଥିତି ସ୍ୱୟଂ ରାମଙ୍କର ଉକ୍ତିରୁ ପ୍ରମାଣିତହୁଏ । ବିଭୀଷଣଙ୍କୁ ଉପଦେଶ ଦେବାକୁ ଯାଇ ଇକ୍ଷ୍ୱାକୁ କୁଳଦେବିବତଃ ଜଗନ୍ନାଥଙ୍କୁ ସେବା କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଶ୍ୱରୂପ ଦର୍ଶନବେଳେ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ଗର୍ଭରେ ଯେଉଁ ନାନାବର୍ଣ୍ଣର ତେଜଃପୁଞ୍ଜ, ବିକୃତାନନ ଓ ପ୍ରଦୀପ୍ତବିଶାଳନୟନ ବିଶିଷ୍ଟ ଅଦ୍ଭୁତରୂପ ସଂଦର୍ଶନରେ ଭୟବିହ୍ୱଳ ହୋଇ—"ପ୍ରସୀଦଦେବେଶ ଜଗନ୍ନିବାସ"ବୋଲି ଆତୁର ପ୍ରାର୍ଥନା କରିଥିଲେ, ସେହି 'ଜଗନ୍ନିବାସ' ସମ୍ବୋଧିତ ରୂପକୁ ନୀଳାଦ୍ରିନାଥ ଜଗନ୍ନାଥ ବୋଲି ମନେକରାଯାଇପାରେ । ତାଙ୍କର କରଚରଣ, ଚକ୍ଷୁ ମସ୍ତକାଦି ଓ ଗୁଣସକଳ ସମସ୍ତ ଦିଗରେ ପରିବ୍ୟାପ୍ତ ଗୋଟିଏ ଅବୟବରେ ସେ କାହିଁକି କରଚରଣାଦି ଇନ୍ଦ୍ରିୟ ଧାରଣ କରନ୍ତେ ? ଜଗନ୍ନାଥଙ୍କର ଅପୂର୍ଣ୍ଣ ବିଗ୍ରହ ଏହାହିଁ ପ୍ରମାଣକରେ ।

ଶ୍ରୀ ଭଗବାନଙ୍କର ସ୍ୱରୂପ ଅର୍ଚ୍ଚା, ବିଭବ, ବ୍ୟୂହ, ପର ଏବଂ ଅନ୍ତର୍ଯାମୀ ଏହି ପାଞ୍ଚ ରୂପରେ ଭକ୍ତଙ୍କୁ ଆନନ୍ଦ ଦାନ କରି କରି ବୈକୁଣ୍ଠଗାମୀ କରାଇ ଦିଅନ୍ତି । ପ୍ରଥମେ ସାଧାରଣ ଭକ୍ତର 'ଅର୍ଚ୍ଚାବତାର' ଉପାସନାର ଅଧିକାର । ସେଥିରୁ ପାପକ୍ଷୟ ଓ ଚୈତନ୍ୟୋଦୟ ହେଲେ ବିଭବାଦି ଅନ୍ୟ ଉପାସନାର ଯୋଗ୍ୟତା ଲାଭ ହୁଏ ।

ପୂଜନୀୟ ଭଗବତ୍ ପ୍ରତିମାର ନାମ ଅର୍ଚ୍ଚାବତାର । ପ୍ରତିଷ୍ଠା ପରିପ୍ରେକ୍ଷୀରେ ଅର୍ଚ୍ଚାବତାରଙ୍କ ନାମ ଭିନ୍ନ ଭିନ୍ନ । ସେ ସବୁ ପ୍ରତିମା ରୂପରେ ପ୍ରତିଷ୍ଠିତ । ସୁବର୍ଣ୍ଣ ରଜତାଦି ଉପାଦାନରେ ନିଜ ଅଭୀଷ୍ଟ ରୂପ ବିଷ୍ଣୁମୂର୍ତ୍ତି ଗଠନ କରି ମନ୍ତ୍ର ଦ୍ୱାରା ଯଥାବିଧି ପ୍ରତିଷ୍ଠା କରିବା ଏବଂ ତନ୍ମୟ ହୋଇ ସେହି ଅର୍ଚ୍ଚା ପ୍ରତିମାକୁ ଅର୍ଚ୍ଚନ, ବନ୍ଦନ, ଭଜନ ଓ ବିଶେଷଭାବେ ଚିନ୍ତା କରିବାକୁ ବିଷ୍ଣୁ ଧର୍ମୋତ୍ତର ପୁରାଣରେ ନିର୍ଦ୍ଦେଶ ଦିଆଯାଇଛି । ଶ୍ରୀ ନାରଦ ପଞ୍ଚରାତ୍ର ଶାସ୍ତ୍ରରେ ଏବଂ ପଦ୍ମ, ମତ୍ସ୍ୟ, ନୃସିଂହାଦି ପୁରାଣ ମାନରେ ତଥା ସ୍ମୃତି ଓ ତନ୍ତ୍ର ଶାସ୍ତ୍ର ମାନଙ୍କରେ ଦେବ ପ୍ରତିଷ୍ଠା ବିଧିମାନ ବିଶେଷ ଭାବେ ବର୍ଣ୍ଣିତ ହୋଇଛି । ସଦ୍‌ଗତି ପ୍ରାପ୍ତିର ଶ୍ରେଷ୍ଠ ଉପାୟ ଅର୍ଚ୍ଚାବତାରଙ୍କଠାରେ ସୁଦୃଢ଼ ଭକ୍ତି । ଶିବ ପୁରାଣ କହିଛନ୍ତି, ସତ୍ୟଯୁଗରେ ଧ୍ୟାନ ଦ୍ୱାରା, ତ୍ରେତା ଯୁଗରେ ତପସ୍ୟା ଦ୍ୱାରା, ଦ୍ୱାପରରେ ଯଜ୍ଞ ଦ୍ୱାରା ଜ୍ଞାନ ସିଦ୍ଧ ହୁଏ, କିନ୍ତୁ "ପ୍ରତିମା ପୂଜୟାକଲୌ" । ଏହାଦ୍ୱାରା କଳିଯୁଗରେ ପ୍ରତିମା ପୂଜାର କ୍ଷେତ୍ର ଓ ପରଂପରାକୁ ପ୍ରଶସ୍ତ କରି ଦିଆଯାଇଛି । ମାତ୍ର ଗୋଟିଏ ଲକ୍ଷ୍ୟ କରିବାର କଥା, ଏସବୁ ପ୍ରତିମା ମନୁଷ୍ୟକୃତ, ପୌରୁଷେୟ । କେବଳ ଜଗନ୍ନାଥ ଚତୁର୍ଦ୍ଧାତତ୍ତ୍ୱରେ ଅପୌରୁଷେୟ ଅର୍ଚ୍ଚାବତାରର ସନ୍ଧାନ ମିଳେ ।

ବର୍ତ୍ତମାନ ଅର୍ଚ୍ଚାବତାରର ପ୍ରତିଷ୍ଠାଭେଦ ବିଚାର କରାଯାଉ । ସ୍ୱୟଂପ୍ରକାଶ ଅର୍ଚ୍ଚାବତାରଙ୍କୁ 'ସ୍ୱୟଂବ୍ୟକ୍ତ' , ଦେବସ୍ଥାପିତଙ୍କୁ 'ଦୈବ', ସିଦ୍ଧ ସ୍ଥାପିତଙ୍କୁ 'ସୈଦ୍ଧ' ଏବଂ ମନୁଷ୍ୟ ଦ୍ୱାରା ପ୍ରତିଷ୍ଠିତ ଅର୍ଚ୍ଚା ପ୍ରତିମାଙ୍କୁ 'ମାନୁଷ' ବୋଲଯାଏ । ପ୍ରତିମା ପୂଜାର ମୌଳିକ ସତ୍ତା ବେଦରେ ନିହିତ । ଶତପଥ ବ୍ରାହ୍ମଣରେ ଅଛି— "ତତୋସୁରାଏଷୁ ଲୋକେଷୁ ପୁରଶ୍ଚକ୍ରିରେ ଅୟସ୍ମୟିମେବାସ୍ମିନ୍ ଲୋକେ, ରଜତାମନ୍ତରୀକ୍ଷେ, ହରିଣୀଦିବି"......ଇତ୍ୟାଦି । ଗୋଟିଏ ଆଖ୍ୟାନରୁ ଏହାର ତାତ୍ପର୍ଯ୍ୟ ଅବବୋଧ୍ୟ ।

ଦେବାସୁର ସଂଗ୍ରାମ କାଳର କଥା । ଦୁର୍ଦ୍ଧର୍ଷ ଅସୁରଙ୍କ ଦ୍ୱାରା ଦେବଗଣ ପରାହତ ହୋଇଗଲେ । ସେମାନଙ୍କର ଦୁଃଖ-ଦୁର୍ଦ୍ଦଶାର ସୀମା ରହିଲ ନାହିଁ; ଅନ୍ନପାନାଦିରୁ ବଞ୍ଚିତ ହୋଇ କ୍ଷୁଧା ତୃଷାରେ ଆକୁଳ ହେଲେ ଶତ୍ରୁ ସାଧନ ଦ୍ୱାରା ଦୁଃଖ କଷ୍ଟ ନିରାକରଣ ପାଇଁ ସେମାନେ ଅୟଃଶୟା, ରଜଃଶୟା, ହରିଃଶୟାଦି ତନ୍ନୁ ପରିକଳ୍ପିତ ପରମାତ୍ମା ପରମେଶ୍ୱରଙ୍କର ଫଳଦାୟକ ମୂର୍ତ୍ତି ପୂଜାର ଆଶ୍ରୟ ନେଲେ । ଫଳତଃ ପୃଥିବୀରେ ଲୌହମୟୀ, ଅନ୍ତରୀକ୍ଷରେ ରୌପ୍ୟମୟୀ ଏବଂ ସ୍ୱର୍ଗରେ ସୁବର୍ଣ୍ଣମୟୀ ଅର୍ଚ୍ଚା ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ନିଷ୍କୃତିକାମୀ ଦେବଙ୍କ ଦ୍ୱାରା ସବିଧିରେ ଅର୍ଚ୍ଚିତ ହେଲେ । ଏସବୁ ଦେବପ୍ରତିଷ୍ଠିତ 'ଦୈବ' ଅର୍ଚ୍ଚାବତାର । ଏହାହିଁ ମୂର୍ତ୍ତିପୂଜାର ଆଗମାରମ୍ଭ । ଅଥର୍ବ ବେଦର ଋଷି ଉପାସ୍ୟା ରାତ୍ରିକୁ ସମ୍ବତ୍ସରର ପ୍ରତିମା ରୂପରେ ସମ୍ବୋଧନ କରି ସ୍ୱସନ୍ତାନ ଗଣଙ୍କର ଧନପୁଷ୍ଟି, ଆୟୁପୁଷ୍ଟି ପାଇଁ ପ୍ରାର୍ଥନା କରିଥିଲେ, ଯଥା—

"ସମ୍ବତ୍ସରସ୍ୟ ପ୍ରତିମା ଯାଂ ତ୍ୱାଂ ରାତ୍ରି ଉପାସ୍ମହେ,
ସା ନ ଆୟୁଷ୍ମତୀ ପ୍ରଜାଂ ରାୟସ୍ପୋଷେଣ ସଂସୃଜ ।"

ଏହିପରିଭାବେ ପ୍ରତିମା ପୂଜାର ବୈଦିକ ଭାବଧାରା ଓ ପରଂପରା ପରିପୁଷ୍ଟି ଲାଭ କରିଥିଲା । ଲକ୍ଷ୍ୟ କଲେ ଦେଖାଯିବ, ମୂର୍ତ୍ତିମାନ ଜଗନ୍ନାଥଙ୍କର ଚତୁର୍ଦ୍ଧାତତ୍ତ୍ୱରେ ଏ ଭାବଧାରାର ପୂର୍ଣ୍ଣ ବିକାଶ ଘଟିଛି । ଅତଏବ—"ଅଦୋଯଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍" ଋକ୍‌ମନ୍ତ୍ର ନିର୍ଦ୍ଦିଷ୍ଟ ଅପୌରୁଷେୟ 'ସ୍ୱୟଂବ୍ୟକ୍ତ ଅର୍ଚ୍ଚାବତାର ହିଁ ଜଗନ୍ନାଥ, ଏଥିରେ ସନ୍ଦେହର ଅବକାଶ ଆଦୌ ନାହିଁ । ଜଗନ୍ନାଥ ସୁରସିଦ୍ଧନରଙ୍କ ଦ୍ୱାରା ପ୍ରତିଷ୍ଠିତ ନୁହନ୍ତି—ସ୍ୱ ପ୍ରତିଷ୍ଠ ; ଅଚଳ ମହାମେରୁ ରୂପେ ମୂଳକମଳରୂପୀ ସହସ୍ରଶିଳା ମାଡ଼ି ନୀଳାଚଳରେ ବସିଛନ୍ତି କଳି ମାନବକୁ ସାୟୁଜ୍ୟ ମୁକ୍ତି ପ୍ରଦାନ କରିବା ପାଇଁ ।

ବାକ୍ୟ ମୁହାଣଠାରେ ଲାଗିଥିବା ଭାସମାନ ଦାରୁରୁ ସ୍ୱୟଂ ଜଗନ୍ନାଥ ବୃଦ୍ଧ ବର୍ଦ୍ଧକୀ ରୂପରେ ମହାବେଦୀ ଠାରେ ସ୍ୱମୂର୍ତ୍ତି ନିର୍ମାଣରତ ଥିବାବେଳେ , ନିଷେଧ ସତ୍ତ୍ୱେ ରୁଦ୍ଧ ମନ୍ଦିର କକ୍ଷ ଉନ୍ମୁକ୍ତ କରି ଦିଆଯିବାରୁ ନିର୍ମୀୟମାନ ଦେବମୂର୍ତ୍ତିମାନ ଅପୂର୍ଣ୍ଣ ରହିଯିବା କଥା ସ୍କନ୍ଦାଦି ପୁରାଣରେ ବର୍ଣ୍ଣିତ ହୋଇଛି । ଯେଉଁ ଅପୂର୍ଣ୍ଣାବୟବ ମୂର୍ତ୍ତି ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ଦୃଷ୍ଟି ପଥାରୂଢ଼ ହେଲେ, ସେହି ତ 'ବେଦାନ୍ତ ପ୍ରତିପାଦିତ' ମୂର୍ତ୍ତି; ସେହି ତାଙ୍କର 'ସ୍ୱୟଂବ୍ୟକ୍ତ' ଅପୌରୁଷେୟ ବସ୍ତୁଭୂତ ରୂପ !

ସିନ୍ଧୁପାରେ, ବାଙ୍କୀମୁହାଣଠାରେ ସ୍ୱୟଂ ଆବିର୍ଭୂତହୋଇଥିବା ଦାରୁ ଋକ୍‌ବେଦ ସୂଚିତ ସେହି ଅପୌରୁଷେୟ ଦାରୁବ୍ରହ୍ମ ନ ହେବେ କାହିଁକି ? ?

ଅପୂର୍ଣ୍ଣାଙ୍ଗ ମୂର୍ତ୍ତିମାନଙ୍କୁ ଦେଖି ମହାରାଜା ଇନ୍ଦ୍ରଦ୍ୟୁମ୍ନ ଆତ୍ମହରା ହୋଇପଡ଼ିଲେ । ତାର ପରବର୍ତ୍ତି ଘଟଣା ଆମର ଦେଉଳ ତୋଳା ଉପାଖ୍ୟାନରେ ଯେପରି ବର୍ଣ୍ଣିତ ହୋଇଛି, ଥରେ ପାଠ କଲେ ଲୋମରାଜି ଟଙ୍କୁରିତ ହୁଏ ।

"କୁଶଶଯ୍ୟା କରି ରାଜା ସେଠାରେ ଶୋଇଲେ
ରାତ୍ର ଅର୍ଦ୍ଧେ ଜଗନ୍ନାଥ ରୂପେ ଦେଖା ଦେଲେ ।
ବୋଲନ୍ତି ରାଜନ ତୁହି ଭାବୁ କାହିଁ ପାଇଁ
କଳିଯୁଗେ ବୌଦ୍ଧରୂପ ଧରିବଇଁ ମୁହିଁ ।
ହସ୍ତ ନାହିଁ ବୋଲି ଯଦି ମନେ କଷ୍ଟ ତୋର
ସୁବର୍ଣ୍ଣର ହାତ ରାଜା କରିବୁ ତିଆର......ଇତ୍ୟାଦି ।

କି ହୃଦୟସ୍ପର୍ଶୀ ଚମତ୍କାର ବର୍ଣ୍ଣନାରେ ଜଗନ୍ନାଥତତ୍ତ୍ୱ ସମ୍ବଳିତ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ !!!!

ଅନନ୍ତ ପୁରୁଷୋତ୍ତମ ଜଗନ୍ନାଥ ହିଁ ସେହି ଶାସ୍ତ୍ରସିଦ୍ଧ 'ଏକଦେବ' ଭୂତ-ଭବ୍ୟ-ଭବତ୍ ପ୍ରଭୁ; ସେହି ବ୍ରହ୍ମଣ୍ୟ ସର୍ବଧର୍ମଜ୍ଞ ଅପୌରୁଷେୟ ପୁରାଣ-ପୁରୁଷ ହିଁ ଏକାଙ୍ଗ ଧ୍ୟେୟ, ସ୍ତୁତ୍ୟ, ନମସ୍କରଣୀୟ ଓ ଅର୍ହଣୀୟ ।

"ପ୍ରଣତୋଽସ୍ମି ଜଗନ୍ନାଥଂ ସମେ ପାପଂ ବ୍ୟପୋହତୁ" ।

୪ ଆର–୨୮୩,
ଗଙ୍ଗାନଗର,
ଭୁବନେଶ୍ୱର–୬



କଟକ ପ୍ୟାରୀମୋହନ ଏକାଡେମୀ ପୁରସ୍କାର
ବିତରଣ ଉତ୍ସବରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ ।

# ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ

ବାରବାଟି ଷ୍ଟାଡ଼ିଅମ୍, କଟକ-୭୫୩୦୦୫

## କ୍ଷୁଦ୍ରଶିଳ୍ପକୁ କଞ୍ଚାମାଲ ଯୋଗାଇଦିଏ

କ୍ଷୁଦ୍ରଶିଳ୍ପଜାତ ଦ୍ରବ୍ୟର ଦେଶ ବିଦେଶରେ ବଜାର ସୃଷ୍ଟି କରେ !

କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ସଂପର୍କରେ ପରାମର୍ଶ ଦିଏ ।

କେତେକ ନୂତନ ଧରଣର କ୍ଷୁଦ୍ରଶିଳ୍ପରେ ପୁଞ୍ଜି ବିନିଯୋଗ କରେ ।

ଗତବର୍ଷ ଭୁବନେଶ୍ୱରସ୍ଥ ଇପିକଲ ଭବନରେ କ୍ଷୁଦ୍ରଶିଳ୍ପ ନିଗମର

## ଡିଜାଇନ୍ ଓ କମ୍ପ୍ୟୁଟର୍ କେନ୍ଦ୍ର

### ସ୍ଥାପିତ ହୋଇଛି

ଏହି କେନ୍ଦ୍ରର ଅତ୍ୟାଧୁନିକ କମ୍ପ୍ୟୁଟର୍ ଯୋଗୁ ବଡ଼ ବଡ଼ କାରଖାନାର ନର୍ଭ୍ଲ ଡିଜାଇନ୍ କରିବା ସମ୍ଭବ ହେଉଛି ।

ଏବର୍ଷ ଏହି କେନ୍ଦ୍ର ନାଲ୍କୋର ୫ କୋଟି ଟଙ୍କା ମୂଲ୍ୟ କାମର ଡିଜାଇନ୍ ହାତକୁ ନେଇଛି ।

କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ସେବାରେ ନିୟୋଜିତ କରୁଛି

**ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ**

ଅଜିତ କୁମାର ତ୍ରିପାଠୀ, ଆଇ. ଏ. ଏସ୍.
ପରିଚାଳନା ନିର୍ଦ୍ଦେଶକ

# ଜଗନ୍ନାଥ ମହାପ୍ରଭୁ ଓ କଳାପାହାଡ଼

ଶ୍ରୀ ସଦାଶିବ ରଥଶର୍ମା

କାଳିଦାସ ଗଜାଦାନୀ ଓରଫ କଳାପାହାଡ଼ ନାମଟି ଉତ୍କଳ ଇତିହାସରେ ଏକ ରୋମାଞ୍ଚକର ନାମ । ଧ୍ୱଂସମୂଳକ କାଣ୍ଡରେ ଏହି କୁଖ୍ୟାତ ନାମ ଯୋଡ଼ିବାରେ କାହାର କୁଣ୍ଠା ରହେନାହିଁ । ସତେ କଅଣ ଜଣେ ବ୍ରାହ୍ମଣ ସନ୍ତାନ ଏକ ଯବନ ରମଣୀର ପ୍ରେମ ପାଶରୁ ମୁକ୍ତ ହୋଇ ଧର୍ମାନ୍ତରିତ ଶୁଦ୍ଧିକାର୍ଯ୍ୟ ଓ ପ୍ରାୟଶ୍ଚିତ ପାଇଁ ସେତେବେଳର ଓଡ଼ିଶାର ଦୁର୍ବଳ ରାଜଶକ୍ତି ପାଖରେ ନତଜାନୁ ହୋଇଥିଲା ? ପୁରୁଷୋତ୍ତମ କ୍ଷେତ୍ରର ଧର୍ମ ବ୍ୟବସ୍ଥାପକଗଣଙ୍କଠାରୁ ନିରାଶ ହୋଇ ଓଡ଼ିଶାର କୀର୍ତ୍ତିରାଜିକୁ ବିକଳ କରି ଜାତିର ହୃତପିଣ୍ଡ ପ୍ରଭୁ ଜଗନ୍ନାଥଙ୍କୁ ନେଇ ଚିତାରୂଢ଼ କରାଇଥିଲା ? ଜଗନ୍ନାଥଙ୍କର ବାଉନ କୋଟି ରତ୍ନ ଭଣ୍ଡାରକୁ ଲୁଟି ନେବା ସଂଗେ ସଂଗେ ଜାତିର ଆରାଧ୍ୟ ଦେବତାଙ୍କୁ ନେଇ ଉତ୍କଳୀୟ ବୀରତ୍ୱକୁ ଧିକ୍କାର କରିଥିଲା ? କଅଣ କରିଥିଲା ନ କରିଥିଲା ତାହାର ହିସାବ ଠିକ୍ ଭାବରେ ନ ଦେଖି ଯେତେ ଭଂଗାରୁଜା ଶିଳ୍ପକଳା, ସ୍ଥାପତ୍ୟ ପାଇଁ ତାହାକୁହିଁ ଆଜି ଦାୟୀ କରାଯାଉଛି । ପ୍ରାକୃତିକ ବିପର୍ଯ୍ୟୟରେ, ବଜ୍ରପାତାଦିରେ ବହୁ କୀର୍ତ୍ତି ଖଣ୍ଡିତ ହୋଇଥିଲେ ମଧ୍ୟ, ଯାଜପୁରର ସପ୍ତମାତୃକାଙ୍କର ଚମତ୍କାର ସ୍ଥାପତ୍ୟକଳାକୁ ଖଣ୍ଡିତ କରିବାରେ ବିକଳ ଯାଇଥିଲେ ମଧ୍ୟ, ପୁରୀର ସପ୍ତମାତୃକାଙ୍କର ମନ୍ଦିର ଭାଙ୍ଗିଥିବା ବେଳେ ଭଙ୍ଗିଥିବା ବର୍ଦ୍ଧିତାଂଶଗୁଡ଼ିକ କଳାପାହାଡ଼ ଭାଙ୍ଗିଥିବା କୁହାଯାଉଛି । ମାତ୍ର କଳାପାହାଡ଼ ବାସ୍ତବରେ କଅଣ ଭାଙ୍ଗିଛି, ତାହା କହିବା କଠିନ । ଗଜପତି ଶାସକଙ୍କର ଦୁର୍ବଳତାକୁ ନେଇ ଖ୍ରୀ ୧୫୦୩ରୁ ୧୫୦୬ ମଧ୍ୟରେ ଇସ୍ମାଇଲ ଗାଜି ତାହାପରେ ସୁଲତାନ କୁଲି କୁତବ୍‌ଖାଁଙ୍କ ପରେ ପରେ ଆଫଗାନ ଓ ମୋଗଲଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା ଓଡ଼ିଶା ଉପରେ । ଓଡ଼ିଶା ଆକ୍ରମଣର କେନ୍ଦ୍ର ବିନ୍ଦୁ ଥିଲା— ଜଗନ୍ନାଥ ମନ୍ଦିର । ଏହାର କାରଣ ଓଡ଼ିଶାର ସ୍ୱାଧୀନ ନରପତିଗଣ ଆପଣାର ଧନରତ୍ନ ସବୁ ପ୍ରଭୁ ଜଗନ୍ନାଥଙ୍କ ଭଣ୍ଡାରରେ ରଖୁଥିଲେ । ମାତ୍ର ଏପରି ଭାବରେ ଭଣ୍ଡାରଘର ନିର୍ମିତ ହୋଇଥିଲା ଯେ ଏତେ ଆକ୍ରମଣରେ ମଧ୍ୟ ତାହା ଲୁଣ୍ଠିତ ହୋଇ ନାହିଁ । ତଥାପି କଳାପାହାଡ଼ ପ୍ରଥମ ଆକ୍ରମଣକାରୀ ଯେ ଆରାଧ୍ୟ ଦେବତାଙ୍କୁ ଲୁଣ୍ଠନ କରିବାକୁ ଆଗ୍ରହୀ ଥିଲେ ।

ଗଜପତି ବଂଶର ଉଦାସୀନତା ଓ ଆତ୍ମକଳହର ଅଗାବହିଁ ସମସ୍ତ ଆକ୍ରମଣର କାରଣ ଥିଲା । ପ୍ରତିରୋଧ କରିବା ଦୂରେ ଥାଉ ଉତ୍କଳର ରାଜାଗଣ ବିକଳ ହୋଇଥିବା କୀର୍ତ୍ତିର ସୁରକ୍ଷା କରିବାର କ୍ଷମତା ହରାଇ ବସିଥିଲେ । କେବଳ ସେତିକି ନୁହେଁ ............. ।

କେତେକ ଉତ୍ତର ବଂଶଧର ବହୁ ସ୍ଥାପତ୍ୟକଳାପୂର୍ଣ୍ଣ ମୂର୍ତ୍ତି ଯେପରି ଭାବରେ କୋଣାର୍କାଦି ମନ୍ଦିରମାନଙ୍କରୁ ଅଯଥା ପୃଥକ୍ କରିଛନ୍ତି କିମ୍ବା ପରେ ବିକ୍ରୟ କରିଛନ୍ତି ଅଥବା ଅନୁଚିତ ସ୍ଥାନରେ ରଖି କଳା ରୁଚିହୀନତାର ପ୍ରମାଣ ଦେଇଛନ୍ତି, ତାହା ଦେଖିଲେ ଦୁଃଖ ଆସେ । ପୁରୀ ସିଦ୍ଧ ହନୁମାନ ମନ୍ଦିର, ଗୁଣ୍ଡିଚା ମନ୍ଦିରାଦିରେ ଏପରି ବହୁ ପ୍ରାଚୀନ ମୂର୍ତ୍ତି ଅତ୍ୟନ୍ତ ଦୁଃଖଦାୟକ ଅବସ୍ଥାରେ ରଖାଯାଇଛନ୍ତି । ଏପରିକି କୋଣାର୍କ ମୁଖଶାଳାର ବିସ୍ତୃତ ଶିଳାଲିପିଯୁକ୍ତ ଦଧି ନଉତି ମଧ୍ୟ ଏଥିରୁ ବାଦ ଯାଇ ନ ଥିଲା, ଯାହା ଆଜି ସୌଭାଗ୍ୟ କ୍ରମେ ଉଦ୍ଧାର ହୋଇଛି । ତାହା କୋଣାର୍କ ମନ୍ଦିରର କି ନୁହଁ ଏହା ଏବେ ବିଚାର କରାଯାଉଥିବ । ସୌଭାଗ୍ୟର କଥା, ଏତେ ରୁଚିହୀନଗଣ ପ୍ରକୃତି ମଧ୍ୟରେ ସ୍ଥାପକଗଣ ନିଜର ହସ୍ତକର୍ମକୁ ଅତୁଟ ରଖିବାକୁ ଚେଷ୍ଟାକରି ଆସିଥିବାରୁ ଆଜି ବିଂଶଶତାବ୍ଦୀରେ ଆମର ଅନବଦ୍ୟ ବିଗ୍ରହ କଳା ବଞ୍ଚି ରହିପାରିଛି ଓ ପରଂପରା ଜାଗ୍ରତ ଅଛି ।

ସର୍ବ ଶକ୍ତିମାନ ପ୍ରଭୁ ଜଗନ୍ନାଥ ଅଘଟନ ଘଟନ ପଟି ସାମନ୍ତଙ୍କ ପ୍ରତି ରକ୍ଷିତ ବ୍ୟକ୍ତିର ଭାବ ପ୍ରବଣତା ଦୃଷ୍ଟିରୁ ନୁହେଁ ସାଧାରଣ ବିଚାର ଧାରାରେ ବିଚାର କଲେ ଜଣାଯାଏ । କଳା ପାହାଡ଼ ପ୍ରଭୁଙ୍କୁ ନେଇ ବଙ୍ଗ ଦେଶର ଗଂଗା କୂଳରେ ଚିତାରୂଢ଼ କରାଇଥିବା କଥା ଅନେକାଂଶରେ କଳ୍ପନା ପ୍ରସୂତ । ଏ ଦେଶରେ ଧରମାର ଆତ୍ମବଳୀ ଦେବା କରୁଣ କାହାଣୀ ପରି ଏହି କ୍ରୁର କଥା ସୃଷ୍ଟି ହୋଇ ଥାଇପାରେ । ଭବ୍ୟ ମନ୍ଦିରର ଚୂଡ଼ାକୁ ଶିଳ୍ପ ନୈପୁଣ୍ୟ ମାଧ୍ୟମରେ ବସାଇ ଦେବା ପରେ ସମସ୍ତ ଶିଳ୍ପୀ କୁଳର ଗାରିମା ରକ୍ଷା ନିମନ୍ତେ ତାଙ୍କର କୃତିତ୍ୱକୁ ଛପାଇ ଦେବାର ପ୍ରତୀକ ମୃତ୍ୟୁକୁ ଦେଉଳ ଉପରୁ ଡେଇଁପଡ଼ି ପ୍ରାଣ ହରାଇବା ଘଟଣାରେ ଯେପରି ଚିତ୍ର କରାଯାଇଛି ସେପରି କଳାପାହାଡ଼ ପ୍ରଭୁଙ୍କୁ ନେଇ ଦାହ କରିବାର କଳଙ୍କ ଜାତିର ଲଲାଟ ଲିଖନର ବସ୍ତୁ ହୋଇଛି ବୋଲି କୁହାଯାଇ ପାରେ । ହିଜିରି ୯୮୨ ବା ୯୭୫ ସାଲରେ (ଖ୍ରୀ ୧୫୬୮) ରେ କଳା-ପାହାଡ଼ ଓଡ଼ିଶା ଆକ୍ରମଣ କରିଥିଲେ ଏବଂ ଏହା ପୂର୍ବ ତଥା ପରବର୍ତ୍ତୀ ଆକ୍ରମଣମାନଙ୍କ ପରି ଜଗନ୍ନାଥ ମନ୍ଦିରକୁ କେନ୍ଦ୍ର କରିହିଁ ଘଟିଥିଲା । ଏହାର କାରଣ ଗଙ୍ଗଚୂଡ଼ାମଣି ବିକ୍ରମଶୀଳ ରାଜାମାନେ ନିଜର ସମ୍ପଦ ବା ସମସ୍ତ ସଂପତ୍ତି ପ୍ରଭୁଙ୍କ ଚରଣରେ ସମର୍ପିତ କରୁଥିଲେ; ଏହା ବାଉନ କୋଟି ଭଣ୍ଡାର ହୋଇଥିଲା । ବହୁ ବୈଦେଶିକ ବିଧର୍ମୀ ଓ କେସୋମାଙ୍କ ପରି ସ୍ୱଧର୍ମୀ ଲୁଣ୍ଠନକାରୀଙ୍କର ନୟନ ପିତୁଳା ଜଗନ୍ନାଥ ଦେବଙ୍କ ରତ୍ନ ଭଣ୍ଡାର ପ୍ରତି ନିବଦ୍ଧ ରହି ଆସିଥିଲା ।

ହତଭାଗ୍ୟ ଦୁର୍ବଳ ଶାସକ ମୁକୁନ୍ଦଦେବ ତେଲଙ୍ଗା ଯେଉଁ କଟକର ନିର୍ମିତ ପ୍ରାସାଦରେ, ଦାଣ୍ଡମୁକୁନ୍ଦପୁର ଗୋପୀନାଥଙ୍କୁ ବିଜେ କରାଇବାରେ ଅସମର୍ଥ ହୋଇଥିଲେ ତାଙ୍କରି ରାଜତ୍ୱ କାଳରେ ଏପରି ଏକ ମର୍ମନ୍ତୁଦ ଆକ୍ରମଣ ଘଟିଥିଲା । ପ୍ରଥମେ ଅବୁଲ ଫଜଲ୍ ଜଲଲ ଉଦୀନ ସୁରଙ୍ଗଖ ଗୋଷ୍ଠୀରେ ମିଶି କଳାପାହାଡ଼ ଏବଂବିଧ କର୍ମ କରିଛନ୍ତି ବୋଲି "ଆକବର ଇ ନାମା" ଗ୍ରନ୍ଥରେ ତଥା ପ୍ରଭୁଙ୍କୁ ଦହନ କରିଥିବା ବିଷୟ ପ୍ରକାଶ କରିଛନ୍ତି । ତାହାକୁ ମି: ଷ୍ଟାର୍ଲିଂ ତାଙ୍କର ଇତିହାସରେ ୩ୟ ଖଣ୍ଡରେ ବିସ୍ତାରିତ କରନ୍ତି ଯାହା କ୍ରମେ ଓଡ଼ିଶା ଇତିହାସର ବିଷୟ ରୂପେ ପ୍ରତିଷ୍ଠିତ ହୋଇଛି । ମାନ୍ୟାସ୍ପଦ ଡ଼ଃ ମହତାବଙ୍କ ଓଡ଼ିଶା ଇତିହାସର ୧୮୫ ପ୍ରଭୃତି ପୃଷ୍ଠାରେ ମଧ୍ୟ ତାହା ପ୍ରକାଶ ପାଇଛି ଓ ଦୀର୍ଘ ୪୦୦ ବର୍ଷରେ ତାହା ଲୋକ ଧାରଣାରେ ଅବଧାରୀତ ହୋଇପଡ଼ିଛି । "ଆଇନର ଆକବରି" ୨ୟ ଖଣ୍ଡ ୧୨୭ ପୃଷ୍ଠାରେ କିନ୍ତୁ ଜଗନ୍ନାଥଙ୍କ ଦହନ ପ୍ରସଙ୍ଗ

ନିର୍ମଳରୂପେ ବର୍ଣ୍ଣିତ ହୋଇନାହିଁ । ଏ ସଂକ୍ରାନ୍ତରେ ଶୀଳାଲିପି ତାମ୍ରପତ୍ର ନଥିଲେ ମଧ୍ୟ ଗୋଟିଏ ତାଳପତ୍ର ଛାମୁ ଚିଟାଉର ନକଲରୁ ମନେକରାଯାଉଛି ଯେ ପ୍ରଭୁ ଜଗନ୍ନାଥ କଳାପାହାଡ଼ ଦ୍ୱାରା ଚିତାରୂଢ଼ ହୋଇନାହାନ୍ତି । ସାତସାହି ନାୟକ ଭୋଗପରିଛାଙ୍କୁ ଚିଟାଉ ଏହିକି ସାଲ ୯୭୫ ପହିଲି ଭୋଗ ବେଳେ କଳାପାହାଡ଼ ବଡ଼ଦେଉଳ ଭଣ୍ଡାର ଲୁଟିବ ଏମନ୍ତ ସଂବାଦ ପାଇ ପରିଛା ଦିବ୍ୟସିଂହ ପଟ୍ଟନାୟକ ପ୍ରଭୁଙ୍କ ପାଖେ ଅଧିଆ ପଡ଼ିଥିବାରୁ ତୁମ୍ଭେ ବିମାନ ବଡୁ ମଧୁପଣ୍ଡା ମେରଦା ବଟ ମାଧବଙ୍କୁ କଳାଘାଟଦ୍ୱାର ବିଜେକୁ ଦେଉଥିବାରୁ ତୁମ୍ଭଙ୍କୁ ଗୋଡ଼ଧୁଆ କୃଷ୍ଣ ପାଖକୁ ତିନି ବଖରା ମେରଦା ଭୋଗକୁ ଦେଲୁଁ । ଏଠାରେ କୁକଙ୍ଗ ଖଣ୍ଡ ଗୁଦାର ସରଘର ମଧ୍ୟ ହୋଇବ ଏହିମତ ମେରଦା ମଧୁପଣ୍ଡାଙ୍କୁ ଅମଳ କରାଇବ ରାମଚନ୍ଦ୍ର ଦେବ ମହାରାଜାଙ୍କ ୨ ଅଙ୍କ ୧୩ ଦିନରୁ ୪୪୪ ୪ ମୁକୁନ୍ଦ ପଣ୍ଡାଙ୍କଠାରୁ ପ୍ରାପ୍ତ ଏହି ଚିଟାଉ ବର୍ଣ୍ଣିତ ବଟମାଧବ ନାମକ କ୍ଷୁଦ୍ର ମୂର୍ତ୍ତିକଣ ଏକ ଆରାଧିତ ବିଗ୍ରହ ବା ଆବରଣ ଦେବତା ଭାବରେ ପ୍ରତିଷ୍ଠିତ ନଥିଲେ ? ସ୍କନ୍ଦପୁରାଣୋକ୍ତ ବେଢ଼ା ବର୍ଣ୍ଣନାରୁ ଜଣାପଡ଼େ କଳ୍ପବୃକ୍ଷର ପଶ୍ଚିମକୁ ଋଷି ମାର୍କଣ୍ଡେୟ ଆବିର୍ଭୂତ ହୋଇ ବଟନାରାୟଣ ବା ମାଧବଙ୍କୁ ସ୍ତୁତି କରିଥିଲେ । ଅଦ୍ୟାବଧି ସେହି ସ୍ଥିତିରେ ପ୍ରସ୍ତର ନିର୍ମିତ ବଟ-ନାରାୟଣ, ବଟମାଧବ ବିଦ୍ୟମାନ ଅଛନ୍ତି । ନୃସିଂହଦେବଙ୍କ ଠାରୁ କ୍ଷେତ୍ରପାଳଙ୍କ ପର୍ଯ୍ୟନ୍ତ ଉତ୍ତରାଭିମୁଖୀ କୌଣସି ପୀଠର ବର୍ଣ୍ଣନା ଶାସ୍ତ୍ରରେ ହୋଇନାହିଁ । ଗଜପତି ପୁରୁଷୋତ୍ତମଦେବଙ୍କ "ପରିକ୍ରମା ବିଧାନ" ମଗ ବଳରାମ ଦାସଙ୍କ "ବେଢ଼ା ବୁଲା" ତଥା ରାମଚନ୍ଦ୍ରଦେବକୃତ "ବେଢ଼ାବୁଲାରେ" ସେ ସ୍ଥାନରେ ବଟ ମାଧବଙ୍କର ସ୍ଥିତିଥିବା ଜଣାପଡୁ ନାହିଁ । ମନ୍ଦିରର ଆବରଣ ଦେବତା ବୋଇଲେ ଉପପୀଠ ବା ମନ୍ଦିରରେ ରହିବା ଅର୍ଚ୍ଚାମୂର୍ତ୍ତୀ ସେମାନଙ୍କ ମଧ୍ୟରୁ କେହି ମେରଦା ଘରେ ନାହାଁନ୍ତି । ତେଣୁ ବଟମାଧବାଦି ପ୍ରତୀମା ଅର୍ଚ୍ଚାମୂର୍ତ୍ତୀ ରୂପରେ ନ ଥିଲେ କେବଳ ଶୋଭମାନ ବିଗ୍ରହ ରୂପରେ ଥିଲେ । ତେଣୁ ତତ୍କାଳୀନ ପରିଛା ଓ କର୍ତ୍ତୃପକ୍ଷ ହଠାତ୍ ଦୁର୍ଦ୍ଦାନ୍ତ ଆକ୍ରମଣର ଖବର ପାଇ ଚିଟାଉ ବର୍ଣ୍ଣିତ ବ୍ୟକ୍ତିଙ୍କଠାରୁ ଉକ୍ତ ଶୋଭମାନ ମୂର୍ତ୍ତିଗୁଡ଼ିକୁ ନେଇ କଳାଘାଟଦ୍ୱାର ନଣ୍ଡାବର୍ତ୍ତରେ ଖଡ଼ୁଆ ପ୍ରଭୃତି ଦେଇ ସଜାଇ ଦେଇ ଚଳ ବିଗ୍ରହମାନଙ୍କର ନିୟମ ସେବା ଚଳାଇ ରଖି ଥିଲେ । ସେହି ଗୋଡ଼ଧୁଆ କୃଷ୍ଣ ସେବକ ତଥା ଧୋବା ବଡୁ ସେବକ ମଧୁସୂଦନପଣ୍ଡାଙ୍କୁ ମେରଦାରେ ବିକଳ୍ପ ମୂର୍ତ୍ତି ରଖିବାପାଇଁ ଉକ୍ତ ସ୍ଥାନ ଦାନ କରାଯାଇଛି । ଯେଉଁଠାରେ କୌଣସି ଅର୍ଚ୍ଚା ବା ଆବରଣ ଦେବତା ନଥିଲେ ଏବେ ମଧ୍ୟ ନାମକୁ ମାତ୍ର କୁକଙ୍ଗ ସରଘର ବା ବଟମାଧବ ନାମରେ ବିକଳ୍ପ ମୂର୍ତ୍ତି ଦେଖିବାକୁ ମିଳନ୍ତି । ସେହି ମେରଦାରେ ଉତ୍ତରାଭିମୁଖୀ ଭାବରେ ବିରାଜିତ । ତେଣୁ ଚିଟାଉଟି ମଧୁପଣ୍ଡାଙ୍କୁ ପ୍ରଦତ୍ତ ହୋଇଛି ନିୟମ ଅନୁସାରେ । ଏହି ଅର୍ବାଚୀନ ଛାମୁ ଚିଟାଉଟି ନାନାଭାବରେ ଏଠାରେ ଆଲୋଚନାର କେନ୍ଦ୍ର ହେଉଛି ଓ କେତେକ ଯୁକ୍ତିଯୁକ୍ତ ପ୍ରମାଣ ଏ ପ୍ରସଙ୍ଗରେ ଉପସ୍ଥାପନ କରାଯାଉଛି ।

୧—ଏତେବେଳକୁ ଗଙ୍ଗରାଜାଙ୍କ ପୂର୍ବବର୍ତ୍ତୀ କାଳର ସ୍ଥାପିତ ଅନୁଷ୍ଠାନ ବା ଉଚ୍ଚ ସାମନ୍ତମାନଙ୍କର ସଂଘ ବିଧିବଦ୍ଧ ନ ଥିଲେ ମଧ୍ୟ ଧାତାନୁଷ୍ଠାନ ଶଙ୍କରାଚାର୍ଯ୍ୟ ମଠ ଜଗନ୍ନାଥ ମନ୍ଦିର ବ୍ୟବସ୍ଥାପକ ଥିଲେ । ଯଦି କଳାପାହାଡ଼ ହିନ୍ଦୁ ହେବା ନିମନ୍ତେ ରାଜା ଓ ରାଜାନୁଗତ ସମଷ୍ଟି ନିକଟରେ ଦ୍ୱାରସ୍ଥ ହୋଇଥାନ୍ତା ତେବେ ଏ ସଂକ୍ରାନ୍ତରେ ଆଧ୍ୟାତ୍ମିକ ବିଚାର ବିମର୍ଷ ଲିପିବଦ୍ଧ ହୋଇଥାନ୍ତା ; ଏପରି ବହୁ ବିବରଣୀ ଥିବାବେଳେ କଳାପାହାଡ଼ର ଆକ୍ରମଣ ଧନ କେନ୍ଦ୍ରୀକ ଥିବା ହିଁ ମନେ କରାଯାଉଛି ; କାରଣ କୌଣସି ମଠ ବା ସଂପ୍ରଦା କାଗଜାତ୍‌ରୁ ଏ ବିଷୟର ସାମାନ୍ୟ ସୂଚନା ମିଳୁନାହିଁ । ମୁକ୍ତିମଣ୍ଡପ ପଣ୍ଡିତ ସଭା ସେତେବେଳେ ସୃଷ୍ଟି ହୋଇ ନ ଥିଲା । ପରବର୍ତ୍ତୀ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରୁ ୧୬ ଶାସନ ଓ ତାହାର ପ୍ରତିଫଳ ସ୍ପଷ୍ଟ । ତେଣୁ ଧର୍ମାନ୍ତରୀତର ପ୍ରାୟଶ୍ଚିତ କର୍ମରୁ ହତାଶ ହୋଇଥିବାରୁ ସେ ପ୍ରଭୁଙ୍କୁ ବିଦ୍ରୂପ କରିବାକୁ ଆସିବା କାରଣ ନୁହେଁ । ଲୁଣ୍ଠନ ସହ ଦେବ ମନ୍ଦିର ଧ୍ୱଂସ ଉକ୍ତ ଆକ୍ରମଣକାରୀଙ୍କର ପାରଂପରୀକ ଉଦ୍ଦେଶ୍ୟ ଥିଲା ବିଗତ ବହୁ ବର୍ଷ ଧରି ।

୨ । ସେତିକିବେଳକୁ ଲୁଣିମାରି ଜଗନ୍ନାଥ ମନ୍ଦିରର ବାଡ଼ ଦେଶ ବିକଳ ହୋଇସାରିଥିଲା ଓ ପଥରଖଣ୍ଡ ଖସିବାକୁ ଲାଗିଥିଲା; ବ୍ୟବହୃତ ହୋଇଥିବା ଲୁହା ବାଗିଆ ରୋକାର ଏହା ବିଷମୟ ପରିଣତିଥିଲା । ଚୂନ ପଲସ୍ତରା ଛଡ଼ାଯିବାପରେ ବିକଳ ଅବସ୍ଥା ତତ୍କାଳରେ କିପରି ଅବସ୍ଥାରେ ପହଞ୍ଚିଥିଲା ତାହା ଏବେ ଦେଖିବାକୁ ମିଳୁଛି । ତେଣୁ କଳାପାହାଡ଼ର ଆକ୍ରମଣରୁ ଏହା ଭାଙ୍ଗି ନାହିଁ । ଯଦି ହୋଇଥାନ୍ତା ମୁସଲମାନ ଧର୍ମର ପବିତ୍ର ପଥର ପ୍ରତୀକ ବାରାହ ବା ନିଶା ବାରାହର ହାତ ଭାଙ୍ଗିବାକୁ ତାହାର ହାତ ଯାଇନଥାନ୍ତା ତେଣୁ କଳାଘାଟ ଦ୍ୱାର ଛଡ଼ା ସେ ଅନ୍ୟ କୌଣସି ବେଢ଼ାମୂର୍ତ୍ତି ବା ବିଶିଷ୍ଟ ଅଂଶ ଖଣ୍ଡିତ କରିନାହିଁ ଏହା ନିଶ୍ଚିତ ।

୩ । ସେତେବେଳକୁ ବାହାରବେଢ଼ାର ମେଘନାଦ ପ୍ରାଚୀର ଆଂଶିକ ନିର୍ମିତ ହୋଇଥିଲା । ଉତ୍ତରଦ୍ୱାର ଓ ସିଂହଦ୍ୱାରପଟ

ବ୍ୟତୀତ ଦକ୍ଷିଣ ଓ ପଶ୍ଚିମପଟ ଗୁମୁଟ ଓ ପ୍ରାଚୀର ବହୁବର୍ଷ ପରେ ପଞ୍ଜାବକେଶରୀ ରଣଜିତ୍ ସିଂହ ବାହାଦୁରଙ୍କ ଦ୍ୱାରା ନିର୍ମିତ ହୋଇଥିବା ପଶ୍ଚିମଦ୍ୱାରସ୍ଥ ଖାଲସା ଶିଳାଲିପିରୁ ଜଣାପଡୁଥିବାରୁ କଳାପାହାଡ଼ ପାଇଁ ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ତେବେ କୌଣସି ଅସୁବିଧା ନଥିଲା ବା ଉକ୍ତ ଅନୁପ୍ରବେଶବେଳେ ତାହାକୁ ସଂଘର୍ଷ କରିବାର ପ୍ରୟୋଜନ ପଡ଼ିନଥିବ। ପୁଣି ଏହି ଆକ୍ରମଣ ଯୋଜନାବଦ୍ଧ ଓ ଅଳ୍ପ ସମୟର ଘଟଣାଥିଲେ, କାରଣ ବେଢ଼ା ବା ଚତୁଃପାର୍ଶ୍ୱବର୍ତ୍ତୀ କୌଣସିମୂର୍ତ୍ତି ଖଣ୍ଡିତ ହେବାର ଦେଖାଯାଉନାହିଁ ତେଣୁ ରତ୍ନ ସିଂହାସନ ନାମର ପ୍ରଲୋଭନ ଏହାର ମୂଳରେ ବିଦ୍ୟମାନଥିଲା ।

୪। ଯଦି କଳାପାହାଡ଼ପରି ଲୁଣ୍ଠନ ତଥା ଧର୍ମୀୟ ଆକ୍ରମଣକାରୀ ଜଗନ୍ନାଥ ମନ୍ଦିର ମଧ୍ୟକୁ ଆସିଲେ ତେବେ ପ୍ରଭୁଙ୍କର ରତ୍ନଭଣ୍ଡାର ନିଶ୍ଚୟ ଲୁଣ୍ଠନ କରିଥାନ୍ତେ ।ମାତ୍ର ତାହା ଆଦୌ ଘଟିନାହିଁ, କାରଣ ସଂପ୍ରତି ରତ୍ନଭଣ୍ଡାରରେ ଥିବା ବହୁମୂଲ୍ୟ ପ୍ରାଚୀନ ରତ୍ନ ଜଡ଼ିତ କାପ ନାଦ୍ ଆସି ଆଦି ଖ୍ରୀଷ୍ଟୀୟ ୧୫ଦଶ ଶତାବ୍ଦୀର ବହୁପୂର୍ବବର୍ତ୍ତୀ । ଏହାମଧ୍ୟ ନିଶ୍ଚିତ ଯେ ରାମଚନ୍ଦ୍ରଦେବ ଗଜପତିଙ୍କଠାରୁ ଆଜି ପର୍ଯ୍ୟନ୍ତ ଏପରି କୌଣସି ରାଜା ରାଜତ୍ୱ କରିନାହାନ୍ତି ଯେ ଏହି ମହାର୍ଘ୍ୟ ଅଳଙ୍କାର ଭଣ୍ଡାରରେ ରଖିପାରନ୍ତେ । ତେଣୁ ଏ ସମସ୍ତ ଗଜପତି ମହାରାଜାଧୀରାଜ କପିଳେନ୍ଦ୍ର ଦେବଙ୍କର "ପୁଣ୍ଡରିକ ଗୋପ" ବା ବିଜୟରୁ ପ୍ରାପ୍ତ ରତ୍ନାଳଙ୍କାର ଅଟେ, ଯାହାକୁ କଳାପାହାଡ଼ ଲୁଣ୍ଠନ କରିବାକୁ ଆସି ନିରାଶ ହୋଇଛି । ଖଟଶେଯ ଘର ମଝିରେ ରତ୍ନଭଣ୍ଡାର ଏପରି ଆକର୍ଷିତ ହୋଇନାହିଁ ଯେ ତାହାକୁ ଏବେ ମଧ୍ୟ କିଏ ଅତୁଳନୀୟ ସମ୍ପଦସ୍ଥଳବୋଲି ମନେ କରିବ ; ତେଣୁ ରତ୍ନ ଲୋଭରେ ରତ୍ନ ସିଂହାସନ ନାମଶୁଣି ମୁଖଶାଳା ମଧ୍ୟରେଥିବା ରତ୍ନଭଣ୍ଡାର ସନ୍ଧାନ ନପାଇ ତାହାର କ୍ରୋଧ ସେତବେଳର ବିକଳ୍ପ ବିଜେପୀଠ ଆଡ଼କୁ ଯିବାହିଁ ସ୍ୱାଭାବିକ ।

୫। ଖ୍ରୀ ୧୫୬୮ର ସମସାମୟୀକ ଉତ୍କଳର ସାଂସ୍କୃତିକ ସ୍ଥିତି ଆଡ଼କୁଦେଖିଲେ ଜଣାଯାଏ ସେତେବେଳେ ବହୁକବି ପଣ୍ଡିତ ଓଡ଼ିଶାର ମୂଲ୍ୟବାନ୍ ସାହିତ୍ୟ ରଚନା କରିଛନ୍ତି । ଜଗନ୍ନାଥଙ୍କପରି ହୃଦୟ ସର୍ବସ୍ୱପ୍ରଭୁ, ଯବନ ହାତରେ ଚିତାରୂଢ଼ ହୋଇଥିଲେ ତାହା ନିଶ୍ଚିତରୂପେ ସମକାଳୀନ କବି ଜଗନ୍ନାଥଦାସ, ବଳରାମଦାସ, କବି ଶୀଚନ୍ଦନ, ବାଉଧରର୍ଦ୍ଧ ଦେବ ଦୁର୍ଲଭ ଦାସଙ୍କ ପର୍ଯ୍ୟନ୍ତ ବହୁକବି ଯେଉଁମାନେ କି ଜଗନ୍ନାଥଙ୍କ ବିଷୟରେ ଲେଖୁଥିଲେ ତାହାଙ୍କ ଲେଖନୀରେ ପ୍ରକାଶ ପାଉଥାନ୍ତା । କୌଣସି ଲେଖାରେ ବା ଜନଶ୍ରୁତିରେ ଏ ବିଷୟ, ଏପରିକି ଢ଼ମାଳୀ ଆକାରରେ ମଧ୍ୟ ପ୍ରକାଶ ପାଉନଥିବାରୁ ତଥା କଳାପାହାଡ଼ର ଏହି ଅପକୃତ୍ୟ ସଚେତନ ସମାଜରେ ଆଲୋଚିତ ହୋଇନଥିବାରୁ ଏପରି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିନାହିଁ ବା ଘଟିଥିଲେ ତାହାର କାରସାଦି କବିମାନଙ୍କୁ ଜଣାଥିଲା । ଏପରି ପ୍ରତୀତ ହେଉଛି । ତେଣୁ ଜାଣି ଜାଣି ଏ ମର୍ମନ୍ତୁଦ ଘଟନାକୁ କୃତି ମଧ୍ୟରେ ପ୍ରକାଶ କରିନାହାନ୍ତି ।

୬। ଠିକ୍ ସେତିକିବେଳେ ପୁରୀର ଦଶାୟତ ପଞ୍ଚରାମାନନ୍ଦୀ ବଡ଼ ଆଖଡ଼ା, ବାଘ ଆଖଡ଼ା, ଖାକି ଆଖଡ଼ା ପ୍ରଭୃତି ମଠମାନ ସୃଷ୍ଟି ହୋଇଥିଲା ଯେଉଁମାନେ ହନୁମାନଙ୍କର ଉପାସକ ରୂପରେ ବଳବରଉଥିଲେ । ସେତେବେଳେ ମୋଗଲ ଆକ୍ରମଣବେଳେ ବିଶେଷତଃ ଜଗନ୍ନାଥଙ୍କ ରକ୍ଷା ନିମନ୍ତେ ମନ୍ଦିର ଚତୁଃପାର୍ଶ୍ୱରେ ନିଶ୍ଚିତ ପ୍ରତିରୋଧ ହୋଇଥାନ୍ତା ସେପରି କୌଣସି ପ୍ରମାଣ ନମିଳୁଥିବାରୁ ଏହି ଲୁଣ୍ଠନାତ୍ମକ ଆକ୍ରମଣ ହଠାତ୍‌ହୋଇ ସେବକ, ଭକ୍ତଗଣଙ୍କର ଯୋଜନାସୂତ୍ରେ ପିଣ୍ଡ ହୋଇଛି, ତେଣୁ ଏହାକୁ ନାଗା ସନ୍ୟାସୀମାନେ ଗୁରୁତ୍ୱ ଦେଇନାହାନ୍ତି ଅର୍ଥାତ୍ ଆକ୍ରମଣକାରୀର ଉଦ୍ୟମକୁ ପଣ୍ଡ କରିବାରେ ଏମାନେ ସଂପୃକ୍ତ ଥିବାହିଁ ବିଦିତ ହେଉଛି ।

୭। ଏ ଦିଗରେ ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ—ଦର୍ଶନମାତ୍ରେ ଦୃଷ୍ଟିପଥାରୂଢ଼ ହେଉଛି, ତାହା ହେଉଛି କଳାଘାଟ ଦ୍ୱାରର ସପ୍ତବନ୍ଧ ବା କାରୁକାର୍ଯ୍ୟର "ଧ୍ୱଂସସାଧନ" । ସେହିପରି ସପ୍ତବନ୍ଧ ତାହାର ସମ୍ମୁଖଦ୍ୱାର ବା ଜୟବିଜୟ ଦ୍ୱାରରେ ସଂପୂର୍ଣ୍ଣ ଅକ୍ଷୁଣ୍ଣ ରଖିଦେଇ କଳାପାହାଡ଼ କଳାଘାଟ ଦ୍ୱାରର ସପ୍ତବନ୍ଧକୁ ଖଣ୍ଡ ବିଖଣ୍ଡକଲେ କାହିଁକି ? ଏହାର ଏକମାତ୍ର କାରଣ ହୋଇପାରେ ସେହି ଦ୍ୱାରରେ ଏପରି କିଛି ଘଟିଥିବ ଯାହା ଫଳରେ ଆକ୍ରମଣକାରୀର ମୁଖ୍ୟଦୃଷ୍ଟି ସେହିଠାରେ ହିଁ ନିବଦ୍ଧ ରହିଥିଲା ଓ ତାହାକୁ ଭାଙ୍ଗିବା ତାହାଙ୍କର ଆବଶ୍ୟକତା ପଡ଼ିଥିଲା ।

୮ । ଏଠାରେ ଗୋଟିଏ ଶଙ୍କା କଳାପାହାଡ଼ ସିଂହାସନ ପର୍ଯ୍ୟନ୍ତ ଯାଇଥିବା ଅନୁମାନକୁ ପୁଷ୍ଟ କରୁଛି ତାହା ହେଉଛି ସିଂହାସନରେ ବୀରକିଶୋର ଦେବଙ୍କ ଓଡ଼ିଆଲେଖ ବା ସାମାନ୍ୟ ଶିଳାଲିପି । ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ନିମ୍ନଦେଶରେ ଏହି ଲିପିଥିବା ଦୃଷ୍ଟିରୁ କୁହାଯାଇପାରେ ଯେ କଳାପାହାଡ଼ ସିଂହାସନ ପର୍ଯ୍ୟନ୍ତ ଯାଇ ଠାକୁରଙ୍କୁନେଇ ସିଂହାସନ ଭାଙ୍ଗି ଦେଇଥିଲେ । ତେଣୁ ବୀରକିଶୋରଦେବ ପ୍ରଥମ ତାହାପରେ ପୁନର୍ଗଠନ କରାଇଛନ୍ତି । ମାତ୍ର ନିର୍ମାଣକଳା ଦୃଷ୍ଟିରୁ ଏହା ମହାରାଷ୍ଟ୍ରକାଳୀନ ନୁହେଁ, ବହୁ ପୂର୍ବବର୍ତ୍ତୀ ଅଟେ । ବୀରକିଶୋରଦେବ ରାଜା ମୂର୍ତ୍ତି ତଳରେ ଆପଣାର ନାମ ଖୋଦନମାତ୍ର କରାଇଛନ୍ତି ତତ୍କାଳୀନ କର୍ତ୍ତୃତ୍ୱ ବଳରେ । ଏପରି ବହୁସ୍ଥାନରେ ତାଙ୍କର ନାମ ଦେଖିବାକୁ ମିଳେ । ଦୋଳଦେବୀ ମୂର୍ତ୍ତି ମଧ୍ୟରେ ଏକ ଚକ୍ରରେ ଯେପରି ଧାଡ଼ିକିଆ ଲିପିମଧ୍ୟ ଦେଖାଯାଏ । ତେଣୁ ଏ ଲିପି ପ୍ରମାଣ କରୁନାହିଁ ଯେ ସିଂହାସନ ବୀର କିଶୋରଙ୍କ ଦ୍ୱାରା ନିର୍ମିତ ଏହାର ସାକ୍ଷ ପ୍ରାଚୀନ କନକ ମୁଣ୍ଡାଉ ଓ ପୂର୍ବକାଳୀନ ସ୍ଥାପତ୍ୟକଳା ।

୯ । ସିଂହାସନରେ ସ୍ୱର୍ଣ୍ଣମୟୀ ମହାଲକ୍ଷ୍ମୀ, ରଜତମୟୀ ବିଶ୍ୱଧାତ୍ରୀ ମୂର୍ତ୍ତି ବିରାଜିତା । ଏକ ଲୋଲୁପ ଆକ୍ରମଣକାରୀର ନିମନ୍ତେ ଦାରୁମୂର୍ତ୍ତିଠାରୁ ସେମାନଙ୍କର ମୂଲ୍ୟ ଅଧିକ । ମାତ୍ର ଭଣ୍ଡାରରେଥିବା ପୂର୍ବବର୍ତ୍ତି ମୂର୍ତ୍ତି ଓ ସିଂହାସନର ପ୍ରାଚୀନ ମୂର୍ତ୍ତି ଦେଖିଲେ ଜଣାଯାଉଛି ତାହା ଲୁଣ୍ଠକର ହସ୍ତକୁ ଯାଇ ନାହାନ୍ତି । ତାପରେ ପ୍ରଭୁଙ୍କର ମୂଲ୍ୟବାନ ରତ୍ନଚିତା ତ୍ରୟ ଯାହା ପୃଥିବୀର ଶ୍ରେଷ୍ଠରତ୍ନରେ ନିର୍ମିତ ତାହା କଳାପାହାଡ଼ର ଆକ୍ରମଣପରେ କୌଣସି ରାଜଶକ୍ତି କରାଇବାରେ ସକ୍ଷମ ହୋଇ ନପାରନ୍ତି ତେଣୁ

ସେ ପ୍ରାଚୀନତମ କଳାର ରତ୍ନବିତା, ରାହୁରେଖ ଅବିକଳ ଥିଲାବେଳେ ସିଂହାସନ ପର୍ଯ୍ୟନ୍ତ ସେ ଯାଇ ନାହାନ୍ତି ଏହା ନିଶ୍ଚିତପରି ଜଣାପଡ଼େ ।

୧୦ । ଏଦିଗରେ ଅନ୍ୟତମ ଧାରଣା ହେଉଛି ପ୍ରଭୁଙ୍କପରି ଓଜନଦାର 'ମୂର୍ତ୍ତିକୁ ବହନକଲା ନଜାଣି ଯେତେଲୋକ ହୁଅନ୍ତୁ ନା କାହିଁକି ବେଉଳ ମଧ୍ୟରୁ ହାତୀ ଉପରକୁ ଉଠାଇବା ସମ୍ଭବ ନୁହେଁ । ଶ୍ରୀ ଜଗନ୍ନାଥ ମୂର୍ତ୍ତିଙ୍କ ଗଠନ ଏପରି ନୁହେଁ ଯେ ପହଣ୍ଡି ପଦ୍ଧତି ବ୍ୟତୀତ ତାଙ୍କୁ କିଏ ନେଇଯାଇପାରିବ । ତେଣୁ କ୍ଷୁଦ୍ରମୂର୍ତ୍ତି ବା ୮୧ ଯଦବ୍ରୁ କ୍ଷୁଦ୍ର ବିକଳ୍ପ ମୂର୍ତ୍ତିକୁ କଳାପାହାଡ଼ ନେଇ ଥାଇପାରେ ।

୧୧ । ଏଠାରେ ଗଡ଼ କୁଜଙ୍ଗ ତଥା ବିଶର ମହାନ୍ତିଙ୍କ ପ୍ରସଙ୍ଗ ସାମାନ୍ୟତଃ ଆଲୋଚନା ମଧ୍ୟକୁ ଆସିବା ପ୍ରୟୋଜନ ଅଛି । କୁଜଙ୍ଗର କିମ୍ବଦନ୍ତୀ ଓ ପ୍ରାମାଣିକ ଇତିହାସ କହନ୍ତି ବିଶର କରଣ ତିନି ମୂର୍ତ୍ତିଙ୍କ ବ୍ରହ୍ମ ବା ଦାରୁ ଖଣ୍ଡକୁ କଟକ ଦେଇ ଆଣିବା ବେଳେ ଚନ୍ଦନ ମହାପାତ୍ର ଅଧିକାରୀ କଟକ ଉପାନ୍ତ (ନୂଆବଜାର)ରେ ଶିବାଳୟରେ ରହୁଥିଲେ । ବିଶର କରଣଙ୍କୁ ଜଗନ୍ନାଥଙ୍କ ବ୍ରହ୍ମଦାରୁକୁ ସେ କୁଜଙ୍ଗ ନେଇ ଯିବାକୁ କହିଲେ । ସେ କୁଜଙ୍ଗ ରାଜ୍ୟର ଗୁରୁ ଥିବାରୁ ତାହାହିଁ ହେଲା ଓ ସମୁଦ୍ର କୂଳରେ କୁଞ୍ଜବିହାରୀ ଯେଉଁଠାରେ ଅଛନ୍ତି ସେଠାରେ ବ୍ରହ୍ମଦାରୁ ରହିଲେ । ତାଙ୍କର ରକ୍ଷା ନିମନ୍ତେ ପୁରୀର ଦରିଆ ହନୁମାନଙ୍କ ନ୍ୟାୟରେ ଦରିଆ ହନୁମନ୍ତ ରହିଲେ । ଏ ସମୟରେ ଦାରୁ କୁଜଙ୍ଗରେ ଥିବା ଖବର ଖୋରଧା ରାଜା ପାଇଁ ଜଗନ୍ନାଥଙ୍କ ମୂଳ ଦାରୁ ସେଠାରେ ରହିବା ସଙ୍ଗତ ନୁହେଁ ବୋଲି ଖଣ୍ଡ ରାଜାଙ୍କୁ ଜଣାଇଲେ । ମାତ୍ର କୁଜଙ୍ଗ ରାଜା ମନା କରି ଦେଲେ । ତେଣୁ ମୁକୁନ୍ଦଦେବ (ରାମଚନ୍ଦ୍ର ଦେବ ?) କୁଜଙ୍ଗ ରାଜ୍ୟ ଉପରେ ଚଢ଼ାଉ କଲେ । ମାତ୍ର କୁଜଙ୍ଗ ରାଜ୍ୟ ଲୋକେ ଦୁର୍ବଳ ଗଜପତିଙ୍କୁ ରାଉ, ଆପଣା ରାଜାଙ୍କୁ ଖଣ୍ଡ କହି ପ୍ରତିରୋଧ କଲେ, ଫଳରେ ସନ୍ଧି ହେଲା । ସୁଭଦ୍ରାଙ୍କୁ ଛାଡ଼ି ଅନ୍ୟମୂର୍ତ୍ତି ଆଣି ମେରଦାରେ ରଖାଇଲେ, ଏବେ ମଧ୍ୟ କୁଜଙ୍ଗରେ ଢ଼ମାଳି ଅଛି–

ହାଇକି ମନ ଦାଇ
    ଖୋର୍ଦ୍ଧା ରାଉ ବଟର ପଡ଼ିଛି
        କୁଜଙ୍ଗ ଖଣ୍ଡଙ୍କ ପାଇଁ


ତେଣୁ ବିଶର କରଣ ବଟ ମାଧବଙ୍କ ଅର୍ଦ୍ଧଦଗ୍ଧ ଦାରୁ ଆଣି ତାହାର ଅଂଶ ରଖି କୁଜଙ୍ଗ ରାଜାଙ୍କ ଦ୍ୱାରା ଚନ୍ଦନ ଅଧିକାରୀଙ୍କର ବ୍ୟବସ୍ଥାନୁସାର ପୂଜା କରୁଥିଲେ । ତାହା ଯଦି ପ୍ରଭୁ ଜଗନ୍ନାଥାଦିଙ୍କର ବହୁମୂଲ୍ୟମୟ, ଦେବଦୁର୍ଲ୍ଲଭ ବ୍ରହ୍ମ ପଦାର୍ଥ ହୋଇଥାନ୍ତା ତେବେ କୁଜଙ୍ଗ ହେଉ ବା କେଉଁ ରାଜ୍ୟ ହେଉ ତାହାକୁ ରଖିବାକୁ ସମର୍ଥ ବା ଇଚ୍ଛୁକ ହୋଇ ନଥାନ୍ତେ ; ତେଣୁ ତାହା ବଟ ମାଧବ ବିଗ୍ରହଙ୍କର ଦାରୁଥିଲା ଓ ପବିତ୍ର ବସ୍ତୁ ଥିଲା । ଯଦି ବିଶର କରଣ ଯୁଗ ଯୁଗ ଧରି ଗୋପନୀୟ ବ୍ରହ୍ମକୁ ଦେଖିଥାନ୍ତେ ତେବେ ଜଗନ୍ନାଥଙ୍କ ମଧ୍ୟର ବ୍ରହ୍ମ ପଦାର୍ଥ ବୋଲି କେଉଁ ବସ୍ତୁ ତାହା ପ୍ରକଟ ହୋଇଥାନ୍ତା । ମାତ୍ର ତାହା ପ୍ରକଟ ହୋଇ ନ ଥିବାରୁ ତାହା ବ୍ରହ୍ମଦାରୁ ହେବ । ମାତ୍ର ପ୍ରଭୁଙ୍କ ବ୍ରହ୍ମପଦାର୍ଥ ନ ଥିଲା ।

୧୨ । ଏହାପରେ ନୀତି ଦୃଷ୍ଟିରୁ ସମ୍ୟକ ବିଷୟାନୁଶୀଳନ ସମୁଚିତ ଅର୍ଥାତ ଶ୍ରୀ ମନ୍ଦିରରେ ଥରେ ଶ୍ରୀ ଭାଷ୍ୟକାର ରାମାନୁଜ ସଂସ୍କାର ଆଣିବା ନିମନ୍ତେ ମକର ସଂକ୍ରାନ୍ତିର ପୂର୍ବଦିନ ସେପ ସଂସ୍କାର କରିଥିଲେ । ତାହାର ସ୍ମୃତିରେ ମକର ସଂକ୍ରାନ୍ତି ପୂର୍ବଦିନ ଅନ୍ୱଷ୍ଟୀ ଧଉଳା ହେଉଛି । ହସ୍ତ ଆଡ଼ ଚଢେଇ ଗୁହାରେ ଯବନ ଆକ୍ରମଣ ଭୟରେ ଲୁଚାଇ ରଖିବାବେଳେ ମହାପ୍ରସାଦ ନୈବେଦ୍ୟ ବନ୍ଦ ହୋଇଥିବା ହେତୁ ନାନା ବିଚାର ବିମର୍ଷପରେ ଯେଉଁ ଦିନ ପ୍ରଥମେ ପୁନଃ ପ୍ରଚଳନ ହେଲା ସେ ଦିନ ଉତ୍ସବ ଅନୁଷ୍ଠିତ ହେଉଛି ସ୍ମୃତିରକ୍ଷା ନିମନ୍ତେ । ଥରେ ଚକ୍ର ଉଡ଼ିଗଲା ତୋଫାନରେ ଯେଉଁଦିନ ସ୍ଥାପନ ହେଲା ତାହାର ପ୍ରତୀକ ଚକ୍ରବୁଲା ଏକାଦଶୀରେ ଚକ୍ରବୁଲୁଛନ୍ତି । ଭୀଷଣ (କଲେରା) ମହାମାରୀ ହେତୁ ଲୋକଙ୍କ ମନରେ ଆତ୍ମବଳ ବଢ଼ାଇବାକୁ ନୃସିଂହ ବୁଲି ଥିଲେ । ଏବେ ବାଡି ନୃସିଂହ ପ୍ରତି ବର୍ଷ ବୁଲୁଛନ୍ତି ଏପରି ବହୁ ନୀତି ସ୍ମାରକ ସମ୍ପଦ ପରି ରହିଥିବା ବେଳେ କଳାପାହାଡ଼ ନେଇଗଲା ପରେ ଯେତେବେଳେ ମୂର୍ତ୍ତି ବସିଲେ ଓ ରାମଚନ୍ଦ୍ର ଦେବ ସମାରୋହ କଲେ ସେହି ଅକାଳ କଳେବର ଦିବସ ପାଳିତ ହେଉନାହିଁ କିପରି ? ତେଣୁ କଳାପାହାଡ଼ ସିଂହାସନ ସ୍ଥିତ ବିଗ୍ରହମାନଙ୍କୁ ନେଇଛନ୍ତି ବୋଲି କୁହାଯାଇ ପାରେ । ପୁଣି ସମୟରେ ଜଗନ୍ନାଥଙ୍କ ସ୍ଥାନାନ୍ତରିତ ଦିଗରେ ସାହାଯ୍ୟ କରିବା ସ୍ୱର୍ଣ୍ଣପୁର ବିନକାର ସାମନ୍ତଙ୍କୁ 'ମହାନାୟକ' ସେବା ପ୍ରଦତ୍ତ ହୋଇଥିବା ଛଳେ, ଆଠଗଡ଼ ମେରଦାରେ ଶ୍ରୀ ମୂର୍ତ୍ତିଙ୍କୁ ରଖାଇଥିବା ହେତୁ ଟିକାଲି ହରିଚନ୍ଦନଙ୍କୁ ଶରଣ ପଂଜର ରାଇ ଜଗଦେବ ପଦବୀ ଦେଇ ମହାଦୀପ ସିଦ୍ଧି ପ୍ରଦତ୍ତ ହେବି । ତଥା ହସ୍ତଆଡ଼ରେ ରହିଥିବା ପାଇଁ ଭାଟପୁର ଦଳବେହେରାଙ୍କୁ ପଦବୀ ଦେବା ବେଳେ ମହାନାୟକ ସେବାରେ ନାନା ବ୍ୟକ୍ତିଙ୍କୁ ଏହି କାରଣରୁ ସମ୍ମାନୀତ କରିବାବେଳେ ଯଦି ତ୍ରିମୂର୍ତ୍ତିଙ୍କର ବ୍ରହ୍ମ ରଖିବାକୁ କୁଜଙ୍ଗ 'ମହାନାୟକ' ସିଦ୍ଧି ପାଇଥାନ୍ତେ ତେବେ ଉକ୍ତ ବିଷୟକୁ ଗୁରୁତ୍ୱ ଦିଆଯାଇ ଥାନ୍ତା ମାତ୍ର ତାହା ହୋଇ ନାହିଁ ।

ମୋଟ ଉପରେ କଳାପାହାଡ଼ କଟକ ଆକ୍ରମଣ କରିବା ମାତ୍ରେ ତାହାର ଲକ୍ଷ୍ୟ ଜଗନ୍ନାଥ ମନ୍ଦିର । ଏହା ଜାଣିପାରି ରାଜା କଟକରୁ ଡ଼ଗର ଦ୍ୱାରା ପରିଛା ଦିବ୍ୟସିଂହ ପଟ୍ଟନାୟକଙ୍କ ନିକଟକୁ ସମ୍ବାଦ ପଠାଇବାହିଁ ସମ୍ଭବ । ଏଣେ ପରିଛା ସ୍ଥାନାନ୍ତରିତ ପାଇଁ ସମୟ ନ ପାଇ ଶରଣାଗତ ହୋଇ ପ୍ରଭୁଙ୍କ ଆଦେଶ ମନେକରି ଠାକୁରଙ୍କୁ ସିଂହାସନରେ ଯଥାରୀତି ରଖାଇ କଳାପାଟ ଦ୍ୱାରର ନଣ୍ଡାବର୍ତ୍ତ ଉପରେ ସଜାଇ କରି ବସାଇ ଦେଇ ଆକ୍ରମଣକୁ ପ୍ରତିହତ କରିବାର ଉପାୟ କଲେ । ମଧୁପଣ୍ଡାଙ୍କ ଦାରୁମୂର୍ତ୍ତିମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସାଧିତ ହୋଇଥିଲା । କଳାପାହାଡ଼ ଆସି ଅନାୟାସରେ ମନ୍ଦିରରେ ପ୍ରବେଶ କରି ତାହାର ହିସାବ ଅନୁସାରେ ମାୟ ମନ୍ଦିରରେ ଥିବା ରତ୍ନ ଭଣ୍ଡାର ଲୁଣ୍ଠନ ପାଇଁ ବ୍ୟଗ୍ର ହୋଇଥିବ ମାତ୍ର

ସିଂହଦ୍ୱାରରୁ ଶ୍ରୀ ମନ୍ଦିର ଭୋଗମଣ୍ଡପର ପଡ଼ିଲ ଓ ତାହାର ସରି ଦୁଆର ଖୋଲି ଦେଖି ଅଣସର ପିଣ୍ଡି ଉପରକୁ ରତ୍ନ ସିଂହାସନ ମନେ କରି ମୂର୍ତ୍ତିମାନଙ୍କୁ ଅଭିଯାନ କରିବା ସଙ୍ଗେ ସଙ୍ଗେ କଳାଘାଟରୁ ରମଣୀୟ ସପ୍ତବନ୍ଧକୁ ନିର୍ମମ ଭାବରେ ଭାଙ୍ଗି ଦେଇଥିବା ସମ୍ଭବ । ଭଣ୍ଡାର ଘର ଲୋକନାଥଙ୍କ ଜଗତି ଏବଂ ଖଟ ଶେଯ ତଥା ଶୟନ ମଣ୍ଡପ ମଧ୍ୟରେ ଥିବା ରତ୍ନ ଭଣ୍ଡାର ସ୍ଥିତି ଜାଣି ପାରି ନଥିବା ସ୍ୱାଭାବିକ, ବର୍ତ୍ତମାନ ମଧ୍ୟ ରତ୍ନ ଭଣ୍ଡାରର ସ୍ଥିତି ସାଧାରଣ ଦର୍ଶକ ଜାଣିବା କଠିନ ଥିବା ସ୍ଥଳେ ସେ ତା କିପରି ଜାଣନ୍ତା ? ଏଣେ ପ୍ରତିରୋଧ ନ ଥିବାରୁ ସେ ହିନ୍ଦୁର ସର୍ବଶ୍ରେଷ୍ଠ ପ୍ରଭୁଙ୍କୁ ନେବାକୁ ପସନ୍ଦ କରି କ୍ଷୁଦ୍ର ବିକଳ୍ପ ବିଗ୍ରହକୁ ଘେନି ଯିବାହିଁ ଶ୍ରେୟ ମନେ କରିଥିବ । ପରିଛା, ମନ୍ଦିର କର୍ତ୍ତୃପକ୍ଷ ଏବଂ ବିଧ ଯୋଜନାନୁସାରେ ସେ ନିରାଶ ହେଇ ସିନା ପ୍ରଭୁଙ୍କୁ ନେବାର ଅଭବତ୍ୟାରେ ମନ୍ଦିରର କୌଣସି ବିଶିଷ୍ଟ ପ୍ରତିମାରେ ହାତ ଲଗାଇ ନାହିଁ ବା ଶ୍ରୀକ୍ଷେତ୍ରର କୌଣସି ଦେବା ଦେବୀ ଭାଙ୍ଗିବା ପରିଦୃଷ୍ଟ ହୁଏ ନାହିଁ । ହଠାତ୍ ଏହିପରି ଯୋଜନାକୁ ପ୍ରଭୁଙ୍କର ଅପାର କୃପା ବୋଲିହିଁ ବିଚାର କରାଯାଉଛି । ନଚେତ୍ ପ୍ରଭୁଙ୍କ ମହିମାରେ ସେବକ କୂଳ ପ୍ରତ୍ୟୟ, ବିଶ୍ୱାସ ହରାଇଥାନ୍ତେ ଏହାହିଁ ଛାମୁ ଚିଟାଉର ନିର୍ଯ୍ୟାସ । ଏହି ଯୋଜନାରେ ଉକ୍ତ ସେବକମାନଙ୍କର ବୁଦ୍ଧି ଦୈବାତ୍ କାର୍ଯ୍ୟକାରୀ ହୋଇଗଲା । କେବଳ ସେତିକି ନିହେଁ ମୋଗଲ ସାମ୍ରାଜ୍ୟର ଆଧ୍ୟାତ୍ମ ପ୍ରତିଷ୍ଠାପକ ହିନ୍ଦୁ ସଂସ୍କୃତିର ବିଲୋପାକାଂକ୍ଷୀ ଆଲମ୍ ଉ ଗିର ମହତରାମଦୟତି ଗୋସ୍ୱାମୀଙ୍କର ମାର୍ଫତରେ ଜଗନ୍ନାଥଙ୍କୁ ବିପୁଳ ସନତି ଦାନ କରି ପ୍ରାୟଶ୍ଚିତ କରିଛନ୍ତି ସେହି ପ୍ରାମାଣିକ ଦାନ ପତ୍ର ଲେଖକଙ୍କ ସହଯୋଗରେ ମିଳିଛି ଓ ଯାହା ଓଡ଼ିଶା ଅଭିଲେଖାଗାରରେ ଗଚ୍ଛିତ ଅଛି । ତେଣୁ ପ୍ରୋକ୍ତ ସମୀକ୍ଷା ଦ୍ୱାରା କୁହାଯାଇପାରେ ମୋଗଲ ଲୁଣ୍ଠନକାରୀ ବିକଳ୍ପ ପ୍ରତିମାକୁ ନେଇଛନ୍ତି ଜଗନ୍ନାଥ ସ୍ୱ ମହିମାରୁ ଏପରି କଳଙ୍କରୁ ଆପଣାକୁ ରକ୍ଷାକରି ଅଛନ୍ତି । ତେଣୁ ଏପରି କଳଙ୍କମୟ ବିଷୟ ଜାତିର ଇତିହାସରୁ ଅନ୍ତର ହେବା ଉଚିତ ହେବ ।

ଗବେଷକ, ଶ୍ରୀମନ୍ଦିର, ପୁରୀ ।



ରାଜ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ମ୍ୟୁନିସିପାଲିଟି ବିଦ୍ୟୁତ୍- ଶବଦାହ ଗୃହ ଉଦ୍‌ଘାଟନ ।





# ପ୍ରଗତି ପ୍ରସଙ୍ଗ

## ଭୂମିହୀନଙ୍କୁ ଭୂମିଦାନ

ସୁନ୍ଦରଗଡ଼ ଜିଲ୍ଲା ସଦର ତହସିଲର ୧୫୬ଜଣ ଜମିହୀନ ଲୋକଙ୍କୁ ମୋଟ ୧୬୧ ଏକର ୮୪ ଡେସିମିଲ ସିଲିଂ ବହିର୍ଭୂତ ଜମି ବିତରଣ କରାଯାଇଛି । ଏମାନଙ୍କ ମଧ୍ୟରେ ୯୭ ଜଣ ଆଦିବାସୀ ଓ ୨୮ ଜଣ ହରିଜନ ଅନ୍ତର୍ଭୁକ୍ତ ।

ଭୂ-ସଂସ୍କାର ସପ୍ତାହ ପାଳନ ଅବସରରେ ଗତ ମାର୍ଚ୍ଚ ମାସ ୧୮ ତାରିଖରେ ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଏକ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ତରୁଣକାନ୍ତ ମିଶ୍ର ୪୩ ଜଣ ଜମିହୀନ ବ୍ୟକ୍ତିଙ୍କୁ ୪୪ ଏକର ୫ ଡେସିମିଲ ଜମିପଟା ଏବଂ ଜମି ଉନ୍ନୟନ, ସାର, ବିହନ ଓ କୃଷି ଉପକରଣ କିଣିବା ପାଇଁ ୬,୫୬୩ ଟଙ୍କା ଆର୍ଥିକ ସାହାଯ୍ୟ ବିତରଣ କରିଥିଲେ । ଉପକୃତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୨୮ ଜଣ ଆଦିବାସୀ ଓ ୩ ଜଣ ହରିଜନ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ସୁନ୍ଦରଗଡ଼ ତହସିଲର ୧୬୧ ଜଣ ଗୃହହୀନ ବ୍ୟକ୍ତିଙ୍କୁ ପ୍ରତ୍ୟେକଙ୍କୁ ୪ ଡେସିମିଲ କରି ଘରଡିହ ପଟା ବଣ୍ଟନ କରିଥିଲେ ।

## ଗ୍ରାମୀଣ ଶ୍ରମିକଙ୍କ ପାଇଁ ବାସଗୃହ

ସମନ୍ୱିତ ଗୃହ ନିର୍ମାଣ ଯୋଜନା ଅନୁଯାୟୀ ଘରଡିହହୀନ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଗତ ଜାନୁୟାରୀ ମାସ ଶେଷ ସୁଦ୍ଧା ୯,୬୩୩ଟି ଗୃହ ନିର୍ମିତ ହୋଇ ସାରିଲଣି । ୧୯୮୦-୮୧ରୁ ୧୯୮୨-୮୩ ଆର୍ଥିକ ବର୍ଷ ମଧ୍ୟରେ ୬୫୯୬ଟି ଗୃହ ନିର୍ମିତ ହୋଇଥିଲା ଏବଂ ଏ ବାବଦରେ ସଂପୃକ୍ତ ଶ୍ରମିକମାନଙ୍କୁ ସରକାରୀ ଗ୍ରାଣ୍ଟ ହିସାବରେ ସମୁଦାୟ ୧ କୋଟି ୨୨ ଲକ୍ଷ ୧ ହଜାର ଟଙ୍କା ଯୋଗାଇ ଦିଆ ଯାଇଥିଲା । ଗତ ଆର୍ଥିକ ବର୍ଷରେ ଏହି ଯୋଜନାନୁଯାୟୀ ୪ ହଜାର ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତ ଜାନୁୟାରୀ ମାସ ଶେଷସୁଦ୍ଧା ୩,୦୩୭ଟି ଗୃହ ନିର୍ମିତ ହୋଇଥିଲା ।

ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୬,୬୬୬ଟି ଗୃହ ନିର୍ମାଣ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି ଏବଂ ଶ୍ରମିକମାନଙ୍କୁ ସରକାରୀ ଗ୍ରାଣ୍ଟ ଦେବା ବାବଦରେ ୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ଯୋଜନାରେ ପ୍ରତ୍ୟେକ ଗୃହ ନିର୍ମାଣ ପାଇଁ ସମ୍ପୃକ୍ତ ଶ୍ରମିକଙ୍କୁ ୧,୫୦୦ ଟଙ୍କା ଲେଖାଏଁ ସରକାରୀ ସାହାଯ୍ୟ ଦିଆଯାଇଥାଏ ଏବଂ ଶ୍ରମିକଙ୍କୁ ସ୍ୱେଚ୍ଛାକୃତ ଶ୍ରମ ଆକାରରେ ୫୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ହୁଏ ।

## ଭୂମିହୀନଙ୍କୁ କାମଧନ୍ଦା

ଗ୍ରାମାଞ୍ଚଳ ଭୂମିହୀନ ଲୋକଙ୍କପାଇଁ କର୍ମ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଯୋଜନା ବାବଦକୁ ୧୯୮୪-୮୫ ମସିହା ପାଇଁ ୨୨ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହି ଅର୍ଥ ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତଗୁଡ଼ିକରେ ପୁଷ୍କରଣୀ ଖନନ, କ୍ଷୁଦ୍ର ଜଳସେଚନ, ପ୍ରକଳ୍ପ ଓ ରାସ୍ତା ନିର୍ମାଣ, ଜାତୀୟ ରାଜପଥ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଅନୁଯାୟୀ ରାସ୍ତା ନିର୍ମାଣ, ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ, ସାମାଜୀକ ବନିକରଣ, ଜଳାଶୟ ନିର୍ମାଣ, କେନାଲ ଓ କୂପ ଖନନ, ପଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ମାଛଚାଷ ପାଇଁ ନୂତନ ଜଳାଶୟ ଖନନ ଓ ପୁନରୁଦ୍ଧାର, ମହିଳା ସମିତି ଗୃହ ନିର୍ମାଣ, ଅନୁସୂଚିତ ଜାତି ଓ ସମ୍ପ୍ରଦାୟ ଲୋକମାନଙ୍କ ପାଇଁ ଗୃହ ନିର୍ମାଣ, ଏବଂ ଏହି ସମ୍ପ୍ରଦାୟର ଛାତ୍ରମାନଙ୍କ ପାଇଁ ଅଳ୍ପ ଖର୍ଚ୍ଚରେ ଛାତ୍ରାବାସ ନିର୍ମାଣ ଇତ୍ୟାଦି ବାବଦରେ ଖର୍ଚ୍ଚ କରାଯିବ । ସମ୍ପୃକ୍ତ ବିଭାଗଗୁଡ଼ିକୁ ଜିଲ୍ଲା ଗ୍ରାମାଞ୍ଚଳ ଉନ୍ନୟନ ସଂସ୍ଥା ଜରିଆରେ ସେମାନଙ୍କର ପ୍ରସ୍ତାବ ପଠାଇବା ପାଇଁ ଜଣାଇ ଦିଆଯାଇଛି ।

୧୯୮୩-୮୪ ରେ ଏହି କାର୍ଯ୍ୟକ୍ରମ ସକାଶେ କେନ୍ଦ୍ର ସରକାର ଆମ ରାଜ୍ୟକୁ ୪ କୋଟି ୫୦ ଲକ୍ଷ ଟଙ୍କା ଓ ୩,୭୫୦ ମେଟ୍ରିକ ଟନ ଗହମ ଯୋଗାଇ ଦେଇଥିଲେ । ଏହି ଅର୍ଥ ଗ୍ରାମାଞ୍ଚଳର ସଂଯୋଗ ରାସ୍ତା, ସାମାଜୀକ ବନୀକରଣ ଓ ଜଳାଶୟ ନିର୍ମାଣ ପାଇଁ ବିନିଯୋଗ କରାଯାଇଥିଲା । ଶ୍ରମିକମାନଙ୍କୁ ସେମାନଙ୍କର ଦୈନିକ ମଜୁରୀ ବାବଦକୁ ଜଣପିଛା ୯ କିଲୋ ଗହମ ଓ ମଜୁରୀର ଅବଶିଷ୍ଟ ପ୍ରାପ୍ୟ ଟଙ୍କା ଆକାରରେ ଦିଆଯାଇଥିଲା ।

## ବୃତ୍ତିଗତ ଶିଳ୍ପ

୧୯୮୩-୮୪ ମସିହା ଆର୍ଥିକ ବର୍ଷର ଗତ ଫେବୃୟାରୀ ମାସ ସୁଦ୍ଧା ରାଜ୍ୟରେ ୨,୩୪୭ଟି କ୍ଷୁଦ୍ର ଶିଳ୍ପ ଏବଂ ୬୪,୭୬୭ ଟି ବୃତ୍ତିଗତ ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରେ ଏକଲକ୍ଷ ୧୫ ହଜାର ୨୫୫ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁବିଧା ଯୋଗାଇ ଦିଆଯାଇଛି । ଏହି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ୨୨ କୋଟି ୫୫ ଲକ୍ଷ ୪୦ ହଜାର ଟଙ୍କା ଏବଂ ବୃତ୍ତିଗତ ଶିଳ୍ପ ପ୍ରତିଷ୍ଠା ପାଇଁ ୧୧ କୋଟି ୯୦ ଲକ୍ଷ ୮୯ ହଜାର ଟଙ୍କା ବିନିଯୋଗ କରାଯାଇଛି ।

## କ୍ରୋମାଇଟ୍ ଉତ୍ପାଦନ

୧୯୮୧ରୁ ୧୯୮୩ ମସିହା ମଧ୍ୟରେ ଉଭୟ ଘରୋଇ ଖଣି ମାଲିକ ଏବଂ ଓଡିଶା ଖଣି ନିଗମର ଉଦ୍ୟମରେ ସମୁଦାୟ ୮ ଲକ୍ଷ ୫୯ ହଜାର ଟନ କ୍ରୋମାଇଟ ଉତ୍ପାଦିତ ହୋଇଛି । କଟକ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଅବସ୍ଥିତ ବିଭିନ୍ନ କ୍ରୋମାଇଟ ଖଣିରୁ ଏହି ଉତ୍ପାଦିତ ହୋଇଛି । ସେହି ସମୟ ମଧ୍ୟରେ ଓଡିଶା ଖଣି ନିଗମ ଦ୍ୱାରା ଉତ୍ପାଦିତ ହୋଇଥିବା କ୍ରୋମାଇଟ ପରିମାଣ ହେଲ. ୨ ଲକ୍ଷ ୯୯ ହଜାର ଟନ ।

ବେସରକାରୀ ଉଦ୍ୟମରେ ୧୯୮୧ ମସିହାରେ ୭୫ ହଜାର ଟନ, ୧୯୮୨ ରେ ୪୩ ହଜାର ଟନ ଓ ୧୯୮୩ ମସିହାରେ ୨୬ ହଜାର ଟନ କ୍ରୋମାଇଟ ରପ୍ତାନି କରାଯାଇଥିଲ । ସେହିପରି ଓଡିଶା ଖଣି ନିଗମ ତରଫରୁ ରପ୍ତାନୀ ହୋଇଥିବା କ୍ରୋମାଇଟର ମୋଟ ପରିମାଣ ହେଲ ୭୯ ହଜାର ଟନ ।

ବର୍ତ୍ତମାନ ରାଜ୍ୟରେ ପ୍ରତିଷ୍ଠିତ ହେଉଥିବା ତିନୋଟି ଫେରୋକ୍ରୋମ କାରଖାନାରେ ବର୍ଷକୁ ପ୍ରାୟ ୩ ଲକ୍ଷ ୬୦ ହଜାର ଟନ କ୍ରୋମାଇଟ ବ୍ୟବହୃତ ହେବ ବୋଲି ହିସାବ କରାଯାଇଛି ।

## ଭିତ୍ତିଭୂମି ଉନ୍ନୟନ ନିଗମ

ରାଜ୍ୟରେ ଶିଳ୍ପ ବିକାଶ ପାଇଁ ଭିତ୍ତିଭୂମି ଉନ୍ନୟନ ନିଗମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି । ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା କାରଖାନା ନିର୍ମାଣ ଏବଂ ଶିଳ୍ପୋପଯୋଗୀ ଜମିର ଉନ୍ନତି ବିଧାନ କରିବା ପାଇଁ ଏହି ନିଗମ ପଦକ୍ଷେପ ନେଉଥାଏ । ନିଗମ ୫୯୫ କାରଖାନା ଗୃହର ନିର୍ମାଣ ସମ୍ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ୧୨୪୪ ଏକର ଶିଳ୍ପପୋ-ଯୋଗୀ ଜମିର ଉନ୍ନତି ସାଧନ କରିସାରିଲେଣି । ଆଗାମୀ ଆର୍ଥିକ ବର୍ଷ ଆଉ ୨୭୫ଟି ନୂତନ କାରଖାନା ଘର ତିଆରି ଏବଂ ୨୫୦ ଏକର ଶିଳ୍ପପୋଯୋଗୀ ଜମିର ଉନ୍ନତି ଘଟାଇବା ପାଇଁ ପରିକଳ୍ପନା ରହିଛି । ଏଥି ସଙ୍ଗେ ସଙ୍ଗେ ଶିଳ୍ପ ଶ୍ରମିକଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ୫ଟି ଶିଳ୍ପ ଅଭିବୃଦ୍ଧି କେନ୍ଦ୍ରରେ ୯୪୨ଟି ବାସଗୃହ ନିର୍ମାଣ କରାଯିବାର ପରିକଳ୍ପନା ମଧ୍ୟ ରହିଛି । ଏଥିପାଇଁ ୯ କୋଟି ୯୦ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଗାଁ ପରିମଳ ପାଇଁ

ବିଗତ ୧୯୮୨ ମସିହା ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବ୍ଲକମାନଙ୍କ ମଧ୍ୟରୁ ଭୁବନେଶ୍ୱର, ତିର୍ତ୍ତୋଲ, ଖଇରାପଦା, ଲୁଇସିଂହା ଓ ରେଢ଼ାଖୋଲ ବ୍ଲକର ଆଦିବାସୀ ଓ ହରିଜନ ବହୁଳ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ୨୬ଟି ଗ୍ରାମରେ ୟୁନିସେଫ ସହାୟତାରେ ପାରିପାର୍ଶିକ ସ୍ୱାସ୍ଥ୍ୟରକ୍ଷା କାର୍ଯ୍ୟକ୍ରମ ଅଗୁଆ ଯୋଜନା ଭାବେ ସରକାର ହାତକୁ ନେଇଛନ୍ତି । ସମଗ୍ର ଦେଶରେ ଏହା ଏକ ନୂତନ ପଦକ୍ଷେପ ଏବଂ ଏହା ସର୍ବ ପ୍ରଥମେ ଓଡିଶାରେ ହିଁ କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାର ପ୍ରଧାନ ଲକ୍ଷ୍ୟ ହେଲ :—

(କ) ସମଗ୍ର ଗୋଷ୍ଠୀର ସ୍ୱାସ୍ଥ୍ୟରେ ଉନ୍ନତି ବିଧାନ ଶିଶୁର ମୃତ୍ୟୁ, ଓ ଶିଶୁ ରୋଗ ହାରରେ ହ୍ରାସ ଏବଂ ସେଥିପାଇଁ ସ୍ୱଳ୍ପ ବ୍ୟୟରେ ପାରିପାର୍ଶିକ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ ;

(ଖ) ଗ୍ରାମାଞ୍ଚଳ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟକର ପାଇଖାନା, ଆବର୍ଜନା ଓ ଜଳ ନିଷ୍କାସନ ବ୍ୟବସ୍ଥା, ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ଓ ଧୂମ୍ରହୀନ ଚୁଲି ବ୍ୟବହାର କରି ଏକ ନିର୍ମଳ ଓ ଉନ୍ନତ ପରିବେଶ ସୃଷ୍ଟି କରିବାରେ ଗ୍ରାମବାସୀମାନଙ୍କଠାରୁ କିପରି ସହଯୋଗ ମିଳୁଛି ଓ ମିଳିପାରିବ, ତାହା ନିର୍ଦ୍ଧାରଣ କରିବା ;

(ଗ) ଗୋଷ୍ଠୀ ବିଶେଷକରି ଶିଶୁ ଓ ମାଆମାନଙ୍କର ସ୍ୱାସ୍ଥ୍ୟ ଉପରେ ଏହି ପ୍ରକଳ୍ପର କି ପ୍ରଭାବ ପଡୁଛି, ତାହାର ମୂଲ୍ୟାୟନ କରିବା ;

(ଘ) ବର୍ତ୍ତମାନ ଗ୍ରାମାଞ୍ଚଳରେ ଥିବା ଅନୁଷ୍ଠାନମାନଙ୍କୁ ଉପଯୁକ୍ତ ଭାବେ ସଙ୍ଗଠିତ କରି ସେମାନଙ୍କ ଜରିଆରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଏବଂ

(ଙ) ଆଗୁଆ ଯୋଜନାଭୁକ୍ତ ଅଞ୍ଚଳମାନଙ୍କରୁ ମିଳୁଥିବା ଅଭିଜ୍ଞତା ଉପରେ ଭିତ୍ତିକରି ଅନ୍ୟାନ୍ୟ ଅଞ୍ଚଳକୁ ଏହି ପ୍ରକଳ୍ପର ସମ୍ପ୍ରସାରଣ କରାଇବା ।

ଏହି ପ୍ରକଳ୍ପ ବ୍ୟୟର ଶତକଡ଼ା ୬୦ ଭାଗ ୟୁନିସେଫ ଏବଂ ଅବଶିଷ୍ଟ ୪୦ ଭାଗ ରାଜ୍ୟ ସରକାର ବହନ କରୁଛନ୍ତି । ଏହି ଯୋଜନା ପରିସରଭୁକ୍ତ ବ୍ୟକ୍ତିମାନେ ପାଇଖାନ ବସାଇବା ପାଇଁ ଗାତ ଖୋଳିବା ଓ ପାଇଖାନା ଘର ତିଆରି କରିବା କାମରେ ବ୍ୟକ୍ତିଗତ ଶ୍ରମଦାନ କରୁଛନ୍ତି । ଏ ପର୍ଯ୍ୟନ୍ତ ୬୪୨ଟି ଗ୍ରାମ୍ୟ ପାଇଖାନା ନିର୍ମାଣ କରାଯାଇଛି । ସେଥିମଧ୍ୟରୁ ୪୦ଟି ଆଦିବାସୀ ପରିବାର ଓ ୧୫୬ଟି ହରିଜନ ପରିବାରକୁ ଯୋଗାଇ ଦିଆଯାଇଛି । ବ୍ଲକ ସମ୍ପ୍ରସାରଣ ସଂସ୍ଥାଗୁଡିକ ଗ୍ରାମବାସୀମାନଙ୍କୁ ଏହି ସ୍ୱାସ୍ଥ୍ୟକର ପାଇଖାନା ବ୍ୟବହାର କରିବାକୁ ପ୍ରବର୍ତ୍ତାଉଛନ୍ତି । ସେମାନଙ୍କୁ ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ଗ୍ରାମର ସ୍ୱେଚ୍ଛାସେବୀମାନଙ୍କୁ ଜାତିସଂଘ ଅର୍ଥ ସହାୟତାରେ ତାଲିମ ଦିଆଯାଉଛି । ଏହାର ଫଳା-ଫଳ ଅତ୍ୟନ୍ତ ଉତ୍ସାହଜନକ ହେଉଛି ଏବଂ ଏହି ଯୋଜନାଟି ଲୋକମାନଙ୍କ ଦ୍ୱାରା ଆଦୃତ ହେଉଛି । ସପ୍ତମ ଯୋଜନା କାଳରେ ରାଜ୍ୟର ଅବଶିଷ୍ଟ ୩୦୯ଟି ବ୍ଲକକୁ ଏହି ଯୋଜନାକୁ ସମ୍ପ୍ରସାରିତ କରିବାର ପ୍ରସ୍ତାବ ରହିଛି ।

## ନଦୀ-ନାଳ ଉପରେ ସେତୁ

ଗତ ୧୯୮୦ ମସିହା ଠାରୁ ରାଜ୍ୟର ଗ୍ରାମାଞ୍ଚଳରେ ସମୁଦାୟ ୨,୪୪୭ କି: ମି: ରାସ୍ତାର ଉନ୍ନତି କରାଯିବା ସଂଗେ

ସଂଗେ ରାସ୍ତା ଯୋଗା ଯୋଗର ପ୍ରସାର ପାଇଁ ନଦୀ-ନାଳ ଉପରେ ୨୪ ଟି ସେତୁ ନିର୍ମିତ ହୋଇଛି । ଏହା ବ୍ୟତୀତ ୪୬ ଟି ସେତୁର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ତନ୍ମଧ୍ୟର କେତେକ ପ୍ରଧାନ ସେତୁ ହେଲା—ପୁରୀ ଜିଲ୍ଲାର ଅଠାନଇ-ବନମାଳିପୁର ରାସ୍ତାରେ କୁଶଭଦ୍ରା ସେତୁ ଓ ବ୍ରହ୍ମଗିରି-ଦେଉଳଙ୍ଗ ରାସ୍ତାରେ ଭାର୍ଗବୀ ସେତୁ, କଟକ ଜିଲ୍ଲାର ଉଦ୍ଦିସିଂଗ-ପଣ୍ଡପଲ୍ଲୀ ରାସ୍ତାରେ ସୁଆଙ୍ଗ ସେତୁ, ସୁନ୍ଦରଗଡ଼ ଜିଲ୍ଲାର ଉଜ୍ଜଳପୁର - ସର୍ଗପାଲୀ ରାସ୍ତାରେ ଇଛା ସେତୁ, ସମ୍ବଲପୁର ଜିଲ୍ଲାର ଦଳଗାଁ-ଦୁଦୁଲିସିଂଗା ରାସ୍ତାରେ ଲଲରୀ ସେତୁ । ସେହିପରି ବଲାଂଗୀର ଓ କଳାହାଣ୍ଡି ଜିଲ୍ଲାର ଧର୍ମଶାଳା-ସୁବଳୟା ରାସ୍ତାରେ ହରିହର ଯୋଗ ସେତୁ, ବଲାଂଗୀର- ଚନ୍ଦନଭାଟି ରାସ୍ତାରେ ସୁକତେଲ ସେତୁ ଓ ପାଟଣାଗଡ଼-ଦୁମ୍ଭକିପାଲୀ ରାସ୍ତାରେ ସୁକତେଲ ସେତୁ ନିର୍ମିତ ହେଉଛି ।

ଏହି ସବୁ ସେତୁର ନିର୍ମାଣ ଦିଗରେ ୨୧ କୋଟି ୪୮ ଲକ୍ଷ ଟଙ୍କା ବିନି ଯୋଗ କରାଯାଇଛି ।

## ଶିକ୍ଷିତ ବେକାରଙ୍କ ପାଇଁ କାମ

ବାଲେଶ୍ୱର ଫ୍ଲାଇ ଓଭର ସେତୁର ନିମ୍ନରେ ଥିବା ପ୍ରଶସ୍ତ ସ୍ଥାନକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଉପଯୋଗ କରିବା ଲାଗି ସରକାର ନିଷ୍ପତି କରିଛନ୍ତି । ତଦନୁଯାଇ ବାଲେଶ୍ୱର ଓ ରେମୁଣା ପାର୍ଶ୍ୱର ସଂଲଗ୍ନ ରାସ୍ତା ନିମ୍ନରେ ଥିବା ୧୮୧୭ ବର୍ଗଫୁଟ ସ୍ଥାନରେ ସମୁଦାୟ ୧୮୬ଟି ଦୋକାନ ନିର୍ମାଣ କରିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମଞ୍ଜୁର କରିଛନ୍ତି । ଏ ବାବଦରେ ୨୦ ଲକ୍ଷ ୬୧ ହଜାର ଟଙ୍କା ବ୍ୟୟ କରାଯିବ ଏବଂ ସ୍ଥାନୀୟ ସ୍ୱତନ୍ତ୍ର ଯୋଜନା ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱ ବହନ କରିବେ । ଏହି ମାର୍କେଟ ପ୍ରକଳ୍ପ ନିର୍ମିତ ହେଲେ ଶିକ୍ଷିତ ବେକାରଙ୍କୁ କର୍ମ ଯୋଗାଣ ଯୋଜନା ଅନୁଯାୟୀ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ୧୦୦ ଜଣ ବ୍ୟକ୍ତିଙ୍କୁ ଏବଂ ରାସ୍ତା କଡ଼ରେ ଛୋଟ ଦୋକାନୀଙ୍କୁ ଭଡ଼ା ସୂତ୍ରରେ ଦୋକାନ ଘର ଯୋଗାଇ ଦିଆଯିବ । ଜିଲ୍ଲା ଶିଳ୍ପ କେନ୍ଦ୍ର ତରଫରୁ ଏଥିପାଇଁ ସହରର ୧୦୦ ଜଣ ଶିକ୍ଷିତ ବେକାରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ୧୦୦ ଟି ଦୋକାନ ଘର ସଂରକ୍ଷିତ ହେବ ।

ବ୍ୟୟ ଅଟକଳ ହୋଇଥିବା ଏହି ୨୦ ଲକ୍ଷ ୬୧ ହଜାର ଟଙ୍କା ମଧ୍ୟରେ ୧୦୦ ଜଣ ଶିକ୍ଷିତ ବେକାର ୪ ବର୍ଷ ପାଇଁ ୭ ଲକ୍ଷ ଟଙ୍କା ଏବଂ ଅବଶିଷ୍ଟ ୮୬ ଜଣ ଇଚ୍ଛୁକ ବ୍ୟକ୍ତି ୪ ଲକ୍ଷ ଟଙ୍କା ଅଗ୍ରୀମ ଜମା ଦେବେ । ଏହା ବ୍ୟତୀତ ସ୍ଥାନୀୟ ଯୋଜନା ସଂସ୍ଥା ୨ ଲକ୍ଷ ୫୦ ହଜାର ଟଙ୍କା ବିନିଯୋଗ କରିବେ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶତକଡ଼ା ୧୦ ସୁଧ ହାରରେ ୭ ଲକ୍ଷ ୧୦ ହଜାର ଟଙ୍କା ଋଣ ସୂତ୍ରରେ ଯୋଗାଇ ଦେବେ ।

## ଅକ୍ଷମଙ୍କ ପାଇଁ ଧନ୍ଦାମୂଳକ କେନ୍ଦ୍ର

ଭୁବନେଶ୍ୱରସ୍ଥ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନ ପରିସର ମଧ୍ୟରେ ଶାରୀରିକ ଅକ୍ଷମ ଲୋକମାନଙ୍କ ପାଇଁ ଧନ୍ଦାମୂଳକ ଥଇଥାନ କେନ୍ଦ୍ର ଖୋଲା ଯାଇଛି । ଏହି କେନ୍ଦ୍ରରେ ୧୬ ବର୍ଷରୁ ୪୫ ବର୍ଷ ବୟସ୍କ ଅନ୍ଧ, କାଲ, ଅନ୍ୟ ଶାରୀରିକ ବିକଳାଂଗ, ସାମାନ୍ୟ ମାନସିକ ବିକାର ଥିବା ଲୋକ ଓ ଆରୋଗ୍ୟ ଲାଭ କରିଥିବା କୁଷ୍ଠ ରୋଗୀ ମାନଙ୍କୁ, ବ୍ୟବସାୟିକ ଭିତ୍ତିରେ କଟିଂ ଓ ଟେଲରିଂ, ରେଡ଼ିଓ ଓ ଟେଲିଭିଜନ ମରାମତି, ବଢ଼େଇ ଓ ଧାତୁ କାର୍ଯ୍ୟ ଇତ୍ୟାଦି ପାଇଁ ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଧନ୍ଦାମୂଳକ ତାଲିମ୍ ଦେଇ ସେମାନଙ୍କୁ ଥଇଥାନ କରାଯିବ । ତାଲିମ ଦେବା ପୂର୍ବରୁ ପ୍ରାର୍ଥିମାନଙ୍କ ସମୟରେ ପ୍ରାର୍ଥୀମାନଙ୍କୁ ମାସିକ ୧୦୦ ଟଙ୍କା ଲେଖାଏଁ ବୃତ୍ତି ଦିଆଯିବ । ନିୟମିତ ଭାବେ ତାଲିମ ଦେବା ପୂର୍ବରୁ ପ୍ରାର୍ଥୀମାନଙ୍କୁ ଏକ ମାସ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯିବ । ଏହି ସମୟରେ ସେମାନଙ୍କୁ ୭୦ ଟଙ୍କା ଲେଖାଏଁ ବୃତ୍ତି ଦିଆଯିବ । ଉକ୍ତ ସମୟ କାଳ ମଧ୍ୟରେ ଶାରୀରିକ ଅକ୍ଷମମାନଙ୍କର ମନସ୍ତାତ୍ତ୍ୱିକ, ଶାରୀରିକ, ସାମାଜିକ ଓ ଅର୍ଥ- ନୈତିକ ପରିସ୍ଥିତି ସଂପର୍କରେ ମୂଲ୍ୟାୟନ କରାଯିବ ।

ଏହି ଧନ୍ଦା ମୂଳକ ଥଇଥାନ କେନ୍ଦ୍ର, କେନ୍ଦ୍ରଶ୍ରମ ଓ ପୁନର୍ବସତି ମନ୍ତ୍ରଣାଳୟରେ କର୍ମ ଯୋଗାଣ ଓ ପ୍ରଶିକ୍ଷଣ ଡ଼ିରେକଟରେଟ ଜେନେରାଲଙ୍କ ଦ୍ୱାରା ମଞ୍ଜୁର କରା ଯାଇଛି ଏବଂ ରାଜ୍ୟ ଗୋଷ୍ଠି ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗର ନିବିଡ଼ ସହଯୋଗରେ କାର୍ଯ୍ୟକାରୀ ହେଉଛି ।

## ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାବଶେଷ

ଗତ ଗୁରୁବାର ସଂଧ୍ୟାରେ କଟକ ଜିଲ୍ଲା ତିର୍ତ୍ତୋଲ ବ୍ଲକର ତୁଳଙ୍ଗ ଗ୍ରାମ ନିକଟସ୍ଥ ଶ୍ରୀ ଅରବିନ୍ଦ ଶ୍ରୀକ୍ଷେତ୍ରଠାରେ ପଣ୍ଡିଚେରୀ ଆଶ୍ରମର ସାଧକ ଶ୍ରୀ ଚଂପକଲାଲଜୀ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାବଶେଷକୁ ସ୍ଥାପନ କରିଛନ୍ତି । ସେଦିନ ପୂର୍ବାହ୍ନରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଏହାକୁ କଟକସ୍ଥ ମାତୃଭବନରୁ ନେଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଜଗନ୍ନାଥପୁର ଡାକବଙ୍ଗଳାରେ ରଖିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାହାକୁ ତୁଳଙ୍ଗ ନେଇ ଶ୍ରୀ ଅରବିନ୍ଦ ଶ୍ରୀକ୍ଷେତ୍ରର ଅଧ୍ୟକ୍ଷ ଶ୍ରୀ କ୍ଷେତ୍ରମୋହନ ବିଶ୍ୱାଳଙ୍କୁ ଅର୍ପଣ କରିଥିଲେ ଏବଂ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଦେହାବଶେଷକୁ ସ୍ଥାପନ କରାଯାଇଥିଲା ।

ଏ ଉପଲକ୍ଷେ ସେଠାରେ ଅନୁଷ୍ଠିତ ଏକ ଜନ ସମାବେଶରେ ମୁଖ୍ୟମନ୍ତ୍ରୀ ପୌରୋହିତ୍ୟ କରି କହିଲେ ଯେ ମାନବ ସମାଜର ଭୌତିକ ଉନ୍ନତି ସହିତ ଆଧ୍ୟାତ୍ମିକ ଉନ୍ନତି ହେବା ଆବଶ୍ୟକ । ଆଧ୍ୟାତ୍ମିକ ଭିତ୍ତିଭୂମି ସୁଦୃଢ଼ ହେଲେ ଜାତୀୟ ଏକତା ଏବଂ ଭାରତୀୟ ସଂହତି ବୃଦ୍ଧି ପାଇବ ବୋଲି ମତ ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଭାରତବର୍ଷ ବିଶେଷତଃ ଓଡ଼ିଶା ଅତୀତରେ ଆଧ୍ୟାତ୍ମିକ ଶକ୍ତିର ପରିଚୟ ଦେଇଛି । ବିବର୍ତ୍ତନବାଦ ଅନୁସାରେ ମାନବ ସମାଜର ପୂର୍ଣାଙ୍ଗ ଅଭିବୃଦ୍ଧି ହେବ ବୋଲି ଶ୍ରୀ ଅରବିନ୍ଦ ଯେଉଁ ଆଶା ପ୍ରକାଶ କରିଥିଲେ, ତାହା ବାସ୍ତବରେ ପ୍ରଥମେ ଓଡ଼ିଶାରେ ରୂପାୟିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ପ୍ରବିଷ୍ଟ ପଣ୍ଡିଚେରୀ ଆଶ୍ରମର ଅଧ୍ୟାପକ ପ୍ରପତି, ଅଧ୍ୟାପକ ସି. ଏନ୍. ଶର୍ମା, ବାବାଜୀ ଶ୍ରୀ ରାମକୃଷ୍ଣ ଦାସ ଏବଂ ଡାଃ ଅଶୋକ କୁମାର ଦାଶ ପ୍ରମୁଖ ସାଧକମାନେ ଶ୍ରୀ ଅରବିନ୍ଦଙ୍କ ଜୀବନ ଚରିତ ବର୍ଣ୍ଣନା କରି କହିଲେ ଯେ ଶ୍ରୀ ଅରବିନ୍ଦ ମାନବ ସମାଜକୁ ଅତିମାନସ ଶକ୍ତି ତଥା ଆଲୋକର ସଂଧାନ ଦେଇଯାଇଛନ୍ତି ।

ଏହାପରେ ମୁଖ୍ୟମନ୍ତ୍ରୀ ତୁଳଙ୍ଗଠାରେ 'ୟୁନିସେଫ୍'ର ଆର୍ଥିକ ସହାୟତାରେ ବନ୍ୟାଗ୍ରସ୍ତ ଲୋକଙ୍କପାଇଁ ନିର୍ମିତ ହେବାକୁ ଯାଉଥିବା ଏକ ଭୋଜନ କେନ୍ଦ୍ର ତଥା ଆଶ୍ରୟ ଭବନର ଶିଳାନ୍ୟାସ କରିଥିଲେ । ଏହା ବ୍ୟତୀତ ଶ୍ରୀ ପଟ୍ଟନାୟକ ସେଠାରେ ଗ୍ରାମୀଣ ମହିଳାଙ୍କ ପାଇଁ ନିର୍ମିତ ହେବାକୁ ଯାଉଥିବା ଏକ ପଲ୍ଲୀବସ୍ତ୍ର ତାଲିମ କେନ୍ଦ୍ର ଏବଂ ପଶୁ ଚିକିତ୍ସାଳୟର ମଧ୍ୟ ଶିଳାନ୍ୟାସ କରିଥିଲେ । ଚିକିତ୍ସାଳୟର ନିର୍ମାଣପାଇଁ ୩ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ଏ ଉପଲକ୍ଷେ ଅନୁଷ୍ଠିତ ଅନ୍ୟ ଏକ ସାଧାରଣ ସଭାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ ତିର୍ତ୍ତୋଲର ମହାନଦୀ-ଚିତ୍ରୋତ୍ପଳା ମଧ୍ୟସ୍ଥ ତ୍ରିକୋଣଭୂମି ଅଞ୍ଚଳରେ ଜଳ ସେଚନ ପାଇଁ ସ୍ଥାୟୀ ଯୋଜନା କରାଯାଉଛି । ତଦନୁଯାୟୀ ପ୍ରାୟ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ସେଠାରେ ଏକ ବୃହତ୍ ସେଚ ପ୍ରକଳ୍ପ ନିର୍ମିତ ହେବ । ବୈଷୟିକ ଅନୁମୋଦନ ପାଇଁ ଏହାକୁ କେନ୍ଦ୍ରୀୟ ଜଳ କମିଶନଙ୍କ ନିକଟକୁ ପଠାଯାଇଛି ବୋଲି ସୂଚନା ଦେଇ ସେ କହିଲେ ଯେ ଏହା କାର୍ଯ୍ୟକାରୀ ହେଲେ ସେସବୁ ଅଞ୍ଚଳର ପ୍ରାୟ ୪୫ ହଜାର ଏକର ଜମି ଜଳସେଚିତ ହୋଇପାରିବ ।

ସେ ପୁଣି କହିଲେ ଯେ ଓଡ଼ିଶାକୁ ଦେଶରେ ଏକ ଅଗ୍ରଗାମୀ ରାଜ୍ୟରେ ପରିଣତ କରିବା ଉଦ୍ଦେଶ୍ୟରେ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି । ସେଥିପାଇଁ ରାଜ୍ୟବାସୀଙ୍କଠାରୁ ବିପୁଳ ସମର୍ଥନ ଲାଭକରି ସରକାର ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଥିବାରୁ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏ ଦିଗରେ ଈର୍ଷାପରାୟଣ ହୋଇ ପ୍ରବଳ ବିରୋଧ କରୁଛନ୍ତି । ସେଥିପ୍ରତି ଭ୍ରୂକ୍ଷେପ ନକରି ସରକାର ଲକ୍ଷ୍ୟ ହାସଲ କରିବା ଲାଗି ତାଙ୍କର ଉଦ୍ୟମ ଅବ୍ୟାହତ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଭାବରେ ପ୍ରକାଶ କରିଥିଲେ ।

ପ୍ରାରମ୍ଭରେ ପଶୁପାଳନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଭ୍ରମରବର ବେହେରା ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଲେ ଯେ ପ୍ରତି ୮୦୦ ଗୋ ମହିଷାଦି ପଶୁଙ୍କ ଚିକିତ୍ସା ପାଇଁ ୩ ଗୋଟି ଚିକିତ୍ସାଳୟ ଆବଶ୍ୟକ । ତିର୍ତ୍ତୋଲରେ ଏହା ୨ୟ ଚିକିତ୍ସାଳୟ ହେବ ବୋଲି ସୂଚନା ଦେଇ ସେ କହିଲେ ଯେ ଏହାର ନିର୍ମାଣ କାର୍ଯ୍ୟ ୬ ମାସ ମଧ୍ୟରେ ସଂପୂର୍ଣ୍ଣ ହୋଇଯିବ । ସ୍ଥାନୀୟ ଅଞ୍ଚଳରେ ବହୁ ସଂଖ୍ୟକ ଗାଈଗୋରୁ ଥିବାରୁ ପ୍ରତିଦିନ ଚିକିତ୍ସା ପାଇଁ ଏଠାକୁ ପ୍ରାୟ ୧୫/୨୦ ରୋଗାକ୍ରାନ୍ତ ପଶୁ ଆସିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ସଭାରେ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ଶେଷରେ ପୂର୍ତ୍ତ ବିଭାଗର ଏସ୍. ଇ. ଶ୍ରୀ ଶିବପ୍ରସାଦ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବହେଳିତ ଅଞ୍ଚଳ ପାଇଁ ସରକାର ସଚେତନ —

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ

ରାଜ୍ୟର ସାମୂହିକ ଉନ୍ନତି ତଥା ସମନ୍ୱିତ ବିକାଶକୁ ଦୃଷ୍ଟିରେ ରଖି ଅତୀତରୁ ଅବହେଳିତ ହୋଇ ରହିଆସିଥିବା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉନ୍ନୟନମୂଳକ ଯୋଜନାସବୁ କାର୍ଯ୍ୟକାରୀ ହେଉଛି ବୋଲି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ କହିଛନ୍ତି ।

କୁଜଙ୍ଗ ବ୍ଲକର କୈବର୍ତ୍ତବହୁଳ ଗଣ୍ଡକିପୁର ଗ୍ରାମରେ ଗତ ଅପ୍ରେଲ ୧୫ ତାରିଖରେ ଚୈତ୍ର ଉତ୍ସବ ସମିତି ପକ୍ଷରୁ ଆୟୋଜିତ ଏକ ଜନସମାବେଶରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ଅତୀତରେ ରାଜନୈତିକ ଦୃଷ୍ଟିକୋଣରୁ ସ୍ଥାନ ବିଶେଷରେ ଯୋଜନାସବୁ ହାତକୁ ନିଆ ଯାଇଥିଲେ ମଧ୍ୟ ବର୍ତ୍ତମାନ ସରକାର କୌଣସି ସଂକୀର୍ଣ୍ଣ ଆଞ୍ଚଳିକ ମନୋଭାବ କିମ୍ବା ରାଜନୈତିକ ଦୃଷ୍ଟିକୋଣରୁ ଯୋଜନା କାର୍ଯ୍ୟକାରୀ କରୁ ନାହାନ୍ତି । ଜନସାଧାରଣଙ୍କର ସରକାରଙ୍କ ଉପରେ ଅତୁଟ ବିଶ୍ୱାସ ତଥା ସମର୍ଥନ ରହିଥିବା ଦୃଷ୍ଟିରୁ ସରକାର ଓଡ଼ିଶାକୁ ସମଗ୍ର ଦେଶରେ ଏକ ଉନ୍ନତ ତଥା ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି । ଏରସମା ତିର୍ତ୍ତୋଲ, କୁଜଙ୍ଗ ଅଞ୍ଚଳବାସୀଙ୍କର ଅଭାବ ଅସୁବିଧା ପ୍ରତି ସରକାର ଦୃଷ୍ଟି ରଖି ରାସ୍ତାଘାଟ, ପାନୀୟ ଜଳଯୋଗାଣ, ଗୃହ ନିର୍ମାଣ ଏବଂ ଜଳସେଚନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ସେ ପୁଣି କହିଲେ ଯେ ଏରସମା, ବିଶେଷତଃ ଗଣ୍ଡକିପୁର ଗ୍ରାମର ଅଧିବାସୀମାନେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରି ସ୍ୱାଧୀନତା ସଂଗ୍ରାମରେ ଅଂଶୀଦାର ହୋଇଥିଲେ ମଧ୍ୟ ବିଗତ ସରକାରଙ୍କ ଶାସନ କାଳ ମଧ୍ୟରେ ଏସବୁ ଅଞ୍ଚଳର ଉନ୍ନୟନ ଦିଗରେ ଧ୍ୟାନ ଦିଆଯାଇ ନ ଥିଲା । ଫଳରେ ସେମାନେ ଅବହେଳିତ ଅବସ୍ଥାରେ ରହିଆସିଛନ୍ତି । ଗଣ୍ଡକିପୁର, ଗୋଟିଆକୁଦ, ବଗଡିଆ ଓ ମଙ୍ଗରାଜପୁର ଗ୍ରାମପଞ୍ଚାୟତ ଏବଂ କୁଜଙ୍ଗ ପଞ୍ଚାୟତର ଅର୍ଦ୍ଧେକ ଅଞ୍ଚଳକୁ ପାନୀୟଜଳ ଯୋଗାଇ ଦେବା ଏବଂ ଜଳସେଚନର ସୁବିଧା କରିବା ଲାଗି ହଳଦୀ ପାଣି ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ ସରକାର ତୁରନ୍ତ ହାତକୁ ନେବେ

ବୋଲି ଶ୍ରୀ ବିଶ୍ୱାଳ ବିପୁଳ ହର୍ଷଧ୍ୱନି ମଧ୍ୟରେ ଘୋଷଣା କରିଥିଲେ । ସେ ପୁଣି କହିଲେ ଯେ ପ୍ରସ୍ତାବିତ ଏ ଯୋଜନା ପାଇଁ ବ୍ୟୟ ଅଟକଳ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀଙ୍କର ପରାମର୍ଶ ଅନୁଯାୟୀ ଏହା ନିଶ୍ଚିତ ଭାବରେ କାର୍ଯ୍ୟକାରୀ ହେବ । ଏହା ବ୍ୟତୀତ ଗୋଡାଠାରେ ସେତୁ ନିର୍ମାଣ ପାଇଁ ଏ ବର୍ଷ ବ୍ୟୟ ବରାଦ କରାଯାଇଛି ଏବଂ ବାଲିଡୁଠ ସେତୁର ନିମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସେ ସୂଚନା ଦେଇଥିଲେ ।

ପୂର୍ବରୁ ମୁଖ୍ୟବକ୍ତା ଭାବରେ ଉଦ୍‌ବୋଧନ ଦେଇ ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ଏରସମା ଅଞ୍ଚଳରେ ସଂପୂର୍ଣ୍ଣ ହୋଇଥିବା ଏବଂ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା କେତେକ ଯୋଜନା ସଂପର୍କରେ ବୁଝାଇଥିଲେ । ସେ କହିଲେ ଯେ ଅସଂପୂର୍ଣ୍ଣ ରହିଥିବା ପଞ୍ଚପଲ୍ଲୀ ସେତୁର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ଗଣ୍ଡକିପୁର ଗ୍ରାମବାସୀଙ୍କର ବହୁଦିନରୁ ଦାବୀ ଥିବା ବିଦ୍ୟୁତ୍‌କରଣ କାର୍ଯ୍ୟ ଶ୍ରୀ ବିଶ୍ୱାଳଙ୍କ ଉଦ୍ୟମରେ ସଂପୂର୍ଣ୍ଣ ହୋଇଥିବାରୁ ଶ୍ରୀ ସ୍ୱାଇଁ ମନ୍ତ୍ରୀଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ ।

ଏହି ଉତ୍ସବରେ କୁଜଙ୍ଗ ପଞ୍ଚାୟତ ସମିତିର ଚେୟାରମ୍ୟାନ୍ ଡାଃ ବିପିନ ବିହାରୀ ସାମନ୍ତରାୟ ଓ ଚୈତ୍ର ଉତ୍ସବ ସମିତିର ସେକ୍ରେଟାରୀ ଶ୍ରୀ ବିଜୟ ମାଝୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଭାଷଣ ଦେଇ ଉତ୍ସବର ତାତ୍ପର୍ଯ୍ୟ ଏବଂ ଘୋଡାନାଚର ଇତିହାସ ସଂପର୍କରେ ବୁଝାଇଥିଲେ । ସେମାନେ କହିଲେ ଯେ ଚୈତ୍ର ପୂର୍ଣ୍ଣମୀ ଦିନ ସାଧବମାନଙ୍କର ବୋଇତ ସବୁ ପଣ୍ୟଦ୍ରବ୍ୟ ନେଇ ବିଦେଶରୁ ଫେରି ଆସୁଥିବାରୁ ଏଇ ଦିନ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଏ । ଏହା ବ୍ୟତୀତ ବୋଇତରୁ ବିଭିନ୍ନ ଦ୍ରବ୍ୟ ଅଶ୍ୱ ସାହାଯ୍ୟରେ ପରିବହନ କରାଯାଉଥିବାରୁ ସେହି ପୁରାତନ ସ୍ମୃତିକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଘୋଡାନାଚ କରାଯାଇଛି ବୋଲି ସେମାନେ ପ୍ରକାଶ କରିଥିଲେ ।

ସଭା ପୂର୍ବରୁ ମନ୍ତ୍ରୀ ସମିତିର ଏକ ନବ ନିର୍ମିତ ଗୃହ ଉଦ୍‌ଘାଟନ କରିଥିଲେ ଏବଂ ସଭାସ୍ଥଳରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ସଭାରେ ଅଧ୍ୟକ୍ଷତା କରିଥିଲେ ଡାଃ ନିରଞ୍ଜନ ମହାପାତ୍ର ।

## ସରକାରଙ୍କ ଆଖି ସମାଜରେ ମହିଳାଙ୍କ ମର୍ଯ୍ୟାଦା ଦିଗରେ

ମହିଳାମାନଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେବା, ବିଭିନ୍ନ ନିଯୁକ୍ତିରେ ସ୍ଥାନ ଦେବା ଏବଂ ଆତ୍ମନିଯୁକ୍ତି ପାଇଁ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉପରେ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି ବୋଲି ଯନ୍ତ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି । ଗତକାଲି ଭୁବନେଶ୍ୱର ସହରର ଉପକଣ୍ଠରେ ନିର୍ମିତ ଶ୍ରୀ ସତ୍ୟସାଇ ମହିଳା କଲେଜର ୩ୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ସରକାର ରାଜ୍ୟରେ ଉଚ୍ଚ ଶିକ୍ଷାର ପ୍ରସାର ଲାଗି ବହୁ ସଂଖ୍ୟକ କଲେଜ ପ୍ରତିଷ୍ଠା କରିଛନ୍ତି ଏବଂ କେତେକ ବେସରକାରୀ କଲେଜକୁ ମଧ୍ୟ ବିଶ୍ୱ ବିଦ୍ୟାଳୟର ସ୍ୱୀକୃତି ଦିଆଯାଇଛି । ନାରୀଶିକ୍ଷାର ପ୍ରସାର ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ମହିଳା କଲେଜ ସ୍ଥାପନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ସୂଚନା ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ଗତବର୍ଷ ୪ଟି ମହିଳା କଲେଜ ସରକାର ହାତକୁ ନେବା ସଙ୍ଗେ ସଙ୍ଗେ ଅନ୍ୟ ଏକ କଲେଜ ଆରମ୍ଭ କରିଛନ୍ତି । ଏହା ବ୍ୟତୀତ ୨ଟି ସରକାରୀ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଛି ଏବଂ ୪୪ଟି ବାଳିକା ବିଦ୍ୟାଳୟ ସ୍ଥାପନ ପାଇଁ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ସେ କହିଥିଲେ । ଭୁବନେଶ୍ୱର ଜନସଂଖ୍ୟା କ୍ରମଶଃ ବୃଦ୍ଧି ପାଇଁ ୧୯୯୧ ମସିହା ସୁଦ୍ଧା ପ୍ରାୟ ୭ ଲକ୍ଷରେ ପହଞ୍ଚିଯିବାର ଆଶଙ୍କା ଥିବାରୁ ଏଠାରେ ଅଧିକ ସଂଖ୍ୟକ ମହିଳା କଲେଜ ସ୍ଥାପନ କରିବା ଆବଶ୍ୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କଲେଜରେ ବିଜ୍ଞାନ ପାଠ୍ୟକ୍ରମ ପ୍ରବର୍ତ୍ତନ କରିବାକୁ ପରାମର୍ଶ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ଏଥିପାଇଁ ଆର୍ଥିକ ସାହାଯ୍ୟ ଦିଆଯିବ । ଏହା ବ୍ୟତୀତ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଯୋଗାଣ ଲାଗି ଏକ ପାଠାଗାର ନିର୍ମାଣ ପାଇଁ ଥିବା ଦାବୀ ସଂପର୍କରେ ଉଲ୍ଲେଖ କରି ସେ କହିଲେ ଯେ ଏ ବାବଦରେ ମଧ୍ୟ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା କରାଯିବ ।

ମୁଖ୍ୟବକ୍ତା ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ କହିଲେ ଯେ ରାଜ୍ୟର ନିରକ୍ଷର ବ୍ୟକ୍ତି ମାନଙ୍କ ମଧ୍ୟରେ ଶତକଡ଼ା ପ୍ରାୟ ୭୭ ଭାଗ ମହିଳା । ସେ ପୁଣି କହିଲେ ଯେ ଜଣେ ଯୁବକ ଶିକ୍ଷିତ ହେଲେ ସେ ବ୍ୟକ୍ତିଗତ ଭାବରେ ଉପକୃତ ହେବେ, କିନ୍ତୁ ଜଣେ ମହିଳା ଶିକ୍ଷିତା ହେଲେ ଶିଶୁ ମାନଙ୍କ ସମେତ ସମଗ୍ର ପରିବାର ଓ ସମାଜ ଉପକୃତ ହେବେ । ସେ ଦୃଷ୍ଟିରୁ ଷଷ୍ଠ ଯୋଜନା କାଳ ମଧ୍ୟରେ ନାରୀ ଶିକ୍ଷାର ପ୍ରସାର ଲାଗି ସରକାର ବିଶେଷ ଉଦ୍ୟମ କରୁଛନ୍ତି ।

ପୂର୍ବରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଶ୍ୟାମ ସୁନ୍ଦର ନାଥ ବିବରଣୀ ପାଠ କରି କହିଲେ ଯେ ମୁଖ୍ୟମନ୍ତ୍ରୀ ୧୯୮୧ ଜୁଲାଇ ମାସରେ ଏହି କଲେଜର ଶିଳାନ୍ୟାସ କରିଥିଲେ ଏବଂ ସରକାରୀ ଉଦ୍ୟମରେ ଏହାକୁ ଗତବର୍ଷ ଅଗଷ୍ଟ ମାସରେ ସଂପୂର୍ଣ୍ଣ କରାଯାଇ ପାରିଛି । ଏଥିପାଇଁ ସରକାର ୧୦ ଏକର ଜମି ଯୋଗାଇ ଦେଇଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ । କଲେଜର ଛାତ୍ରୀ ସଂଖ୍ୟା ବର୍ତ୍ତମାନ ୩୮୧ । ଅନ୍ୟାନ୍ୟ ପାଠ୍ୟକ୍ରମ ସମେତ ଏହି କଲେଜରେ ଗୃହ, ବିଜ୍ଞାନ, ମନସ୍ତତ୍ତ୍ୱ, ସାମାଜିକ ବିଜ୍ଞାନ, ସାମ୍ବାଦିକତା ଏବଂ ଫୁଡ୍ କ୍ୟାନିଂ ଇତ୍ୟାଦି ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି । ଛାତ୍ରୀ ନିବାସରେ ବର୍ତ୍ତମାନ

୧୦ ଜଣ ଛାତ୍ରୀ ରହୁଛନ୍ତି ଏବଂ ପ୍ରାୟ ୪୦୦ ଜଣ ଛାତ୍ରୀଙ୍କ ପାଇଁ ଅନ୍ୟ ଏକ ଛାତ୍ରୀ ନିବାସ ନିର୍ମାଣାଧୀନ ଅଛି ବୋଲି କହିଥିଲେ ।

ପ୍ରାରମ୍ଭରେ ଅଧ୍ୟାପିକା ଶ୍ରୀମତୀ ବନ୍ଦିତା ଦେବୀ ସ୍ୱାଗତ ଭାଷଣ ଦେଇ ଭଗବାନ ସତ୍ୟସାଇ ବାବାଙ୍କର ଶିକ୍ଷାନୀତି ସତ୍ୟ, ଶାନ୍ତି, ଅହିଂସା ଓ ଭାରତୀୟ ଉଚ୍ଚ ପରଂପରା ଉପରେ ପର୍ଯ୍ୟବସିତ ବୋଲି ବୁଝାଇଥିଲେ ।

ଶେଷରେ ପୂର୍ତ୍ତ ବିଭାଗ ଶାସନ ସଚିବ ତଥା ଯନ୍ତ୍ରୀ ମୁଖ୍ୟ ଶ୍ରୀ ପ୍ରହଲଦ ପଟ୍ଟନାୟକ କହିଲେ ଯେ ଏହି କଲେଜରେ ନିର୍ମାଣ ପାଇଁ ଶ୍ରୀ ସତ୍ୟସାଇ ୨ ଲକ୍ଷ ଟଙ୍କା ଏବଂ ବଦାନ୍ୟ ଭକ୍ତ ମାନେ ୨ ଲକ୍ଷ ଟଙ୍କା ଦାନ କରିଥିଲେ ।

ଏହି ଉତ୍ସବରେ ଏମ୍. ପି. ଶ୍ରୀମତୀ ପଟ୍ଟନାୟକ ୨ ହଜାର ଟଙ୍କା ଦାନ କରିଥିଲେ । ଏହି ଅର୍ଥକୁ ବ୍ୟାଙ୍କରେ ଜମା ରଖି ଏହାର ସୁଧରେ ପ୍ରତିବର୍ଷ ସବୁ ଦିଗରେ କୃତିତ୍ୱ ହାସଲ କରୁଥିବା ଛାତ୍ରୀଙ୍କୁ ପୁରସ୍କାର ଦିଆଯିବ ବୋଲି ଅଧ୍ୟକ୍ଷ ଘୋଷଣା କରିଥିଲେ ।

## ବିଂଶ ସୂତ୍ରୀ ସମୀକ୍ଷା

ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଉତ୍ତମନ ବେହେରା ଗତ ୧୨ ତାରିଖ ଦିନ ବଲାଙ୍ଗୀର ଜିଲ୍ଲାର ୨୦-ଦଫା ଅର୍ଥ ନୈତିକ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା ପାଇଁ ଆୟୋଜିତ ବୈଠକରେ ପୌରୋହିତ୍ୟ କରିଥିଲେ ।

ବଲାଙ୍ଗୀର ଜିଲ୍ଲାର ମୋଟ୍ ୪.୭୩ ଲକ୍ଷ ହେକ୍ଟର ଚାଷ ଜମି ମଧ୍ୟରୁ ୯୮.୨୮ ହେକ୍ଟର ଜମିରେ ଜଳସେଚନର ସୁବିଧା କରାଯାଇଥିବା ସମୀକ୍ଷାରୁ ଜଣା ଯାଇଛି । ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁଥାନ ପାଇଁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଜଳସେଚନ ଯୋଜନା, ପୋଖରୀ ଓ ବନ୍ଧ ଗୁଡ଼ିକରେ ମାଛଚାଷ ସୁବିଧା ଦେବା ପାଇଁ ଗୋଷ୍ଠୀ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ୧୯୮୩-୮୪ ବର୍ଷରେ ଜିଲ୍ଲାରେ ୫,୭୨୮ ହେକ୍ଟର ଟିପ ଜମିକୁ ଚାଷୋପଯୋଗୀ କରାଯାଇଛି । ଏହା ଲକ୍ଷ୍ୟଧାର୍ଯ୍ୟ ଠାରୁ ୧,୭୨୪ ହେକ୍ଟର ଅଧିକ ।

ଏହି ଜିଲ୍ଲାରେ ଗତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ୫୩୯୫ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଓ ୪୫,୨୬୬ ହେକ୍ଟର ଜମିରେ ତୈଳବୀଜ ଜାତୀୟ ଫସଲ ଚାଷ କରାଯାଇଥିବାର ସମୀକ୍ଷାରୁ ଜଣାଯାଇଛି ।

୧୯୮୩-୮୪ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟଙ୍କ ସମେତ ୧୨,୦୩୯ ଜଣ ସମନ୍ୱିତ ଗ୍ରାମାଞ୍ଚଳ ବିକାଶ ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି ଏହି ସମୟ ମଧ୍ୟରେ ଜାତୀୟ ଗ୍ରାମାଞ୍ଚଳ କର୍ମ ଯୋଗାଣ ଯୋଜନା ଅନୁଯାୟୀ ୫ ଲକ୍ଷ ୫୩ ହଜାର ୨୫୪ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ଜିଲ୍ଲାରେ ୮୭୫ ଏକର ଉଦ୍‌ବୃତ୍ତ ଜମି ବଣ୍ଟନ ପାଇଁ ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ମୋଟ୍ ୧୫୦୯.୬୪୯ ଏକର ଜମି ବଣ୍ଟନ କରାଯାଇଛି । ଏହାଦ୍ୱାରା ୪୪୦ ଜଣ ତଫସିଲଭୁକ୍ତ ଜାତି ଓ ୩୫୫ ଜଣ ତଫସିଲଭୁକ୍ତ ସଂପ୍ରଦାୟଙ୍କ ସମେତ ୧,୧୩୭ ଜଣ ଉପକୃତ ହୋଇଛନ୍ତି । ସିଲିଂ ବହିର୍ଭୂତ ଜମି ଭୂମିହୀନଙ୍କୁ ଦଖଲ ଦେବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେଉଥିବାର ସମୀକ୍ଷା ସମୟରେ ଜଣା ଯାଇଥିଲା । ସେ ସବୁ ଅସୁବିଧା ଦୂର କରିବା ପାଇଁ ସଂପୃକ୍ତ ବିଭାଗ ସହ ଜିଲ୍ଲା ପୁଲିସ୍ କର୍ତ୍ତୃପକ୍ଷ ପୂର୍ଣ୍ଣ ସହଯୋଗ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ଏହି ଜିଲ୍ଲାରେ ୫,୭୮୧ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୨,୩୭୫ ଜଣଙ୍କୁ ଜମି ଭିତ୍ତିକ ଯୋଜନା. ୨୩୧ ଜଣଙ୍କୁ ମାଛ ଚାଷ ଓ ୧,୦୮୩ ଜଣଙ୍କୁ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ଥଇଥାନ କରାଯାଇଛି ।

୧୯୮୩-୮୪ରେ ଆଇ. ଆର. ଡି ଓ ଇ. ଆର. ଆର. ପି. ଯୋଜନା ମାଧ୍ୟମରେ ଜିଲ୍ଲାର ମୋଟ୍ ୩,୨୭୫ଟି ତଫସିଲଭୁକ୍ତ ଜାତି ପରିବାର ଓ ୪,୩୪? ଟି ତଫସିଲଭୁକ୍ତ ସଂପ୍ରଦାୟ ପରିବାରଙ୍କ ଉନ୍ନତି ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୪,୬୯୫ଟି ତଫସିଲଭୁକ୍ତ ଜାତି ପରିବାର ଓ ୨,୭୫୯ଟି ତଫସିଲଭୁକ୍ତ ସଂପ୍ରଦାୟ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ସମୀକ୍ଷାରୁ ଜଣାଯାଇଛି ।

ଏହି ଆର୍ଥିକ ବର୍ଷରେ ୧୫୩ଟି ଗ୍ରାମରେ ସଂପୂର୍ଣ୍ଣ ଭାବେ ଓ ୨୦୦ଟି ଗ୍ରାମରେ ଆଂଶିକ ଭାବରେ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ୨୦୨ଟି ଗ୍ରାମରେ ସଂପୂର୍ଣ୍ଣ ଭାବେ ଓ ୧୭୯ଟି ଗ୍ରାମରେ ଆଂଶିକ ଭାବେ ପାନୀୟଜଳ ଯୋଗାଇ ଦିଆଯାଇଛି ।

ବଲାଙ୍ଗୀର ଜିଲ୍ଲାରେ ୩୫୦ ଜଣ ଗ୍ରାମାଞ୍ଚଳ ଲୋକଙ୍କୁ ଘର ତିଆରି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ମୋଟ୍ ୧,୬୪୯ ଜଣଙ୍କୁ ଘରଡିହ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରେ ୪୬୫ ଜଣ ତଫସିଲଭୁକ୍ତ ଜାତି ଓ ୩୨୨ ଜଣ ତଫସିଲଭୁକ୍ତ ସଂପ୍ରଦାୟ ଲୋକ ଅଛନ୍ତି ।

## ଗ୍ରାମ୍ୟ ପାନୀୟଜଳ ଯୋଜନା

ବାଲେଶ୍ୱର ଜିଲ୍ଲାର ୧୯ ଟି ବ୍ଲକ୍ ଅନ୍ତର୍ଗତ ଗ୍ରାମାଞ୍ଚଳରେ ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧୦,୮୬୯ ନଳକୂପ ଖୋଳାଯାଇଛି । ଭୋଗରାଇ ବ୍ଲକ୍‌ରେ ସର୍ବାଧିକ ୧,୦୧୬ ଟି, ବାହାନଗା

ବ୍ଲକ୍‌ରେ ୭୬୩ଟି, ଜଳେଶ୍ୱର ବ୍ଲକ୍‌ରେ ୭୭୫ଟି ଏବଂ ବାସୁଦେବପୁର ବ୍ଲକ୍‌ରେ ୭୬୨ଟି ନଳକୂପ ବସାଯାଇଛି । ସେହିପରି ଚାନ୍ଦବାଲିରେ ୬୬୮ ଟି, ଖଇରାରେ ୬୨୧ ଟି, ଭଦ୍ରକ ଓ ତିହିଡ଼ିରେ ୬୦୦ ଟି ଲେଖାଏଁ, ବସ୍ତାରେ ୫୭୯ଟି, ବାଲିଆପାଳରେ ୫୭୫ ଟି, ବାଲେଶ୍ୱର ସଦରରେ ୫୭୦ଟି, ଧାମନଗରରେ ୫୫୩ଟି, ବନ୍ତରେ ୫୨୫ଟି, ସିମୁଳିଆରେ ୪୬୨ ଟି, ଭଣ୍ଡାରୀପୋଖରୀରେ ୪୪୮ ଟି, ରେମୁଣାରେ ୩୬୮ ଟି, ସୋରୋରେ ୩୬୧ ଟି, ନୀଳଗିରିରେ ୩୪୩ ଟି ଏବଂ ଓଉପଡ଼ାରେ ୨୮୭ଟି ନଳକୂପ ବସାଯାଇଛି ।

ଅଚଳ ହୋଇପଡ଼ିଥିବା ନଳକୂପଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସଂପ୍ରତି ଜିଲ୍ଲା ଗସ୍ତ କରିବା ସମୟରେ ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଟି. କେ. ରାଓ ଏବଂ କେନ୍ଦ୍ରାଞ୍ଚଳ ଏସ୍. ଇ. ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଗଣତାନ୍ତ୍ରିକ ପଦ୍ଧତିରେ ଆମର ବିଶ୍ୱାସ

**ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ**

ଗତ ସୋମବାର ଦିନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସାଲେପୁରର ନବ ଗଠିତ ପଞ୍ଚାୟତ ସମିତିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ଏ ଉପଲକ୍ଷେ ସେଠାରେ ଅନୁଷ୍ଠିତ ହୋଇଥିବା ଶପଥ ଗ୍ରହଣ ଉତ୍ସବରେ ନବ ନିର୍ବାଚିତ ଚେୟାରମ୍ୟାନ୍ ଶ୍ରୀ ମହେନ୍ଦ୍ର ଚନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ ଏବଂ ୧୯ ଜଣ ସରପଞ୍ଚ ଆନୁଷ୍ଠାନିକ ଭାବରେ ଶପଥ ପାଠ କରିଥିଲେ ।

ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉଦ୍‌ବୋଧନ ଦେଇ ଶ୍ରୀ ବିଶ୍ୱାଳ କହିଲେ ଯେ ଗଣତାନ୍ତ୍ରିକ ଶାସନ ପଦ୍ଧତି ଉପରେ ସରକାରଙ୍କ ଅତୁଟ ବିଶ୍ୱାସ ରହିଥିବାରୁ ପଞ୍ଚାୟତ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଥିଲେ । ନବ ନିର୍ବାଚିତ ସରପଞ୍ଚ ଓ ସମିତି ଚେୟାରମ୍ୟାନ୍‌ଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ବିଶ୍ୱାଳ ସରକାରଙ୍କ ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ କାର୍ଯ୍ୟକ୍ରମ ଗୁଡ଼ିକରେ ସେମାନେ ନିଷ୍ଠାପର ଭାବରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ୧୯୫୫ ମସିହାରେ ଯେତେବେଳେ ଦେଶରେ ବ୍ଲକ କାର୍ଯ୍ୟକ୍ରମ ଆରମ୍ଭ ହେଲା ଏବଂ ବହୁ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଗଲା, ତାହା ସଫଳ ଭାବରେ କାର୍ଯ୍ୟକାରୀ ହୋଇପାରିନଥିଲା । କାରଣ ତତ୍‌କାଳୀନ ପ୍ରଶାସନିକ ବ୍ୟବସ୍ଥା ବ୍ରିଟିଶ୍ ଶାସନ ଅନୁସାରେ ଗଠିତ ହୋଇଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ଭଳି ଗୁରୁ ଦାୟିତ୍ୱକୁ ଉପଯୁକ୍ତ ଭାବରେ ତୁଲାଇ ପାରିଲେ ନାହିଁ । ସାଲେପୁର ଟାଉନ୍‌ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସୀମିତ ସମ୍ବଳ ଦୃଷ୍ଟିରୁ ଆସନ୍ତା ୭ମ ଯୋଜନାରେ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଥିଲେ । ସେ ପୁଣି କହିଲେ ଯେ ଏହି ବ୍ଲକ୍‌ରେ ସ୍ୱାଧୀନତା ପରଠାରୁ ୧୯୮୦ ମଧ୍ୟରେ ମାତ୍ର ୧୧୭ଟି ନଳକୂପ ବସାଯାଇଥିବା ସ୍ଥଳେ ଗତ ୪ ବର୍ଷ ମଧ୍ୟରେ ୪୦୫ଟି ନଳକୂପ ବସାଯାଇଛି । ସାଲେପୁରଠାରେ ଗ୍ରୀଷ୍ମଋତୁରେ ଅସ୍ଥାୟୀ ଭାବରେ ଏକ ଦମକଳ ସ୍ଥାପନ କରିବା ଦିଗରେ ସେ ଉଦ୍ୟମ କରିବେ ବୋଲି ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ଏମ୍. ପି. ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀମତୀ ପଟ୍ଟନାୟକ ପଞ୍ଚାୟତ ସମିତି ପ୍ରାଙ୍ଗଣରେ ୪୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ପଲ୍ଲୀବସ୍ତ୍ର ଗୃହର ଶିଳାନ୍ୟାସ କରିଥିଲେ ।

ପୂର୍ବରୁ ବିଧାୟକ ଶ୍ରୀ ମାୟାଧର ସେଠୀ ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଲେ ଯେ ପୂର୍ତ୍ତ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଲେପୁରଠାରେ ୧ଟି ପ୍ରୋଜେକ୍ଟ ସବ୍‌ଡିଭିଜନ, ରାସ୍ତା ଓ କୋଠାବାଡ଼ିର ୧ଟି ସବ୍‌ଡିଭିଜନ ଏବଂ ସ୍ଥାନୀୟ ଅଞ୍ଚଳରେ ୪ଟି ସେକ୍‌ସନ୍ ଖୋଲାଯାଇଛି । ଫଳରେ ଇତି ମଧ୍ୟରେ ଗମନାଗମନର ସୁବିଧା ପାଇଁ ବହୁ ରାସ୍ତା ଓ ସେତୁ ନିର୍ମିତ ହୋଇଛି ।

## ଆଶ୍ରୟ ସଦନ ଓ ଭୋଜନ କେନ୍ଦ୍ର

କଟକ ଜିଲ୍ଲାର ବନ୍ୟାଗ୍ରସ୍ତ ବ୍ଲକ୍‌ମାନଙ୍କରେ ସରକାର 'ୟୁନିସେଫ୍'ର ସହାୟତାରେ ୧୮ ଟି ଆଶ୍ରୟ ସଦନ ତଥା ଭୋଜନ କେନ୍ଦ୍ର ନିର୍ମାଣ କରିବାକୁ ନିଷ୍ପତ୍ତି କରିଛନ୍ତି । ବନ୍ୟା ସମୟରେ ବିପନ୍ନ ଲୋକମାନେ ସେସବୁ ସ୍ଥାନରେ ଆଶ୍ରୟ ନେଇପାରିବେ ଏବଂ ଅନ୍ୟ ସମୟରେ ସେଗୁଡ଼ିକ ଶିଶୁ ଓ ମହିଳାମାନଙ୍କ ପାଇଁ ଭୋଜନ କେନ୍ଦ୍ର ରୂପେ ବ୍ୟବହୃତ ହେବ । ଏଥିପାଇଁ 'ୟୁନିସେଫ୍' ୭ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି ଏବଂ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ସେହି ଅର୍ଥକୁ ସଂପୃକ୍ତ ୧୮ ଟି ବ୍ଲକ୍‌କୁ ଯୋଗାଇ ଦେଇଛନ୍ତି । ପ୍ରତ୍ୟେକ ସଦନର ନିର୍ମାଣ ବାବଦରେ ୪୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ଏବଂ ଏଥିପାଇଁ ସମାନ ଧରଣର ଏକ 'ପ୍ଲାନ୍' ପ୍ରସ୍ତୁତ କରି ବ୍ଲକ୍‌ଗୁଡ଼ିକୁ ଯୋଗାଇ ଦିଆଯାଇଛି । ବନ୍ୟାଗ୍ରସ୍ତ ୧୮ ଟି ବ୍ଲକ୍‌ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ସଦନ ତଥା କେନ୍ଦ୍ରସବୁ ନିର୍ମିତ ହେବ । ଏହି ବ୍ଲକଗୁଡ଼ିକ ହେଲା:— ରଘୁନାଥପୁର, ବିରିଡ଼ି, ତିର୍ତ୍ତୋଲ, କୁଜଙ୍ଗ, ଏରସମା, ନାଉଗାଁ, ବାଲୀ, ବଡ଼ମ୍ବା, ତିଗିରିଆ, ନରସିଂହପୁର, ଜଗତସିଂହପୁର, ନିଆଳି, କଣ୍ଟାପଡ଼ା, ଗରଦପୁର, ମହାକାଳପଡ଼ା, ମାର୍ଶାଘାଇ, ଡମପଡ଼ା ଏବଂ କଟକ ସଦର୍ ।

## ଗ୍ରାମାଞ୍ଚଳରେ ପାନୀୟଜଳ

ଗ୍ରାମାଂଚଳରେ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଗତ ମାର୍ଚ୍ଚ ମାସରେ ୯୩୪ଟି ଗ୍ରାମରେ ସଂପୂର୍ଣ୍ଣଭାବେ ଓ ୧,୯୧୯ଟି ଗ୍ରାମରେ ଆଂଶିକଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ୧୯୮୩-୮୪ ମସିହାରେ ମୋଟ ୪,୫୦୦ଟି ଗ୍ରାମରେ ସଂପୂର୍ଣ୍ଣ ଭାବେ ଓ ୪,୮୫୦ଟି ଗ୍ରାମରେ ଆଂଶିକଭାବେ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା ।

ଗତ ଆର୍ଥିକ ବର୍ଷରେ ୫୦,୪୯୦ ଜଣଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି ଓ ୪ ହଜାରଟି ଗୃହ ନିର୍ମାଣ ସାହାଯ୍ୟ ପ୍ରଦାନ କରାଯାଇଛି । ଗୃହ ନିର୍ମାଣ ସାହାଯ୍ୟ ପ୍ରଦାନ କ୍ଷେତ୍ରରେ ୧୯୮୩-୮୪ ବର୍ଷରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ପୂରଣ ହୋଇପାରିଛି । ଏହି ସମୟ ମଧ୍ୟରେ ୯,୬୧୦ଟି ଗୃହ ଆର୍ଥିକ ଦୁର୍ବଳଶ୍ରେଣୀ ଲୋକଙ୍କୁ ଯୋଗାଇ ଦିଆଯାଇଛି ଓ ୪୫ ହଜାର ଜଣ ସହରତଳି ବସ୍ତି ବାସିନ୍ଦା ଉପକୃତ ହୋଇଛନ୍ତି ।

## ଶିଳାନ୍ୟାସର ସରକାର ନୁହେଁ ସଂକଳ୍ପର ସରକାର:

**ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ**

ସମ୍ବଲପୁର ଜିଲ୍ଲାର ବୁର୍ଲା ପୂର୍ତ୍ତ ଡ଼ିଭିଜନ ଅନ୍ତର୍ଗତ ରଂଢ ଓ କନ୍କାରାଡ଼ି ନଦୀଗୁଡ଼ିକ ଉପରେ ନିର୍ମିତ ହେବାକୁ ଯାଉଥିବା ୩ଟି ସେତୁର ଭିତ୍ତି ପ୍ରସ୍ତର ପୂର୍ତ୍ତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତକୁମାର ବିଶ୍ୱାଳଙ୍କ ଦ୍ୱାରା ଗତ ମଇ ୨ ଓ ୭ ତାରିଖ ଦିନ ସ୍ଥାପିତ ହୋଇଯାଇଛି ।

ମହୁଲପାଲୀ-ଭେଡ଼େନ୍ ରାସ୍ତାକୁ ବିଚ୍ଛିନ୍ନ କରୁଥିବା ଦନ୍ତାନଦୀ ସେତୁର ନିର୍ମାଣ ପାଇଁ ୫୯ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ସେତୁରେ ୧୦ଟି ଫୁକାର ରହିବ ଏବଂ ଏହାର ଦୈର୍ଘ୍ୟ ହେବ ପ୍ରାୟ ୧୦୮ ମିଟର । ଭେଡ଼େନ୍ଠାରୁ ୩ କି. ମି. ଦୂରରେ ପ୍ରସ୍ତାବିତ ଏହି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ମହୁଲପାଲୀ , ସିଆଳି ଖଣ୍ଡ ହାତ, ଲୁଷିଡ଼ା, ସୁନାସରଲ୍ଲା, ଦେଶଭଟଲୀ, ଚିଟିଣ୍ଡା, ରେମେଣ୍ଡା, ବକ୍ତି ଏବଂ ସଂକୁଡ଼ା ଗ୍ରାମ ପଞ୍ଚାୟତ ଅଂଚଳରେ ସବୁଦିନିଆ ରାସ୍ତା ଯୋଗାଯୋଗ ସ୍ଥାପିତ ହୋଇପାରିବ ।

ସୋହେଲ୍ଲ-ବରପାଲୀ-ବିଜିକା ରାସ୍ତାକୁ ବିଚ୍ଛିନ୍ନ କରୁଥିବା ରଂଢ ନଦୀ ଉପରେ ପ୍ରସ୍ତାବିତ ସେତୁ ପାଇଁ ୪ ଲକ୍ଷ ୨୯ ହଜାର ୮୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୭ଟି ଫୁକାର ବିଶିଷ୍ଟ ଏହି ସେତୁର ଦୈର୍ଘ୍ୟ ହେବ ୨୪୮ ଫୁଟ । ଏହା ସଂପୂର୍ଣ୍ଣ ହେଲେ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲା ମଧ୍ୟରେ ସବୁଦିନିଆ ରାସ୍ତା ଖୋଲିଯିବ ।

ସେହିପରି ଓଡ଼ିଶା ଓ ମଧ୍ୟ ପ୍ରଦେଶ ସୀମାନ୍ତବର୍ତ୍ତୀ କନ୍କରାଡ଼ି ନାଳ ଉପରେ ନିର୍ମିତ ହେବାକୁ ଯାଉଥିବା ଏକ ଉଚ୍ଚ ସେତୁ ପାଇଁ ୭୪ ଲକ୍ଷ ୨୭ ହଜାର ୫୦୦ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ସେତୁରେ ୩ଟି ଫୁକାର ରହିବ ଏବଂ ଏହାର ଦୈର୍ଘ୍ୟ ହେବ ୮୧ ମିଟର । ଏହା ସଂପୂର୍ଣ୍ଣ ହେଲେ ଓଡ଼ିଶାର ଲୁଷିଡ଼ା, କଣ୍ଡାପାଲୀ, ଦେଶିଆପାଲ, ସାଲେପାଲୀ, ଲୁଭା, ଦିସୋରୀ, ଆମ୍ବାବେନା, କପାସିରା, ଭାଇନାଡୋରା, ଲକ୍ଷ୍ମଣପୁର, ଡୁଙ୍ଗୁରୀ ଏବଂ ଉଟଲୀ ଗ୍ରାମ ସମେତ ମଧ୍ୟପ୍ରଦେଶର କଣ୍ଡରପୁର, ସାରିଆ, ବରମଣ୍ଡା, ଏବଂ ସାରଙ୍ଗଗଡ଼ ଗ୍ରାମଗୁଡ଼ିକର ୫୦ ହଜାର ଅଧିବାସୀ ବର୍ଷ ସାରା ଗମନାଗମନର ସୁବିଧା ପାଇବେ ।

ଉପରୋକ୍ତ ୩ଟି ସେତୁର ଶିଳାନ୍ୟାସ କରି ପ୍ରତ୍ୟେକ ସ୍ଥାନରେ ଅନୁଷ୍ଠିତ ବିରାଟ ଜନ ସମାବେଶରେ ଶ୍ରୀ ବିଶ୍ୱାଳ ଉଦ୍‌ବୋଧନ ଦେଇଥିଲେ । ଦନ୍ତା ସେତୁଠାରେ ଏକ ସଭାରେ ବିଧାୟକ ଶ୍ରୀ ଯଦୁମଣି ପ୍ରଧାନ, ରଂଢ ସେତୁଠାରେ ସଭାରେ ବିଧାୟକ ଶ୍ରୀ ରାଜୀବ ଲୋଚନ ହୋତା ଏବଂ କନ୍କରାଡ଼ି ସେତୁଠାରେ ସଭାରେ ବିଧାୟକ ଶ୍ରୀ ମୋହନ ନାଗ ସଭାପତିତ୍ୱ କରିଥିଲେ ।

ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ କହିଲେ ଯେ ଏହି ସେତୁ ୩ଟିର ନିର୍ମାଣ କାର୍ଯ୍ୟ ୨ ବର୍ଷରେ ସଂପୂର୍ଣ୍ଣ ହେବ । ଏହି ସରକାରଙ୍କୁ କେବଳ ଶିଳାନ୍ୟାସର ସରକାର ବୋଲି ଯେଉଁମାନେ ସମାଲୋଚନା କରିଛନ୍ତି ତାହା ଖଣ୍ଡନ କରି ସେ କହିଲେ ଯେ ଶିଳାନ୍ୟାସ ଦିବସକୁ ସେ ସଂକଳ୍ପର ଦିବସ ବୋଲି କହିଥାନ୍ତି ଏବଂ ପ୍ରସ୍ତାବିତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂପୂର୍ଣ୍ଣ କରି ତାହାକୁ ଉଦ୍‌ଘାଟନ କରନ୍ତି । ଏ ଦିଗରେ ବିଭାଗୀୟ ଯନ୍ତ୍ରୀ ଓ ଅଫିସରମାନେ ଅକ୍ଲାନ୍ତ ଶ୍ରମ ସ୍ୱୀକାର କରୁଥିବାରୁ ଶ୍ରୀ ବିଶ୍ୱାଳ ସେମାନଙ୍କୁ ଉଚ୍ଚ ପ୍ରସଂସା କରିଥିଲେ ।' ସମ୍ବଲପୁର ଜିଲ୍ଲାର ଏହିସବୁ ଉପାନ୍ତ ଅଞ୍ଚଳ ଅତୀତର ଅବହେଳିତ ହୋଇ ରହିଆସିଛି ବୋଲି କ୍ଷୋଭ ପ୍ରକାଶ କରି ସେ କହିଲେ ଯେ ସରକାର ଗତ ୪ ବର୍ଷ ମଧ୍ୟରେ ବହୁ ଉନ୍ନୟନମୂଳକ କାମ ହାତକୁ ନେଇଛନ୍ତି ।

ରଂଢ ସେତୁଠାରେ ଆୟୋଜିତ ସଭାରେ ଶ୍ରୀ ବିଶ୍ୱାଳ କହିଲେ ଯେ ଏହି ସୋହେଲ-ବରପାଲୀ- ବିଜିକା ରାସ୍ତା ଜଗନ୍ନାଥ ସଡ଼କ ଭାବରେ ପରିଚିତ । ଏହି ସେତୁ ସଂପୂର୍ଣ୍ଣ ହେଲେ ବଲାଙ୍ଗୀର, ସୋନପୁର ଏବଂ ମଧ୍ୟପ୍ରଦେଶ ପରି ସୁଦୂର ଅଂଚଳର ଜନସାଧାରଣ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ସହଜରେ ଯାତାୟାତ କରିପାରିବେ । ସେ ପୁଣି କହିଲେ ଯେ ବରପାଲୀର ସ୍ୱଭାବ କବି ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ପବିତ୍ର ସ୍ମୃତିରକ୍ଷା କରିବା ଲାଗି ଭୁବନେଶ୍ୱରଠାରେ ତାଙ୍କ ନାମରେ ଏକ ବଡ଼ ଧରଣର ହଲ ନିର୍ମିତ ହେବ । ସର୍ବଭାରତୀୟ ସ୍ତରରେ ଓଡ଼ିଶା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅଗ୍ରଣୀ ହୋଇ ୪ କୋଟି ୨୫ ଲକ୍ଷ ଟଙ୍କା ବୋନସ୍ ଆକାରରେ ପାଇଛି ବୋଲି ଦର୍ଶାଇ ସେ କହିଲେ ଯେ ଏଥିପାଇଁ ଭାରତ ସରକାର ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି । ସେହିପରି ଗୃହ ନିର୍ମାଣ ପ୍ରକଳ୍ପର ସାଫଲ୍ୟ ଯୋଗୁ ଓଡ଼ିଶାକୁ ରୌପ୍ୟ ପଦକ ଏବଂ ଉତ୍କୃଷ୍ଟ ବସ୍ତି ଉନ୍ନୟନ ଯୋଜନା ଯୋଗୁ ବ୍ରୋଞ୍ଜ ପଦକ ଦିଆଯାଇଥିବା ଗୌରବର ବିଷୟ ବୋଲି ଶ୍ରୀ ବିଶ୍ୱାଳ କହିଥିଲେ ।

ଏହିସବୁ ସଭାରେ ରାସ୍ତା ନିର୍ମାଣ ମୁଖ୍ୟଯନ୍ତ୍ରୀ ଶ୍ରୀ ଭୁବନ ମୋହନ ଦାସ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ଶ୍ରୀ ଦିଲ୍ଲୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ର, ଏସ୍. ଇ. ଶ୍ରୀ ବଂଶୀଧର ଷଡ଼ଙ୍ଗୀ ଏବଂ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦଣ୍ଡପାଣି ସାହୁ ପ୍ରମୁଖ ବହୁ ସରକାରୀ ଓ ବେସରକାରୀ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ହଜାରେ ନୁହେଁ ୪୦ ହଜାରେ

୧୯୮୦-୮୧ ମସିହାଠାରୁ ଆଜିଯାଏ ବିଗତ ୪ ବର୍ଷ ମଧ୍ୟରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳମାନଙ୍କରେ ଯୋଜନା ଓ ଅଣ-ଯୋଜନା ଅର୍ଥ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିର ମରାମତି ବାବଦ ମିଳିଥିବା ଆର୍ଥିକ ସାହାଯ୍ୟର ବିନିଯୋଗରେ ସମୁଦାୟ ୪୦ ହଜାର ୯୯୯ଟି ନଳକୂପ ବସାଯାଇଛି । ସେଗୁଡ଼ିକ ମଧ୍ୟରେ ପ୍ରଥମ ଆର୍ଥିକ ବର୍ଷରେ ବସାଯାଇଥିବା ୯,୨୪୫ଟି; ଦ୍ୱିତୀୟ ବର୍ଷରେ ୮,୬୩୦ଟି; ତୃତୀୟ ବର୍ଷରେ ୧୧,୯୧୦ଟି ଏବଂ ଗତ ଆର୍ଥିକ ବର୍ଷରେ ୧୧,୨୧୪ଟି ନଳକୂପ ଅନ୍ତର୍ଭୁକ୍ତ । ଏହି ବର୍ଷମାନଙ୍କରେ ୪୨ ହଜାର ୪୧ଟି ନଳକୂପ ଖନନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ।

କଟକ ଜିଲ୍ଲାରେ ସର୍ବାଧିକ ୯୬୬୪ଟି ନଳକୂପ ବସାଯାଇଛି । ପୁରୀ ଜିଲ୍ଲାରେ ୪୬୯୯ଟି; ସମ୍ବଲପୁରରେ ୪୦୬୯ଟି; ବାଲେଶ୍ୱରରେ ୩,୨୬୬ଟି; ଗଞ୍ଜାମରେ ୩,୦୨୬ଟି ନଳକୂପ ବସାଯାଇଛି । ସେହିପରି ବଲାଙ୍ଗୀର ଜିଲ୍ଲାରେ ୨,୪୯୪ଟି; ଢେଙ୍କାନାଳରେ ୨,୨୫୧ଟି; କେନ୍ଦୁଝରରେ ୨,୪୮୭ଟି; କଳାହାଣ୍ଡିରେ ୧,୭୩୬ଟି; ମୟୂରଭଞ୍ଜରେ ୧ ,୯୬୬ଟି; କୋରାପୁଟରେ ୧,୫୨୬ଟି; ସୁନ୍ଦରଗଡ଼ରେ ୧,୭୩୭ଟି ଏବଂ ଫୁଲବାଣୀରେ ୧,୪୧୮ଟି ନଳକୂପ ବସାଯାଇଛି ।

ଏହିସବୁ ନଳକୂପଖନନ ବାବଦରେ ସମୁଦାୟ ୬୧ କୋଟି ୯୦ ଲକ୍ଷ ଟଙ୍କା ବିନିଯୋଗ ହୋଇଛି ।

## ଯୁବକ ସମାଜପାଇଁ କ୍ରୀଡ଼ାର ପ୍ରସାର–

**ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶ୍ୱାଳ**

ସାଲେପୁରଠାରେ ଉତ୍କଳମଣି ଗୋପବନ୍ଧୁ ସ୍ମାରକୀ ଟୁର୍ଣାମେଣ୍ଟର ଫୁଟ୍‌ବଲ ପ୍ରତିଯୋଗିତାର ଏକାଦଶ ଓ ଚୂଡ଼ାନ୍ତ ଦିବସରେ ଅନୁଷ୍ଠିତ ଏକ ଜନ ସମାବେଶରେ ଶ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇଥିଲେ । ସେ କହିଲେ ଯେ କ୍ରୀଡ଼ା ତଥା ବ୍ୟାୟାମକୁ ଯୁବ ସମାଜ ମଧ୍ୟରେ ଅଧିକ ପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ରାଜ୍ୟର ଗ୍ରାମାଞ୍ଚଳରେ ଥିବା ଆଞ୍ଚଳିକ କ୍ରୀଡ଼ା ଗୁଡ଼ିକ ଉତ୍ସାହିତ କରାଯିବା ସଙ୍ଗେ ସଙ୍ଗେ ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ୍, କ୍ରିକେଟ୍ ଓ ହକି ଖେଳଗୁଡ଼ିକର ମାନବୃଦ୍ଧି କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି । କେତେକ ହାଇସ୍କୁଲରେ 'ସ୍ପୋର୍ଟସ୍' ସବୁ ଖୋଲାଯାଇ ବିଶେଷଜ୍ଞମାନଙ୍କ ସାହାଯ୍ୟରେ ଛାତ୍ର ଛାତ୍ରୀମାନଙ୍କୁ ଉପଯୁକ୍ତ ତାଲିମ ଦିଆଯିବ । ଶ୍ରୀ ବିଶ୍ୱାଳ କହିଲେ ଯେ ଆଦିବାସୀ ବହୁଳ ଅଞ୍ଚଳରେ ଏହିପରି ୨୧ଟି ଏବଂ ଅନ୍ୟ ଅଞ୍ଚଳରେ ୪ଟି ସ୍କୁଲ ଖୋଲାଯିବ । ଏହା ବ୍ୟତୀତ ରାଉରକେଲା ଓ କଟକଠାରେ ଗୋଟିଏ ଲେଖାଏ 'ସ୍ପୋର୍ଟସ୍ ହଷ୍ଟେଲ' ନିର୍ମାଣ କରି ସେଠାରେ କ୍ରୀଡ଼ା ପ୍ରେମୀମାନଙ୍କୁ ମଧ୍ୟ ତାଲିମ ଦିଆଯିବ । ଷ୍ଟାଡ଼ିୟମ୍ ନଥିବା ଜିଲା ଓ ସବ୍‌ଡିଭିଜନ ସଦର ମହକୁମା ଗୁଡ଼ିକରେ ଷ୍ଟାଡ଼ିୟମ୍ ନିର୍ମାଣ ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ, ତଦନୁଯାୟୀ ବ୍ୟାପକ ଯୋଜନା ହୋଇଛି ବୋଲି ସେ ସୂଚନା ଦେଇଥିଲେ । ସେ କହିଲେ ଯେ ୧ ଲକ୍ଷ ଓ ତଦୁର୍ଦ୍ଧ୍ୱ ଲୋକସଂଖ୍ୟା, ୫୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଲୋକସଂଖ୍ୟା ଏବଂ ୫୦ ହଜାରରୁ କମ୍ ଲୋକସଂଖ୍ୟା ବିଶିଷ୍ଟ ସହରାଞ୍ଚଳମାନଙ୍କରେ ବିଭିନ୍ନ ଧରଣର ଷ୍ଟାଡ଼ିୟମ୍ ନିର୍ମିତ ହେବ । ରାଜାରାଣୀ ଲଟେରୀରୁ ବିକ୍ରୟଲବ୍ଧ ଅର୍ଥକୁ କ୍ରୀଡ଼ାର ପ୍ରସାର ଓ ଷ୍ଟାଡ଼ିୟମ୍ ନିର୍ମାଣ ଦିଗରେ ବିନିଯୋଗ କରାଯିବ ବୋଲି ସେ ସୂଚନା ଦେଇଥିଲେ । ଶ୍ରୀ ବିଶ୍ୱାଳ କହିଲେ ଯେ ଜାତୀୟ ସ୍ତରରେ ପ୍ରଧାନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ସ୍ପୋର୍ଟସ୍ ଅଥରିଟିର ଢାଞ୍ଚାରେ ଓଡ଼ିଶାରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଅଥରିଟି ଗଠନ ପାଇଁ ପରିକଳ୍ପନା ରହିଛି ।

ଏହି ସଭାରେ ଏମ୍. ପି. ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଲେ ଯେ କ୍ରୀଡ଼ାର ଉନ୍ନତି ଦିଗରେ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ । ଅତୀତରେ କୌଣସି ସରକାର ଏଥିପାଇଁ ଉତ୍ସାହ ପ୍ରକାଶ କରିନଥିଲେ ବୋଲି ଦର୍ଶାଇ ବର୍ତ୍ତମାନ ସରକାର ସ୍ୱତନ୍ତ୍ର କ୍ରୀଡ଼ା ବିଭାଗ ଖୋଲିବା ଏକ ଉଲ୍ଲେଖନୀୟ ବିଷୟ ବୋଲି ସେ କହିଥିଲେ ।

ସ୍ଥାନୀୟ ବିଧାୟକ ଶ୍ରୀ ମାୟାଧର ସେଠୀ ଓ ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଶ୍ରୀ ମହେନ୍ଦ୍ର ଚନ୍ଦ୍ର ବିଶ୍ୱାଳ ଭାଷଣ ଦେଇ ସାଲେପୁରରେ କ୍ରୀଡ଼ାର ଉନ୍ନତି ଦିଗରେ ମନ୍ତ୍ରୀଙ୍କ ସାହାଯ୍ୟ ସହାନୁଭୂତି କାମନା କରିଥିଲେ ।

## ପୌରସଂସ୍ଥା ପକ୍ଷରୁ ସେବାନୁଷ୍ଠାନ

ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଗତ ଅପ୍ରେଲ ୨୦ ତାରିଖରେ ଭୁବନେଶ୍ୱର ଶହିଦ ନଗରଠାରେ ୧ଟି ମାର୍କେଟ ପ୍ରକଳ୍ପ ଓ ଲିଙ୍ଗରାଜ ମନ୍ଦିର ନିକଟରେ ଅନ୍ୟ ଏକ ମାର୍କେଟ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ବ୍ୟତୀତ ସେ ପୁରୁଣା ଭୁବନେଶ୍ୱରଠାରେ ସୁଭଦ୍ରା ମହତାବ ବାଳିକା ହାଇସ୍କୁଲ ପ୍ରାଙ୍ଗଣରେ ଏକ ବାଳିକା ୟୁ. ପି. ସ୍କୁଲ ନିର୍ମାଣ ପାଇଁ ଶିଳାନ୍ୟାସ କରି ସେଠାରେ ନବ ନିର୍ମିତ ଏକ ବିଜ୍ଞାନାଗାର ଉଦ୍‌ଘାଟନ କରିଛନ୍ତି ।

ତ୍ରିତଳ ବିଶିଷ୍ଟ ଶହିଦ ନଗର ମାର୍କେଟ୍ ପାଇଁ ୧୩ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୧୨ଟି ଦୋକାନ ଘର ଓ ୮ଟି ଶୌଚାଳୟ ନିର୍ମିତ ହେବ । ଏହା ବ୍ୟତୀତ ୨ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟରେ ୧୦ଟି ଛୋଟ ଦୋକାନ ନିର୍ମିତ ହେବ । ସେହିପରି ମନ୍ଦିର ନିକଟ ଦ୍ୱିତଳ ବିଶିଷ୍ଟ ମାର୍କେଟ୍‌ର ନିର୍ମାଣ ପାଇଁ ପୌର ପରିଷଦ ୩୬ ଲକ୍ଷ ୬୨ ହଜାର

ଟଙ୍କା ମଞ୍ଜୁର କରିଛନ୍ତି । ଏହି ମାର୍କେଟ୍‌ରେ ୩୫ଟି ଭଳୁଡଧଉଣର ଦୋକାନ ସମେତ ୧୦୪ଟି ଦୋକାନ ନିର୍ମିତ ହେବ । ଦ୍ୱିତଳ ବିଶିଷ୍ଟ ୟୁ. ପି. ସ୍କୁଲର ନିର୍ମାଣ ଦିଗରେ ୩ ଲକ୍ଷ ୩ ହଜାର ୮୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ବିଜ୍ଞାନାଗାରର ନିର୍ମାଣ ବାବଦରେ ୨ ଲକ୍ଷ ୭୦୦ ଟଙ୍କା ବ୍ୟୟ କରାଯାଇଛି । ମାତ୍ର ୮ ମାସ ପୂର୍ବେ ଶ୍ରୀ ବିଶ୍ୱାଳ ଏହାର ଶିଳାନ୍ୟାସ କରିଥିଲେ ।

ଶ୍ରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ କହିଲେ ଯେ ପୌରସଂସ୍ଥା ସବୁ ସହରବାସୀଙ୍କଠାରୁ ବିଭିନ୍ନ ଟିକସ ସଂଗ୍ରହ କରି ସେବାକାରୀ ଅନୁଷ୍ଠାନ ଭାବରେ ଉନ୍ନୟନମୂଳକ ଯୋଜନା-ମାନ କାର୍ଯ୍ୟକାରୀ କରୁଛନ୍ତି । ସ୍ଥାନୀୟ ପୌରସଂସ୍ଥାର କାର୍ଯ୍ୟାବଳୀ ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରି ସେ କହିଲେ ଯେ ଏଥିମଧ୍ୟରେ ପୁରୁଣା ଭୁବନେଶ୍ୱରଠାରେ କପିଳେଶ୍ୱର ହାଇସ୍କୁଲ, ବାଳିକା ବିଦ୍ୟାଳୟ, ଉତ୍ତରଭଣ୍ଡାର, ସୁଲଭ ଶୌଚାଳୟ, ବିବେକାନନ୍ଦ ମାର୍ଗ ନିର୍ମିତ ହୋଇଛି ଏବଂ ମନ୍ଦିର ଚତୁଃପାର୍ଶ୍ୱ ରାସ୍ତାରେ ଓ ନାଳ ନର୍ଦ୍ଦମାର ଉନ୍ନତି କରାଯାଇଛି । ରାଜଧାନୀର ଉନ୍ନତି ଦିଗରେ ସରକାର ଅଧିକ ଧ୍ୟାନ ଦେଉଛନ୍ତି ବୋଲି ଯାହା କୁହାଯାଉଛି, ସେ ସଂପର୍କରେ ଉଲ୍ଲେଖ କରି ଶ୍ରୀ ବିଶ୍ୱାଳ କହିଲେ ଯେ ପୁରୁଣା ଭୁବନେଶ୍ୱରରେ ମଧ୍ୟ ଏକ କଲ୍ୟାଣ ମଣ୍ଡପ, ଛୋଟ ଷ୍ଟାଡ଼ିୟମ୍, ଟାଉନ୍ ହଲ୍ ଏବଂ ଭୋଗ ମଣ୍ଡପ ନିର୍ମିତ ହେବ । ରାଜଧାନୀ ଓ ପୁରୁଣା ସହରରେ ଆଧୁନିକ ସଭ୍ୟତା ଏବଂ ପ୍ରାଚୀନ ସଂସ୍କୃତିର ବିଚିତ୍ର ସମନ୍ୱୟ ହୋଇଥିବାରୁ ଉଭୟ ସହରର ବିକାଶ ଦିଗରେ ଉଦ୍ୟମ ହେଉଛି ବୋଲି ସୂଚନା ଦେଇ ମନ୍ତ୍ରୀ କହିଲେ ଯେ ଏହାକୁ ଏକ କର୍ପୋରେସନ୍‌ରେ ପରିଣତ କରାଯିବ । ଏଥିପାଇଁ ବିଧାନ ସଭାରେ ବିଲ୍ ଆଗତ ହେବ । ସହରବାସୀଙ୍କ ପାନୀୟ ଜଳ ଯୋଗାଣ ସଂପର୍କରେ ଉଲ୍ଲେଖ କରି ଶ୍ରୀ ବିଶ୍ୱାଳ କହିଲେ ଯେ ବର୍ତ୍ତମାନ ଦୈନିକ ୧୬ ନିୟୁତ ଗ୍ୟାଲନ୍ ପାଣି ଯୋଗାଇ ଦିଆଯାଉଛି । ଦେଶର ଅନ୍ୟ ସହର ତୁଳନାରେ ଏହା ପ୍ରାୟ ୩ ଗୁଣ ଅଧିକ ବୋଲି ଦର୍ଶାଇ ସେ କହିଲେ ଯେ ଆସନ୍ତା ଡ଼ିସେମ୍ବର ସୁଦ୍ଧା ଆଉ ୧୨ ନିୟୁତ ଗ୍ୟାଲେନ୍ ପାଣି ଯୋଗାଇ ଦିଆଯିବ । ଭୁବନେଶ୍ୱର ପୌରାଞ୍ଚଳର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ନରାଜଠାରେ ଏକ ବୃହତ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ ପାଇଁ ପରିକଳ୍ପନା ରହିଛି ବୋଲି ସେ ସୂଚନା ଦେଇଥିଲେ ।

ସମ୍ମାନୀୟ ଅତିଥି ଶ୍ରୀ ସତ୍ୟପ୍ରିୟ ମହାନ୍ତି କହିଲେ ଯେ ଲିଙ୍ଗରାଜ ମନ୍ଦିରର ସୁପରିଚାଳନା ପାଇଁ ଏକ ଚିଠା ଆଇନ ପ୍ରସ୍ତୁତ ହେଉଛି । ସହରର ଉପକଣ୍ଠରେ ବିଭିନ୍ନ କଳକାରଖାନା ଗଢ଼ି-ଉଠୁଥିବାରୁ କୁଶଳୀ କାରିଗରଙ୍କ ଚାହିଦା ପୂରଣ ଲାଗି ଅଧିକ ସଂଖ୍ୟକ ବୈଷୟିକ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ଏହି ସଭାରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ଓ ଶ୍ରୀ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ଭାଷଣ ପ୍ରସଙ୍ଗରେ ସରକାରଙ୍କ ସହରାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଗୁଡ଼ିକର ସାଫଲ୍ୟ ସଂପର୍କରେ ଆଲୋକପାତ କରି ସ୍ଥାନୀୟ କେତେକ ଅଭାବ ଅସୁବିଧା ପ୍ରତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଜଳାଭାବ ଅଞ୍ଚଳରେ ନଳକୂପ ପାଣି

ବର୍ତ୍ତମାନ ପାନୀୟ ଜଳାଭାବ ଥିବା ରାଜ୍ୟର ୭୦ଟି ସହର ଏବଂ ଅଣ-ଚିହ୍ନିତ ଗ୍ରାମମାନଙ୍କରେ ସମୁଦାୟ ୫୨୬ଟି ନଳକୂପ ବସାଇବା ଲାଗି ସରକାର ନିଷ୍ପତ୍ତି କରିଛନ୍ତି । ସହରାଞ୍ଚଳଗୁଡ଼ିକ ପାଇଁ ୧୩୧ଟି ଏବଂ ଅଣ-ଚିହ୍ନିତ ଗ୍ରାମଗୁଡ଼ିକ ପାଇଁ ୩୯୫ଟି ନଳକୂପ ଉର୍ଦ୍ଦିଷ୍ଟ । ଏଥିପାଇଁ ସ୍ୱତନ୍ତ୍ର ଭାବରେ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ତୁରନ୍ତ ନଳକୂପ ସବୁ ବସାଇବା ଦିଗରେ ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲାପାଳ-ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

କଟକ ଜିଲ୍ଲାର ୪ଟି ସହରରେ ୭ଟି ଓ ଗ୍ରାମାଞ୍ଚଳରେ ୩୬ଟି, ପୁରୀର ୬ଟି ସହରରେ ୧୩ଟି ଓ ଗ୍ରାମାଞ୍ଚଳରେ ୨୧ଟି, ବାଲେଶ୍ୱରର ୨ଟି ସହରରେ ୪ ଟି ଓ ଗ୍ରାମାଞ୍ଚଳରେ ୧୨ଟି, କେନ୍ଦୁଝରର ୪ଟି ସହରରେ ୭ଟି ଓ ଗ୍ରାମାଞ୍ଚଳରେ ୧୫ଟି, ମୟୂରଭଞ୍ଜର ୪ଟି ସହରରେ ୬ଟି ଓ ଗ୍ରାମାଞ୍ଚଳରେ ୨୮ଟି, ଗଞ୍ଜାମର ୧୭ଟି ସହରରେ ୨୫ଟି ଓ ଗ୍ରାମାଞ୍ଚଳରେ ୩୬ଟି, ସମ୍ବଲପୁରର ୭ଟି ସହରରେ ୧୬ଟି ଓ ଗ୍ରାମାଞ୍ଚଳରେ ୨୧ଟି ନଳକୂପ ବସାଇବାକୁ ସ୍ଥିର ହୋଇଛି । ସେହିପରି ଫୁଲବାଣୀର ୨ଟି ସହରରେ ୨ଟି ଓ ଗ୍ରାମାଞ୍ଚଳରେ ୩୬ଟି, ସୁନ୍ଦରଗଡ଼ର ୩ଟି ସହରରେ ୭ଟି ଓ ଗ୍ରାମାଞ୍ଚଳରେ ୮ଟି, କୋରାପଟର ୬ଟି ସହରରେ ୧୬ଟି ଓ ଗ୍ରାମାଞ୍ଚଳରେ ୧୧୦ଟି, ଢେଙ୍କାନାଳର ୩ଟି ସହରରେ ୬ଟି ଓ ଗ୍ରାମାଞ୍ଚଳରେ ୨୧ଟି, କଳାହାଣ୍ଡିର ୪ଟି ସହରରେ ୮ଟି ଓ ଗ୍ରାମାଞ୍ଚଳରେ ୩୦ଟି ଏବଂ ବଲାଙ୍ଗୀର ଜିଲାର ୭ଟି ସହରରେ ୧୪ଟି ଓ ଗ୍ରାମାଞ୍ଚଳରେ ୨୧ଟି ନଳକୂପ ବସାଯିବ ।

ନଳକୂପ ନଥିବା ପ୍ରତ୍ୟେକ ଅଣ-ଚିହ୍ନିତ ଗ୍ରାମରେ ଗୋଟିଏ ଲେଖାଏଁ ନଳକୂପ ସ୍ଥାପିତ ହେବ । ଏହି ଗ୍ରାମ ଗୁଡ଼ିକରେ ତାଲିକା ପ୍ରସ୍ତୁତ କରି ତହାକୁ ଯଥାଶୀଘ୍ର ଜନସ୍ୱାସ୍ଥ୍ୟ ସଂସ୍ଥାର ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଇ ଦେବା ଲାଗି ମଧ୍ୟ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

## ଶାରୀରିକ ଅକ୍ଷମଙ୍କ ପାଇଁ

ରାଜ୍ୟରେ ଥିବା ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କ ମଙ୍ଗଳ ଓ ଥଇଥାନ ପାଇଁ ରାଜ୍ୟ ଗୋଷ୍ଠୀ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଶାରୀରିକ ଅକ୍ଷମ ପିଲମାନଙ୍କୁ ସାଧାରଣ, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଦିଆଯାଉଛି । ଏହି ଯୋଜନା ଅନୁଯାୟୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶାରୀରିକ ଅକ୍ଷମ ପିଲମାନଙ୍କୁ ପ୍ରଥମ ଶ୍ରେଣୀ ଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ବୃତ୍ତି ଦେବାର ବ୍ୟବସ୍ଥା କରିଛନ୍ତି । ଚଳିତବର୍ଷ ଏ ବାବଦରେ ୧୨ ଲକ୍ଷ ୨୦ ହଜାର ଟଙ୍କା ଯୋଗାଇ ଦିଆଯାଉଛି ।

ଶାରୀରିକ ଅକ୍ଷମ ଲୋକମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଉତ୍‌ସାହିତ କରିବା ନିମନ୍ତେ କେନ୍ଦ୍ର ସମାଜ ମଙ୍ଗଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ସାହାଯ୍ୟ ପ୍ରଦାନ କରୁଛନ୍ତି । ଶାରୀରିକ ଅକ୍ଷମ ଲୋକମାନଙ୍କର ଶାରୀରିକ, ମାନସିକ ଓ ସାମାଜିକ ଉନ୍ନତି ଘଟାଇବା ପାଇଁ ଗୁଣାତ୍ମକ, ଅଧିକ ସ୍ଥାୟୀ ଓ ଅତ୍ୟାଧୁନିକ ସରଞ୍ଜାମ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ୨୦ ହଜାର ଟଙ୍କା ସ୍ୱତନ୍ତ୍ର ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ ୨ ଲକ୍ଷ ୭୯ ହଜାର ଟଙ୍କା ଦିଆଯାଇଛି । ଏହା ବ୍ୟତୀତ ରୋଗମୁକ୍ତ କୁଷ୍ଠରୋଗୀଙ୍କର ଥଇଥାନ ପାଇଁ ହିନ୍ଦ କୁଷ୍ଠ ନିବାରଣ ସଂଘକୁ ମଧ୍ୟ ୪ ଲକ୍ଷ ୯୦ ହଜାର ଟଙ୍କା ଅନୁଦାନ ଦିଆଯାଇଛି ।

ଭୁବନେଶ୍ୱର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକରେ ଥିବା ଶାରୀରିକ ଅକ୍ଷମଙ୍କ ପାଇଁ 'ଆତ୍ମ ନିଯୁକ୍ତି' ନାମରେ ଏକ ଯୋଜନା ହାତକୁ ନିଆଯାଇଛି । ଏଥିପାଇଁ ଭୁବନେଶ୍ୱର ବ୍ଲକକୁ ୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଶାରୀରିକ ଅକ୍ଷମ ଲୋକମାନେ ଏ ଯୋଜନା ଅନୁଯାୟୀ ଆତ୍ମନିଯୁକ୍ତି ପାଇଁ ସେମାନଙ୍କ ପ୍ରକଳ୍ପ ଲାଗି ଅଧା ଟଙ୍କା ଯେ କୌଣସି ଜାତୀୟ କରଣ ବ୍ୟାଙ୍କରୁ ଋଣସୂତ୍ରରେ ପାଇବେ ଏବଂ ସରକାର ଅଧାଟଙ୍କା ସବ୍‌ସିଡି ଦେବେ ।

ରାଜ୍ୟ ସରକାର ଓ ପବ୍ଲିକ ଅଣ୍ଡରଟେକିଙ୍ଗଗୁଡ଼ିକରେ ଚତୁର୍ଥ ଶ୍ରେଣୀଠାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ନିଯୁକ୍ତି କ୍ଷେତ୍ରରେ ଅନ୍ଧ, କାଲ ଓ ଶାରୀରିକ ବିକଳାଙ୍ଗମାନଙ୍କ ପାଇଁ ଅଲଗା ଅଲଗା ଭାବେ ଶତକଡ଼ା ଏକଭାଗ ଲେଖାଏଁ ସ୍ଥାନ ସଂରକ୍ଷଣ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

ଶାରୀରିକ ଅକ୍ଷମ ଲୋକଙ୍କ ଥଇଥାନ ନିମନ୍ତେ କେନ୍ଦ୍ର ସରକାର ଆମ ରାଜ୍ୟ ପାଇଁ ଏକ ଧନ୍ଦାମୂଳକ ଥଇଥାନ କେନ୍ଦ୍ର ମଞ୍ଜୁର କରିଛନ୍ତି । ଗୋଷ୍ଠୀ ଉନ୍ନୟନ ବିଭାଗର ରାଜ୍ୟ ପ୍ରଶିକ୍ଷଣ ଅନୁଷ୍ଠାନଠାରେ ଏହି କେନ୍ଦ୍ର ଖୋଲିଛି । ଏହି କେନ୍ଦ୍ର ରାଜ୍ୟରେ ଥିବା ଶାରୀରିକ ଅକ୍ଷମ ଲୋକମାନଙ୍କୁ ଧନ୍ଦାମୂଳକ ତାଲିମ ଓ ପରାମର୍ଶ ଦେଇ ସେମାନଙ୍କର ଆତ୍ମନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବ ।

ଶାରୀରିକ ବିକଳାଙ୍ଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଏକ ଅଗ୍ରଗାମୀ ପ୍ରକଳ୍ପ କରାଯାଇଛି । ଏହି ପ୍ରକଳ୍ପ 'ନିପୋଟ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଦୁଇଟିରେ କାର୍ଯ୍ୟ କରିବାର ସ୍ଥିର ହୋଇଛି । ଏହି ପ୍ରକଳ୍ପର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ମୁଖ୍ୟ ଚିକିତ୍ସାଳୟଠାରେ ଖୋଲାଯାଇଛି । ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସମାଜ ମଙ୍ଗଳ ମନ୍ତ୍ରଣାଳୟ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ।

ପୁରୀ ସହରର ବାରବୁଲା କୁଷ୍ଠରୋଗୀଙ୍କର ଥଇଥାନ ନିମନ୍ତେ ହିନ୍ଦ୍ କୁଷ୍ଠ ନିବାରଣ ସଂଘକୁ କେନ୍ଦ୍ର ସରକାର ୯ ଲକ୍ଷ ୯୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି ।

ବର୍ତ୍ତମାନ ରାଜ୍ୟରେ ଥିବା ୧ ଲକ୍ଷ ୧ ହଜାର ୧୩୦ଜଣ ବାର୍ଦ୍ଧକ୍ୟ ଭତ୍ତା ନିରାଶ୍ରୟ ଲୋକଙ୍କୁ ଭତ୍ତା ଦେବା ନିମନ୍ତେ ୩କୋଟି ୧୮ ଲକ୍ଷ ୮୦ ହଜାର ଟଙ୍କା ବିଭିନ୍ନ ସବ୍‌ଡିଭିଜନକୁ ଦିଆଯାଇଛି ।

## ରାହାମାଠାରେ କଳତନ୍ତ ପ୍ରତିଷ୍ଠା

ଏକ ମନୋଜ୍ଞ ପରିବେଶ ମଧ୍ୟରେ ଏବଂ ବିପୁଳ ଉତ୍ସାହ ଉଦ୍ଦୀପନା ସହିତ କଟକ ଜିଲ୍ଲାର ରାହାମା ଠାରେ ଏକ କଳତନ୍ତ ପ୍ରକଳ୍ପର ଭିତ୍ତି ପ୍ରସ୍ତର ପୂର୍ବ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ସ୍ଥାପିତ ହୋଇଯାଇଛି ।

୧ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏହି ପ୍ରକଳ୍ପରେ ରାଜ୍ୟ ସରକାର ୨୪ ଲକ୍ଷ ଟଙ୍କା ବିନିଯୋଗ କରିବେ ଏବଂ ସବ୍‌ସିଡ଼ି ଆକାରରେ ୧୪ ଲକ୍ଷ ୫୦ ହଜାର ଟଙ୍କା ସାହାଯ୍ୟ ଦେବେ । ଏଥିପାଇଁ ଉପିକଲ ଓ ଓଡ଼ିଶା ରାଜ୍ୟ ଅର୍ଥ ଲଗାଣ ନିଗମ ୮୦ ଲକ୍ଷ ଟଙ୍କା ଋଣ ମଞ୍ଜୁର କରି ସାରିଲେଣି । ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ନିକଟବର୍ତ୍ତୀ ନାଉପିରା ଠାରେ ପ୍ରତିଷ୍ଠିତ ହେଉଥିବା ସମବାୟ ସୂତାକଳରୁ ଉତ୍ପାଦିତ ସୂତା ଏ କଳତନ୍ତ ପ୍ରକଳ୍ପରେ ବ୍ୟବହୃତ ହେବ । ଏହି କାରଖାନାର ନିର୍ମାଣ ଦାୟିତ୍ୱ ରାଜ୍ୟ ଭିତ୍ତିଭୂମି ଉନ୍ନୟନ ସଂସ୍ଥା ବହନ କରିଛନ୍ତି ।

ଏ ଉପଲକ୍ଷେ ଆୟୋଜିତ ଏକ ବିରାଟ ସାଧାରଣ ସଭାରେ ରାଷ୍ଟ୍ରମନ୍ତ୍ରୀ କହିଲେ ଯେ ୧୫୦ ତନ୍ତ ବିଶିଷ୍ଟ ଏହି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ବାର୍ଷିକ ୧ କୋଟି ୭୬ ଲକ୍ଷ ଟଙ୍କା ମୂଲ୍ୟର ଧୋତି, ଶାଢ଼ୀ, ଗାମୁଛା, ଲୁଙ୍ଗି, ଚଦର ଏବଂ କନା ଉତ୍ପାଦିତ ହେବ । ଓଡ଼ିଶାର କର୍ମକ୍ଷମ ଲୋକମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୨ ଭାଗ ଲୋକ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇପାରିଛନ୍ତି । ଏହି ଦୃଷ୍ଟିରୁ ରାଜ୍ୟ ସରକାର ଶିଳ୍ପ ପ୍ରସାରକୁ ତ୍ୱରାନ୍ୱିତ କରିବାକୁ ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ଏହା ସଫଳତାର ସହିତ କାର୍ଯ୍ୟକାରୀ ହୋଇଆସୁଛି । ଘରୋଇ ଉଦ୍ୟମରେ ଭଦ୍ରକ ନିକଟରେ ଗୋଟିଏ ଫେର୍ରୋକ୍ରୋମ୍ କାରଖାନା ପ୍ରତିଷ୍ଠିତ ହୋଇ ସାରିଛି । ଅନ୍ୟ ଏକ ଫେର୍ରୋକ୍ରୋମ୍ କାରଖାନା ଓ. ଏମ୍. ସି. ଦ୍ୱାରା କେନ୍ଦୁଝରର ବାମନିପାଲଠାରେ ପ୍ରତିଷ୍ଠିତ ହେଉଛି ଏବଂ ଚୌଦ୍ୱାରଠାରେ ଅନ୍ୟ ଏକ ଫେର୍ରୋ କ୍ରୋମ କାରଖାନାର ଭିତ୍ତିପ୍ରସ୍ତର କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା ସ୍ଥାପିତ ହେଉଛି । ଖଣିଜ ସଂପଦ ପରିପୂର୍ଣ୍ଣ ଓଡ଼ିଶାରେ ଦେଶର ଶତକଡ଼ା ପ୍ରାୟ ୯୨ ଭାଗ କ୍ରୋମାଇଟ୍ ଗଚ୍ଛିତ ଥିବା ବେଳେ ସମସ୍ତ କ୍ରୋମ୍ ପଥର ବିଦେଶକୁ ରପ୍ତାନୀ ନକରି, ତାକୁ ଶିଳ୍ପଜାତ ପଦାର୍ଥ ରୂପେ ଅଧିକ ମୂଲ୍ୟରେ ବିଦେଶକୁ ରପ୍ତାନୀ କରାଯାଉଛି । ପ୍ରାୟ ୪୫ କୋଟି ଟଙ୍କାରେ ସ୍ଥାପିତ ଫେର୍ରୋକ୍ରମ୍ କାରଖାନାରୁ ବାର୍ଷିକ ରପ୍ତାନୀର ମୂଲ୍ୟ ୨୦ କୋଟି ଟଙ୍କା ହେବ ।

ଏହା ପୂର୍ବରୁ ଶ୍ରୀ ବିଶ୍ୱାଳ ରାହାମା କଲେଜର ପରିଚାଳନା କମିଟି ବୈଠକରେ ଯୋଗ ଦେଇଥିଲେ ଏବଂ ରାହାମାଠାରେ ଗ୍ରାମପଞ୍ଚାୟତ ଗୃହ ଓ କୃଷକ ବନ୍ଧୁ କେନ୍ଦ୍ର ଗୃହର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରାହାମାଠାରେ ରାଜ୍ୟ ହସ୍ତତନ୍ତ ବସ୍ତ୍ରର ଏକ ବିକ୍ରୟ କେନ୍ଦ୍ର ମଧ୍ୟ ଶ୍ରୀ ବିଶ୍ୱାଳ ଉଦଘାଟନ କରିଥିଲେ ।

## ବିକାଶ ପାଇଁ ପରିବହନ ବ୍ୟବସ୍ଥା

ରାଜ୍ୟର ତ୍ୱରାନ୍ୱିତ ଅର୍ଥନୈତିକ ଅଗ୍ରଗତି ନିମନ୍ତେ ସୁଦୃଢ଼ ପରିବହନ ବ୍ୟବସ୍ଥା ଏକାନ୍ତ ଆବଶ୍ୟକବୋଲି ରାଜସ୍ୱ ଓ ପରିବହନ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର କହିଛନ୍ତି ।

ତାଳଚେରଠାରେ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ନିର୍ମିତ ଏକ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନକରି ଶ୍ରୀ ମହାପାତ୍ର କହିଲେ ଯେ ପ୍ରାକୃତିକ ସଂପଦ ଭରା ଓଡ଼ିଶାର ସାମୂହିକ ବିକାଶ କ୍ଷେତ୍ରରେ ପରିବହନର ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ରହିଛି । ତେଣୁ, ରାଜ୍ୟ ସରକାର ସମଗ୍ର ପରିବହନ ବ୍ୟବସ୍ଥାକୁ ସୁଦୃଢ଼ ଓ ସମନ୍ୱିତ କରିବାକୁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଆଧୁନିକ ପ୍ରଗତି ପରିପ୍ରେକ୍ଷୀରେ ଜନସାଧାରଣ ପରିବହନ କ୍ଷେତ୍ରରେ ଅଧିକ ସୁଖସୁବିଧା ଆଶାକରୁଥିବାରୁ ଓ ଦୈନଂଦିନ ଜୀବନଯାତ୍ରାପାଇଁ ଏହାଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହେଉଥିବାରୁ ସେମାନଂକ ସୁବିଧା ମେଂଟାଇବାପାଇଁ ଆପାତତଃ ରାଜ୍ୟର ୬ଟି ଜିଲ୍ଲାରେ ବ୍ୟାନର ସିମ୍‌ ସ୍କିମ୍ କରାଯାଉଛି । ଏହାବ୍ୟତୀତ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଓ ଓଡ଼ିଶା ସଡ଼କ ପରିବହନ କଂପାନୀ ମଧ୍ୟରେ ଅଧିକ ସମନ୍ୱୟ ଅଣାଯାଉଛି । ଫଳରେ ପରିବହନ କ୍ଷେତ୍ରରେ ଅଯଥା ପ୍ରତିଯୋଗିତା ରୋକାଯାଇ ଯାତ୍ରୀମାନଂକ ସୁଖସୁବିଧା ପ୍ରତି ଦୃଷ୍ଟି ଦିଆଯିବା ସଂଗେ ସଂଗେ ରାଜ୍ୟର ଆୟ ମଧ୍ୟ ବୃଦ୍ଧି କରାଯାଇ ପାରିବ । ତେଣୁ, ବ୍ୟାନର ସ୍କିମ୍‌କୁ ସଫଳ କରିବାକୁ ଶ୍ରୀ ମହାପାତ୍ର ଜନସାଧାରଣଂକ ସହଯୋଗ କାମନା କରିଥିଲେ । ଭାରତର ଶିଳ୍ପ ମାନଚିତ୍ରରେ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଏହି ତାଳଚେର ଅଂଚଳର ଉନ୍ନତି ଦିଗରେ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିପାଇଁ ଏଠାର ବିଭିନ୍ନ ସ୍ଥାନକୁ ଅଧିକ ବସ୍ ଚଳାଚଳର ବ୍ୟବସ୍ଥା କରାଯାଉଛି । ଉଦ୍‌ଘାଟିତ ହୋଇଥିବା ବସ୍‌ଷ୍ଟାଣ୍ଡ ଓ ଯାତ୍ରୀ ବିଶ୍ରାମାଗାର ଜନସାଧାରଣଂକ ପାଇଁ ବିଶେଷ ଉପଯୋଗୀହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ପରିବହନ ନିଗମର ଚେୟାରମ୍ୟାନ୍ ଶ୍ରୀ ରସାନଂଦ ସାହୁ ଏହି ଉତ୍ସବରେ ଅଧ୍ୟକ୍ଷତାକରି ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରିବହନ ବ୍ୟବସ୍ଥାର ସାମୂହିକ ଉନ୍ନତି ଓ ସଂପ୍ରସାରଣପାଇଁ ଏହି ନିଗମକୁ ୨କୋଟି ୫୦ଲକ୍ଷ ଟଂକା ମଂଜୁର କରିଥିବା ଦର୍ଶାଇଥିଲେ । ଇତିମଧ୍ୟରେ ପରିବହନ ନିଗମପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସେ ସୂଚନା ଦେଇଥିଲେ । ଉତ୍ସବରେ ପ୍ରାରମ୍ଭିକ ଭାଷଣ ଦେଇ ପାଲଲହଡ଼ା ବିଧାୟକ ଶ୍ରୀ ବିବୁଧେଂଦ୍ର ପ୍ରତାପ ଦାସ ତାଳଚେର ସହରର ରାଣୀପାର୍କ, ସୌଭାଗ୍ୟ ସାଗରର ପୁନରୁଦ୍ଧାର ସହିତ ସମଗ୍ର ସହରର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଂକ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବିଂଶସୂତ୍ରୀ ସମୀକ୍ଷା

ଗତ ମଇ ୮ ତାରିଖ ଦିନ ସମ୍ବଲପୁର ଜିଲ୍ଲା କଲେକ୍ଟରେଟ୍ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏହି ଜିଲ୍ଲାର ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ଶ୍ରୀ ମହାପାତ୍ର କହିଲେ ଯେ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସଂପୃକ୍ତ ଅଫିସରମାନେ ସତର୍କ ପ୍ରହରୀଭାବେ କାର୍ଯ୍ୟ କରିବା ଉଚିତ । ରାଜ୍ୟର ବିକାଶପାଇଁ ୨୦-ଦଫା କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିପାଇଁ ଧାର୍ଯ୍ୟହୋଇଥିବା ଲକ୍ଷ୍ୟ ସଫଳତାର ସହିତ ହାସଲ କରିବା ନିମନ୍ତେ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ।

ଏହି ସମୀକ୍ଷାରୁ ପ୍ରକାଶ ଯେ ଜିଲ୍ଲାରେ ୧୯୮୧ ମସିହାସୁଦ୍ଧା ମୋଟ୍ ଜଳସେଚିତ ଜମିର ପରିମାଣ ୮୧,୩୭,୮୦୩ ଏକର ଥିବାସ୍ଥଳେ ୧୯୮୩ ମସିହା ଶେଷସୁଦ୍ଧା ଅଧିକ ୬୪,୦୬୩ଏକର ଜମିକୁ ଜଳସେଚନର ସୁବିଧା ସଂପ୍ରସାରିତ କରାଯାଇଛି । ଏଥିମଧ୍ୟରୁ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ, ଉଠା-ଜଳସେଚନ, ସେଚକୂପ ଓ ପୁଷ୍କରିଣୀ ମାଧ୍ୟମରେ ଯଥାକ୍ରମେ ୫୧୧୮ ଏକର ୨୪,୦୦୫ ଏକର ୫ ହଜାର ଏକର, ୧୭,୬୨୦ ଏକର ଏବଂ ୬୨୦ ଏକର ଜମି ଜଳସେଚିତ ହୋଇପାରିଛି । ଏହା ଫଳରେ ଜିଲ୍ଲାର ଜଳସେଚିତ ଜମିର ପରିମାଣ ଶତକଡ଼ା ୧୭.୪୨ଭାଗରୁ ୨୧ ଭାଗକୁ ବୃଦ୍ଧି ପାଇଛି । ଜାତୀୟ ଶ୍ରମ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ୭,୧୫,୦୦୦ ଶ୍ରମ ଦିବସ ସୃଷ୍ଟି କରାଯାଇ ଗାଁ ଗହଳିର ଶ୍ରମଜୀବୀମାନଂକୁ ସାହାଯ୍ୟ କରାଯାଉଛି । ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମରେ କୃଷି, କ୍ଷୁଦ୍ର ଜଳସେଚନ, ପଶୁପାଳନ, ମାଛଚାଷ, ହସ୍ତଶିଳ୍ପ ଆଦି ଧଂଦା ଦ୍ୱାରା ଜିଲ୍ଲାର ୧୫୦୫୧ ଜଣ ଲୋକଂକୁ ୨୫୭ଲକ୍ଷ ଟଂକା ଋଣ ଆକାରରେ ଓ ୬୮ଲକ୍ଷ ଟଂକା ଅନୁଦାନ ଆକାରରେ ଯୋଗାଇ ଦିଆଯାଉଛି । ସେହିପରି ଇ. ଆର. ଆର. ପି. ଯୋଜନା ଅନୁସାରେ ଜିଲ୍ଲାର ମୋଟ୍ ୬,୩୩୨ଜଣ ଲୋକଂକୁ ବିଭିନ୍ନ ଧଂଦା ମାଧ୍ୟମରେ ଥଇଥାନ କରାଯାଇଛି ।

୮,୯୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଂକୁ ପ୍ରଧାନମନ୍ତ୍ରୀଂକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଯାୟୀ ୪୨ଲକ୍ଷ ଟଙ୍କାର ସାହାଯ୍ୟ ମିନିକିଟ୍, ଫଳଗଛ, କୂପଖନନ ଓ ଉଠା ଜଳସେଚନ ନିମନ୍ତେ ଯୋଗାଇ ଦିଆଯାଉଛି । ଏହାଛଡ଼ା ମାର୍ଚ୍ଚ ୧୯୮୪ ସୁଦ୍ଧା ୨,୭୧୧ଜଣ ଗୋତି ଶ୍ରମିକଂକୁ ଚିହ୍ନଟ କରାଯାଇ ତନ୍ମଧ୍ୟରୁ ୧,୯୪୫ ଜଣଂକୁ ଥଇଥାନ କରାଯାଇଛି । ଜିଲ୍ଲାରେ ପାନୀୟ ଜଳର ଅଭାବ ଦୂରକରିବାପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧,୧୦୮ଟି ଜଳକଷ୍ଟ ଗ୍ରାମ ମଧ୍ୟରୁ ଏଯାବତ୍ ୭୫୬ଟି ଗ୍ରାମରେ ନଳକୂପ ବସାଯାଇଛି । ଅବଶିଷ୍ଟ ଗ୍ରାମମାନଂକରେ ତୁରନ୍ତ ନଳକୂପ ବସାଇବା ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୧୯୮୪ ଶେଷ ସୁଦ୍ଧା ଜିଲ୍ଲାର ୩୬୦୦ ବାସହୀନ ଲୋକଂକ ମଧ୍ୟରୁ ମୋଟ ୩,୩୮୨ ଜଣଂକୁ ଘରଡ଼ିହ ଯୋଗାଇ ଦିଆଯାଇଛି ଏବଂ ୪,୫୬୦ ଏକର ଜମି ଭୂମିହୀନ ଲୋକମାନଂକ ମଧ୍ୟରେ ବଂଟାଯାଇଛି । ମରୁଡ଼ି ପ୍ରପୀଡ଼ିତ ଅଂଚଳରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ୪୩ ଲକ୍ଷ ଟଂକା ଖର୍ଚ୍ଚ ହୋଇଥିବା ମଧ୍ୟ ସମୀକ୍ଷାରୁ ପ୍ରକାଶ ।

# ଜଗନ୍ନାଥ ବିଗ୍ରହ

ଡକ୍ଟର ନବୀନ କୁମାର ସାହୁ

ଜଗନ୍ନାଥଙ୍କ ବିଗ୍ରହ ତିନିଅକ୍ଷରର ସମାହାର 'ଓଁ' ର ରୂପାନ୍ତର ବୋଲି ଅନେକ କହିଥାନ୍ତି । ଆଲେକ୍‌ଜାଣ୍ଡର କନିଂହାମ୍‌ଙ୍କ ମତରେ ଜଗନ୍ନାଥ ହେଉଛନ୍ତି ବୌଦ୍ଧ ତ୍ରିରତ୍ନ ସଂକେତର ଅଭିବୃତ୍ତି ମାତ୍ର । ସାଞ୍ଚି ସ୍ତୁପର ତୋରଣ ଉପରେ ସେହି ବୌଦ୍ଧ ତ୍ରିରତ୍ନ ମୂର୍ତ୍ତି ସ୍ଥାପନ କରାଯାଇଥିବା ଦେଖାଯାଏ ଏବଂ କନିଂହାମ୍ ସ୍ୱରଚିତ "ଭିଲସା ଟୋପ୍‌ସ୍" ପୁସ୍ତକରେ କେତେକ ଯୁକ୍ତି ଦର୍ଶାଇ ସେହି ଅଭିମତକୁ ସମର୍ଥନ କରିଅଛନ୍ତି ତାଙ୍କର ମତରେ ଜଗନ୍ନାଥଙ୍କ ପୂଜା ହେଉଛି ବୁଦ୍ଧ, ଧର୍ମ ଏବଂ ସଂଘ ଏହି ତ୍ରିରତ୍ନର ଉପାସନା ବ୍ୟତୀତ ଅନ୍ୟକିଛି ନୁହେଁ । ଡକ୍ଟର ମହତାବ କନିଂହାମ୍‌ଙ୍କ ଯୁକ୍ତି ଗ୍ରହଣ କରି ଜଗନ୍ନାଥଙ୍କ ବିଗ୍ରହ ଏବଂ ବୌଦ୍ଧ ତ୍ରିରତ୍ନ ସଂକେତ ମଧ୍ୟରେ ବିଶେଷ ସାମଞ୍ଜସ୍ୟ ଥିବାର ଯୁକ୍ତି ଦର୍ଶାଇ ଅଛନ୍ତି । କଲିକତା ବିଶ୍ୱବିଦ୍ୟାଳୟର ଆଶୁତୋଷ ମ୍ୟୁଜିୟମଠାରେ ସଂରକ୍ଷିତ ଏକ ତ୍ରିରତ୍ନ ବିଗ୍ରହର ପ୍ରାଚୀନତା ପ୍ରତିପାଦନ କରି ଡକ୍ଟର ମହତାବ ତାହା ସଦୃଶ ମୂର୍ତ୍ତିର ପରବର୍ତ୍ତୀ ବିକାଶ ରୂପେ ଜଗନ୍ନାଥଙ୍କ ବିଗ୍ରହ ଗଢ଼ା ହୋଇଥିବା ଅଭିମତର ସୂଚନା ଦେଇଅଛନ୍ତି । ସାଞ୍ଚି ଓ ବରହୁତ ସ୍ତୁପରେ ତ୍ରିରତ୍ନ ସଂକେତର ତିନୋଟିକରି ବିଗ୍ରହ ସଂସ୍ଥାପିତ ହୋଇଥିବା ଦେଖାଯାଏ । ଏବଂ ସେହି ପରଂପରା ରକ୍ଷାକରି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ତିନି ପ୍ରତିମା ପ୍ରତିଷ୍ଠା କରାଯାଇଥିବା ଯୁକ୍ତି କରାଯାଏ । ପ୍ରତ୍ୟେକଟି ତ୍ରିରତ୍ନ ସଂକେତ ବୁଦ୍ଧ, ଧର୍ମ ଓ ସଂଘ ତ୍ରିସରଣର ସମାବେଶ ରୂପେ ପରିକଳ୍ପିତ ହୋଇଥିବା ଦୃଷ୍ଟିରୁ ତାହା ତିନିଥର ସ୍ଥାପନ କରାଯିବାରେ ତ୍ରିସରଣର ତିନିଥର ଅଭିବ୍ୟକ୍ତି ସଂପାଦନ କରାଯାଇଅଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଏହି ଯେ ମନମୋହନ ଗାଙ୍ଗୁଲି ପ୍ରମୁଖ ପଣ୍ଡିତ ବୌଦ୍ଧ ତ୍ରିରତ୍ନ ସଂକେତକୁ ବୈଦିକ "ଓଁ" ଅକ୍ଷରର ଏକ ପରିପ୍ରକାଶ ବୋଲି ମତ ପ୍ରଦାନ କରନ୍ତି, ତାହା ଯଦି ନିର୍ଭୁଲ ସତ୍ୟ ବୋଲି ବିବେଚନା କରାଯାଏ ତେବେ ଜଗନ୍ନାଥଙ୍କ ବିଗ୍ରହ ମୂଳତଃ 'ଓଁ' ଅକ୍ଷରରୁ ରୂପ ଲାଭ କରିଥିବା ଯୁକ୍ତି ଗ୍ରହଣୀୟ ହେବ । ମାତ୍ର ମନମୋହନ ଗାଙ୍ଗୁଲି ତଥା କନିଂହାମ୍‌ଙ୍କ ଯୁକ୍ତିମାନ ବହୁ ପରିମାଣରେ ଅନୁମାନ ଓ ଆତ୍ମ ଦୃଷ୍ଟି ଦ୍ୱାରା ଅନୁରଞ୍ଜିତ ହୋଇଥିବା କେତେକ ବିଶେଷଜ୍ଞଙ୍କ ମତ ।

ପୁଣି କର୍ଣ୍ଣେଲ୍ ସାଇକ୍‌ସ୍ କହନ୍ତି, ଜଗନ୍ନାଥଙ୍କ ବିଗ୍ରହ ଏକ କ୍ଷୁଦ୍ର ବୌଦ୍ଧ ଚୈତ୍ୟ ମାତ୍ର । [illegible] ଚୈତ୍ୟ ବା ସ୍ତୁପର ଅଭ୍ୟନ୍ତରରେ ବୁଦ୍ଧ କିମ୍ବା କୌଣସି ପ୍ରଖ୍ୟାତ ଅର୍ହତଙ୍କର ଶରୀର ଧାତୁ ସଂରକ୍ଷଣ କରି ତାହାର ଅର୍ଚ୍ଚନା କରାଯାଉଥାଏ । ସେହିପରି ହସ୍ତପଦ ବିହୀନ ଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ 'ବ୍ରହ୍ମ' ରୂପେ ଏକ ଅଜ୍ଞାତ ଅବଶେଷ ସ୍ଥାପନ କରାଯାଇ ପୂଜା କରାଯାଉଅଛି । ସେହି ଅବଶେଷ ବା ଧାତୁକୁ ଅନେକେ "ବିଷ୍ଣୁ ପଞ୍ଜର" ବୋଲି ପ୍ରକାଶ କରିଥାନ୍ତି । ଜଗନ୍ନାଥ ସଂପର୍କୀୟ କେତେକ ଗ୍ରନ୍ଥରେ ଉଲ୍ଲେଖ ମିଳେ ଯେ ଶ୍ରୀକୃଷ୍ଣଙ୍କ ମର ଶରୀର ଦାହ କରିବା ପରେ ତାଙ୍କର ଦେହାବଶେଷ ଓ ଦରପୋତ୍ର ନିମ୍ବକାଷ୍ଠ ସମୁଦ୍ରରେ ଭାସିଆସି ପୁରୀ ଉପକୂଳରେ ପହଞ୍ଚିଥିଲା ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନ ତାହା ଉଦ୍ଧାର କରି ତହିଁରୁ ଚାରୁ-ବ୍ରହ୍ମଙ୍କ ପ୍ରତିମା ନିର୍ମାଣ କରିଥିଲେ ଓ ଦାରୁ ସହିତ ଭାସି ଆସିଥିବା ବିଷ୍ଣୁ ପଞ୍ଜରକୁ ପ୍ରତିମାଙ୍କ ନାଭିମଣ୍ଡଳରେ ସଂରକ୍ଷଣ କରି ମନ୍ଦିରରେ ପ୍ରତିଷ୍ଠା କରାଇଥିଲେ । ହାମିଲ୍‌ଟନ୍ ତାଙ୍କର "ହିନ୍ଦୋସ୍ତାନ" ପୁସ୍ତକରେ ଏହି ଅଭିମତର ବିଶେଷ ବିବରଣୀ ପ୍ରଦାନ କରି ଅଛନ୍ତି । ତାହାର କଥାବସ୍ତୁ ସେ "ନାରଦ ସଂବାଦ" ନାମକ ଏକ ଗ୍ରନ୍ଥରୁ ସଂଗ୍ରହ କରିଥିବା ସୂଚନା ଦେଇ ଅଛନ୍ତି । ହାମିଲ୍‌ଟନ୍‌ଙ୍କ ଗ୍ରନ୍ଥ ୧୮୨୦ ସାଲରେ ପ୍ରକାଶିତ ଏବଂ "ନାରଦ ସଂବାଦ" ବଙ୍ଗଳା ଭାଷାରେ ରଚିତ ପୁସ୍ତକ—ସେହି ପୁସ୍ତକ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ।

ରାଜେନ୍ଦ୍ରଲାଲ ମିତ୍ରଙ୍କ ମତରେ ଜଗନ୍ନାଥ ସାହିତ୍ୟରେ ପ୍ରଖ୍ୟାତ "ବିଷ୍ଣୁ ପଞ୍ଜର" ବୁଦ୍ଧଙ୍କର ଦନ୍ତଧାତୁ ଭିନ୍ନ ଅନ୍ୟ କିଛି ନୁହେଁ । "ଦାଠା ଧାତୁବଂଶ" ଗ୍ରନ୍ଥରେ ବୁଦ୍ଧଙ୍କର ସେହି ଦନ୍ତଧାତୁର ଐତିହାସିକ ଆଲୋଚନା ପ୍ରଦତ୍ତ ହୋଇ ଥିବା ମିଳେ । ସେଥିରୁ ଜଣାପଡେ ଯେ ବୁଦ୍ଧଙ୍କ ପରି ନିର୍ବାଣ ପରେ (ଖ୍ରୀ:ପୂ: ୪୮୩) ତାଙ୍କର ଶରୀର କୁଶୀନାରା ଠାରେ ଦାହ କରାଯାଇଥିଲା ଏବଂ ସେହି ପବିତ୍ର ଚିତା ମଧ୍ୟରୁ ତାଙ୍କର ବାମକଳ ଦାନ୍ତଟିଏ ଭିକ୍ଷୁ କ୍ଷେମ ଉଦ୍ଧାର କରି ପାରିଥିଲେ । ସେହି ଦନ୍ତ ଧାତୁକୁ ସେ କଳିଙ୍ଗର ରାଜଧାନୀ ଦନ୍ତପୁରକୁ ଆଣି ରାଜା ବ୍ରହ୍ମଦତ୍ତଙ୍କୁ ଉପହାର ପ୍ରଦାନ କରିଥିଲେ । ବୁଦ୍ଧଙ୍କର ଜୀବିତ କାଳରେ ତାଙ୍କ ପ୍ରଚାରିତ ଧର୍ମନୀତି କଳିଙ୍ଗବାସୀଙ୍କୁ ଯେ ଉଦ୍‌ବୁଦ୍ଧ କରିପାରିଥିଲା ତାହା ଏହି ଉପାଖ୍ୟାନରୁ ଜଣାପଡେ । ରାଜା ବ୍ରହ୍ମଦତ୍ତ ସେହି ପବିତ୍ର ଦନ୍ତ ଧାତୁକୁ ସାଦରେ ଗ୍ରହଣକରି ନିଜର ରାଜଧାନୀ ଦନ୍ତପୁର ଠାରେ ତାହାପାଇଁ ଏକ ସୁରମ୍ୟ ଚୈତ୍ୟ ନିର୍ମାଣ କରିଥିଲେ ଏବଂ ତହିଁରେ ଦନ୍ତ ଧାତୁର ପ୍ରତିଷ୍ଠା କରି ତାହାର ପୂଜା ନିମନ୍ତେ ସକଳ ପ୍ରକାର ବ୍ୟବସ୍ଥା ସଂପାଦନ କରିଥିଲେ । ବ୍ରହ୍ମଦତ୍ତଙ୍କ ପରେ କାଶୀର ରାଜା ଏବଂ ତାଙ୍କ ପରେ ସୁନନ୍ଦ

କଳିଙ୍ଗରେ ରାଜପଣ କରି ବୁଦ୍ଧଦନ୍ତ ଧାତୁର ସେବା ପୂଜାରେ ତ୍ରୁଟିକରି ନଥିଲେ । ପରିଶେଷରେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ କଳିଙ୍ଗରେ ସେହି ବଂଶର ରାଜା ଥିଲେ ଗୁହଶିବ ଏବଂ ସେ ଜଣେ ବୁଦ୍ଧଭକ୍ତ ଭାବରେ ଦନ୍ତ ଧାତୁର ଜଣେ ବିଶିଷ୍ଟ ଉପାସକ ଥିଲେ । ଗୁହଶିବ ଥିଲେ ମଗଧର ରାଜା ପାଣ୍ଡୁଙ୍କର ଜଣେ ଅଧସ୍ତନ ଶାସକ । ପାଣ୍ଡୁରାଜ ଜୈନ ମାନଙ୍କର ପ୍ରରୋଚନାରେ ଗୁହଶିବଙ୍କ ଦନ୍ତଧାତୁ ପୂଜାରେ ହସ୍ତକ୍ଷେପ କରି ଉକ୍ତ ପବିତ୍ର ଧାତୁର ମହିମା ପରୀକ୍ଷା କରିବା ନିମନ୍ତେ ସଂକଳ୍ପ ବଦ୍ଧ ହେଲେ । ତାଙ୍କ ଆଦେଶରେ ଗୁହଶିବ ଦନ୍ତଧାତୁ ଘେନି ପାଟଳିପୁତ୍ରକୁ ଆସିଲେ ଏବଂ ପାଣ୍ଡୁରାଜା ଉକ୍ତ ଦନ୍ତଧାତୁକୁ ଧ୍ୱଂସ କରିବା ନିମନ୍ତେ ବହୁବିଧ ଉପାୟ ଅବଲମ୍ବନ କରି ସୁଦ୍ଧା କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ପବିତ୍ର ଦନ୍ତଟି ଅଗ୍ନିରେ ପୋଡ଼ିଲା ନାହିଁ କି ଜଳରେ ବୁଡ଼ି ଗଲାନାହିଁ ଏବଂ ତାହା କୌଣସି ଅସ୍ତ୍ରଶସ୍ତ୍ରରେ ଭାଙ୍ଗି ଚୂର୍ଣ୍ଣୀଭୂତ ହେଲା ନାହିଁ । ପାଣ୍ଡୁରାଜା ଦନ୍ତର ମହିମାରେ ଅଭିଭୂତ ହୋଇ ନିଜେ ଜଣେ ବୁଦ୍ଧ ଉପାସକ ପାଲଟି ଥିଲେ । ମାତ୍ର ତାହା ପରେ କ୍ଷିରଧର ନାମକ ପଡ଼ୋଶୀ ରାଜ୍ୟର ଜଣେ ନରପତି ବୁଦ୍ଧ ଦନ୍ତକୁ ବଳପୂର୍ବକ ଘେନିଯିବା ଉଦ୍ଦେଶ୍ୟରେ କଳିଙ୍ଗ ଆକ୍ରମଣ କରିଥିଲେ । ଯୁଦ୍ଧରେ ଗୁହଶିବ ନିହତ ହେଲେ ଏବଂ ମୃତ୍ୟୁ ପୂର୍ବରୁ ସେ ନିଜ ଯାମାତା ଦନ୍ତକୁମାର ଓ ଝିଅ ହେମମାଳାଙ୍କୁ କହିଥିଲେ ଯେ ସେମାନେ ସେହି ପବିତ୍ର ଦନ୍ତଧାତୁକୁ ଘେନି ଗୋପନରେ କଳିଙ୍ଗରୁ ସିଂହଳ ଦ୍ୱୀପକୁ ଚାଲିଯାନ୍ତୁ ଏବଂ ସେଠାରେ ରାଜତ୍ୱ କରୁଥିବା ତାଙ୍କର ବନ୍ଧୁ ମହାସେନଙ୍କୁ ତାହାର ସୁରକ୍ଷା ଓ ସମ୍ମାନ ନିମନ୍ତେ ସମର୍ପଣ କରି ଦିଅନ୍ତୁ । ଦନ୍ତକୁମାର ଓ ହେମମାଳା ଦନ୍ତ ଧାତୁକୁ ଘେନି ଗୁପ୍ତ ବେଶରେ ତାମ୍ରଲିପ୍ତି ବନ୍ଦରରୁ ଜାହାଜ ଚଢ଼ି ତାହା ସିଂହଳ ଦେଶକୁ ଘେନି ଯାଇଥିଲେ । ସିଂହଳର ପରଂପରା ଅନୁସାରେ ଆଜିସୁଦ୍ଧା କଳିଙ୍ଗରୁ ଆନୀତ ବୁଦ୍ଧଙ୍କର ସେହି ଦନ୍ତଧାତୁ ସିଂହଳରେ ପୂଜିତ ହେଉଅଛି । ସୁତରାଂ "ଦାଠା ଧାତୁବଂଶ"ର ବିବରଣୀ ଅନୁସାରେ ଦନ୍ତଧାତୁ କଳିଙ୍ଗରୁ ସିଂହଳକୁ ସ୍ଥାନାନ୍ତରିତ କରାଯାଇଅଛି ଏବଂ ଅଦ୍ୟାବଧି ତାହା ଉକ୍ତ ଦ୍ୱୀପରେ ଧାର୍ମିକ ସମ୍ମାନ ଲାଭ କରୁଅଛି । ମାତ୍ର କେତେକ ପଣ୍ଡିତଙ୍କ ମତରେ ବୁଦ୍ଧଦନ୍ତ ସିଂହଳକୁ ନିଆଯାଇ ପାରିନାହିଁ ଏବଂ ତାହା ଏପର୍ଯ୍ୟନ୍ତ ଜଗନ୍ନାଥଙ୍କ ବିଗ୍ରହ ମଧ୍ୟରେ ସଂରକ୍ଷିତ ହୋଇ "ବ୍ରହ୍ମ" ରୂପେ ପୂଜିତ ହେଉଅଛି । ଏହି ମତବାଦର ସମାଧାନ ସହଜସାଧ୍ୟ ନୁହେଁ, କାରଣ ଜଗନ୍ନାଥଙ୍କ ନାଭିଚକ୍ରରେ ସଂରକ୍ଷିତ ସେହି ବ୍ରହ୍ମଙ୍କ ରୂପରେଖ ଜାଣିବା ଆଦୌ ସମ୍ଭବ ନୁହେଁ । ପ୍ରତିଥର ନବକଳେବର କାଳରେ ଅନ୍ଧକାର ମୟ ପ୍ରକୋଷ୍ଠରେ ଥିବା ବିଗ୍ରହଙ୍କ ନାଭିମଣ୍ଡଳରୁ ଜଣେ ସେବକ ଚନ୍ଦନ ସିକ୍ତ ପାଟକନାରେ ଘୋଡାଇ ହୋଇଥିବା ହସ୍ତରେ ସେହି ବ୍ରହ୍ମଙ୍କୁ ଆଣି ନୂତନ ପ୍ରତିମାଙ୍କର ଅଭ୍ୟନ୍ତରରେ ସଂରକ୍ଷଣ କରିଥାନ୍ତି । ତାଙ୍କର ଦୁଇ ଆଖିରେ ପୁଟୁଳି ବନ୍ଧାହୋଇଥିବା ଯୋଗୁ ଏବଂ ସେ ସ୍ପର୍ଶଶକ୍ତି ବିରହିତ ହୋଇଥିବା ହେତୁରୁ ବ୍ରହ୍ମଙ୍କ ସମ୍ବନ୍ଧରେ କୌଣସି ଅବଧାରଣା କରିବା ତାଙ୍କ ପକ୍ଷରେ ମୋଟେ ସମ୍ଭବ ହୁଏ ନାହିଁ ।

ଚୋଡଗଙ୍ଗ ଦେବ ନିଜେ ନିର୍ମାଣ କରାଇଥିବା ନଉସ୍ଥର୍ଣ୍ଣ ମନ୍ଦିରରେ ଜଗନ୍ନାଥଙ୍କ ପ୍ରତିଷ୍ଠା କରିବା ବେଳେ ପୂର୍ବ ଉପାସିତ ବିଗ୍ରହଙ୍କ ସଂସ୍ଥାପନ କରିବା ସୁନିଶ୍ଚିତ । ସେ ଲକ୍ଷ୍ମୀଙ୍କ ନିମନ୍ତେ ଅନ୍ୟ ଏକ ମନ୍ଦିର ମଧ୍ୟ ନିର୍ମାଣ କରିଥିବା ଅଭିଲେଖମାନଙ୍କରୁ ଜଣାପଡ଼େ । ଗଙ୍ଗ ରାଜତ୍ୱ କାଳରେ କି ପ୍ରକାର ବିଗ୍ରହ ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ଓ ପୂଜିତ ହେଉଥିଲେ ତାହା କେତେକ ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ସ୍ପଷ୍ଟ ଜଣାଯାଏ । ତୃତୀୟ ଅନଙ୍ଗଭୀମ ଦେବ ନିଜକୁ ଦୁର୍ଗାପୁତ୍ର, ଶ୍ରୀ ପୁରୁଷୋତ୍ତମ-ପୁତ୍ର ଏବଂ ରୁଦ୍ରପୁତ୍ର ରୂପେ ଅଭିହିତ କରିଥିବା ତାତ୍ପର୍ଯ୍ୟ ପୂର୍ଣ୍ଣ ମନେହୁଏ । ତାଙ୍କର ପୁତ୍ର ପ୍ରଥମ ନରସିଂହ ଦେବ ସିଂହାସନରେ ପ୍ରତିଷ୍ଠିତ ଜଗନ୍ନାଥ, ଦୁର୍ଗା ଏବଂ ଶିବଲିଙ୍ଗ ପୂଜା କରୁଥିବା ଚିତ୍ର କୋଣାର୍କ ମନ୍ଦିର ଗାତ୍ରରେ ଅଙ୍କିତ ହୋଇଥିବା ଦେଖିବାକୁ ମିଳେ । ସେହି ପ୍ରକାର ଚିତ୍ର ପୁରୀ ଜଗନ୍ନାଥ ମନ୍ଦିର ଗାତ୍ରରେ ମଧ୍ୟ ଉତ୍କୀର୍ଣ୍ଣ କରାଯାଇଅଛି । ସେଥିରୁ ପ୍ରତୀତ ହୁଏ ଯେ ସେକାଳରେ ମନ୍ଦିର ଗର୍ଭଗୃହରେ ଜଗନ୍ନାଥ ବିଗ୍ରହଙ୍କ ସହିତ ଦୁର୍ଗା ଏବଂ ଶିବଙ୍କର ପ୍ରତିମା ପ୍ରତିଷ୍ଠିତ ହୋଇ ପୂଜିତ ହେଉଥିଲା । ପରବର୍ତ୍ତୀ କାଳରେ ଦୁର୍ଗାଙ୍କୁ ସୁଭଦ୍ରା ରୂପେ ଏବଂ ଶିବଙ୍କୁ ବଳଭଦ୍ର ରୂପେ ଗ୍ରହଣ କରାଯାଇଅଛି । ଦୁର୍ଗାଙ୍କର ଅନ୍ୟନାମ ହେଉଛି ଭଦ୍ରା । ଦଶମ ଶତାବ୍ଦୀରେ ସୋନପୁର ଠାରେ ଦ୍ୱିତୀୟ ଯଯାତିଙ୍କ ପୂଜିତା ଦୁର୍ଗାଙ୍କୁ କୁହାଯାଉଥିଲା ଭଦ୍ରାମ୍ବିକା ଏବଂ ସେକାଳରେ ଅମର୍ଦ୍ଦା ଠାରେ ପ୍ରତିଷ୍ଠିତା ଦୁର୍ଗାଙ୍କର ନାମ ଥିଲା ଲୀଳେଶ ଭଦ୍ରା । ସୁତରାଂ ଜଗନ୍ନାଥଙ୍କ ସହିତ ପୂଜିତା ଦୁର୍ଗାଙ୍କୁ ସୁଭଦ୍ରା ନାମରେ ଅଭିହିତ କରିବା ଅତି ସ୍ୱାଭାବିକ । ଜଗନ୍ନାଥଙ୍କୁ କୃଷ୍ଣଙ୍କ ସହିତ ଏକ ରୂପେ ପ୍ରତିପାଦିତ କରିବା ପରେ ମହାଭାରତ ଅନୁଯାୟୀ ସୁଭଦ୍ରାଙ୍କୁ ତାଙ୍କର ଭଗିନୀ ରୂପେ ପ୍ରକାଶ କରାଯାଇଥିଲା ଏବଂ ବଳଭଦ୍ରଙ୍କୁ ଭାଇ ବଳରାମଙ୍କ ସହିତ ଚିହ୍ନିତ କରିବା ସମ୍ଭବ ହେଲା ।

୧୫୬୮ ଖ୍ରୀ: ରେ ଆଫଗାନ ଆକ୍ରମଣ ତଥା ଓଡ଼ିଶାର ସ୍ୱାଧୀନତା ଲୋପ ଫଳରେ ଜଗନ୍ନାଥଙ୍କ ପୂଜା କିଛିକାଳ ପାଇଁ ସ୍ଥଗିତ ରହିଥିଲା । ଗଜପତି ରାଜା ପ୍ରଥମ ରାମଚନ୍ଦ୍ର ଦେବ ଜଗନ୍ନାଥଙ୍କୁ ପୁନଃପ୍ରତିଷ୍ଠିତ କରାଇ ତାଙ୍କ ପୂଜା ବିଧିର ପୁନରୁଦ୍ଧାର ତଥା ଉନ୍ନତି ସାଧନ କରିଥିଲେ । ତେଣୁ ପ୍ରଥମ ରାମଚନ୍ଦ୍ର ଦେବଙ୍କୁ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ରୂପେ ଅଭିହିତ କରାଯାଇ ସମ୍ମାନ ପ୍ରଦର୍ଶନ କରାଯାଏ । ସମ୍ଭବତଃ ସେହି କାଳରେ ତିନି ବିଗ୍ରହ ନୂତନ ରୂପରେଖ ଲାଭ କରିଥିଲେ ଏବଂ ସୁଭଦ୍ରା ଓ ବଳରାମ ଜଗନ୍ନାଥଙ୍କ ସଦୃଶ ହସ୍ତ ପଦ ବିହୀନ ହୋଇ ପ୍ରକାଶ ପାଇଥିଲେ । ମାତ୍ର କେବଳ ଜଗନ୍ନାଥଙ୍କ ବିଶେଷତ୍ୱ ରକ୍ଷା କରିବା ନିମନ୍ତେ ତାଙ୍କୁ ଚକାଡୋଳା ରୂପେ ଅଭିବ୍ୟକ୍ତ କରାଯାଇଥିଲା । ବର୍ତ୍ତମାନ ତିନି ଠାକୁରଙ୍କ ଏତାଦୃଶ ବିଗ୍ରହ ରତ୍ନ ସିଂହାସନ ଉପରେ ପ୍ରତିଷ୍ଠିତ ଓ ପୂଜିତ ।

ପ୍ରତ୍ନତତ୍ତ୍ୱ ଉପଦେଷ୍ଟା
ସି-୪୪, ୟୁନିଟ୍-୮
ଭୁବନେଶ୍ୱର-୩

# ଜଗନ୍ନାଥ ଓ ଭକ୍ତ ଆର୍ତ୍ତଦାସ

ଶ୍ରୀ ଗଣେଶ ପ୍ରସାଦ ପରିଜା

ଆଶ୍ଚର୍ଯ୍ୟ ହୋଇ ନିରେଖି ଦେଖିଲେ ଗୋସେଇଁ । ମହାନ୍ତିଏ ଯାହା କହୁଥିଲେ ତାହା ସତ । ଇନ୍ଦ୍ର ଦେବତା ମୁଣ୍ଡ ଉପରେ ଛତି ଟେକିଛନ୍ତି । ସତେ କି ଅଘଟଣ କଥା—ଚଷାଟୋକା ମୁଣ୍ଡ ଉପରେ ଇନ୍ଦ୍ର ଦେବତା ପୁଣି ଛତି ଟେକିବ କାହିଁକି ? ଆମେ ଜାତି ଶ୍ରେଷ୍ଠ ବ୍ରାହ୍ମଣ । ନିତି ଦେବତା ପୂଜା ନ କଲେ ଜଳ ସ୍ପର୍ଶ କରୁନାହୁଁ । ତଥାପି କେବେ ଭୁଲ୍‌ରେ ଇନ୍ଦ୍ର ଦେବତା ଛାଇ କରେ ନାହିଁ । ଖରାଦିନର ପ୍ରଚଣ୍ଡ ଖରାରେ ଜଳି ପୋଡ଼ି ଯାଉଛୁ । ଦେହର ସବୁ ଶକ୍ତି ଝାଳ ଆକାରରେ ନିଗିଡ଼ି ଯାଉଛି । ଜିଭ ତାଳୁ ଶୁଖି ଅଠା ଅଠା ହୋଇଯାଉଛି । ଆଉ ଏ ପଧାନପୁଅ ଆରତିଆର ଦେହରୁ ବିନ୍ଦୁଏ ବି ଝାଳ ବାହାରୁ ନାହିଁ ? ସେଇ ସକାଳ ପହରୁ ବଳଦ ଦିଟାକୁ ହଳରେ ଫାନ୍ଦି ହଳ କରୁଛି ଯେ ଟିକିଏ ହେଲେ କ୍ଳାନ୍ତି ଅନୁଭବ କରୁନାହିଁ ?

ହିଡ଼ ମୁଣ୍ଡରେ ଛତିଟିଏ ଟେକି ଛିଡ଼ା ହୋଇଥିଲେ ଗୋସେଇଁ ଭୟଙ୍କର ଖରା ହେଲେ ବି ସେ ଛତାଟିକୁ ଟିକିଏ ବଙ୍କେଇ ତାଳ ପତ୍ର ଛତାଟିକୁ ସଳଖ କରି ଟେକି ହିଡ଼ ମୁଣ୍ଡରେ ବସି ପଡ଼ିଲେ ଗୋସେଇଁ । ତାଙ୍କର ମନେପଡ଼ିଲା ବଳିପୁରର ଗୁଆଡିରା ଗାଁର କୃଷ୍ଣ ମହାନ୍ତି ଯାହା କହିଥିଲେ ସେହି କଥା । ଆରତ ପଧାନ ସାଧାରଣ ମଣିଷ ନୁହେଁ । ସେ ଜଗନ୍ନାଥଙ୍କର ପରମଭକ୍ତ । ନିଜେ ଜଗନ୍ନାଥ ତାକୁ ଚକ୍ର ଉହାଡ଼ କରୁଛନ୍ତି କିମ୍ବା ଜଗନ୍ନାଥଙ୍କ ଆଦେଶରେ ଇନ୍ଦ୍ର ଦେବତା ତା ଉପରେ ଛତି ଟେକୁଛନ୍ତି । ତା ନହେଲେ ସବୁଆଡ଼େ ସୂର୍ଯ୍ୟ କିରଣ ପଡ଼ିଲେ ମଧ୍ୟ କେବଳ ତାହାରି ଉପରେ ଛାଇ ପଡ଼ନ୍ତା କିପରି ? ସେ ଯେଉଁଆଡ଼େ ଯାଉଛି ସେ ଆଡ଼େ ତାହାରି ଉପରେ ଛାଇ ପଡ଼ୁଛି । କୃଷ୍ଣ ମହାନ୍ତି ତାଙ୍କ ଆଖୁକିଆରୀ ପାଣି ମଡ଼ାଇବା ପାଇଁ ଆର୍ତ୍ତକୁ ମୂଲ ଦେଇ ଲଗାଇଥିଲେ । ଦୁଇଜଣ ମିଶି ଶେଣାରେ ବୋହୁଥିଲେ ପାଣି । ଆର୍ତ୍ତ ସହିତ ଯେ ବୋହୁଥିଲା ପାଣି ସେ ବୋହି ବୋହି କ୍ଳାନ୍ତ ହୋଇଗଲା । ମାତ୍ର ଆର୍ତ୍ତ ଟିକିଏ ହେଲେ କ୍ଳାନ୍ତ ହେଉ ନାହିଁ । ଆର୍ତ୍ତ ସହିତ ପାଣି ବୋହୁଥିବା ଲୋକଟି କହିଲା ଆର୍ତ୍ତ ସହିତ କିଏ ପାଣି ବୋହିବ ? ସେ ପାଣି ବୋହିବାବେଳେ ଇନ୍ଦ୍ର ଦେବତା ଦେଖେଇଲେ ସୂର୍ଯ୍ୟ ଦେବତାଙ୍କ ଆଡ଼କୁ । ନାହିଁ ତ, ଆକାଶରେ ସୂର୍ଯ୍ୟ ଦେବତାଙ୍କ ତଳେ କେଉଁଠି ଟିକିଏ ହେଲେ ମେଘ ଦେଖାଯାଉ ନାହିଁ । ହେଲେ ଆରତିଆ ମୁଣ୍ଡ ଉପରେ ଛାଇ ପଡ଼ୁଛି କିପରି ? ଲଙ୍ଗଳର ଈଶ ଉପରେ ହାତ ରଖି ସେ ଯେଉଁ ଆଡ଼କୁ ବୁଲିଯାଉଛି, ସେ ଆଡ଼େ ଠିକ୍ ତା ମୁଣ୍ଡ ଉପରେ ଛତି ଟେକିଲା ଭଳି ଛାଇ ଖଣ୍ଡେ ପଡ଼ୁଛି । ଖାଲି ଛାଇ ନୁହେଁ, ପବନ ବି ବହୁଛି ତା ଦେହକୁ ଶୀତଳ କରି ।

ଅନାଇଲେ ଗୋସେଇଁ ଚାରିଆଡ଼କୁ । କେଉଁଠି ଗଛର ପତରଟିଏ ବି ହଲୁ ନାହିଁ । ଅଥଚ ତାହାରି ପାଖରେ ପବନ । ପବନରେ ହଲୁଛି ତାହାର ପିନ୍ଧିଲା ଲୁଗା, ତା ଅଣ୍ଟାରେ ବନ୍ଧା ହୋଇଥିବା ଗାମୁଛାର କାନି ।

ଏହା କିପରି ସମ୍ଭବ ? ପୁଣି ବିସ୍ମିତ ହୋଇ ଅନାଇଲେ ଗୋସେଇଁ । ହଁ ଠିକ୍ ତ ! ତାହାରି ମୁଣ୍ଡ ଉପରେ, ତାର ସାରା ଦେହକୁ ଘୋଡ଼େଇ ଛାଇଟିଏ ପଡ଼ୁଛି । ସେ ହଳ ଧରି ଯେଉଁ ଆଡ଼କୁ ବୁଲିଯାଉଛି, ସେ ଆଡ଼େ ଛାଇ ତା ଦେହକୁ ଘୋଡ଼ାଇ ଦେଉଛି । ଫଳରେ ଖରା ତାକୁ ଛୁଉଁ ନାହିଁ । ଏଣେ ପୁଣି ଝିରି ଝିରି ହୋଇ ପବନ ବହୁଛି ଖାଲି ତାହାରି ପାଖରେ । ସେଥିପାଇଁ ବାଧି ନାହିଁ ଏ ବଇଶାଖ ମାସର ଟାଣ ଖରା କି ଗ୍ରୀଷ୍ମ ।

ତା ଉପରେ ଛତି ଟେକୁଛି, ଜଗନ୍ନାଥ ଚକ୍ର ଉହାଡ଼ କରୁଛନ୍ତି । ସେଥିପାଇଁ ସେ ଟିକିଏ ହେଲେ କ୍ଳାନ୍ତ ହେଉ ନାହିଁ ଯେତେ ପାଣି ବୁହାଇଲେ, ଯେତେ ପରିଶ୍ରମ କଲେ ବି ଆର୍ତ୍ତର କିଛି ନାହିଁ । ସତେ ଯେପରି ଜଗନ୍ନାଥ ତା ଦେହରେ ଅସୀମ ବଳ ଦେଇଛନ୍ତି । ଯାହା କଲେ ବି ତାକୁ ଟିକିଏ ହେଲେ କଷ୍ଟ ହେଉନାହିଁ ।

କୃଷ୍ଣ ମହାନ୍ତି ନିଜେ ପରୀକ୍ଷା କରି ଦେଖିଲେ । ପ୍ରକୃତରେ ସେ ଯାହା କହୁଥିଲା ସତ । ଆର୍ତ୍ତ ଦେହରେ ଟିକିଏ ହେଲେ ଖରା ପଡୁନାହିଁ । ମହାପ୍ରଭୁ ଜଗନ୍ନାଥଙ୍କ ଆଦେଶରେ ଇନ୍ଦ୍ର ଦେବତା ତା ଉପରେ ଛତି ଟେକୁଛନ୍ତି । ସେଥିପାଇଁ ସେ ଯେତେ ପରିଶ୍ରମ କଲେ ବି କ୍ଳାନ୍ତ ହେଉ ନାହିଁ । ମନ ଖୁସିରେ ଗାଉଛି, 'ଜଗା ବଳିଆ ଯାଉଛନ୍ତିରେ ଧଳା କଳା ଘୋଡ଼ା ଚଢ଼ି' । ପରୀକ୍ଷା କରି ଦେଖି ସାରିଲା ପରେ କୃଷ୍ଣ ମହାନ୍ତି ଆଉ ତାକୁ ଆଖୁ କ୍ଷେତରେ ପାଣି ମଡ଼ାଇବାକୁ ଇଚ୍ଛା କଲେ ନାହିଁ । ମନରେ ତାଙ୍କର ବି ଭୟ ଆସିଗଲା । ଜଗା ବଳିଆର ଭକ୍ତକୁ ମାତ୍ର ଅଳ୍ପ କିଛି ମୂଲରେ ଆଖୁକ୍ଷେତରେ ଖଟାଇବା ଅପରାଧ । ଯେଉଁ ଜଗାବଳିଆ ଧଳା ଘୋଡ଼ା କଳା ଘୋଡ଼ାରେ ବସି ଓଡ଼ିଶାର ଗଜପତି ମହାରାଜ ପୁରୁଷୋତ୍ତମ ଦେବଙ୍କ ସପକ୍ଷରେ ଯୁଦ୍ଧ କରି ଯାଇଥିଲେ ସେହି ଜଗା ବଳିଆର ଭକ୍ତ ଆରତ ପଧାନ । ତାକୁ ମୂଲ ଗଣ୍ଡାଏ ଦେଇ କାହାର କାନ୍ଧରେ କେଉଁଟା ମୁଣ୍ଡ ଅଛି ଯେ ନିଜ ବିଲରେ ଖଟାଇ ପାରିବ ?

ଆରତ ଗୋଟିଏ ଓଳି କାମ କରିଛି କି ନାହିଁ ମହାନ୍ତିଏ ଦିନକର ମଜୁରି ଦେଇ ତାକୁ ବିଦା କରିଦେଲେ । ସେହିଭଳି ସେ ମଧ୍ୟ ତାକୁ ଦିନକର ମଜୁରି ଦେଇ ଆଉ ଓଳିକୁ ଆସିବା ପାଇଁ କହିବେ ନାହିଁ । ସେ ଯେତେ କହିଲେ ମଧ୍ୟ ନୁହେଁ । ସେ କୃଷ୍ଣ ମହାନ୍ତିଙ୍କଠାରୁ ସବୁ ଶୁଣିଥିଲେ ମଧ୍ୟ ତାଙ୍କର ବିଶ୍ୱାସ ହୋଇ ନଥିଲା । କିଏ ବା ବିଶ୍ୱାସ କରିବ । ଆରତିଆ ପଧାନ ମୁଣ୍ଡ ଉପରେ ଇନ୍ଦ୍ର ଦେବତା ଛତା ଟେକି ଛାଇ କରୁଛି ଏହା କିଏ ସତ ବୋଲି ଭାବିବ । ସେ ଜଗନ୍ନାଥଙ୍କର ଭକ୍ତ ଏକଥା କଣ ଆଗରୁ କେହି ଜାଣିଥିଲା ? ଏହି କେଇଦିନ ହେବ ଯେତେବେଳେ ଯା ମୁହଁରୁ ତା ମୁହଁ, କାନରୁ କାନ ହୋଇ ପ୍ରଚାର ହେଲା ସେତେବେଳେ ଲୋକେ ସିନା କହିଲେ ସେ ମହାପ୍ରଭୁଙ୍କ ଭକ୍ତ–ତାଙ୍କରି ଆଦେଶରେ ତା ମୁଣ୍ଡ ଉପରେ ଇନ୍ଦ୍ର ଦେବତା ଛତି ଟେକିବାର ବନ୍ଦୋବସ୍ତ କରିଛି । ତା ନହେଲେ ସେ କଣ ବିଶ୍ୱାସ କରୁଥିଲେ ?

ଏତେ ବ୍ରାହ୍ମଣ, ଏତେ ସେବକ ନିତି ତାଙ୍କ ସେବା ପୂଜାରେ ନିୟୋଜିତ ଥିଲାବେଳେ ଚଷା ଟୋକା ଆରତିଆ ଉପରେ ମହାପ୍ରଭୁ ଏତେ ସନ୍ତୁଷ୍ଟ ହେଲେ କିପରି ? ପ୍ରକୃତରେ ଆଖିରେ ନ ଦେଖିଲେ କିଏ ବା ବିଶ୍ୱାସ କରିବ ?

ଗୋଟିଏ ଓଳି ମଧ୍ୟ ହୋଇନାହିଁ । ସୂର୍ଯ୍ୟ ଦେବତା ମୁଣ୍ଡ ଉପରକୁ ଆସିବାକୁ ବହୁତ ବାକିଅଛି । ଗୋସେଇଁ କଥାଁ ନେଇ କରି ଆରତକୁ ଡାକି କହିଲେ, ଆରେ ବାବୁ ଆରତ ! ତୋର ଆଉ ହଳ କରିବା ଦରକାର ନାହିଁ, ହଳ ଫିଟାଇ ଘରକୁ ଚାଲ । ଘରେ ବହୁତ କାମ ଅଛି । ମୋର ମନେ ନଥିଲା ଘର କାମ କଥା ।

ଗୋସେଇଁଙ୍କ କଥା ଶୁଣି ଆର୍ତ୍ତ କାବା ହୋଇଗଲା । ଆଉ ଅଳ୍ପ ଅଛି ଜମି ଖଣ୍ଡକ ଚାଷ କରିବାକୁ । ଘର କାମ ପାଇଁ ଆଉ ଟିକିଏ ପରେ, ଜମି ଖଣ୍ଡକ ହଳ କରି ସାରିଲା ବାଦ୍ ଯାଉଥିଲେ କ'ଣ ହୋଇ ନଥାନ୍ତା ? ହେଉ ସେ ଯେତେବେଳେ କହୁଛନ୍ତି ସେତେବେଳେ ତାର ଯାଏ ଆସେ କେତେ ? ସେ କୁଆଁଳୀରୁ ଲଙ୍ଗଳ ଫିଟାଇ ବଳଦ ହଳକ ଅଡ଼ାଇ ଚାଲିଲା । ହେଲେ ଘରେ ପହଞ୍ଚି ଆଉ କୌଣସି ଘର କାମ କଥା ଗୋସେଇଁ କହିଲେ ନାହିଁ । ବଳଦ ହଳକ ଖୁଣ୍ଟରେ ବାନ୍ଧିଦେଇ ସେ ଅପେକ୍ଷା କଲା କଣ ଘର କାମ ହେବ ତାହା ଜାଣିବା ପାଇଁ । ମାତ୍ର ତାକୁ ଆଉ ଘର କାମ କଥା କେହି କହିଲେ ନାହିଁ । ଦିପହର ବେଳକୁ ରୋଷେଇ ସରିଲା ପରେ ତାକୁ ଭଲକରି ମୁଠାଏ ଖାଇବାକୁ ଦେଇ ଦିନକର ମଜୁରି ବୁଝାଇ ଗୋସେଇଁ କହିଲେ, ମୋ ଘରର ଆଉ କିଛି କାମ ନାହିଁ ତୁ ଏଥର ଘରକୁ ଯାଆ ।

ଆଉ ଆର୍ତ୍ତର ଉପାୟ କ'ଣ ଅଛି ? ବାଧ୍ୟ ହୋଇ ସେ ଫେରିଲା ଘରକୁ ଜଗନ୍ନାଥଙ୍କ ନାମ ସ୍ମରଣ କରି ।

ଘରେ ତାର ମା ଆଉ ତାର ସ୍ତ୍ରୀ ଏହି ଦୁଇ ପ୍ରାଣୀ । ତା ନିଜର ସେଭଳି କିଛି ସଂପତ୍ତିବାଡ଼ି ନାହିଁ । ଯେଉଁଠି କାହାଘରେ ଯାଇ ମୂଲ ନ ଲାଗିଲେ ଘରେ ବସି ମୁଠାଏ ଖାଇ ପାରିବା ସମ୍ଭବ ନୁହେଁ । ହେଲେ ଉପାୟ ଅଛି କଣ ତାର ? ଲୋକ ଯଦି ତାକୁ ମୂଲ ଲାଗିବା ପାଇଁ ନ ଡାକିବେ ତେବେ ସେ ନିଜକୁ ଅନ୍ୟଙ୍କ ପାଖରେ କେତେ ଜବେର ହେବ ? ତାହା ମଧ୍ୟ ସେ କଲା । ହେଲେ କେହି ରାଜି ହେଲେ ନାହିଁ ତାକୁ ମୂଲ ଲଗାଇବାକୁ ।

ଆର୍ତ୍ତ ମନେମନେ ଭାବିଲା, କାହିଁକି–କାହିଁକି ଲୋକେ ତାକୁ ମୂଲ ଦେଇ କାମ କରିବାକୁ ଡାକୁ ନାହାନ୍ତି ? ସେତ କାମରେ କାହାକୁ ଠକି ନାହିଁ ? ଗାତର ଖଟାଇ ସେ କାମ କରି ଆସିଛି ନିଜ ଘର କାମଭଳି । ତଥାପି ଲୋକଙ୍କର ତା ପ୍ରତି ଏତେ ଅଶ୍ରଦ୍ଧା କାହିଁକି ? ଲୋକେ ତାକୁ ଏତେ ବେପସନ୍ଦ କରୁଛନ୍ତି କାହିଁକି ? କିଛି ବୁଝିପାରେ ନାହିଁ ସେ । କାହାକୁ ପଚାରିଲେ କେହି ତାକୁ ସେଭଳି ମନଲାଖି ଉତ୍ତର ଦିଅନ୍ତି ନାହିଁ । ଖାଲି କହନ୍ତି ଚକାଡୋଳା ଯାହାକୁ ସାହା ଭରସା ତାକୁ ମୂଲ ଲଗାଇବ କିଏ ନା ତାର ବା କ'ଣ ଅଭାବ ?

ତାର ଅଭାବ ନାହିଁ ଏ କଥା ଲୋକମାନେ ସିନା କୁହନ୍ତି, କିନ୍ତୁ ସେ ବୁଝୁଛି ତାର ଅଭାବ ଅଛି ନା ନାହିଁ । ସବୁଦିନ ସକାଳେ ମା ତାର ଆସି କହୁଛି, ପୁଅ । ଆଜି ଘରେ ଖାଇବାକୁ କିଛି ନାହିଁ । କ'ଣ ରନ୍ଧା ହେବ ?

ସତେତ କ'ଣ ରନ୍ଧା ହେବ ? ହେ ଜଗନ୍ନାଥ ତୁମ ଭରସା । ତୁମେ ମୋ ଦେହରେ ଶକ୍ତି ଦେଇଛ ଖଟିବାକୁ । ହେଲେ ଖଟାଉଛି କିଏ ? ଆଉ ନିଜର ତ ସେ ଭଳିକିଛି ଜମିବାଡ଼ି ନାହିଁ, ଯଦ୍ୱାରା ନିଜ ବିଲବାଡ଼ିରେ ଖଟି ଫସଲ କରି ବଞ୍ଚିବି । ମହାପ୍ରଭୁଙ୍କର ସବୁଦିନେ ସେହିଭଳି କଥା । ଯାହାକୁ କାନ ଦେଇଥାନ୍ତି ତାକୁ କାନରେ ପିନ୍ଧିବାକୁ ନୋଳି ଦେଇ ନଥାନ୍ତି କିମ୍ବା ଯାହାକୁ ନୋଳି ଦେଇଥାନ୍ତି ତାକୁ କାନ ଦେଇ ନଥାନ୍ତି । ଯେତେହେଲେ ସେ କେବେ ଉପାସ ରହିଥିବା ତାର ମନେ ନାହିଁ । ସେ ବି କେବେ ପଚାରି ନାହିଁ, ଘରେ ତ କିଛି ନଥିଲା, ରନ୍ଧା ହେଲା କିପରି ?

ଘରେ ରହିବାକୁ ତାର ଇଚ୍ଛା ହୁଏ ନାହିଁ । ଗଡ଼ ଗୁଆଡ଼ିଆର ବାସୁଦାସ ଦଧିବାବନ ଠାକୁରଙ୍କୁ ପୂଜା କରନ୍ତି । ଦଧିବାମନ ଠାକୁର ହେଉଛନ୍ତି ଜଗନ୍ନାଥ । ଯେଉଁଠି କେବଳ ଜଗନ୍ନାଥ ପୂଜା ହୋଇଥାନ୍ତି ତାଙ୍କୁ କହନ୍ତି ଦଧିବାମନ । ଦଧିବାମନଙ୍କ ସହିତ ସୁଭଦ୍ରା ବଳଭଦ୍ର କିମ୍ବା ସୁଦର୍ଶନ ପୂଜା ହୁଅନ୍ତି ନାହିଁ । ସେ ହେଉଛନ୍ତି ଶୂନ୍ୟ । ଶୂନ୍ୟ ଦାରୁବ୍ରହ୍ମ ରୂପେ ନୀଳାଚଳରେ ଉପାସିତ । ନୀଳାଚଳରେ ତିନି ଶୂନ୍ୟ ଏକତ୍ର ହୋଇଛନ୍ତି । ଶୂନ୍ୟ ନୀଳ ଆକାଶ, ସ୍ଥିର ଅସ୍ଥିର ନୀଳ ସମୁଦ୍ର ଆଉ ମହାବେଦୀରେ ରତ୍ନ ସିଂହାସନ ଉପରେ ବିଜୟ କରିଛନ୍ତି ଘନନୀଳ ମୂର୍ତ୍ତି ନୀଳମାଧବ । ମା ହେଉଛନ୍ତି ପୃଥିବୀ । ତାଙ୍କର ଧବ ଏ ବିଶ୍ୱର ପିତା ହେଉଛନ୍ତି ଶୂନ୍ୟରୂପୀ ଆକାଶ ।

ଆର୍ତ୍ତକୁ ଶ୍ରୀଜଗନ୍ନାଥ ସ୍ୱରୂପ ସୁନ୍ଦର ଦିଶେ । କଳାଜାମୁ ଭଳି ମୁହଁରେ ଦୁଇଟି ଗୋଲାକାର ଚକ୍ଷୁ । ଦ୍ୱିତୀୟା ଚନ୍ଦ୍ର ଭଳି ସୁନ୍ଦର ବର୍ତ୍ତୁଳି ଅଧର । ଯେହେତୁ ସେ ବିଶ୍ୱଶ୍ରବା ତେଣୁ ନାହିଁ ତାଙ୍କର କାନ । ନାକ ଥାଇ ନଥିଲା ଭଳି । ସେହିଭଳି ହାତ

ଦୁଇଟି, ତାଙ୍କର କାନ୍ଧ ଥିଲେ ମଧ୍ୟ ହାତ କାନ୍ଧରୁ ନ ବାହାରି ମୁଣ୍ଡରୁ ବାହାରିଛି । ନାହିଁ ପୁଣି ସେ ହାତରେ ଆଙ୍ଗୁଠି କିମ୍ବା ପାପୁଲି । କିମ୍ଭୁତ କିମାକାର ସ୍ୱରୂପ । ଆର୍ତ୍ତଙ୍କୁ ଭଲଲାଗେ ସେହି ସ୍ୱରୂପ ଦେଖିବାକୁ । ତେଣୁ ସେ ବାସୁଦାସଙ୍କ ଦଧିବାବନ ମୂର୍ତ୍ତିକୁ ଅନାଇଁ ରହିଥାନ୍ତି ।

ବାସୁଦାସଙ୍କର ଗୋଟିଏ ଶଂଖ ଥାଏ । ବାସୁଦାସ ସେହି ଶଂଖକୁ କାନରେ ଦେଲେ ଆଗତ ଭବିଷ୍ୟତ, ବର୍ତ୍ତମାନ ସବୁ କଥା ଜାଣିପାରନ୍ତି । ଦିନେ ବାସୁଦାସ ସେହି ଶଂଖକୁ କାନରେ ଦେଇ କହିଲେ, ଆର୍ତ୍ତ, ତୁ ହେଉଛୁ ମହାପ୍ରଭୁଙ୍କର ସଖା । ତୋ ଦ୍ୱାରା ମହାପ୍ରଭୁ ଶାଦିବ୍ରହ୍ମ ଆପନା କରିବେ । ଶୂନ୍ୟର ପ୍ରତୀକ ଯେଉଁଭଳି ଦାରୁବ୍ରହ୍ମ, ସେହିଭଳି ଶାଦିବ୍ରହ୍ମ ମଧ୍ୟ ଶୂନ୍ୟର ସ୍ୱରୂପ ଜଗନ୍ନାଥଙ୍କୁ ପୂଜା କରିବା ଯାହା, ଶାଦି ବ୍ରହ୍ମଙ୍କୁ ମଧ୍ୟ ପୂଜା କରିବା ତାହା । ପୂର୍ବେ ତୁ ଥିଲୁ ମଧ୍ୟମ ପାଣ୍ଡବ ଅର୍ଜୁନ । ମହାପ୍ରଭୁ ସେତେବେଳେ କୃଷ୍ଣ ରୂପେ ଅବତୀର୍ଣ୍ଣ ହୋଇଥିଲେ । ଦ୍ୱାପର ଯୁଗରେ ଅର୍ଜୁନ କୃଷ୍ଣଙ୍କର ବହୁକାର୍ଯ୍ୟ କରିଥିଲେ । ଅର୍ଜୁନ ସେତେବେଳେ ଥିଲେ ଇନ୍ଦ୍ରଙ୍କର ପୁତ୍ର । ତେଣୁ ଇନ୍ଦ୍ର ଖରାରେ ମୁଣ୍ଡ ଉପରେ ଛତି ଟେକିବାର ବ୍ୟବସ୍ଥା କରୁଛନ୍ତି ।

ଆର୍ତ୍ତ ବୁଝିପାରନ୍ତି ନାହିଁ ବାସୁଦାସଙ୍କ କଥା । ଦଧିବାମନଙ୍କୁ ଅନାଇ ଆଖିରୁ ତାଙ୍କର ବୁହାଇ ଦିଅନ୍ତି ଦୁଇବିନ୍ଦୁ ଲୁହ । ହେ ଭଗବାନ ! ଏ ଆର୍ତ୍ତିଆ ଚଷାର ଏଭଳି ସୌଭାଗ୍ୟ ହେବ । ସେ କରିବ ତୁମ ଶାଦିବ୍ରହ୍ମର ପ୍ରତିଷ୍ଠା ? ତାଙ୍କର ମନେହୁଏ ତାଙ୍କ କଥା ଶୁଣି ଯେପରି ଦଧିବାବନ ତାଙ୍କ ବନ୍ଧୁଲି ଅଧରରେ ହସଖେଳାଇ ତା କଥାକୁ ସମ୍ମତି ଜଣାଉଛନ୍ତି । ହେଲେ ମୂର୍ଖ ଆର୍ତ୍ତ କ'ଣ ଜାଣେ ସେ ଶାଦିବ୍ରହ୍ମ ପ୍ରତିଷ୍ଠା କରିବ ?

ପୁରୁଷୋତ୍ତମ ଅଳପବାଟ ନୁହେଁ ଯେ ଧାଇଁ ଯାଇ ସବୁଦିନେ ଜଗନ୍ନାଥଙ୍କୁ ଦର୍ଶନ କରି ଆସିବ । ତଥାପି ତାର ମନ ଅଥୟ ହେଏ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ । ପୁରୁଷୋତ୍ତମର ଜଗନ୍ନାଥ ହେଉଛନ୍ତି ମୂଳ ଜଗନ୍ନାଥ । ସେ ଯେଉଁ ରତ୍ନ ସିଂହାସନରେ ବସିଛନ୍ତି ସେହି ସିଂହାସନ ତଳେ ଲକ୍ଷେ ଶାଳଗ୍ରାମ ପୋତା ହୋଇଛନ୍ତି । ସେହି ସିଂହାସନ ଉପରେ ବାହୁଡୋଳି ବସିଛନ୍ତି ଜଗନ୍ନାଥ, ବଳଭଦ୍ର । ମଝିରେ ବସିଛନ୍ତି ମହାଦେବୀ ସୁଭଦ୍ରା । ଜଗନ୍ନାଥଙ୍କ ବାମଭାଗରେ ରଖା ହୋଇଛନ୍ତି ସୁଦର୍ଶନ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ହେଉଛନ୍ତି ଅଲେଖ ନିରଞ୍ଜନ । ଅଲେଖ ଭୁବନରୁ ଅରୂପ ଆସି ରୂପ ଧାରଣ କରି ବସିଛନ୍ତି । ବିଶ୍ୱରେ ଏଭଳି ରୂପର ପଟାନ୍ତର ନାହିଁ । ତାଙ୍କୁ ଦର୍ଶନ କଲେ ଇହଜନ୍ମରୁ ମୁକ୍ତି ମିଳେ । ଆଉ ଦୁଃଖମୟ ଜନ୍ମ ମରଣ ଚକ୍ରରେ ଘୂରିବାକୁ ହୁଏନାହିଁ । ଜନ୍ମ ଜନ୍ମାନ୍ତରର ସମସ୍ତ ପାପରାଶି ଧ୍ୱଂସ ହୋଇ ମନ, ହୃଦୟ ପବିତ୍ର ହୁଏ ।

ଆଉ ଅଳ୍ପଦିନ ଥାଏ ରଥଯାତ୍ରା । ସ୍ନାନ ପୂର୍ଣ୍ଣିମାଦିନ ଠାକୁରେ ସ୍ନାନ ମଣ୍ଡପରେ ସ୍ନାନ ସାରି ଆଉ ରତ୍ନସିଂହାସନକୁ ବାହୁଡ଼ି ଯାଆନ୍ତି ନାହିଁ । ସେହି ଶ୍ରୀ ମନ୍ଦିରର ଅଣସର ଘରେ ସେ ବିଜେ କରନ୍ତି । ସେତେବେଳେ ତାଙ୍କର ସେବା ପୂଜା ଦାୟିତ୍ୱରେ ଥାଆନ୍ତି ଦଇତା ପତିମାନେ । ସ୍ନାନ ପୂର୍ଣ୍ଣିମାଠାରୁ ପୁଣି ରଥଯାତ୍ରା ଶେଷ କରି ପୁଣି ରତ୍ନସିଂହାସନ ଉପରକୁ ଫେରି ଆସିବା ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଦାୟିତ୍ୱ ଥାଏ ଦଇତାପତିମାନଙ୍କ ଉପରେ । ଦଇତାପତିମାନେ ହେଉଛନ୍ତି ବିଶ୍ୱାବସୁ ଶବରର ବଂଶଧର । ପତିମାନେ ହେଉଛନ୍ତି ବିଶ୍ୱାବସୁ ଶବରର ଝିଅ ଲଳିତା ଆଉ ବ୍ରାହ୍ମଣ ବିଦ୍ୟାପତିଠାରୁ ଜନ୍ମ ସନ୍ତାନ । ମହାପ୍ରଭୁ ସମସ୍ତଙ୍କର—କି ଆର୍ଯ୍ୟ କି ଅନାର୍ଯ୍ୟ, ସମସ୍ତଙ୍କର ଦେବତା ଜଗନ୍ନାଥ ।

ଆର୍ତ୍ତ ପ୍ରଧାନ ଧାଇଁ ଧାଇଁ ଚାଲୁଥାନ୍ତି ପୁରୁଷୋତ୍ତମ । ଯେତେ ଚାଲିଲେ ମଧ୍ୟ ସେ ଟିକିଏ କ୍ଳାନ୍ତ ହେଉ ନଥାନ୍ତି କିମ୍ବା ଅବସାଦ ଆସୁ ନଥାଏ ତାଙ୍କ ମନରେ । ଦୂରରୁ ଦେଖାଯାଏ ଶ୍ରୀ ମନ୍ଦିରର ନୀଳଚକ୍ର । ନୀଳଚକ୍ର ଉପରେ ଫର ଫର ହୋଇ ଉଡୁଥାଏ ପତିତପାବନ ବାନା । ସତେ ଯେପରି ଲୋକମାନଙ୍କୁ କହୁଥାଏ ନୀଳାଦ୍ରୀରେ ଦୁଃଖନାହିଁ, ଭୟନାହିଁ, ଅବସାଦ ନାହିଁ । ଯେ ଶୂନ୍ୟ ରୂପୀ ଦାରୁବ୍ରହ୍ମଙ୍କ ଠାରେ ନିଜକୁ ସମର୍ପଣ କରି ଦେଇଛି ତାର ଆଉ କୌଣସି ବାଧା ନାହିଁ । ଜନ୍ମ ମୃତ୍ୟୁ ମଧ୍ୟ ତାକୁ କାବୁ କରିପାରେନାହିଁ ।

ଆର୍ତ୍ତ ବଡ଼ ଦାଣ୍ଡରେ ପାଦ ଦେଲେ । ପଛରେ ରହିଗଲା ମହାପ୍ରଭୁଙ୍କର ଗୁଣ୍ଡିଚା ମନ୍ଦିର, ଇନ୍ଦ୍ରଦ୍ୟୁମ୍ନ ସରୋବର । ତାଙ୍କର ଲକ୍ଷ୍ୟ ଅଣସର ଘରେ ଭୁଜ ଟେକି ବସିଥିବା ସେହି ଚକାଆଖିଆ ମହାପ୍ରଭୁଙ୍କ ଠାରେ । କେଇ ଖେପାରେ ସେ ବଡ଼ ଦାଣ୍ଡକୁ ଅତିକ୍ରମ କରି ସିଂହଦ୍ୱାରରେ ପହଞ୍ଚିଗଲେ । ତାପରେ ବାଇଶି-ପାହାଚ ଦେଇ ଉଠିଗଲେ ଶ୍ରୀମନ୍ଦିର ଆଡ଼କୁ । ମନ ତାଙ୍କର ବ୍ୟସ୍ତ ହୋଇ ଉଠୁଥାଏ, କିପରି ସେ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ ।

ଭୟଙ୍କର ଲୋକ ଭିଡ଼ । ସେଭିତରେ ଆର୍ତ୍ତ ଚିପିହୋଇ ଯାଉଥାନ୍ତି । ତାଙ୍କରି ଭଳି ଅସଂଖ୍ୟ ଭକ୍ତ ଧାଇଁଥାନ୍ତି ମହାପ୍ରଭୁଙ୍କ ଦର୍ଶନ ପାଇଁ । ସମସ୍ତେ ସାଧୁ, ସମସ୍ତେ ସନ୍ଥ । କାହାକୁ ଅବହେଳା କରିବା ନୀତି ବିରୁଦ୍ଧ । ଅସମ୍ଭବ ଲୋକ ଭିତରେ ଆର୍ତ୍ତ ଯାଉ ଯାଉ ଗୋଟାଏ କଡ଼କୁ ଆଡ଼େଇ ହୋଇ ଆସିଲେ । ସତେ ଯେପରି ଗୋଟାଏ ବିରାଟ ଜଳସ୍ରୋତ ଭଳି ଲୋକସ୍ରୋତ ତାଙ୍କୁ ଟାଣି ନେଇଗଲା ସୁଅ ମଝିରୁ କଡ଼କୁ । କଡ଼ରେ ଜଣେ ତ୍ରିପଣ୍ଡ କାଳିଆ ଲୋକ ତାଙ୍କ ଆଗରେ ବାଟ ଓଗାଳିଲା ଭଳି ଛିଡ଼ା ହୋଇ କହିଲା, କିହୋ ଆର୍ତ୍ତ ! ତୁମକୁ ପରା ମହାପ୍ରଭୁଙ୍କର ଆଦେଶ ହୋଇଛି ତୁମେ ଶାଦିବ୍ରହ୍ମ ପ୍ରସ୍ତୁର କରିବାକୁ ? ତାହା କ'ଣ ତୁମେ କଲ ?

ଆର୍ତ୍ତ ଭଲକରି ସେଇ କାଳିଆ ଲୋକଟିକୁ ଅନାଇଲେ । ତାଙ୍କୁ ଯେପରି ତାଙ୍କ ମନ କହିଲା ଇଏ ସେହି ମହାପ୍ରଭୁ, ତୋ ଆଗରେ ମଣିଷ ରୂପ ଧରି ଛିଡ଼ା ହୋଇଛନ୍ତି । ତା ନହେଲେ ବାସୁଦାସଙ୍କ ଶଂଖରୁ ଯେଉଁ ବାଣୀ ନିର୍ଗତ ହୋଇଥିଲା, ତାହା ଏ ଜାଣନ୍ତେ କେଉଁଠୁ ? ଏଭଳି ଲୋକତ ତାଙ୍କର ଚିହ୍ନା ଭଳି ମନେ ହେଉନାହିଁ । କେଉଁଠି ତାଙ୍କୁ ଦେଖିବା ଭଳି ମଧ୍ୟ ଧାରଣା

ହେଉନାହିଁ । ତାଙ୍କର ଅତି ପରିଚିତ ଲୋକ ଭଳି ପୁଣି ସେ ତାଙ୍କୁ ଡାକି କହିବା...............ନାନା ଏ କେବେ ସାଧାରଣ ମଣିଷ ନୁହଁନ୍ତି ।

ସେହି ଭିଡ ଭିତରେ ଆର୍ତ୍ତ ନଇଁ ପଡ଼ିଲେ ସେହି କାଳିଆ ଲୋକଟିର ପଦତଳେ । ତାଙ୍କର ମନେହେଲା ସେହି ଦାରୁବ୍ରହ୍ମ ମଣିଷ ରୂପଧରି ତାଙ୍କ ଆଗରେ ଉଭା । ସେ ନିଜକୁ ନିଜେ କହିଲେ, ଆର୍ତ୍ତ! ଆଉ ଏ ଜନ୍ମରେ ଏଭଳି ସୁଯୋଗ ପାଇବୁ ନାହିଁ । ଅପାଣିପାଦ ସେହି ମହାପ୍ରଭୁଙ୍କୁ ସ୍ପର୍ଶ କରି ତୁ ତୋ ଜୀବନକୁ ଧନ୍ୟ କର । ସମସ୍ତ ଦୁଃଖ ଅବସାଦ ତାଙ୍କ ପରଶରେ ଉଭେଇ ଯାଉ ।

ସେହି କାଳିଆ ଲୋକଟିକୁ ପ୍ରଣାମ କରି, ସ୍ପର୍ଶ କରି ଉଠିପଡ଼ିଲେ । ତା ନ ହେଲେ ଲୋକ ଭିତରେ ସେ ଦଳି ଚକଟି ହୋଇଯିବେ । ଦେଳକୁ ଦେଳ ଲୋକମାନେ ମାଡ଼ି ପଡୁଛନ୍ତି । କିଭଳି ଶୀଘ୍ର ଯାଇ ମହାପ୍ରଭୁଙ୍କ ନବ ଯୌବନ ଦର୍ଶନ କରିବେ ତାହା ସମସ୍ତଙ୍କର ବଳବତୀ ଇଚ୍ଛା । ସେଠି କେହି କାହାରିକୁ ନମସ୍କାର କରିବାକୁ ବେଳ ନାହିଁ କି ଫୁରସତ୍ ନାହିଁ । ଟିକିଏ ରହିଗଲେ ରହିଯିବ । ଲୋକସ୍ରୋତ ତା ଉପରେ ମାଡ଼ିଯାଇ ତାଙ୍କୁ ଅଣନିଶ୍ୱାସୀ କରିଦେବେ । କିଏ ଜାଣେ ତାର ଯେ ସେଇଠି ଶେଷ ନ ହୋଇ ଯିବ !

ଆର୍ତ୍ତ ଲୋକଟିକୁ ମହାପ୍ରଭୁ ଭାବି ଉଠି ଦେଖନ୍ତି ତ ଆଉ ସେ ସେଠାରେ ନାହିଁ । ଅସମ୍ଭବ ଲୋକଭିଡ଼ । ହୁଏତ ସେ ସେହି ଭିଡ଼ ଭିତରେ ମନ୍ଦିର ମଧ୍ୟକୁ ଚାଲିଯିବେଣି । ତଥାପି ଆର୍ତ୍ତ ଖୋଜିଲା ଖୋଜିଲା ଆଖିରେ ଚାରିଆଡ଼କୁ ଅନାଇ ଦେଖିଲେ । ଲୋକେ ଧାଇଁ ଚାଲିଛନ୍ତି ଶ୍ରୀମନ୍ଦିର ଭିତରକୁ ଏକମୁହାଁ ହୋଇ । ଆର୍ତ୍ତ ଯେତେ ନିରୀକ୍ଷଣ କରି ଅନାଇଲେ ମଧ୍ୟ ସେହି ଲୋକଟିର ସନ୍ଧାନ ସେ ପାଇଲେ ନାହିଁ । ତାଙ୍କର ଧାରଣା ହେଲା ବୋଧେ ସେ ଲୋକଭିଡ଼ ଭିତରେ ଶ୍ରୀମନ୍ଦିର ଭିତରକୁ ଚାଲିଯାଇଛନ୍ତି ।

କିନ୍ତୁ ପ୍ରକୃତରେ ସେ କ'ଣ ମନ୍ଦିର ଭିତରକୁ ଯାଇଛନ୍ତି ?

ଆର୍ତ୍ତର ସରଳ ମନରେ ଜଟିଳ ପ୍ରଶ୍ନ । ସେ ପ୍ରଶ୍ନର ଉତ୍ତର ମଧ୍ୟ ତାଙ୍କୁ ଦେବାକୁ ପଡ଼ିବ । ......ହଁ ସେ ଲୋକଟି ଯଦି ପ୍ରକୃତରେ ମହାପ୍ରଭୁ ହୋଇଥାନ୍ତି ତେବେ ସେ ତ ମନ୍ଦିରକୁ ଯାଇଥିବେ । ଯଦି ମହାପ୍ରଭୁ ନ ହୋଇ ଆଉ କିଏ ହୋଇଥାଏ ତେବେ ସେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନକୁ ଯାଇଥିବେ । ତେଣୁ ସେ ଯେ ହୁଅନ୍ତୁନା କାହିଁକି ମନ୍ଦିର ଭିତରକୁ ଯାଇଥିବା ନିଶ୍ଚିତ ।

ନିଶ୍ଚିତ କିପରି ? ସେ ଯଦି ମହାପ୍ରଭୁ ନ ହୋଇ ମଣିଷ ହୋଇଥିବେ ଏବଂ ମହାପ୍ରଭୁଙ୍କ ଦର୍ଶନ ସାରି ବେଢ଼ା ପରିକ୍ରମା କରୁଥିବେ, ତେବେ ସେ ଆଉ ମନ୍ଦିରକୁ ଯାଇ ନ ଥିବେ । ମହାପ୍ରଭୁ ଜଗନ୍ନାଥ ହୋଇଥିଲେ ମଧ୍ୟ ସେ ଯଦି ଦେଉଳ ଭିତରୁ ଆସି ତାଙ୍କ ଭକ୍ତମାନଙ୍କୁ ସେମାନଙ୍କ ଅଜାଣାରେ ସାକ୍ଷାତ ଦେଉଥିବେ ତେବେ ମନ୍ଦିରରେ ତାଙ୍କୁ ସେ ଦେଖିବେ କିପରି ? ପୁଣି ଖାଲି ସାକ୍ଷାତ ଦେଉ ନ ଥିବେ, କାହାଦ୍ୱାରା କେଉଁ କାର୍ଯ୍ୟ ତାଙ୍କର ହୋଇ ପାରିବ, ତାହା ଯଦି ବୁଲି ବୁଲି ଲୋକମାନଙ୍କୁ ବରାଦ କରୁଥିବେ ତେବେ ମନ୍ଦିର ଭିତରକୁ ଏତେ ଶୀଘ୍ର ସେ ଯିବେ କାହିଁକି ?

ପୁଣି ଆର୍ତ୍ତ ନିଜ କଥାରେ ନିଜେ ହସିଉଠିଲେ, ଆରେ ସେ କ'ଣ ଜଗନ୍ନାଥଙ୍କର ଏମିତି ଭକ୍ତ ଯେ ସେ ଶ୍ରୀମନ୍ଦିର ଭିତରୁ ବାହାରି ଆସି ତାଙ୍କୁ ଗାଦିବ୍ରହ୍ମ ପ୍ରଚ୍ଚର କରିବା ପାଇଁ କହିଦେଇ ଅଦୃଶ୍ୟ ହୋଇଗଲେ ? ସତେତ ସେ କାହିଁକି ନିଜେ ନିଜକୁ ଭକ୍ତ ବୋଲି ଭାବୁଛନ୍ତି । ଦରିଦ୍ର ମୂଲିଆ ଆର୍ତ୍ତ ଯଦି ଭଗବାନଙ୍କର ଭକ୍ତ ହେବ ତେବେ ପ୍ରକୃତ ଭଗବାନଙ୍କର ଭକ୍ତ କ'ଣ ଶେଯ ଘୋଡ଼ିହୋଇ ଗମ୍ଭୀରାରେ ଶୋଇ ରହିବେ ?

କାହିଁକି ଭାବୁଛ ତୁମେ ଦରିଦ୍ରମାନେ ଭଗବାନଙ୍କର ଭକ୍ତ ନୁହନ୍ତି ବୋଲି ? ସୁଦାମା କ'ଣ ଧନୀ ଥିଲେ ? ଆଉ ଶେଯ ଘୋଡ଼ିହୋଇ କ'ଣ ଜଗନ୍ନାଥଙ୍କର ପରମ ଭକ୍ତ ଚୈତନ୍ୟ ଗମ୍ଭୀରା ଭିତରେ ଶୋଉ ନ ଥିଲେ ?

ଏ ମଧ୍ୟରେ ସେ କେତେବେଳେ ଲୋକସ୍ରୋତ, ଯେଉଁ ଲୋକସ୍ରୋତ ପ୍ରବଳ ବେଗରେ ଶ୍ରୀମନ୍ଦିର ଭିତରକୁ ମାଡ଼ି ଚାଲିଥିଲା, ତାହା ମଧ୍ୟରେ ସାମିଲ ହୋଇ ସାରିଥିଲେ ତାହା ତାଙ୍କୁ ଜଣାନାହିଁ । ହଠାତ୍ ଲୋକମାନଙ୍କ ପ୍ରବଳ ଚାପରେ ସେ ପଡ଼ି ଯାଉଁ ଯାଉଁ ନିଜକୁ ସମ୍ଭାଳି ନେଲେ । ଟିକକ ପୂର୍ବରୁ ନିଜ ଭିତରେ ଯେଉଁ ପ୍ରବଳ ଯୁକ୍ତି ତର୍କ ତାହା ସବୁ କୁଆଡ଼େ ଉଭେଇଗଲା । କୌଣସିମତେ ନିଜକୁ ସାବଧାନରେ ରଖି ସେ ଆଗେଇଗଲେ ଶ୍ରୀମନ୍ଦିର ଭିତରକୁ । ଗଲାବେଳେ ତାଙ୍କର ମନେ ହେଉଥିଲା ସେ ଯେପରି ଯାଉ ନାହାନ୍ତି । ତାଙ୍କୁ କିଏ ଯେପରି ଜୋର କରି ଠେଲି ନେଉଯାଉଛି ।

ଠେଲାପେଲା ଭିତରେ ସେ କୌଣସିମତେ ଗରୁଡ଼ସ୍ତମ୍ଭ ପାଖରେ ଯାଇ ପହଞ୍ଚି ଗଲେ । ସେହି ଗରୁଡ଼ସ୍ତମ୍ଭ ପାଖରେ ଛିଡ଼ା ହୋଇ ସେ ଅନାଇଲେ ମହାପ୍ରଭୁଙ୍କୁ । ସମ୍ମୁଖ ଭାଗରେ ତାଙ୍କର ଅସଂଖ୍ୟ ଲୋକ । ସେହି ଲୋକମାନଙ୍କ ମୁଣ୍ଡ ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ଚିକ୍କଣ କଳାମୁହଁଟି ଦେଖାଯାଉଥାଏ । ଜଗନ୍ନାଥଙ୍କର କଳାଶ୍ରୀମୁଖରେ ଦୁଇଟି ଗୋଲାକାର ଚକ୍ଷୁ । ତା' ତଳକୁ ଦ୍ୱିତୀୟା ଚନ୍ଦ୍ରଭଳି ବନ୍ଧୁଲି ଅଧର । ଆର୍ତ୍ତ ହାତ ଦୁଇଟିକୁ ଯୋଡ଼ି ମୁଣ୍ଡକୁ ଟିକିଏ ତଳକୁ ନୁଆଁଇ ପ୍ରଣାମ କଲେ ।

ଏତିକିବେଳେ କିଏ ଜଣେ ତାଙ୍କୁ ସମ୍ବୋଧନ କରି କହିଲା, କିହୋ ଆର୍ତ୍ତ! ତୁମେ ଆସିଛ କି ? ଆଉ ସବୁ ଭଲ ତ !

ଆର୍ତ୍ତ ମୁହଁ ଟେକି ଦେଖିଲେ ତାଙ୍କ ଆଗରେ ଜଣେ ବେଶ୍ ହୃଷ୍ଟପୁଷ୍ଟ ଗୋରା ଲୋକ ଛିଡ଼ା ହୋଇଛନ୍ତି । ତାଙ୍କ ଦେହରୁ ଏକ ଜ୍ୟୋତି ବାହାରୁଛି ।

ସେ ମହାପ୍ରଭୁଙ୍କର ସେବକ ଓ ତାଙ୍କର ପଣ୍ଡା ହେବେ ଭାବି ତାଙ୍କୁ ନମସ୍କାର କଲେ । ସେ ହସି ହସି କହିଲେ ଆଉ! ମହାପ୍ରଭୁଙ୍କର ଆଦେଶ ହୋଇଛି ତୁମେ ପ୍ରଚାର କରିବ ମହାପ୍ରଭୁ ହେଉଛନ୍ତି ଶାଦିବ୍ରହ୍ମ । ସେହି ଶାଦି ନିର୍ମିତ ହେବ ମାଟିରେ । ତା' ଉପରେ କୌଣସ ମୂର୍ତ୍ତି ସ୍ଥାପନା ହେବେ ନାହିଁ । ତଳୁ ତାହା ଧୀରେ ଧୀରେ ସରୁ ହୋଇ ଉପରକୁ ଉଠିବ । ମହାପ୍ରଭୁ ଶୂନ୍ୟ ହୋଇଥିବାରୁ ସେ ଶୂନ୍ୟର ପ୍ରତୀକ ଭାବେ ରହିବ ।

ଏତିକିବେଳେ ମନ୍ଦିର ଭିତରକୁ ବିପୁଳ ଲୋକ ମାଡ଼ି ଆସି ତାଙ୍କୁ ଠେଲି ନେଲେ ଗରୁଡ଼ସ୍ତମ୍ଭ ପାଖରୁ କିଛି ଦୂର । ଲୋକଙ୍କ ଗୁରୁ ଗ୍ରୁପରେ ସେ ଆଣେଇ ପଡୁ ପଡୁ କୌଣସି ମତେ ନିଜକୁ ସମ୍ଭାଳି ନେଲେ । ସେତେବେଳକୁ ତାଙ୍କୁ ଶାଦିବ୍ରହ୍ମ ବିଷୟରେ କହୁଥିବା ସେହି ଧଳା ଲୁଗା ପିନ୍ଧି--ଧଳା ଗ୍ରୁଦର କାନ୍ଧରେ ପକାଇଥିବା ଲୋକଟି, ଯାହାକୁ କି ସେ ମନେ କରୁଥିଲେ ତାଙ୍କର ପଣ୍ଡା ହେବେ ବୋଲି ସେ କେଉଁଆଡ଼େ ଲୋକ ଭିଡରେ ରହିଗଲେ । ମାତ୍ର ତାଙ୍କୁ ଶୁଭୁଥିଲା ତାଙ୍କୁ ସେ କହିଥିବା କଥା—ମହାପ୍ରଭୁ ହେଉଛନ୍ତି ଶାଦିବ୍ରହ୍ମ । ସେହି ଶାଦି ନିର୍ମିତ ହେବ ମାଟିରେ ?

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦର୍ଶନ ସାରି ବେଢ଼ା ମଧ୍ୟରେ ଥିବା ଅନ୍ୟାନ୍ୟ ଦେବାଦେବୀଙ୍କୁ ଦର୍ଶନକରି ସେ ବାହୁଡ଼ିଲେ । ବଡ଼ଦାଣ୍ଡରେ ତିନୋଟି ରଥ ତିଆ ହୋଇଥାଏ । ଶ୍ରୀଗୁଣ୍ଡିଚା-ଦିନ ସେହି ରଥମାନଙ୍କରେ ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ବିଜେ କରିବେ । ବଡ଼ଦାଣ୍ଡ ଭରିଯିବ ଭକ୍ତମାନଙ୍କ ଦ୍ୱାରା । ଗଜପତି ମହାରାଜା ବୀରକିଶୋର ପାଲିଙ୍କି ଚଢ଼ି ଆସିବେ ଛେରା ପହଁରା କରିବା ପାଇଁ ।

ଶୂନ୍ୟରଥ ହେଲେ ମଧ୍ୟ ଆଉ ହାତ ଦୁଇଟିକୁ ଯୋଡ଼ି ରଥ ତିନୋଟିକୁ ପ୍ରଣାମ କଲେ । ତା'ପରେ ସେ ଫେରିଲେ ତାଙ୍କ ଗ୍ରାମ ଆଡ଼କୁ । ଗ୍ରାମରେ ପହଞ୍ଚିଲାବେଳକୁ ରାତି ହୋଇଗଲା । ଯାହା ହେଉ ସେ ତାଙ୍କ ନିଜ ଘରକୁ ନ ଯାଇ ଗଡ଼ ଗୁଆଡିରା ବାସୁଦାସଙ୍କ ଠାକୁର ଘର ପିଣ୍ଡାରେ ବହିଲେ । ସାରାଦିନଟି ସେ କିଛି ଖାଇ ନ ଥିଲେ । ତଥାପି ତାଙ୍କୁ ଭୋକ ହେଉ ନ ଥାଏ । ଅହରହ ତାଙ୍କ କାନକୁ ଶୁଭା ଯାଉଥାଏ ସେହି କାଳିଆ ଲୋକଟି, ଗୋରା ଲୋକଟି ତାଙ୍କୁ କହିଥିବା କଥା । ସେ ଶାଦିବ୍ରହ୍ମ ବିଷୟ ପ୍ରଚାର କରିବେ । ଜଗନ୍ନାଥ ଶୂନ୍ୟ । ସେ ହେବ ସେହି ଶୂନ୍ୟର ପ୍ରତୀକ । ତାହା ହେବ ମାଟିରେ ।

ଶାଦିବ୍ରହ୍ମ କଥା ଚିନ୍ତା କରୁ କରୁ ତାଙ୍କ ଆଖି ଦୁଇଟି ଟିକିଏ ମୁଦି ହୋଇଗଲା । ଏତିକିବେଳେ ସେ ଶୁଣିଲେ ଗୋଟିଏ ସ୍ତ୍ରୀ ଲୋକର କୋମଳ କଣ୍ଠସ୍ୱର । ସେ ତାଙ୍କୁ ସମ୍ବୋଧନ କରି କହୁଛି, ଆଉ ତୁମେ ଶ୍ରୀକ୍ଷେତ୍ର ଯାଇ ଭାବ ବିହ୍ୱଳ ହୋଇ ଫେରି ଆସିଲ । ସେତେବେଳେ ମଧ୍ୟ ଅନ୍ନ ମହାପ୍ରସାଦ ହୋଇ ନ ଥିଲା । ଅନ୍ନ ମହାପ୍ରସାଦ ସରିଲା ପରେ ତୁମକୁ ଖୋଜି ଶ୍ରୀ କ୍ଷେତ୍ରରେ ମୁଁ ପାଇଲି ନାହିଁ । ବଡ଼ଠାକୁରେ କହିଲେ, ତୁମେ ତାଙ୍କ ଦର୍ଶନ ସାରି ଫେରି ଯାଇଛ । ତେଣୁ ମୁଁ ଏହିଠାରେ ମହାପ୍ରସାଦ ରଖିଦେଇଗଲି । ତୁମେ ତାହା ସେବନ କରିବ । ମୁଦି ହୋଇଯାଇଥିବା ଆଖି ଦୁଇଟି ହଠାତ୍ ତାଙ୍କର ଖୋଲିଗଲା । ଆଷାଢ଼ ମାସର ଅନ୍ଧକାର ରାତି । ତଥାପି ତାଙ୍କର କିପରି ମନେ ହେଲା, ଗୋଟିଏ ହଳଦୀ ଗୁରୁ ଗୁରୁ ଝିଅଟି ତାଙ୍କ ଆଗରୁ ହଠାତ୍ ଧାଇଁ ପଳାଇଗଲା । ଆଖିରୁ ତାଙ୍କର ପଳାଇ ଯାଇ ମିଶିଗଲା ଯେପରି ସେ ଅନ୍ଧକାର ମଧ୍ୟରେ । ଅନ୍ଧକାର ମଧ୍ୟ ତାଙ୍କୁ ସଂପୂର୍ଣ୍ଣଭାବେ ଢ଼ାଙ୍କି ପାରିଲା ନାହିଁ । କିଭଳି ସେ ଗୋଟିଏ ହଳଦିଆ ଆଲୋକ ଭଳି ହୋଇ ଶୂନ୍ୟକୁ ଉଠିଯାଇ ଶୂନ୍ୟରେ ମିଶିଗଲା । ଆଉ ଯେତେ ନିରିକ୍ଷଣ କଲେ ବି ସେହି ଆଲୋକକୁ ଆଉ ଦେଖି ପାରିଲେ ନାହିଁ ।

ସେହି ଅନ୍ଧାର ମଧ୍ୟରେ ସେ ଚାହିଁଲେ ତାଙ୍କ ଡାହାଣ ପାଖକୁ । ତଳେ କ'ଣ ଥୁଆହେଲା ଭଳି ଦିଶୁଛି । ଜଗନ୍ନାଥଙ୍କର ଅଭଡାର ମହକ ତାଙ୍କ ନାସିକା ସ୍ପର୍ଶ କଲା । ସେ ହାତ ବୁଲାଇ ଦେଖିଲେ ହାତରେ ତାଙ୍କର ବାଜିଲା ଅନ୍ନରେ ଭରି ରହିଥିବା ଗୋଟିଏ ହାଣ୍ଡି ।

ବାସୁ ଦାସଙ୍କ ଠାକୁର ଘରେ ଅଖଣ୍ଡ ଦୀପ ଜଳୁଥାଏ । ତା'ର ସାମାନ୍ୟ ଆଲୋକ ପଡୁଥାଏ ବାହାରକୁ । କବାଟଟିକୁ ମେଲା କରିଦେଲେ ବାହାରଟି ଆଲୋକିତ ହେବ ଭାବି ଆଉ ଧୀରେ ଉଠିଯାଇ କବାଟଟିକୁ ମେଲାକରିଦେଲେ । କବାଟଟି ମେଲା ହେବା ମାତ୍ରେ ବାହାର ଆଲୋକିତ ହୋଇଗଲା । ସେହି ଆଲୋକରେ ଦେଖିଲେ ଅନ୍ନ, ଡାଲି, ବେସର, ମହୁର, ଶାଗର ଶାଗ, ଖଟାଦି ଥୁଆ ହୋଇଛି । ସେ ତାହା ଦେଖି ଆଚମ୍ବିତ ହୋଇଗଲେ । ସବୁଗୁଡ଼ିକ ଶ୍ରୀମନ୍ଦିରରେ ନୈବେଦ୍ୟ ହେଉଥିବା କୁଡ଼ୁଆରେ ଭରି ।

ନିଜ ଆଖିରେ ଦେଖି ମଧ୍ୟ ଆଉ ବିଶ୍ୱାସ କରି ପାରିଲେ ନାହିଁ । ସେ ତ ଖାଲି ଖାମ୍ଭି ତୁଚ୍ଛା ହାତରେ ଶ୍ରୀକ୍ଷେତ୍ରରୁ ବାହୁଡ଼ି ଆସିଥିଲେ । ତାହାହେଲେ କ'ଣ ମା ଲକ୍ଷ୍ମୀ କିମ୍ବା ଦେବୀ ସୁଭଦ୍ରା ତା ପାଇଁ ଶ୍ରୀକ୍ଷେତ୍ରରୁ ମହାପ୍ରସାଦ ଆଣି ଥୋଇଦେଇ ଯାଇଛନ୍ତି ?

କାହାକୁ ଏକଥା ସେ କହିବେ ? କହିଲେ ଲୋକେ କ'ଣ ବିଶ୍ୱାସ କରିବେ? ବରଂ ପରିହାସ କରିବେ ତାଙ୍କୁ । କେତେକ ମଧ୍ୟ କହିପାରନ୍ତି ମିଛୁଆ ।

ଆଉ କବାଟ ବାଡ଼େଇ ଡାକିଲେ ବାସୁ ଦାସଙ୍କୁ । ସେ ଜାଣିଥିଲେ ଦୁଇଦିନ ହେବ ବାସୁ ଦାସଙ୍କର ଦେହ ଭଲ ନ ଥିଲା । ଯାହା ହେଉ ଏତେ ମହାପ୍ରସାଦ ଏକା ସେ ଖାଇ

ପାରିବେ ନାହିଁ । ଦାସଙ୍କୁ ଡାକିବାରୁ ଦାସେ କଷ୍ଟେ ମଷ୍ଟେ ଉଠି ବାହାରକୁ ଆସିଲେ । ଆର୍ତ୍ତ କିଛି କହିବା ପୂର୍ବରୁ ସେ କହିଲେ, କ'ଣ ମା ଆଣି ଅଭଡ଼ା ଦେଇଗଲେ ତ ?

ଜାବା ହୋଇଗଲେ ଆର୍ତ୍ତ ପ୍ରଧାନ ଦାସଙ୍କ କଥା ଶୁଣି । ସତ୍ୟ ହେଲେ ମଧ୍ୟ ଯାହା ସେ ପ୍ରକାଶ କରିବାକୁ ଇଚ୍ଛା କରୁ ନ ଥିଲେ ତାହା ଦାସେ ଜାଣିଲେ କିପରି ?

ଦେହ ଅସୁସ୍ଥ ହେଲେ ମଧ୍ୟ ଦାସଙ୍କ ମୁହଁରେ ଛୋଟ ହସଟିଏ ଫୁଟି ଉଠିଲା । ସେ କହିଲେ ମୁଁ ସକାଳ ପହରୁ ସବୁ ଜାଣିଛି ଆର୍ତ୍ତ ? ଖାଲି ସେତିକି ନୁହେଁ ଏହି ହେଉଛି ମୋର ଶେଷ ଖାଦ୍ୟ । କୁସୁମ ପରସରେ ପଟ ନିସ୍ତରିଲା ଭଳି ତୋ ପାଇଁ ମୁଁ ନିସ୍ତରି ଯିବି । ମୁଁ ଥିବା ପର୍ଯ୍ୟନ୍ତ ତୁ ଏହିଠାରେ ରହିବୁ । ମୋ ପରେ ବେଳୁପଡ଼ା ମଠକୁ ତୁ ଚାଲିଯିବୁ । ସେଠାରେ ବାଇଧର ଦାସଙ୍କ ପରେ ହୁମରର ଦୀନକୃଷ୍ଣଦାସ ମଠ ଚଳାଉଛନ୍ତି । ସେ ତୋତେ ଟୋପି ବାଡ଼ି ଦେବେ । ତାଙ୍କ ପ୍ରଦତ୍ତ ଟୋପି ପିନ୍ଧି ବାଡ଼ି ଧରି ତୁ ପ୍ରଚାର କରିବୁ ଗାଦିବ୍ରହ୍ମର ମହିମା । ତୋ ପାଇଁ ସାରା ଦେଶରେ ଗାଦିବ୍ରହ୍ମର ପ୍ରଚାର ହେବ । ଅଲେଖ ନିରଞ୍ଜନ ସେହି ଜଗନ୍ନାଥ ଗାଦିବ୍ରହ୍ମଭାବେ ଉପାସିତ ହେବେ ।

ସତକୁ ସତ ସେହି ରାତିରେ ପେଟଭରି ବାସୁ ଦାସେ ମହାପ୍ରସାଦ ଖାଇଲାପରେ ଆଉ ଅନ୍ନ ଜଳ ସ୍ପର୍ଶ କରିନାହାନ୍ତି ।

ବାସୁ ଦାସେ ଚାଲିଗଲାପରେ ଆର୍ତ୍ତଙ୍କୁ ଆଉ ନିଜଘରେ ପଡ଼ାଗୁଆ କିମ୍ବା ପଡାଗୁଆଡିରାରେ ଭଲ ଲାଗିଲା ନାହିଁ । ସେଦିନ ସେ ରାତିରେ ଠାକୁର ଘରେ ଶୋଇଥାନ୍ତି ତାଙ୍କୁ ସ୍ୱପ୍ନରେ ବାସୁ ଦାସ କହିଲେ, ଆର୍ତ୍ତ ତୁମେ ଆଉ ଏଠାରେ କାହିଁକି ଅଛ ? ତୁମେ ଯଦି ଏଠାରେ ଏହିଭଳି ବସି ରହିବ ତେବେ ଗାଦିବ୍ରହ୍ମଙ୍କ ମହିମା କିଏ ପ୍ରଚାର କରିବ ? ଜଗନ୍ନାଥଙ୍କ ଆଦେଶକୁ ତୁମେ କ'ଣ ଅବଜ୍ଞା କରିବ ? ତୁମେ ଯେତେ ଶୀଘ୍ର ପାର ମୋ ଶଂଖଟି ନେଇ ବେଳୁପଡ଼ା ଚାଲିଯାଅ । ତୁମେ ଯେଉଁ ଦିନ ଶ୍ରୀକ୍ଷେତ୍ର ଗଲ ସେହିଦିନ ଶଂଖକୁ ମୋର ଶେଷ କଥା ଶୁଣି ତାକୁ ମାଟିରେ ପୋତି ଦେଇଛି । ମୋ ବୋହୂ ତାହା ଜାଣେ । ତୁମ ଛଡ଼ା ସେହି ଶଂଖକୁ ଅନ୍ୟ କେହି ବ୍ୟବହାର କରି ପାରିବେ ନାହିଁ । ଶୀଘ୍ର ତୁମେ ତାହାକୁ ବାହାର କରି କାମରେ ଲାଗିପଡ଼ । ମୁହୂର୍ତ୍ତ ମୁହୂର୍ତ୍ତ ହୋଇ ଦଣ୍ଡ, ଘଡ଼ି, ପ୍ରହର, ଦିନ ଚାଲିଯାଉଛି । ହେଳା କଲେ ମଣିଷ ପଛେଇ ଯାଏ । ଯେଉଁ ମୁହୂର୍ତ୍ତରେ ଯେଉଁ କାମ ତାକୁ ସେହି ମୁହୂର୍ତ୍ତରେ ନ କଲେ ତାହା ରହିଯାଏ । ଆଉ ଶୋଇବାର ଅବସର ତୁମର ନାହିଁ । ତୁମେ ହେଳା କଲେ ମହାପ୍ରଭୁ କ୍ଷମା ଦେବେ ନାହିଁ ।

ସବୁଦିନ ପରି ଆର୍ତ୍ତ ରାତି ପାହିଲା ପୂର୍ବରୁ ନିଦରୁ ଉଠି ପଡ଼ିଥାନ୍ତି । ସେଦିନ ନିଦରୁ ଉଠିଲା ପରେ ତାଙ୍କର ପ୍ରଥମ କଥା ହେଲା, ସେ କିପରି ଗାଦିବ୍ରହ୍ମ ପ୍ରଚାର କରିବେ । ପ୍ରଥମେ ତାଙ୍କର ଆବଶ୍ୟକ ବାସୁ ଦାସଙ୍କ ଶଂଖ ! ସେ ହିଁ ତାଙ୍କୁ ନିର୍ଦ୍ଦେଶ ଦେବେ କେଉଁଠି କେଉଁଠି ଗାଦିବ୍ରହ୍ମ ପ୍ରତିଷ୍ଠା କରାଯିବ । ସେ ହେଉଛି ମହାପ୍ରଭୁ ଜଗନ୍ନାଥଙ୍କ ଶଂଖ । ଦ୍ୱାପର ଯୁଗରେ ତାହାରି ସାହାଯ୍ୟରେ ଭଗବାନ ପାଣ୍ଡବ ମାନଙ୍କୁ ମହାଭାରତ ଯୁଦ୍ଧରେ ବିଜୟୀ କରିଥିଲେ ।

ଭଗବାନ ଶ୍ରୀକୃଷ୍ଣ ଗୋପରେ ଥିଲାବେଳେ ହାତରେ ବଂଶୀ ଧରୁଥିଲେ । ଅକ୍ରୁର ତାଙ୍କୁ ଗୋପରୁ ମଥୁରା ଆଣିଲା-ବେଳେ ସେହି ବଂଶୀଟି ସେ ରାଧିକାଙ୍କୁ ଦେଇ ମଥୁରା ଚାଲିଆସିଲେ । ସେ ଜାଣିଥିଲେ ଗୋପର ମୋହନ ବଂଶୀ ମଥୁରାରେ ଦରକାର ପଡ଼ିବ ନାହିଁ । କାରଣ ଗୋପର ବିଜୟ ମଥୁରାର ବିଜୟ ସମାନ ନୁହେଁ । ଯାହାଦ୍ୱାରା ଷୋଳ ସହସ୍ର ଗୋପୀଙ୍କ ମନକୁ ନିଜ ଆଡ଼କୁ ଆକର୍ଷଣ କରି ଗୋପାଳମାନଙ୍କୁ ନିଜ ଆୟତରେ ରଖିପାରିଥିଲେ, ତାହା ମଥୁରାରେ କିଛି କାମ ଦେବ ନାହିଁ । ମଥୁରାର ଲୋକେ ଦୁର୍ଦ୍ଦଂଶ ବୀରଜାତି । ତାଙ୍କର ଆବଶ୍ୟକ ଯୁଦ୍ଧ । ସେହି ଯୁଦ୍ଧରେ ବିଜୟ ନିମିତ ତାଙ୍କର ଆବଶ୍ୟକ ଶଂଖ ।

ସକାଳର ନିତ୍ୟକର୍ମ ସାରି ଆର୍ତ୍ତ ବାସୁ ଦାସଙ୍କ ବିଧବା ବୋହୂ ପାଖରେ ପହଞ୍ଚିଲେ । ଆର୍ତ୍ତଙ୍କୁ କି ପୁରୁଷ କି ସ୍ତ୍ରୀ ସମ୍ମାନ କରୁଥିଲେ ଏବଂ କାହାରି କିଛି ସଂକୋଚ ତାଙ୍କ ପାଖରେ ନ ଥିଲା । ସେ ନିଜର ସୁନ୍ଦରୀ ପତ୍ନୀର ସୌନ୍ଦର୍ଯ୍ୟ ଦେଖିବାକୁ ଇଚ୍ଛା କରନ୍ତି ନାହିଁ ଏବଂ ପ୍ରତ୍ୟେକ ଯୁବତୀ ତାଙ୍କର ଭଉଣୀ ବୋଲି ଧାରଣା କରନ୍ତି ତାଙ୍କୁ ସଙ୍କୋଚ କରି ଲାଭ କ'ଣ ?

ବାସୁ ଦାସଙ୍କ ବିଧବା ବୋହୂକୁ ଆର୍ତ୍ତ ପଚାରିଲେ, ନାନୀ ଦାସେ ଶଂଖଟି ଗୋଟିଏ ସ୍ଥାନରେ ଗୁପ୍ତରେ ରଖିଛନ୍ତି, ତାହା ମୁଁ ନେବି । ଦାସେ କହିଛନ୍ତି ତୁମଠାରୁ ମାଗି ନେବାପାଇଁ ।

ଦାସେ ଯେତେବେଳେ କହିଛନ୍ତି, ସେତେବେଳେ ମୋ ଠାରୁ ଅନୁମତି ନେବା କିଛି ଦରକାର ନାହିଁ । ତାଙ୍କ ଶଂଖ ସେ ଯେତେବେଳେ ତୁମକୁ ଦେଇଛନ୍ତି, ସେତେବେଳେ ମୋର ହଁ ନାହିଁର କଥା ଉଠୁଛି କେଉଁଠି ?

ଦାସର ବୋହୂର ଚତୁର କଥାରେ ଆର୍ତ୍ତଟିକେ ଇତସ୍ତତ ହେଲେ । ଶଂଖଟି ଦାସେ ମାଟିତଳେ ପୋତି ଦେଇଛନ୍ତି । ତାହା କେବଳ ତାଙ୍କ ବୋହୂ ଜାଣେ । ବୋହୂ ଶଙ୍ଖ ନଦେବା ପାଇଁ କହୁନାହିଁ, ଅଥଚ କେଉଁଠି ଅଛି ତାହା ସ୍ୱଇଚ୍ଛାରେ ଦେଖାଇ ଦେଉନାହିଁ । ଏଭଳି ସ୍ଥଳେ କେଉଁଠି ଅଛି ବୋଲି ତାଙ୍କ ବୋହୂକୁ ପଚାରିଲେ ବୋହୂ ଭିନ୍ନକଥା ଭାବିପାରେ । ଦାସେ ଯେତେବେଳେ ତାଙ୍କୁ ଶଂଖ ଦେଇଯାଇଛନ୍ତି । ସେତେବେଳେ ଶଂଖଟି କେଉଁଠି ରଖିଛନ୍ତି ତାହା କ'ଣ ତାଙ୍କୁ କହି ନ ଥିବେ ?

ମହା ଅସୁବିଧାରେ ପଡ଼ିଲେ ଆର୍ତ୍ତ, ତଥାପି ସେ ଜଗନ୍ନାଥଙ୍କୁ ସ୍ମରଣ କରି ଦାସଙ୍କ ବାରିର ବାମ ପାର୍ଶ୍ୱର ଏକ ନିମ୍ବ ଗଛ ଆଡ଼କୁ ଧୀରେ ଧୀରେ ଆଗେଇଲେ. ଯଦେ [illegible]

କିଏ କହିଦେଲା ଶଂଖଟି କେଉଁଠି ପୋତା ହୋଇଛି । ସେ ଧୀରେ ଧୀରେ ଆଗେଇ ଯାଇ ନିମ୍ବ ଗଛ ମୂଳରେ ଗୋଟିଏ ଉଚ୍ଚାସ୍ଥାନ ମାଟିକୁ ନିଜ ହାତରେ ଆଡେଇବାକୁ ଲଗିଲେ । ପୋତା ହେଲାବେଳେ ଦାଣ୍ଡେ ଶାବଳ ନେଇ ଗାଡ଼ କରି ପୋତିଥିଲେ । ମାତ୍ର ଆର୍ତ୍ତ ତା ହାତରେ ତାଡ଼ି ବାହାର କରିଦେଲେ ।

ଚମତ୍କୃତ ହେଲେ ଦାସଙ୍କ ବୋହୂ । ତାଙ୍କ ମୁହଁରେ କୌଣସି ଭାଷା ନାହିଁ । କିମିଆଁ କଲାପରି ଆର୍ତ୍ତ ଯେପରି ତାଙ୍କର ସମସ୍ତ ଚାତୁରୀ ସମସ୍ତ ଭାଷାକୁ ବନ୍ଦ କରିଦେଲେ ଖାଲି ସେତିକି ନୁହେଁ ଶଂଖଟିକୁ ପାଣିରେ ଧୋଇ ସଫା କରି ଆର୍ତ୍ତ ଯେତେବେଳେ ହାତରେ ଧରିଲେ, ସେତେବେଳେ ବ୍ରାହ୍ମଣ-ଘରର ବିଧବା ବୋହୂ ତଳେ ମୁଣ୍ଡିଆମାରି ପ୍ରଣାମ କଲେ ତାଙ୍କୁ ।

ଏଥର ଆର୍ତ୍ତ ଗାଦିବ୍ରହ୍ମ ପ୍ରତିଷ୍ଠା କରିବାପାଇଁ ଇଚ୍ଛା କଲେ । ନିଜେ ଜଗନ୍ନାଥ ଗାଦିବ୍ରହ୍ମଭାବେ ଦେଖା ଦେବେ ଏବଂ ଯେ ସେ ଗାଦିବ୍ରହ୍ମକୁ ପୂଜିବ ସେ ସାକ୍ଷାତ୍ ଜଗନ୍ନାଥଙ୍କୁ ପୂଜିଲାଭଳି ଫଳ ପାଇବ ଏହା ଆର୍ତ୍ତ ବହୁ ଲୋକଙ୍କୁ କହିବା ମାତ୍ରେ ବିଭିନ୍ନ ସ୍ଥାନରେ ଗାଦିବ୍ରହ୍ମ ନିର୍ମାଣ କରିବାକୁ ଲୋକେ ଆର୍ତ୍ତଙ୍କୁ ଅନୁରୋଧ କଲେ । ଜଗନ୍ନାଥଙ୍କର ଯେତେବେଳେ ଆଦେଶ ତାକୁ ଅବଜ୍ଞା କରିବ କିଏ ? ଯେ ରତ୍ନ ସିଂହାସନ ଉପରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ବିଜେ କରିଥାନ୍ତି । ସେ ବିଜେ କରିବେ ଶୂନ୍ୟ ହୋଇ ମାଟିଗାଦି ଉପରେ । ବେଦ ତାଙ୍କୁ କହେ ସେ ହେଉଛନ୍ତି ପୁରୁଷ । ତାଙ୍କର ଅସଂଖ୍ୟ ହାତ, ଅସଂଖ୍ୟ ପାଦ, ସମସ୍ତ ଭୂମିକୁ ସେ ହିଁ ଆବୃତ କରି ରହିଛନ୍ତି ।

ବେଦର ସେହି ପୁରୁଷ ଶୂନ୍ୟ । ସେ ଅରୂପ-ଅଚିନ୍ତ୍ୟ,-ଅଲେଖ । ଏହି ପୃଥିବୀ ଭଳି କୋଟି କୋଟି ପୃଥିବୀ ଅସଂଖ୍ୟ ଗ୍ରହ ନକ୍ଷତ୍ର ବିରାଜିତ ସେହି ଶୂନ୍ୟରେ—ସେହି ବିରାଟ ପୁରୁଷ ଦେହରେ । ସେ ପୁରୁଷ କିପରି ତାହା କହିବାର କାହାରି ସାଧ୍ୟ ନାହିଁ । ଅନ୍ଧ କେତୋଟି ଯେଉଁଭଳି ହାତୀକୁ ଦେଖିବାକୁ ଯାଇ ବିଭିନ୍ନ ଭଳି ପ୍ରକାଶ କଲେ ସେହିଭଳି ସେହି ପୁରୁଷ । ସେ ଅତସି କୁସୁମ ଭଳି ନୀଳ । କଳା ଜିମୂତଭଳି କୃଷ୍ଣ ଇତ୍ୟାଦି । କିଏ କହିଲା ତାର ଦୁଇଭୁଜ, କିଏ କହିଲା ତାର ଚତୁର୍ଭୁଜ, ଗରୁଡ଼ ତାଙ୍କର ବାହାନ । ସେ ଶଂଖ, ଚକ୍ର, ଗଦା-ପଦ୍ମଧାରୀ । କିନ୍ତୁ ସବୁ ଶୂନ୍ୟ—ଦୃଶ୍ୟ ଅଦୃଶ୍ୟର ଅପୂର୍ବ ବିକାଶ । ତାର ସୃଷ୍ଟି ସତ୍ୟ । ତାର ସୃଷ୍ଟି ମିଥ୍ୟା । ସତ୍ୟ ମିଥ୍ୟାର ପୁଟଦେଇ ସୁନ୍ଦରଭାବେ ଗଢ଼ିଛି ଏ ବିଶ୍ୱକୁ । କିନ୍ତୁ ସେ ରହିଛି ଏ ସତ୍ୟ ମିଥ୍ୟାର ବହୁ ଊର୍ଦ୍ଧ୍ୱରେ—ଶୂନ୍ୟରେ, ମହାଶୂନ୍ୟରେ । ପୁଣି ସେ ଓହ୍ଲାଇ ଆସେ ଏହି ପାର୍ଥିବ ପୃଥିବୀ ବକ୍ଷକୁ—ନୀଳ ସମୁଦ୍ରକୁ, ଗଛ, ପଥର ପ୍ରତ୍ୟେକ ମଧ୍ୟକୁ । ମାଟିର ସେହି ଗାଦିବ୍ରହ୍ମକୁ ।

ବାଳକ ହେଲେ ମଧ୍ୟ ତାକୁ ଚିହ୍ନିଥିଲା ପ୍ରହ୍ଲାଦ । ବାପ ହିରଣାକ୍ଷ ଯେତେବେଳେ ପଚାରିଲା ସେ କେଉଁଠି ଅଛି ? ସେତେବେଳେ ସେ ଉତ୍ତର ଦେଇଥିଲା ସେ ସବୁଠାରେ ଅଛି । ପୁଣି ତାର ବାପ୍ କହିଲା ତାହାହେଲେ ସେ କ'ଣ ଏହି ଖମ୍ବ ମଧ୍ୟରେ ଅଛି ? ପ୍ରହ୍ଲାଦ ଧୀର ନମ୍ରସ୍ୱରରେ କହିଥିଲା, ସେ ଯେତେବେଳେ ସର୍ବବ୍ୟାପୀ ସେତେବେଳେ ଏ ଖମ୍ବ ମଧ୍ୟରେ ସେ ନ ଥିବେ କିପରି ? ହିରଣାକ୍ଷ ସେ ଖମ୍ବଟିକୁ ଅସ୍ତ୍ରାଘାତ କଲାମାତ୍ରେ ତା ମଧ୍ୟରୁ ସେ ପ୍ରକାଶ ପାଇଲେ ଅପୂର୍ବ ନରସିଂହ ମୂର୍ତ୍ତି ଧାରଣ କରି । ସେ ରୂପଥିଲା ମଣିଷର—ସେ ରୂପ ଥିଲା ପଶୁର । କିନ୍ତୁ ଆର୍ତ୍ତଙ୍କୁ ସେ କହିଛନ୍ତି ସେ ପ୍ରଚାର କରିବ ମାଟିର ଗାଦି । ବର୍ତ୍ତୁଳାକାରଭାବେ ଧୀରେ ମାଟି ଉପରୁ ଶୂନ୍ୟକୁ ସରୁ ହୋଇ ସେ ଦୃଶ୍ୟ ହେବେ । ସ୍ଥୂଳ ପ୍ରକାଶ ପାଇବେ ସୂକ୍ଷ୍ମରୂପେ ।

କେତୋଟି ସ୍ଥାନରେ ଗାଦିବ୍ରହ୍ମ ପ୍ରତିଷ୍ଠା କଲାପରେ ଆର୍ତ୍ତ ବାହାରିଲେ ବେନୁପଡ଼ା ମଠକୁ । ବେନୁପଡ଼ା ମଠରେ ବାଉଧର ଦାସ ଅଛନ୍ତି । ତାଙ୍କରି ଶିଷ୍ୟ ହୋଇ ଦୀନକୃଷ୍ଣ ଦାସଙ୍କଠାରୁ ସେ ଗ୍ରହଣ କରିବେ ଟୋପି ବାଡ଼ି । ତା'ପରେ ସେ ଚାଲିବେ ଦେଶ ଦେଶାନ୍ତରକୁ ଗାଦିବ୍ରହ୍ମ ପ୍ରଚାର କରିବା ପାଇଁ ।

ଆର୍ତ୍ତ ବେନୁପଡ଼ା ଯିବାକଥା ଶୁଣି ମା ତାଙ୍କର ଆସି କହିଲେ, ପୁଅ ! ତୁ ତ ବେନୁପଡ଼ା ଯାଉଛୁ ମୁଁ ଖାଇବି କ'ଣ ? ବୁଢ଼ୀଦିନେ ମୁଁ କ'ଣ କେଉଁଆଡ଼େ ଯାଇ ମୂଲପାଣି ଲଗି ପାରିବି ? ଆର୍ତ୍ତ ଟିକିଏ ଚିନ୍ତା କରି ଗୋଟିଏ ଓଳିଆ ଦେଇ କହିଲେ, ଏଇଟିକୁ ନେଇ ରଖିଥା । ତୋର ଯେତିକି ଦରକାର ସେତିକି ନିତି ଗାଳି ଖାଇବୁ । ଏକାବେଳେକେ ସବୁ ଗାଳି ଦେବୁ ନାହିଁ ।

ଖାଇବାକୁ ଗଣ୍ଡାଏ ହୋଇଗଲେ ବୁଢ଼ୀର ଆଉ ଚିନ୍ତା କ'ଣ ? ଏଇଠି ଗାଁ ପାଖରେ ଥିଲାବେଳେ ବି ପଅତ ବାବାଜୀ ଭଳି ହୋଇ ରହିଥିଲା । ବେନୁପଡ଼ା ମଠକୁ ଗଲେ ତାର ଅସୁବିଧା କ'ଣ ଅଛି ? ହେଉ ଡ଼େଙ୍କାଙ୍ଗ ପାଖରେ ତ ବେନୁପଡ଼ା । ହେଉ ହେଉ ଟିକେ ଅଧିକା ଦୂର । ହେଉ ପୁଅର ଯାହା ଇଚ୍ଛା ସେ ତାହା କରୁ । ସେ ତ ଆଉ ଛୋଟ ପିଲା ନୁହେଁ ତାକୁ ସେ ଭଲ ମନ୍ଦ କହିବ ।

ଆର୍ତ୍ତ ଚାଲିଗଲେ ବେନୁପଡ଼ା । ସେ ସ୍ଥାପନା କରିଦେଇ ଯାଇଥିବା ଗାଦିବ୍ରହ୍ମର ପୂଜା ଚାଲିଥାଏ । ସେ ଗାଦିବ୍ରହ୍ମ ଆଉ କେହି ନୁହନ୍ତି ସ୍ୱୟଂ ଜଗନ୍ନାଥ । ଜଗନ୍ନାଥଙ୍କୁ ପୂଜିଲେ ଯେଉଁ ଫଳ ମିଳେ ଗାଦିକୁ ପୂଜିଲେ ଯେତେବେଳେ ମଣିଷ ସେହି ଫଳ ପାଇବ ସେତେବେଳେ ସେ କାହିଁକି ଗାଦିକୁ ପୂଜିବ ନାହିଁ । ଯେତେ ପୂଜା ଉପାସନା ସବୁ ମଣିଷର ମନକାମନା ପୂରଣ ପାଇଁ । ଗାଦିକୁ ପୂଜିଲେ ଯଦି ମନକାମନା ପୂରଣ ହୁଏ ତେବେ ମଣିଷ ପଛାଇବ କାହିଁକି ?

ବିଭିନ୍ନ ଅଞ୍ଚଳରୁ ଶୁଣାଗଲା ଆର୍ତ୍ତଙ୍କ ପ୍ରଚାରିତ ଗାଦିକୁ ପୂଜି ଅପୁତ୍ରିଙ୍କର ପୁତ୍ର ହେଲାଣି, ଯମ ମୁହଁରୁ ଜୀବ ମଧ୍ୟ ବଞ୍ଚି ଫେରି ଆସିଲାଣି । ଏହିଭଳି ଘଟଣା ଲୋକମୁଖରୁ ଶୁଣୁ ଶୁଣୁ ଆହୁରି ଅଧିକ ବିଶ୍ୱାସ ଜନ୍ମେ ମଣିଷ ମନରେ । ସେ ଅଧିକ ତତ୍ପର ହୋଇଉଠେ ଗାଦିବ୍ରହ୍ମ ପୂଜିବା ପାଇଁ ।

ତୁଙ୍ଗଭଦ୍ରା ନଦୀ ବନ୍ଧରେ ଜଣେ ଲୋକ ଲୁଣ ଭାରଟିଏ ଧରି ଚାଲିଥିଲା । ସମୁଦ୍ରର ଲୁଣିଆ ପାଣିକୁ ମାରି ସେହି ଲୁଣକୁ ନେଉଥାଏ ସେ ବିକିବା ପାଇଁ । ସରକାର ନାହିଁ କରିଥାନ୍ତି କେହି ଲୁଣ ମାରି ପାରିବେ ନାହିଁ । ମାରିଲେ ଦଣ୍ଡ ଭୋଗିବେ—ଜେଲ୍ ଯିବେ । ଅଥଚ ସେ ଚାଲିଥାଏ ସଫା ଦିବାଲୋକରେ ନଈ ବନ୍ଧରେ ଲୁଣ ଭାର ଧରି । ହଠାତ୍ ହାବୁଡ଼ି ଗଲା ସିପାହୀ । ସେ ଛାନିଆ ସିପାହୀକୁ ଦେଖି । ସମୁଦ୍ର ପାଣିରୁ ଲୁଣ ମାରି ସେ ଯେତେବେଳେ ବିକିବା ପାଇଁ ନେଉଛି, ସେତେବେଳେ ତାର ଦଣ୍ଡ ସ୍ୱରୂପ ଜେଲ୍ ଯିବ । ଜେଲ୍‌ରେ କଟା ବାଡ଼େଇବ, ଘଣା ପେଲିବ ।

ଲୋକଟି କ'ଣ କରିବ, କ'ଣ କରିବ ଭାବୁ ଭାବୁ ସିପାହୀ ଆସି ତା ପାଖରେ ପହଁଞ୍ଚି ଗଲା । ସେ ଲୁଣ ନେଇ ଯାଉଛି ଏହା ଗୁରୁତର ଅପରାଧ । ଗୋଟିଏ ଭାରରେ ଦୁଇଟି ଲୁଣ ବସ୍ତା । ସିପାହୀ ସଙ୍ଗେ ସଙ୍ଗେ ପଚାରି ଦେଲା, ହେ ! ସେ ବସ୍ତାରେ କ'ଣ ନେଇ ଯାଉଛୁ । ନିଜକୁ ବଞ୍ଚାଇବାକୁ ଲୋକଟି କହିଲା, ନାଇଁ ଆଜ୍ଞା ! ମୁଁ ଧାନ ନେଇ ଯାଉଛି ।

ଧାନ ! କ'ଣ ଲୁଣ ଭଳି ଜଣା ପଡୁଛି ତୁ କହୁଛୁ ଧାନ । ଦେଖେ ଦେଖେ କହି ସିପାହୀ ଆଗେଇ ଆସିଲେ । ପ୍ରମାଦ ଗଣିଲା ଲୋକଟି, ନିଜକୁ ଗାଦିବ୍ରହ୍ମ ପାଖରେ ସଂପୂର୍ଣ୍ଣଭାବେ ସମର୍ପି ଦେଇ ଲୋକଟି ଆର୍ତ୍ତଙ୍କ ଗାଦିବ୍ରହ୍ମଙ୍କୁ ଚିନ୍ତା କଲା ।

ହେ ଜଗନ୍ନାଥ ! ତୁମେ ଯଦି ପ୍ରକୃତରେ ଗାଦିବ୍ରହ୍ମ ହୋଇଥାଅ, ତେବେ ଏ ଲୁଣ ବସ୍ତା ଦୁଇଟି ଧାନ ବସ୍ତାରେ ପରିଣତ ହେଉ । ମୁଁ ରକ୍ଷା ପାଏ ସିପାହୀ କବଳରୁ ।

ସିପାହୀ ଲୁଣ ବସ୍ତା ଖୋଲି ଦେଇଥିଲେ । ପ୍ରକୃତରେ ସେ ବସ୍ତା ଦୁଇଟିରେ ଧାନ ରହିଛି । ଲୁଣର ନାମ ଗନ୍ଧ ପର୍ଯ୍ୟନ୍ତ ନାହିଁ । ବସ୍ତାର ଭିତରକୁ ସିପାହୀ ହାତ ପୂରାଇ ଦେଖିଲେ ସବୁ ଧାନ । ଗୋଟିଏ ନୁହେଁ, ଦୁଇଟି ଯାକ ବସ୍ତା । ସିପାହୀ ନିରବରେ ଲୋକଟିକୁ ଅତିକ୍ରମ କରି ଚାଲିଗଲେ ତାଙ୍କ ବାଟରେ । ମାତ୍ର ଲୋକଟି କିଛି ସମୟ ପାଇଁ ରହିଗଲା ସେହିଠାରେ । ସତେ କି ଆଶ୍ଚର୍ଯ୍ୟ କଥା ଏ । ଗାଦିବ୍ରହ୍ମଙ୍କ ମହିମାରେ ଲୁଣ ଦୁଇ ବସ୍ତା ତାର ପାଲଟି ଗଲା ଧାନ ?

ଦୀର୍ଘଦିନ ହୋଇଯାଇଥିବା ଆର୍ତ୍ତ ବେନୁପଡ଼ା ମଠକୁ ଚାଲିଯିବା । ମାଙ୍କୁ ସେ ଦେଇଯାଇଥିବା ଓଳିଆଟିରୁ ନିତି ଧାନ ଗାଳି ତାକୁ କୁଟି ଚାଉଳ ବାହାର କରି ମା ତାର ଖାଉଥାଏ । ସେ ଶୁଣିଲା ସେ ମଧ୍ୟ ଆଶ୍ଚର୍ଯ୍ୟ ହେଲା । ସତେ ଏ କି ଅସଂଭବ କଥା । ଛୋଟିଆ ଧାନ ଓଳିଆଟିଏ । ପାଳକୁଟାକୁ ବାଦ୍ ଦେଲେ ଧାନ ଗୌଣିଏ ଦୁଇ ଗୌଣୀ ଥିବ କି ନାହିଁ । ବୁଢ଼ୀ ପଖାଳ ଗରମ କରି ଘୁରିବଜତ ଖାଉଛି । ସେହି, କେଇ ଦିନ ନୁହେଁ—ମାସ ବର୍ଷ ହୋଇ ଗତହେଲାଣି କେତୋଟି ବର୍ଷ । ଅଥଚ ଓଳିଆ ଭିତରୁ ଧାନ ସରୁନାହିଁ ।

ଲୋକେ ବୁଢ଼ୀକୁ କହିଲେ, ଆଲୋ ! ଛୋଟିଆ ଓଳିଆଟିରୁ କେତେବର୍ଷ ହେଲା ଧାନ ଗାଳି ଖାଉଚୁ । ବୋଧେ ଧାନ ସରିଯିବଣି । ଧାନ ସରିଯାଇଥିଲେ ବେନୁପଡ଼ା ଯାଇ ଆର୍ତ୍ତକୁ ଜଣାଇଲେ ସେ ପୁଣି ଗୋଟିଏ ଓଳିଆ ଦେବ ବା ଆଉ କିଛିର ବ୍ୟବସ୍ଥା କରିବ । ତା ନ ହେଲେ ତୁ ହଇରାଣ ହେବୁ । ଆଜିକାଲି ଲୋକଗୁଡ଼ାକ ଯାହା ହେଲେଣି କିଏ ତୋତେ ଖାଇବାକୁ ଦେବ ?

ଲୋକଙ୍କ କଥା ମାନି ବୁଢ଼ୀ ଓଳିଆଟି ଭାଙ୍ଗି ଦେଖିଲା ସତକୁ ସତ ଆଉ ଗୋଟିଏ ଦିନ ପାଇଁ ଧାନ ତା ମଧ୍ୟରେ ଅଛି । ସେତକ ଚାଉଳ କରି କାନିରେ ବାନ୍ଧି ଚାଲିଲା ବେନୁପଡ଼ାକୁ । ବେନୁପଡ଼ା ଅଳ୍ପ ବାଟ ନୁହେଁ । ପିପିଲିଠାରୁ ଛ' କୋଶ ହେବ ଦେଲଙ୍ଗ । ତାହାରି ପାଖରେ ବେନୁପଡ଼ା ।

ବୁଢ଼ୀ ଗୋଟିଏ ଗୋଟିଏ ଚାଲିଲା ବେନୁପଡ଼ା । ଦୁଇ ଦିନ ଚାଲିଗଲା ବେନୁପଡ଼ାରେ ପହଁଞ୍ଚିବାକୁ । ବୁଢ଼ୀକୁ ଦେଖି ଆର୍ତ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ବୁଢ଼ୀର ତ ମଠକୁ ଆସିବା କିଛି ଆବଶ୍ୟକ ନଥିଲା । ସାରା ଜୀବନ ଗାଳି ଖାଇବା ପାଇଁ ସେ ଓଳିଆଟିଏ ଦେଇ ଆସିଥିଲେ । ଜଗନ୍ନାଥଙ୍କ ମହିମାରେ ବୁଢ଼ୀ ଅନାଦିକାଳ ବଞ୍ଚିଥିଲେ ମଧ୍ୟ ଓଳିଆରୁ ଧାନ ସରିବ ନାହିଁ । ତାହାହେଲେ ବୁଢ଼ୀ ଏଠାକୁ ଆସିଲା କାହିଁକି ? ଓଳିଆଟି କଣ ଚୋର ନେଇଗଲା ନା ବୁଢ଼ୀ ଓଳିଆଟିକୁ ଭାଙ୍ଗି ଦେଲା ।

ଆର୍ତ୍ତ ବୁଢ଼ୀକୁ ବେନୁପଡ଼ା ଆସିବାର କାରଣ ପଚାରିଲେ । ସେ ଯାହା ସଂଦେହ କରୁଥିଲେ ତାହାହିଁ ଘଟିଛି । ଲୋକମାନଙ୍କ କଥାରେ ଓଳିଆଟିକୁ ଭାଙ୍ଗି ଦେଇଛି । ଆର୍ତ୍ତ ଦେଖିଲେ ଆଉ ଉପାୟ ନାହିଁ । ବୁଢ଼ୀର ପରମାୟୁ ସରିଆସିଲା । ତା ନହେଲେ ଏଭଳି ଅଘଟଣ ଘଟନ୍ତା ନାହିଁ । ଲକ୍ଷ୍ମୀଙ୍କ ଭଣ୍ଡାର ତୁ ଯେତେବେଳେ ଭାଙ୍ଗି ଦେଇଛୁ, ତୋତେ ଆଉ କିଏ ବା କ'ଣ ଖାଇବାକୁ ଦେବ ?

ବଢ଼ୀ ଫେରିଗଲା ନିଜ ଘରକୁ । କିନ୍ତୁ ଘରେ ସେ ପହଁଞ୍ଚି ପାରିଲା ନାହିଁ । ବେନୁପଡ଼ାଠାରୁ କିଛି ବାଟ ଗଲାପରେ ବାଘ ତାକୁ ମାଡ଼ି ବସି ଖାଇଦେଲା । ଏ ସଂବାଦ ପାଇ ଆର୍ତ୍ତ ଅନାଇଲା ତାଙ୍କ ଗାଦିବ୍ରହ୍ମକୁ । ଗାଦିବ୍ରହ୍ମ ଉପରେ ଶୂନ୍ୟରେ ଶୂନ୍ୟ ରୂପ ଧାରଣ କରି ବିଜେ କରିଥାନ୍ତି ଜଗନ୍ନାଥ । ଜଗନ୍ନାଥଙ୍କ ମୁହଁରେ ମନ୍ଦ ମନ୍ଦ ହସ । ଜନ୍ମ ମୃତ୍ୟୁ-ଆନନ୍ଦ ଦୁଃଖ ଏ ସବୁ ତାଙ୍କ ପାଖରେ ଏକ । ସବୁର କର୍ତ୍ତା ସେ । ବିଶ୍ୱର ପ୍ରାଣୀର ମଙ୍ଗଳ ନିମିତ୍ତ ସେ ସବୁ କରୁଛନ୍ତି । ମଣିଷ ନିମିତ୍ତ ମାତର । ଜଗନ୍ନାଥ ଯେପରି ହସି କହୁଥାନ୍ତି । ଆର୍ତ୍ତ ! ଯେ ଯେତିକି ଦିନକୁ ଆସିଥିଲା ସେ ସେତିକି ଦିନରେ ଚାଲିଗଲା । କାଳ, ରୋଗ ବାର୍ଦ୍ଧକ୍ୟହୋଇ ଯେପରି ଏ ଦୁନିଆରେ ଘୂରି ବୁଲୁଥାଏ ସେହିଭଳି ହିଂସ୍ର ପ୍ରାଣୀ ରୂପେ ଆତ୍ମ ପ୍ରକାଶ

କରେ । କାଳ ବାଘ ନହୋଇ ଫୁଲ ହୋଇ ଯଦି ତା' ଉପରେ ପଡ଼ିଥାନ୍ତା ତେବେ ସେ ବି ମରିଯାଇଥାନ୍ତା । ଏ ବିଶ୍ୱରେ ସବୁ ମିଥ୍ୟା । ଏକମାତ୍ର ସତ୍ୟ ମୁଁ । ମୋଠାରେ ଯେ ନିଜକୁ ସମର୍ପଣ କରେ ସେ ମିଥ୍ୟା, ମାୟାରେ ଘୂରି ବୁଲେ ନାହିଁ । ତୁମେ ତାକୁ ନେତେବେଳେ ତ୍ୟାଗ କରି ଆସିଛ ସେତେବେଳେ ଆଉ ତା ମଧ୍ୟକୁ ଲକ୍ଷ୍ୟ କରନାହିଁ । ତୁମେ ଦୀନକୃଷ୍ଣଙ୍କଠାରୁ ଟୋପି ବାଡ଼ି ଗ୍ରହଣ କରି ଗାଦିବ୍ରହ୍ମର ପ୍ରଚାର କରିଥିଲ । ତୁମେ ମୋର ସଖା, ତୁମେ ମୋର ଭକ୍ତ । ଏ ମାଟିର ସଂସାର । ମାଟିରେ ତୁମେ ଗଢ଼ିଥିଲ ଗାଦି । ସେ ଗାଦିରେ ମୁଁ ଆତ୍ମ ପ୍ରକାଶ କରିବି ବିଶ୍ୱର ମଙ୍ଗଳ ପାଇଁ । ସେଥିପାଇଁ କେବଳ ଜନ୍ମ ଗ୍ରହଣ କରିଛ ଏ ବିଶ୍ୱରେ ।

ଆର୍ତ୍ତଙ୍କର ମୁଣ୍ଡ ନଇଁ ପଡ଼ିଲା ଗାଦିବ୍ରହ୍ମଙ୍କ ପାଖରେ— ମହାପ୍ରଭୁ ଜଗନ୍ନାଥଙ୍କ ପାଦଦେଶରେ । ସେତେବେଳେ ଏକ କୀର୍ତ୍ତନମଣ୍ଡଳୀ, ଗାଦିବ୍ରହ୍ମଙ୍କ ମହିମା ଗାଇ ଗାଇ ପ୍ରବେଶ କରୁଥିଲେ ବେନୁପଡ଼ା ମଠରେ । ସେମାନଙ୍କ ଗିନି, ଝାଂଜ, ମୃଦଙ୍ଗ, ତୁରୀ ନାଦରେ କଂପିଉଠୁଥିଲା ବେନୁପଡ଼ା ମଠ । ଥରକୁ ଥର ସେମାନଙ୍କ ମୁଖରୁ ଝରି ପଡୁଥିଲା ଜୟ ଗାଦିବ୍ରହ୍ମ, ଜୟ ଜଗନ୍ନାଥ ସ୍ୱର ।

---


ନିମାପଡ଼ା ନିକଟସ୍ଥ ପଡ଼ାଗୁଅ ଗ୍ରାମରେ ଆର୍ତ୍ତ ଦାସ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଖୋର୍ଦ୍ଧାର ରାଜା ଗଜପତି ବୀର କିଶୋରଙ୍କ ଅମଳରେ ଜନ୍ମ ଗ୍ରହଣ କରିଥିଲେ । ଲୋକେ କହନ୍ତି ସେ ୭୫୨ଟି ଗାଦିବ୍ରହ୍ମ ପ୍ରତିଷ୍ଠା କରିଥିଲେ ।

---

କ୍ୱାଟର ନଂ ୭୭ ଟାଇପ—୪
ଡ଼େଲ୍‌ଟା କଲୋନି, ଭୁବନେଶ୍ୱର—୧୨ ।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଆର. ଭେଙ୍କଟରମଣଙ୍କ ଦ୍ୱାରା ଚୌଦ୍ୱାରରେ ନିର୍ମିତ ହେବାକୁ ଯାଉଥିବା ସଂପୂର୍ଣ୍ଣ ରପ୍ତାନୀଯୋଗ୍ୟ ଗ୍ରହ୍ଣକୋନ୍ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ ।








# ବାସନ୍ତିକ ଅନଙ୍ଗୋତ୍ସବ ଓ ମହାପ୍ରଭୁ ନୀଳାଦ୍ରିନାଥ

ଇଂଜିନିୟର ରଘୁନାଥ ପାତ୍ର

ଋତୁରାଜ ବସନ୍ତର ଅଧିଷ୍ଠାତୃ ଦେବ ବସନ୍ତ ଓ ବିଶ୍ୱ-ବିମୋହନ କାମଦେବଙ୍କ ଉତ୍ପତ୍ତି ସମ୍ବନ୍ଧରେ ବ୍ରହ୍ମବୈବର୍ତ୍ତ ପୁରାଣ, କାଳିକା ପୁରାଣ, ପଦ୍ମପୁରାଣ, ବିଷ୍ଣୁପୁରାଣ, ଗରୁଡ଼ ପୁରାଣ, ଓ ସୂର୍ଯ୍ୟ ପୁରାଣ ଦ୍ରଷ୍ଟବ୍ୟ । ତାରକାସୁର ଅତ୍ୟାଚାରରେ ଦେବଗଣ ଭୀତତ୍ରସ୍ତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ଶ୍ରୀମନ୍ ନାରାୟଣ ଦାନବ ସଙ୍ଗେ ତିରିଶ ସହସ୍ର ବର୍ଷ ଯୁଦ୍ଧ କଲେ ସତ, କିନ୍ତୁ ପଦ୍ମଯୋନି ବ୍ରହ୍ମାଙ୍କ ବର ପ୍ରଭାବରୁ ତାରକାସୁରକୁ ପରାଜିତ କରି ପାରିଲେ ନାହିଁ ।

"ତାରକାଦ୍‌ଭୟ ସଂତ୍ରତାଃ ଶରଣ ଦେବମାଗତାଃ ।
ଯଥା ମୃତ୍ୟୋର୍ଭୟଂ ଦେବ ତସ୍ମାନ୍ନପାତୁ ମର୍ହସି ॥

\+ \+ \+ \+

ତ୍ରିଂଶଦ୍ବର୍ଷ ସହସ୍ରାଣି ହରି ତାରକୟୋ ସ୍ତଦା ॥
ଅହର୍ନିଶମବିଶ୍ରନ୍ତଂ ଯୁଦ୍ଧମାସୀ ସୁଦାରୁଣମ୍ ।
ତଥାଽପି ନ ଜିତସ୍ତେନ ଦେବ ଦେବେନ ଚକ୍ରିଣା "
(ସୂର୍ଯ୍ୟ ପୁରାଣ)

ପରିଶେଷରେ ଦେବଗଣ ଭଗବାନ ବ୍ରହ୍ମାଙ୍କ ନିକଟରେ ବ୍ୟାକୁଳ ପ୍ରାର୍ଥନା କଲେ । ବ୍ରହ୍ମା ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ–ଦେବ ଦେବ ମହାଦେବଙ୍କ ବୀର୍ଯ୍ୟ ସଂଭୂତ ସନ୍ତାନହିଁ କେବଳ ତାରକାସୁର ବିନାଶ ପାଇଁ ସମର୍ଥ ହେବ । କିନ୍ତୁ ପଶୁପତି ଶଙ୍କର ଶୈଳସୁତା ପାର୍ବତୀଙ୍କର ପାଣିଗ୍ରହଣ ପୂର୍ବରୁ ପାଶୁପତ ବ୍ରତାଚରଣ କରି ଧ୍ୟାନମଗ୍ନ ଥିଲେ । ଦେବତାମାନେ ସ୍ୱାଭିଷ୍ଟସାଧନ ଓ ଗିରିରାଜ ତନୟା ପାର୍ବତୀଙ୍କର ମନୋରଥ ପୂର୍ଣ୍ଣ ନିମିତ୍ତ ଶିବଙ୍କ ଧ୍ୟାନଭଙ୍ଗ ପାଇଁ ତତ୍ପର କାଞ୍ଚନନିଭ ଶୃଙ୍ଗାର ରସ ସେବିତ ପୁଷ୍ପାୟୁଧ ମନ୍ମଥ ଦେବଙ୍କୁ ନିୟୋଜିତ କଲେ । ବିଧାତା କନ୍ଦର୍ପଙ୍କୁ ସମ୍ବୋଧନ କରି କହିଲେ "ହେ ବତ୍ସ ! ତୁମେ ବର୍ତ୍ତମାନ ଜଗତର ମଙ୍ଗଳ ସାଧନ ପାଇଁ ଭଗବାନ ଶଙ୍କରଙ୍କ ଧ୍ୟାନଭଙ୍ଗ କର, ସେ ଯେପରି ଭଗବତୀ ପାର୍ବତୀଙ୍କୁ ପତ୍‌ନୀରୂପେ ଗ୍ରହଣ କରି ପାରିବେ । ତୁମେ ହିଁ ବନିତା-ବିମୁଖ ଜିତେନ୍ଦ୍ରିୟ ଶଙ୍କରଙ୍କୁ ବିମୋହିତ କରି ଶିବକେତୁ ନାମ ସାର୍ଥକ କରି ପାରିବ । "

"ଜଗଦ୍ଧିତାୟ ବତ୍ସତ୍ୱଂ ମୋହୟସ୍ୱ ପିଣାକିନମ୍ ।
ଯଥା ସୁଖମନା ଶମ୍ଭୁଃ କୁର୍ଯ୍ୟାଦ୍‌ଦାର ପରିଗ୍ରହମ୍ ।

\+ \+ \+ \+

ମୋହୟସ୍ୱ ସଦାତ୍ମାନଂ ବନିତା ବିମୁଖଂ ହରମ୍ ।
ତ୍ୱଦ୍ ଋତେ ବିଦ୍ୟତେ ନାନ୍ୟଃ କଶ୍ଚିଦସ୍ୟ ବିମୋହନ ॥"
(କାଳିକା ପୁରାଣ)

ବ୍ରହ୍ମାତନୟ କାମଦେବ ପଦ୍ମଯୋନିଙ୍କୁ ବିନମ୍ର ପ୍ରାର୍ଥନା କରି କହିଲେ "ବିଭୋ ! ଶମ୍ଭୁଙ୍କୁ ବିମୋହିତ କରିବା ପାଇଁ ମୁଁ ଏକାକୀ ସମର୍ଥ ନୁହେଁ । ମୋର ଏକ ଅନୁମୋହନକାରୀ ସହାୟକ ଆବଶ୍ୟକ ।" ତଦନନ୍ତର ଚିନ୍ତାକୁଳ ବିଧାତାଙ୍କ ନିଶ୍ୱାସରୁ ରକ୍ତ କୋକନଦ ନିଭ ଶରୀର, ପ୍ରଫୁଲ୍ଲ ପଂକଜବତ୍ ସୁଶୋଭିତ ନୟନ ଯୁଗଳ, ତିଳପ୍ରସୂନସମ ନାସିକା, କୁଞ୍ଚିତ ଶ୍ୟାମକେଶ କଳାପ, ଅସ୍ତୋନ୍ମୁଖ ଅଂଶୁମାଳିସମ ସମୁଜ୍ଜ୍ୱଳ କର୍ଣ୍ଣକୁଣ୍ଡଳ, ବିସ୍ତୀର୍ଣ୍ଣ ବକ୍ଷସ୍ଥଳ, ସନ୍ଧ୍ୟୋଦିତ ପୂର୍ଣ୍ଣ ଶଂଶାଙ୍କସମ ସମୁଜ୍ଜ୍ୱଳ ମୁଖମଣ୍ଡଳ, ମୀନ ସ୍ଥୂଳ ଓ ଆୟତ ଭୁଜଦ୍ୱୟ; ସୁବୃତ୍ତ ଉରୁ, କଟି ଓ ଜଘନ, କମ୍ବୁଗ୍ରୀବ, ଉନ୍ନତ ସ୍କନ୍ଧ, ମତ୍ତମାତଙ୍ଗ ଗତି ଓ ସର୍ବ ସୁଲକ୍ଷଣ ସଂଯୁକ୍ତ ବସନ୍ତର ଆବିର୍ଭାବ ଦେଖି ନିଜେ ବିଧାତା ମଧ୍ୟ ବିମୋହିତ ହେଲେ ।

ବସନ୍ତର ସହାୟତାକ୍ରମେ ରତିକାନ୍ତ ଭଗବାନ ଶଙ୍କରଙ୍କ ଆଶ୍ରମ ନିକଟରେ ଉପସ୍ଥିତ ହେଲେ । ସଙ୍ଗେ ସଙ୍ଗେ ଆଶ୍ରମ ନିକଟସ୍ଥ ମଧୁଲୋଭୀ ମଧୁପ ଝଂକୃତ ବନସ୍ଥଳୀ ମଳୟାଗତ ସୁଗନ୍ଧ ଗନ୍ଧବହର ମୃଦୁମନ୍ଦ ହିଲ୍ଲୋଳ, ବିହଙ୍ଗର କଳ କୂଜନ ଓ ପିକ କାକଳି, କିଂଶୁକ, କେତକି, ପୁନ୍ନାଗ, ମାଧବୀ, ମଲ୍ଲିକା, ପର୍ଣ୍ଣସାର, କୁରୁବକ ଓ ନାଗକେଶର ପୁଷ୍ପପାଦପର କୁସୁମିତ ସୌରଭ, ଅଶୋକର ଶୋକ ପାସୋରା ସୁଷମା ଓ ପ୍ରହର୍ଷ ପ୍ରଫୁଲ୍ଲତାର ସ୍ନିଗ୍ଧ ସୌମ୍ୟ ମାଧୁରୀରେ ପ୍ରମୋଦିତ ହୋଇ ଉଠିଲା । କିନ୍ତୁ ମୃଦଙ୍ଗର ନିନାଦ, ସୁମଧୁର ଅଳି ଗୁଞ୍ଜନ, ବୀଣାର ଝଙ୍କାର, ସଙ୍ଗୀତର ବିମୋହନ ତାନ, ପିକ କାକଳି, ମୃଦୁମନ୍ଦ ମଳୟାନିଳ, ବାତାନ୍ଦୋଳିତ ପ୍ରସୂନ ପୁଞ୍ଜର ପରିମଳ ହିଲ୍ଲୋଳ ଓ ସୁନ୍ଦରୀ କାମିନୀକୁଳର ବିମୋହନ କଟାକ୍ଷ ଯୋଗେଶ୍ୱର ପଶୁପତିଙ୍କ ତପସ୍ୟା ଭଙ୍ଗ ପାଇଁ ଅସମର୍ଥ ହେଲା । ପରିଶେଷରେ କାମଦେବ ହର୍ଷଣ, ରୋଚନ, ମୋହନ, ଶୋଷଣ ଓ ମାରଣାଦି ପଞ୍ଚଗୁଣ ବିଶିଷ୍ଟ ପୁଷ୍ପଚାପକୁ ଉତ୍ତୋଳନ କରି ପୁଷ୍ପଶର ଶିବଙ୍କ ଉପରେ ବର୍ଷଣ କଲେ । ତଥାପି ଯୋଗେଶ୍ୱର ଅଚଳ ଓ ଅଟଳ । କାମଦେବଙ୍କ ସମସ୍ତ ଚେଷ୍ଟା ଓ ପ୍ରଚେଷ୍ଟା ବ୍ୟର୍ଥ ହେଲା । ଦେଖୁଦେଖୁ ଶିବଙ୍କ ମସ୍ତକ ଲୋଚନ-ନିସୃତ ପ୍ରଳୟଙ୍କରୀ ଅଗ୍ନି କାମଦେବଙ୍କର ସବୁ ମଞ୍ଜୁଳ ସର୍ବାଙ୍ଗ ମୁହୂର୍ତ୍ତକ ମଧ୍ୟରେ ଭସ୍ମୀଭୂତ କଲା । ପତିପ୍ରାଣା ରତି ବିଳାପ କରିବାକୁ ଲାଗିଲେ । କନ୍ଦର୍ପ ଦହନରେ ପାର୍ବତୀ ବ୍ୟଥିତା ହୋଇ ରତିକାନ୍ତ ଅନଙ୍ଗର ପୁନର୍ଜୀବନ ପାଇଁ ଦେବ ଦେବ ମହାଦେବଙ୍କୁ ପ୍ରାର୍ଥନା କଲେ "ହେ ନୀଳକଣ୍ଠ ! ହେ ପ୍ରଭେ ! କାମଦେବଙ୍କ ବିନା ସଂସାରରେ ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ କୌଣସି ପ୍ରୀତି ସ୍ଥାପନ ହେବା ଅସଂଭବ । ତେଣୁ ଆପଣଙ୍କ ପ୍ରଦତ୍ତ ସମସ୍ତ ବର ନିଷ୍ପ୍ରୟୋଜନ ହେବ ।"

"ହତେ ତୁ କାମେ ବଦ ନୀଳକଣ୍ଠ ବରେଣ କିଂଦେବ
କରୋମି ହେ(ଦ୍ୟ) ।
ବିନୈବ କାମେନ ନାସ୍ତିଭାବଃ ସ୍ତ୍ରୀ ପୁଂସୟୋର୍ଭାପର
କୋଟି କଳ୍ପଃ ॥"

(ସ୍କନ୍ଦ ପୁରାଣ)

କିନ୍ତୁ ଶିବାନଳରେ ଭସ୍ମୀଭୂତ ଶରୀରର ପୁନଃ ନିର୍ମାଣ ଅସଂଭବ । ତେବେ ପାର୍ବତୀଙ୍କ ଅନୁନୟ ବିନୟରେ ପ୍ରୀତ ହୋଇ ଶିବ ବର ଦେଲେ-ପ୍ରତିବର୍ଷ ବସନ୍ତକାଳୀନ ଶୁକ୍ଳପକ୍ଷ ତ୍ରୟୋଦଶୀ ବା ଅନଙ୍ଗ ତ୍ରୟୋଦଶୀରେ ଅନଙ୍ଗ ସଶରୀରେ ଆବିର୍ଭାବ ହେବେ । ତଦବଧି ଅନଙ୍ଗ ତ୍ରୟୋଦଶୀରେ ସମସ୍ତେ ମଦନୋତ୍ସବରେ ଯୋଗ ଦେଲେ ।

ଉକ୍ତ ଦିନ ପୂଜା, ମନ୍ତ୍ରପାଠ, ନୈବେଦ୍ୟ, ବରାଙ୍ଗନା-ମାନଙ୍କର ସାନନ୍ଦ ସଙ୍ଗୀତ ଓ ବିଳାସ ସାମଗ୍ରୀଯୁକ୍ତ ବିବିଧ ଲୀଳା ପରିବେଶକୁ ଅଧିକ ରମଣୀୟ ଓ ମନ୍ତ୍ର ମୁଗ୍ଧ କରିଥାଏ । ପୂଜା ସମୟରେ ନିମ୍ନୋକ୍ତ ମନ୍ତ୍ରପାଠ କରି କାମଦେବଙ୍କୁ ପ୍ରାର୍ଥନା କରାଯାଏ ।

"ନମୋ ମାରାୟ କାମାୟ ଦେବଦେବାୟ ମୂର୍ତ୍ତୟେ ।
ବ୍ରହ୍ମା ବିଷ୍ଣୁ ଶିବେନ୍ଦ୍ରାଣାଂ ମନଃ କ୍ଷୋଭକାୟ ବୈ ॥"

ବ୍ରତନିଷ୍ଠା ରମଣୀମାନେ ସ୍ନାନ, ବସନ, ଭୂଷଣ, ମାଳା ଚନ୍ଦନ ଦ୍ୱାରା ପୂଜାନୁଷ୍ଠାନ କରି ଥାଆନ୍ତି । ନିଶାଗମରେ ଉତ୍ସବର ଆୟୋଜନ ହୁଏ । କର୍ପୂର, କୁଙ୍କୁମ, ଅଗୁରୁ, ଚନ୍ଦନ, ତାମ୍ବୁଳ ଓ ମଦ୍ୟାଦି ବିବିଧ ବିଳାସ ସାମଗ୍ରୀ ଓ ମନୋହର ଦୀପାବଳୀ ସହ ସ୍ୱଚ୍ଛନ୍ଦରେ ରାତ୍ରିଜାଗରଣ ପୂର୍ବକ ଅନଙ୍ଗ ମହୋତ୍ସବ ପାଳନ କରାଯାଏ । ଶାସ୍ତ୍ରୋକ୍ତ ମତରେ କାମଦେବଙ୍କର ପୂଜାରାଧନା କଲେ ଆୟୁ, ଆରୋଗ୍ୟ ଓ ସୌଭାଗ୍ୟ ପ୍ରାପ୍ତି ହୁଏ ।

ବାସନ୍ତିକ ଅନଙ୍ଗୋତ୍ସବ ବା ବସନ୍ତୋତ୍ସବ ଭାରତବର୍ଷର ବହୁ ପ୍ରାଚୀନତମ ଉତ୍ସବ । ଏହା ରାଜା, ପ୍ରଜା, ଧନୀ ଓ ଦରିଦ୍ର ସମସ୍ତେ ଜାତିବର୍ଣ୍ଣ ନିର୍ବିଶେଷରେ ପାଳନ କରନ୍ତି । ସଙ୍ଗୀତ, ଅବିର, ଚନ୍ଦନ, ଓ କୁଙ୍କୁମାଦି ବିଳାସ ସାମଗ୍ରୀ ପ୍ରଭାବରେ ନାଗର ନାଗରୀଗଣ ମଦନ ପ୍ରାଙ୍ଗଣରେ ହର୍ଷୋତ୍‌ଫୁଲ୍ଲ ହୋଇ ଉଠନ୍ତି । ବସନ୍ତୋତ୍ସବର ମାଧୁର୍ଯ୍ୟ ମହାକବି କାଳିଦାସଙ୍କ ରଘୁବଂଶରେ ପରିକୀର୍ତ୍ତିତ ହୋଇଛି । କାମିନୀ ଭୁଜଲତା ପରିବେଷ୍ଟିତ ଅଯୋଧ୍ୟାପତି ଦଶରଥ ସୁରମ୍ୟ ଓ ସୁସଜ୍ଜିତ ଦୋଳିକାରେ କ୍ରୀଡାରତଥିଲେ । ପଦ୍ମପୁରାଣ, ବ୍ରହ୍ମାଣ୍ଡପୁରାଣ, ଲିଙ୍ଗପୁରାଣ, ସ୍କନ୍ଦପୁରାଣ, ହରିଭକ୍ତିବିଳାସ ଓ ଶତାନନ୍ଦ ସଂଗ୍ରହରେ ଋତୁରାଜ ବସନ୍ତର ଅନଙ୍ଗୋତ୍ସବ ବହୁଳ-ଭାବେ ବର୍ଣ୍ଣିତ ।

ଆର୍ଯ୍ୟ ଶବ୍ଦର ଅର୍ଥ 'କୃଷିକାର୍ଯ୍ୟ' । ତେଣୁ କେଉଁ ବୈଦିକଯୁଗରୁ କୃଷିଜୀବିଗଣ ଶସ୍ୟ ଅମଳପରେ କଠୋର ସ୍ପର୍ଶ ଓ ଜଡ଼ତା ରହିତ ଶୀତ ଓ ପ୍ରଖରତାଶୂନ୍ୟ ଗ୍ରୀଷ୍ମର ସନ୍ଧିକାଳୀନ ପ୍ରସନ୍ନ ଆକାଶ ଓ ଦିଗମଣ୍ଡଳ, ନାତିଶୀତୋଷ୍ଣଦିବସ, ରମ୍ୟପ୍ରଦୋଷ, ପ୍ରମୋଦିନୀ ଯାମିନୀ, ସ୍ମୃତହାସିନୀ ଉଷା, ନବୋଦ୍‌ଗତ ସ୍ନିଗ୍ଧ ପଲ୍ଲବର ନବୀନ ରାଗରଂଜିତ ପ୍ରକୃତିଦେବୀ ଓ ବାସନ୍ତିକ ସ୍ନିଗ୍ଧ ମାଧୁରୀକୁ ଆବାହନ କରିବାକୁଯାଇ ନୃତ୍ୟ, ଗୀତ,

ବାଦୀ ଓ ବହୁ ହାସ୍ୟକୌତୁକ ମାଧ୍ୟମରେ ଅନଙ୍ଗୋତ୍ସବ ପାଳନ କରୁଥିଲେ । ମାନ୍ଦ୍ରାଜର କେତେକ ଗାଉଁଲି ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଏହି ପର୍ବ ପାଳିତ ହୋଇଥାଏ । ଶିବାନଳରେ କାମଦେବ ଦଗ୍ଧ ହେବାପରେ ରତିଦେବୀଙ୍କ ବିଳାପ ଗୀତିକା ଗାଇଥାଆନ୍ତି । କେତେକ ସ୍ଥାନରେ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ବହୁ ବ୍ୟଙ୍ଗ ପ୍ରତିଯୋଗିତାସ୍ଥଳେ । କିନ୍ତୁ କାଳକ୍ରମେ ଉକ୍ତ ଉତ୍ସବ ଯେପରିହୋଇ ଆଜିକାର ହୋଲି ବା ଦୋଳପର୍ବର ପ୍ରହର୍ଷ ପ୍ରଫୁଲ୍ଲତାରେ ରୂପାନ୍ତରିତ ହୋଇଛି । ବିଶେଷତଃ ମନ୍ମଥ ଶିବାନଳରେ ଦଗ୍ଧହେବାପରେ ଶ୍ରୀକୃଷ୍ଣଙ୍କପୁତ୍ର ପ୍ରଦ୍ୟୁମ୍ନରୂପେ ଆବିର୍ଭୂତ ହୋଇଥିଲେ ଓ ତାଙ୍କର ପ୍ରିୟତମା ପତ୍ନୀ ମାୟାଦେବୀ ହେଉଛନ୍ତି ପୂର୍ବତନ ରତିଦେବୀ ।

"Dola Jatra or Holi, according to the Vaisnavite Puranas it was the anniversary of a great feat of heroism which Krishna performed + + + The most probable supposition, however, is that it was designed to celebrate the return of Spring — to typify the general influence of Spring upon both the animate and inanimate creation and to express the feelings spread by the season and the delight which the revival of nature diffused". (Journal of Royal Asiatic Society)

ମିଶରୀୟ ଓ ଗ୍ରୀକ୍ ପୁରାଣରେ କାମଦେବଙ୍କ ବିଷୟ ଉଲ୍ଲେଖଥିବାର ଦେଖାଯାଏ । ମିଶରୀୟମାନଙ୍କ ଆମୋର (Amor), ଗ୍ରୀକ୍‌ମାନଙ୍କର କ୍ୟୁପିଡ୍ (Cupid) ରୂପେ ସୁବିଦିତ । ରୋମୀୟ ସାହିତ୍ୟ ଆଲେକଜାଣ୍ଡ୍ରିଆର କବି ଓ ଶିଳ୍ପୀମାନଙ୍କ ଦ୍ୱାରା ପ୍ରଭାବିତ ହେବାପରେ ମାନବରୂପୀ ପୁଷ୍ପାୟୁଧ ପରିଶୋଭିତ କନ୍ଦର୍ପ ଆବିର୍ଭାବ ହୋଇଛି । ଆମ ଦେଶରେ କନ୍ଦର୍ପ ପତ୍ନୀ ରତିଦେବୀଙ୍କପରି ଗ୍ରୀକ୍‌ପୁରାଣରେ ସାଇକ୍ (Psyche) ହେଉଛନ୍ତି କ୍ୟୁପିଡ୍‌ଙ୍କର ପ୍ରିୟତମା ପତ୍ନୀ । ପ୍ରଖ୍ୟାତ ଦାର୍ଶନିକ ପ୍ଲାଟୋଙ୍କ ଦୃଷ୍ଟି କୋଣରୁ ସାଇକ ହେଉଛନ୍ତି ମାନବାତ୍ମା ।

"Tha idea of the God of love in Roman poetry is due to the influence of Alexandrian poets and artists, in whose hands he degenerated into a mischievous boy with essentially human character stics. His usual attribute is the bow. + + + Psyche, in Greek mythology, the personification of human soul. The story of the love of Evos (Cupid) for Psyche is the philosophical allegory, founded upon the Platonic Conception of the soul."—Encyclopaedia Britannica.

ତେଣୁ ଅନଙ୍ଗୋତ୍ସବ କେବଳ ଆମଦେଶ କାହିଁକି ସୁଦୂର ବିଦେଶରେ ମଧ୍ୟ ଏକଦା ଆଦୃତ ହେଉଥିଲା । ପୂର୍ବେ ଇଂରେଜମାନେ ମେ ଦିନ (Mery makings on May day) ମହାସମାରୋହରେ ପାଳନ କରୁଥିଲେ । ଅଦ୍ୟାବଧି ୟୁରୋପୀୟମାନଙ୍କ ମଧ୍ୟରେ କେତେକ ମେଫୁଲ (May fool) କରି ଆମୋଦ ପ୍ରମୋଦ କରନ୍ତି । ରୋମର ଫାଲିକ୍ ଅର୍ଜି (Phallic orgies), ସିବିଲିର କୋରିବେଣ୍ଟିସ୍ ବା ଫ୍ରିଜିୟାନ୍ ପୁରୋହିତ (Corybantes or Phrygian priests of Cybele) ମାନଙ୍କ ମଧ୍ୟରେ ଖୋଳ କରତାଳ ଓ ବାଦ୍ୟଯନ୍ତ୍ରସହ ଉନ୍ମତ୍ତ ନର୍ତ୍ତନାଦି ପ୍ରଦର୍ଶିତ ହୋଇଥାଏ । ଗ୍ରୀସ୍‌ରେ ଶସ୍ୟଶ୍ୟାମଳା ପ୍ରକୃତିର ପ୍ରତିମୂର୍ତ୍ତି ଫେଲସ୍ ଉତ୍ସବ ପ୍ରହର୍ଷ ପ୍ରଫୁଲ୍ଲତାରେ ପାଳିତ ହୋଇଥାଏ ।

ଅବାନସ (Joannes Boemus Aubanus)ଙ୍କ ମତରେ ପୂର୍ବେ ଜର୍ମାନୀବାସୀମାନେ ମୁଖରେ ବିଭିନ୍ନ ମୁଖା ପରିଧାନକରି ଶରୀରକୁ ନାଲି ଓ କଳାରଂଗରେ ରଂଜିତକରି ଉଲଗ୍ନହୋଇ ରାସ୍ତାରେ ଯିବା ଆସିବା କରୁଥିଲେ ଏବଂ ମଦ୍ୟମାଂସ ବ୍ୟବହାର ପୂର୍ବକ ଉକ୍ତ ଉତ୍ସବକୁ ଆନନ୍ଦମୁଖର କରୁଥିଲେ ।

"The whole of Germany eats and drinks and gives itself up to jokes and spots, as if there was not another day to live, and people wear disguises and masks or stain their faces and vestures with red and black paint, or run about naked like Luperci, from whom, think, this annual exhibition of insanity has descended to us."

ଏତଦ୍‌ବ୍ୟତୀତ ୟୁରୋପର Lupercalia Festa, Festum Stultorum ଓ Matronelia Festa ଇତ୍ୟାଦି ପର୍ବରେ ଯୁବକମାନେ ଉଲଗ୍ନହୋଇ ଯିବାଆସିବା କରନ୍ତି । The Carnival, the passover, Abbot of unreason ଓ the day of all fools ଇତ୍ୟାଦି ହାସ୍ୟୋଦ୍ଦୀପକ ଉତ୍ସବ ପାଳନ କରାଯାଏ । ୟୁରୋପୀୟ ନାଓଗର୍ଗସ (Naogeorgus) ଓ କାର୍ଣ୍ଣିଭାଲ (Carnival) ଉତ୍ସବରେ ଆଦିରସାତ୍ମକ ନୃତ୍ୟଗୀତ ପରିବେଷଣ ହୁଏ ।

ୟୁରୋପୀୟ କାର୍ଣ୍ଣିଭାଲ ପର୍ବର ପ୍ରକୃଷ୍ଟଚିତ୍ର ନିମ୍ନୋକ୍ତ ପଦ୍ୟାବଳୀରୁ ସୁସ୍ପଷ୍ଟ ।

"Then old and young are both as much as guests of Bacchus feast;

And four days long they tipple, and feede, and never rest + + + + feare and shame away;

The tongue is set at libertie, and hath no kind of stay. All things are lawful then and done, no pleasure passed by. That in their minds they can advise, as if they then should die.

+ + + +

Some naked seen about the Streets, their faces hid above with Visars close, that so disguised they may of more he knowne

\+ + + +

No matron olde, nor Sober man can freely by them come.''

ଭାରତରେ ବୈଦିକଯୁଗରୁ ବାସନ୍ତିକ ଅନଙ୍ଗୋତ୍ସବର ପ୍ରଚଳନ ଦେଖାଯାଏ କିନ୍ତୁ ଏହା ସମଗ୍ର ଦେଶରେ ଏକ ସମୟରେ ପାଳିତ ନହୋଇ କିଛିଦିନ ବ୍ୟବଧାନରେ ହୋଇଥାଏ । ଉତ୍ତର ପଶ୍ଚିମ ସୀମାନ୍ତ ଅଞ୍ଚଳରେ ବସନ୍ତର ଆଗମନ ବିଳମ୍ବରେ ହେଉଥିବାରୁ ଚୈତ୍ରମାସର ପୂର୍ଣ୍ଣମୀ ଏବଂ ଅନ୍ୟ କେତେକ ସ୍ଥାନରେ ଅର୍ଥାତ୍ ଓଡ଼ିଶା ଓ ବଙ୍ଗଳାରେ ଫାଲ୍‌ଗୁନ ପୂର୍ଣ୍ଣିମାରେ ଦୋଳୋତ୍ସବରୂପେ ପାଳିତ ହୋଇଥାଏ । କିନ୍ତୁ ଅଦ୍ୟାବଧି ପ୍ରାଚୀନ ବୈଦିକ ପରଂପରାର ସଂକେତ ସ୍ୱରୂପ ଭାରତର ଉତ୍ତର-ପଶ୍ଚିମରେ ମଦନ ତ୍ରୟୋଦଶୀ ଅର୍ଥାତ୍ ଚୈତ୍ରମାସର ଶୁକ୍ଳ ତ୍ରୟୋଦଶୀଦିନ ବିଶ୍ୱଜୟୀ କାମଦେବଙ୍କ ଉପାସନା ସହିତ ବାସନ୍ତିକ ଅନଙ୍ଗୋତ୍ସବ ପାଳିତ ହୋଇଥାଏ । ଉକ୍ତ ପ୍ରାଚୀନ ବୈଦିକ ଉତ୍ସବର ଆନୁଷ୍ଠାନିକ ପାଳନ ଶ୍ରୀମନ୍ଦିରରେ ଦୃଷ୍ଟି ଗୋଚର ହୁଏ ।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ଦମନକୋତ୍ସବ ବା ଅନଙ୍ଗୋତ୍ସବ ଅନ୍ୟତମ । ଅନ୍ୟତ୍ର ଅନଙ୍ଗୋତ୍ସବ ଦୋଳୋତ୍ସବରେ ରୂପାନ୍ତରିତ ହୋଇଥିବା ସମୟରେ ଶ୍ରୀମନ୍ଦିରରେ ପୃଥକଭାବେ ପାଳିତହୁଏ । ଏଥିରୁ ଶ୍ରୀମନ୍ଦିର ପର୍ବପର୍ବାଣୀର ବୈଦିକ ପରଂପରା ଓ ବୈଶିଷ୍ଟ୍ୟ ପ୍ରତିପାଦିତ ହୁଏ ।

"ମଣ୍ଡେ ସ୍ନାନଂ ରଥବର ଗତି ଶୟନଂ ଶ୍ରୟନଂ ଦ୍ୱେ
ପାର୍ଶ୍ୱବୃତ୍ତି ଶୟନ ନିବୃତ୍ତି ପାର୍ବଣ ପୁଷ୍ୟପୂଜା ।
ଦୋଳକେଳି ଦମନକମୋହ ସ୍ୱକ୍ଷପୂର୍ଣ୍ଣ ତୃତୀୟା
ଏଷାଂ ଯାତ୍ରା ଭୁବନ ବିଦିତା ଦ୍ୱାଦଶେୟଂ ନରେନ୍ଦ୍ର ।।"

ଶ୍ରୀମନ୍ଦିରରେ ଅନଙ୍ଗୋତ୍ସବ ଚୈତ୍ରମାସ ଶୁକଳ ଦ୍ୱାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ (ତିନି ଦିନ) ପାଳିତ ହୋଇଥାଏ । ଦ୍ୱାଦଶୀଦିନ ରାତ୍ରିରେ ଜଗନ୍ନାଥଙ୍କର ଭିତର ଚନ୍ଦନଲାଗି ସରିବାପରେ, ଦକ୍ଷିଣ ଗୃହରେ ଚିତ୍ରକାର ପ୍ରଦତ୍ତ କନ୍ଦର୍ପ ପଟି ବା ପଟ୍ଟଚିତ୍ରର ଅଧିବାସହୁଏ । ପଞ୍ଚାମୃତ ସ୍ନାନପରେ ପଣ୍ଡା କାମଦେବଙ୍କୁ ବସ୍ତ୍ର, ମାଲ୍ୟ, ଭୂଷଣ ଓ ଭୋଗାଦି ପ୍ରଦାନକରି ବନ୍ଦାପନା କରନ୍ତି ।

"ମଧୁମାସେ ଶୁକ୍ଳପକ୍ଷେ ଦ୍ୱାଦଶ୍ୟାଂ ମୀନକେତନମ୍ ।
ସଂପାଦ୍ୟ ହସ୍ତମାତ୍ରେତୁ ପଟୋଚିତ୍ରଂ ମନୋହରମ୍ ।।
ରୂପଂ କୃତ୍ୱା ରକ୍ତବର୍ଣ୍ଣଂ ଦକ୍ଷପାଣୌ ଦଧତ୍‌ଶରମ୍ ।
ସବ୍ୟେ ଧୃତଧନୁଂ ଶୁଭ୍ରଂ ସ୍କନ୍ଧେ ତୂଣୀରମେବଚ ।।

\+ + + +

ସାୟଂ ପୂଜାବସାନେତୁ କୃତ୍ୱା ପଞ୍ଚାମୃତେନ ଚ ।
ସ୍ନାନଂ ତଥା ବସ୍ତ୍ରମାଲ୍ୟୈର୍ଭୂଷୟେ ମୀନକେତନମ୍ ।।"

(ବାମଦେବ ସଂହିତା)

ପୁନଶ୍ଚ

ଦ୍ୱାଦଶ୍ୟାଂଚ ତିଥୌସାୟଂ ପୂଜାନ୍ତେ ନୃପସତ୍ତମ ।
ଚତୁରସ୍ରାଚ ପଟସ୍ୟ ନିର୍ମିତ ହସ୍ତ ଯୁଗ୍ମତଃ ।।
କର୍ତ୍ତବ୍ୟା ବିଲିଖେଗନ୍ତ ଶମ୍ବରାରିଂ ମନୋହରମ୍ ।
ରକ୍ତବର୍ଣ୍ଣଂ ହସ୍ତୟୋଶ୍ଚ ଧନୁର୍ବାଣାନ୍ ଦଧିସ୍ଥରଂ ।।
ସ୍କନ୍ଧଦେଶେତୁ ତୂଣୀରଂ ସଶୀରଂ ବିଲିଖେଦ୍ବୁଧୀଃ ।
ତାଦୃଶଂ ପଞ୍ଚମାନନ୍ଦାପଞ୍ଚାମୃତରସୈଃ ଶୁଭୈଃ ।।
ସ୍ନାପୟିତ୍ୱା ତତୋ ବସ୍ତ୍ରୈର୍ମାଲ୍ୟୈଶ୍ଚ ଭୂଷୟେତ୍ତତଃ ।
ଗନ୍ଧାଦିନାଯଜେତ୍ତାବଦେବଂ ପଟ୍ଟାଧିବାସନଂ ।।

(ନୀଳାଦ୍ରି ମହୋଦୟ)

କନ୍ଦର୍ପଙ୍କ ଅଙ୍ଗକାନ୍ତି ବା ଶରୀରର ବର୍ଣ୍ଣ ନେଇ ବହୁ ଶାସ୍ତ୍ରୀୟ ମତଭେଦ ଦୃଷ୍ଟିଗୋଚର ହୁଏ ଯଥା ଶ୍ୟାମ, ଗୌର, ତପ୍ତକାଞ୍ଚନ, ଓ ରକ୍ତବର୍ଣ୍ଣ ଇତ୍ୟାଦି । କିନ୍ତୁ ରକ୍ତବର୍ଣ୍ଣ ଅଧିକ ଯୁକ୍ତିଯୁକ୍ତ କାରଣ କାମଦେବଙ୍କ ଦ୍ୱାରା ରଜଗୁଣାତ୍ମକ କର୍ମସକଳ ସଂପାଦିତ ହୋଇଥାଏ ଓ ରକ୍ତବର୍ଣ୍ଣ ରଜଗୁଣର ଯଥାର୍ଥ ସଂକେତ । ଏହା ମଧ୍ୟ ଶ୍ରୀମନ୍ଦିରର ପ୍ରାମାଣିକ ଶାସ୍ତ୍ର କାମଦେବ ସଂହିତା ଓ ନୀଳାଦ୍ରି ମହୋଦୟ ଦ୍ୱାରା ସମର୍ଥିତ ।

"ରଜଃ କର୍ମ ସକାଶାତ୍ତୁସ୍ତ୍ରେବ ରକ୍ତବର୍ଣ୍ଣକଃ ।
ଇତି ସକାଶାତ୍ତ୍ୱେଦେବି ହ୍ୟନ୍ତ୍ରରୂପଂ ନ ସରକ୍ତକମ୍ ।।"

(ବାମଦେବ ସଂହିତା)

ଚୈତ୍ର ଶୁକ୍ଳ ତ୍ରୟୋଦଶୀ (ଅନଙ୍ଗ ତ୍ରୟୋଦଶୀ) ଦିନ ଦମନକାପହରଣୋତ୍ସବ (ଦଅଁଣାଚୋରୀ) ଅନୁଷ୍ଠିତ ହୁଏ । ଉକ୍ତଦିନ ଜଗନ୍ନାଥଙ୍କର ମଧ୍ୟାହ୍ନ ଧୂପ ଓ ଦକ୍ଷିଣଗୃହ ଭୋଗ ସରିବାପରେ ରାମକୃଷ୍ଣ ଦୁହେଁ ମହାଜନଙ୍କ ହସ୍ତରେ ରତ୍ନ ସିଂହାସନକୁ ବିଜେ କରନ୍ତି । ରାମ ଶ୍ରୀ ଶ୍ରୀବଳଭଦ୍ର ଓ କୃଷ୍ଣ ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ପାଇବା ପରେ ଏହି ବସନ୍ତକାଳୀନ ଭ୍ରମଣୋତ୍ସବ ଅନୁଷ୍ଠିତ ହୁଏ ।

"ନମସ୍ତେ ବଳିନାଂ ଶ୍ରେଷ୍ଠ ନମସ୍ତେ ରକ୍ତ ବହଳ ।
ବସନ୍ତ ଭ୍ରମଣାର୍ଥାୟହର୍ତ୍ତୁଂ ଦମନକୋତ୍କାରମ୍ ।।
ରାମମାଜ୍ଞାପୟ ଶୀଘ୍ରଂ ଜଗତାଂଚ ହିତାୟ ଚ ।
ଦେବ ଦେବ ଜଗନ୍ନାଥ ନାନାଲୀଳାକର ପ୍ରଭୋ ।।
ହର୍ତ୍ତୁଂ ଦମନକବୃନ୍ଦଂ କୃଷ୍ଣମାଜ୍ଞାପୟ ପ୍ରଭୋ ।
କନ୍ଦର୍ପତ୍ତୁଂ ସର୍ବପୂଜ୍ୟମାଜ୍ଞାପୟ ଜଗତ୍ପ୍ରିୟ ।।
ଇତିବିଜ୍ଞାପ୍ୟ ଦେବାଂସ୍ତୁ ଦେବାଜ୍ଞାନ୍ମାଲ୍ୟ ମାଦରାତ୍ ।
ଆନୀୟ ରାମକୃଷ୍ଣସ୍ୟ ଗଳେ ଦଦ୍ୟାତ୍ ପୃଥକ୍ ପୃଥକ୍ ।।

(ବାମଦେବ ସଂହିତା)

ଇତ୍ୟବସରେ ସେବକ ମହାଜନ ଗତ ଦିନ ଅଧିବାସ ହୋଇଥିବା କନ୍ଦର୍ପଟିକୁ ଘଣ୍ଟ, ଛତା ଓ କାହାଳୀ ସହ ହସ୍ତରେ ବିଜେ କରି ଆଣି ବଟମୂଳସ୍ଥିତ ପାଲିଙ୍କି ସମ୍ମୁଖରେ

ଦଣ୍ଡାୟମାନ ହୁଅନ୍ତି । ରାମକୃଷ୍ଣ ଆଜ୍ଞାମାଳ ପାଇବା ପରେ ମହାଜନଙ୍କ ହସ୍ତରେ ବିଜେ ହୋଇ ପାଲିଙ୍କିରେ ଉପବେଶନ କରନ୍ତି । ଏହାପରେ ମହାଜନ ଘଣ୍ଟ, ଛତା ଓ କାହାଳୀ ସହ କନ୍ଦର୍ପଟିକୁ ଆଗେ ଆଗେ ନିଅନ୍ତି ଓ ପଛରେ ପାଲିଙ୍କିରେ ରାମକୃଷ୍ଣ ଯାତ୍ରାକରି ବସନ୍ତ ଉପବନ 'ଜଗନ୍ନାଥ ବଲ୍ଲଭ'ରେ ପହଞ୍ଚନ୍ତି । ସେଠାରେ ଖଟ ଉପରେ ରାମକୃଷ୍ଣଙ୍କ ସମ୍ମୁଖରେ କନ୍ଦର୍ପ ପଟ୍ଟଚିତ୍ର ବିଜେ ହୁଅନ୍ତି । ପଣ୍ଡା, ପତି ଓ ମୁଦିରସ୍ତଙ୍କଦ୍ୱାରା ସଂକଳ୍ପ ବାକ୍ୟାନୁଯାୟୀ ହୋମକାର୍ଯ୍ୟ ସମାପନ ହୁଏ । ପଞ୍ଚୋପଚାରରେ ମଣୋହି ହେବାପରେ ବନ୍ଦାପନା ହୋଇ ଆଳଟ ଚାମର ହୁଏ ।

ଉତ୍ୟବସରେ ଜଗନ୍ନାଥ ବଲ୍ଲଭମଠର ନାଜର, ଦ୍ୱିଜନ୍ତ ମସାଲ ସଙ୍ଗେ ତଡ଼ାଉ କରଣ ଓ ଦେଉଳ କରଣଙ୍କୁ ନେଇ ଜଗନ୍ନାଥ ବଲ୍ଲଭର ଦୟଣାବାଡ଼ିକୁ ଯାଆନ୍ତି ଓ ସେଠାରେ ଲଗିଥିବା ଦୟଣାବୃକ୍ଷ ଅନୁସନ୍ଧାନ କରନ୍ତି । ତନ୍ମଧ୍ୟରୁ ଦୟଣାମାଳି ୨୧ଟି ବୃକ୍ଷ (ମତାନ୍ତରେ ଦୟଣାବୃକ୍ଷ ଅଭାବରୁ ୩ଟି ବୃକ୍ଷ) ଉତ୍ପାଟନକରି ଜଗନ୍ନାଥ ବଲ୍ଲଭର ମହାବୀରଙ୍କ ନିକଟସ୍ଥ ଦୟଣା ବଗିଚାରେ ରୋପଣ କରନ୍ତି । ଏହାପରେ ଠାକୁରଙ୍କୁ ଖିରି, ମାଣ୍ଡୁଅ, ଡାଳିମ୍ବ, ମନୋହର, ଲଡୁ, କେଳି ଓ ପାରିଜାତକ ପ୍ରସାଦ ଲାଗି ହୁଏ । ଭୋଗ ସରିବାପରେ 'ଦମନକଚୋରୀ' ବା 'ଦୟଣାଚୋରୀ' କର୍ମ ଅନୁଷ୍ଠିତ ହୁଏ ।

ମହାଜନଙ୍କ ହସ୍ତରେ ବିଜେ ହୋଇ ରାମକୃଷ୍ଣ ଚୋରପରି ନିଶବ୍ଦରେ (ଘଣ୍ଟ, କାହାଳି ବାଜେ ନାହିଁ) ଦୟଣାବଗିଚାକୁ ଆସନ୍ତି ଓ ସେବକ ଭିତରଛ ମହାପାତ୍ର ଠାକୁରଙ୍କ ପ୍ରତିନିଧି ସ୍ୱରୂପ ରାମକୃଷ୍ଣଙ୍କ ଶ୍ରୀହସ୍ତରେ ଦୁଇଟି ଦୟଣାବୃକ୍ଷ (ପ୍ରତ୍ୟେକ ଗୋଟିଏ ଲେଖାଏଁ) ଲାଗି କରନ୍ତି ଓ ଦୟଣା–ପତ୍ରୀ ଅବଶିଷ୍ଟ ବୃକ୍ଷ ଗୋଟିଏ ନୂଆ ଡାଡ଼ରେ ଖଣ୍ଡୁଆ ଘୋଡ଼ାଇ ରାମକୃଷ୍ଣଙ୍କ ସଙ୍ଗରେ ପାଲିଙ୍କିକୁ ଆଣନ୍ତି । ଦୟଣାଚୋରୀ ସମୟରେ 'ଓଁ ନମଃ କାମାୟ' କାମଦେବ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରାଯାଏ ।

"କାମଦେବସ୍ୟ ଗାୟତ୍ରୀଂ ବଦେଦ୍ଦମନକଂ ହରେତ୍"—
ବାମଦେବ ସଂହିତା

ଏହାପରେ ରାମକୃଷ୍ଣ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା ଓ କାହାଳି ସହ ସିଂହଦ୍ୱାର ଦେଇ ବଟମୂଳକୁ ଆସନ୍ତି । ରାମକୃଷ୍ଣଙ୍କ ବାହୁଡ଼ା ଯାତ୍ରା ପୂର୍ବରୁ ଭୋଗ ମଣ୍ଡପ ଧୋ ପଖାଳ (ଜଳପଡ଼ି ପରିଷ୍କାର) ହୋଇଥାଏ । ସେଠାରେ ଏକ ସୁରମ୍ୟ ଚନ୍ଦ୍ରାତପ ତଳେ ବାଲୁକାଶଯ୍ୟା କରାଯାଇ ଦୟଣାରୋପଣ କରାଯାଇଥାଏ । ରାମକୃଷ୍ଣ ମହାଜନଙ୍କ ହସ୍ତରେ ବିଜେହୋଇ ଆସି ଗରୁଡ଼ଦ୍ୱାର ନିକଟରେ ଉପସ୍ଥିତହେଲେ ସେମାନଙ୍କ ଶ୍ରୀଅଙ୍ଗରୁ ଦୟଣା ମୋଚନ (ବାହାର) କରାଯାଏ ଓ ପତ୍ରୀ ତାକୁ ଡାଡ଼ରେ ରଖନ୍ତି ! ରାମକୃଷ୍ଣ ଦକ୍ଷିଣଗୃହକୁ ବିଜେ କରନ୍ତି ।

ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ଭୋଗ ସରିବାପରେ ମଦନମୋନ ଦକ୍ଷିଣ ଗୃହରୁ ରତ୍ନସିଂହାସନକୁ ବିଜେ କରନ୍ତି । ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମହାଜନଙ୍କ ହସ୍ତରେ ବିଜେ ହୋଇ ଆସି ଭୋଗ ମଣ୍ଡପରେ ପକାଯାଇଥିବା ଖଟ ଶେଜରେ ବିଜୟ କରନ୍ତି । ତଡ଼ାଉ ରଖିଥିବା ଦୟଣା ବୃକ୍ଷରୁ ତିନୋଟି ଲକ୍ଷ୍ମୀ, ସରସ୍ୱତୀ ଓ ମଦନ-ମୋହନଙ୍କ ଶ୍ରୀହସ୍ତରେ (ପ୍ରତ୍ୟେକଙ୍କ ହସ୍ତରେ ଖଣ୍ଡିଏ କରି) ବାନ୍ଧି ଦିଆଯାଏ ଓ ସମ୍ମୁଖରେ ପର୍ବଯାତ୍ରା ଯୋଗଣିଆ ପ୍ରଦତ୍ତ ତିନୋଟି ଗୁଗୁଡ଼ିରେ ଅବଶିଷ୍ଟ ବୃକ୍ଷ ରଖାଯାଏ । ତତ୍ପରେ ପୂଜାପଣ୍ଡା ମଣ୍ଡଳ ଉପରେ ତିନି ଗୁଗୁଡ଼ିକୁ ଫୁଲଚନ୍ଦନ ଓ ଟେମେଡ଼ି ପତନି ଦେଇ ରଖନ୍ତି । ଠାକୁର ଠାକୁରାଣୀଙ୍କୁ ପଞ୍ଚୋପଚାର ମଣୋହି ହୁଏ । ଏହାପରେ ଭୋଗ ମଣ୍ଡପ ଗୃହଦ୍ୱାର ବନ୍ଦହୁଏ ଓ ତଡ଼ାଉ ମୁଦ ଦିଅନ୍ତି । ଲେଙ୍କାପାଇକ ଦ୍ୱାର ଜଗି ରହନ୍ତି । ସ୍ଥାନୀୟ ଲୋକମାନଙ୍କ ମୁଖରେ ଶୁଣାଯାଏ —ଜଣେ ଚୋରୀକଲା, ଅନ୍ୟଜଣେ ଦଣ୍ଡ ଭୋଗିବ! ଅର୍ଥାତ୍ ରାମକୃଷ୍ଣ ଦୟଣାଚୋରୀ କଲେ କିନ୍ତୁ ବନ୍ଦୀ ହେଲେ ମଦନମୋହନ! କିନ୍ତୁ ଏହାର ତାତ୍ପର୍ଯ୍ୟ ଏହିଯେ ମଦନଗ୍ରସ୍ତ

ମଦନମୋହନ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଦୟଣା ବା ଦଅଁଣାରେ ବିଭୂଷିତ ହୋଇ ଅନଙ୍ଗ ତ୍ରୟୋଦଶୀ ରାତ୍ରିରେ ସୁରତି ଲୀଳା ସଂପାଦନ କରନ୍ତି ।

ଏହାପରେ ତଳିଛ ମହାପାତ୍ର ପଟୁଆର ହୋଇ ଘଣ୍ଟ, ଛତା ଓ କାହାଳି ସହ ବଲ୍ଲଭ ବଡ଼ ସିଂହାର ଭୋଗ ଶ୍ରୀଜଗନ୍ନାଥଙ୍କ ସମ୍ମୁଖକୁ ଆଣନ୍ତି । ପଞ୍ଚୋପଚାର ମଣୋହି ହେବାପରେ ମହାପ୍ରଭୁଙ୍କର ପହୁଡ଼ ହୁଏ ।

ଗରୁଡ଼ ପୁରାଣରେ ଭଗବାନ ପଦ୍ମଯୋନି ବ୍ରହ୍ମା କହିଛନ୍ତି— ଅନଙ୍ଗ ତ୍ରୟୋଦଶୀ ଦିନ ମନୁଷ୍ୟ ଦମନକ ବା ଦୟଣା ସଂଯୁକ୍ତ ହୋଇ ରତିପ୍ରୀତି କଲେ, ଶୋକରହିତ ହେବା ସଙ୍ଗେ ମହାସନ୍ତାନର ଅଧିକାରୀ ହୁଏ ।

"କାମଦେବ ତ୍ରୟୋଦଶ୍ୟାଂ ପୂଜା ଦମନକାଦିଭିଃ ।
ରତିପ୍ରୀତି ସମାଯୁକ୍ତୋ ହ୍ୟଶୋକୋମାନ ଭୂଷିତଃ ।।"
(ଗରୁଡ଼ ପୁରାଣ)

ପରଦିନ ଅର୍ଥାତ୍ ଦମନକ ଚତୁର୍ଦ୍ଦଶୀ ଦିନ ଶ୍ରୀଜଗନ୍ନାଥଙ୍କୁ ଦମନକାର୍ପଣ କରାଯାଏ । ଶାସ୍ତ୍ରୀୟ ମତରେ ତ୍ରୟୋଦଶୀ ସଂଯୁକ୍ତ ଚତୁର୍ଦ୍ଦଶୀ ତିଥିକୁ ଦୟଣାଲାଗିର ପ୍ରକୃଷ୍ଟ ଦିବସ ରୂପେ ଗ୍ରହଣ କରାଯାଏ । ତେବେ ଚତୁର୍ଦ୍ଦଶୀ କ୍ଷୟ ଥିଲେ ସେହି କ୍ଷୟ ତିଥିରେ ମଧ୍ୟ ଉକ୍ତ କାର୍ଯ୍ୟ ସଂପାଦିତ ହୋଇଥାଏ ।

"ଚତୁର୍ଦ୍ଦଶୀ ଚ କର୍ତ୍ତବ୍ୟା ତ୍ରୟୋଦଶ୍ୟାଂ ଯୁତାସଦା ।
ଭାଗବତ୍ ପରିତୋଷାର୍ଥଂ କାର୍ଯ୍ୟଂ ଦମନକାର୍ପଣଂ ।।"

(ସ୍କନ୍ଦ ପୁରାଣ)

ଉକ୍ତଦିନ ସକାଳଧୂପ ସରିବାପରେ ମହାପ୍ରଭୁ ନୀଳାଦ୍ରି-ନାଥଙ୍କର ମହାସ୍ନାନ ହୁଏ । ପଣ୍ଡା, ପତି ଓ ମୁଦିରସ୍ତ ଘଟୁଆରି ଗୃହରୁ ତିନୋଟି ରୌପ୍ୟ ପିଙ୍ଗଣରେ ଚନ୍ଦନ ଧାରଣ କରି ଘଣ୍ଟ, ଛତା ଓ କାହାଳୀ ସହ ରତ୍ନ ସିଂହାସନକୁ ବିଜେ କରନ୍ତି ଓ ମହାପ୍ରଭୁଙ୍କର ସର୍ବାଙ୍ଗ (ଚନ୍ଦନ ଲାଗି) ହୁଏ । ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ନବବସ୍ତ୍ର ପରିଧାନ ପୂର୍ବକ ବେଶ ହୁଅନ୍ତି । ଜଗନ୍ନାଥ ଓ ବଳଭଦ୍ର ସୁବର୍ଣ୍ଣ ମକରକୁଣ୍ଡଳ ଓ ଜଗନ୍ମୟୀ ସୁଭଦ୍ରା ସୁବର୍ଣ୍ଣ ତଡ଼ଗି ଲାଗିହୁଅନ୍ତି ।

ଏହାପରେ ପଣ୍ଡା, ପତି ଓ ମୁଦିରସ୍ତ ଭୋଗମଣ୍ଡପ ଗୃହକୁ ଯାଆନ୍ତି । ପାଳିଆ ପଶୁପାଳକ ତିନିବାଡ଼ର ଗୁଣ୍ଡୁଚି ଧାରଣ କରନ୍ତି । ମହାଜନମାନେ ଲକ୍ଷ୍ମୀ, ସରସ୍ୱତୀ ଓ ମଦନ-ମୋହନଙ୍କୁ ହସ୍ତରେ ଧାରଣ ପୂର୍ବକ ତଳିଚ୍ଛଙ୍କ ପଟୁଆରରେ ଘଣ୍ଟ, ଛତା ଓ କାହାଳିସହ ଶ୍ରୀମନ୍ଦିରକୁ ତ୍ରିବାର ପରିକ୍ରମାକରି ରତ୍ନ ସିଂହାସନରେ ବିଜେ କରନ୍ତି । ଏହାପରେ ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କ ଦେହରୁ ତିନିଗଛ ଦୟଣା ମୈଲମ ହୁଏ ଓ ଗୁଣ୍ଡୁଚିରେ ଥିବା ତିନିଗଛ, ଏହିପରି ଛ' ଗଛ (ମତାନ୍ତରେ ୨୧ ଗଛ) ଦୟଣା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପ୍ରାର୍ଥନା ପୂର୍ବକ ଲାଗି କରାଯାଏ ।

"ଦେବ ଦେବ ଜଗନ୍ନାଥ ବାଞ୍ଛିତାର୍ଥ ପ୍ରଦାୟକ ।
ହୃଦ୍‌ସ୍ଥାନ ପୂରୟେମେ ଦେବ କାମାନ୍ କାମେଶ୍ୱରୀ ପ୍ରିୟ ॥

ଇଦଂ ଦମନକଂ ଦେବ ଗୃହାଣ ମଦନୁଗ୍ରହାତ୍ ।
ଇମାଂ ସାମ୍ବତ୍ସରୀଂ ପୂଜାଂ ଭଗବନ୍ ପରିପୂରୟ ॥

ମଣିବିଦ୍ରୁମ ମାଳାଭିର୍ମନ୍ଦାର କୁସୁମାଦିଭିଃ ।
ଇୟଂ ସାମ୍ବତ୍ସରୀ ପୂଜା ତଦାସ୍ତୁ ଗରୁଡ଼ଧ୍ୱଜ ॥

ବନମାଳା ଯଥା ଦେବ କୌସ୍ତୁଭଂ ସତତଂ ହୃଦି ।
ତଦ୍‌ବଦ୍ଦାମନକୀ ମାଳା ପୂଜାଂ ଚ ହୃଦୟେ ବହ ॥"

(ଯାତ୍ରା ଭାଗବତ)

ପାଣିପଡ଼ି ଧୋପଖାଳ ହେବାପରେ ମଧ୍ୟାହ୍ନ ଧୂପଭୋଗ ସାମଗ୍ରୀ ରୋଷରୁ ଘଣ୍ଟ, ଛତା ଓ କାହାଳି ସହ ତଳିଚ୍ଛଙ୍କ ପଟୁଆରରେ ରତ୍ନ-ସିଂହାସନ ନିକଟକୁ ଆସେ । ମୁଦିରସ୍ତ ପ୍ରସାଦ ଲାଗି କରନ୍ତି । ତିନିବାଡ଼ରେ ୩ଜଣ ପୂଜାପଣ୍ଡାଙ୍କ ଦ୍ୱାରା ଷୋଡ଼ଶୋପଚାରରେ ଭୋଗହୁଏ । ନାଡ଼ି, ଧଉଳା, ଆରିସା, ଖଇରିଚୂଡ଼, ମନୋହର, ଗଜା, କାନ୍ତି, କାକରା, ଓଳିଆ, ମୁଗ ଓ ଖିରି ଭୋଗ ହୋଇଥାଏ । ଏହା-ପରେ ପାଣିପଡ଼ି ବନ୍ଦାପନା ହୁଏ ଓ ଜୀଉଙ୍କ ଶ୍ରୀଅଙ୍ଗରୁ ଦୟଣା ମୈଲମ ହୁଏ ଓ ମଦନମୋହନ ରତ୍ନସିଂହାସନରୁ ଦକ୍ଷିଣ ଗୃହକୁ ବିଜେ କରନ୍ତି ।

ଏହିପରି ଚୈତ୍ରମାସ ଶୁକ୍ଳ ଚତୁର୍ଦ୍ଦଶୀରେ ସୁଗନ୍ଧିଯୁକ୍ତ ଦମନକ ବା ଦୟଣାବୃକ୍ଷ ଦେବତାମାନଙ୍କୁ ବିଶେଷତଃ ପୁରୁଷୋତ୍ତମଙ୍କୁ ସମର୍ପଣ କରି ଅନୋଙ୍ଗାତ୍ସବ ପାଳନ କରାଯାଏ । ଉଡ୍ଡୀଶ କଳ୍ପାନୁସାରେ ମଧୁମାସ ଶୁକ୍ଳ ଚତୁର୍ଦ୍ଦଶୀରେ ବିଧିବଦ୍ଧ ଭାବେ ଦମନକ ବା ଦୟାଣ ବୃକ୍ଷ ଆଣି ଶରୀରରେ ଧାରଣ କଲେ କାମ-ଜନିତ ଉପଦ୍ରବରୁ ରକ୍ଷା ମିଳିଥାଏ ଓ ଶାରୀରିକ ଆରୋଗ୍ୟ ଲାଭହୁଏ ।

" କାମପୀଡା ବିନଶ୍ୟନ୍ତି ଚିରାରୋଗ୍ୟ ଭବେନ୍ନରଃ ।"

ସେଥିପାଇଁ ଉକ୍ତ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁ ନୀଳାଦ୍ରୀନାଥଙ୍କର ସିଦ୍ଧିପ୍ରଦ ଅନୋଙ୍ଗାତ୍ସବ ପାଳନ କରାଯାଏ ।

"ମଧୁମାସେ ତୁ ସଂପ୍ରାପ୍ତେ ଶୁକ୍ଳପକ୍ଷେ ଚତୁର୍ଦ୍ଦଶୀ ।
ପ୍ରୋକ୍ତା ଦମନଭଞ୍ଜିତି ସିଦ୍ଧିଦାତ ମହୋତ୍ସବ ।"

ମତାନ୍ତରେ ପୂର୍ବେ ଭଗବାନ ଦମନକାସୁରକୁ ବିନାଶକରି ସଂସାର ମଙ୍ଗଳ ସାଧନ କରିଥିଲେ । ଉକ୍ତ ଦାନବ ଅଧୁନା ଦମନକ ବା ଦୟଣାରୂପେ ଆବିର୍ଭୂତ ହୋଇଥିବାରୁ ଭଗବାନ ପୁନର୍ବାର ଉତ୍ପାଟନ କରି ପୂର୍ବାଚରିତ ଲୀଳାର ସ୍ୱୀକୃତି ପ୍ରଦାନ କରନ୍ତି ।

"ତ୍ରୈଲୋକ୍ୟ କଣ୍ଟକୋ ଭୂତ୍ୱା ଯୋଽଭୂଦ୍ଦମନକୋଽସୁରଃ
ପୂର୍ବଂ ସଂନିହିତଃ ଶୀଘ୍ରଂ ତଦା ଦୈତ୍ୟୋ ମହାବଳଃ ।
ସଚ ଦୈତ୍ୟୋ ହରେଃ ପଶ୍ଚାନ୍ନୁପଯିତ୍ୱା ଜନାର୍ଦ୍ଦନ ॥
ପ୍ରୀତସ୍ତ୍ୱ ଚ ପୁନସ୍ତସ୍ମୈ ସଂପରିମଦ୍ଦଃ ପ୍ରଭୋ ।
ଅଧୁନା ବୃକ୍ଷରୂପେଣ ଜାତଃ ସୋଽୟଂ ମହୀତଳେ ।"

(ନୀଳାଦ୍ରି ମହୋଦୟ)

ତାତ୍ତ୍ୱିକ ଦୃଷ୍ଟିରେ ଦେଖିଲେ, ରଜଗୁଣ, ସଂପନ୍ନ ବ୍ୟକ୍ତି ଧନ-ସଂପତ୍ତିରେ ମଦମତ୍ତହୋଇ ଜନସମାଜର ପ୍ରଭୂତ କ୍ଷତି ସାଧନ କରିବା ସଙ୍ଗେ ବିଶ୍ୱସ୍ରଷ୍ଟା ଈଶ୍ୱରଙ୍କୁ ଅବମାନନା କରେ । କିନ୍ତୁ ପରିଶେଷରେ ପରମ କାରୁଣିକ ଭଗବାନ ଶ୍ରୀହରି ତାହାର ସମସ୍ତ ସାଂସାରିକ ବୈଭବ ଅପହରଣ କରି ପରମ ସାତ୍ତ୍ୱିକତା ପ୍ରଦାନ କରନ୍ତି ।

ଏକଦା କୁବେର ସନ୍ତାନ ନଳକୁବେର ଓ ମଣିଗ୍ରୀବ ଐଶ୍ୱର୍ଯ୍ୟମଦରେ ମଦମତ୍ତ ହୋଇ ଦେବର୍ଷି ନାରଦଙ୍କୁ ଅବମାନନା କରିଥିଲେ ଓ ଦେବର୍ଷିଙ୍କ ଅଭିଶାପରେ ଯମଳାର୍ଜୁନ ବୃକ୍ଷରୂପେ ଆବିର୍ଭୂତ ହୋଇଥିଲେ କିନ୍ତୁ କାଳାନ୍ତରେ ଭଗବାନ ବ୍ରଜେନ୍ଦ୍ର ନନ୍ଦନ ଶ୍ରୀକୃଷ୍ଣଙ୍କ ଅଙ୍ଗ ସଙ୍ଗ ଲାଭକରି ମୁକ୍ତିର ଅଧିକାରୀ ହେଲେ । ତ୍ରୈଲୋକ୍ୟ ଚିନ୍ତାମଣି ଜଗତ୍‌ପିତା ଶ୍ରୀହରି ଅତୀବ କରୁଣାମୟ !

ବାସ୍ତବିକ ଇନ୍ଦ୍ରୀୟବଶ ପୁରୁଷ ଐଶ୍ୱର୍ଯ୍ୟମଦରେ ମଦମତ୍ତ ହୋଇ ନିଜକୁ ଅଜର ଅମର ଭାବିବା ସଙ୍ଗେ ପ୍ରାଣୀ ତଥା ଜନମାନବ ପ୍ରତି କି ପ୍ରକାର ଅମାନୁଷିକତା ପ୍ରଦର୍ଶନ ନ କରେ ! ଏହି ମର୍ତ୍ତ୍ୟ ଶରୀରର ପରିଣତି ବା ଅନ୍ତିମ ଗତି ତିଳେମାତ୍ର ଚିନ୍ତା ନକରି ଧରାକୁ ସରାବତ୍ ଜ୍ଞାନ କରିବା ସଙ୍ଗେ ନିଜକୁ ଭୂଦେବ', 'ନରଦେବ' ଓ 'ଦେବ' ରୂପେ ଆଖ୍ୟାୟିତ କରେ ।

"ନ ହ୍ୟନ୍ୟୋ କୃଷତୋ ଜୋଷ୍ୟାନ୍ ବୁଦ୍ଧିଭ୍ରଂଶୋ ରଜୋଗୁଣଃ
ଶ୍ରୀମଦାଦାଭିଜାତ୍ୟାଦିର୍ଯତ୍ର ସ୍ତ୍ରୀ ଦ୍ୟୁତମାସବଃ ॥

ହନ୍ୟନ୍ତେ ପଶବୋ ଯତ୍ର ନିର୍ଦୟୈର ଜିତାତ୍ମଭିଃ ।
ମନ୍ୟମାନୈ ରିମଂ ଦେହ ମଜରାମୃତ୍ୟୁ ନଶ୍ୱରମ୍ ॥
(ଶ୍ରୀମଦ୍ ଭାଗବତ ୧୦।୧୦।୮।୯)

ଶାସ୍ତ୍ରରେ ସପ୍ତତୁଳସୀର ନାମୋଲ୍ଲେଖ ଦେଖାଯାଏ ଯଥା କୃଷ୍ଣ ତୁଳସୀ, ଶୁକ୍ଳ ତୁଳସୀ, ରାମ ତୁଳସୀ, ଦୁଲୁଁରା (କର୍ପୂର କାଡି), ବର୍ବରୀ ତୁଳସୀ (ନାଣ୍ଡି ବଗୁଲି), ମରୁଆ (ଫଣିଝକ) ଓ ଦମନକ (ଦୟଣା ବା ଦଅଁଣା) ଇତ୍ୟାଦି । ଭଗବାନ ବିଷ୍ଣୁ ତଥା ତାଙ୍କର ଅବତାର ପୁରୁଷଗଣ ଅତୀବ ତୁଳସୀପ୍ରିୟ । ତେଣୁ ଦମନକ ରୂପୀ ତୁଳସୀକୁ ବାସନ୍ତିକ ଅନୋଙ୍ଗୋତ୍ସବରେ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଥାଏ । ଉତ୍କୃଷ୍ଟ ଦୟଣାବୃକ୍ଷ ଦକ୍ଷିଣ ଭାରତର କେତେକ ସ୍ଥାନ, କାଶ୍ମୀର ଓ ହିମାଳୟର ପାଦଦେଶରେ ବହୁଳଭାବେ ଦୃଷ୍ଟିଗୋଚର ହୁଏ । ପୁରୀର ଜଳବାୟୁରେ ବୃକ୍ଷଗୁଡ଼ିକ ପ୍ରଫୁଲ୍ଲିତ ହୋଇ ବଢ଼ିପାରନ୍ତି ନାହିଁ । ତେଣୁ ସମୟେ ସମୟେ ଦୟଣା ମିଳେନାହିଁ ଓ ଦମଣାରେ ବିକଳ୍ପେ ତୁଳସୀ ବ୍ୟବହୃତ ହୋଇଥାଏ ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କଲେ ଦୟଣାର ଉପାଦେୟତା ସହଜରେ ପ୍ରତିପାଦିତ ହୁଏ । ଆୟୁର୍ବେଦୀୟ ଶାସ୍ତ୍ର 'ନିର୍ଘଣ୍ଟୁ ରତ୍ନାକର'ରୁ ଜଣାଯାଏ, ଦୟଣା ତିକ୍ତ ହେଲେ ମଧ୍ୟ ସୁଗନ୍ଧଯୁକ୍ତ, ହୃଦୟ ହିତକାରୀ ଓ ବୀର୍ଯ୍ୟ ବର୍ଦ୍ଧକ । ଦୟଣା ସେବନ କଲେ ଶରୀରରୁ ବିଷ, କୁଷ୍ଠ, ରୁଧିର ବିକାର, କ୍ଳେଦ, କଣ୍ଡୁ, ତ୍ରିଦୋଷ ନାଶହୁଏ ।

"ଦମନସ୍ତୁ ବରସ୍ତିକ୍ତୋ ହୃଦ୍ୟୋବୃଷ୍ୟଃକ ସୁଗନ୍ଧିଃ ।
ଗ୍ରହଣାବ୍ଧି ଷଡ଼କୁଷ୍ଠାସ କ୍ଳେଦ କଣ୍ଡୁ ତ୍ରିଦୋଷଜିତ ॥"
(ନିର୍ଘଣ୍ଟୁ ରତ୍ନାକର)

ମହାପ୍ରଭୁଙ୍କର ଦୟଣାଚୋରୀ ଓ କାରାଗାରବରଣ ଅତୀବ କୌତୁହଳପ୍ରଦ । କାହ୍ନୁ ବେଳହୁଁ ଘରଚୋରା ।" ଭକ୍ତମାନଙ୍କର ପ୍ରୀତିବର୍ଦ୍ଧନପାଇଁ ବ୍ରଜେନ୍ଦ୍ରନନ୍ଦନଙ୍କର ଏତାଦୃଶ ଚୌର୍ଯ୍ୟଲୀଳା ବିଳାସ । ବ୍ରଜବର୍ନିତାଙ୍କର ନବନୀତ, ଗୋପସୁନ୍ଦରୀଙ୍କର ବସ୍ତ୍ର ଓ ଜୀବର ଜନ୍ମଜନ୍ମାନ୍ତର କଳୁଷ କାଳିମା ହରଣକରିବା ସଂଗେ ବ୍ରଜବମୋହନ 'ଚୋର-ଜାର ଶିଖାମଣି' ଦମନକୋତ୍ସବରେ ଦମନକ ବା ଦୟଣାଚୋରୀକରି ଅପୂର୍ବ ଲୀଳା କୌତୁକ ପ୍ରଦର୍ଶନ କରାନ୍ତି । କେବଳ ସେତିକିନୁହେଁ ଏବାବୁ, ଯାହାପ୍ରତି କୃପା-ପ୍ରଦର୍ଶନ କରନ୍ତି ତାହାର ସର୍ବସ୍ୱ ଅପହରଣ କରନ୍ତି । "ଯସ୍ୟାହମନୁଗୃହ୍ଣାମି ହରିଷ୍ୟେ ତଦ୍ଧନଂ ଶନୈଃ" ।

ବାଲ୍ୟାବସ୍ଥାରେ ବ୍ରଜସୁନ୍ଦର ଶ୍ରୀକୃଷ୍ଣ ଦଧିଭାଣ୍ଡଭାଂଗି ମାଖନ ଚୋରାଇ ଖାଇବାରୁ ସ୍ନେହମୟୀ ଜନନୀ ଯଶୋଦା ତାଙ୍କୁ ବାନ୍ଧିବାପାଇଁ ଦୌଡ଼ିଲେ । ଯାହାକୁ ଶିବ ବିରଞ୍ଚି ଗୋଡ଼ାଇ ଧରିପାରନ୍ତିନାହିଁ, ଯଶୋଦା ଧରିବେ ବା କିପରି ? କିନ୍ତୁ ମାତାଙ୍କୁ କୃପା ପ୍ରଦର୍ଶନକରି ଧରାଦେଲେ । ଯଶୋଦା ରଜ୍ଜୁରେ ବାନ୍ଧିବାବେଳକୁ ରଜ୍ଜୁ ଦୁଇ ଆଙ୍ଗୁଳ ଛୋଟହେଲା । ଘରେଥିବା ସମସ୍ତ ରଜ୍ଜୁ ସଂଯୋଗକରି ବାନ୍ଧିଲେ ମଧ୍ୟ ସେହି ଦୁଇ ଆଙ୍ଗୁଳ କମହେଲା । ଏ ଅଦ୍ଭୁତ ବାଳକର ରହସ୍ୟ ଦେଖି ଯଶୋଦା ବୁଦ୍ଧି ଶୂନ୍ୟା ! ବନ୍ଧୁ ! ଯାହାର ସ୍ମରଣରେ ବଦ୍ଧଜୀବ ଜନ୍ମଜନ୍ମାନ୍ତର, କଳ୍ପ କଳ୍ପାନ୍ତର କଳୁଷ କାଳିମାରୁ ବିମୁକ୍ତହୁଏ, ସେ ବନ୍ଧନଗ୍ରସ୍ତ ହେବ ବା କିପରି ? କିନ୍ତୁ ଯଶୋଦାଙ୍କ ବ୍ୟସ୍ତତା ଉପଲବ୍ଧିକରି ଶ୍ରୀକୃଷ୍ଣ ନିଜର ଦିବ୍ୟ ଶରୀରକୁ ସଂକୁଚିତ କରିବାରୁ ଯଶୋଦା ବାନ୍ଧିବାକୁ ସମର୍ଥ ହୋଇଥିଲେ । ଅପ୍ରାକୃତ ପ୍ରେମମୟ ଶ୍ରୀହରି ! ସର୍ବଦା ଭକ୍ତପାଶରେ ଆବଦ୍ଧ ! ଭକ୍ତପ୍ରିୟ ମାଧବ ! ବିଶ୍ୱରୂପ, ବିଶ୍ୱମ୍ଭର, ଅନାଦି ପୁରୁଷ ଭକ୍ତମାନଙ୍କର ପ୍ରୀତ୍ୟର୍ଥେ ମାନବଲୀଳା ପ୍ରଦର୍ଶନ ପୂର୍ବକ ସ୍ନେହମୟୀ ଜନନୀଙ୍କ ବାତ୍ସଲ୍ୟବନ୍ଧନରେ ଆବଦ୍ଧ ହୋଇଥିଲେ ।

"ନ ଚାନ୍ତର୍ନବହିର୍ଯସ୍ୟ ନ ପୂର୍ବଂ ନାପ ଚାପରମ୍ ।
ପୂର୍ବାପରଂ ବହିଶ୍ଚାନ୍ତର୍ଜଗତୋ ଯୋ ଜଗଚ୍ଚ ଯଃ ॥
ତଂ ମତ୍ୱାତ୍ମଜମବ୍ୟକ୍ତଂ ମର୍ତ୍ତ୍ୟଲିଂଗମଧୋକ୍ଷଜମ୍ ।
ଗୋପିକୋଲୂଖଳେ ଦାମ୍ନା ବବନ୍ଧ ପ୍ରାକୃତଂ ଯଥା ॥"

ତେଣୁ ଶ୍ରୀକୃଷ୍ଣଙ୍କ ଦମନକ ଚୋରୀ ଓ କାରାଗାର ବନ୍ଧନ ଏକ ଅପୂର୍ବ ଲୀଳା ବିଶେଷ । ଯେ ସଚରାଚର ସଂସାରର ସ୍ରଷ୍ଟା, ପାଳନକର୍ତ୍ତା, ସେ ପୁଣି ଚୋରୀ କରିବେ କଣ ? ସମସ୍ତ ପ୍ରକୃତି ଯାହାର ଉପଭୋଗ୍ୟା ତାହାର ପୁଣି ସାଧାରଣ ଦୟଣା ଉପଭୋଗ କରିବାରେ ବାଧା ବା କିଏ ସୃଷ୍ଟି କରିବ ? ଭକ୍ତମାନଙ୍କର ମନୋରଞ୍ଜନ ପାଇଁ ଏହା କେବଳ ଭଗବାନଙ୍କର ଅପୂର୍ବ ପ୍ରୀତି କୌତୁକ ।

"ଯାହାର ଚରିତ ଗହନ । ଧ୍ୟାନେ ଭାବନ୍ତି ମୁନିଜନ ॥
ଧର୍ମ ପାଳକ ତୁ ଜଗତେ । ଶରୀର ବହୁ ଭୃତ୍ୟ ହିତେ ॥"
(ଶ୍ରୀମଦ୍ ଭାଗବତ)

ତେବେ ଦମନକ ଚୋରୀ ଓ କାରାବରଣ ମଧ୍ୟରେ ଏକ ସାମାଜିକ ଉପଦେଶ ଅନ୍ତର୍ନିହିତ ଅଛି । ଷଡ଼ ରିପୁ ମଧ୍ୟରେ ସର୍ବଶ୍ରେଷ୍ଠ ରିପୁ ହେଉଛି କାମ । ସାଧାରଣ ଜୀବଜଗତ କଥା କଣ ଭଗବାନ ରାମକୃଷ୍ଣ ମଧ୍ୟ କାମଗ୍ରସ୍ତ ହୋଇ ଦୟଣା ଚୋରୀ କରନ୍ତି ଓ ସେଥିପାଇଁ ଦଣ୍ଡ ଭୋଗ କରିବାକୁ ହୁଏ । ଅର୍ଥାତ୍ ଇନ୍ଦ୍ରିୟ ବଶ ପୁରୁଷର ଭବିଷ୍ୟତ ହିଁ ଏହିପରି ଅନ୍ଧକାର । ତେଣୁ କୋଟି କନ୍ଦର୍ପଜିତ ଭଗବାନ ଶ୍ରୀରାମକୃଷ୍ଣ ଲୀଳା ଛଳରେ ଉପଦେଶ ଦେଇ କହିଥାଆନ୍ତି "ହେ ବିଶ୍ୱବାସୀ ! ତୁମେ ଇନ୍ଦ୍ରିୟ ସଂଭୋଗରୁ ରହିତ ହୋଇ ନିର୍ମଳ ଓ ଆଦର୍ଶ ଜୀବନ ଯାପନ କର । ଚୌର୍ଯ୍ୟ ବୃତ୍ତିରୁ କ୍ଷାନ୍ତ ହୁଅ ନଚେତ୍ ନିୟତିର ଦଣ୍ଡ ବିଧାନ ଭୋଗ କରିବାକୁ ପଡ଼ିବ, ଯାହାକି ମତେ ମଧ୍ୟ ଭୋଗ କରିବାକୁ ପଡ଼ିଛି !" ସମସ୍ତ ଅପକର୍ମରୁ ନିବୃତ୍ତ ହୋଇ ସତ୍‌ଜୀବନ ଲାଭ କରିବା ହିଁ ପ୍ରତ୍ୟେକ ଧର୍ମର ମୂଳ ମନ୍ତ୍ର । ଏ ସଚରାଚର ଜଗତର ଅଧିକାରୀ ହେଉଛନ୍ତି ବିଶ୍ୱ ନିୟନ୍ତା ଭଗବାନ । ତେଣୁ ଅସଦାଚରଣ ପୂର୍ବକ ଏହାର କିୟଦାଂଶର ଅଧିକାରୀ ହୋଇ ଗର୍ବୋନ୍ମତ୍ତ ହେବା ନିର୍ବୋଧତାର ପରିଚୟ ମାତ୍ର । ବରଂ ସଦାଚାରୀ ପୁରୁଷର ସୀମିତ ବିଷୟୋପଲବ୍ଧି ହିଁ ଶ୍ରେୟ ।

"Better is a litte with right cousness.
Than great revenues without right" (Holy Bible).

ପୁନଶ୍ଚ

"Of every thing around us, are in His hands our duty then is to seek the path.

Of goodness, kindness, uprightness, Conduct and charity—to grasp"—(Glorious quran),

ଆରାଧନା ଓ ଉପାସନାର ପ୍ରୟୋଜନୀୟତା ଓ ସାଧନାର ସଫଳତା ପାଇଁ ନିର୍ଗୁଣ ବ୍ରହ୍ମର ସାକାର ରୂପ କଳ୍ପନା କରାଯାଇଛି ।

"ଚିନ୍ମୟସ୍ୟା ପ୍ରମେୟସ୍ୟ ନର୍ଗୁଣସ୍ୟ ଶରୀରିଣଃ ।
ସାଧକାନାଂ ହିତାର୍ଥାୟ ବ୍ରହ୍ମଣୋ ରୂପ କଳ୍ପନା ॥"

ଏକ ଅଗ୍ନି ଶିଖାରୁ ଶତ ସହସ୍ର ସ୍ଫୁଲିଙ୍ଗ ବିଚ୍ଛୁରିତ ହେବା ପରି ଏକ ନର୍ଗୁଣ ବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କଠାରୁ ସମସ୍ତ ଅବତାରବାଦ ଓ ସଗୁଣ ବାଦର ସୃଷ୍ଟି ।

"ଅଜଂ ନିରଞ୍ଜନଂ ତାବଦବାଙ୍ମନସଗୋଚରଂ ।
ନମଃ ପରତରଂ ତଦ୍‌ବୈ ବ୍ରହ୍ମ ନିର୍ବାଣ କରଣଂ ॥
ଅନୁଗ୍ରହାୟ ଲୋକାନାଂ ନାନାରୂପଧରଂ ପ୍ରଭୁଂ ।"

(ନୀଳାଦ୍ରି ମହୋଦୟ)

ପୁନଶ୍ଚ

"ସର୍ବଦା ନୀଳାଦ୍ରିରେ ସ୍ଥିତି । ଏଣୁ ସକଳ ଜାତ ହୋନ୍ତି ॥
ସମସ୍ତ ଅବତାର ମାନ । ଜାତ ହୋଇଣ ପଶେ ପୁଣ ॥
ବେଦାନ୍ତସାର ବ୍ରହ୍ମ ଏହି । ବେଦହିଁ ବର୍ଣ୍ଣି ନ ପାରଇ ॥"

(ବେଦାନ୍ତସାର ଗୁପ୍ତଗୀତା)

ମହାପ୍ରଭୁ ନୀଳାଦ୍ରିନାଥଙ୍କର ଏହି ପୁଣ୍ୟପ୍ରଦ ବାସନ୍ତିକ ଅନଙ୍ଗୋତ୍ସବ ବା ଦମନକୋତ୍ସବ ଯେ ଦର୍ଶନ କରେ, ସେ ଚତୁର୍ବର୍ଗ ପ୍ରାପ୍ତ ହୁଏ । ପ୍ରସାଦ ଦମଣା ଗ୍ରହଣ କଲେ ବହୁ ରୋଗରୁ ଉପଶମ ମିଳେ ଓ ମସ୍ତକରେ ଧାରଣ କଲେ ସର୍ବତ୍ର ବିଜୟଲାଭ ହୁଏ ।

"ଏତଦ୍‌କାଳେଽପି ଯେ ଭକ୍ତ୍ୟା ପଶ୍ୟନ୍ତି କେଶବଂ ତ ତେ ॥
ଇହଲୋକେ ମହାନ୍ ଭୋଗାନ୍ ଭୁକ୍ତ୍ୱାପ୍ୟନ୍ତେ ହରେଃ ପଦମ୍ ।
ଗଚ୍ଛନ୍ତି ଯେ ବୈଷ୍ଣବାସ୍ତେ ଧୃତ୍ୱା ଦମନକଂ ପ୍ରିୟେ ॥
ସର୍ବପାପବିନିର୍ମୁକ୍ତା ସ୍ତଥା ରୋଗ ବିବର୍ଜିତାଃ ।
ଧୃତ୍ୱା ଶିରସିତେ ମର୍ତ୍ତ୍ୟାଃ ସର୍ବଶତ୍ରୁନ୍ ଜୟନ୍ତିହି ॥"

(ବାମଦେବ ସଂହିତା)

ବାସନ୍ତିକ ଅନଙ୍ଗୋତ୍ସବ ଦୋଳପର୍ବଠାରୁ ପୃଥକ ଭାବେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଅନ୍ୟତ୍ର ଦୋଳ ପର୍ବରେ ଶ୍ରୀ ରାଧାମାଧବଙ୍କ ବସନ୍ତୋତ୍ସବ ପ୍ରହର୍ଷ ପ୍ରଫୁଲ୍ଲତାରେ ରୂପାନ୍ତରିତ ହୋଇଛି । ଏକ ଦିଗରେ ଶାସ୍ତ୍ରାନୁଶାସନ ଓ ଅନ୍ୟ ଦିଗରେ ପ୍ରକୃତିର ନବାଭ୍ୟୁଦୟ, ଉଭୟରେ ଧର୍ମପ୍ରାଣ ଜନମାନବ ଆକୃଷ୍ଟ ହୋଇ ମାଧବଙ୍କ ଅନଙ୍ଗୋତ୍ସବର ଆମୋଦ ପ୍ରମୋଦରେ ଭାଗ ନେଇଥାନ୍ତି । ସର୍ବାନ୍ତର୍ଯାମୀ ଶ୍ରୀ ଜଗନ୍ନାଥ ରାମ, କୃଷ୍ଣ, ବାମନ ଓ ନୃସିଂହାଦି ଅବତାର ବାଦରେ ବହୁ ଲୀଳାବିଳାସ ପ୍ରଦର୍ଶନ କରି ଭକ୍ତମାନଙ୍କର ମନୋରଞ୍ଜନ କରିଥାନ୍ତି । ତ୍ରେତୟା ଯୁଗରେ ଶ୍ରୀରାମ ଓ ଦ୍ୱାପରର ସନ୍ଧ୍ୟା କାଳରେ ଶ୍ରୀକୃଷ୍ଣ ବହୁ ଲୀଳା ପ୍ରଦର୍ଶନ କରିଥିଲେ ସତ କିନ୍ତୁ ନିତ୍ୟ ଲୀଳାସ୍ଥଳୀ ଶ୍ରୀକ୍ଷେତ୍ର ସର୍ବଦା ଲୀଳା ମୁଖରିତ ନୀଳାଚଳ ।

"ବହୁ ତୀର୍ଥାନି କ୍ଷେତ୍ରାଣି ବର୍ତ୍ତନ୍ତେ ଭୁବନତ୍ରୟେ ।
ବହି ରଙ୍ଗାନି ତାନ୍ୟତ୍ରଙ୍ଗ ଶ୍ରୀ ପୁରୁଷୋତ୍ତମମ ॥
ମଥୁରା ଦ୍ୱାରକାଯୋଧ୍ୟା ଗୋକୁଳେଷୁ ସମାଶ୍ରିତାଃ ।
ନୀଳାଚଳସ୍ଥଃ କୃଷ୍ଣାଂଶାସ୍ତେ ଲତେବୈହିରଙ୍ଗଦାଃ ॥"

ଇଂକିନିବାସ,
ବୃନ୍ଦାବନ ଧାମ,
ମେଳନାଥ ରୋଡ୍, ପୁରୀ-୭୫୨୦୦୧





ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କଦ୍ୱାରା ପୁରୀରେ ଅନୁଷ୍ଠିତ ୨୦ଦଫା ଅର୍ଥନୈତିକ ଉପରେ ତିନିଦିନିଆ ବହୁମୁଖୀ ତଥ୍ୟ ପ୍ରଦର୍ଶନ ଉଦ୍‌ଘାଟନ ।

# ଶ୍ରୀ ଜଗନ୍ନାଥସ୍ୱାମୀ ଓ

# ଭକ୍ତ ରସିକାନନ୍ଦ

ଶ୍ରୀ ଅରକ୍ଷିତ ପ୍ରଧାନ

ଇତିହାସର କେଉଁ ଏକ ଅନାଦିକାଳରୁ ସୁନୀଳସାଗରର ଶାନ୍ତ କାନ୍ତ ବେଳାଭୂମି ଉପରେ ପୁରୁଷୋତ୍ତମକ୍ଷେତ୍ର ଅବସ୍ଥିତ । ଏହି ପରମ ପବିତ୍ର କ୍ଷେତ୍ରକୁ ପ୍ରଳୟ ଛୁଇଁ ପାରେନାହିଁ ଏବଂ ଏକ୍ଷେତ୍ରରେ ଯମଙ୍କର ଦଣ୍ଡଦେବାର ଅଧିକାର ନାହିଁ । ଏବିଷୟରେ ଜଣେ ସୁପ୍ରସିଦ୍ଧ ବଙ୍ଗୀୟ କବି ଗୋବିନ୍ଦଦାସ ଲେଖିଛନ୍ତି–

"ସିନ୍ଧୁକୂଳେ ବଟମଳେ ନୀଳାଚଳଧାମ<br>
କ୍ଷେତ୍ର ଶ୍ରୀ ପୁରୁଷୋତ୍ତମ ଅତିରମ୍ୟ ସ୍ଥାନ<br>
ଅନନ୍ତ ବ୍ରହ୍ମାଣ୍ଡକାଳେ ଜଖନ ସଂହାରେ<br>
ତବୁ ଏ ସ୍ଥାନେର କିଛୁ କରିତେ ନାପାରେ

× × × × ×

ଏସ୍ଥାନେ ନାଇଁକି ଯମଦଣ୍ଡ ଅଧିକାର<br>
ଆମି କରି ଭାଲମନ୍ଦ ବିଶ୍ୱର ସବାର"

(ଚୈତନ୍ୟ ଭାଗବତ)

ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରଦାୟକ ଏହି କ୍ଷେତ୍ରରାଜ ପୁରୁଷୋତ୍ତମର ଅଧୀଶ୍ୱର ପୂର୍ଣ୍ଣବ୍ରହ୍ମ ସ୍ୱରୂପ ଦାରୁବିଗ୍ରହଙ୍କର ଦର୍ଶନ ଲାଳସାରେ ଯୁଗଯୁଗଧରି ଯେତେ ଯେତେ ମୁନି, ଜ୍ଞାନୀ, ଗୁଣୀ, କବି, ପଣ୍ଡିତ ଏବଂ ତାନ୍ତ୍ରିକମାନଙ୍କର ଏହି କ୍ଷେତ୍ରକୁ ଆଗମନ ହୋଇଅଛି, ଇତିହାସ ସେ ସମସ୍ତଙ୍କର କାହାଣୀ ସାଇତି ରଖିବାପାଇଁ ସମର୍ଥ ହୋଇପାରିନାହିଁ । ଯେଉଁ କେତେଜଣ ଭକ୍ତ ପ୍ରବରଙ୍କ କଥା ଇତିହାସ ସାଇତି ରଖିପାରିଛି ସେମାନଙ୍କ ମଧ୍ୟରେ ରସିକାନନ୍ଦଦେବ ଗୋସ୍ୱାମୀ ଅନ୍ୟତମ ।

ଗୌଡ଼ୀୟ ବୈଷ୍ଣବ ସଂପ୍ରଦାୟର ଏହି ମହାପୁରୁଷ ଭକ୍ତ ରସିକାନନ୍ଦଦେବ ଗୋସ୍ୱାମୀ ସପ୍ତଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ବଙ୍ଗଭୂମିରେ ଆବିର୍ଭାବହୋଇ ଅଷ୍ଟାଦଶ ବର୍ଷ ବୟସରେ ଶ୍ୟାମାନନ୍ଦଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଶ୍ୟାମାନନ୍ଦଙ୍କର ଗୁରୁଥିଲେ ଭଗବାନ–ଶ୍ରୀଚୈତନ୍ୟଙ୍କର ପ୍ରିୟଭକ୍ତ ରୂପଗୋସ୍ୱାମୀ ପାଦଙ୍କ ଶିଷ୍ୟ ଜୀବ ଗୋସ୍ୱାମୀ ।

ଭକ୍ତ ରସିକାନନ୍ଦଙ୍କର ଅଲୌକିକ ମାନବଲୀଳା ସମ୍ବନ୍ଧୀୟ କଥାବସ୍ତୁ "ରସିକମଙ୍ଗଳ" ନାମକ ଏକ ଉପାଦେୟ ବଙ୍ଗଳା ଗ୍ରନ୍ଥରେ ବର୍ଣ୍ଣନା କରାଯାଇଅଛି । ଏହି ଗ୍ରନ୍ଥର ପ୍ରଣେତା-ହେଉଛନ୍ତି ରସିକାନନ୍ଦଙ୍କର ପାର୍ଶଦ ଗୋପୀବଲ୍ଲଭଦାସ । ଶ୍ରୀଚୈତନ୍ୟଙ୍କର ପ୍ରିୟଶିଷ୍ୟ ଗୋବିନ୍ଦଦାସଙ୍କ "ଡାଏରୀ" ବହିରୁ ତଥ୍ୟ ସଂଗ୍ରହକରି କୃଷ୍ଣଦାସ କବିରାଜ "ଚୈତନ୍ୟ ଚରିତାମୃତ" ଭଳି ଏକ ପ୍ରଖ୍ୟାତ ଗ୍ରନ୍ଥର ରଚନା କରିବାପାଇଁ ଯେପରି ସମର୍ଥ ହୋଇଥିଲେ ସେହିପରି ଗୋପୀବଲ୍ଲଭଦାସ ରସିକାନନ୍ଦଙ୍କ ଗହଣରେ ବହୁସମୟ ଅତିବାହିତକରି ରସିକାନନ୍ଦଙ୍କର ପ୍ରତିଦିନର କାର୍ଯ୍ୟକଳାପକୁ ଟିପିରଖୁଥିଲେ । ଅନ୍ତିମ ଜୀବନରେ ସେହି ଟିପାଉପରେ ଏକଗ୍ରନ୍ଥ ରଚନାକଲେ । ସେହି ଗ୍ରନ୍ଥର ନାମ "ରସିକମଙ୍ଗଳ"

ଗୋପୀ ବଲ୍ଲଭଦାସ, ଓଡ଼ିଶାର ତତ୍‌କାଳୀନ ଗଜପତି ବଳଭଦ୍ରଦେବଙ୍କ ନଅ ଅଙ୍କରେ ରସିକମଙ୍ଗଳଗ୍ରନ୍ଥର ରଚନା ଆରମ୍ଭକରି ବାର ଅଙ୍କରେ ସମାପ୍ତ କରିଥିବା କଥା ଗ୍ରନ୍ଥ ଶେଷରେ ଲେଖିଅଛନ୍ତି–

"ଶ୍ରୀବଳଭଦ୍ର ଗଜପତି ଉଡ଼ିଶ୍ୟାଦେଶେ,<br>
ନୟ ଅଙ୍କ ବସନ୍ତ ପଞ୍ଚମୀ ମଙ୍ଗମାସେ ॥<br>
ଆଜ୍ଞାପାୟାଁ ଆରମ୍ଭକରିଲ ସେଦିବସେ ।<br>
ରସିକ ଚରଣହୃଦେ କରିୟାଁ ବିଶେଷେ ॥<br>
ଅଷ୍ଟମାସ ଦୁଇ ବହର ଯେ ଭାବନା ।<br>
ରସିକେର ଯଶଃକୀର୍ତ୍ତି କରିଲୁ ରଚନା ॥<br>
ରବିବାର ଦିନେ ସାଙ୍ଗ ହଇଲ ପୁସ୍ତକେ ।<br>
ବାର ଅଙ୍କ କଇନ୍ୟ ପଞ୍ଚମୀ ଶୁକ୍ଲପକ୍ଷେ ॥"

ଗଜପତି ବଳଭଦ୍ରଦେବ ୧୬୪୭ ଖ୍ରୀଷ୍ଟାବ୍ଦଠାରୁ ୧୬୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦଶବର୍ଷ ଓଡ଼ିଶାରେ ରାଜତ୍ୱ କରିଥିଲେ । ଗୋପୀବଲ୍ଲଭ ଦାସଙ୍କ ବର୍ଣ୍ଣନା ଅନୁସାରେ ବଳଭଦ୍ରଦେବଙ୍କ ରାଜତ୍ୱର ଶେଷ ବର୍ଷ "ରସିକ ମଙ୍ଗଳ" ଗ୍ରନ୍ଥ ରଚନା ସମାପ୍ତ ହୋଇଅଛି । ଜଣେ ବଙ୍ଗୀୟ କବି ଓଡ଼ିଶା ଗଜପତିଙ୍କ ଅଙ୍କ ବ୍ୟବହାର କରିବାର କାରଣ ହେଉ ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କ ରାଜତ୍ୱ-କାଳ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ମେଦିନୀପୁର ଜିଲ୍ଲାର ସମସ୍ତ ଅଞ୍ଚଳ ଓଡ଼ିଶା ଗଜପତିଙ୍କ ଶାସନାଧୀନ ଥିଲା । ତେଣୁ ମେଦିନୀପୁର ଜିଲ୍ଲାର ଅନେକଲୋକ ଯାତକ ଆଦିରେ ଆଜିପର୍ଯ୍ୟନ୍ତ ମଧ୍ୟ ଗଜପତିଙ୍କ ଅଙ୍କ ବ୍ୟବହାର କରୁଥିବାର ଜଣାଯାଏ । ଗୋପୀବଲ୍ଲଭଦାସ ମେଦିନୀପୁର ଜିଲ୍ଲାର "ଧାରେନ୍ଦା" ପଲ୍ଲୀର ଅଧିବାସୀ ହୋଇଥିବା ଯୋଗୁଁ ଓଡ଼ିଶାଗଜପତିଙ୍କ ଅଙ୍କ ଗ୍ରନ୍ଥମଧ୍ୟରେ ପ୍ରଦାନକରି ଅଛନ୍ତି ।

"ରସିକମଙ୍ଗଳ" ଗ୍ରନ୍ଥର ବର୍ଣ୍ଣନା ଅନୁସାରେ କାବ୍ୟ, ବ୍ୟାକରଣ, ଅଳଂକାର, ତର୍କ, ମୀମାଂସା, ସାଂଖ୍ୟ, ବେଦ, ବେଦାଙ୍ଗ, ପୁରାଣ ପ୍ରଭୃତି ଶାସ୍ତ୍ରମାନଙ୍କରେ ଅସାଧାରଣ ପାରଦର୍ଶିତା ଲାଭକରିବା ରସିକାନନ୍ଦ ଅଷ୍ଟାଦଶ ବର୍ଷ ବୟସରେ ଶ୍ୟାମାନନ୍ଦଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଦୀର୍ଘ ୬୨ବର୍ଷ ଆଠମାସ ଜୀବନକାଳ ମଧ୍ୟରେ ସେ ବହୁବାର ନିଜର ଅଲୌକିକ ପ୍ରତିଭାର ପରିଚୟ ପ୍ରକାଶକରି ଶେଷରେ ବାଲେଶ୍ୱର ଜିଲ୍ଲାର ରେମୁଣା କ୍ଷୀରଚୋରା ଗୋପୀନାଥଙ୍କ ପୀଠରେ ଦେହ ତ୍ୟାଗ କରିଥିଲେ ।

ରସିକାନନ୍ଦ ଗୋସ୍ୱାମୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜଣେ ଅନନ୍ୟ ସାଧାରଣ ଭକ୍ତଥିଲେ । ଶ୍ରୀମଦ୍‌ଭାଗବତରେ ଗୋଟିଏ ପଂକ୍ତି ରହିଛି :—

"ଗଙ୍ଗାବିସ୍ମରୁଥିଲେ ମନେ, ବାରୁଣୀ ପଡ଼ିବ କେସନେ ।।
ଆସିବେ ମୋର ଭକ୍ତଗଣ, ମୋପାପ ହୋଇବଦହନ ।।

ସମସ୍ତ ଲୋକମାନଙ୍କର ବିଶ୍ୱାସ ଥାଏ ଯେ ବାରୁଣୀ ଯୋଗରେ ଗଙ୍ଗାସ୍ନାନ କଲେ ସମସ୍ତ ପାପ ଧୋଇହୋଇଯାଏ । ଗଙ୍ଗାଦେବୀଙ୍କର ବିଶ୍ୱାସ ଥାଏ ଯେ ବାରୁଣୀ ଯୋଗରେ ଭକ୍ତମାନେ ଆସି ମୋ ଜଳରେ ସ୍ନାନ କରିବା ଦ୍ୱାରା ମୋ ଜଳ ପବିତ୍ରହୋଇଯାଏ । ଚନ୍ଦ୍ରକିରଣ ଯୋଗୁ ରାତ୍ରି ସୁନ୍ଦର ଦେଖାଯାଏ ରାତ୍ରିଯୋଗୁ ଚନ୍ଦ୍ରକିରଣର ଉଜ୍ଜ୍ୱଳତା ପ୍ରକାଶ ପାଇଥାଏ ଠିକ୍ ସେହିଭଳି ଭଗବାନଙ୍କ ପାଇଁ ଭକ୍ତମାନଙ୍କ ପ୍ରାଣରେ ଯେତେ ପ୍ରେମ ପୁଲକ ଜାଗ୍ରତ ହୁଏ ଭକ୍ତମାନଙ୍କ ପାଇଁ ଭଗବାନଙ୍କର ସେହି ପରିମାଣରେ କୃପାସରିତ ଝରି ଆସେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଭକ୍ତ ରସିକାନନ୍ଦ ।

କୃପାସିନ୍ଧୁ ବଳରାମ ଦାସଙ୍କ ଅପମାନ ଯୋଗୁ ଏବଂ ଭକ୍ତ କବି ସାଲବେଗଙ୍କ ପାଇଁ ଶ୍ରୀଜଗନ୍ନାଥଙ୍କର ରଥ ଦୁଇଥର ଅଟକି ଯାଇଥିବା କଥା ଇତିହାସ କହେ । କିନ୍ତୁ ଭକ୍ତ ରସିକାନନ୍ଦଙ୍କ ପାଇଁ ଥରେ ବଳଗଣ୍ଡିଠାରେ ରଥ ଅଟକି ରହିଥିବା କଥା ରସିକ ମଙ୍ଗଳ ଗ୍ରନ୍ଥରୁ ଜଣାଯାଏ ।

ଶ୍ରୀଜଗନ୍ନାଥସ୍ୱାମୀଙ୍କର ରଥଯାତ୍ରା ଦେଖିବା ପାଇଁ ଥରେ ରସିକାନନ୍ଦ ଅନେକ ଶିଷ୍ୟମାନଙ୍କ ଗହଣରେ ଯାଜପୁର ବୈତରଣୀ ନଦୀ ପାରିହୋଇ ଆସି ରଥଯାତ୍ରା ଦିନ ମାଳତୀପାଟପୁର ନିକଟସ୍ଥ ତୁଳସୀଚୌରା ନିକଟରେ ପହଞ୍ଚିଲେ । ପଥଶ୍ରାନ୍ତ ଦୂର କରିବା ପାଇଁ ସେଠାରେ କିଛି ସମୟ ବିଶ୍ରାମ କରି ସ୍ନାନାଦି କାର୍ଯ୍ୟ କରିବାରେ ଲିପ୍ତ ହେଲେ । ଏଣେ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ରଥରେ ବିଜେ କରି ଆସି ବଳଗଣ୍ଡି ନିକଟରେ ପହଞ୍ଚିଯାଇଛନ୍ତି । ହଠାତ୍ ସେଠାରୁ ଆଉ ରଥ ଚଳିଲା ନାହିଁ । ରଥଯାତ୍ରାରେ ସମବେତ ହୋଇଥିବା ହଜାର ହଜାର ଲୋକ ଯେତେ ଉଦ୍ୟମ କଲେ ମଧ୍ୟ କିଛି ଫଳପ୍ରଦ ହେଲା ନାହିଁ । ସମସ୍ତ ପ୍ରକାର ଉଦ୍ୟମ ବ୍ୟର୍ଥ ହେଲା । ସମ୍ବାଦ ପାଇ ଗଜପତି ପାରିଷଦ ବର୍ଗଙ୍କୁ ଧରି ବଳଗଣ୍ଡିଠାରେ ପହଞ୍ଚି ନିଜେ ରଥଟାଣିବା ପାଇଁ ଆରମ୍ଭ କଲେ । ଗଜପତି ସ୍ୱୟଂ ରଥଟାଣିବା ପାଇଁ ଆରମ୍ଭ କରିବା ଦେଖି ପାତ୍ରମନ୍ତ୍ରୀ, ପାରିଷଦ, ସେବକମାନେ ମଧ୍ୟ ରଥଟାଣିବା କାର୍ଯ୍ୟରେ ଲିପ୍ତ ହେଲେ । ଏମାନଙ୍କ ସହ ଯାତ୍ରୀମାନେ ମଧ୍ୟ ପ୍ରବଳ ଉତ୍ସାହର ସହିତ ଯୋଗଦେଲେ । ଏତଦ୍ ବ୍ୟତୀତ ଏମାନଙ୍କ ସହିତ ଗଜପତିଙ୍କର ଘୋଡ଼ାହାତୀ- ମାନଙ୍କୁ ମଧ୍ୟ ରଥଟଣା କାର୍ଯ୍ୟରେ ବ୍ୟବହାର କରାଗଲା । କିନ୍ତୁ କିଛି ଫଳ ହେଲା ନାହିଁ ।

"ଯାତ୍ରାଦିନେ ଉତରିଲା ତୁଳସୀ ଚୌରାୟ ।
ପଥଶ୍ରାନ୍ତେ ସ୍ନାନ ପ୍ରଭୁ କରୟେ ତଥାୟ ।।
ତଥାରଥେ ବିଜେକୈଲ ଜଗନ୍ନାଥ ରାୟେ ।
ତିନି ରଥ ଲାଗିଲେନ ବାଲିଗୁଣ୍ଡିଠାଁୟେ ।।
ବାଲିଗୁଣ୍ଡି ହୈତେ ରଥ ନାଚଲେନ ଆର ।
ସହସ୍ର ସହସ୍ର କାଲ୍ଲ ପିଟ୍ୟା ଟାନିବାର ।।
ତବୁଇ ନାଚଲେ ରଥ ରହିଲା ସେଖାନେ
ଟାନିବାରେ ଲାଗିଲେନ ଯତ ଯାତ୍ରୀ ଗନେ
ଲକ୍ଷ ଲକ୍ଷ ଲୋକଟାନେ ରଥ ଦଡ଼ି ଧରି ।
ତବୁଇ ନାଚଲେ ରଥ ରହେ ଭୂମେ ପଡ଼ି ।।
କ୍ରୋଧ ହୟାଁ ରାଜାରଥ ଟାନି ତ ଲାଗିଲା ।
ପାତ୍ର ମନ୍ତ୍ରୀ ଯତ ଲୋକ ସଂଗତେ ଆଛିଲା ।।
ଦ୍ୱିଜଗନ ସହିତେ ଟାନେନ ସର୍ବ ଜନେ ।
ଯାର ଯତ ଶକ୍ତି ଛିଲା ଟାନେ ପ୍ରାନପନେ ।।
ଗାଡ଼ିବହା ହାଲିଆ ଟାନିଲ ଶତେ ଶତେ ।
ଗଜବାଜୀ ଟାନେ ତବୁ ନାହିଁ ଚଲେ ରଥେ ।।

("ରସିକ ମଙ୍ଗଳ" ଗୋପାଳ ଗୋବିନ୍ଦ ଦାସଙ୍କ ସଂପାଦିତ ୨ୟ ସଂସ୍କରଣ ୧୫୨ ପୃଷ୍ଠା")

ରଥ ନଚଳିବାର କାରଣ ଜାଣି ନପାରି ଗଜପତି ଅତି ଆଶ୍ଚର୍ଯ୍ୟ ହେଲେ । ସେଦିନ ରାତ୍ରରେ ମୁଦିରଥଙ୍କୁ ଶ୍ରୀଜଗନ୍ନାଥ ସ୍ୱପ୍ନରେ କହିଲେ ମୋର ଜଣେ ପ୍ରିୟ ଭକ୍ତ ମୁରାରି (ରସିକାନନ୍ଦ) ରଥ ଯାତ୍ରା ଦେଖିବା ପାଇଁ ବହୁ କଷ୍ଟ ସହି ଅନେକ ପଥ ଅତିକ୍ରମ କରି ଆସି ତୁଳସୀଚୌରା ନିକଟରେ ବିଶ୍ରାମ କରିଛି । ସେ ନଆସିବା ପର୍ଯ୍ୟନ୍ତ ରଥ ଚଳିବ ନାହିଁ । ତେଣୁ ବୃଥାଚେଷ୍ଟା କର ନାହିଁ । ରସିକ ଆସି ରଥ ଟାଣିଲେ ରଥ ଚଳିବ । ଏକଥା ତୁମେ ଗଜପତିଙ୍କୁ କହି ଦିଅ ।

"ଦେଖି ମହାରାଜା ବଡ଼ ଆଚମ୍ବିତ ହୈଲା ।
ମୁଦିରଥେ ହେନ କାଲେ ପ୍ରଭୁ ଆଜ୍ଞା କୈଲା ।।
ମୋର ପ୍ରିୟ ନିଜ ଭକ୍ତ ମୁରାରି ଆଇଲା ।।
ତୁଳସୀ ଚୌରାତେ ଆସି ପରବେଶ ହୈଲା ।।
ରସିକ ଆସିୟାଁ ରଥ କରିବେ ଦର୍ଶନ ।
ତବେସେ ଚଲିବେ ରଥ ନାକର ଯତନ ।।
ଆପନି ଟାନିବେ ରଥ ରସିକ ଶେଖରେ ।
ତବେ ଶୀଘ୍ର ଯାବେରଥ କହ ନୃପ ବରେ ।।

(ଦଶମ ଲହରୀ, ୧୫, ୧୬, ୧୭, ୧୮ ପଦ)

ମୁଦିରଥଙ୍କଠାରୁ ସମ୍ବାଦପାଇ ଗଜପତି ରାଜୋଚିତ ମର୍ଯ୍ୟାଦା ସହ ରସିକାନନ୍ଦଙ୍କୁ ପାଛୋଟି ଆଣିବା ପାଇଁ ତୁଳସୀ-ଚୌରା ଗମନ କଲେ । ଗଜପତି ପାଛୋଟି ଆଣିବା ପାଇଁ ଆସୁଛନ୍ତି ବୋଲି ସମ୍ବାଦ ପାଇଁ ରସିକାନନ୍ଦ ଆଉ ତୁଳସୀ ଚୌରା ଠାରେ ଅପେକ୍ଷା ନକରି ପୁରୀ ଆସିବା ପାଇଁ ତତ୍ପର ହେଲେ । ଅଠରନଳା ନିକଟରେ ରସିକାନନ୍ଦଙ୍କ ସହ ଗଜପତିଙ୍କର ଭେଟ ହେଲା । କିଛି ସମୟ ପ୍ରେମ ଆଉ ଭକ୍ତିର ଆଦାନପ୍ରଦାନ ପରେ ଗଜପତିଙ୍କ ସହ ରସିକାନନ୍ଦ ରଥ ନିକଟରେ ପହଞ୍ଚି ସାଙ୍ଗରେ ଆଣିଥିବା ନୈବେଦ୍ୟ ପଦାର୍ଥ ତିନି ରଥରେ ଭେଟି ଦେଇ ପ୍ରେମପୁଲକ ନୟନରେ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କଲେ । ଏହା ପରେ ରସିକାନନ୍ଦଙ୍କର ଶରୀର ମଧ୍ୟରେ ଅଷ୍ଟସାତ୍ତ୍ୱିକ ଭାବ ଉଦ୍ରେକ ହେବାରୁ ସେ ଭକ୍ତି ଗଦ୍ ଗଦ୍ ଚିତ୍ତରେ ନୃତ୍ୟ କରିବାକୁ ଲାଗିଲେ ।

ତବେ ପ୍ରଭୁ ରଥେ ଆସି କୈଲ ଦରଶନ,
ଭେଟିଲେନ୍ ପଞ୍ଚରତ୍ନେ ବସ୍ତ୍ର ଆଭରନ ॥
ତିନିରଥେ ଦିଲ ଭିନ୍ନ ଭିନ୍ନ ଦ୍ରବ୍ୟଭାର ।
ଦ୍ରବ୍ୟ ଦେଖି ସବାକାରେ ଲାଗେ ଚମତ୍କାର ॥
ଶ୍ରୀଚନ୍ଦ୍ରବଦନ ଦେଖି ଅଚ୍ୟୁତ ନନ୍ଦନେ ।
ଶତ ଶତ ଧାରା ଗଲେ ସେ ଦୁଇ ନୟନେ ॥
କଦମ୍ବ କଳିକା ସମ ପୁଲକିତ ଅଙ୍ଗେ ।
ଅଷ୍ଟ ସାତ୍ତ୍ୱିକ ଭାବ ପ୍ରକାଶେ ଶ୍ରୀଅଙ୍ଗେ ॥
ରସମୟ ଗୋଷ୍ଠୀ ଶ୍ରୀତୁଳସିଦାସ ସଙ୍ଗେ ।
ସଂକୀର୍ତ୍ତନ କରିତେ ଲାଗିଲ ମହାରଙ୍ଗେ ॥
ଆପନି କରିଲ ନୃତ୍ୟ ରସିକ ଶେଖର ।
ମହାଭାବ ପ୍ରକାଶେ ଶ୍ରୀଅଙ୍ଗ ଜର ଜର ॥

(୨୭ ଠାରୁ ୩୨ ପଦ )

ଏହି ମହାପୁରୁଷଙ୍କ ପାଇଁ ରଥ ଅଟକି ଯାଇଥିଲା ବୋଲି ରଥଯାତ୍ରାରେ ସମବେତ ଜନ ସମୁଦ୍ର ମଧ୍ୟରେ ପ୍ରଚାରିତ ହୋଇଯିବା ଫଳରେ ଲୋକମାନେ ରଥ ଛାଡ଼ି ରସିକାନନ୍ଦଙ୍କୁ ଦେଖିବାପାଇଁ ଭିଡ଼ ଲଗାଇଲେ । ହରିବୋଲ ହୁଳହୁଳିରେ ବଡ଼ଦାଣ୍ଡସ୍ଥାନ କମ୍ପିତ ହୋଇ ଉଠିଲା । ଏହି ମହା ଭାବମୟ ମହୂର୍ତ୍ତର ଦୃଶ୍ୟ ଅବର୍ଣ୍ଣନୀୟ ।

ରଥ ଛାଡି ସର୍ବେ ଆସି ଦେଖିତେ ଲାଗିଲ ।
ରସିକେର ରୂପ ଦେଖି ସର୍ବେ ମୁଗ୍ଧ ହୈଲ ॥
ସର୍ବେ ବୋଲେ ଏଇ ପ୍ରଭୁ ଦ୍ୱିତୀୟ ନାରାୟନ ।
ଜଗନ୍ନାଥ ସଙ୍ଗେ ଜାର ଅଭେଦ ମିଲନ ॥
ଯାହାର କାରନେ ରଥ ନାଚଲିଲ୍ଲ ଆର ।
ଏଇ ସେ କରିଲ କୃଷ୍ଣ ଭକ୍ତି ପରସ୍ପର ॥

ଏହି ମହାନନ୍ଦ ମଧ୍ୟରେ ପ୍ରତିହାରୀ ଆସି ରସିକାନନ୍ଦଙ୍କୁ କହିଲେ ତୁମରି ପାଇଁ ରଥ ଏଠାରେ ଏତେ ସମୟ ଅଟକି ରହିଅଛି । ମହାପ୍ରଭୁ କହିଛନ୍ତି ତୁମେ ରଥ ଦଉଡ଼ି ଧରି ଟାଣିଲେ ରଥ ଗଡ଼ିବ । କାଳବିଳମ୍ବ ନ କରି ରସିକାନନ୍ଦ ରଥର ସ୍ତମ୍ଭରେ ମୁଣ୍ଡ ଲଗାଇ ଟାଣିବା ପରେ ରଥ ଗଡ଼ି ଚାଲିଲା ଶରଧା ବାଲିକୁ ।

ଏକ ଆରେ ସର୍ବେ କହେ ରସିକେର କଥା ।
ହେନ କାଲେ ପ୍ରତିହାରୀ ଜନାଇଲ ବାର୍ତ୍ତା ॥
ତୋମାର କାରନେ ରଥ ରହିଲ ଏ ଖାନେ ।
ଇବେ ରଥ ଦଡି ତୁମି ଟାନହ ଆପନେ ॥
ଶୁନିଆଁ ରସିକ ମହା ଆନନ୍ଦ ଉଲ୍ଲାସ ।
ରଥସ୍ତମ୍ଭେ ମଥାଦିଆଁ ଟାନେ ଏକ ପାଶ ॥
ରସିକ ପରଶେ ରଥ ପବନ ଗମନେ ।
ତିନିରଥ ଉତରିଲ୍ଲ ବାଲିନର ସ୍ଥାନେ ॥

ଏହି ଘଟଣାଟି ଘଟିଥିଲା ଗଜପତି ନରସିଂହ ଦେବଙ୍କ ରାଜତ୍ୱ କାଳରେ । ଗଜପତି ନରସିଂହ ଦେବ ଥିଲେ ଭୋଇ ବଂଶର ପ୍ରତିଷ୍ଠାତା । ରାମଚନ୍ଦ୍ର ଦେବଙ୍କ ପୌତ୍ର ଓ ଗଜପତି ପୁରୁଷୋତ୍ତମଦେବଙ୍କ ପୁତ୍ର, ଭୋଇ ବଂଶର ତୃତୀୟ ରାଜା ଏହି ନରସିଂହ ଦେବ ! ୧୬୨୧ ଖ୍ରୀଷ୍ଟାବ୍ଦରୁ ୧୬୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଜପତି ଆସନ ଅଧିକାର କରିଥିଲେ । ଏହାଙ୍କ ରାଜତ୍ୱ କାଳ ଓଡ଼ିଶା ପକ୍ଷରେ ଘୋର କଷ୍ଟପ୍ରଦ କାଳ ଥିଲା । କାରଣ ନରସିଂହ ଦେବଙ୍କ ଅଭିଷେକ ବର୍ଷ ମିର୍ଜା ଅହମଦ୍ ବେଗ୍ ସୁବାଦାର ହୋଇ ଓଡ଼ିଶାକୁ ଆସି ଅକଥନୀୟ ଅତ୍ୟାଚାର କରିବା ଫଳରେ ଦୀର୍ଘ ତିନିବର୍ଷ କାଳ ଓଡ଼ିଶାର ଜନ ଜୀବନ ଘୋର ବିଷାଦିତ ହୋଇ ଉଠିଥିଲା । ଠିକ୍ ଏହି ସମୟରେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କର ପ୍ରାଣପ୍ରିୟ ବେଗମ୍ ନୁରଜାହାନଙ୍କର ଚକ୍ରାନ୍ତରେ ଶାହାଜାହାନ୍ ଦିଲ୍ଲୀ ସିଂହାସନରୁ ବଞ୍ଚିତ ହୋଇ ଓଡ଼ିଶାକୁ ଆସିବା ଫଳରେ ଅହମଦ୍ ବେଗ୍ ଓଡ଼ିଶା ଛାଡ଼ି ଚାଲିଗଲେ ।

୧୬୨୫ ଖ୍ରୀଷ୍ଟାବ୍ଦରେ ଶାହାଜାହାନ ବଙ୍ଗଳାଠାରେ ପରାସ୍ତ ହେବା ଫଳରେ ମିର୍ଜା ଅହମଦ ବେଗ୍ ପୁନର୍ବାର ଓଡ଼ିଶାକୁ ସୁବାଦାର ହୋଇ ଆସିଲେ । ତେଣୁ ଓଡ଼ିଶାର ଦୁଃଖ ଦୁର୍ଦ୍ଦଶା ବଢ଼ିବାକୁ ଲାଗିଲା । ଅବଶ୍ୟ ରସିକାନନ୍ଦ ସ୍ୱାମୀଙ୍କ ଅଲୌକିକ ଶକ୍ତି ବଳରେ ମିର୍ଜା ଅହମଦ ବେଗଙ୍କର ନାରକୀୟ ପ୍ରବୃତ୍ତି ଶାନ୍ତ ହୋଇ ପଡ଼ିଥିବା କଥା ଐତିହାସିକମାନେ ସ୍ୱୀକାର କରନ୍ତି ।

ଅନେକ ଦୁଃଖମୟ ପରିସ୍ଥିତି ମଧ୍ୟରେ ଗଜପତି ନରସିଂହ ଦେବ ଥିଲେ ବଡ଼ ଗୁଣଗ୍ରାହୀ ନୃପତି । ରସିକାନନ୍ଦ ସ୍ୱାମୀଙ୍କ ଭକ୍ତିରେ ବିମୁଗ୍ଧ ହୋଇ ସେ ବାଲିସାହି ଗଛ କାଳୀଙ୍କ ସମ୍ମୁଖ ଭାଗରେ ତାଙ୍କୁ କିଛି ଭୂମି ଓ ଅନେକ ଧନରତନ ଦାନ କରିଥିଲେ । ରସିକାନନ୍ଦ ଏହି ଭୂମି ଉପରେ ଏକ ମଠ ପ୍ରତିଷ୍ଠା କରିଥିଲେ । ତାର ନାମ କୁଞ୍ଜମଠ । ଏହି ମଠରୁ ପ୍ରତିଦିନ ତିନି ଠାକୁରଙ୍କ ପାଇଁ ବାର ହାତରେ ତିନୋଟି ଧଣ୍ଡାମାଳା ଯାଉଥିଲା ଏବଂ ଭୋଗପାଇଁ କେତେକ ଜମି ଏବଂ ସେବକ ଖଞ୍ଜା ଥିଲେ ।

" ରାଜା ସ୍ଥାନେ ଭୂମି ମାଗି ଦକ୍ଷିଣ ପାର୍ଶ୍ୱେ,
ଫୁଲତୋଟା ମଠ କୈଲ ମନର ହରଷେ ॥
ବାରହାତ ତିନିଧୋଣ୍ଡା ମାଲହୟ ନିତି,
ନିୟୋଜିତ କୈଲ ଦଶପାଞ୍ଚ ସେବାଇତି ॥

ରସିକାନନ୍ଦଙ୍କ ପ୍ରତିଷ୍ଠିତ କୁଞ୍ଜମଠ ସେ ଦିନର ସ୍ମୃତି ସଙ୍କେତ ବହନ କରି ବାଲିସାହି ନିକଟରେ ଆଜି ମଧ୍ୟ ବିଦ୍ୟମାନ ।

ଏକ ଅଭୁଲା ସ୍ମୃତି........

# ନନ୍ଦନ କାନନର

## ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରତ୍ୟେକଟି ମୁହୂର୍ତ୍ତ ଉପଭୋଗ କରନ୍ତୁ

ଧଳାବାଘ, କଳାଚିତା, ଗଣ୍ଡା, ବଣ ମଈଁଷି, ଗିବନ, ଏମୁ, ନାନାଜାତି ପକ୍ଷୀ, ନାନାଜାତି କୁମ୍ଭୀର, ନାନାଜାତି ଭାଲୁ, ହରିଣ, ସମ୍ବର, ବରାହ ଓ ପୃଥିବୀର କେତେକ ବିରଳ ବନ୍ୟଜନ୍ତୁ ଗହଣରେ ବଣଭୋଜି କରନ୍ତୁ ।

# ଭାରତର ବୃହତ୍ତମ ସିଂହ ସଫାରୀ ଦେଖନ୍ତୁ

କୁନି ରେଳଗାଡ଼ି କିମ୍ବା ହାତୀ ଉପରେ ବୁଲନ୍ତୁ ।

କୁନି ହାତୀଙ୍କର କୌତୁକ ଦେଖନ୍ତୁ ।

କିମ୍ବା

ହ୍ରଦକୂଳର ବିସ୍ତୃତ ଘାସ ପଡ଼ିଆରେ ଦିନଟି କଟାଇ ଦୁଃଖ ଭୁଲି ଯାଆନ୍ତୁ ।

(ସରକାରୀ ଛୁଟି ପଡୁନଥିବା ସୋମବାର ବ୍ୟତୀତ ଅନ୍ୟ ଦିନମାନଙ୍କରେ ନନ୍ଦନକାନନ ଖୋଲା ରହେ ।)

ବନ ବିଭାଗ, ଓଡ଼ିଶା

ବିଶେଷ ବିବରଣୀ ପାଇଁ ଯୋଗାଯୋଗ :—


ବନ୍ୟଜନ୍ତୁ ସଂରକ୍ଷଣ ଅଫିସର
୧୪୫—ଶହିଦ ନଗର, ଭୁବନେଶ୍ୱର-୭୫୧୦୦୭

ଫୋନ-ଅଫିସ : ୫୩୮୪୦


ନନ୍ଦନକାନନ : ୫୧୬୮୦




ରଥ ପରେ ବିଜେ ଦେବ ବଳଭଦ୍ର ବଡ଼ସିଂହାର ବେଶେ,
ଦେଖୁଛ କି ମିତ କିପରି ସେ ଭରା ଭକତ ହୃଦୟ ଦେଶେ ।



....ରଥପରେ ବଡ଼ସିଂହାର ବେଶ ହୋଇ ସୁଭଦ୍ରା ମାଈ....
ଅର୍ପିତୁ କରୁଣା ଧାରା ବରଷନ୍ତି ଧରଣୀର ହିତ ପାଇଁ....



ବଡ଼ ଦେଉଳରୁ ବଡ଼ ଠାକୁର ଯେ
ବଡଦାଣ୍ଡେ ଗଲେ ଝୁଲି...
ଶୂନ୍ୟ ସିଂହାସନ ଶୂନ୍ୟ ଦେଉଳ,
ବାଇଶି ପାହାଚ ଖାଲି–



ଯାହା ପାଇଁ କୋଟି କର ଜଣାଏ ପ୍ରଣତି
ହୋଇ ଉର୍ଦ୍ଧ୍ୱବାହୁ....





ରଥ କହେ ମୁଁ ଦେବତା,
ପଥ କହେ ମୁଁ ଦେବତା
ରଥ, ପଥ କିଛି ନାହିଁ
ସବୁସେ ଜଗତ ସାଇଁ...



ଆମ ଓ ଗ୍ରଇଜେ କେ ହୀନ ନୁହଇ,
ନୁହେଁ ହୀନ କାରି କର୍ମ,
ହିତ ଧରି ଛେରା ପହଁରା କରିବା
ଯେ ଦେଶେ ରାଜାର ଧର୍ମ







ବଡ଼ ଦାଣ୍ଡରେ ବିଜେ
ବଡ଼ ଠାକୁର...



# ରଥ ନିର୍ମାଣ

Chariots in maki









କୋରାପୁଟ ରେ ରଥଯାତ୍ରା ▸






ଜୀବନର ଦିବା ଶେଷ ହୋଇ ଆସେ
ମାଡ଼ି ଆସେ କାଳରାତ୍ରି
ଆଗୁଁ ସାବଧାନ ହୋଇ ଆସ
ବେଗି
ଏବେ ଜଗନ୍ନାଥ ଯାତ୍ରୀ





ପହଣ୍ଡି ବିଜେ, ମହିମା ନିଜେ
ଜଗତ ଯାକର ସାଇଁ
ଏମିତି ନାଟୁଆ, ତ୍ରିଭଙ୍ଗୀ ଢୁଳି
କେଉଁଠି ଦେଖିଛ କାହିଁ










ହଂସ ଗତିରେ ଭଳି ଭଳି
ହ୍ରଦ ସରୋବରେ ଦିଅ ବୁଲି
ଆମ୍ବର ନୀଳ ଶୀତଳ ପରଶ,
ଗ୍ରୀଷ୍ମ ଯାତନା ଯାଉ ଭୁଲି ।



ସ୍ନାନବେଦୀ ପରେ ତିନି ଠାକୁର ଲୋ
ବିଜେ ହୋଇଛନ୍ତି ଦେଖ ।
କେ ବର୍ଣ୍ଣି ପାରିବ ମହିମା ତାଙ୍କରି

ପୁରାଣାତୀତକାଳରୁ ଭାରତରେ ଦୁଇଟି ସମାନ୍ତରାଳ ସଂସ୍କୃତିର ଧାରା ଗଙ୍ଗା ଓ ଗୋଦାବରୀ ପରି ପ୍ରବାହିତ ହୋଇ ଆସୁଥିଲା । କାଳକ୍ରମେ ସେହି ତାନ୍ତ୍ରିକ ଓ ବୈଦିକ ଧାରା ଏକ ହୋଇଯାଇ ସାର୍ବଦେଶିକ ପ୍ରବାହରେ ପରିଣତ ହୋଇ ଯାଇଥିଲେ ହେଁ ବାମ ଓ ଦକ୍ଷିଣ କ୍ରମେ ବିଭାବଗତ ପାର୍ଥକ୍ୟ ପରିତ୍ୟାଗ କରିନାହିଁ । ଗୋଟିଏ ଆବରଣ ଭିତରେ ଚଣାର ଦୁଇଟି ଫାଳ ପରି ପୁରୁଷୋତ୍ତମ-ତତ୍ତ୍ୱ ଭିତରେ ବେଦଧର୍ମ ଓ ଲୋକଧର୍ମ ଏପରି ଏକ ସୁଷମ ସମନ୍ୱୟ ପ୍ରତିଷ୍ଠା କରି ପାରିଛି, ଯାହା ଅତୁଳନୀୟ କିନ୍ତୁ ଅପ୍ରତ୍ୟାଶିତ ନୁହେଁ । ଗୀତାରେ ଯେଉଁ ସମନ୍ୱୟ ପ୍ରତ୍ୟାଶିତ, ଓଡ଼ିଶାରେ ତାହା ହୋଇଥିଲା ମୂର୍ତ୍ତିମନ୍ତ ।

ଯସ୍ମାତ୍ କ୍ଷରମତୀତୋଽହଂ ଅକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ।

ଗୀତା ୧୫।୧୮

ଜଗନ୍ନାଥ ଶବ୍ଦର ସରଳ ଅର୍ଥ ହେଉଛି ପ୍ରକୃତି (ଜଗତ୍) ଯୁକ୍ତ ପୁରୁଷ (ନାଥ), ଯେ କି ଲୋକତ୍ରୟ ଭିତରେ ପ୍ରବିଷ୍ଟ ଓ ପାଳୟିତା ("ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତି"—ଗୀତା ୧୫।୧୭) । ଗୀତାରେ "ଜଗନ୍ନିବାସ" ଶବ୍ଦ ଅଛି (୧୧।୪୫), କିନ୍ତୁ ଜଗନ୍ନାଥ ଶବ୍ଦ ନାହିଁ । ଆଶ୍ଚର୍ଯ୍ୟର କଥା ଯେ "ଜଗନ୍ନାଥ" ଓ "ଜଗନ୍ନାଥା" ଶବ୍ଦ ଦୁଇଟି ଯଥାକ୍ରମେ ବିଷ୍ଣୁ ସହସ୍ର ନାମ ସ୍ତୋତ୍ର ଓ ଲଳିତା ସହସ୍ର ନାମ ସ୍ତୋତ୍ରରେ ସର୍ବ ପ୍ରଥମେ ବ୍ୟବହୃତ ହୋଇଅଛି । 'ବିଷ୍ଣୁ ସହସ୍ର ନାମ' ମହାଭାରତ ଅନ୍ତର୍ଗତ ଓ 'ଲଳିତା ସହସ୍ର ନାମ' ବ୍ରହ୍ମାଣ୍ଡ ପୁରାଣ ଅନ୍ତର୍ଗତ । ଭଗବାନ୍ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରଖ୍ୟାତ ଭାଷ୍ୟ ମଧ୍ୟରେ ବିଷ୍ଣୁ-ସହସ୍ର-ନାମ-ଭାଷ୍ୟ ପ୍ରଥମ ଓ ଲଳିତା-ତ୍ରିଶତି-ଭାଷ୍ୟ ଅନ୍ୟତମ । ଆଦି ଶଙ୍କରାଚାର୍ଯ୍ୟ ସହସ୍ରନାମ ସ୍ତୋତ୍ରକୁ କିପରି ଉଚ୍ଚ ସମ୍ମାନ ଦେଉଥିଲେ ତାହା "ଗେୟଂ ଗୀତା, ନାମସହସ୍ରଂ" ଉକ୍ତିରୁ ବୁଝାଯାଏ । ଆଚାର୍ଯ୍ୟକୃତ ""ସୌନ୍ଦର୍ଯ୍ୟଲହରୀ", ଲଳିତା-ଉପାସନାର ଏକ ପ୍ରାମାଣିକ ଗ୍ରନ୍ଥ । କିନ୍ତୁ ଲଳିତା କିଏ ?

# ଚରାଚର ଜଗନ୍ନାଥ ଚକ୍ରରାଜ ରଥାରୂଢ଼

**ଶ୍ରୀ ରାମଚନ୍ଦ୍ର ହରିଚନ୍ଦନ**

ଶାସ୍ତ୍ରରେ ତିନି ପୁରୁଷୋତ୍ତମ ସଙ୍କୀର୍ତ୍ତିତ । ଲୀଳା-ପୁରୁଷୋତ୍ତମ ଶ୍ରୀକୃଷ୍ଣ, ମର୍ଯ୍ୟାଦା-ପୁରୁଷୋତ୍ତମ ଶ୍ରୀରାମ ଓ ଦାରୁଭୂତ-ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥ । ଭଗବାନ୍ ଶ୍ରୀରାମଙ୍କ ପୁରୁଷୋତ୍ତମତ୍ୱ ମର୍ଯ୍ୟାଦିତ, ଅର୍ଥାତ୍ ସୀମିତ । ଭଗବାନ୍ ଶ୍ରୀକୃଷ୍ଣଙ୍କ ପୁରୁଷୋତ୍ତମତ୍ୱ ବିଶ୍ୱପ୍ରଥିତ, କିନ୍ତୁ କାଳ (୧୨୦ ବର୍ଷ-) ଦ୍ୱାରା ବାଧିତ । ଶ୍ରୀଜଗନ୍ନାଥଙ୍କ ପୁରୁଷୋତ୍ତମତ୍ୱ ଅବାଧିତ ଓ ଅପରିମିତ । "ଶ୍ରୀଜଗନ୍ନାଥେ ଷୋଳକଳା । ଏଥୁ କଳାଏ 'ନନ୍ଦ-ବଳା" । ପୁରୁଷୋତ୍ତମତ୍ୱ ବିଷୟରେ ଲୋକମତ ଓ ବେଦମତ ପ୍ରାୟ ସମାନ । ଭାରତୀୟ ଲୋକ-ସଂସ୍କୃତିରେ ସପତ୍ନୀକ ପୁରୁଷ ହେଉଛି ଉତ୍ତମ ପୁରୁଷ, କାରଣ ସେ ସମସ୍ତ ପ୍ରକାର ମଙ୍ଗଳ-କାର୍ଯ୍ୟ କରିବାକୁ ଅଧିକାରୀ । ବିପତ୍ନୀକ ପୁରୁଷ ଯଜ୍ଞାଦି ଶୁଭ କାର୍ଯ୍ୟ କରିବାକୁ ଅନଧିକାରୀ । ଯଜ୍ଞକାର୍ଯ୍ୟ-ସଂପାଦନ କରିବା ପାଇଁ ଶ୍ରୀରାମଙ୍କୁ ସ୍ୱର୍ଣ୍ଣସୀତା ପ୍ରସ୍ତୁତ କରିବାକୁ ପଡ଼ିଥିଲା । ବୈଦିକ ପୁରୁଷ ସୂକ୍ତ ଓ ଉତ୍ତର-ନାରାୟଣମ୍ (ଶୁକ୍ଳ ଯଜୁର୍ବେଦ ୩୧।୨୨) "ପୁରୁଷଂ ଜାତମଗ୍ରତଃ" କହି ଏକକ ପୁରୁଷଙ୍କ ବର୍ଣ୍ଣନା ପରେ କହିଛନ୍ତି ଯେ ପୁରୁଷଙ୍କ ଦୁଇ ପତ୍ନୀ ହେଉଛନ୍ତି ଶ୍ରୀ ଓ ଲକ୍ଷ୍ମୀ (ଶ୍ରୀଶ୍ଚତେ ଲକ୍ଷ୍ମୀଶ୍ଚ ପତ୍ନ୍ୟୌ) । ଲକ୍ଷ୍ୟ କରିବା କଥା ଯେ ଶ୍ରୀଜଗନ୍ନାଥଙ୍କ ଦୁଇ ପତ୍ନୀ ହେଉଛନ୍ତି ବିମଳା (ଶ୍ରୀ) ଓ କମଳା (ଲକ୍ଷ୍ମୀ) ।

ତନ୍ତ୍ରର "ଅର୍ଦ୍ଧନାରୀଶ୍ୱର" ଓ ବୈଦିକ "ପୁରୁଷୋତ୍ତମ" ଧାରଣାକୁ ଆତ୍ମସାତ୍ ଓ ସମନ୍ୱିତ କରି ଜଗନ୍ନାଥ-ତତ୍ତ୍ୱ ପ୍ରତିଷ୍ଠିତ ।

ଲଳିତା ହେଉଛନ୍ତି ଆଦିମାତା । ନର୍ତ୍ତନ ଶ୍ରୀ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ ଲଳିତା ଥିଲେ ଭଗବାନ୍ ଶ୍ରୀକୃଷ୍ଣଙ୍କ ମନୋଜ୍ଞ ବୃନ୍ଦାବନ-ଲୀଳାର ସହଚରୀ । ବିଦ୍ୟାନିଧି ଯୋଗେଶ ଚନ୍ଦ୍ର ରାୟ କୃଷ୍ଣ ଲୀଳାକୁ ନିତ୍ୟ ଲୀଳା ବୋଲି ଦେଖାଇବାକୁ ଯାଇ ଶ୍ରୀକୃଷ୍ଣଙ୍କୁ ଚନ୍ଦ୍ର ସହିତ ଓ ବିଶାଖା ଅନୁରାଧା ନକ୍ଷତ୍ର ଦୁଇଟିକୁ ଯଥାକ୍ରମେ ରାଧା ଓ ଲଳିତାଙ୍କ ସହିତ ତୁଳନା କରିଛନ୍ତି । କୃଷ୍ଣ-ମାତା, କୃଷ୍ଣ-ସଖା ଓ କୃଷ୍ଣପ୍ରେୟସୀମାନଙ୍କ ନାମ ଜ୍ୟୋତିଷର ରାଶିଚକ୍ରରେ ସ୍ଥାନ ପାଇଛି । କୃଷ୍ଣସଖା ଅର୍ଜୁନ (ଫାଲ୍‌ଗୁନୀ) କୃଷ୍ଣମାତା ରୋହିଣୀ, ଭାତୃବଧୂ ରେବତୀ କୃଷ୍ଣପ୍ରେୟସୀ ରାଧା ଓ ଅନୁରାଧାଦି ହେଉଛନ୍ତି ରାଶିଚକ୍ରର ନକ୍ଷତ୍ର । ଅଥର୍ବ ବେଦରେ ବିଶାଖାଙ୍କୁ ରାଧେ ବୋଲି ସଂବୋଧନ କରାଯାଇଛି ("ରାଧେ ବିଶାଖେ ! ସୁହବାନୁରାଧା") । କିନ୍ତୁ ଲଳିତା ଶବ୍ଦଟି ଓଡ଼ିଶାରେ ଏଥିପାଇଁ ଅତି ପ୍ରିୟ ଯେ ଲଳିତା ଥିଲେ ଶବରରାଜ ବିଶ୍ୱାବସୁଙ୍କ କନ୍ୟା, ଯେ କି ନୀଳମାଧବଙ୍କୁ ନୀଳାଦ୍ରିନାଥରେ ରୂପାନ୍ତରିତ କରି ପାରିଥିଲେ । କିପରି କରି ପାରିଥିଲେ, ତାହା ହେଉଛି ଓଡ଼ିଶା-ଇତିହାସର ଏକ ରହସ୍ୟଘନ ଅଧ୍ୟାୟ ।

ଲଳିତା-ଉପାସନା ବହୁ ପ୍ରାଚୀନ କାଳରୁ ଚାଲି ଆସୁଛି । ମହର୍ଷି ଅଗସ୍ତ୍ୟ ଥିଲେ ଲଳିତା ଉପାସକ । ତାଙ୍କ ପତ୍ନୀ ଭଗବତୀ ଲୋପାମୁଦ୍ରାଙ୍କ ନାମ ଶ୍ରୀବିଦ୍ୟା-ଉପାସନାର ପ୍ରବର୍ତ୍ତକ-

ମାନଙ୍କ ମଧ୍ୟରେ ଅନ୍ୟତମ । ଶ୍ରୀବିଦ୍ୟା ବା ଲଳିତା-ଉପାସନାକୁ ବ୍ରହ୍ମବିଦ୍ୟା ବୋଲି କୁହାଯାଏ । କିନ୍ତୁ ଗାୟତ୍ରୀ ବିଦ୍ୟା ପରି ଏହା ସାଂପ୍ରଦାୟିକତାଦୁଷ୍ଟ ନୁହେଁ । ଏହା ସାର୍ବଜନୀନ ଓ ସାର୍ବକାଳିକ । ସ୍ମୃତିକାର ହାରିତ ମୁନି, ଭଗବାନ ପରଶୁରାମଙ୍କୁ ଏହି ବିଦ୍ୟା ଉପଦେଶ ଦେଇଥିଲେ । ଭଗବାନ୍ ପରଶୁରାମ ଓଡ଼ିଶାର ମହେନ୍ଦ୍ରାଚଳକୁ ନିଜର ଅନ୍ତିମ ନିବାସ କଲାପରେ ଏହି ବିଦ୍ୟା ଓଡ଼ିଶାରେ ପ୍ରଚାରିତ ହୋଇଥିଲା । ଶବରରାଜ ବିଶ୍ୱାବସୁ ଥିଲେ ଲଳିତା-ଉପାସକ । ସେ ନିଜ କନ୍ୟାର ନାମ ରଖିଥିଲେ ଲଳିତା ।

ଲଳିତା ଥିଲେ ଦୂରଦୃଷ୍ଟିସଂପନ୍ନା (ଶବର) ରାଜକନ୍ୟା । ବିଶ୍ୱାବସୁ ବିପଦ ଆଶଂକା କରି ଯେତେବେଳେ ନୀଳମାଧବଙ୍କୁ ପାତାଳୀ (ପୋତିପକାଇବା) କରିଦେଲେ, ଲଳିତା ସେଠାରେ ଉପସ୍ଥିତ ଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଜଗନ୍ନାଥଙ୍କ ଅସଂପୂର୍ଣ୍ଣ ମୂର୍ତ୍ତି ଦେଖି ହତାଶ ହୋଇ ପଡ଼ିଥିଲେ, ସେହି ସମୟରେ ଲଳିତା ଇନ୍ଦ୍ରଦ୍ୟୁମ୍ନଙ୍କୁ ସତ୍ୟ କରାଇ ନେଇ ନୀଳମାଧବଙ୍କୁ ଜଗନ୍ନାଥଙ୍କ ନାଭିରେ ସ୍ଥାପିତ କରିଦେବା ପାଇଁ ବ୍ୟବସ୍ଥା କରିଦେଇଥିଲେ । ଇନ୍ଦ୍ରଦ୍ୟୁମ୍ନ ସତ୍ୟ ପାଳନ କରି ଲଳିତାଙ୍କ ବଂଶଧରମାନଙ୍କୁ ଶ୍ରୀଜଗନ୍ନାଥଙ୍କ ସେବାଧିକାର ପ୍ରଦାନ କରିଥିଲେ । ଫଳରେ, ଦୟିତାପତି (ସଂକ୍ଷେପରେ 'ଦଇତା') ମାନେ ଜଗନ୍ନାଥଙ୍କ ସୂପକାର ଓ ପଣ୍ଡା । ଦୟିତା-ଲଳିତା; ପତି-ବିଦ୍ୟାପତି ଏପରିକି, ଦଇତାମାନେ ଶ୍ରୀଜଗନ୍ନାଥଙ୍କ ଜ୍ଞାତି ! ନବକଳେବର ସମୟରେ ସେମାନେ ଅଶୌଚ ପାଳନ କରନ୍ତି ! ପୁରୁଣା ବିଗ୍ରହରୁ ବ୍ରହ୍ମକୁ (ନୀଳମାଧବଙ୍କୁ) ବାହାରକରି ନୂତନ ବିଗ୍ରହଙ୍କ ନାଭିରେ ସ୍ଥାପନ କରନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଗୋଟିଏ ଦିଗରୁ ଦେଖିଲେ ଯେପରି ଅତିମାନବିକପରି ଜଣାଯାଏ, ଅନ୍ୟ ଦିଗରୁ ଦେଖିଲେ କିନ୍ତୁ ସଂପୂର୍ଣ୍ଣ ମାନବିକ ବୋଲି ପ୍ରତୀତ ହୁଏ । ଶ୍ରୀକୃଷ୍ଣ ଜାଣିଥିବେ ଯେ ଯାଦବ ବଂଶ ଲୁପ୍ତ ହୋଇଯିବ; କିନ୍ତୁ ଭାରତରେ ଚିରକାଳପାଇଁ ରହିବ ବ୍ରାହ୍ମଣ୍ୟ ଓ ଶାବର ଧର୍ମର ସମନ୍ୱିତ ରୂପ ଜଗନ୍ନାଥ-ଧର୍ମ । "ଭାରତର ଯେଉଁ ସଂସ୍କୃତି-ସ୍ରୋତ ଦ୍ୱାରକାରେ ଅସ୍ତମିତ ହୋଇଥିଲା, ସେ ପୁଣି ପ୍ରାଚୀ (ପୁରୀ) ସମୁଦ୍ରରେ ଉଦିତ ହୋଇଥିଲା । ଇନ୍ଦ୍ର(ଦ୍ୟୁମ୍ନ)ଙ୍କୁ ବାଧା ପ୍ରଦାନ କରୁଥିବା ସାଂପ୍ରଦାୟିକ ଶକ୍ତିମାନେ ପାଣି-ଫୋଟକା ପରି ଫାଟି ଯାଉଥିଲେ" । ଏହା ହେଉଛି ବେଦର କଥା । ବେଦରେ ଏହିପରି ବହୁ ପ୍ରଚ୍ଛନ୍ନ ସତ୍ୟ ପ୍ରତ୍ୟାଶିତ:—

ଯଦ୍ ପ୍ରାଚୀରଜଗନ୍ତ ଉରୋ ମଣ୍ଡୂରଧାଣିକା ।
ହତା ଇନ୍ଦ୍ରସ୍ୟ ଶତ୍ରବଃ ସର୍ବେ ବୁଦ୍‌ବୁଦୟାସବଃ ॥

ଋଗ୍‌ବେଦ ୧୦ମ ମଣ୍ଡଳ, ସୂକ୍ତ ୧୫୫

କୁହାଯାଇଛି ଯେ 'ଜଗନ୍ନାଥ' ଶବ୍ଦର ଅର୍ଥ ହେଉଛି ପ୍ରକୃତିଯୁକ୍ତ ପୁରୁଷ । ଜଗନ୍ନାଥ ଶବ୍ଦ ଉପରେ ଆଧୁନିକ କାଳରେ ବହୁ ଗବେଷଣା କରାଗଲାଣି, କିନ୍ତୁ "ଜଗନ୍ନାଥ" ଶବ୍ଦ ଉପରେ ଏହା ହେଉଛି ପ୍ରଥମ ଗବେଷଣା । ଜଗତକୁ ନ ଚିହ୍ନିଲେ ଜଗନ୍ନାଥଙ୍କୁ ଚିହ୍ନି ହେବନାହିଁ । ଜଗତ୍ ଅର୍ଥ ଚର ଓ ଅଚରର ସମଷ୍ଟି, ଯାହା ଗତିଶୀଳ, ଗମ୍ ଧାତୁରେ କ୍ୱିପ୍ । ଯାହା ଗତିଶୀଳ, ତାହା ଶକ୍ତିର କ୍ଷେତ୍ର । ଶକ୍ତିର ଅନ୍ୟନାମ ଜଗନ୍ନାଥ । "ଲଳିତା ସହସ୍ର ନାମ" ଛଡ଼ା ଅନ୍ୟ କୌଣସିଠାରେ ଜଗନ୍ନାଥଶବ୍ଦ ବ୍ୟବହୃତ ହୋଇନାହିଁ । ଲଳିତାଙ୍କ ସହସ୍ର ନାମ ମଧ୍ୟରେ ୨୪୪ ତମ ନାମଟି ହେଉଛି "ଚରାଚର ଜଗନ୍ନାଥ" । ୨୪୫ ତମ ନାମ ହେଉଛି "ଚକ୍ରରାଜନିକେତନା" ଓ ୬୪ ତମ ନାମ ହେଉଛି "ଚକ୍ରରାଜରଥାରୂଢ଼" । ଚକ୍ରରାଜ ବୋଇଲେ ଶ୍ରୀଚକ୍ର । ଶ୍ରୀଚକ୍ରକୁ ଶ୍ରୀଯନ୍ତ୍ର ବୋଲି ମଧ୍ୟ କୁହାଯାଏ । ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଶ୍ରୀଯନ୍ତ୍ର । ଶ୍ରୀଯନ୍ତ୍ରକୁ ରଥ ବୋଲି ମଧ୍ୟ କଳ୍ପନା କରାଯାଇଛି । କାହିଁକି ?

ଚଣାର ଦୁଇ ଫାଳ ପରି ପ୍ରତ୍ୟେକ ମନୁଷ୍ୟ ଏକ ଯୋଡ଼ । ଜରାସଂଧ ଦୁଇ ଫାଳକୁ ଯୋଡ଼ି ରହିଛି ଛ'ଟି ଚକ୍ର (ଚକ୍ର), ତିନୋଟି ରଜ୍ଜୁ ଓ ତିନୋଟି ଗଣ୍ଠି । ଗଣ୍ଠି ତିନୋଟି ହେଉଛି ବ୍ରହ୍ମଗ୍ରନ୍ଥି ବିଷ୍ଣୁଗ୍ରନ୍ଥି ଓ ରୁଦ୍ରଗ୍ରନ୍ଥି । ତିନୋଟି ଦଉଡ଼ି ହେଉଛି ତ୍ରିଗୁଣ ରଜ୍ଜୁ (ତ୍ରିଗୁଣ-ସତ୍ତ୍ୱ, ରଜ, ତମ) । ଷଟ୍ ଚକ୍ର ହେଉଛି ମୂଳାଧାର, ସ୍ୱାଧିଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧି ଓ ଆଜ୍ଞା ଚକ୍ର । ଦେହ ରୂପକ ରଥର ରଥୀ ହେଉଛନ୍ତି ଆତ୍ମା ଓ ସାରଥୀ ହେଉଛି ମନ । ବ୍ୟକ୍ତି ରୂପକ ରଥ ସ୍ୱୟଂକ୍ରିୟ । ସମଷ୍ଟି ରଥ ହେଉଛି ଚକ୍ରରାଜ । ବିଶ୍ୱ କୁଣ୍ଡଳିନୀଶକ୍ତି ଲଳିତା ହେଉଛନ୍ତି ଚକ୍ରରାଜରଥାରୂଢ଼ା । ରଥଯାତ୍ରା ବସ୍ତୁତଃ ଲୋକଯାତ୍ରା । ସାମୂହିକ ଜୀବନ ଯାତ୍ରା ।

ଲଳିତା ସହସ୍ରନାମରେ ତିନୋଟି ରଥ କଥା ଅଛି । କିନ୍ତୁ ପଥ ଗୋଟିଏ । ସମଷ୍ଟି ମନ ରୂପକ ରଥର ନାମ ଗେୟ-ଚକ୍ରରଥ । ସମଷ୍ଟି ବୁଦ୍ଧି ରୂପକ ରଥର ନାମ କିରିଚକ୍ରରଥ । ସମଷ୍ଟି ଆତ୍ମା ରୂପକ ରଥର ନାମ ଚକ୍ରରାଜରଥ । କେଉଁ ରଥରେ କେତୋଟି ଚକ୍ର ଓ କେତୋଟି ଦଉଡ଼ି ଅଛି, ତାହା ବ୍ୟାଖ୍ୟାକାରମାନେ ବର୍ଣ୍ଣନା କରିଛନ୍ତି । ଗେୟଚକ୍ରରଥରେ ଆରୂଢ଼ ଦେବୀଙ୍କ ନାମ "ଶ୍ୟାମଳା" । କିରିଚକ୍ରରେ ଆରୂଢ଼ ଦେବୀ ହେଉଛନ୍ତି "ବାରାହୀ" । ଚକ୍ରରାଜରଥରେ ଆରୂଢ଼ ଦେବୀ ହେଉଛନ୍ତି ଲଳିତା । ଗେୟଚକ୍ରରଥ ହେଉଛି ଶସ୍ୟ ଶ୍ୟାମଳା ପ୍ରକୃତି ମାତା । କିରିଚକ୍ରରଥ ହେଉଛି ମାଧ୍ୟାକର୍ଷଣ ଶକ୍ତି । ଚକ୍ରରାଜ-ରଥ ହେଉଛି ବିଶ୍ୱାତ୍ମଶକ୍ତି, ଯାହାର କ୍ଷୁଦ୍ର ସଂସ୍କରଣ ହେଉଛି ଆତ୍ମଶକ୍ତି । କୁହାଯାଇଛି— "ସ୍ୱାମୈବ ଲଳିତା" । ଲଳିତାଙ୍କର ତିନୋଟି ନାମ (୬୮, ୬୯ ଓ ୭୦ ତମ) ହେଉଛି —

ଚକ୍ରରାଜରଥାରୂଢ଼ ସର୍ବାୟୁଧପରିଷ୍କୃତା ।
ଗେୟଚକ୍ରରଥାରୂଢ଼ ମନ୍ତ୍ରିଣୀପରିସେବିତା ॥୨୬॥

କିରିଚକ୍ରରଥାରୂଢ଼ ଦଣ୍ଡନାଥପୁରସ୍କୃତା ।
ଜ୍ୱାଳାମାଳିନୀକାକ୍ଷିପ୍ତବହ୍ନିପ୍ରାକାରମଧ୍ୟଗା ॥ ୨୭ ॥

ଏହି ତିନି ରଥ ସହିତ ପୁରୀର ତିନି ରଥର ଗୋଟିଏ ସାମ୍ୟ ହେଉଛି ଅକାଟ୍ୟ, କାରଣ ଏହା ଗାଣିତିକ । ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କ ତିନି ରଥର ଚକ ସଂଖ୍ୟା ହେଉଛି ୪୨ (୧୬+୧୪+୧୨), ଓ ସୁଦର୍ଶନ ଚକ୍ର (ଚକ)କୁ ମିଶାଇ ତେୟାଳିଶି । ଚକ୍ରରାଜ ବା ଶ୍ରୀଚକ୍ରର ତ୍ରିକୋଣ ସଂଖ୍ୟା ମଧ୍ୟ ତେୟାଳିଶି (ଚିତ୍ର ଦ୍ରଷ୍ଟବ୍ୟ) । ହିସାବ ଏହିପରି:—

| | |
|---|---|
| ମୂଳ ତ୍ରିକୋଣ | ୧-ସର୍ବାନନ୍ଦମୟ ଚକ୍ର |
| ଅଷ୍ଟାର | ୮-ସର୍ବରୋଗହର ଚକ୍ର |
| ଅନ୍ତର୍ଦଶାର | ୧୦-ସର୍ବରକ୍ଷାକର ଚକ୍ର |
| ବହିର୍ଦଶାର | ୧୦-ସର୍ବାର୍ଥସାଧକ ଚକ୍ର |
| ଚତୁର୍ଦଶାର | ୧୪-ସର୍ବସୌଭାଗ୍ୟ ଦାୟକ |
| ମୋଟ | ୪୩ ଚକ୍ର |


ଲଳିତା ସହସ୍ରନାମରେ ଏପରି କେତେକ ନାମ ଅଛି, ଯାହା ଜଗନ୍ନାଥ—ମନ୍ଦିର ଓ ଦେବଦେବୀଙ୍କ ବିଷୟରେ ରହସ୍ୟପୂର୍ଣ୍ଣ ଅଭିବ୍ୟଞ୍ଜନା ବହନ କରେ । ଯଥା—ତ୍ରିପୁରା ଜଗଦ୍‌ବନ୍ଦ୍ୟା 'ତ୍ରିମୂର୍ତ୍ତିଃ' ତ୍ରିଦଶେଶ୍ୱରୀ । ତ୍ରିମୂର୍ତ୍ତି ଶବ୍ଦଟି ତ୍ରିନାଥ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ଓ ତ୍ରିଦେବୀ (ଲଳିତା, ଶ୍ୟାମଳା, ବାରାହୀ)ଙ୍କୁ ବୁଝାଉଛି, କିନ୍ତୁ କୌଣସି ପ୍ରଖ୍ୟାତ ପ୍ରାଚୀନ ମନ୍ଦିରରେ ତ୍ରିନାଥ ଓ ତ୍ରିଦେବୀଙ୍କୁ ଦେଖିବାକୁ ମିଳେନାହିଁ । କେବଳ ଜଗନ୍ନାଥ—ମନ୍ଦିରରେ ତ୍ରିମୂର୍ତ୍ତି ବହୁ କାଳରୁ ଉପାସିତ ହୋଇ ଆସୁଛନ୍ତି । ଲଳିତାଙ୍କର ଗୋଟିଏ ନାମ ହେଉଛି ଭଦ୍ରପ୍ରିୟା । ବଳଭଦ୍ରଙ୍କୁ ଭଦ୍ର ବୋଲି ସଂକ୍ଷେପରେ କୁହାଯାଉନି ତ? ଲଳିତାଙ୍କର ଆଉ ଗୋଟିଏ ନାମ ହେଉଛି ଓଡ୍ୟାଣପୀଠନିଳୟା ଓ ବିମଳା । ଏପରିକି, ଚିଲିକା (ଚିଲିକାହ୍ରଦ) ଶବ୍ଦଟି କୌଣସି ବୈଦିକ ସାହିତ୍ୟ କିମ୍ବା ପୌରାଣିକ ସାହିତ୍ୟରେ ନ ଥିଲେ ମଧ୍ୟ ଲଳିତା ସହସ୍ର ନାମରେ ଅଛି ଓ ଦେବୀଙ୍କୁ ମୀନାଭଲୋଚନା ବୋଲି କୁହାଯାଉଛି ।

ବଦନସ୍ମରମାଙ୍ଗଲ୍ୟଗୃହତୋରଣ ଚିଲ୍ଲିକା ।<br>
ବକ୍ତ୍ର ଲକ୍ଷ୍ମୀପରିବାହଚଲନ୍ମୀନାଭଲୋଚନା ।୬ ॥

ରଥଯାତ୍ରା ପଛର ଉଦ୍ଦେଶ୍ୟ ବିଷୟରେ କୁହାଯାଏ ଯେ ଏହା ପତିତପାବନ-ଯାତ୍ରା । ଆଧୁନିକ ପ୍ରଗତିବାଦୀ ସମାଜରେ କୌଣସି ବ୍ୟକ୍ତି ବା ଜାତିକୁ ପତିତବୋଲି ଚିନ୍ତା କରିବା ଏକ ଅପରାଧ, ସୁତରାଂ ରଥ-ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ନୂଆ ତର୍ଜମା ଆବଶ୍ୟକ । ଆଧୁନିକ ଲେଖକମାନେ ରଥଯାତ୍ରାର ଏକ ବିଶ୍ଳେଷଣୀୟ ଭାଷ୍ୟ ଦେବାକୁ ଯାଇ ପୃଥିବୀର ଗୋରା, କୃଷ୍ଣ ଓ ପୀତବର୍ଣ୍ଣର ଲୋକମାନଙ୍କ ପ୍ରତୀକ ଯଥାକ୍ରମେ ବଳରାମ, ଜଗନ୍ନାଥ ଓ ସୁଭଦ୍ରା ବୋଲି କହୁଛନ୍ତି । ବୀନା ଲୋକେ ଏହି ଭାଷ୍ୟକୁ ଉଦ୍ଦେଶ୍ୟମୂଳକ ବୋଲି ନ ଭାବିଲେ ହେଲା । କିନ୍ତୁ ଜନସାଧାରଣ, ଯେଉଁମାନେ କି ରଥଯାତ୍ରାବେଳେ ଭିଡ଼ ଜମାନ୍ତି, ରଥରେ ବାମନଙ୍କୁ ଦେଖି ପୁନର୍ଜନ୍ମ-ଦୁଃଖରୁ ପରିତ୍ରାଣ କାମନା କରୁଥିବା ଦେଖାଯାଏ (ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ) ବାମନ-ଜଗନ୍ନାଥ । ରଥଯାତ୍ରାର ଆଧ୍ୟାତ୍ମିକ ଅର୍ଥ ହେଉଛି ଯେ ଦେହ ରୂପକ ରଥ ଭିତରେ ଆତ୍ମାକୁ ଦର୍ଶନ କଲେ ମନୁଷ୍ୟ ମୁକ୍ତି ଲାଭ କରେ । ଆତ୍ମଦର୍ଶନ ବା ଆତ୍ମଜ୍ଞାନ ହିଁ ମୁକ୍ତିର କାରଣ ।

ରଥଯାତ୍ରାର ପ୍ରଥମ ଦିନ ହେଉଛି ଗୁଣ୍ଡିଚା-ଯାତ୍ରା ଓ ଅଷ୍ଟମ ଦିନ ବାହୁଡ଼ା ଯାତ୍ରା । ଦେହକୁ ରଥ ବୋଲି ମନେ କଲେ ଏହାକୁ କୁଣ୍ଡଳିନୀ-ଶକ୍ତିର ଆରୋହଣ ଓ ଅବରୋହଣ ରୂପେ ଧରିବାକୁ ହେବ । କୁଣ୍ଡଳିନୀ ସହସ୍ରାରକୁ ସ୍ପର୍ଶ କରି ସେଠାରେ ଶ୍ରୀଜଗନ୍ନାଥଙ୍କ ସହିତ ମିଳିତ ହେବା ମୁହୂର୍ତ୍ତରେ ଜଗନ୍ନାଥ । ଲଳିତା ହାଟ ଭିତରେ ବ୍ରହ୍ମଜ୍ଞାନ ଲାଭ କରିବା ସୁଯୋଗ କେବଳ ରଥଯାତ୍ରା ବେଳେ ସଂଭବ ।

ରାମଚନ୍ଦ୍ର ହରିଚନ୍ଦନ
୧୨୬।୧୩୯୦ ବୁଦ୍ଧେଶ୍ୱରୀ କଲୋନୀ
ଭୁବନେଶ୍ୱର ୬





ଛୋଟ ଯର୍ଶୁ ପାଇଁ
ପାଲିଙ୍କିରେ....

# ଭାରତୀୟ ଶିଳ୍ପଶାସ୍ତ୍ରରେ ଶ୍ରୀ ଜଗନ୍ନାଥ

ଜ୍ୟୋତିଷାଚାର୍ଯ୍ୟ ପଣ୍ଡିତ ଶ୍ରୀ ରମାକାନ୍ତ କର

ଭାରତୀୟ ଶିଳ୍ପଶାସ୍ତ୍ରମାନଙ୍କରେ ବର୍ଣ୍ଣିତଥିବା ମନ୍ଦିରମାନଙ୍କର ଗଠନ ପ୍ରଣାଳୀ ମଧ୍ୟରେ ଓଡ଼ିଶାର ଶିଳ୍ପସ୍ଥାପତ୍ୟାନ୍ତର୍ଗତ ହିନ୍ଦୁ ମନ୍ଦିରଗୁଡ଼ିକର ଗଠନ ପ୍ରଣାଳୀରେ ଯଥେଷ୍ଟ ବିଶେଷତ୍ୱ ପରିଦୃଷ୍ଟ ହୁଏ । ଭାରତୀୟ ଶିଳ୍ପସ୍ଥାପତ୍ୟ ହିଁ ଭାରତୀୟ ଚରିତ୍ର, କଳା, ସଂସ୍କୃତି ଓ ଐତିହ୍ୟ ସମ୍ବନ୍ଧରେ ପୂର୍ଣ୍ଣ ଧାରଣା ପ୍ରଦାନ କରେ । ଭାରତରେ ଥିବା ସମସ୍ତ ମନ୍ଦିରଗୁଡ଼ିକର ମୋଟ ସଂଖ୍ୟା ତୁଳନାରେ ଓଡ଼ିଶାର ମନ୍ଦିରଗୁଡ଼ିକର ମୋଟ ସଂଖ୍ୟା ଯଥେଷ୍ଟ ବେଶୀ । ଏଣୁ ଫରଗୁସନ୍ କହନ୍ତି—"There are more temples now in Orissa than in all the rest of Hindusthan put together" ଭାରତୀୟ ଶିଳ୍ପସ୍ଥାପତ୍ୟର ଓଡ଼ିଶାର ମନ୍ଦିର ଗଠନହିଁ ଏକ ଅଂଶ ବିଶେଷ ହେଲେ ମଧ୍ୟ ଉତ୍କଳୀୟ ଶିଳ୍ପ ଭାସ୍କର୍ଯ୍ୟର ବିଶେଷତ୍ୱ ରହିଛି । ଶିଳ୍ପସ୍ଥାପତ୍ୟହିଁ ଉତ୍କଳର ଏକ ବିଭୂତିମାନ୍ ପଦାର୍ଥ । ତେଣୁ ଏହି କଳା ଭାସ୍କର୍ଯ୍ୟର ପ୍ରତ୍ୟେକ ରେଣୁ ହିଁ ଭଗବାନ୍ ଶ୍ରୀ ଶ୍ରୀ ଜଗନ୍ନାଥ କାଳିଆ ଠାକୁରଙ୍କର ଅଂଶ ସ୍ୱରୂପ । ଶ୍ରୀକ୍ଷେତ୍ର ମହାତ୍ମ୍ୟ ସମ୍ବନ୍ଧରେ ଉଲ୍ଲେଖ ଅଛି—

"ଯଦ୍-ଯଦ୍—ବିଭୂତି-ମତ୍-ସତ୍ତ୍ୱଂ ଶ୍ରୀମଦୂର୍ଜ୍ଜିତମେବ ବା
ତଦ୍-ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ।" (୧୦।୪୧)

ଜଗନ୍ନାଥଙ୍କର ନାମାନୁସାରେ ଜଗନ୍ନାଥଙ୍କ ମନ୍ଦିରର ନାମକରଣ କରାଯାଇ ନାହିଁ । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କର ନାମାନୁସାରେ "ଜଗନ୍ନାଥ" ମନ୍ଦିର ବୋଲି ନାମକରଣ କରାଯାଇଅଛି ବୋଲି ଶାସ୍ତ୍ରୀୟ ପ୍ରମାଣ ମିଳେ । ଯଥା—"ଜକାରସ୍ତୁ ଜଗନ୍ନାଥ ବଳଭଦ୍ରୋ ଗକାରକଃ । ଭଦ୍ରା ନ କାରରୂପା ଚ ଥକାରୋଽପି ସୁଦର୍ଶନଃ । ଚତୁରକ୍ଷରନାମ୍ନେଦଂ ଜଗତ୍ ସର୍ବ ପ୍ରତିଷ୍ଠିତମ୍ । ଜଗନ୍ନାଥ ଇତିଖ୍ୟାନଂ ଭକ୍ତିତଶ୍ଚୋପରି ସଂସ୍ଥିତମ୍ । ପୁରୀ ଶ୍ରୀକ୍ଷେତ୍ର ଜଗନ୍ନାଥ ଧାମ ଶଂଖକ୍ଷେତ୍ର ନାମରେ ସାରା ଭାରତରେ ପ୍ରସିଦ୍ଧ ଲାଭ କରି ତାହାର ଐତିହାସିକ ପରଂପରାଦ୍ୱାରା ସାରା ବିଶ୍ୱକୁ ପ୍ରଭାବିତ କରେ ।

ଭାରତୀୟ ଶିଳ୍ପ ଶାସ୍ତ୍ରରେ ଜଗନ୍ନାଥଙ୍କର ସ୍ଥାନ ଅତି ଉଚ୍ଚରେ । ଜଗନ୍ନାଥଙ୍କର ମନ୍ଦିରକୁ ସତ୍ତ୍ୱ—ରଜ—ତମ ଭେଦରେ ତିନି ଭାଗ କରାଯାଇଛି । କଳସୀଠାରୁ ନୀଳପତାକା ପର୍ଯ୍ୟନ୍ତ ସାତ୍ତ୍ୱିକଭାବ ପ୍ରଦାନ କରେ । ମନ୍ଦିରର ମଧ୍ୟ ଅଂଶରେ ରାଜାରାଜୁଡ଼ାଙ୍କର ସମ୍ବନ୍ଧୀୟ ଚିତ୍ର ଥିବାରୁ ତାହା ରାଜସିକ ଭାବର ପରିଚାୟକ । ମନ୍ଦିରର ନିମ୍ନାଂଶରେ ନଗ୍ନ ମୂର୍ତ୍ତିଗୁଡ଼ିକର ଭାବ ହିଁ ତାମସିକ ଭାବର ସୂଚନା ଦିଏ । ମନ୍ଦିରର ଚୂଡ଼ାରେ ବିଷ୍ଣୁଙ୍କର ଆୟୁଧ ଚକ୍ର ଉପସ୍ଥାପିତ । ଏହି ମନ୍ଦିରର ଶିଳ୍ପ, କଳା-ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ଏଥିରୁ ଉତ୍କଳର ଅତୀତ ସମାଜର ଇତିହାସ, କଳା, ସଭ୍ୟତା ଓ ସଂସ୍କୃତିର ସୂକ୍ଷ୍ମତା ପରିଲକ୍ଷିତ ହୁଏ । ସର୍ବଭାରତୀୟ ମନ୍ଦିରଗୁଡ଼ିକୁ ସାଧାରଣତଃ ନାଗର—ଦ୍ରାବିଡ଼ ଓ ବେସର ଭେଦରେ ତିନି ଶ୍ରେଣୀରେ ବିଭାଜନ କରାଯାଇଛି । ଏହି ତିନି ଶ୍ରେଣୀରୁ ଶ୍ରୀ ଜଗନ୍ନାଥ ମନ୍ଦିର ବେସରଶ୍ରେଣୀରେ ଅନ୍ତର୍ଭୁକ୍ତ । ଏହି ମନ୍ଦିରକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ୧—ମୁଖ୍ୟ ମନ୍ଦିର (ବଡ଼ ମନ୍ଦିର ବା ମଣି କୋଠା) ୨—ମୁଖଶାଳା (ନାଟ ମନ୍ଦିର) ଏହି ବର୍ତ୍ତମାନ ବିଦ୍ୟମାନ ମନ୍ଦିରର ନିର୍ମାତା ଯଥାକ୍ରମେ ଇନ୍ଦ୍ରଦ୍ୟୁମ୍ନ, ଚୋଡ଼ଗଙ୍ଗଦେବ ଓ ଅନଙ୍ଗଭୀମଦେବ ବୋଲି ଐତିହାସିକମାନଙ୍କର ମତ । ଏହି ମନ୍ଦିରର ବାହାର ଅଂଶରେ କଳସ, କର୍ପୂରୀ, ଆଗଳକ, ବେକୀ, ଘାଟଚକ୍ର, ବିମାନ, ରାହାପାଗ, ଗଜସିଂହ, ଅନର୍ଥପାଗ, ଦ୍ୱିତୀୟଜଂଘା, ଦ୍ୱିତୀୟବରଣ୍ଡୀ, ବନ୍ଧନ, ପ୍ରଥମବରଣ୍ଡୀ, ପ୍ରଥମ ଜଂଘା, ପୃଷ୍ଠ ବା ପୀଠାଦି ଓ ଭିତର ଅଂଶରେ କାଷ୍ଠ, ଗମ୍ଭୀରା, କନକ, ଅନର୍ଥ, ରାହାପାଗ, ଗୁମ୍ଫୁଟ, ଜଗମୋହନ, ଛନ୍ଦଦ୍ୱାର, ବାହାନସ୍ତମ୍ଭ ଆଦି ରହିଛି । ଗୁମ୍ଫୁଟସ୍ଥିତ "ପତିତପାବନ" ମୂର୍ତ୍ତି ହିଁ ଶ୍ରୀଜଗନ୍ନାଥଙ୍କର ପ୍ରତିନିଧି ସ୍ୱରୂପ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ପତିତମାନଙ୍କୁ ଦର୍ଶନ ପ୍ରଦାନ କରି ପବିତ୍ର କରିଥାନ୍ତି ।


ମନ୍ଦିରର ମହାସ୍ତମ୍ଭକୁ ଗରୁଡ଼ସ୍ତମ୍ଭ କୁହାଯାଏ । ଏହି ଗରୁଡ଼ସ୍ତମ୍ଭ ଜଗମୋହନରେ ଅବସ୍ଥିତ । ଏହା ଏକ ଆୟୁର୍ବେଦ ଗଛର ଗଣ୍ଡିରେ ନିର୍ମିତ । ଏଥିରେ ଫଟା ଅଂଶ ପତ୍ର ସଦୃଶ ଚିହ୍ନ ଥିବାରୁ ଏହା ଏକ ବୃକ୍ଷାଂଶ ବୋଲି ସ୍ପଷ୍ଟ ଭାବରେ ପ୍ରମାଣିତ । ବହୁ ପର୍ବରେ ଲୋକମାନେ ଗରୁଡ଼ ପାଣି ଅର୍ଥାତ୍ ଗରୁଡ଼ଙ୍କୁ ସ୍ନାନ କରିବା ପରେ ଯେଉଁ ଜଳ ତଳେ ପଡ଼େ ତାହାକୁ ଶରୀରରେ ପକାଇ ନାନା ରୋଗରୁ ମୁକ୍ତିଲାଭ କରିଥାନ୍ତି ଓ ପିଲମାନଙ୍କୁ ଗରୁଡ଼ ପାଣି ଗାଧୋଇଲେ ନାନା ପ୍ରକାର ଜ୍ୱର ନିବାରଣ ହୁଏ । ଗରୁଡ଼ ସ୍ତମ୍ଭର ସ୍ଥାନେ ସ୍ଥାନେ ରୌପ୍ୟ ମୂର୍ତ୍ତି ସ୍ଥାପିତ ହୋଇ ତାହା ଉପରେ ଏକ ରାସାୟନିକ ଆବରଣ ଦିଆଯିବାରେ ତାହା ସିମେଣ୍ଟ ସଦୃଶ ପ୍ରତୀୟମାନ ହେଉଅଛି । ସେହି ଗରୁଡ଼ସ୍ତମ୍ଭରେ ବର୍ତ୍ତମାନ ଏକ ରୌପ୍ୟ ମୂର୍ତ୍ତି ଅସ୍ପଷ୍ଟ ଭାବରେ ପରିଦୃଷ୍ଟ ହେଉଅଛି । ତାହା ନୃସିଂହ କିମ୍ବା ଜଗନ୍ନାଥଙ୍କର ଘୋଟକାରୋହଣ ପରି ଅନୁମିତ ହୁଏ । ଏହି ମୂର୍ତ୍ତି ଯାତ୍ରୀମାନଙ୍କର ବକ୍ଷ-ହସ୍ତର ଘର୍ଷଣ ଫଳରେ କ୍ରମଶଃ ବାହାରକୁ ଦେଖାଯାଉଛି ବୋଲି ଅନୁମାନ କରାଯାଉଛି । ତାହା ଜଗନ୍ନାଥଙ୍କର ସମ୍ମୁଖରେ ତଥା ଗରୁଡ଼

ସ୍ତମ୍ଭର ନିମ୍ନ ଭାଗରେ ପ୍ରତୀୟମାନ ହେଉଅଛି । ତଥାପି ତାହାର ଅନୁସନ୍ଧାନ କରାଯାଉଛି । ଗରୁଡ଼ ସ୍ତମ୍ଭର ପୂର୍ବ ପାର୍ଶ୍ୱରେ ଅର୍ଥାତ୍ ଭିତର ମନ୍ଦିର ଦ୍ୱାରର ବାମ ପାର୍ଶ୍ୱରେ ଥିବା କାନ୍ଥରେ ବା ବ୍ରହ୍ମାଙ୍କ ପାର୍ଶ୍ୱରେଥିବା କାନ୍ଥରେ ଶ୍ରୀ ଚୈତନ୍ୟଙ୍କର ତିନି ଅଙ୍ଗୁଳି ଚିହ୍ନ ରହିଛି । କଥିତ ଅଛି ସ୍ୱୟଂ ଚୈତନ୍ୟ ପୁରୀରେ ଅବସ୍ଥାନ କାଳରେ ପ୍ରତ୍ୟହ ସେହିଠାରେ ଦଣ୍ଡାୟମାନ ହୋଇ କାନ୍ଥରେ ଭରା ଦେଇ ଜଗନ୍ନାଥଙ୍କର ରୂପ ଦର୍ଶନ କରୁଥିଲେ । ଗରୁଡ଼ ସ୍ତମ୍ଭର ନିମ୍ନାଂଶରେ ଜଗନ୍ନାଥଙ୍କ ସମ୍ମୁଖରେ ଏକ ଚତୁରାଙ୍ଗୁଳି ବିଶିଷ୍ଟ ଖାଲ ରହିଅଛି । ଏହାର ନାମ "ନିମେଇ ଖାଲ" । ଏହା କାଳକ୍ରମେ ଅପଭ୍ରଂଶ ହୋଇ "ନିମେରଖାଲି" ବୋଲି କଥିତ ହେଉଅଛି । ଯେତେବେଳେ ଶ୍ରୀ ଚୈତନ୍ୟ ପୁରୀରେ ଅବସ୍ଥାନ କରୁଥିଲେ, ସେତେବେଳେ ସେ ଦିନେ ଗରୁଡ଼ ସ୍ତମ୍ଭ ଉପରେ ଥିବା ଗରୁଡ଼ଙ୍କ ଉପରେ ଅର୍ଘ୍ୟ ଢାଳିବା ପାଇଁ ଉଦ୍ୟମ କରନ୍ତେ, ପଣ୍ଡାମାନେ ବାଧା ଦେଲେ । ଏଣୁ ଶ୍ରୀ ଚୈତନ୍ୟ ଗରୁଡ଼ଙ୍କୁ ସ୍ନାନ କରାଇ ନ ପାରି ନିମ୍ନାଂଶରେ ଭକ୍ତିଭରରେ ଅର୍ଘ୍ୟପ୍ରଦାନ କରିଥିବାରୁ ତାଙ୍କର ସ୍ମୃତିରକ୍ଷା ପାଇଁ ଗୌଡ଼ୀୟ ବୈଷ୍ଣବମାନେ ଚୈତନ୍ୟଙ୍କର ମୂର୍ତ୍ତି ଖୋଦିତକରି ଚାରିଅଙ୍ଗୁଳି ବିଶିଷ୍ଟ ଖାଲଟିଏ କରିଥିବାରୁ ତାହାର ନାମ "ନିମେଇ ଖାଲ" ଦିଆଯାଇଛି । ଶ୍ରୀ ଚୈତନ୍ୟଙ୍କର ଅନ୍ୟନାମ 'ନିମାଇଁ" ଅନୁସାରେ ନାମକରଣ କରାଯାଇଅଛି । ସାଧାରଣତଃ ବଙ୍ଗବାସୀ ଯାତ୍ରୀମାନେ ଏହି "ନିମେଇ ଖାଲ" ଦର୍ଶନ କରିବାପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି ।

କାଳିଦାସଙ୍କର "ଚେତନାଚେତନେଷୁ" ନ୍ୟାୟରେ ଅଚେତନାବସ୍ଥାରେ ଯିପରି ଚେତନାଶକ୍ତିର ଉଦ୍‌ଭବ ହୋଇପାରେ ତାହା ଏକ ବିସ୍ମୟଭାବ ସୃଷ୍ଟି କରେ । ତାହାର ଏକ ନିଦର୍ଶନ କଳ୍ପବଟ ନିକଟସ୍ଥ ବଟ ଗଣେଶଙ୍କର ବାହାନ ସ୍ତମ୍ଭ ଉପରେ ବିଦ୍ୟମାନ ଥିବା ମୂଷା । ଲୋକ ଶ୍ରୁତିରେ ଶୁଣାଯାଉଅଛି । କଳା ମୁଗୁନି ପ୍ରସ୍ତର ନିର୍ମିତ ପୁରାତନ ମୂଷାଟିର ପୃଷ୍ଠ ଉପରେ କ୍ରମଶଃ କେଶ ନିର୍ଗତ ହେଉଅଛି । ଏଣୁ ଏହାର ଉପରେ ହାତ ଆଉଁଶିଲେ ତାହା କର୍କଶ ଭଳି ଅନୁଭବ ହେଉଅଛି । ଏହା କେତେଦୂର ସତ୍ୟ ତାହାର ଅନୁସନ୍ଧାନ କରାଯାଉଅଛି । ଏଣୁ ଜଗନ୍ନାଥ ମନ୍ଦିରର ସ୍ଥାପତ୍ୟାନ୍ତର୍ଭୁକ୍ତ ମୂର୍ତ୍ତିଗୁଡ଼ିକ ଭିନ୍ନ ଭିନ୍ନ ଭାବ ପ୍ରଦାନ କରୁଅଛି । କେତେକ ମୂର୍ତ୍ତି ଜୀବନ୍ତ ଭଳି ପ୍ରତୀୟମାନ ହେଉଅଛି । ଏହି ମନ୍ଦିରର ସ୍ଥାପତ୍ୟଗୁଡ଼ିକ ଲୋକଚରିତ୍ର, ଅତୀତ ଇତିହାସ ସମ୍ବନ୍ଧୀୟ ଧାରଣା ପ୍ରଦାନ କରୁଅଛି ।

ଆମ ଭବିଷ୍ୟତ ସମାଜର ସାମାଜିକ ଜୀବନକୁ ଶୃଙ୍ଖଳିତ ତଥା ରସମୟ ନ କଲେ ବିଂଶ ଶତାବ୍ଦୀରେ ଆମେ ଆମର ସମଗ୍ର ମାନବ ଜାତିର ସମୂହ ଉନ୍ନତି, କଳା ଓ ସଂସ୍କୃତି ନିମନ୍ତେ କିଛି ପଦାର୍ଥ ରଖିଯାଇଛି ବୋଲି କହିବା ହୁଏତଃ ସମ୍ଭବ ହୋଇ ନ ପାରେ । ଏଣୁ ଆମର ଏହି ପୁରାତନ ଶିଳ୍ପ ଭାସ୍କର୍ଯ୍ୟ, ନୀତି ରୀତି, ହାବ ଭାବ ବା ପାରଂପରିକ ଶିଳ୍ପ ସ୍ଥାପତ୍ୟଗୁଡ଼ିକୁ ସଂସାର ବକ୍ଷରେ ସୁରକ୍ଷା କରି ଦେଶକୁ ଦୃଢ଼ତର କରିବା ବିଧେୟ ।

ଗୁଡ଼ିଆ ସାହି, ପୁରୀ



ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଅଠମାଣିଆରେ ବନ୍ୟାଞ୍ଚଳ ବାସଗୃହ ପ୍ରକଳ୍ପ ଉଦ୍‌ଘାଟନ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଧର୍ମଶାଳା ଶିଳ୍ପାଞ୍ଚଳର ଶିଳାନ୍ୟାସ ।



# ଜୟଦେବ, ଗୀତଗୋବିନ୍ଦ ଓ ଶ୍ରୀ ଜଗନ୍ନାଥ

ଶ୍ରୀ ଉଦ୍ଧବ ଚରଣ ନାୟକ

ପୁଣ୍ୟ ଉତ୍କଳର ଗୌରବ ରବି ଭକ୍ତକବି ଜୟଦେବ ବିଶ୍ବର ଅନ୍ୟତମ ମହାନ୍ ସଂସ୍କୃତ କବିଭାବରେ ଚିରପୂଜ୍ୟ । ତାଙ୍କ ରଚିତ ସଂସ୍କୃତ କାବ୍ୟ 'ଗୀତଗୋବିନ୍ଦ' ବିଶ୍ବ ସଂସ୍କୃତି ଓ ସାହିତ୍ୟ ଭଣ୍ଡାରର ଏକ ଅନବଦ୍ୟ ସମ୍ଭାର ; ଗୀତଗୋବିନ୍ଦ ଭଗବାନ ବିଷ୍ଣୁଙ୍କ ଲୀଳା ଓ ଅବତାର ବର୍ଣ୍ଣିତ ଏକ ପ୍ରାଚୀନ ତଥା ଶ୍ରେଷ୍ଠ ହିନ୍ଦୁ ଗ୍ରନ୍ଥ । ସମଗ୍ର ଭାରତବର୍ଷରେ ଗୀତଗୋବିନ୍ଦ ବିଶେଷଭାବରେ ଆଦୃତ । ଉତ୍କଳର ଘରେ ଘରେ ମଧ୍ୟ ଗୀତଗୋବିନ୍ଦର ବିଶେଷ ଆଦର ରହିଛି । ଗୀତଗୋବିନ୍ଦ ଗ୍ରନ୍ଥର ସାହିତ୍ୟିକମାନେ ତଥା ସାଂସ୍କୃତିକ ମୂଲ୍ୟାୟନ କରିବା ଏତେ ସହଜ ବା ସମ୍ଭବ ବ୍ୟାପାର ନୁହେଁ ।

ସ୍ବର୍ଗତ ଜଗବନ୍ଧୁ ସିଂହ ଓ ବିଶିଷ୍ଟ ଐତିହାସିକ ଡକ୍ଟର ନବୀନ କୁମାର ସାହୁ ଗବେଷଣା କରି ସ୍ଥିର କରି ଅଛନ୍ତି ଯେ, ଜୟଦେବ ଦ୍ୱାଦଶ ଶତାବ୍ଦୀର କବି । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ପୁରୀଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ କେନ୍ଦୁଲୀ ଗ୍ରାମର ଏକ ସଂସ୍କୃତି ସଂପନ୍ନ ବ୍ରାହ୍ମଣ ପରିବାରରେ କବି ଜୟଦେବ ଜନ୍ମ-ଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଭୋଜଦେବ ଓ ମାତାଙ୍କ ନାମ ରାଧାଦେବୀ । କବିଙ୍କ ଜନ୍ମପୀଠ କେନ୍ଦୁଲୀ ଗ୍ରାମ ପୁରାଣ ବର୍ଣ୍ଣିତ ପୁଣ୍ୟତୋୟା ପ୍ରାଚୀ ନଦୀ ନିକଟସ୍ଥ ଏକ ପବିତ୍ର ପରିବେଶ ମଧ୍ୟରେ ଅବସ୍ଥିତ । କେନ୍ଦୁଲୀ ଗ୍ରାମର ଅପର ପାର୍ଶ୍ବରେ କୁଶଭଦ୍ରା ନଦୀ, କେନ୍ଦୁଲୀମଠ ଓ ଦୁଇମାଇଲ ଦୂରରେ ତ୍ରିବେଣୀ ତୀର୍ଥ ବିଦ୍ୟମାନ । ପ୍ରାଚୀନଦୀ କୂଳରେ ଅନ୍ତର୍ବେଦୀ ନାମରେ ଏକ ପବିତ୍ର କ୍ଷେତ୍ର ମଧ୍ୟ ରହିଅଛି । ପୁରାଣରୁ ସୁସ୍ପଷ୍ଟ ଯେ, ପୁଣ୍ୟତୋୟା ପ୍ରାଚୀ ନଦୀରେ ପ୍ରତିବର୍ଷ ଅକ୍ଷୟତୃତୀୟା ତିଥିରେ ଗଙ୍ଗାଦେବୀଙ୍କର ଆବିର୍ଭାବ ଘଟେ । ଏହି ତିଥିରେ ପ୍ରାଚୀ ନଦୀରେ ସ୍ୱୟଂ ଗଙ୍ଗାଦେବୀ ଆବିର୍ଭୂତ ହୋଇ ପାଦପ୍ରକ୍ଷାଳନ ପୂର୍ବକ ସ୍ନାନ କରନ୍ତି । ପ୍ରାଚୀସ୍ନାନ ଗଙ୍ଗାସ୍ନାନ ଅପେକ୍ଷା ଅଧିକ ଫଳପ୍ରଦ । ଏଣୁ ପ୍ରାଚୀକୁ ଗଙ୍ଗାବୋଲି ଲୋକେ କୁହନ୍ତି । ପଦ୍ମପୁରାଣରେ ପ୍ରାଚୀ ମାହାତ୍ମ୍ୟ ବିଶେଷଭାବରେ ବର୍ଣ୍ଣିତ ହୋଇଅଛି । ପ୍ରାଚୀ-ମାହାତ୍ମ୍ୟକୁ କବି ତ୍ରିଲୋଚନ ଦ୍ୱିଜ ସରଳ ଉତ୍କଳ ଭାଷାରେ ଅନୁବାଦ କରିଛନ୍ତି :—

ପ୍ରାଚୀ ମହାତ୍ମ୍ୟ :—

ନାମ ତାଙ୍କର ଅନ୍ତର୍ବେଦୀ । ସାଯୁଜ୍ୟ ମୋକ୍ଷ ପ୍ରଭୃବାଦୀ ॥  
ତ୍ରିବେଣୀ ସ୍ନାନ କରି ନର । ମୁକ୍ତ କରଇ କଳେବର ॥  
ଦିନକେ ସ୍ନାନ ଦାନ ଯେତେ । ଶତ ଗୁଣରେ ହୁଏ ତେତେ ॥  
ସକଳ ପାପରୁ ପ୍ରତ୍ୟକ୍ଷ । ପ୍ରାଚୀ ସ୍ନାନରେ ହୁଏ ମୋକ୍ଷ ॥  
ଗଙ୍ଗାଙ୍କଠାରୁ ସେ ଅଧିକ । ହୋଇ ପବିତ୍ର କରେ ଲୋକ ॥  
କାଳନ୍ଦୀ ଗଙ୍ଗା ସମୀପରେ । ଯେ ଫଳ ସେ ଫଳ ପ୍ରାଚୀରେ ॥  
ଉତ୍କଳ ଦେଶେ ପ୍ରାଚୀନାମ । ସକଳ ନାମେ ଅନୁପମ ॥

ଜୟଦେବଙ୍କୁ ଏଗାର ବାର ବର୍ଷ ବୟସ ହୋଇଥିବା ସମୟରେ ତାଙ୍କର ପିତାମାତା ସ୍ୱର୍ଗାରୋହଣ କରିଥିଲେ । ପିତାମାତାଙ୍କ ସ୍ୱର୍ଗାରୋହଣ ପରେ ପରେ ଜୟଦେବ ଅତ୍ୟନ୍ତ ଗମ୍ଭୀର ଓ ଉଦାସୀନ ରହି କେବଳ ଭଗବତ୍ କୃପାକୁ ଆଶ୍ରୟ କରି ସମୟ ଅତିବାହିତ କରୁଥିଲେ । ମୃତ୍ୟୁ ପୂର୍ବରୁ ତାଙ୍କର ପିତା ଭୋଜଦେବ ନିରଞ୍ଜନ ନାମକ ଏକ ମହାଜନଠାରୁ କିଛି ଟଙ୍କା କରଜ କରି ପରିଶୋଧ କରି ପାରି ନ ଥିଲେ । କରଜ-ଟଙ୍କା ବାବଦରେ ତାଙ୍କ ଘରଡିହକୁ ଦଖଲ କରିବା ଉଦ୍ଦେଶ୍ୟରେ ଏକ ଚୁକ୍ତିନାମା ଲେଖି ନିରଞ୍ଜନ ଯାଇ ପହଞ୍ଚିଲେ ଜୟଦେବଙ୍କ ପାଖରେ ଦସ୍ତଖତ କରି ଆଣିବା ପାଇଁ । ଉଦାର ବାଳକ ଜୟଦେବ ମହାଜନଙ୍କ କଥାରେ କୌଣସି ପ୍ରତିବାଦ ନ କରି ସେହି ଚୁକ୍ତିନାମାରେ ଦସ୍ତଖତ କରିଦେଲେ । ଏହି ସମୟରେ ମହାଜନର ସାନପିଲାଟିଏ ସେଠାରେ ଉପସ୍ଥିତ ହୋଇ କହିଲା— ବାପା ! ବାପା ! ଆମ ଘରେ ନିଆଁ ଲାଗି ଖୁବ୍ ଜୋରରେ ଜଳୁଛି, ତୁମେ ଶୀଘ୍ର ଆସ । ନିଜ ଘରେ ନିଆଁ ଲାଗିଥିବା ଖବର ଶୁଣି ମହାଜନ ଦୌଡିଲେ ଘରକୁ । ବାଳକ ଜୟଦେବ ମଧ୍ୟ ଦୌଡି ଦୌଡି ଯାଇ ମହାଜନ ଘର ପାଖରେ ପହଞ୍ଚିଲେ । ମହାଜନଙ୍କ ବ୍ୟସ୍ତତା ଦେଖି ଜୟଦେବ ନିଆଁରେ ଜଳୁଥିବା ଘରେ ପଶି ମହାଜନଙ୍କର ବହୁମୂଲ୍ୟ ସମ୍ପତ୍ତି ସବୁ ଉଦ୍ଧାରକରି ଆଣି ଅକ୍ଷତ ଅବସ୍ଥାରେ ଆସି ବାହାରେ ଠିଆ ହେଲେ । ମହାଜନ ଏହି ଘଟଣା ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ମନେ ମନେ ଭାବିଲେ ବାଳକ ଜୟଦେବ ସାମାନ୍ୟ ମାନବ ନୁହନ୍ତି । ତା'ପରେ ମହାଜନ ଜୟଦେବଙ୍କ ପାଦ-ତଳେ ପଡି କ୍ଷମାଭିକ୍ଷା କରି ସଙ୍ଗେ ସଙ୍ଗେ ଚୁକ୍ତିନାମାଟିକୁ ଚିରି ଫୋପାଡି ଦେଲେ ଓ ସେହିଦିନଠାରୁ ଜୟଦେବଙ୍କ ସହ ମିଶି ଭକ୍ତିମାର୍ଗରେ ପରିଚାଳିତ ହେଲେ ।

ଏହି ଘଟଣାପରେ ଜୟଦେବଙ୍କ ମନରେ ଘୋର ପରିବର୍ତ୍ତନ ଦେଖାଦେଲା । ସେ ଭାବିଲେ ତାଙ୍କପତି ପରମ ପୁରୁଷ ଭଗବାନଙ୍କର ଅପାର କରୁଣା ରହିଅଛି । ଶେଷରେ ସେ

ସ୍ଥିର କଲେ ପୁରୁଷୋତ୍ତମ ଯାଇ ସେଠାରେ ରହି ପ୍ରତ୍ୟେକ ଦିନ ମହାପ୍ରଭୁ ଜଗନ୍ନାଥଙ୍କର ଦର୍ଶନ ଲାଭକରି ଜୀବନ କଟାଇଦେବେ । କିଛିଦିନ ପରେ ଘରଦ୍ୱାର ମାୟା ତ୍ୟାଗକରି ପରାଶର ନାମକ ଏକ ବ୍ରାହ୍ମଣ ବାଳକକୁ ସଙ୍ଗରେ ଧରି ଜୟଦେବ ପୁରୁଷୋତ୍ତମ ଅଭିମୁଖେ ଯାତ୍ରା କଲେ । ସେ ପୁରୁଷୋତ୍ତମ ଯିବା ସମୟରେ ବାଟବଣା ହୋଇ ଭୋକଶୋଷରେ ପଡି ବହୁ କଷ୍ଟ ଭୋଗିବାରୁ ନୀଳାଚଳନାଥ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ । ଜଗତର ନାଥ ଦୀନବାନ୍ଧବ ଜଗନ୍ନାଥ ମହାପ୍ରଭୁ ମାୟାରେ ମାନବ ବେଶ ଧାରଣ କରି ପୁରୀଯାତ୍ରୀ ହିସାବରେ ଜୟଦେବଙ୍କ ସମ୍ମୁଖରେ ପହଞ୍ଚି ତାଙ୍କର ସମସ୍ତ ଅସୁବିଧା ନିରାକରଣ କରି ତାଙ୍କୁ ପୁରୀ କ୍ଷେତ୍ରରେ ନେଇ ପହଞ୍ଚାଇ ଦେଇଥିଲେ । ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦର୍ଶନଲାଭ କରି ଜୟଦେବ ଅତ୍ୟନ୍ତ ମୁଗ୍ଧ ହୋଇ ଗ୍ରାମକୁ ଫେରି ଆସିବାକୁ ଆଉ ଇଚ୍ଛା ପ୍ରକାଶ କଲେନାହିଁ । ହେଲେ ରହିବେ କେଉଁଠି ? ଖାଇବେ କ'ଣ ? ସଙ୍ଗରେ ପୁଣି ଆଉଜଣେ ସାଥୀ । ଶେଷରେ ସନ୍ନ୍ୟାସୀ ବେଶ ଧାରଣ କରି ସଙ୍ଗରେ ପରାଶରକୁ ଧରି ଭିକ୍ଷା ମାଗିଲେ । ପ୍ରତିଦିନ ଭିକ୍ଷାମାଗି ଯାହାମିଳେ ସେଥିରେ ଆନନ୍ଦରେ ଦୁହେଁ ଚଳିଯାଆନ୍ତି । ଆଶ୍ରୟ ନେବା ପାଇଁ ସେ ପୁରୀର ବହୁ ମଠରେ ଯାଇ ପହଞ୍ଚିଲେ ହେଲେ ତାଙ୍କୁ କେଉଁଠି ସ୍ଥାନ ମିଳିଲା ନାହିଁ । ନିରୁପାୟ ହୋଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଧ୍ୟାନ କରି ସେ ଏକ ବଟବୃକ୍ଷ ମୂଳକୁ ଆଶ୍ରୟସ୍ଥଳୀ ଭାବରେ ବାଛିନେଲେ । ସେମାନେ ପ୍ରତ୍ୟହ ଜଗନ୍ନାଥ ଦର୍ଶନ କରି ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗି ରାତିରେ ଶୀତକାଳରେ ସେହି ବଟବୃକ୍ଷ ମୂଳରେ ଆଶ୍ରୟ ନିଅନ୍ତି । ଏହିପରି କିଛିଦିନ ଅତିବାହିତ ହେଲା । ଏକଦା ପରାଶର ସହ ଜୟଦେବ ବୃକ୍ଷମୂଳରେ ବସି ଧ୍ୟାନ କରୁଛନ୍ତି । ହଠାତ୍ ତାଙ୍କ ସମ୍ମୁଖରେ ଲୀଳାମୟ ଶ୍ରୀକୃଷ୍ଣ ଆବିର୍ଭାବ ହୋଇ ମୁରଲୀ ବାଦନ ପୂର୍ବକ ନୃତ୍ୟ କରିବାକୁ ଲାଗିଲେ । ଭଗବାନଙ୍କ ରୂପ ସନ୍ଦର୍ଶନ କରି ସ୍ୱତଃ ଜୟଦେବଙ୍କ ମୁଖରୁ ଏକ ଶ୍ଳୋକ ନିଃସୃତ ହେଲା :—

"ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମାସ୍ତମାଳଦ୍ରୁମୈ
ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ ପ୍ରାପୟ ।
ଇତଥଂ ନନ୍ଦନିଦେଶତଶ୍ଚଳିତୟୋଃ ପ୍ରତ୍ୟଧ୍ୱ କୁଞ୍ଜଦ୍ରୁମଂ,
ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଃ ।"

ପରାଶର ଜୟଦେବଙ୍କ ମୁଖନିଃସୃତ ଉକ୍ତ ଶ୍ଳୋକଟି ଶ୍ରବଣ କରି ଅତ୍ୟନ୍ତ ମୁଗ୍ଧ ହୋଇ ପଡିଥିଲେ । ଏହିଦିନଠାରୁ ଜୟଦେବଙ୍କଠାରେ କବି ପ୍ରତିଭା ପ୍ରକାଶ ପାଇଲା । ଆଉ କୌଣସିଥିରେ ମନନିବେଶ ନ କରି ଜୟଦେବ ସର୍ବଦା ପ୍ରଭୁଙ୍କ ଗୁଣ କୀର୍ତ୍ତନ, ଭଜନ ଜଣାଣ କରି ସମୟ ଅତିବାହିତ କଲେ । ଏହାପରେ ଜୟଦେବ ଧ୍ୟାନବଳରେ ଶ୍ରୀକ୍ଷେତ୍ର ପୁରୀଠାରେ ଭଗବାନଙ୍କର ଦଶବିଧ ଅବତାର ଲୀଳା ପ୍ରତ୍ୟକ୍ଷଭାବରେ ଦର୍ଶନ କରି ଗୀତଗୋବିନ୍ଦ ଗ୍ରନ୍ଥ ଆରମ୍ଭ କରିବାକୁ ସକ୍ଷମ ହୋଇଥିଲେ । 'ଜୟ ଜଗଦୀଶ ହରେ' ଲଗାଇ ଦଶ ଅବତାର ରଚନା ଖୁବ୍ ଦ୍ରୁତଗତିରେ ଆଗେଇ ଚାଲିଲା । ଭଗବାନଙ୍କ କରୁଣା ତାଙ୍କଠାରେ ପ୍ରତିଫଳିତ ହେଲା । ସେ ଭୋକ ଶୋଷ ସବୁକିଛି ଭୁଲିଗଲେ ।

ସେ ସମୟରେ ସୁଦେବ ନାମରେ ଜଣେ ଧର୍ମନିଷ୍ଠ ବ୍ରାହ୍ମଣ ପୁରୀରେ ବାସ କରୁଥିଲେ । ପଦ୍ମାବତୀ ନାମରେ ତାଙ୍କର ଏକ ରୂପବତୀ, ଗୁଣବତୀ କନ୍ୟାଥିଲା । ପଦ୍ମାବତୀର ବିବାହ ନିମନ୍ତେ ସୁଦେବ ଚିନ୍ତିତ ଥାଇ ସର୍ବଦା ଭଗବାନ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଥିଲେ । ଦିନେ ରାତିରେ ଜଗତରନାଥ ଜଗନ୍ନାଥ ସୁଦେବଙ୍କୁ ସ୍ୱପ୍ନରେ କହିଲେ—ଅମୁକ ସ୍ଥାନରେ ଅବସ୍ଥାନ କରୁଥିବା ସନ୍ନ୍ୟାସୀ ଜୟଦେବଙ୍କୁ ତୁମର କନ୍ୟା ପଦ୍ମାବତୀକୁ ପ୍ରଦାନକର । ସେ ତୁମ କନ୍ୟା ପାଇଁ ଏକମାତ୍ର ଯୋଗ୍ୟବର, ଏଥିରେ ଦ୍ୱିଧା ପ୍ରକାଶ କରିବ ନାହିଁ । ମୋର କଳା ଜୟଦେବଠାରେ ରହିଅଛି । ଅନୁରୂପଭାବରେ ଜୟଦେବଙ୍କୁ ମଧ୍ୟ ପ୍ରଭୁ ଜଗନ୍ନାଥ ସେହିଦିନ ସ୍ୱପ୍ନରେ ଆଦେଶ ଦେଇ କହିଲେ, ଜୟଦେବ ! କାଲି ସକାଳେ ତୁମ ପାଖରେ ଯେଉଁ ବ୍ରାହ୍ମଣ ପହଞ୍ଚିବେ ତାଙ୍କର କନ୍ୟାଙ୍କୁ ପତ୍ନୀରୂପରେ ଗ୍ରହଣ କରି ଗୃହସ୍ଥ ଜୀବନ ଯାପନ କର ଓ ପତିବ୍ରତା ସ୍ତ୍ରୀକୁ ଧରି ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରି ଗୃହରେ ଥାଇ ଭକ୍ତି ମାର୍ଗରେ ପରିଚାଳିତ ହୁଅ । ଜଗତର ନାଥ ଜଗନ୍ନାଥଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ଜୟଦେବ ପଦ୍ମାବତୀଙ୍କ ପାଣିଗ୍ରହଣ କରି ନିଜର ଜନ୍ମସ୍ଥାନ କେନ୍ଦୁଲୀଗ୍ରାମକୁ ଫେରି ଆସିଲେ ।

ନିଜ ଗୃହରେ ରାଧାମାଧବଙ୍କ ମୂର୍ତ୍ତି ସ୍ଥାପନ କରି ପ୍ରତ୍ୟହ ପୂଜା ଆରାଧନା ପୂର୍ବକ ସଂସାର ପଥରେ ବ୍ରତୀ ହେଲେ । ପଦ୍ମାବତୀ ପ୍ରତିଦିନ ଯେଉଁ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରନ୍ତି ରାଧାମାଧବଙ୍କୁ ପ୍ରଥମେ ସମର୍ପଣ କରି ତାହା ସ୍ୱାମୀ ସ୍ତ୍ରୀ ଦୁହେଁ ପ୍ରସାଦଭାବରେ ଗ୍ରହଣ କରନ୍ତି । ଏହିପରି ତାଙ୍କର ସମୟ ବିତିଯାଏ । ପ୍ରତ୍ୟେକ ଦିନ ଜୟଦେବ ଗୀତଗୋବିନ୍ଦ ରଚନା କରୁଥାଆନ୍ତି । ଦିନେ ସକାଳେ ବସି ଜୟଦେବ ଗୀତଗୋବିନ୍ଦ ତାଳପତ୍ର ପୋଥି ଲେଖୁଥାଆନ୍ତି, କିନ୍ତୁ ତଲ-ପଦଟିର ଶେଷ ଚରଣଟି ତାଙ୍କର ଆଦୌ ମନେ ପଡୁ ନ ଥାଏ । କ'ଣ ଲେଖିବେ ଏଇ ଚିନ୍ତାରେ ସେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ସ୍ଥଳ କମଳ ଗଞ୍ଜନଂ ମମ ହୃଦୟ ରଞ୍ଜନଂ
ଜନିତ ରତିରଙ୍ଗ ପରଭାଗମ୍ ।
ଭଣ ମସୃଣ ବାଣୀ କରବାଣୀ ଚରଣ ଦ୍ୱୟଂ,
ସରସଲ ସଦଲକ୍ତ କରାଗମ୍ ।।
ସ୍ମର ଗରଳ ଖଣ୍ଡନଂ ମମ ଶିରସ ମଣ୍ଡନମ୍

ଏହି ସମୟରେ ତାଙ୍କର ପତ୍ନୀ ପଦ୍ମାବତୀ ସେଠାରେ ଉପସ୍ଥିତ ହୋଇ କହିଲେ— ଦେବ ! ସ୍ନାନ କରିବା ସମୟ ଗଡି ଗଲଣି, ଯାଆନ୍ତୁ ଶୀଘ୍ର ସ୍ନାନ ଶେଷ କରି ଆସିବେ । ଜୟଦେବ କହିଲେ—ପ୍ରିୟେ ! ଏହି ପଦଟିର ଶେଷ ଚରଣଟି ମନେ ପଡୁ ନାହିଁ । କ'ଣ ଲେଖିବି କହିଲ? ଏହା କହି ସେ ପଦଟି ପଢି ପଦ୍ମାବତୀକୁ ଶୁଣାଇ ଦେଲେ । ପଦ୍ମାବତୀ କହିଲେ ଆପଣ ସ୍ନାନ ସାରି ପ୍ରଭୁଙ୍କର ପ୍ରସାଦ ଗ୍ରହଣ କରିବା ପରେ ସବୁ ଠିକ୍‌ଭାବରେ ମନେ ପଡ଼ି ଯିବ । ଯାଆନ୍ତୁ ପ୍ରଥମେ ସ୍ନାନ ଶେଷ କରି ଆସିବେ । ଜୟଦେବ

ସ୍ତ୍ରୀ ପଦ୍ମାବତୀଙ୍କ କଥାରେ ରାଜି ହୋଇ ସ୍ନାନ ନିମନ୍ତେ ପ୍ରାଚୀ ନଦୀକୁ ଚାଲିଗଲେ । ଜୟଦେବ ଏହି ଗଙ୍ଗାରୂପକ ପ୍ରାଚୀ ନଦୀରେ ପ୍ରତ୍ୟହ ସ୍ନାନ କରନ୍ତି ।

ଜୟଦେବଙ୍କ ପ୍ରସ୍ଥାନର କିଛି ସମୟ ପରେ ମାୟାଧର ଶ୍ରୀକୃଷ୍ଣ ଜୟଦେବଙ୍କ ବେଶ ଧାରଣ କରି ଆସି ପହଞ୍ଚିଲେ ଜୟଦେବଙ୍କ ଘରେ । ତାଙ୍କ ମଥାରେ ତେଲ ଜର ଜର କାନ୍ଧରେ ଉତ୍ତରୀୟ । ପଦ୍ମା ତାଙ୍କୁ ଦେଖି କହିଲେ–ନାଥ ! ସ୍ନାନ ପଥରୁ ଫେରି ଆସିଲେ କାହିଁକି ? ଜୟଦେବ ବେଶ-ଧାରୀ ମାୟାବୀ କୃଷ୍ଣ କହିଲେ–ପ୍ରିୟେ ! ବାଟରେ ସେହି ପଦଟିର ଶେଷ ଚରଣ ମୋତେ ସ୍ମରଣ ହୋଇଗଲା । ଏଣୁ ମୁଁ ଫେରି ଆସିଲି । ଦିଅ ମୋତେ ସେଇ ତାଳ ପତ୍ର ଖେଦା ପ୍ରଥମେ ମୁଁ ତାକୁ ଲେଖି ଦିଏ । ଭଗବାନ ଶ୍ରୀକୃଷ୍ଣ ସେଇ ପଦର ଶେଷରେ ଲେଖିଦେଲେ–

'ଦେହି ମେ ପଦ ପଲ୍ଲବ ମୁଦାରମ୍'

ଲେଖି ସାରି ମାୟାଧର କହିଲେ–ପ୍ରିୟେ ! ଆଜି ଆଉ ଏତେ ବାଟ ଗଙ୍ଗାକୁ ସ୍ନାନ କରିବା ପାଇଁ ଯାଇ ପାରିବି ନାହିଁ, ମୋତେ ଶୁଦ୍ଧ ଜଳ ଦିଅ, ମୁଁ ଏଠାରେ ସ୍ନାନ ଶେଷ କରିଦିଏ । ପଦ୍ମାବତୀ ତାଙ୍କୁ ଶୁଦ୍ଧ ଜଳ ଦେଲେ । ମାୟାଧର ସ୍ନାନ ସମାପନ କରି ରାଧା ମାଧବଙ୍କୁ ଖାଦ୍ୟ ପଦାର୍ଥ ଅର୍ପଣ କରି ଭୋଜନ ଗ୍ରହଣ କଲେ । ଭୋଜନ ସାରି ମାୟାଧର କହିଲେ ପ୍ରିୟେ ! ମୋତେ ବିଶେଷ କ୍ଳାନ୍ତ ଲାଗୁଛି । ମୁଁ ପଲଙ୍କରେ ଟିକିଏ ବିଶ୍ରାମ ନେଉଛି, ତୁମେ ଭୋଜନ ଗ୍ରହଣ କର । ପଦ୍ମାବତୀ ସ୍ୱାମୀଙ୍କ ଆଦେଶ ମାନି ସେ ଭୋଜନ କରିଥିବା ପାତ୍ରରେ ବସି ଭୋଜନ କରୁଛନ୍ତି, ଏହି ସମୟରେ ଜୟଦେବ ସ୍ନାନ ତର୍ପଣ ସାରି ଓଦା ବସନ କାନ୍ଧରେ ପକାଇ ଆସି ଘରେ ପହଞ୍ଚିଲେ । ଦେଖିଲେ ସ୍ତ୍ରୀ ପଦ୍ମା ବସି ଭୋଜନ କରୁଛନ୍ତି । ଆଶ୍ଚର୍ଯ୍ୟ ହୋଇ ହଠାତ୍ ଜୟଦେବ କହି ଉଠିଲେ ପଦ୍ମା ! ତୁମଠାରେ ଏପରି ସ୍ୱଭାବ ତ କେବେ ପରି-ଲକ୍ଷିତ ହୋଇ ନ ଥିଲା ! ସ୍ନାନ ସାରି ଆସିବାରେ ଆଜି ସାମାନ୍ୟ ବିଳମ୍ବ ହୋଇ ଯିବାରୁ ତୁମେ ପୂଜା ସାରି ଠାକୁରଙ୍କ ପ୍ରସାଦ ଆଗ କରି ଖାଇଦେଲ ? ସ୍ୱାମୀଙ୍କର କଥା ଶୁଣି ପଦ୍ମା ବିସ୍ମିତ ହୋଇ କହିଲେ– ପ୍ରଭୁ ! ଏ କିପରି କଥା କହୁଛନ୍ତି ? ଆପଣ ସ୍ନାନ ପଥରୁ ଲେଉଟିଆସି ଶ୍ଳୋକଟିର ପଦ ପୂରଣ କରି ଘରେ ସ୍ନାନ କଲେ ଓ ଠାକୁରଙ୍କ ପୂଜା ସାରି ପ୍ରସାଦ ସେବନ ପରେ ପଲଙ୍କକୁ ବିଶ୍ରାମ ନିମନ୍ତେ ଗଲାପରେ ମୁଁ ସେ ଆପଣଙ୍କ ବାସନରେ ବସି ଭୋଜନ କରୁଅଛି । ପଦ୍ମାଙ୍କର କଥା ଶୁଣି ଜୟଦେବ ବିଶ୍ରାମ ମନ୍ଦିରକୁ ଯାଇ ଦେଖିଲେ ପଲଙ୍କ ଉପରେ କେହି ନାହାନ୍ତି । ତା'ପରେ ପଦ୍ମାକୁ ଡାକି କହିଲେ– ଦେଖି ଦେଖି ପଦ୍ମା ଆଣିଲ ସେ ତାଳ ପତ୍ର ଖେଦା କ'ଣ ମୁଁ ଲେଖିଛି ? ଜୟଦେବ ଦେଖିଲେ ସେଥିରେ ପ୍ରକୃତରେ 'ଦେହି ମେ ପଦ ପଲ୍ଲବ ମୁଦାରମ୍' ବୋଲି ଲେଖା ହୋଇଛି । ଖୁବ୍ ଉଚ୍ଚ ସ୍ୱରରେ କହିଲେ–ପଦ୍ମା ! ମୁଁ ପ୍ରକୃତରେ ପଦ ଶେଷରେ ଏହି ଚରଣଟି ଲେଖିବା ପାଇଁ ଆଗରୁ ଭାବିଥିଲି କିନ୍ତୁ ମନରେ ସନ୍ଦେହ ଥିଲା । ଯାହା ହେଉ ସ୍ୱୟଂ ଭଗବାନ ଆସି ସେଇଆ ଲେଖି ପଦଟି ପୂରଣ କରି ଚାଲି ଯାଇଛନ୍ତି । ପଦ୍ମା ଆଶ୍ଚର୍ଯ୍ୟ ହୋଇ କହିଲେ– ଭଗବାନ ! ଆସିଥିଲେ ? ଜୟଦେବ ଭାବବିହ୍ୱଳ ହୋଇ କହି ଉଠିଲେ, ହଁ ପଦ୍ମା, ସେ ଆସିଥିଲେ ସେ ଭଗବାନ ନୁହନ୍ତି ତ ଆଉ କିଏ ? କାରଣ ମୁଁ ସେ ସ୍ନାନ ପଥରୁ ଘରକୁ ଫେରି ଆସି ନଥିଲି । ଏହା କହି ପଦ୍ମା ଭୋଜନ କରୁଥିବା ବାସନରୁ ଆନନ୍ଦରେ ଖାଇବାକୁ ଲାଗିଲେ । ପଦ୍ମା ଏଥିରେ ସ୍ୱାମୀଙ୍କୁ ବାଧା ଦେଲେ । ତା'ପରେ ଜୟଦେବ ବିହ୍ୱଳ ହୋଇ ଦୁଇ ହାତ ଉପରକୁ ଉଠାଇ କାନ୍ଦି କାନ୍ଦି କହିଲେ– ହେ ନନ୍ଦ ନନ୍ଦନ ଶ୍ରୀକୃଷ୍ଣ, ରାଧା ବଲ୍ଲଭ, କୃପାସିନ୍ଧୁ, ଗୋଲକ ବିହାରି ମୁଁ କି ଅପରାଧ କରିଛି । ମୋଭଳି କିଂଙ୍କର ପ୍ରତି ନିର୍ଦ୍ଦୟ ଭାବପୋଷଣ କରି ମୋର ପତ୍ନୀ ପଦ୍ମାବତୀ ପ୍ରତି ପ୍ରସନ୍ନ ହେଲ ? ପଦ୍ମାବତୀ ସ୍ୱାମୀଙ୍କୁ ବହୁତ ବୁଝାଇଲେ । ଜୟଦେବ କହିଲେ ପଦ୍ମା ! ପ୍ରକୃତରେ ତୁମେ ମହା ଭାଗ୍ୟବତୀ । ତୁମେ ଆଜି ଭଗବାନଙ୍କୁ ସ୍ୱ ଚକ୍ଷୁରେ ଦର୍ଶନ କଲ ଆଉ ମୁଁ ହେଉଛି ମହାପାପୀ ।

ଏହି ଘଟଣା ପରେ ଖୁବ୍ ଅଳ୍ପ ଦିନ ମଧ୍ୟରେ ଗୀତ-ଗୋବିନ୍ଦର ବାକି ଥିବା ଅଂଶଟିକୁ ଜୟଦେବ ଶୀଘ୍ର ସମାପନ କରିବାକୁ ସକ୍ଷମ ହୋଇଥିଲେ । ଗୀତଗୋବିନ୍ଦ ସଂପୂର୍ଣ୍ଣ ହେଲା । ଆନନ୍ଦରେ ଅଧୀର ହୋଇ ଜୟଦେବ ଗୀତଗୋବିନ୍ଦ ଗାଇ ଗାଇ ଗାଁ କୁ ଗାଁ ବୁଲିବାକୁ ଲାଗିଲେ । ତାଙ୍କ ସଂଗରେ ତାଙ୍କର ପତ୍ନୀ ପଦ୍ମାବତୀ, ଭକ୍ତ ପରାଶର ଓ ଭକ୍ତ ନିରଞ୍ଜନ ମଧ୍ୟ ଭ୍ରମଣ କରି ଗୀତଗୋବିନ୍ଦକୁ ସୁଲଳିତ କଣ୍ଠରେ ଗାୟନ କରି ଭଗବାନ ବିଷ୍ଣୁଙ୍କର ଲୀଳା ପ୍ରଚାର କରୁଥିଲେ । ଏମାନେ ଯେଉଁଠି ଗୀତଗୋବିନ୍ଦ ଗାୟନ କରୁଥିଲେ ସେହି ସ୍ଥାନରେ ନନ୍ଦନନ୍ଦନ ଶ୍ରୀକୃଷ୍ଣ ବାଳକ ବେଶରେ ବିଦ୍ୟମାନ ହୋଇ ଗୀତଗୋବିନ୍ଦ ଶ୍ରବଣ କରୁଥିଲେ । ପରିଶେଷରେ ଜୟଦେବ ନିଜ ଜନ୍ମ ସ୍ଥାନ କେନ୍ଦୁଲୀ ଗ୍ରାମରେ ଇହଲୀଳା ସମ୍ବରଣ କରିଥିଲେ ବୋଲି ଜଣାଯାଏ ।

ବଡ଼ ସିଂହାର ପରେ ଶ୍ରୀମନ୍ଦିରରେ ପ୍ରତ୍ୟହ ଜୟଦେବଙ୍କ ଗୀତଗୋବିନ୍ଦ ପାଠ କରାଯାଏ । ରାଜକବି ନରସିଂହ ଦେବ (୧୨୮୪–୧୩୦୭) ସର୍ବ ପ୍ରଥମେ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ପାଠ ପ୍ରବର୍ତ୍ତନ କରିଥିଲେ । ଏହାଙ୍କ ପୂର୍ବରୁ ରାଜା କାମ-ଦେବ (୧୧୬୭–୧୧୭୧) ପ୍ରତ୍ୟହ ଗୀତଗୋବିନ୍ଦ ପାଠ ନ କଲା ପର୍ଯ୍ୟନ୍ତ ଜଳପାନ କରୁ ନ ଥିଲେ ।

ଶ୍ରୀ ଜଗନ୍ନାଥ ଦେବଙ୍କର ଚନ୍ଦନ ଯାତ୍ରା ଉତ୍ସବରେ ଭିତର ଏକୋଇଶି ଦିନ ଚନ୍ଦନ ସମୟରେ ଅଣସର ପିଣ୍ଡରେ ଦେବଦାସୀ ଜୟଦେବଙ୍କ ଗୀତଗୋବିନ୍ଦ ଗାୟନ କରନ୍ତି । ଧନ୍ୟ ଜୟଦେବ ! ଉତ୍କଳ ସନ୍ତାନ ହୋଇ ତୁମେ ଆଜି ବିଶ୍ୱର ମହାନ୍ ସଂସ୍କୃତ କବିଭାବରେ ବିବେଚିତ । ଜୟଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗତ ବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀ ରଜତ ଜୟନ୍ତୀ-ଉତ୍ସବ ପାଳନ ଅବସରରେ ଓଡ଼ିଶାର ସଂସ୍କୃତି ସଂପର୍କ ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱରଠାରେ 'ଜୟଦେବ ମଣ୍ଡପ' ଉଦ୍‌ଘାଟିତ ହୋଇ ଯାଇଅଛି । ଏହା ଯୁଗ ଯୁଗକୁ ଓଡ଼ିଶା ସାଂସ୍କୃତିକ ଇତିହାସରେ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

# ଜଗନ୍ନାଥ ଓ ଆଦିବାସୀ ସଂସ୍କୃତି

ରତଶ୍ରୀ ମିଶ୍ର

ଉତ୍କଳର ଅତିପ୍ରାଚୀନ ସଂସ୍କୃତି ବା ଆଦ୍ୟ ସଂସ୍କୃତି ଆଦିବାସୀଙ୍କ ସଂସ୍କୃତି ତଥା ତଦୀୟ ପରଂପରା, ଦେବପୂଜା ଇତ୍ୟାଦିରୁ ବୁଝାଇଥାଏ । ତେଣୁ ଜଗନ୍ନାଥ ସଂସ୍କୃତିର ପୃଷ୍ଠଭୂମି ଓଡ଼ିଶାର ପ୍ରାଚୀନତମ ସାଂସ୍କୃତିକ ପୃଷ୍ଠଭୂମିରୁ ଆରମ୍ଭ କଲେ ଅସଙ୍ଗତ ହେବ ନାହିଁ । ଆଦିବାସୀର ଆଦି-ଭାଷାରେ କଥିତ "ଜନାଂଲୋ" ଅର୍ଥ "ଜଗନ୍ନାଥ ଧର୍ମ ବା ସଂସ୍କୃତି" । ସେହି ଆଦି ସଂସ୍କୃତି ଆଜି ଉତ୍କଳୀୟ ସଂସ୍କୃତି ତଥା ହିନ୍ଦୁ ସଂସ୍କୃତିରୂପେ ବିଶ୍ୱବିଦିତ ଏବଂ ସେହି ପୀଠ ଆଜି ମୈତ୍ରୀ, ସଂହତି, ସମନ୍ୱୟତାର ପୀଠ । ଜାତି, ବର୍ଣ୍ଣ, ଧର୍ମ, ନିର୍ବିଶେଷରେ ସକଳ ଭେଦଭାବର ମୂଳୋତ୍ପାଟନ କରି ଜଗନ୍ନାଥୀୟ ସଂସ୍କୃତି ତା'ର ମହାନ୍ ପରଂପରାର ପରିଚୟ ଦେଇଥାଏ । ତେଣୁ ଏ ମହାନ୍ ସଂସ୍କୃତିର ଆଦି ପୃଷ୍ଠପୋଷକ ରୂପେ ଆଦିବାସୀମାନେ ହିଁ ହିନ୍ଦୁଜାତିର ନମସ୍ୟ ।

ତେବେ କିପରି ଭାବରେ ଆଦିବାସୀମାନେ ଜଗନ୍ନାଥଙ୍କ ସହିତ ଓତଃପ୍ରୋତଭାବେ ଜଡ଼ିତ ତାହା ଏକ ଆଲୋଚ୍ୟର ବିଷୟ । ପଦ୍ମ ପୁରାଣରୁ ଜଣାଯାଏ—

"ଦଦର୍ଶ ଶବରା ଗାରୈର୍ବେଷ୍ଟିତଂ ପରିତୋ ଦ୍ୱିଜଃ
କ୍ଷେତ୍ରସ୍ୟ ଦ୍ୱୀପ ସଂସ୍ଥାନ ଖ୍ୟାତଂ ଶବର ଦୀପବମ୍ ।"

ଉକ୍ତ ଶ୍ଳୋକରୁ ସୂଚୀତ ହୁଏ ଯେ ନୀଳକନ୍ଦର ଦ୍ୱୀପରେ ବେଳାଭୂମିସ୍ଥ ଅରଣ୍ୟରେ ଶବରପଲ୍ଲୀ ଥିଲା । ସେଠାରେ ହିଁ ଏଇ ଆଦିବାସୀ ସଂପ୍ରଦାୟର ଶବରମାନଙ୍କ ଦ୍ୱାରା ଜଗନ୍ନାଥ ପୂଜା ପାଉଥିଲେ । ଇତିହାସରୁ ମଧ୍ୟ ଜଣାଯାଏ କଳିଙ୍ଗ-କୋଶଳ-ଉତ୍କଳ ଆଦିବାସୀଙ୍କର ଅଧ୍ୟୁଷିତ ଅଞ୍ଚଳ ଥିଲା । ତା' ବ୍ୟତୀତ ସଂପ୍ରତି କୋରାପୁଟର ଦଣ୍ଡକାରଣ୍ୟ, କଳାହାଣ୍ଡିର ଗୁଡ଼ହାଣ୍ଡି ଓ ସମ୍ବଲପୁର ଜିଲ୍ଲାର ଓଷାକୋଠୀଠାରେ ସେଇ ପ୍ରାଗୈତିହାସର ଅନେକ ସଂକେତ ଦେଖିବାକୁ ମିଳେ ।

ମହାଭାରତ ବର୍ଣ୍ଣନାରୁ ଯାହା ଜଣାପଡ଼େ, ପୁରୁଷୋତ୍ତମ କ୍ଷେତ୍ରରେ ଏକ ମହାବେଦୀ ଥିଲା ଏବଂ ସଂଭବତଃ ଏଠାରେ ଗୋଟିଏ ଉଚ୍ଚ ଭୂମି ଉପରେ ମହାଶ୍ମଶାନଟିଏ ଥିଲା । ହୁଏତ ସେଠାରେ ଅଣଆଦିବାସୀଙ୍କ ଶିବ ତଥା ଆଦିବାସୀଙ୍କ ପିତୃପୂଜା ହିଁ ପ୍ରଚଳିତ ଥିଲା । ସେହି ମହାଶ୍ମଶାନ ନିକଟରେ ଏକ ବୃକ୍ଷ ମୂଳରେ ଶାଳଗ୍ରାମ ବା ନାରାୟଣ ପୂଜା ପାଉଥିଲେ ।

କିମ୍ବଦନ୍ତୀ ଅନୁସାରେ ଜାରା ଶବର ଦ୍ୱାରା ଶରବିଦ୍ଧ ହୋଇଥିବା କୃଷ୍ଣଙ୍କ ଶରୀର ଅପୋଡ଼ା ରହିଥିଲା ଏବଂ ତାକୁ ଜାରା ଶବର ପରେ ପରେ ବିଶ୍ୱାବସୁ ପୂଜାକରିବାକୁ ଲାଗିଲେ । ସେ ଘନ ଅରଣ୍ୟ ଭିତରେ ଜଗନ୍ନାଥଙ୍କ ମହିମା ଆଉ ବେଶୀକାଳ ଆବଦ୍ଧ ହୋଇ ରହିପାରିଲାନାହିଁ । ତତ୍କାଳୀନ ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ଏ ଅଦ୍ଭୁତ ମହିମାର ଉପାଖ୍ୟାନ ଶୁଣିପାରିଲେ ଏବଂ ଜଗନ୍ନାଥ ଭକ୍ତିରେ ଆପ୍ଲୁତ ହୋଇ ତାଙ୍କୁ ପ୍ରତିଷ୍ଠା କରିବା ପାଇଁ ଅଧୀର ହୋଇପଡ଼ିଲେ । ତେଣୁ ନିଜର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତିଙ୍କୁ ଜଗନ୍ନାଥଙ୍କ ଅନ୍ୱେଷଣରେ ପଠାଇଲେ । ବିଦ୍ୟାପତି ପ୍ରଥମେ ଘନଅରଣ୍ୟ ଭିତରେ ହତାଶ ହେଲେ । କିନ୍ତୁ ପରେ ସେ ବିଶ୍ୱାବସୁଙ୍କ ଘରେହିଁ ଆତିଥ୍ୟ ସ୍ୱୀକାର କଲେ ଏବଂ ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ବିବାହକରି ଜଗନ୍ନାଥଙ୍କୁ ଦେଖିବାର ସୁଯୋଗ ଲାଭକଲେ । ମାତ୍ର ଇନ୍ଦ୍ରଦ୍ୟୁମ୍ନ ଆସିବାବେଳକୁ ଜଗନ୍ନାଥ ସେଠାରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ମାତ୍ର ପୁଣି ବାଙ୍କି ମୁହାଣରେ ସେ ଦେଖାଦେଲେ ଦାରୁବ୍ରହ୍ମ ରୂପରେ ଏବଂ ତାଙ୍କୁ ଉଠାଇ ଆଣିଲେ ବିଶ୍ୱାବସୁ । କାରଣ ତାଙ୍କ ବ୍ୟତୀତ ଆଉ କାହାରି ଶକ୍ତି ନଥିଲା ସେ ଦାରୁବ୍ରହ୍ମଙ୍କୁ ଉଠାଇବାକୁ । ସେହି ଦିନଠୁ ଏଯାଏ ପୁରୀର ନୀଳଗିରି ପର୍ବତରେ ଦଇତାପତିମାନେ ଭାତୃତ୍ୱର ନିଗଡ଼ ବନ୍ଧନରେ ପରସ୍ପର ମିଳିମିଶି ଜଗନ୍ନାଥଙ୍କର ପୂଜା-ଅର୍ଚ୍ଚନା କରି ଆସୁଛନ୍ତି ।

ପୁରାଣମାନଙ୍କରୁ ଜଣାଯାଏ—ଇନ୍ଦ୍ରଦ୍ୟୁମ୍ନଙ୍କ ପୂର୍ବରୁ ହିଁ ଇନ୍ଦ୍ରନୀଳମୟୀ ପ୍ରତିମା ପୂଜାପାଇ ଆସୁଥିଲା । ତାଙ୍କୁ ଦର୍ଶନକରି ଶବର, ଭୀଲ, ବ୍ରାହ୍ମଣ ପ୍ରଭୃତି ଚତୁର୍ଭୁଜ ହୋଇ ଶ୍ୱେତାଖ୍ୟ ଭବନକୁ ଚାଲିଯାଉଥିବାରୁ ଯମରାଜ ଭଗବାନଙ୍କୁ ତାହା ଅଦୃଶ୍ୟ କରିବାକୁ ଅନୁରୋଧକଲେ । ବିଷ୍ଣୁପ୍ରତିମା ବାଲୁକାରାଶିରେ ଅଦୃଶ୍ୟ ହେବା ପରେ ଇନ୍ଦ୍ରଦ୍ୟୁମ୍ନ ତାଙ୍କୁ ସ୍ଥାପନ କରିବା ପାଇଁ ଯାଗଯଜ୍ଞକରି ଉତ୍କଳ, କଳିଙ୍ଗ ଓ କୋଶଳ ରାଜାଙ୍କ ସାହାଯ୍ୟରେ ମନ୍ଦିର ନିର୍ମାଣ କରାଇ ସଙ୍କର୍ଷଣ, ସୁଭଦ୍ରା ଏବଂ ଜଗନ୍ନାଥ ମୂର୍ତ୍ତିର ପ୍ରତିଷ୍ଠା କଲେ । ଏଠାରେ ନୀଳକଣ୍ଠ, ନୃସିଂହ, ଅର୍ଦ୍ଧାଶନୀ, ମାର୍କଣ୍ଡେଶ୍ୱର, କପାଳଲୋଚନ, ଯମେଶ୍ୱର, ଅଷ୍ଟଶମ୍ଭୁ ଦେବତାମାନେ ମଧ୍ୟ ପୂଜା ପାଉଥିଲେ । ଇନ୍ଦ୍ରଦ୍ୟୁମ୍ନଙ୍କ ପରେ ଏ କ୍ଷେତ୍ରର ମହିମା ଚାରିଆଡ଼େ ପ୍ରଚାରିତ ହୋଇଥିଲା । ଜୈନଧର୍ମ ପ୍ରଚାରକାରୀ ପାର୍ଶ୍ୱନାଥଙ୍କ ସମୟରେ ଶବର, କନ୍ଧ ଆଦି ଆଦିମ ଶ୍ରେଣୀର ଲୋକମାନେ ଜୈନଧର୍ମ ଗ୍ରହଣ କରିଥିଲେ ଏବଂ ସେତେବେଳର ଓଡ଼ିଶାର ରାଜା କରକଣ୍ଡୁ ମଧ୍ୟ

ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ତେଣୁ କରକଣ୍ଡୁଙ୍କ ସମୟରେ ଜୀନେନ୍ଦ୍ରନାଥଙ୍କ ସମ୍ମାନାର୍ଥେ ଜଗନ୍ନାଥଙ୍କ କ୍ଷେତ୍ର ନୀଳଗିରିରେ ରୋହିଣୀକୁଣ୍ଡ, ମାର୍କଣ୍ଡେୟ ପୁଷ୍କରିଣୀ, ମାର୍କଣ୍ଡେଶ୍ୱର ସାହି ଇତ୍ୟାଦି ପ୍ରତିଷ୍ଠା ହୋଇଥିବା ଜଣାଯାଏ । ମାତ୍ର ତତ୍‌ପରବର୍ତ୍ତୀ କାଳରେ ନନ୍ଦରାଜା ଓଡିଶା ଆକ୍ରମଣକରି ଜୀନନାଥ ମୂର୍ତ୍ତି ନେଇଯାଇଥିଲେ । ଏହାପରେ ଅଶୋକଙ୍କ ରାଜତ୍ୱ କାଳରେ ବୌଦ୍ଧଧର୍ମର ପ୍ରସାରଣ ଘଟିବା ଫଳରେ ଜୈନଧର୍ମ ବିଲୁପ୍ତ ପ୍ରାୟ ହୋଇ ଶେଷରେ ବୈଷ୍ଣବଧର୍ମ ଭିତରେ ନିଜର ଅସ୍ତିତ୍ୱ ହରାଇଥିବା ଜଣାଯାଏ ।

ଜଗନ୍ନାଥଙ୍କ ଆଦିସେବକରୂପେ ଆଦିବାସୀମାନେ ଗଣା ଯାଇଥାଆନ୍ତି । ତେବେ ଏକ ସ୍ୱତନ୍ତ୍ର ଗୋଷ୍ଠୀର ଶବରମାନେ ନୀଳମାଧବଙ୍କ ସହିତ ସଂପୃକ୍ତ ଥିଲେ । ଯେପରି ଖାରିଆ ଆଦିବାସୀ ଗୋଷ୍ଠୀର ଲୋକକଥାରୁ ଜଣାଯାଏ ଯେ, "ଈଶ୍ୱର ପ୍ରଥମେ ଆକାଶ, ପୃଥିବୀ ଓ ତା'ପରେ ମୟୂରଟିଏ ସୃଷ୍ଟି କଲେ । ମୟୂରଟିର ଡିମ୍ବରୁ ଆଦି ଖାରିଆ ଶ୍ୱେତାଂଶରୁ ଆଦି ପୁରାଣ ବା ଭୂୟାଁ ଏ ହଳଦିଆ ଅଂଶରୁ ଭଞ୍ଜ ରାଜବଂଶର ଜନ୍ମ ହେଲା । ଏହି ଘଟଣା ମୟୂରଭଞ୍ଜ ରାଜ୍ୟର ପଞ୍ଚପୀଢ ଅନ୍ତର୍ଗତ ଆଦିପୁର ଗ୍ରାମରେ ଘଟିଥିଲା । ପ୍ରଥମ ଖାରିଆର ଉପାଧି ଥିଲା ଆଦିଖାରିଆ ଏବଂ ପ୍ରଥମ ରାଜଉପାଧି ଆଦି ସିଂହ ବା ଭଞ୍ଜ । ଏହି ଆଦିଖାରିଆଙ୍କ ଉତ୍ତର ପୁରୁଷ ଗନ୍ଧର୍ବ ଖାରିଆ ରାଇରଙ୍ଗପୁରରେ ଅବସ୍ଥାନ କଲେ । ବିଦ୍ରୁଖାରିଆ ଲୋହାଗଡ଼ରେ ଏବଂ ବାସୁଖାରିଆ ଯଶୀପୁରରେ, (ପୂର୍ବତନ ନାମ ବାସପୁର ରେ ବସବାସ କରୁଥିଲେ ଶିମିଳିପାଳ ପାହାଡ଼ର ଖାରିଆ ମାନେ ଏହି ବାସୁଖାରିଆଙ୍କର ଉତ୍ତର ଦାୟାଦ । ଏହାଙ୍କର ଆର୍ଯ୍ୟୋଚିତ ନାମହେଉଛି ବାସୁଶବର ବା ବିଶ୍ୱାବସୁ । ସେ ଥିଲେ ନୀଳମାଧବଙ୍କର ଭକ୍ତ । ମୟୂରଭଞ୍ଜର ଖାରିଆମାନେ ପରମ୍ପରା କ୍ରମେ ନୀଳମାଧ ବା ଜଗନ୍ନାଥଙ୍କର ଭକ୍ତରୂପେ ଚିହ୍ନିତ ହୋଇଛନ୍ତି । ମୟୂରଭଞ୍ଜ ରାଜପରିବାରରୁ ଏମାନଙ୍କୁ ଜଗନ୍ନାଥଙ୍କ ସେବାନିମିତ୍ତ "ପାଟବନ୍ଧା" ଉପାଧି ମିଳିଛି ।

ହଜାର ହଜାର ବର୍ଷଧରି ଯେଉଁ ଜଗନ୍ନାଥ ସଂସ୍କୃତି ଉତ୍କଳୀୟ ତଥା ଭାରତୀୟ ଧର୍ମ, ଦର୍ଶନ ତଥା ରୀତିନୀତି, ପରଂପରାର ଏକ ମୂର୍ତ୍ତିମନ୍ତ ପ୍ରତୀକ ସ୍ୱରୂପ ପରିଗଣିତ ହୋଇ ଆସୁଛି ତାହା ଆଦିବାସୀ ସଂସ୍କୃତିର ଏକ କ୍ରମବିକାଶର ପରିପ୍ରକାଶ । ଏବେ ବି ଜଗନ୍ନାଥ ଆଦିବାସୀ ଶବରମାନଙ୍କର ପ୍ରଭୁରୂପେ ପୂଜା ପାଉଛନ୍ତି । ନିଜର ଇଷ୍ଟରୂପେ କେଡ଼େ ଆଦରରେ କୋରାପୁଟ ଓ ଗଞ୍ଜାମର ଶବର ଗାଁ ମାନଙ୍କରେ ଆଦିବାସୀମାନେ ଜଗନ୍ନାଥଙ୍କୁ ପୂଜା କରିବାର ଦେଖାଯାଏ । ତାଙ୍କ ଦେବତାଙ୍କର ନାମ ଜିତୁଙ୍ଗ । ଜିତୁଙ୍ଗ ଅର୍ଥାତ୍ ଜଗନ୍ନାଥ ଅବା ଜଗତଭନାଥ । ଏହି ଦେବତାଙ୍କମୂର୍ତ୍ତି କାଠରେ ତିଆରି ଏବଂ ନାଲି, ଧଳା ଓ ହଳଦିଆ ରଙ୍ଗରେ ଚିତ୍ରିତ ହୋଇଥା'ନ୍ତି । ସେହିପରି ଗଣ୍ଡମାନେ ପୂଜାକରୁଥିବା ଜଙ୍ଗ ଦେବତା ମଧ୍ୟ ଜଗନ୍ନାଥଙ୍କ ସ୍ୱରୂପ ବୋଲି ଅଭିହିତ ହୋଇ-ଥାଆନ୍ତି ।

ଯଥାର୍ଥରେ ଆଦିବାସୀ ସଂସ୍କୃତିର ପ୍ରତ୍ୟେକଟି ଅଙ୍ଗ ଜଗନ୍ନାଥଙ୍କ ସହିତ ଓତଃପ୍ରୋତଭାବେ ଜଡ଼ିତ । ସେ ସଂସ୍କୃତିର ଆତିଥ୍ୟ, ମାନବ ପ୍ରେମ, ସେବା ମନୋଭାବ, ଓ ଉଦାରତା ଜଗନ୍ନାଥ ଧର୍ମ ଓ ସଂସ୍କୃତିର ମୂଳମନ୍ତ୍ର । ଆଦିବାସୀମାନେ ପୂଜା କରୁଥିବା ଜିତୁଙ୍ଗ,ଜଗନ୍ତ, ତୋଡ଼୍, ଡୁମନ, ଭୀମ୍, ଗସିଦ, ରାମନ୍, ଯୋଜେପନ, ମର, ତିତି ଆଦି ଦଶଭାଇଙ୍କର ଭଗବାନଙ୍କ ଦଶଅବତାର ସହ ସାମଞ୍ଜସ୍ୟ ଥିବାପରି ଜଣାଯାଏ । ଆଜି ଜଗନ୍ନାଥୀୟ ସଂସ୍କୃତି ଭିତରେ ଆମେ ଦେଖୁ ଆର୍ଯ୍ୟ, ଅନାର୍ଯ୍ୟର ମଧୁର ଆଲିଙ୍ଗନ । କେତେ ବିଶାଳ ସତେ ସେ ଜଗନ୍ନାଥ ଧର୍ମର ରୀତିନୀତି । କେତେ ମହାନ୍ ପୁଣି ତା'ର ପରଂପରା ।

ମାର୍ଫତ–ଶ୍ରୀ ନିରଞ୍ଜନ ମିଶ୍ର
ଡି ଟାଇପ୍–୧୬୩, ୟୁନିଟ୍–୯
ଭୁବନେଶ୍ୱର ।



ନୂଆଗାଁରେ ମାଛଧରା ବନ୍ଦରର ଶିଳାନ୍ୟାସ

# ରେବତୀ ରମଣ

ଶ୍ରୀ ପ୍ରତାପସିଂହ ମହାପାତ୍ର

ସତ୍ୟଯୁଗର ରାଜା 'ରୈବତ' । 'କୁଶସ୍ଥଳୀ' ନାମକ ଏକ ଭୂଖଣ୍ଡର ସେଥିଲେ ଅଧୀଶ୍ୱର । ଅଖଣ୍ଡ ତପଃ ସାଧନାବଳରେ ସେ ଦୁର୍ଲଭ ରାଜର୍ଷିପଦ ପ୍ରାପ୍ତ ହୋଇଥିଲେ । ତାଂକର ସାଧୁ ସତ୍ୟନିଷ୍ଠଭାବ, ପୁତ୍ର ତୁଲ୍ୟ ପ୍ରଜା ପାଳନ ଆଦି ମହନୀୟ ଗୁଣଯୋଗୁଁ, ସେଥିଲେ ସର୍ବଜନପୂଜ୍ୟ ଏକ ଆଦର୍ଶ ରାଜା ।

ତାଙ୍କର ଏକମାତ୍ର କନ୍ୟା 'ରେବତୀ' ଥିଲେ ତ୍ରିଭୁବନ ମୋହିନୀ ପରମା ସୁନ୍ଦରୀ । ତାଙ୍କର ଗୁଣ ମଧ୍ୟ ଥିଲା ଅନୁପମ । ଚନ୍ଦ୍ରକଳା ସଦୃଶ କ୍ରମଶଃ ବୃଦ୍ଧି ପ୍ରାପ୍ତହୋଇ ନବ ଯୌବନା କୁମାରୀ ରେବତୀ ବିବାହ ବୟସରେ ଉପନୀତା ହେଲେ । ରୂପ ଯୌବନ ସଂପନ୍ନା ଅନନ୍ୟ ସୁନ୍ଦରୀର ପାଣି ଗ୍ରହଣ କରିବା-ପାଇଁ ବହୁ କୃତବିଦ୍ୟ ରାଜା, ମହାରାଜାଙ୍କ ନିକଟରୁ ପ୍ରସ୍ତାବ ଆସିଲା । ରାଜର୍ଷି ରୈବତ ଚିନ୍ତିତ । କାହା ହସ୍ତରେ ନିଜ କନ୍ୟାକୁ ସମର୍ପଣ କରିବେ ? କିଛି ସ୍ଥିର କରି ନ ପାରି ସେ ମନ୍ତ୍ରୀଙ୍କର ପରାମର୍ଶ ଲୋଡ଼ିଲେ । ମନ୍ତ୍ରୀ ମଧ୍ୟ କୌଣସି ନିଷ୍ପତ୍ତି ନେଇ ପାରିଲେ ନାହିଁ ।

ଏହିପରି କିଛିଦିନ ଗଲିଗଲା । ଦିନେ ମନ୍ତ୍ରୀ ଏକ ପ୍ରସ୍ତାବ ଦେଇ କହିଲେ–ରାଜର୍ଷି ! କନ୍ୟା ରେବତୀଙ୍କ ବିବାହ ସ୍ଥିର କରିବାପାଇଁ ଆପଣ ପ୍ରଜାପତି ବ୍ରହ୍ମାଙ୍କର ମତାମତ ନିଅନ୍ତୁ । ସେ ସୃଷ୍ଟିକର୍ତ୍ତା । ତେଣୁ ରେବତୀଙ୍କ ପାଇଁ ଉପଯୁକ୍ତ ପାତ୍ରର ସନ୍ଧାନଦେଇ ପାରିବେ ।

ମନ୍ତ୍ରୀଙ୍କର ଏହିପ୍ରକାର ସମୟୋଚିତ ପରାମର୍ଶ ରାଜା ଗ୍ରହଣ କରିନେଲେ । ଏହାହିଁ ସର୍ବୋତ୍ତମ ପ୍ରସ୍ତାବ ।

ରାଜ୍ୟଭାର ମନ୍ତ୍ରୀଙ୍କୁ ସମର୍ପଣ କରି ସେ କନ୍ୟା ସହିତ ବ୍ରହ୍ମଲୋକ ଯାତ୍ରାକଲେ । ନିଜର ଅଲୌକିକ ତପଃ ସାଧନା ବଳରେ ସେ ଅନାୟାସରେ ବ୍ରହ୍ମଲୋକରେ ପହଞ୍ଚିଗଲେ ।

ହୀରକ ଧବଳ ବ୍ରହ୍ମଲୋକରେ ପହଞ୍ଚି ସେ ଦେଖିଲେ ଯେ, ତାହା ଉତ୍ସବ ମୁଖରିତ । "ହା ହା" ଏବଂ "ହୂ ହୂ" ନାମକ ଗନ୍ଧର୍ବଦ୍ୱୟ 'ଅତିତାନ' ରାଗରେ ସଂଗୀତ ପରିବେଷଣ କରୁଛନ୍ତି । ଦେବୀ ସରସ୍ୱତୀ ବୀଣା ନିନାଦ କରୁଛନ୍ତି । ବିଭିନ୍ନ ଦେବ-ଦେବୀଙ୍କ ଗହଣରେ ସୃଷ୍ଟିକର୍ତ୍ତା ଗନ୍ଧର୍ବଦ୍ୱୟଙ୍କ ଅତିତାନ ରାଗ ଶ୍ରବଣ ପୂର୍ବକ ଉପଭୋଗ କରୁଛନ୍ତି ।

କିଛି ସମୟପରେ ଗାନ ଶେଷହେଲା । ବିଭିନ୍ନ ଦେବଦେବୀ ବ୍ରହ୍ମାଙ୍କୁ ବିଧିପୂର୍ବକ ପ୍ରଣାମକରି ବିଦାୟନେଲେ । ଏହି ଅବସରରେ ରାଜର୍ଷି ରୈବତ ସୃଷ୍ଟିକର୍ତ୍ତାଙ୍କ ସମ୍ମୁଖକୁ ଯାଇ ସାଷ୍ଟାଙ୍ଗ ପ୍ରଣାମ ପୂର୍ବକ ଦଣ୍ଡାୟମାନ ହେଲେ । ପରମା ସୁନ୍ଦରୀ କନ୍ୟା ରେବତୀ ମଧ୍ୟ ବ୍ରହ୍ମାଙ୍କୁ ଆଭୂମି ପ୍ରଣାମ କଲେ ।

ରାଜର୍ଷିଙ୍କ ସମର୍ପିତ ସମ୍ମାନ ସହାସ୍ୟ ବଦନରେ ଗ୍ରହଣକରି ସୃଷ୍ଟିକର୍ତ୍ତା ତାଙ୍କୁ ବ୍ରହ୍ମଲୋକ ଆଗମନର କାରଣ ପଚାରିଲେ । ଉତ୍ତର ଦେବାକୁ ଯାଇ ରୈବତ କହିଲେ–ଆପଣ ସ୍ୱୟଂ ସୃଷ୍ଟିକର୍ତ୍ତା । ଆପଣଙ୍କୁ କ'ଣ ବା ଅବିଦିତ ଅଛି ? ତଥାପି ଆପଣ ଜିଜ୍ଞାସା କରିବାରୁ, ମୋର ଆଗମନର କାରଣ ବ୍ୟକ୍ତ କରୁଛି । ମୋର ଏହି ପରମା ସୁନ୍ଦରୀ କନ୍ୟା ରେବତୀ ବର୍ତ୍ତମାନ ବିବାହ ଯୋଗ୍ୟା । କନ୍ୟାର ପାଣିଗ୍ରହଣ ପାଇଁ ବହୁ ପ୍ରାର୍ଥୀ ଇଚ୍ଛୁକ । ନିଜ ନିଜ ଗୁଣରେ ସମସ୍ତେ ମଧ୍ୟ ଉପଯୁକ୍ତ । କିନ୍ତୁ କେଉଁ ସୁପୁରୁଷ ହସ୍ତରେ ମୁଁ କନ୍ୟା ପ୍ରଦାନ କରିବି ସ୍ଥିରକରି ପାରୁନାହିଁ । ଆପଣଙ୍କ ମତାମତ ନେବାପାଇଁ ଆସିଅଛି । ଉପଯୁକ୍ତ ପାତ୍ରର ନାମ କହିଲେ, ମୁଁ ତୁରନ୍ତ ଶୁଭ ବିବାହର ଆୟୋଜନ କରିବି ।

ହସିହସି ବ୍ରହ୍ମା ପଚାରିଲେ–କେଉଁ କେଉଁ ରାଜ-ପୁରୁଷଙ୍କ ପ୍ରସ୍ତାବ ପାଇଛ, ସେମାନଙ୍କ ନାମ ବ୍ୟକ୍ତକର । ରାଜର୍ଷି ସେମାନଙ୍କ ନାମ କହିବାରୁ ସୃଷ୍ଟିକର୍ତ୍ତା କହିଲେ–ରାଜର୍ଷି ? ଯେଉଁମାନଙ୍କ ନାମ ତୁମେ କହୁଛ, ସେମାନେ ଆଉକେହି ପୃଥିବୀ ବକ୍ଷରେ ନାହାନ୍ତି । ସେମାନଙ୍କ ପୁତ୍ର, ପୌତ୍ରାଦିଙ୍କର ସତ୍ତା ମଧ୍ୟ ନାହିଁ । ବର୍ତ୍ତମାନ ପୃଥିବୀରେ ଅଠେଇଶ ମନୁଙ୍କର ଦ୍ୱାପର ଯୁଗର ଶେଷ ପାଦ ଏବଂ କଳି ଯୁଗର ପ୍ରାରମ୍ଭ ସମୟ ଉପସ୍ଥିତ । ତୁମର ପରିଚିତ ରାଜା, ମହାରାଜାଗଣ ଯୁଗର ବିବର୍ତ୍ତନରେ ବିଲୟ ହୋଇଗଲେଣି । ଏବେ ପୃଥିବୀକୁ ଫେରିଯାଇ, ଯେ କୌଣସି ଏକ ରାଜାଙ୍କ ହସ୍ତରେ କନ୍ୟା ସମର୍ପଣକରି ହିମାଳୟ ଯାତ୍ରାକର ।

ବ୍ରହ୍ମାଙ୍କର ଉପଦେଶ ଶୁଣି ରୈବତ ରାଜା ବିବ୍ରତହୋଇ ପଡ଼ିଲେ । ସେ ପୁନଶ୍ଚ ବିନୟ ପୂର୍ଣ୍ଣ ସ୍ୱରରେ ନିବେଦନକଲେ–ମହାଭାଗ ! ପୃଥିବୀକୁ ଫେରିଯାଇ ମୁଁ କାହାଙ୍କ ହସ୍ତରେ କନ୍ୟା ସମର୍ପଣ କରିବି, ଆପଣହିଁ ନିର୍ଦ୍ଧାରଣ କରନ୍ତୁ । ସେଠାରେ ମୋତେ ଆଉ କେହି ଚିହ୍ନି ପାରିବେନାହିଁ ?

ପ୍ରଜାପତି ସାମାନ୍ୟ ଚିନ୍ତାକରି କହିଲେ–ରାଜନ ! ସଚରାଚର ଜଗତର ଆଦି ପୁରୁଷ, ସମସ୍ତ ଭୂତଗଣଙ୍କର କର୍ତ୍ତା

ସ୍ୱୟମ୍ଭୁ ଶଙ୍କରଙ୍କ ଅଂଶନେଇ ସେଠାରେ ବଳରାମ ଜନ୍ମ ଗ୍ରହଣ କରିଛନ୍ତି । ଭଗବାନ୍ ବିଷ୍ଣୁଙ୍କ ଅଂଶନେଇ କୃଷ୍ଣ ତାଙ୍କର ସାନଭାଇ ଭାବରେ ରହିଛନ୍ତି । ତୁମର ସେହି କୁଶସ୍ଥଳୀ ରାଜ୍ୟର ବର୍ତ୍ତମାନ ନାମ 'ଦ୍ୱାରକାପୁରୀ' । ତୁମେ ସେଠାକୁ କନ୍ୟା ସହିତ ଫେରିଯାଇ ଶିବାଂଶ ବଳଦେବଙ୍କୁ ଜାମାତାରୂପେ ବରଣକର । ଏହାହିଁ ତୁମପାଇଁ ଶ୍ରେୟସ୍କର ।

ପ୍ରଜାପତିଙ୍କୁ ଯଥାବିଧି ପ୍ରଣାମ ଜଣାଇ ରାଜର୍ଷି ରୈବତ କନ୍ୟା ସହିତ ଧରାପୃଷ୍ଠକୁ ଫେରି ଆସିଲେ । ଦ୍ୱାପର ଯୁଗର ପୃଥିବୀକୁ ଦେଖି ସେ ଆଶ୍ଚର୍ଯ୍ୟ ତଥା ଚକିତ ହୋଇଗଲେ । ଦ୍ୱାପର ମାନବଗଣ ତାଙ୍କୁ ଖର୍ବାକୃତି, ଅସୁନ୍ଦର, ଅଳ୍ପ-ବୀର୍ଯ୍ୟଶାଳୀ ଦେଖା ଯାଉଥିଲେ । ନିଜ ରାଜ୍ୟ କୁଶସ୍ଥଳୀର ଚିହ୍ନବର୍ଣ୍ଣ ଆଉନାହିଁ ।

ସେ ଯଦୁପତି କୃଷ୍ଣ ଏବଂ ବଳରାମଙ୍କୁ ସାକ୍ଷାତକରି ପ୍ରଜାପତି ବ୍ରହ୍ମାଙ୍କର ଆଦେଶ ଶୁଣାଇଲେ । ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ବଳଦେବଙ୍କ ସହିତ ରେବତୀଙ୍କ ବିବାହ ସଂପନ୍ନ ହେଲା । କିନ୍ତୁ ସତ୍ୟ ଯୁଗର କନ୍ୟା ରେବତୀଙ୍କ ଉଚ୍ଚତା ଅଧିକ ଥିବାରୁ, ବଳରାମ ନିଜର ଆୟୁଧ ହଳାଗ୍ରରେ ରେବତୀଙ୍କୁ ଚାପିଦେଇ ନିଚା କରାଇଦେଲେ ।

ରାଜର୍ଷି ରୈବତ ନିର୍ବିକଳ୍ପ ସମାଧି ଲଭପାଇଁ ହିମାଳୟ ଯାତ୍ରାକଲେ ।

ସତ୍ୟଯୁଗର କନ୍ୟା ପରମା ସୁନ୍ଦରୀ ରେବତୀଙ୍କୁ ବିବାହ କରିଥିବାରୁ, ବଳଦେବଙ୍କର ଅନ୍ୟନାମ ରେବତୀ-ରମଣ ହେଲା ।

ଟ୍ରାଫିକ୍ ବିଭାଗ
ପାରାଦ୍ୱୀପ ବନ୍ଦର



ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦକ୍ଷିଣ-ପୂର୍ବ ରେଳପଥ, ଖୋର୍ଦ୍ଧା ରୋଡ଼ ଡିଭିଜନ ମହିଳା ସଂଗଠନର ସଭାନେତ୍ରୀଙ୍କଠାରୁ ୧୦ ହଜାର ଟଙ୍କାର ଚେକ୍ ଗ୍ରହଣ କରୁଛନ୍ତି ।

# ପଞ୍ଜାବର ପ୍ରସିଦ୍ଧ ସ୍ୱର୍ଣ୍ଣମନ୍ଦିର



ନିରାପତ୍ତା ବାହିନୀ ଦ୍ୱାରା ସନ୍ତ୍ରାସବାଦୀମାନେ ବହିଷ୍କୃତ ହେବା ପରେ ହରମନ୍ଦିର ସାହେବ୍‌ରେ ଦୈନିକ ଗୁରୁବାଣୀ ପାଠ ଓ ପ୍ରାର୍ଥନା ଆରମ୍ଭ ହୋଇଛି ।

• *Golden Temple* •





ସନ୍ତ୍ରାସ ବାଦୀମାନଙ୍କ ଦ୍ୱାରା ବ୍ୟବହୃତ
ବିବିଧ ଅସ୍ତ୍ର






OGP—MP-XI (G & P R.) 3—20,000—18-6-1994




ଭାଇ ଭଉଣୀଙ୍କ ସାଥୁରେ କାଳିଆ
ସୁନା ବେଶ ରଥ ପରେ...





ପାପୀ ତାପୀ ତାପ
ଦୁଃଖ ପାଶୋରା ସେ
ଭକତ ହୃଦୟ ହରେ ।







ଦୀର୍ଘ ନାରିକେଳ ବଣ
ଆରପଟେ
ଗରଜଇ ପାରାବାର,
ବଡ଼ଦାଣ୍ଡେ ଦେଖି
ଜନ ସମୁଦ୍ର
କଁପେ ହୃଦୟ ତାଁର ।